# କଳାକୃତି

## କଳାଶିକ୍ଷା

### ସପ୍ତମ ଶ୍ରେଣୀ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

https://withteachers.in/

# କଳାକୃତି

ପରୀକ୍ଷାମୂଳକ ସଂସ୍କରଣ - ୨୦୨୬

**ସମ୍ପାଦକ ମଣ୍ଡଳୀ**

ଶ୍ରୀ ସୀମନ୍ତ ମହାନ୍ତି
ଡ଼. ନିଳାଦ୍ରୀ କଲ୍ୟାଣ ଦାସ
ଡ଼. ପଞ୍ଚାନନ୍ ସାମଲ
କମଳ ଲୋଚନ ମହାନ୍ତ
ଧ୍ରୁବ ଚରଣ ବିହାରୀ

**ସମୀକ୍ଷକ ମଣ୍ଡଳୀ**

ଡ଼. କୀର୍ତ୍ତନ ନାରାୟଣ ପାଢ଼ୀ
ଡ଼. ମୀନକେତନ ପଟ୍ଟନାୟକ
ଡ଼. ଅଜିତ୍ କୁମାର ମୁନୀ
ପ୍ରଜ୍ଞାସିନି ମହାପାତ୍ର

**ସଂଯୋଜକ**

ଡ଼. ପ୍ରସନ୍ନ କୁମାର ସାହୁ

**ମୁଖ୍ୟ-ସଂଯୋଜିକା**

ଡ. ସବିତା ସାହୁ

**ବିଷୟ ବିଶେଷଜ୍ଞ**

ଡ଼. ଗୋପାଳ ପ୍ରସାଦ ମହାପାତ୍ର
ଡ଼. ନିଳାଦ୍ରୀ କଲ୍ୟାଣ ଦାସ


**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୨୬

**ପ୍ରସ୍ତୁତି :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**ଡି.ଟି.ପି ଓ ଡିଜାଇନ୍ :** ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର




https://withteachers.in/

# ପ୍ରସ୍ତାବନା...

ଜାତୀୟ ଶିକ୍ଷାନୀତି ୨୦୨୦ ହେଉଛି ଏକବିଂଶ ଶତାବ୍ଦୀର ପ୍ରଥମ ତଥା ପ୍ରମୁଖ ଶିକ୍ଷାନୀତି, ଯାହାକି ଦେଶରେ ଏକ ନୂତନ ଅଭିନବ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରିଛି । ଭାରତର ନୀତି ଓ ଆଦର୍ଶ, ମାନବୀୟ ପ୍ରୟାସ ତଥା ଜ୍ଞାନ ବିକାଶର ସମସ୍ତ କ୍ଷେତ୍ରରେ ଭାରତୀୟ ପରମ୍ପରା ଏବଂ ସଭ୍ୟତାର ଉପଲବ୍ଧି ଉପରେ ଏହା ଆଧାରିତ ହୋଇଛି । ଏହା ସହିତ ଗଠନମୂଳକ ଭାବେ ଚଳିତ ଶତାବ୍ଦୀର ସୁଯୋଗ, ସମ୍ଭାବନା ଓ ଆହ୍ୱାନ ସହିତ ଜଡ଼ିତ ହେବାପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଭିପ୍ରେରିତ ତଥା ପ୍ରସ୍ତୁତ କରାଉଛି । ନୂତନ ଶିକ୍ଷାନୀତିର ଆକାଂକ୍ଷୀ ଦୃଷ୍ଟିକୋଣର ଆଧାରରେ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ, ୨୦୨୩ର ରୂପରେଖ ଅନୁସାରେ ସମସ୍ତ ବିଷୟରେ ଓ ସବୁ ସ୍ତରରେ ପାଠ୍ୟକ୍ରମକୁ ସୁବ୍ୟବସ୍ଥିତ କରାଯାଇଛି । ମାନବ ଅସ୍ତିତ୍ୱର ସମସ୍ତ ପାଞ୍ଚଟି ସ୍ତର; ପଞ୍ଚକୋଷକୁ ସ୍ପର୍ଶ କରି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ କ୍ଷମତାକୁ ମୌଳିକ ଏବଂ ପ୍ରସ୍ତୁତି ପର୍ଯ୍ୟାୟରେ ପୋଷଣ କରି ମଧ୍ୟମ ପର୍ଯ୍ୟାୟରେ ସେମାନଙ୍କର ଶିକ୍ଷାର ଅଗ୍ରଗତି ପାଇଁ ପଥ ପ୍ରଶସ୍ତ କରିଛି । ଏହିପରି ମଧ୍ୟମ ପର୍ଯ୍ୟାୟ (ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ) ଶିକ୍ଷାର୍ଥୀଙ୍କୁ ପ୍ରସ୍ତୁତି କରିବା ଏବଂ ମାଧ୍ୟମିକ ପର୍ଯ୍ୟାୟ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରୁଛି ।

ବିଦ୍ୟାଳୟ ଶିକ୍ଷାପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ- ୨୦୨୩ (NCF-SE-2023) ମଧ୍ୟମ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଜୀବନରେ ଆଗକୁ ବଢ଼ିବା ସହିତ ଅଧିକ ବିକଶିତ କରିବା ପାଇଁ ଆବଶ୍ୟକ ଦକ୍ଷତା ସହିତ ସଂଯୋଜିତ କରିବା ଲକ୍ଷ୍ୟ ରଖିଛି । ଏହା ସେମାନଙ୍କର ବିଶ୍ଳେଷଣାତ୍ମକ, ବର୍ଣ୍ଣନାତ୍ମକ ଏବଂ ଆଲୋଚନାତ୍ମକ କ୍ଷମତାକୁ ବୃଦ୍ଧି କରିବା ଏବଂ ସେମାନଙ୍କୁ ଅପେକ୍ଷା କରିଥିବା ଆହ୍ୱାନ ଏବଂ କଳାର ଅଭିବୃଦ୍ଧି ପାଇଁ ସୁଯୋଗ ପ୍ରସ୍ତୁତ କରିବାକୁ ପ୍ରୟାସ କରାଯାଇଛି । ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ତିନୋଟି ଭାଷାରୁ ଅତିକମ୍‌ରେ ଦୁଇଟି ଭାରତୀୟ ଭାଷାରୁ ଆରମ୍ଭ କରି ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, କଳାଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ବୃତ୍ତିଗତ ଶିକ୍ଷା ପର୍ଯ୍ୟନ୍ତ ନଅଟି ବିଷୟ ଅନ୍ତର୍ଭୁକ୍ତ କରି ଏକ ବିବିଧ ପାଠ୍ୟକ୍ରମର ପରିକଳ୍ପନା କରାଯାଇଛି । ଏପରି ଏକ ପରିବର୍ତ୍ତନଶୀଳ ଶିକ୍ଷା-ସଂସ୍କୃତି ପାଇଁ କିଛି ଅତ୍ୟାବଶ୍ୟକୀୟ ପରିସ୍ଥିତିର ଆବଶ୍ୟକତା ରହିଛି । ସେଥିମଧ୍ୟରୁ ଗୋଟିଏ ହେଉଛି, ବିଭିନ୍ନ ପାଠ୍ୟକ୍ରମ କ୍ଷେତ୍ରରେ ଉପଯୁକ୍ତ ପାଠ୍ୟପୁସ୍ତକ ପ୍ରଣୟନ; କାରଣ ଏହି ପାଠ୍ୟପୁସ୍ତକଗୁଡ଼ିକ ବିଷୟବସ୍ତୁ ଏବଂ ଶିକ୍ଷାଦାନ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ, ଯାହା ସିଧାସଳଖ ଶିକ୍ଷା ଏବଂ ତତ୍‌ସମ୍ବନ୍ଧୀୟ ଅନୁସନ୍ଧାନର ସୁଯୋଗ ମଧ୍ୟରେ ଏକ ବିଚାରପୂର୍ଣ୍ଣ ସନ୍ତୁଳନ ସ୍ଥାପନ କରିପାରିବ । ଅନ୍ୟାନ୍ୟ ସର୍ତ୍ତ ମଧ୍ୟରେ, ଶିକ୍ଷକ ପ୍ରସ୍ତୁତି ଏବଂ ଶ୍ରେଣୀଗୃହ ବ୍ୟବସ୍ଥା ଉଭୟ ପାଠ୍ୟକ୍ରମ ମଧ୍ୟରେ ଓ ପାଠ୍ୟକ୍ରମ ବାହାରେ ଧାରଣାଗତ ସଂଯୋଗ ସ୍ଥାପନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦକୁ ଅନୁସରଣ କରି ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଛାତ୍ରଛାତ୍ରୀମାନଙ୍କୁ ଏପରି ଉଚ୍ଚ - ଗୁଣବତ୍ତା ସମ୍ପନ୍ନ ପାଠ୍ୟପୁସ୍ତକ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ । ବିଭିନ୍ନ ବିଷୟରେ ପାଠ୍ୟକ୍ରମ ସମୂହ ଏକ ମହତ ଉଦ୍ଦେଶ୍ୟରେ



https://withteachers.in/

ଗଠନ କରାଯାଇଛି । ଏଥିରେ ବିଷୟବସ୍ତୁ ବିଶେଷଜ୍ଞ, ବିଷୟଭିତ୍ତିକ ଶିକ୍ଷକ ଏବଂ ଅଭିଜ୍ଞ ଅଧ୍ୟାପକ ସେମାନଙ୍କର ସଦସ୍ୟ ଭାବରେ ସମ୍ମିଳିତ ହୋଇ ଗୁଣାବତ୍ତାପୂର୍ଣ୍ଣ ପାଠ୍ୟ ବିଷୟବସ୍ତୁ ରଖିବାକୁ ସମସ୍ତ ସମ୍ଭାବ୍ୟ ପ୍ରୟାସ କରିଛନ୍ତି ।

ସପ୍ତମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ 'କଳାକୃତି' ପାଠ୍ୟପୁସ୍ତକଟି ଓଡ଼ିଶା ପାଠ୍ୟକ୍ରମ ରୂପରେଖ-୨୦୨୫ (OCF-2025) ଆଧାରରେ ମଧ୍ୟମ ପର୍ଯ୍ୟାୟର ଦ୍ୱିତୀୟ ବର୍ଷ ନିମନ୍ତେ ପ୍ରସ୍ତୁତ କରାଯାଇଛି । ଏହି ପାଠ୍ୟପୁସ୍ତକଟି ବିକାଶମୂଳକ ସ୍ତର ପାଇଁ ଆବଶ୍ୟକୀୟ ବୋଧଗମ୍ୟ ସୃଜନଶୀଳତା ମୂଲ୍ୟବୋଧ, ସମସ୍ୟା ସମାଧାନ ଓ ସ୍ୱଭାବ ଉପରେ ଗୁରୁତ୍ୱାରୋପ କରିଛି । ଏହି ପୁସ୍ତକଟି ପିଲାଙ୍କ ମଧ୍ୟରେ ପ୍ରାକୃତିକ ଭାବେ ନିହିତ କୌତୁହଳକୁ ପ୍ରୋତ୍ସାହିତ କରିବା ସହ ବିଭିନ୍ନ କଳା ଯେପରି ଦୃଶ୍ୟ, ନୃତ୍ୟ, ନାଟକ ଓ ସଙ୍ଗୀତ ମାଧ୍ୟମରେ ନିଜର ଭାବନା ପ୍ରକାଶ କରିବାପାଇଁ ଅନେକ ସୁଯୋଗ ସୃଷ୍ଟି କରିବ। ପୁସ୍ତକଟି ଲିଙ୍ଗ, ଦକ୍ଷତା ଆଦି ନିର୍ବିଶେଷରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସମାନ ସୁଯୋଗ ଦେବାପାଇଁ ପ୍ରୟାସ କରାଯାଇଛି। ପୁସ୍ତକରେ ଦିଆଯାଇଥିବା କ୍ରିୟାକଳାପ ଗୁଡିକ ପିଲାମାନଙ୍କୁ ବିଷୟ ସମ୍ବନ୍ଧିତ ଅତିରିକ୍ତ ଶିକ୍ଷଣ ସମ୍ବଳ ଆବିଷ୍କାର କରିବା ପାଇଁ ଉତ୍ସାହିତ କରିବ । ଏହି ପରିପ୍ରେକ୍ଷୀରେ ଶିକ୍ଷକଙ୍କ ବ୍ୟତୀତ ପିତାମାତାଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ ।

ପାଠ୍ୟପୁସ୍ତକଟିକୁ ପ୍ରସ୍ତୁତ କରିଥିବା ଏନସିଇଆରଟି, ନୂଆଦିଲ୍ଲୀର ସମସ୍ତ ଶିକ୍ଷାବିତ୍‌ଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଓ କୃତଜ୍ଞତା ଜଣାଉଛି । ଏଥିସହିତ ଆମ ରାଜ୍ୟରେ ଏହି ପାଠ୍ୟପୁସ୍ତକକୁ ଅନୁବାଦ ଓ ପ୍ରାସଙ୍ଗିକ କରିଥିବା ଶିକ୍ଷାବିତ୍, ବିଷୟ ବିଶେଷଜ୍ଞ, ଚିତ୍ରକରମାନଙ୍କୁ ମୁଁ ଧନ୍ୟବାଦ ଜ୍ଞାପନ କରୁଛି । ଖୁବ କମ୍ ସମୟ ମଧ୍ୟରେ ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ପାଠ୍ୟପୁସ୍ତକଗୁଡିକୁ ପ୍ରସ୍ତୁତ କରାଯାଇଛି । ଆମ ରାଜ୍ୟର ପ୍ରାଥମିକ ଶିକ୍ଷାରେ ସଂସ୍କାର ଆଣିବା ସହିତ ପିଲାମାନେ ଖୁସିରେ ଶିଖିବା ପାଇଁ ଏହି ପାଠ୍ୟପୁସ୍ତକ ନିଶ୍ଚୟ ସାହାଯ୍ୟ କରିବ ବୋଲି ଆଶା କରୁଛି । ପରୀକ୍ଷାମୂଳକ ଭାବରେ ଏହି ପାଠ୍ୟପୁସ୍ତକକୁ ପ୍ରସ୍ତୁତ କରାଯାଇଛି । ଏହି ପାଠ୍ୟପୁସ୍ତକକୁ ଆହୁରି ସମୃଦ୍ଧ କରିବା ପାଇଁ ମୁଁ ଆପଣମାନଙ୍କ ମତାମତ ଓ ପରାମର୍ଶକୁ ଅପେକ୍ଷା କରିବି ।


**(ମନୋଜ କୁମାର ପାଢୀ)**
ନିର୍ଦ୍ଦେଶକ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡିଶା, ଭୁବନେଶ୍ୱର




https://withteachers.in/

# ପୁସ୍ତକ ସମ୍ବନ୍ଧରେ...

ସପ୍ତମ ଶ୍ରେଣୀ କଳାଶିକ୍ଷା ପାଠ୍ୟପୁସ୍ତକ "କଳାକୃତି"ରେ ଭାରତର ବିବିଧ କଳାକୃତିକୁ ଗଭୀରତା ସହ ବୁଝିବାପାଇଁ ଏକ ପ୍ରୟାସ କରାଯାଇଛି । ଏହି ପ୍ରଚେଷ୍ଟାଦ୍ୱାରା ଶିକ୍ଷାର୍ଥୀମାନେ ଏକ ଉନ୍ନତ ଭବିଷ୍ୟତ ପାଇଁ ସ୍ୱତନ୍ତ୍ର ଚିନ୍ତାଧାରା, ସମସ୍ତଙ୍କ ମନରେ ସୃଜନଶୀଳତା ଓ ସଂସ୍କୃତିକୁ ପସନ୍ଦ କରିବା, କଳା, ନୃତ୍ୟ, ନାଟ୍ୟାଭିନୟ ଓ ଦୃଶ୍ୟକଳାକୁ ସମସ୍ତ ଅଞ୍ଚଳକୁ କିପରି ପ୍ରସାରିତ କରିବେ, ତାହା ଲକ୍ଷ୍ୟ ରଖାଯାଇଛି । ତୃତୀୟ ଶ୍ରେଣୀରୁ କଳାଶିକ୍ଷାକୁ ଅଭ୍ୟାସ କରି ନୂତନ କଳାତ୍ମକ ସୃଜନଶୀଳ ଉଦ୍ଭାବନ କରିବା ପ୍ରକ୍ରିୟା ସହ ଶିକ୍ଷାର୍ଥୀମାନେ ପରିଚିତ ଅଛନ୍ତି । ବର୍ତ୍ତମାନ ଶିକ୍ଷାର୍ଥୀମାନେ ସମଗ୍ର ଭାରତର ବିଭିନ୍ନ ଅଞ୍ଚଳରେ ରହୁଥିବା ଉଦୀୟମାନ କଳାକାର ଓ ସେମାନଙ୍କ କଳାକୃତି ବିଷୟରେ ଅଧ୍ୟୟନକରିବେ, ଯାହା ସ୍ୱତନ୍ତ୍ର ଅଟେ । ଦୈନନ୍ଦିନ ଘଟଣାବଳୀ ଓ ଚିନ୍ତାଧାରାର ବସ୍ତୁକୁ ଆଧାର କରି କଳାଶିକ୍ଷାକୁ ଆଗକୁ ନିଆଯାଇଛି । ଏହି ପାଠ୍ୟପୁସ୍ତକରେ ପ୍ରକୃତିର ସୌନ୍ଦର୍ଯ୍ୟ, ଲୋକମାନଙ୍କର ବିବିଧତା, ପ୍ରତ୍ୟେକ ମଣିଷର ଆବେଗ (ଯଥା- ଭଲପାଇବା, ସହନଶୀଳତା, ସହାନୁଭୂତି), ନୂତନତ୍ୱ ଓ ଜୀବନର ମୂଳ ଉପାଦାନକୁ ଆଧାର କରି ପ୍ରସ୍ତୁତ ହୋଇଛି । ପ୍ରତ୍ୟେକ ପରିପ୍ରକାଶଗୁଡ଼ିକ ବ୍ୟକ୍ତିଗତ ବୌଦ୍ଧିକ ତଥ୍ୟକୁ ବୁଝିବା ଓ ନୂତନତ୍ୱ ସୃଷ୍ଟି ପାଇଁ ଗଭୀର ଚିନ୍ତନ କରିବା, ସ୍ତରଭିତ୍ତିକ ବିଶ୍ଳେଷଣ ଓ ସ୍ୱାଧୀନ ଭାବେ ନିଜର ସଂପୃକ୍ତି ସହ ସ୍ୱତନ୍ତ୍ର ଅଭିବ୍ୟକ୍ତି ପରିପ୍ରକାଶ ପାଇଁ ଏକ ସୁଯୋଗ ସୃଷ୍ଟି କରାଯାଇଛି ।

ଭାରତୀୟ କଳା ଆମ ସମାଜକୁ ଗଠନ କରିଥିବା ବିଭିନ୍ନ ଗୋଷ୍ଠୀମାନଙ୍କର ଦୈନନ୍ଦିନ କାର୍ଯ୍ୟକଳାପର ଏକ ପ୍ରତିଫଳନ । ଏହା ଗୋଷ୍ଠୀର ଗୋଟିଏ ପିଢ଼ିରୁ ଅନ୍ୟ ଏକ ନୂତନ ପିଢ଼ିକୁ ନିଜର ପରମ୍ପରାକୁ ହସ୍ତାନ୍ତର କରିବାପାଇଁ ଏକ ମାଧ୍ୟମ ଅଟେ । ଏହାର ଏକ ସ୍ୱତନ୍ତ୍ରତା ହେଉଛି ଆମ କଳାର ଇତିହାସ ସୃଷ୍ଟି ଓ ଭାରତୀୟ ସଂସ୍କୃତିର ଗଳ୍ପ ଓ ସଙ୍ଗୀତ । ଉଦାହରଣ ସ୍ୱରୂପ- ଜାତି ଓ ଗ୍ରାମରୁ ସୃଷ୍ଟି ହୋଇଛି ରାଗ, ଗୀତିକ୍, ଧ୍ରୁବପଦ, ଗୟାଲ୍, ଠୁମ୍ରୀ ଇତ୍ୟାଦି । ନୃତ୍ୟ ଇତିହାସ କହେ ନିତ୍ୟ ଓ ନାଟରୁ ସୃଷ୍ଟି ହୋଇଛି ଶାସ୍ତ୍ରୀୟ ଓ ଲୋକନୃତ୍ୟ । ସେହିଭଳି ଓ୍ୱାର୍ଲି, ମଧୁବନୀ, ଆଇପାନ ଇତ୍ୟାଦି ଦୃଶ୍ୟକଳାର ଏକ ଅଂଶ ଅଟେ । ଯାତ୍ରା, ଯକ୍ଷଗାନ (କର୍ଣ୍ଣାଟକ) ନାଟ୍ୟାଭିନୟ ଏକ ଆଶ୍ଚର୍ଯ୍ୟ ପରିପ୍ରକାଶ ଯାହା ସମାଜ ଗଠନର ଏକ ଛାଞ୍ଚ ଅଟେ । ନବରସ ମଣିଷର ନଅଟି ମୂଳ ଆବେଗ- ଯାହା ନିଜର ଭାବନାକୁ ବହୁଗୁଣିତ କରେ ଯାହା କଳାତ୍ମକ ଚିନ୍ତାଧାରା ସୃଷ୍ଟି ସହ ଗଭୀର ଭାବେ ସୁନ୍ଦର ଜୀବନଯାପନ ପାଇଁ ସହାୟତା କରେ ।



https://withteachers.in/

ଓଡ଼ିଶା ତଥା ଭାରତୀୟ ଜ୍ଞାନ ପରମ୍ପରା ବିଶ୍ୱ କଳାକୃତିରେ ଆଚ୍ଛାଦିତ । କଳାଶିକ୍ଷା ପାଠ୍ୟପୁସ୍ତକ ପ୍ରକାଶନର ଅନ୍ତର୍ନିହିତ ଚିନ୍ତାଧାରା ହେଉଛି ଉକ୍ତ ପୁସ୍ତକର ଅଂଶୀଦାରମାନେ ଏହା ଆଧାରରେ ଶିକ୍ଷାର କାୟାକଳ୍ପ ବିସ୍ତାର କରିପାରିବେ । କଳାର ବିଭିନ୍ନ ବିଭାଗ ହିଁ ହେଉଛି ଜ୍ଞାନର ମୂଳ ଆଧାର । ଏହାକୁ ବୁଝିଥରେ ସହାୟତା କରିବା ଆବଶ୍ୟକ । କଳାଶିକ୍ଷାର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଭାରତୀୟ କଳା, ସୃଜନଶୀଳତା, ନୂତନତ୍ୱ ଓ ନିରବଚ୍ଛିନ୍ନ ଅଗ୍ରଗତିର ଦୃଷ୍ଟିକୋଣକୁ ସମଗ୍ର ବିଶ୍ୱରେ ସ୍ଥାନିତ କରିବା । ଅତୀତର ମୂଲ୍ୟବୋଧ, ପରମ୍ପରା ଓ କଳାକୃତିକୁ ବର୍ତ୍ତମାନ ସହଯୋଡ଼ିବା ଓ ଭବିଷ୍ୟତ ପାଇଁ କଳାର ଏକ ଉନ୍ନତ ନିରବଚ୍ଛିନ୍ନ ରାସ୍ତା ସୃଷ୍ଟି କରିବା ପାଇଁ ସମସ୍ତଙ୍କୁ ପ୍ରବର୍ତ୍ତାଇବା । କଳା ଯାହା ହେଉନା କାହିଁକି, ଏହାକୁ ପ୍ରଶଂସା କରିବା ଓ କଳାରେ ନିପୁଣତା ହାସଲ ପାଇଁ ସମସ୍ତେ ସହଯୋଗ କରିବା ଉଚିତ ।

ଏହି ପାଠ୍ୟପୁସ୍ତକଟି ଜାତୀୟ ଶିକ୍ଷାନୀତି, ୨୦୨୦ର ସୁପାରିଶ ଆଧାରରେ ପ୍ରସ୍ତୁତ କରାଯାଇଛି । ବିଦ୍ୟାଳୟ ଶିକ୍ଷାର ଜାତୀୟ ପାଠ୍ୟକ୍ରମ ରୂପରେଖ, ୨୦୨୩ରେ ସୂଚିତ ଶୈକ୍ଷିକ ଲକ୍ଷ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳକୁ ଆଧାରିତ କରାଯାଇ ପ୍ରସ୍ତୁତ ହୋଇଛି । ଏହି ବହିରେ ନୃତ୍ୟକଳା, ଦୃଶ୍ୟକଳା, ସଙ୍ଗୀତ ଓ ନାଟ୍ୟାଭିନୟର ବହୁମୁଖୀ ଦିଗକୁ ଅନ୍ତର୍ଭୁକ୍ତ କରାଯାଇଛି । ସମସ୍ତେ ନିଜ ବୟସ ଉପଯୋଗୀ ଆବଶ୍ୟକତା, ନିଜର ସଂପୃକ୍ତିକୁ ସରଳଭାବେ ଓ ଖୁସି ମନରେ ବୁଝିବା ଉପରେ ଗୁରୁତ୍ୱ ଦିଆଯାଇଛି । ପାଠ୍ୟପୁସ୍ତକର ବିଷୟବସ୍ତୁଗୁଡ଼ିକ ଆମକୁ ପାରଙ୍ଗମତା ସହ କଳାର ପରିପ୍ରକାଶ ଓ ଆମେ ବସବାସ କରୁଥିବା ସମାଜ ମଧ୍ୟରେ ଏକ ଯୋଗସୂତ୍ର ରକ୍ଷା କରେ । ପୁସ୍ତକରେ ସମସ୍ତ କାର୍ଯ୍ୟଗୁଡ଼ିକ ଏଭଳିଭାବେ ସ୍ଥାନିତ କରାଯାଇଛି ଯେପରି ଏହା ସମସ୍ତଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ଦେଇପାରିବ । କଳାର ସୌନ୍ଦର୍ଯ୍ୟ ଭିତରେ ଥିବା ଆବେଗ ବିଭିନ୍ନ ପ୍ରକାର କଳାର ଗୁଣାବଳୀକୁ ସୂଚିତ କରେ । ପ୍ରତ୍ୟେକ ମଣିଷର ଆଗ୍ରହ ଓ ରୁଚି ଅଲଗା ହେଲେ ବି ସମସ୍ତେ କଳା ସହ ସଂପୃକ୍ତ ହୋଇଥାନ୍ତି । ଏହା ବ୍ୟତୀତ ପୁସ୍ତକରେ ଦିଆଯାଇଥିବା ଶିକ୍ଷଣକାର୍ଯ୍ୟ, ଅଭ୍ୟାସ କାର୍ଯ୍ୟ, ବିଭିନ୍ନ ସୂଚନା, ସୃଜନାତ୍ମକ ଚିନ୍ତନ ଓ ପ୍ରୟୋଗାତ୍ମକ ଉଦାହରଣ ଗୁଡ଼ିକ ଅଧିକ ଉପଯୋଗୀ ।

କଳାକୃତି ପାଠ୍ୟପୁସ୍ତକରେ ଚାରୋଟି ବିଭାଗ ଅଛି-



https://withteachers.in/

୧ . ନାଟ୍ୟାଭିନୟ          ୨ . ସଙ୍ଗୀତ କଳା          ୩. ନୃତ୍ୟ କଳା          ୪ . ଦୃଶ୍ୟ କଳା

**୧ . ନାଟ୍ୟାଭିନୟ :** ସପ୍ତମ ଶ୍ରେଣୀ ଶିକ୍ଷାର୍ଥୀଙ୍କ ପାଇଁ ନାଟ୍ୟାଭିନୟ ଏକ କୌତୁହଳ ଓ ଆନନ୍ଦଦାୟକ ଶିକ୍ଷଣ ଏହା ପ୍ରସଙ୍ଗକୁ ବୁଝିବା ଓ ନିଜର ଅନିସନ୍ଧିତ୍ସୁ ମନୋଭାବ ବୃଦ୍ଧି ପାଇଁ ଉଦ୍ଦିଷ୍ଟ । ଆବେଗକୁ ଭଲଭାବେ ବୁଝିବା ସହ ନୂତନ କଳାତ୍ମକ ଅଭିନୟ ସୃଷ୍ଟି କରିବା ଏହାର ମୂଳ ଉଦ୍ଦେଶ୍ୟ ଅଟେ, ଯେପରି ଦଳଗତ ମୂକାଭିନୟ ଦ୍ୱାରା ଶିକ୍ଷାର୍ଥୀଙ୍କ ସମ୍ମୁଖରେ କଳାର ଏକ ନୂତନ ପୃଥିବୀ ଚାଲିଆସେ । ପ୍ରତ୍ୟେକ ଅଧ୍ୟାୟରେ ଯେଉଁସବୁ ଯୋଜନା କରାଯାଇଛି, ତାହା କେବଳ ନାଟ୍ୟାଭିନୟର ଅଭିନୟ ଶିଖିବା ନୁହେଁ ବରଂ ନୂତନ କୌଶଳ ହାସଲ କରି ଜୀବନରେ ଏକ ଆହ୍ୱାନପୂର୍ଣ୍ଣ ପରିସ୍ଥିତିକୁ ସାମନା କରିବାର ରାସ୍ତା ଦେଖାଇଥାଏ ।

– ପ୍ରଥମ ଅଧ୍ୟାୟରେ ଶିକ୍ଷାର୍ଥୀମାନେ ସହାନୁଭୂତି ଓ ଅନ୍ୟର ମନୋଭାବକୁ ବୁଝିବା ସମ୍ପର୍କରେ ଧାରଣା ପାଇବେ ।

– ଦ୍ୱିତୀୟ ଅଧ୍ୟାୟରେ ମୁକାଭିନୟର ସ୍ୱତନ୍ତ୍ର କଳାକୁ ଉପସ୍ଥାପନ କରାଯାଇଛି, ଏହା ଶିକ୍ଷାର୍ଥୀମାନଙ୍କର ଅଣ-ବାଚନିକ ଭାବ ବିନିମୟ ଦକ୍ଷତା ବୃଦ୍ଧି ସହ ସେମାନେ ସାମାଜିକ ଭାବର ଆଦାନ ପ୍ରଦାନ କରିବାପାଇଁ ସକ୍ଷମ ହେବେ ।

– ତୃତୀୟ ଅଧ୍ୟାୟରେ ପରିଚାଳନାଗତ ସଂଗଠନ ଏବଂ କୌଶଳ ହାସଲ କରିବେ ।

– ଚତୁର୍ଥ ଅଧ୍ୟାୟରେ ଗପ କହିବାର କଳା, ଭାରତ ଓ ଓଡ଼ିଶାରେ ନାଟ୍ୟାଭିନୟର କଳା ଓ ସମୃଦ୍ଧ ଇତିହାସକୁ ଜାଣିବେ ।

**୨ . ସଙ୍ଗୀତ :** ସା, ରେ, ଗା, ମା, ପା, ଧାନି ସ୍ୱରଗୁଡ଼ିକରେ ଅକଳ୍ପନୀୟ ସୃଜନଶୀଳ ପଥ ରହିଛି । ଏହି ସ୍ତରମାନଙ୍କର ଆରୋହୀ ଓ ଅବରୋହୀ ଶୈଳୀ ମାଧ୍ୟମରେ ଆମେ ସଙ୍ଗୀତର ବିଭିନ୍ନ ସ୍ୱରୂପ ପ୍ରଦର୍ଶନ କରିଥାଉ । ଷଷ୍ଠ ଶ୍ରେଣୀରେ ସଙ୍ଗୀତର ବିଭିନ୍ନ ରୂପ ଏବଂ ବିଭିନ୍ନ ପ୍ରସଙ୍ଗରେ ତାହାର ଉପସ୍ଥାପନା ଶୈଳୀ, ଲୋକଙ୍କ ପ୍ରକୃତି, ମାନବୀୟ ଭାବନା, ପ୍ରତୀକାତ୍ମକ କଳାକାର, ବାଦ୍ୟଯନ୍ତ୍ର ଏବଂ ସ୍ୱରର ପ୍ରଭାବ, ରାଗ ଏବଂ ତାଳର ପ୍ରଣାଳୀ ସହିତ ସଂଯୁକ୍ତ ହେବା ଇତ୍ୟାଦି । ସଙ୍ଗୀତକୁ ବୁଝିବାର ଏକ ଆଧାର ସମ୍ଭୂତ ଦୃଷ୍ଟିକୋଣ ସୃଷ୍ଟି କରିଥିଲା, ଯାହା କଳାକ୍ଷେତ୍ରରେ ଅନନ୍ୟ । ସାମଗ୍ରିକ ଭାବରେ ଷଷ୍ଠ ଶ୍ରେଣୀର ବିଷୟବସ୍ତୁ ତୁମମାନଙ୍କୁ ନାଦ ବା ସଙ୍ଗୀତର ବିଭିନ୍ନ



https://withteachers.in/

ପାରିଭାଷିକ ଶବ୍ଦାବଳୀ ଆଦିର ସୂକ୍ଷ୍ମତା ଅନୁସନ୍ଧାନ କରିବାରେ ଭରପୁର୍ ପ୍ରୟାସ କରାଯାଇଛି । ସପ୍ତମ ଶ୍ରେଣୀ ପାଠ୍ୟପୁସ୍ତକଟି ତୁମମାନଙ୍କୁ ସଙ୍ଗୀତର ଆଉ ଏକ ଆକର୍ଷଣୀୟ ଏବଂ ପାଣ୍ଡିତ୍ୟପୂର୍ଣ୍ଣ ଯାତ୍ରାକୁ ସୁଗମ କରାଇବ । ଏହି ଭାଗରେ ପୁରୁଷ ଓ ମହିଳାଙ୍କ କଣ୍ଠ ସ୍ୱରର ପ୍ରଭାବ, ସଙ୍ଗୀତର ବିଭିନ୍ନ ସୋପାନରେ ମିଳୁଥିବା ସ୍ତର, ଟେମ୍ପୋ (ଗତି), ମନୋଭାବ, ଏକକ ଓ ଗୋଷ୍ଠୀ ଉପସ୍ଥାପନର ଗୁରୁତ୍ୱ ମଧ୍ୟରେ ସମନ୍ୱୟକୁ ବୁଝିବାପାଇଁ ରଚନାର ବିଶ୍ଳେଷଣ ଉପରେ ଗୁରୁତ୍ୱ ମଧ୍ୟରେ ସମନ୍ୱୟକୁ ବୁଝିବାପାଇଁ ରଚନାର ବିଶ୍ଳେଷଣ ଉପରେ ଗୁରୁତ୍ୱ ଦିଆଯାଇଅଛି ।

ସଙ୍ଗୀତଜ୍ଞମାନେ ସଙ୍ଗୀତରେ ସମନ୍ୱୟ, ତାଳ ଏବଂ ଗତିଶୀଳତା ଯାହା ଅଧିକ ସମୃଦ୍ଧ ଓ ଜଟିଳ ରୂପଗୁଡ଼ିକର ବିହଙ୍ଗାବଲୋକନ କରିଥାନ୍ତି ।

**୩. ନୃତ୍ୟ :**

- ଷଷ୍ଠ ଶ୍ରେଣୀର ନୃତ୍ୟ ଶିକ୍ଷଣକୁ ଅଭ୍ୟାସ କରି ଶରୀରର ବିଭିନ୍ନ ଅଙ୍ଗଭଙ୍ଗୀକୁ ପ୍ରଦର୍ଶିତ କରିବେ ।

- କଳାର ଅନ୍ତଃସମ୍ପର୍କକୁ ଜାଣିବେ, ବିଶେଷ କରି ଭାସ୍କର୍ଯ୍ୟକଳା ଓ ଜ୍ୟାମିତିକ ଆକୃତି ଆଧାରିତ ନୃତ୍ୟ ପ୍ରଦର୍ଶନ କରିବେ ।

- ପରିଚାଳନା, ଡେଇଁବା ଏବଂ ଘୂର୍ଣ୍ଣନ (ଭ୍ରମରୀ) ସହିତ ନୃତ୍ୟର କେତେକ ମୌଳିକ ଧାରଣାକୁ ଶିଖିବେ ।

- ଭାବପ୍ରବଣତାକୁ ପରିପ୍ରକାଶ କରିବାର ବିଭିନ୍ନ ସ୍ତରକୁ ଜାଣିବେ ଏବଂ ସେଗୁଡ଼ିକୁ ପ୍ରକୃତି ଓ ଦୈନନ୍ଦିନ କାର୍ଯ୍ୟ ସହ ଯୋଡ଼ିବେ ।

- ନୃତ୍ୟ, ଅଙ୍ଗଭଙ୍ଗୀ ଚାଳନା, ହସ୍ତମୁଦ୍ରାର ବିନିଯୋଗ ଓ ସୃଜନଶୀଳତାକୁ ସମସାମୟିକ ନୃତ୍ୟରେ ପ୍ରୟୋଗ କରିବା, ବିଭିନ୍ନ ଅଭିବ୍ୟକ୍ତି, କାହାଣୀ, ଆଧ୍ୟାତ୍ମିକ ବିଷୟଗୁଡ଼ିକ ନୃତ୍ୟ ମାଧ୍ୟମରେ ପରିବେଷଣ କରିପାରିବେ ।

- ନିଜର ଭୂମିକା ନିର୍ବାହ କରିବା ସହିତ ଲିଙ୍ଗଗତ ସମ୍ବେଦନଶୀଳତାକୁ ବୁଝିବେ ।



https://withteachers.in/

- ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ଭାରତନାଟ୍ୟମ, କଥକ, ଓଡ଼ିଶୀ ସହିତ ଆଞ୍ଚଳିକ ନୃତ୍ୟକଳାର ବିବିଧତାକୁ ଅନୁସନ୍ଧାନ କରିବେ । ପ୍ରସିଦ୍ଧ ନୃତ୍ୟ ଗୁରୁମାନଙ୍କ ବ୍ୟକ୍ତିତ୍ୱ ବିଷୟରେ ଗବେଷଣା କରିବେ ।

- ଦଳଗତ ପ୍ରଚେଷ୍ଟା ଓ ନୃତ୍ୟ ସଂରଚନା ବିଷୟରେ ଗୁରୁତ୍ୱ ଦେବେ । ନୃତ୍ୟ ଓ ଶରୀରର ଅଙ୍ଗଭଙ୍ଗୀ ଦ୍ୱାରା ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ ହେବ ।

- ଗୋଟିଏ ଛୋଟ ନୃତ୍ୟ ପ୍ରସ୍ତୁତି ପାଇଁ ନୃତ୍ୟର ଅନୁକ୍ରମ କରିବା ସହିତ ନୃତ୍ୟରେ ହସ୍ତମୁଦ୍ରାର ବିନିଯୋଗ କରିବେ ।

**୪. ଦୃଶ୍ୟକଳା :** ଷଷ୍ଠ ଶ୍ରେଣୀରେ ପ୍ରକୃତି ପର୍ଯ୍ୟବେକ୍ଷଣ, ଦୈନନ୍ଦିନ ବ୍ୟବହୃତ ବସ୍ତୁ, ବ୍ୟକ୍ତିବିଶେଷ, କଳାକୃତି ଓ ବହୁବିଧ ଦିଗର କୌଶଳ ହାସଲ ଉପରେ ଗୁରୁତ୍ୱ ଦିଆଯାଇଛି । ରେଖା, ଆକୃତି, ରଂଗ, ମୂଲ୍ୟବୋଧ, ବିନ୍ୟାସ, ଅବସ୍ଥିତି ଇତ୍ୟାଦିରେ ଶିକ୍ଷାର୍ଥୀମାନେ ବିଭିନ୍ନ ଦିଗରୁ ପରିପ୍ରକାଶ କରିବାର ସମ୍ଭାବନା ଅଛି । ସପ୍ତମ ଶ୍ରେଣୀରେ ଏ ସମସ୍ତ ଧାରଣା ଉପରେ ଅଧିକ ବୋଧଗମ୍ୟତା ହାସଲ କରିବେ । ଦୃଶ୍ୟକଳାକୁ ବାରମ୍ବାର ଅଭ୍ୟାସ କରିବେ ଯାହା ଚିତ୍ରକରିବା, ରଂଗଦେବା, ରେଖାଚିତ୍ର ଅଙ୍କନ, ଐତିହ୍ୟ ହସ୍ତଶିଳ୍ପ କଳାର ଇତିହାସକୁ ବୁଝିବାରେ ସମର୍ଥ ହେବେ । ତୁମ ଚାରିପଟେ ଛୋଟ ଘାସ, ପତ୍ର, ପଥର, କପଡ଼ା, ଐତିହାସିକ କିର୍ତ୍ତୀରାଜି, ରୋଷେଇ ସାମଗ୍ରୀ, ତୁମେ ବସବାସ କରୁଥିବା କୋଠରୀ ଓ ଶ୍ରେଣୀଗୃହରେ ଏପରି ଅନେକ ଆକୃତି ଓ ରଂଗର ତ୍ରିମାତ୍ରିକ ଜିନିଷ ଅଛି, ଏ ସମସ୍ତଙ୍କୁ ତୁମେ ପର୍ଯ୍ୟବେକ୍ଷଣ ଓ ବୋଧଗମ୍ୟ କରି ସମସ୍ତର ପର୍ଯ୍ୟାୟଭିତ୍ତିକ ଆବିଷ୍କାରକୁ ଜାଣିପାରିବ । ଏ ସମସ୍ତର ପରିପ୍ରକାଶ ପାଇଁ ତୁମେ ନକ୍ସା ଆଙ୍କିବା, ରଂଗଦେବା, ମାଟିକାମ, କାଗଜଭାଙ୍ଗି ଆକୃତି ଗଠନ ଇତ୍ୟାଦିରେ ତୁମର ସଂପୃକ୍ତି ହିଁ ତୁମକୁ କାର୍ଯ୍ୟପ୍ରତି ଆଗ୍ରହୀ କରାଇବ । ମସ୍ତିଷ୍କକୁ ଅଧିକ ପ୍ରଖର କରିବ, ଏବଂ ଏହାଦ୍ୱାରା ତୁମେ ନିଖୁଣ ଭାବେ କେତେଗୁଡ଼ିଏ କୌଶଳ ହାସଲ କରିବ। ଏହାଦ୍ୱାରା ତୁମେ ଅଣ ବାଚନିକ ପରିପ୍ରକାଶ ଓ ଆତ୍ମତୃପ୍ତିଲାଭ ସହ ନିଜର ଅନୁଭୂତିକୁ ପୂର୍ଣ୍ଣାଙ୍ଗ କରିପାରିବ । ଏହି ପାଠ୍ୟଗୁଡ଼ିକରେ ତୁମେ ନୃତ୍ୟକଳା, ନାଟ୍ୟକଳା, ସଂଗୀତ, ନୃତ୍ୟ, ଗଣିତ, ବିଜ୍ଞାନ, ଇତିହାସ ଓ ଅନ୍ୟାନ୍ୟ ବିଷୟ ସହ ଏକ ଉତ୍ତମ ସମନ୍ୱୟ ସ୍ଥାପନ କରିପାରିବ ।



https://withteachers.in/

ଦୃଶ୍ୟକଳାର ଅନ୍ତର୍ଦୃଷ୍ଟି ଓ କୌଶଳକୁ ଆୟତ୍ତ କରିବା ଦ୍ୱାରା ଶିକ୍ଷାର୍ଥୀମାନେ ନିଜର ସ୍ୱତନ୍ତ୍ର ଅନୁଭବ ଓ ଅନନ୍ୟ ସୃଜନଶୀଳତାକୁ ନିଖୁଣ ଭାବେ ଶିଖିପାରିବେ ଓ ଜୀବନକୁ ଏକତ୍ରିତ କରିବାର ପ୍ରକ୍ରିୟାକୁ ଅନ୍ୟ ସାଙ୍ଗମାନଙ୍କ ବିନିମୟ କରିପାରିବେ ।

## ସମସ୍ତ କଳାକୁ ଅନ୍ୟାନ୍ୟ ବିଷୟ ସହ ସମନ୍ୱୟ

- ସଂସ୍କୃତିର ସଚେତନତା- ଭାରତୀୟ ସଂସ୍କୃତି ଓ ପରମ୍ପରାରେ କଳାକୃତିର ଝଲକ ସମ୍ପର୍କରେ ଶିକ୍ଷାର୍ଥୀମାନେ ସଚେତନ ହେବେ ।
- ସୃଜନଶୀଳତା ଓ ଭାବର ପରିପ୍ରକାଶ- ବିଭିନ୍ନ ପ୍ରକାର କଳାକୁ ପରୀକ୍ଷାମୂଳକ ଭାବେ ପରୀକ୍ଷା କରିବା ଓ ବ୍ୟକ୍ତିଗତ ଭାବ ପରିପ୍ରକାଶ ପାଇଁ ଉତ୍ସାହିତ କରିବା ସହ ସୃଜନଶୀଳତାର ଅଭିବୃଦ୍ଧି ପ୍ରତି ପ୍ରୟାସ କରାଯାଇଛି ।
- ଅନ୍ତଃବିଭାଗୀୟ ଶିକ୍ଷଣ- କଳାକୃତିକୁ ଇତିହାସ, ଭୂଗୋଳ, ଭାଷା ଓ ଅନ୍ୟାନ୍ୟ ବିଷୟର ଶିକ୍ଷଣ ସହ ସମ୍ପର୍କିତ କରିବାପାଇଁ ବ୍ୟାପକ ଭାବରେ କଳାର ବୋଧଗମ୍ୟତାକୁ ଶାଣିତ କରିବ ।

## ଐତିହ୍ୟ ସହ ଯୋଡ଼ିବା:-

ଶିକ୍ଷାର୍ଥୀମାନେ କଳାର ପ୍ରକାରକୁ ଶିଖିବା ଦ୍ୱାରା ନିଜକୁ ଗର୍ବିତ ଅନୁଭବ କରିବେ ଓ ସଂସ୍କୃତିର ମୂଳ ଆଧାର ସହ ଏକ ସଂଯୋଗ ସ୍ଥାପନ କରିପାରିବେ। କଳାକୃତିର ଏହି ସମସ୍ତ ପନ୍ଥାଗୁଡ଼ିକ ଶିକ୍ଷାର୍ଥୀମାନଙ୍କୁ କେବେ ଶିଖାଇବାର ଉଦ୍ଦେଶ୍ୟ ନୁହେଁ ବରଂ ସେମାନେ କଳା ସହ ନିଜର ସଂପୃକ୍ତିକୁ ସୁନିଶ୍ଚିତ କରିବା ପାଇଁ ପ୍ରେରଣା ପାଇ ଭାରତୀୟ କଳାକିର୍ତ୍ତୀକୁ ପାଳନ କରିବେ । ସମସ୍ତ ପ୍ରକାର କଳା ସହ ଅନ୍ୟାନ୍ୟ ବିଷୟ ସହ ଯଥା- ପଣ୍ଡିତ, ବିଜ୍ଞାନ, ଭାଷା, ପରିବେଶ ଏକତ୍ରୀକରଣ ହିଁ ଅଧିକ ଆଗ୍ରହ ଦାୟକ ହେବ ଯାହା ସାମଗ୍ରିକ ଶିକ୍ଷଣକୁ ଅଧିକ କ୍ରିୟାଶୀଳ କରିପାରିବ । ସମସ୍ତେ କଳାକୃତି ପୁସ୍ତକରେ କଳାର ବିବିଧ ରୂପକୁ ଅନୁସନ୍ଧାନ କରି କଳାର ଭରପୂର ଉପଭୋଗ ନେବେ।



https://withteachers.in/

# ସମୟ ଆବଣ୍ଟନ ଏବଂ ମାନ ନିର୍ଦ୍ଧାରଣ :

ଏହି କଳାଶିକ୍ଷା (Art Education) ପାଠ୍ୟ ପୁସ୍ତକରେ ଚାରୋଟି ବିଭାଗ ରହିଛି । ପ୍ରତ୍ୟେକଟି କଳା ଏକ ପୃଥକ୍ ପୃଥକ ବିଷୟ ଉପରେ ପର୍ଯ୍ୟବସିତ । ସମୟ ସାରଣୀକୁ ଏପରି ଭାବରେ ଯୋଜନା କରିବା ଜରୁରୀ ଅଟେ ଯାହାକି ବର୍ଷସାରା ସମସ୍ତ କଳା ବିଭାଗକୁ ସମାନ ଭାବରେ ବଣ୍ଟନ କରୁଥିବ ।

ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ - ୨୦୨୩ (NCF - SE - 2023) ଓ ବିଦ୍ୟାଳୟ ଶିକ୍ଷାପାଇଁ ଓଡ଼ିଶା ପାଠ୍ୟକ୍ରମ ରୂପରେଖ- ୨୦୨୫ (OCF - SE - 2025)ଅନୁଯାୟୀ ସମଗ୍ର ଶିକ୍ଷାବର୍ଷର କଳା ଶିକ୍ଷାପାଇଁ ଆବଣ୍ଟିତ ସମୟ ହେଉଛି ୧୦୦ ଘଣ୍ଟା (କିମ୍ବା ପ୍ରତ୍ୟେକଟି ପିରିୟଡ୍ ୪୦ ମିନିଟ୍, ଏପରି ୧୫୦ଟି ପିରିୟଡ୍)। ଏହି ସମୟ ଆବଣ୍ଟନକୁ ଦୃଷ୍ଟିରେ ରଖି ଏହି ପୁସ୍ତକଟି ଲେଖାଯାଇଛି । ସମସ୍ତ ଚାରୋଟି କଳା ବିଭାଗକୁ ସପ୍ତାହରେ ବଣ୍ଟନ କରିବା ଆବଶ୍ୟକ ଅଟେ । ଯଦ୍ଵାରା ସମସ୍ତ ବିଭାଗର ଅଗ୍ରଗତି ଏକ ସମୟରେ ହୋଇପାରିବ । ଗୋଟିଏ କଳାବିଭାଗର ସମାପ୍ତି ପରେ ଅନ୍ୟଟି ଆରମ୍ଭ କରିଯିବାର ବ୍ୟବସ୍ଥାକୁ ଦୂରେଇବା ଉଚିତ୍ ହେବ ।

**ଜାତୀୟ ପାଠ୍ୟକ୍ରମ ରୂପରେଖ ଅନୁଯାୟୀ**
**(ସମୟ ସାରଣୀ ବଣ୍ଟନ)**

| କଳା ବିଭାଗ | (ଦୃଶ୍ୟକଳା) (ଚିତ୍ରକଳା, ଭାସ୍କର୍ଯ୍ୟ, ବ୍ୟବହାରିକ କଳା ଏବଂ ଡିଜାଇନ୍, ପାରମ୍ପରିକ କଳା) ମୁଦ୍ରଣ କଳା | (ଅଭିନୟ କଳା) | | | ସାହିତ୍ୟ କଳା / ବହୁମୁଖୀ କଳା (ଅଭିଜ୍ଞତା ମୂଳକ କାର୍ଯ୍ୟ) |
|---|---|---|---|---|---|
| | | ନୃତ୍ୟ | ସଙ୍ଗୀତ | ନାଟକ | (କବିତା ଲିଖନ, ଗଳ୍ପ ଲିଖନ, ସୃଜନାତ୍ମକ ଲିଖନ, ଉପନ୍ୟାସ ଇତ୍ୟାଦି) |
| (ଘଣ୍ଟାରେ) ସମୟ | ୨୦ | ୨୦ | ୨୦ | ୨୦ | ୨୦ |
| ୪୦ ମିନିଟ୍ ଅବଧିର ପିରିୟଡ୍ | ୩୦ଟି | ୩୦ଟି | ୩୦ଟି | ୩୦ଟି | ୩୦ଟି |

### ସମୟ ସାରଣୀ :

ବିଦ୍ୟାଳୟ ଶିକ୍ଷ ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ- ୨୦୨୩ର ଉଦାହରଣମୂଳକ ସମୟ ସାରଣୀ ଅନୁଯାୟୀ, କଳା ଶିକ୍ଷାକୁ ସପ୍ତାହ ମଧ୍ୟରେ ଚାରୋଟି ପିରିୟଡ୍ ଏବଂ ଶନିବାର ଗୋଟିଏ ପିରିୟଡ୍ ବଣ୍ଟନ କରାଯାଇଛି । ଏଠାରେ ମିଳିତ ପିରିୟଡ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି, ଯେଉଁଠାରେ କାର୍ଯ୍ୟ-ଭିତ୍ତିକ ଶ୍ରେଣୀ ପାଇଁ ଯଥେଷ୍ଟ ସମୟ ଦେବା ନିମନ୍ତେ ଦୁଇଟି ୪୦ ମିନିଟ୍ ପିରିୟଡ୍‌କୁ ଏକାଠି କରାଯିବ । ଏହା ୮୦ ମିନିଟ୍ (୧ ଘଣ୍ଟା ୨୦ ମିନିଟ୍) ପର୍ଯ୍ୟନ୍ତ ନିରନ୍ତର ହେବ । ଏହିପରି, ଚାରୋଟି କଳା ରୂପକୁ ସପ୍ତାହରେ ଚାରୋଟି ପିରିୟଡ୍ ମଧ୍ୟରେ ବଣ୍ଟନ କରାଯାଇପାରିବ ଏବଂ ଶନିବାରକୁ ଆନ୍ତଃଶାଖାଗତ କାର୍ଯ୍ୟ କିମ୍ବା କଳା-ଭିତ୍ତିକ ପରିଭ୍ରମଣ ପାଇଁ ବ୍ୟବହାର କରାଯାଇପାରିବ, ଯେପରି କନସର୍ଟ, ପ୍ରଦର୍ଶନ କିମ୍ବା କଳା ଗ୍ୟାଲେରୀ ପରିଦର୍ଶନ ।



https://withteachers.in/

| ସପ୍ତାହ ମଧ୍ୟରେ ପୃଥକ ପିରିୟଡ୍ ପାଇଁ ସମୟସାରଣୀ - ୪୦ ମିନିଟ୍ ପିରିୟଡ୍ | | | | | |
|---|---|---|---|---|---|
| ସୋମବାର | ମଙ୍ଗଳବାର | ବୁଧବାର | ଗୁରୁବାର | ଶୁକ୍ରବାର | ଶନିବାର |
| | କଳା ଶିକ୍ଷା (ସଙ୍ଗୀତ) | | କଳା ଶିକ୍ଷା (ଦୃଶ୍ୟକଳା) | | କଳା ଶିକ୍ଷା (ଅଭ୍ୟାସ/କ୍ଷେତ୍ର ଭ୍ରମଣ) |
| କଳା ଶିକ୍ଷା (ନାଟକ) | | କଳା ଶିକ୍ଷା (ନୃତ୍ୟ) | | | |

| ମିଳିତ ପିରିୟଡ୍ ପାଇଁ ସମୟ ସାରଣୀ-୮୦ ମିନିଟ୍ ପିରିୟଡ୍ | | | | | | |
|---|---|---|---|---|---|---|
| ସପ୍ତାହ | ସୋମବାର | ମଙ୍ଗଳବାର | ବୁଧବାର | ଗୁରୁବାର | ଶୁକ୍ରବାର | ଶନିବାର |
| ପ୍ରଥମ ସପ୍ତାହ | | କଳା ଶିକ୍ଷା (ସଙ୍ଗୀତ) ଏକାଠି ୨ଟି ପିରିୟଡ୍ (୮୦ ମିନିଟ୍) | | କଳା ଶିକ୍ଷା (ଦୃଶ୍ୟକଳା) ଏକାଠି ୨ଟି ପିରିୟଡ୍ (୮୦ ମିନିଟ୍) | | କଳା ଶିକ୍ଷା (ଅଭ୍ୟାସ / କ୍ଷେତ୍ର ଭ୍ରମଣ) |
| ଦ୍ୱିତୀୟ ସପ୍ତାହ | | କଳା ଶିକ୍ଷା (ନାଟକ) ଏକାଠି ୨ଟି ପିରିୟଡ୍ (୮୦ ମିନିଟ୍) | | କଳା ଶିକ୍ଷା (ନୃତ୍ୟ) ଏକାଠି ୨ଟି ପିରିୟଡ୍ (୮୦ ମିନିଟ୍) | | କଳା ଶିକ୍ଷା (ଅଭ୍ୟାସ / କ୍ଷେତ୍ର ଭ୍ରମଣ) |

ପ୍ରଥମ ଯୋଜନାରେ ୪୦ ମିନିଟ୍ ସମୟ ସହିତ ପ୍ରତି ସପ୍ତାହରେ ଚାରୋଟି କଳା ବିଭାଗ ପାଇଁ ପିରିୟଡ୍ ରହିବ, ଦ୍ୱିତୀୟ ଯୋଜନାରେ ପ୍ରତି ସପ୍ତାହରେ କେବଳ ଦୁଇଟି କଳା ବିଭାଗ ରହିବ । ପ୍ରତ୍ୟେକ କଳା ବିଭାଗ ପ୍ରତି ବିକଳ୍ପ ସପ୍ତାହରେ କରାଯିବ । ଏହା ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ଯେ ସମସ୍ତ କଳା ବିଭାଗ ଏକକାଳୀନ ଭାବରେ ପ୍ରଗତି କରେ, କାରଣ ଏହା ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ମଧ୍ୟରେ ଥିବା ଆନ୍ତଃ-ସଂଯୋଗକୁ ବୁଝିବାରେ ସକ୍ଷମ କରିବ, ଯାହା ଫଳରେ ଏକ ଅଧିକ ସାମଗ୍ରିକ ବୁଝାମଣା ହୋଇପାରିବ ।



https://withteachers.in/

## ମାନନିର୍ଦ୍ଧାରଣ :

ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳ ଦକ୍ଷତା ଏବଂ କଳାତ୍ମକ ବିକାଶକୁ ବୁଝିବା ଏବଂ ଅଭିବୃଦ୍ଧି କରିବା ପାଇଁ କଳାଶିକ୍ଷାରେ ମାନନିର୍ଦ୍ଧାରଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଅନ୍ୟାନ୍ୟ ବିଷୟ ପରି କଳା ଶିକ୍ଷାର ମାନନିର୍ଦ୍ଧାରଣ, ସୃଜନଶୀଳତା, ବିକ୍ଷିପ୍ତ ଚିନ୍ତନ, ବୈଷୟିକ ଦକ୍ଷତା ଏବଂ ଭାବ ପ୍ରବଣତା ସହିତ ବିଭିନ୍ନ ପ୍ରକାର ଦକ୍ଷତାର ମୂଲ୍ୟାୟନ ଉପରେ ଧ୍ୟାନ ଦେଇଥାଏ । ଏହି ମାନନିର୍ଦ୍ଧାରଣଗୁଡ଼ିକ କେବଳ ପ୍ରଗତି ଏବଂ ଦକ୍ଷତା ମାପିବା ପାଇଁ ନୁହେଁ ବରଂ ଅନୁସନ୍ଧାନ, ଆତ୍ମ-ଅଭିବ୍ୟକ୍ତି ଏବଂ କଳା ଶିକ୍ଷାର ମୂଲ୍ୟବୋଧକୁ ଉତ୍ସାହିତ କରିଥାଏ ।

## ମାନନିର୍ଦ୍ଧାରଣ ପଦ୍ଧତି :

ଯେହେତୁ କଳା ଶିକ୍ଷାକ୍ଷେତ୍ରରେ ମାନନିର୍ଦ୍ଧାରଣ ପ୍ରକ୍ରିୟା ମୁଖ୍ୟତଃ ଦକ୍ଷତା ଆଧାରିତ, ତାହା ପିଲାଙ୍କ "ଠିକ୍" କିମ୍ବା "ଭୁଲ୍" ଉତ୍ତର ଉପରେ ନିର୍ଭର କରେ ନାହିଁ । ତେଣୁ ପ୍ରଶ୍ନପତ୍ର ଏବଂ ଲିଖିତ ଉତ୍ତର ସହିତ "ପରୀକ୍ଷା" କରିବା ଜରୁରୀ ନୁହେଁ କାରଣ ଏହା କଳାଶିକ୍ଷା ପାଠ୍ୟକ୍ରମରେ ବ୍ୟବହୃତ ପଦ୍ଧତିର ଉଦ୍ଦେଶ୍ୟକୁ ହାସଲ କରିପାରିବ ନାହିଁ । ବିଭିନ୍ନ ମାନନିର୍ଦ୍ଧାରଣ ପଦ୍ଧତି ଯେପରିକି କୃତି ମୂଲ୍ୟାୟନ (ପୋର୍ଟଫୋଲିଓ), କାର୍ଯ୍ୟଦକ୍ଷତା ସମୀକ୍ଷା, ପ୍ରକଳ୍ପଭିତ୍ତିକ ମୂଲ୍ୟାୟନ ଏବଂ ପ୍ରତିଫଳିତ ସ୍ୱ-ମାନନିର୍ଦ୍ଧାରଣ, ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଅନନ୍ୟ କଳା ଶିକ୍ଷାର ଅଗ୍ରଗତି ବିଷୟରେ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରଦାନ କରିବ ।

## ଗଠନମୂଳକ ଏବଂ ସମାପ୍ତି ସୂଚକ ମାନନିର୍ଦ୍ଧାରଣ :

- ଗଠନମୂଳକ ମାନ ନିର୍ଦ୍ଧାରଣ ପ୍ରତ୍ୟେକ ଶ୍ରେଣୀର ପର୍ଯ୍ୟବେକ୍ଷଣ ଏବଂ ପ୍ରତ୍ୟେକ କାର୍ଯ୍ୟକଳାପରେ ଶିଶୁର ଦକ୍ଷତା ଉପରେ ଆଧାରିତ । ପ୍ରତ୍ୟେକ ଅଧ୍ୟାୟରେ ଶେଷରେ ପ୍ରଦାନ କରାଯାଇଥିବା ରୁବ୍ରିକ୍ସ ବର୍ଷସାରା ମାର୍କ ଗ୍ରେଡ୍ ଉନ୍ନତିରେ ସାହାଯ୍ୟ କରିବ ।
- ସମାପ୍ତି ସୂଚକ ମାନନିର୍ଦ୍ଧାରଣ ପାଇଁ ଏକ ପୃଥକ ଦିନ ଆବଶ୍ୟକ । ଏହା ବର୍ଷସାରା ଶ୍ରେଣୀଗୃହରେ କରାଯାଇଥିବା କାର୍ଯ୍ୟକଳାପ ଏବଂ ଏହାର ବିଭିନ୍ନ କୌଶଳ ଏବଂ ଦକ୍ଷତାରେ ଶିଶୁର ବୋଧଗମ୍ୟତା ଦକ୍ଷତାକୁ ଆକଳନ କରିବା ପାଇଁ ବ୍ୟବହୃତ ହୋଇପାରେ । ଉତ୍ତମ ପାଠ୍ୟ ଯୋଜନା କରିବାକୁ ପ୍ରତ୍ୟେକ ବିଭାଗର ଶେଷରେ ଉଦାହରଣ ପ୍ରଦାନ କରାଯାଇଛି । ଦିଆଯାଇଥିବା କାର୍ଯ୍ୟକୁ ଆଧାର କରି ଛାତ୍ରଛାତ୍ରୀମାନେ ସ୍ୱତଃପ୍ରବୃତ୍ତ ଭାବରେ କିଛି କାର୍ଯ୍ୟ କରିବେ ।



https://withteachers.in/

## ଗ୍ରେଡ୍ ଏବଂ ନମ୍ବର :

ଯେହେତୁ କଳା ଶିକ୍ଷା ହେଉଛି ସୃଜନଶୀଳତା, ଅଭିବ୍ୟକ୍ତି ଏବଂ କଳ୍ପନା ଉପରେ ଆଧାରିତ, ତେଣୁ ଏହାର ଠିକ୍ କିମ୍ବା ଭୁଲ ଉତ୍ତର ନାହିଁ । ତେଣୁ କୌଶଳ ହାସଲର ସ୍ତର, ପିଲାଙ୍କ ଦ୍ୱାରା ପ୍ରଦର୍ଶିତ ଦକ୍ଷତାକୁ ଆଧାରିତ କରି ନମ୍ବର ଦିଆଯାଏ। ଏକ ନିର୍ଭୁଲ୍ ମାନନିର୍ଦ୍ଧାରଣ ପାଇଁ ଶିକ୍ଷକ / ଶିକ୍ଷୟିତ୍ରୀ ନିଶ୍ଚିତ ରୂପେ ସମସ୍ତ ଦକ୍ଷତା ଓ ଶିକ୍ଷଣ ଫଳାଫଳ ସହିତ ପରିଚିତ ହେବା ଦରକାର।

ମାନଦଣ୍ଡ ଅନୁସାରେ ଚିହ୍ନିତ କରିବାପାଇଁ ଏକ ପାଞ୍ଚ ପଏଣ୍ଟ୍ ସ୍କେଲର ସୁପାରିଶ କରାଯାଇଛି । ଏହା ଶିକ୍ଷକ, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଶିକ୍ଷଣ ଅଗ୍ରଗତିର ଧାରଣା ଦେବ । ପ୍ରତ୍ୟେକ ଅଧ୍ୟାୟ ପରେ ପ୍ରଦତ୍ତ ରୁବିକ୍ସରେ ପାଞ୍ଚପଏଣ୍ଟ ସ୍କେଲକୁ ଚିହ୍ନିତ କରିବା ପାଇଁ ନିମ୍ନରେ ପ୍ରଦତ୍ତ ସାରଣୀକୁ ବ୍ୟବହାର କରାଯାଇପାରିବ ।

ଉଭୟ ପରିମାଣାତ୍ମକ ମାନନିର୍ଦ୍ଧାରଣ (ରୁବ୍ରିକ୍ସ ଆଧାରିତ ଗ୍ରେଡ଼ / ନମ୍ବର) ଏବଂ ଗୁଣାତ୍ମକ ମାନନିର୍ଦ୍ଧାରଣ (ଶିଶୁର ଆଚରଣ, ଆଗ୍ରହ, ପ୍ରଗତି ଏବଂ ଅନ୍ୟାନ୍ୟ ଦିଗ ଉପରେ ଶିକ୍ଷକଙ୍କ ନିରୀକ୍ଷଣ)କୁ ଏକତ୍ର କରିବା ଏକାନ୍ତ ଆବଶ୍ୟକ ।

| ଛାତ୍ରଛାତ୍ରୀଙ୍କ ଶିକ୍ଷଣ ସ୍ତର | ସାଙ୍ଖ୍ୟିକ ମାପ | ଗ୍ରେଡ |
|---|---|---|
| ପ୍ରାରମ୍ଭ | ୧ | ଙ |
| ବିକଶିତ | ୨ | ଘ |
| ଆଶାଜନକ | ୩ | ଗ |
| ନିପୁଣ | ୪ | ଖ |
| ଉତ୍କୃଷ୍ଟ | ୫ | କ |

ମାନନିର୍ଦ୍ଧାରଣର ମାନଦଣ୍ଡ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ- ୨୦୨୩ (NCF - SE - 2023)ର ପାଠ୍ୟକ୍ରମ ଲକ୍ଷ୍ୟ ଓ ଦକ୍ଷତା ଉପରେ ପର୍ଯ୍ୟବେକ୍ଷିତ।



https://withteachers.in/

# ପ୍ରିୟ ଛାତ୍ରଛାତ୍ରୀ,

ତୁମମାନଙ୍କ ହାତରେ ହସ, ମଜା ଆଉ କ୍ରିୟାକଳାପରେ ଭରପୁର କଳାଶିକ୍ଷା ପୁସ୍ତକ 'କଳାକୃତି' ଅଛି । ତୁମ ସମସ୍ତଙ୍କ ଭିତରେ ବିଭିନ୍ନ କଳା ନିମନ୍ତେ ଏକ ସଦିଚ୍ଛା ରହିଛି ଏବଂ ତୁମେ ସବୁ ତୁମ ଜୀବନର ପ୍ରାରମ୍ଭରୁ ସୃଜନଶୀଳ ହୋଇପାରିଛ । ତୁମେ ବର୍ତ୍ତମାନ ବିଦ୍ୟାଳୟ ଶିକ୍ଷାର ଆଉ ଏକ ପର୍ଯ୍ୟାୟକୁ ପ୍ରବେଶ କରୁଛ ଯୋଉଁଠିକି ଆହୁରି ଅନେକ ଅଧିକ ଅନୁସନ୍ଧାନ ଓ ପରୀକ୍ଷାନିରୀକ୍ଷା କରିବା ନିମନ୍ତେ ସୁଯୋଗ ମିଳିବ । ଏହି ପୁସ୍ତକ ତୁମକୁ ତୁମ ପାରିପାର୍ଶ୍ୱିକ ଅବସ୍ଥା, ପରିବେଶ, ମଣିଷ ଓ ସମାଜ ପ୍ରତି ଅଧିକ ସଚେତନ ଏବଂ ସମ୍ବେଦନଶୀଳ କରାଇବ ।

ତୁମେମାନେ ପୂର୍ବ ଶ୍ରେଣୀ ମାନଙ୍କରେ-କଳାକର୍ମ କରିବାକୁ, ସେଗୁଡ଼ିକୁ ଦେଖିବାକୁ ଓ ଶୁଣିବାକୁ, ନାଚିବାକୁ, ବାଦ୍ୟ ଯନ୍ତ୍ର ବଜାଇବାକୁ, ଚିତ୍ର ଆଙ୍କିବାକୁ, ମାଟି ଆଉ କାଗଜରେ ମୂର୍ତ୍ତି ଗଢ଼ିବାକୁ ପୁଣି ଏହା ସହିତ ଗୀତ ଗାଇବା, ଅନୁକରଣ କରିବା, ନାଟକ, ଜୀବନ୍ତ କଳା (ଆନିମେସନ୍) ଆଦି ଅନେକ କଳା ବିଧା(Art Form) ବିଷୟରେ ଅଭିଜ୍ଞତା ଆହାରଣ କରିଛ । ତୁମେ ସବୁବେଳେ ସୃଜନକୁ ଆନନ୍ଦର ସହିତ ଉପଭୋଗ କରିଛ ଓ ଦୈନ୍ୟନ୍ଦିନ ଜୀବନରେ, ବିଦ୍ୟାଳୟରେ, ଘରେ କିମ୍ବା ଭ୍ରମଣ ସମୟରେ ଏଗୁଡ଼ିକୁ ପରିଲିଖିତ କରିଛ । ତୁମେ ତୁମ ଚାରିପାଖରେ ଥିବା ଅନେକ ଜିନିଷକୁ ନିରୀକ୍ଷଣ କର- କାମ କରୁଥିବା ମଣିଷ, ଋତୁ ଅନୁସାରେ ବଦଳୁଥିବା ପ୍ରକୃତି, ପଶୁମାନଙ୍କର ସ୍ୱର, ଚଢ଼େଇ ଉଡ଼ିବା, ପତ୍ରରେ ପତ୍ର ଘସି ହେବା, ଫୁଲମାନଙ୍କର ନାନା ରଙ୍ଗ, ମହୁମାଛିଙ୍କ ଗୁଣୁଗୁଣୁ ଗୁଞ୍ଜରଣ, ତୁମ ଘରର ନିତିଦିନିଆ କାମ, ବଗିଚାରେ ଘୂରି ବୁଲୁଥିବା ରଙ୍ଗୀନ ପ୍ରଜାପତି, ରେଳ ଗାଡିର ଶବ୍ଦ, ଉଡ଼ନ୍ତା ଉଡ଼ାଜାହାଜ ଏବଂ ଆହୁରି କେତେ କ'ଣ । ଏହାସବୁ ମନ ମୋହିଲା ଭଳିଆ ଘଟଣା ଯାହା ଆମକୁ ସୃଜନ ସୃଷ୍ଟି ପାଇଁ ଏବଂ ନିଜକୁ ବ୍ୟକ୍ତ କରିବା ପାଇଁ ଅନୁପ୍ରାଣୀତ କରେ । ସେମାନେ ଆମକୁ ବିସ୍ମିତ କରନ୍ତି- କେମିତି, କାହିଁକି, କେତେବେଳେ ଏବଂ କ'ଣ !

ଏହି ଭାରତ ଭୂମି ହଜାର ହଜାର ବର୍ଷର ମାନବ ସଭ୍ୟତା ଏବଂ ତାହାର ବିବର୍ତ୍ତନ ଦେଖିଆସିଛି । ଆମେ ସୃଷ୍ଟି କରୁଥାଇପାରୁ ବା ଅନୁଭବ କରୁଥାଇପାରୁ, କଳା ଆମ ଚତୁଃପାର୍ଶ୍ୱରେ ରହି ଆମକୁ ଆନନ୍ଦ ପ୍ରଦାନ କରେ । ଆମ ଜୀବନକୁ ସରସ ସୁନ୍ଦର କରିତୋଳେ । ତୁମ ସମସ୍ତଙ୍କ ଭିତରେ ଗୋଟିଏ ଗୋଟିଏ କଳାକାର ଅଛି, ଯିଏ କିଛି ସୃଷ୍ଟି କରିବା ପାଇଁ ଆଗ୍ରହ ଉତ୍ସାହର ସହିତ ବାହାରକୁ ବାହାରି ଆସେ । ସୃଜନଶୀଳ ହେବାକୁ ଓ କଳାକୃତି ସୃଷ୍ଟି କରିବାକୁ ହେଲେ, ତୁମକୁ ଜଣେ ଭଲ ପର୍ଯ୍ୟବେକ୍ଷକ ହେବାକୁ ହେବ, କଳ୍ପନା ଶକ୍ତି ଏବଂ ଦୃଶ୍ୟୀକରଣ କ୍ଷମତା ହାସଲ କରିବାକୁ ହେବ ।

କଳାକୃତିରେ ହସ, ଖୁସି ଆଉ ଆନନ୍ଦଭରା ଚାରିଟି କଳାବିଧା ସ୍ଥାନିତ ହୋଇଛି ଯାହାଦ୍ୱାରା ତୁମେ ଅନୁସନ୍ଧାନ କରିବ ଏବଂ କଳା ବିଧା ଗୁଡ଼ିକୁ ଶିକ୍ଷା କରିବ - ପ୍ରତିଦିନ ତୁମ ସାଙ୍ଗସାଥୀ, ଶିକ୍ଷକ ଓ ପରିବାରବର୍ଗଙ୍କ ସହିତ ମିଶି ନୂଆ କିଛି ସୃଷ୍ଟି କରିବ ।



https://withteachers.in/

# କଳା ଶ୍ରେଣୀ ଆରମ୍ଭ କରିବା ପୂର୍ବରୁ ପ୍ରାର୍ଥନା

ସାଧାରଣତଃ, କଳାକାରମାନେ ସେମାନଙ୍କର କଳା ପରିବେଷଣ, ଆରମ୍ଭ କରିବା ପୂର୍ବରୁ ଏହି ପ୍ରାର୍ଥନାଟିକୁ ପାଠ କରିଥାନ୍ତି । ତୁମେମାନେ ମଧ୍ୟ ପ୍ରତ୍ୟେକ କଳାଶ୍ରେଣୀ ଆରମ୍ଭ କରିବା ପୂର୍ବରୁ ଏହି ପ୍ରାର୍ଥନାଟିକୁ ସ୍ପଷ୍ଟ ଭାବରେ ଉଚ୍ଚାରଣ କରି ଗାନ କରିବ ।

**ଆଙ୍ଗିକଂ ଭୁବନଂ ଯସ୍ୟ, ବାଚିକଂ ସର୍ବ ବାଙ୍ମୟମ୍ ।**
**ଆହାର୍ଯ୍ୟଂ ଚନ୍ଦ୍ର ତାରାଦି, ତଂ ବନ୍ଦେ ସାତ୍ତ୍ୱିକଂ ଶିବମ୍ ॥**

**ଅର୍ଥ :** ଯାହାଙ୍କର ଶରୀର ସକଳ ଭୁବନ । ଯାହାଙ୍କର ବାଣୀ ସବୁ ପ୍ରକାର ଧ୍ୱନି, ଚନ୍ଦ୍ର, ତାରା ଆଦି ଯାହାଙ୍କର ଅଳଙ୍କାର ଓ ଯେ ଆଧ୍ୟାତ୍ମିକ ଭାବର ଆଧାର, ମୁଁ ସେହି ପରମେଶ୍ୱର ଶିବଙ୍କୁ ପ୍ରଣାମ କରୁଛି ।

ଏହା କଳାର ସମସ୍ତ ଚାରିପ୍ରକାରର ପରିଭାଷାକୁ ଏକାଠି କରିଥାଏ ବା ଏକତ୍ରୀତ କରିଥାଏ ।

**ଅଙ୍ଗିକ :** ଗତି କାର୍ଯ୍ୟ ଏବଂ ପ୍ରକାଶନ ସହିତ ଶାରୀରିକ ପ୍ରଦର୍ଶନ ।

**ବାଚିକ :** ଭାଷଣ, ସଂଳାପ, ଗୀତ ଏବଂ ଗୀତିକାବ୍ୟ / ଗୀତିବାକ୍ୟ ।

**ଆହାର୍ଯ୍ୟ :** ବେଶଭୂଷା, ଅଳଙ୍କାର, ମୂର୍ତ୍ତି ଏବଂ ଚିତ୍ରକଳା

**ସାତ୍ତ୍ୱିକ :** କଳାକାର ଏବଂ ଦର୍ଶକଙ୍କ ପାଇଁ ଗଭୀରତମ ଆଧ୍ୟାତ୍ମିକ ଭାବର ପରିପ୍ରକାଶ ।

ଏହା ପ୍ରାୟ ଏକ ହଜାର ବର୍ଷପୂର୍ବେ ଅଭିନୟ ଦର୍ପଣରେ ନନ୍ଦିକେଶ୍ୱରଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଲିଖିତ ହୋଇଥିବା ଶ୍ଳୋକର ଏକ ଉଦାହରଣ ଅଟେ ।



https://withteachers.in/

# ସିଲାବସ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ ସି ଇ ଆର ଟି ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ,<br>ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଏସ ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର,<br>ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |

| | | |
|---|---|---|
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା,<br>ଏନ ଏସ ଟି ସି କାର୍ଯ୍ୟକ୍ରମ, ଏନ ସି ଇ ଆର ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି,<br>ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ,<br>ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,<br>ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ,<br>ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି,<br>ସୋଆ ବିଶ୍ୱବିଦ୍ୟାଳୟ,<br>ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ,<br>ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ<br>ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ ସଚିବ |



https://withteachers.in/

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)



https://withteachers.in/

# ସୂଚୀପତ୍ର




ନାଟ୍ୟକଳା ୧

୧. ନାଟ୍ୟରସ ........ ୦୪

୨. କଥା ନ କହି ଅଧିକ କୁହ ମୂକାଭିନୟ ........ ୨୦

୩. ଆସ ଆମେ ସଜାଇବା ମଞ୍ଚ ଶିଳ୍ପ ........ ୩୦

୪. ଭାରତର କାହାଣୀ କହିବା ପରମ୍ପରା ........ ୪୬



ସଙ୍ଗୀତ ୫୭

୫. ସଙ୍ଗୀତ ସଂରଚନା ........ ୬୨

୬. ସଙ୍ଗୀତ, ଭାବନା ଏବଂ ସୃଜନଶୀଳତା ........ ୬୮

୭. ରାଗ ଓ ତାଳ ........ ୭୬

୮. ଲୋକମାନଙ୍କ ସଙ୍ଗୀତ ........ ୯୧

୯. ପରିବେଷଣ ........ ୧୦୩



ନୃତ୍ୟ ଏବଂ ଅଙ୍ଗ ଚାଳନା ୧୧୧

୧୦. ନୃତ୍ୟ ଏବଂ ଭାସ୍କର୍ଯ୍ୟ କଳା ........ ୧୧୪

୧୧. ନୃତ୍ୟ ଉପାଦାନ ଏବଂ କୌଶଳ ........ ୧୨୪

୧୨. ନୃତ୍ୟ, ତୁମେ ଏବଂ ସୃଜନଶୀଳତା ........ ୧୩୮

୧୩. ପ୍ରସିଦ୍ଧ ବ୍ୟକ୍ତିତ୍ୱ ........ ୧୪୫

୧୪. ନାଟ୍ୟ ........ ୧୪୮



ଦୃଶ୍ୟକଳା ୧୫୭

୧୫. ଆଇକନ୍ ଏବଂ ପ୍ରତୀକରେ ବସ୍ତୁ ........ ୧୬୦

୧୬. ପ୍ରକୃତିର ପ୍ୟାଲେଟ ........ ୧୭୧

୧୭. ତୁମେ କିପରି ଅନୁଭବ କର ........ ୧୮୧

୧୮. ବୟନ ଓ ଆମ ପରମ୍ପରା ........ ୧୯୧

୧୯. ସୁନ୍ଦର ହସ୍ତଲିଖନ କଳା ........ ୧୯୯

୨୦. ସମସ୍ତ କଳାଏକୀକରଣ ମୂର୍ତ୍ତିକଳା ପ୍ରାଣବନ୍ତ ହୁଏ ........ ୨୦୯




https://withteachers.in/





# ନାଟ୍ୟକଳା



ଯେତେବେଳେ ଜଣେ ଅଭିନେତା ଚରିତ୍ରର ଭାବକୁ ପ୍ରଦର୍ଶନ କରନ୍ତି, ଏହା ଅଭିନେତାଙ୍କର ଶରୀର ଏବଂ ମନରେ ସମ ମାତ୍ରାର ପରିବର୍ତ୍ତନ ସୃଷ୍ଟି କରିଥାଏ।

https://withteachers.in/

# ଶିକ୍ଷକଙ୍କ ପାଇଁ ସୂଚନା

**ପ୍ରିୟ ଶିକ୍ଷକ ଓ ଶିକ୍ଷୟତ୍ରୀ,**

ଆମେ ସମସ୍ତେ ଏକାଠି ହୋଇ ପିଲାମାନଙ୍କ ଭିତରେ ନାଟ୍ୟ ଭାବନା ସୃଷ୍ଟି କରିବା, ସୃଜନଶୀଳତା ସହିତ ଏକ ହସଖୁସି ଓ ଆନନ୍ଦର ପରିବେଶ ପ୍ରସ୍ତୁତ କରି ନାଟ୍ୟକଳାକୁ ଆୟତ୍ତ କରିବା ପାଇଁ ପିଲାମାନେ କିପରି କଠୋର ପରିଶ୍ରମୀ, ସଂଯମୀ ଏବଂ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବେ, ସେଥିପ୍ରତି ଦୃଷ୍ଟି ଦେବା ।

୭ମ ଶ୍ରେଣୀର ଏହି ନାଟ୍ୟ ବିଭାଗଟି ଷଷ୍ଠ ଶ୍ରେଣୀ ନାଟ୍ୟ ବିଭାଗର ପରବର୍ତ୍ତୀ ସୋପାନ ଅଟେ । ଏହା ଅନେକ କ୍ରିୟାକଳାପ ସହିତ ନାଟକ ବିଷୟରେ ବହୁ କୌଶଳକୁ ଆଧାର କରି ରଚିତ ହୋଇଛି । ଯେତେବେଳେ ସେମାନେ ଏହି ପୁସ୍ତକଟିରୁ ନାଟ୍ୟ କଳାର ମୌଳିକ ଜ୍ଞାନ ଏବଂ ଐତିହାସିକ ଘଟଣାବଳୀ ବିଷୟରେ ଅବଗତ ହେବେ, ସେତେବେଳେ ଏଥିରେ ଥିବା କ୍ରିୟାକଳାପଗୁଡ଼ିକ ସେମାନଙ୍କର ସାହସ ଓ ଦକ୍ଷତାକୁ ବୃଦ୍ଧି କରିବ । ନାଟ୍ୟ ଶିକ୍ଷାକୁ ଫଳପ୍ରଦ ଏବଂ ଆମୋଦ ଦାୟକ କରିବା ନିମନ୍ତେ କେତେକ ଆବଶ୍ୟକୀୟ ଜ୍ଞାନର ଉଲ୍ଲେଖ ଏହି ପୁସ୍ତକରେ ରହିଛି ।

## କାର୍ଯ୍ୟପାଇଁ ମୁକ୍ତ ସ୍ଥାନ

ପିଲାମାନେ ସେମାନଙ୍କ କ୍ରିୟାକଳାପରେ ବ୍ୟସ୍ତ ରହିବା ସମୟରେ ସ୍ୱଚ୍ଛନ୍ଦରେ ଚଳପ୍ରଚଳ କରିବା ଦରକାର । ଏଥି ନିମନ୍ତେ ଗୋଟିଏ ମୁକ୍ତ ସ୍ଥାନ ଆବଶ୍ୟକ ହୁଏ । ଯେଉଁଠି ପିଲାମାନେ ସେମାନଙ୍କର ପ୍ରତିଭାକୁ ଏବଂ ବିଭିନ୍ନ କ୍ରିୟାକଳାପ ଗୁଡ଼ିକୁ ବିନା ପ୍ରତିବନ୍ଧକରେ ଆବିଷ୍କାର କରିବାକୁ ଚେଷ୍ଟା କରିବେ ।

## ବାସ୍ତବ ଜଗତ ସହିତ ସମ୍ପର୍କ ପାଇଁ ଅଧ୍ୟବସାୟ

ଏହି ପୁସ୍ତକରେ ଥିବା ବିଷୟବସ୍ତୁ ଗୁଡ଼ିକର ଲକ୍ଷ୍ୟ ହେଉଛି ନାଟ୍ୟ ଶିକ୍ଷାକୁ ନିତିଦିନିଆ ଜୀବନରେ ଉପଯୋଗ କରିବା ।

ପ୍ରଥମତଃ ପିଲାମାନେ ନାଟକ କଲାବେଳେ ଅନ୍ୟମାନଙ୍କର ଭାବକୁ ସହାନୁଭୂତି ସହକାରେ ଅନୁଭବ କରିଥାନ୍ତି, ତାହା ସେମାନଙ୍କ ଭିତରେ ଭାବଗ୍ରହଣ କ୍ଷମତା ସୃଷ୍ଟି କରିଥାଏ । ଏହା ଶୃଙ୍ଖଳା ମଧ୍ୟ ବୃଦ୍ଧି କରେ । ମଞ୍ଚ ଅନ୍ତରାଳର କ୍ରିୟାକଳାପ ଦ୍ୱାରା ସେମାନଙ୍କ ଯୋଜନା ଓ ପରିଚାଳନା ଦକ୍ଷତାର ବିକାଶ ହୋଇଥାଏ । ତେଣୁ ସମସ୍ତଙ୍କ ଜୀବନରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଶିକ୍ଷକ ଭାବରେ, ଯଦି ଶ୍ରେଣୀଗୃହ ଆଲୋଚନାରେ ଏହି ସବୁ ବିଷୟର ଉତ୍‌ଥାପନ କରାଯାଏ ତେବେ ଏହା ପାଠକୁ ଆହୁରି ଅଧିକ ଫଳପ୍ରଦ କରିବ ।

## ମାନନିର୍ଦ୍ଧାରଣ

ବିଦ୍ୟାଳୟ ଶିକ୍ଷାଦାନ ପ୍ରକ୍ରିୟା ଭିତରେ ନାଟକ ଶିକ୍ଷାକୁ ଏକ ମୁଖ୍ୟ ସ୍ରୋତର ବିଷୟ ଭାବରେ ସାମିଲ କରାଯାଇଛି । ତେଣୁ ଶିକ୍ଷା ବ୍ୟବସ୍ଥାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ । ପ୍ରତ୍ୟେକ ବିଷୟ ଭଳି ଏହି ବିଷୟରେ ମଧ୍ୟ ନମ୍ବର ବା ଗ୍ରେଡ୍ ପାଇବାର ଗୁରୁତ୍ୱ ରହିଛି । କିନ୍ତୁ ଏହାକୁ ପ୍ରଶ୍ନପତ୍ର ଓ କାଗଜ କଲମର ଉତ୍ତର ଭିତରେ ସୀମିତ ନ ରଖି ନାଟକର ଆବେଗକୁ ମନଭିତରେ ଅକ୍ଷୂର୍ଣ୍ଣ କରି ରଖିବା ଆବଶ୍ୟକ । ଶେଷ ଫଳାଫଳ କିମ୍ବା ପରିବେଷଣ କେବଳ ଏହାର ମାପକାଠି ନୁହେଁ । ଏହା ଅନ୍ତରାଳରେ ଥିବା ପ୍ରଚେଷ୍ଟା, ଚିନ୍ତା ଓ ପ୍ରକ୍ରିୟା ଗୁଡ଼ିକ ସହିତ ନିମ୍ନୋକ୍ତ ବିଷୟମାନଙ୍କୁ ମନଯୋଗ ସହକାରେ ଦୃଷ୍ଟି ଦେବା ଆବଶ୍ୟକ–

- ନିଜସ୍ୱ ଜ୍ଞାନର ପ୍ରୟୋଗ
- ପ୍ରଚେଷ୍ଟା ଏବଂ ଅଂଶ ଗ୍ରହଣ
- ସୃଜନଶୀଳତା ଓ ପରିବେଷଣ
- ଦଳଗତ ପ୍ରଚେଷ୍ଟା ଓ ସହଭାଗିତା

ଅଧିକ ସ୍ପଷ୍ଟତା ନିମନ୍ତେ ପୁସ୍ତକରେ ଥିବା ସମୟ ବଣ୍ଟନ ଏବଂ ମାନନିର୍ଦ୍ଧାରଣ ବିଭାଗଟିକୁ ପଢ଼ନ୍ତୁ । ନାଟକର ମାନନିର୍ଦ୍ଧାରଣ ବିଭିନ୍ନ ସ୍ତରରେ ଯୋଜନା କରାଯାଇ ନିମ୍ନରେ ସୂଚିତ ହୋଇଅଛି ।



https://withteachers.in/

## ଗଠନମୂଳକ ମାନନିର୍ଦ୍ଧାରଣ

ଶ୍ରେଣୀ ଶିକ୍ଷାଦାନରେ ସମସ୍ତ କ୍ରିୟାକଳାପ ଏବଂ ଅଧ୍ୟାୟ ସମାପ୍ତ ହେଲା ପରେ ଏହାକୁ ଦୁଇଟି ସ୍ତରରେ କରାଯିବା ଆବଶ୍ୟକ ।

ସର୍କଲ ଟାଇମ୍ - ଏହି ପ୍ରକ୍ରିୟା ପ୍ରତି ଶ୍ରେଣୀର ପାଠ୍ୟ କ୍ରମ ଶେଷ ହେବାପରେ ଏବଂ ପ୍ରତ୍ୟେକ କ୍ରିୟାକଳାପ ପରେ ସଙ୍ଗଠିତ ହେବ । ଶିକ୍ଷକମାନେ ପିଲାମାନଙ୍କ ସହିତ ଅନୌପଚାରିକ ଭାବେ ବସି ପିଲାମାନଙ୍କ ଠାରୁ ନିଷ୍କପଟ ଉତ୍ତର ପାଇବା ନିମନ୍ତେ) ସେମାନେ କ'ଣ କ'ଣ କ୍ରିୟାକଳାପ କଲେ ସେମାନଙ୍କୁ ପଚାରିବେ । ସେମାନେ ସେମାନଙ୍କର ଚିନ୍ତା ଓ ଅଭିଜ୍ଞତାକୁ ବର୍ଣ୍ଣନା କରିବେ ।

ଯାହାକୁ ଆଧାର କରି ଶିକ୍ଷକମାନେ ପ୍ରତ୍ୟେକ ପିଲାଙ୍କ ବିଷୟରେ ସଂକ୍ଷିପ୍ତ ବିବରଣୀ ରଚନା କରିବେ । ପାଠ୍ୟ ପୁସ୍ତକରେ କେତେକ ପ୍ରଶ୍ନ ପଚରା ଯାଇଛି । ଶିକ୍ଷକ ମଧ୍ୟ ଶ୍ରେଣୀର ପ୍ରତିକ୍ରିୟାକୁ ଆଧାର କରି ଅଧିକ ପ୍ରଶ୍ନ ପଚାରି ପାରନ୍ତି ।

## ମସ୍ତିଷ୍କର ବିକାଶ

ପିଲାମାନେ ଶ୍ରେଣୀରେ ପଢ଼ିଥିବା ପାଠର ପରିବେଷଣ ନିମନ୍ତେ ଚେଷ୍ଟା କରିବା ଆବଶ୍ୟକ । ସେଥିନିମନ୍ତେ କ୍ରିୟାତ୍ମକ କାର୍ଯ୍ୟକଳାପ ଯୋଗାଇ ଦିଆଯାଇଛି । ଏହାର ଫଳାଫଳ ଆଧାରରେ ପିଲାମାନଙ୍କ ମୂଲ୍ୟାୟନ ଏବଂ ପ୍ରଦତ୍ତ ସଂକ୍ଷିପ୍ତ ଟିପ୍‌ପଣୀ ପୂରଣ କରାଯାଇ ପାରିବ ।




ମାନ ନିର୍ଦ୍ଧାରଣ, କ୍ରିୟାକଳାପର ଫଳାଫଳ ଅର୍ଥାତ୍ 'ଭଲ' କି 'ଖରାପ' ଉତ୍ତରରେ ନୁହେଁ ବରଂ ସେମାନେ ଏହି ପ୍ରକ୍ରିୟାକୁ ଭଲଭାବେ ବୁଝିପାରିଛନ୍ତି କି ନାହିଁ ଏବଂ ସେମାନଙ୍କ ଦକ୍ଷତା ଭଲଭାବେ ବିକଶିତ ହୋଇ ପାରିଛି କି ନାହିଁ ତାହା ଗୁରୁତ୍ୱପୂର୍ଣ୍ଣ ।

**ସଂକ୍ଷେପରେ –** ପ୍ରତ୍ୟେକ ଅଧ୍ୟାୟର ପାଠପଢ଼ା ସରିଲା ପରେ ପିଲାମାନେ କ'ଣ କ'ଣ ଶିକ୍ଷା ପାଇଛନ୍ତି ତାହାର ଫଳାଫଳ ବିଷୟରେ ଶିକ୍ଷକମାନେ ସଂକ୍ଷିପ୍ତ ଟିପ୍‌ପଣୀ ପ୍ରଦାନ କରିପାରିବେ । ସେହି ଅଧ୍ୟାୟରେ ନିଜର ଦକ୍ଷତାକୁ ଅନୁଭବ କରି ନିଜେ ନିଜର ମୂଲ୍ୟାୟନ କରିବାକୁ ପିଲାମାନଙ୍କୁ ମଧ୍ୟ କୁହାଯିବ । ସେମାନଙ୍କର ଏହି ଆତ୍ମସମୀକ୍ଷା ଶିକ୍ଷକମାନଙ୍କ ମନରେ ମଧ୍ୟ ପିଲାମାନଙ୍କର ବିଷୟରେ ମତାମତ ସଂଗ୍ରହ କରିବାରେ ସାହାଯ୍ୟ କରିପାରେ ।

## ସମାପ୍ତି ସୂଚକ ମାନନିର୍ଦ୍ଧାରଣ

ଶିକ୍ଷା ବର୍ଷ ଶେଷରେ ପିଲାମାନଙ୍କର କ୍ରିୟାକଳାପକୁ ଆଧାର କରି ଏହି ମାନନିର୍ଦ୍ଧାରଣ ପ୍ରକ୍ରିୟାକୁ ପରିଚାଳନା କରାଯାଇଥାଏ । ପିଲାମାନଙ୍କର ଯୋଗ୍ୟତା ଏବଂ ଦକ୍ଷତା ମିଶାଇବାକୁ ସେମାନଙ୍କର ଭିତରେ ଉଭୟ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ମାନନିର୍ଦ୍ଧାରଣ କରିବାକୁ ହେବ । ଏଥିପାଇଁ ପ୍ରତ୍ୟେକ ବିଭାଗର ଶେଷରେ ମାନନିର୍ଦ୍ଧାରଣ ଆଧାରିତ କ୍ରିୟାକଳାପର ଏକ ନମୁନା ପ୍ରଦାନ କରାଯାଇଛି ।



https://withteachers.in/

# ନାଟ୍ୟରସ



ଆମର ଦୈନନ୍ଦିନ ଜୀବନରେ ରସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି । ରସ ଗୁଡ଼ିକ ଆମ ଜୀବନରେ କ'ଣ ପାଇଁ, କାହିଁକି ଓ କେତେ ଗୁରୁତ୍ୱ ବହନ କରେ, ସେକଥା ଜାଣିବା ପାଇଁ କାହିଁ କେଉଁ ପ୍ରାଚୀନ କାଳରୁ ଆମେମାନେ ଚେଷ୍ଟା କରିଆସିଛୁ ।



**ଭରତ ମୁନିଙ୍କ ରଚିତ ନାଟ୍ୟଶାସ୍ତ୍ର ମତରେ :-**

**ଏବଂ ରସାଶ୍ଚ ଭାବାଶ୍ଚ ନାଟକେ ସ୍ଥିତାଃ ।**
**ଯ ଏବମେତାନ୍ ଜାନାତି ସ ଗଚ୍ଛେତ୍ ସିଦ୍ଧିମୁତ୍ତମାମ୍ ॥ (୧୨୫)**
**–ନାଟ୍ୟଶାସ୍ତ୍ର, ଭରତମୁନି (ଅଧ୍ୟାୟ-୭)**

ନାଟକ ପରିବେଷଣରେ ଅଭିନବ, ଭାବାବେଗ, ମାନସିକ ସ୍ଥିତି, ଭାବନା ଆଦି ସୃଷ୍ଟି କରିବାକୁ ପଡ଼ିଥାଏ ଯେତେବେଳେ ଜଣେ କଳାକାର ସେ ସବୁକୁ ଭଲ ଭାବରେ ବୁଝି ତାହାର ପ୍ରୟୋଗ କରିଥାଏ ସେତେବେଳେ ତାହା ସିଦ୍ଧି ବା ସଫଳତା ହାସଲ କରିପାରେ ।

### କ'ଣ ଶିଖିବା

- ବିଭିନ୍ନ ପର୍ଯ୍ୟାୟର ରସ
- ଲୋକଧର୍ମୀ ଓ ନାଟ୍ୟଧର୍ମୀ - ବାସ୍ତବ ଓ ଅବାସ୍ତବ ଭଳି
- ପ୍ରାଚୀନ ସ୍ଥାପତ୍ୟରେ ଶୈଳୀଗତ ପ୍ରୟୋଗ



https://withteachers.in/

ଏଥିରୁ ଜଣାପଡେ ଯେ ନାଟକରେ ଦର୍ଶକ ମାନଙ୍କ ସହିତ ଏବଂ ଆମର ସାଧାରଣ ଜୀବନରେ ଲୋକମାନଙ୍କ ସହିତ ଯୋଡି ହେବା ପାଇଁ ଭାବର ନିହାତି ଆବଶ୍ୟକ ଅଟେ । ଲୋକମାନଙ୍କ ସହ ଠିକ୍ ଭାବରେ ଏବଂ ଏକ ସକାରାତ୍ମକ ଜୀବନ ବଞ୍ଚିବା ପାଇଁ ଭାବ ଓ ରସ ଗୁଡ଼ିକ କିଭଳି କାର୍ଯ୍ୟ କରିଥାନ୍ତି ବା ସହାୟକ ହୋଇଥାନ୍ତି ତାହା ଆମେ ଜାଣିବା ନିହାତି ଗୁରୁତ୍ୱପୂର୍ଣ୍ଣ। ଆଗକୁ ଆମେ ଏ ପର୍ଯ୍ୟନ୍ତ ଯାହା ଶିଖିଲେ ଆସ ତାକୁ ଟିକେ ମନେ ପକେଇବା।



ଆମେ ପୂର୍ବବର୍ଷ ନିମ୍ନରେ ଦିଆ ଯାଇଥିବା ବିଷୟ ଗୁଡ଼ିକୁ ଆଲୋଚନା କରିଥିଲେ । ସେ ଗୁଡ଼ିକ ହେଲା –

**ମୌଳିକ ଆବେଗ**

- ଭାବ – ଜଣେ ମଣିଷର ଅନ୍ତର୍ନିହିତ ମନୋଭାବ ଏବଂ ମାନସିକ ଅବସ୍ଥା ।
- ରସ – କୌଣସି ଏକ ପରିସ୍ଥିତିକୁ ଦେଖି ଯେଉଁ ଭାବନାକୁ ଆମେ ଅନୁଭବ କରିଥାଉ ଏବଂ ତାକୁ ଭାବ ମାଧ୍ୟମରେ ପରିପ୍ରକାଶ କରିଥାଉ ତାକୁ ରସ କୁହାଯାଏ ।
- ଗୋଟିଏ ପରିସ୍ଥିତିରେ ଦୁଇ କିମ୍ୱା ତା'ଠାରୁ ଅଧିକ ଭାବ ଓ ରସକୁ ଅନୁଭବ କରିବା ।
- ଗୋଟିଏ ସମାନ ପରିସ୍ଥିତିରେ ତୁମର ଓ ତୁମ ସାଙ୍ଗମାନଙ୍କର ଭାବନା ଅଲଗା ଅଲଗା ହେବ।

**ଅଭିବ୍ୟକ୍ତି ଆବେଗ**

- ନବରସ :- ରସ ବିଷୟରେ ଭାରତୀୟ ମତ ।
- ଟ୍ରାଜେଡି କମେଡି :- ଗ୍ରୀକ୍ ମତରେ ନାଟକର ଦୁଇ ପ୍ରକାର ପ୍ରମୁଖ ନାଟ୍ୟ ପରମ୍ପରା ।
- ହଟ୍‌ସିଟ୍ ଖେଳ :- କାହାଣୀ ଉପସ୍ଥାପନ ସହିତ ଭାବକୁ ଯୋଡ଼ିବା ।
- ମୁଖା ପ୍ରସ୍ତୁତି :- ମୁଖା ଦ୍ୱାରା ଭାବ ପ୍ରକାଶ ।



https://withteachers.in/

ଆଗରୁ ଆମେ ଜାଣିଛୁ ଯେ ନାଟ୍ୟାଚାର୍ଯ୍ୟ ଭରତ ମୁନି ଗବେଷଣା କରି ନାଟକର ଆଠ ଗୋଟି ପ୍ରଧାନ ରସକୁ ଆବିଷ୍କାର କରିଛନ୍ତି ଏବଂ ପରବର୍ତ୍ତି ସମୟରେ ସେଥିରେ ଆଉ ଏକ ରସ ଯୋଗକରି ତାକୁ ନବରସରେ ପରିଣତ କରିଛନ୍ତି । ଆମେ ଏହା ସହିତ ଆଉ କିଛି ଯୋଗ କରିପାରିବା । ପିଲାମାନେ ଏସବୁ ତୁମକୁ ଉତ୍ସାହିତ ଲାଗୁଛି ନା ?

ପ୍ରଥମେ ଆରମ୍ଭ କରିବା ପାଇଁ, ଗୋଟିଏ ରସକୁ ନିଆଯାଉ ।

.............................................

ବର୍ତ୍ତମାନ, ସେହି ରସର ବିଭିନ୍ନ ସ୍ତର ଗୁଡିକର ତାଲିକା ପ୍ରସ୍ତୁତ କର କିମ୍ବା ଚିତ୍ର ମାଧ୍ୟମରେ ପ୍ରକାଶ କର ।

୧. ....................................

୨. ....................................

୩. ....................................

ଏହାକୁ ପ୍ରଦର୍ଶନ କରିବାର ଏକ ଉଦାହରଣ ଏଠାରେ ନିଆଯାଇଛି ।

## ରସ-ରୌଦ୍ର (କ୍ରୋଧ)

### ବିଭିନ୍ନ ସ୍ତର




ଏଠାରେ ଆମେ ପ୍ରତି ରସର ବିଭିନ୍ନ ସ୍ତରର ତୀବ୍ରତାକୁ ଦେଖିଛୁ । ଏହାକୁ ଉତ୍ତମ ଭାବରେ ବୁଝିବା ପାଇଁ ଗୋଟେ ଖେଳ ଖେଳିବା । ସାଙ୍ଗମେଳରେ ହସ ମଜା କଲାବେଳେ ତାହା ତୁମମାନଙ୍କୁ ପ୍ରତ୍ୟେକ ରସ ବିଷୟରେ ଭାବିବା ନିମନ୍ତେ ବାଟ କଢ଼େଇ ନେବ ।






https://withteachers.in/

## କ୍ରିୟା କଳାପ ୧.୧ : ଆବେଗ ସମ୍ବନ୍ଧୀୟ କୋଣ

କୋଠରୀର ପ୍ରତିଟି କୋଣରେ ବିଭିନ୍ନ ରସର ନାମସବୁ ଲେଖାଯାଇଛି। ଯିଏ ଯେଉଁ କୋଣରେ ଛିଡାହେବ ସେହି ରସକୁ କଥାରେ, ମୁହଁର ଭାବରେ କିମ୍ବା ଶରୀରର ଭାଷା ମାଧ୍ୟମରେ ପରିବେଷଣ କରିବ। ରସ ଗୁଡ଼ିକୁ ଚିହ୍ନିବା ପାଇଁ ଦୃଷ୍ଟି ଆକର୍ଷଣକାରି ବିଜ୍ଞାପନ ବା ପ୍ରଚାର ପତ୍ର କୋଠରୀରେ ବିଭିନ୍ନ ସ୍ଥାନରେ ରଖାଯାଇଛି। ପ୍ରତ୍ୟେକ ପିଲା ବଖରାର ମଝିରେ ଠିଆହୋଇ ଏହି ଖେଳକୁ ଆରମ୍ଭ କରିବେ। ଭଲଭାବରେ ବୁଝିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଖେଳଟିକୁ ନମୁନା ଭାବେ ଖେଳିବା।

### ପ୍ରାଥମିକ ପର୍ଯ୍ୟାୟ

ନିମ୍ନୋକ୍ତ ଚିତ୍ରରେ ଯେପରି ଦେଖାଯାଇଛି ପ୍ଲାକାର୍ଡ଼ ଗୁଡ଼ିକ କୋଠରୀ ମଧ୍ୟରେ ସେହିପରି ରଖାଯାଇଛି। ପିଲାମାନେ ମଝିରେ ଛିଡାହୋଇ ଖେଳ ପାଇଁ ପ୍ରସ୍ତୁତ ରହିବେ।




### ସୂଚନା

ତୁମେ ସମସ୍ତେ ଜଣକ ପରେ ଜଣେ ନିଜ ଇଚ୍ଛାରେ ରସ ଲେଖାଯାଇଥିବା କୋଠରୀର ଯେକୌଣସି ସ୍ଥାନକୁ ଯାଅ। ସେଠାରେ ଛିଡା ହୋଇ ତାର ଅନୁଭବ ଅନୁସାରେ ଗୋଟିଏ କିମ୍ବା ଦୁଇଟି ବାକ୍ୟ କୁହ ଏବଂ ସେହି ଅନୁସାରେ ଅଭିନୟ କର ।

### ଉଦାହରଣ

ଜଣେ ବୀର ରସକୁ ପସନ୍ଦ କରି ଏହି ସ୍ଥାନରେ ଛିଡା ହୁଅ। ଏହାକୁ ତୁମର ସ୍ୱର, ମୁହଁର ଭାବ ଏବଂ ଅଭିନୟ ମାଧ୍ୟମରେ ପ୍ରକାଶ କର। ଆଉ ଜଣେ ପିଲା ଆଉ ଗୋଟେ ରସ ବାଛି ନେଇ ସେଠାରେ ଠିଆ ହୋଇ ସ୍ୱର, ମୁହଁର ଭାବ ଏବଂ ଅଭିନୟ ମାଧ୍ୟମରେ ସେହି ରସଟିକୁ ବ୍ୟକ୍ତକରିବାକୁ ଚେଷ୍ଟାକର। ଏହିପରି ଭାବରେ ଏହାର ପରିବେଷଣ ଆଗେଇ ନିଅ।





https://withteachers.in/

ବର୍ତ୍ତମାନ ଆମେ ପ୍ରକୃତ ଅଂଶକୁ ଆସିଯାଇଛୁ ।

ଆମେ ଏବେ ବିଭିନ୍ନ ରସ ସହିତ ପରିଚିତ ହୋଇସାରିଛୁ । ବର୍ତ୍ତମାନ ଆମେ ପ୍ରତ୍ୟେକ ରସ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା । ଏହି ବହିର ୬ଷ୍ଠ ପୃଷ୍ଠାରେ ଉଦାହରଣରେ ରୌଦ୍ର ବା କ୍ରୋଧକୁ ତିନୋଟି ସ୍ତରରେ ଦର୍ଶାଯାଇଛି ଠିକ ସେହିଭଳି ଆଉ ଏକ ରସକୁ ବାଛି ଏହାର ବିଭିନ୍ନ ସ୍ତର ବିଷୟରେ ତୁମେ ଶ୍ରେଣୀରେ ଆଲୋଚନା କର ଏବଂ ସେହି ରସ ଅନୁସାରେ ପ୍ଲାକାର୍ଡ଼ ତିଆରି କର । ଯଦି ତୁମେ ଆଉ ଅଧିକ ସ୍ତରକୁ ଜାଣିପାରୁଛ, ତେବେ ତୁମେ ଏଥିରେ ଗୋଟେ ଚତୁର୍ଥ ସ୍ତର ମଧ୍ୟ ଯୋଡି ପାରିବ । ଏଠାରେ ଆଉ ଗୋଟେ ଉଦାହରଣ ମଧ୍ୟ ଦିଆଯାଉଛି ।

## ରସ : ହାସ୍ୟ

**ସ୍ତର**

୧. ତତ୍କ୍ଷଣାତ୍ ତୃପ୍ତି (ତୁମେ ତୁମର ପ୍ରୀୟ ଆଇସକ୍ରିମ୍ ଖାଇବାକୁ ପାଇଛ ।)

୨. ବ୍ୟକ୍ତିଗତ ଲକ୍ଷ୍ୟସାଧନ (ତୁମେ ଗୋଟିଏ କଷ୍ଟକର ପ୍ରତିଯୋଗିତାରେ ପୁରସ୍କାର ଜିତିଛ)

୩. ସାହାଯ୍ୟ ସହଯୋଗ (ତୁମ ସାଥି ଅସୁସ୍ଥ ଥିଲାବେଳେ ତାକୁ ତୁମେ ତୁମର ପାଠ ଖାତା ଦେଇ ସାହାଯ୍ୟ କରିଛ)

୪. ସର୍ବୋତ୍ତମ ସାହାଯ୍ୟ (ତୁମେ ତୁମର ବହି ଏବଂ ପୋଷାକପତ୍ରକୁ ନିକଟରେ ଥିବା ଅନାଥ ଆଶ୍ରମକୁ ଦାନ କରିଛ)

ବର୍ତ୍ତମାନ କୋଠରୀର ଅନ୍ୟ କୋଣଗୁଡିକର ନାମ ଅନୁସାରେ ସେମାନଙ୍କର କେନ୍ଦ୍ରରେ ଛିଡ଼ା ହୋଇ କଥା, ଅଭିନୟ ଓ ମୁହଁର ଭାବ ସାହାଯ୍ୟରେ ରସ ଗୁଡିକୁ ପରିପ୍ରକାଶ କର। ପ୍ରତ୍ୟେକ ରସ ନିମନ୍ତେ ଏହାର ପୁନରାବୃତ୍ତି କର ।

ତୁମେ ତୁମର ସ୍ୱରକୁ ବ୍ୟବହାର ନ କରି ଏପରି କରିବାକୁ ଚେଷ୍ଟା କରିପାର । ଫଳରେ ଏହା ତୁମକୁ ମୁହଁର ଭାବ ଓ ଶରୀରର ଭାଷା ଉପରେ ଗୁରୁତ୍ୱ ଦେଇଥାଏ । ଅଭିନୟ ବଦଳରେ ତୁମେ କେବଳ ସ୍ୱର ଓ ଭାବ ପ୍ରଦର୍ଶନ ଉପରେ ଗୁରୁତ୍ୱ ଦିଅ । ସବୁ ରସର ସବୁ ସ୍ତରକୁ ଶ୍ରେଣୀଗୃହରେ ଆବିଷ୍କାର କରାଯାଇପାରେ ।




**ଶିକ୍ଷକଙ୍କ ନିମନ୍ତେ ସୂଚନା :-** ପିଲାମାନଙ୍କ ମଧ୍ୟରେ ରସର ଭିନ୍ନ ଭିନ୍ନ ସ୍ତର ବିଷୟରେ ଆଲୋଚନା କରିବା ଗୁରୁତ୍ୱପୂର୍ଣ୍ଣ । ପ୍ରତିଥର ପିଲାମାନେ ଏହି ସ୍ତର ବିଷୟରେ ଭାବି ତାହାର ବିଭିନ୍ନ ସ୍ତରରେ ପହଞ୍ଚିବାକୁ ହେବ । ଏହା ସବୁ ଶ୍ରେଣୀ ନିମନ୍ତେ ସମାନ ହୋଇନପାରେ । ପ୍ରତି ଦଳର ପିଲାମାନେ ଭିନ୍ନ ଭିନ୍ନ ନାମ ଏବଂ ସ୍ତରରେ ପହଞ୍ଚପାରନ୍ତି । ଏଥିପାଇଁ କୌଣସି ଠିକ୍ ବା ଭୁଲ୍ ଉତ୍ତର ନାହିଁ । ଶିକ୍ଷକମାନଙ୍କୁ ପରାମର୍ଶ ଯେ, ସେମାନେ ଭିନ୍ନ ଭିନ୍ନ ସ୍ତରରେ ନାମ ପିଲାମାନଙ୍କୁ ନକହି ବରଂ ସେମାନଙ୍କୁ କେବଳ ଶେଷ ସ୍ତରରେ ପହଞ୍ଚି ତାହାର ନାମକରଣ କରିବାରେ ସାହାଯ୍ୟ କରିବେ ।





https://withteachers.in/

## ଅଗ୍ରସର ହେବା :-

ବର୍ତ୍ତମାନ ତୁମେମାନେ ସମସ୍ତେ ପ୍ରତ୍ୟେକ ରସ ଏବଂ ତାହାର ବିଭିନ୍ନ ତୀବ୍ରତାର ନାମ ବିଷୟରେ ଜାଣିସାରିଛ । ଚାଲ ଏବେ ଏହାକୁ ଏକ କାହାଣୀର ରୂପ ଦେବା । ବର୍ତ୍ତମାନ କୋଣଗୁଡିକୁ କେବଳ ସ୍ତରର ନାମ ଦେବା । କାହାଣୀର ପରିସ୍ଥିତି ଅନୁସାରେ ଏହା ଯେ କୌଣସି ରସର ସ୍ତର ହୋଇପାରିବ ।

**ଉଦାହରଣ :** ଏକଦା ଜଣେ ରାଣୀ ଥିଲେ, ଯିଏକି ଭାରତର ଗୋଟିଏ ବଡ଼ ପ୍ରଦେଶକୁ ଶାସନ କରୁଥିଲେ । ସେ ବହୁ ଯୁଦ୍ଧ ଲଢ଼ିଥିଲେ ଏବଂ ବୀର ଭଳି ପ୍ରଜାମାନଙ୍କୁ ସୁରକ୍ଷା ଦେଉଥିଲେ । (ଏହା ବୀର ରସ, ୩ୟ ସ୍ତର ସମସ୍ତ ପିଲାମାନେ ୩ୟ ସ୍ତରକୁ ଯାଇ ଏହି ରସ ପ୍ରକାଶ କର ।) ଦିନେ ଦୁଇ ଜଣ ଶିଶୁ ତାଙ୍କ ପାଖକୁ ଆସିଲେ ଏବଂ ତାଙ୍କୁ ସହଜରେ ପରାଜିତ କରିଦେବେ ବୋଲି କହିଲେ (ଏହା ଅଦ୍ଭୁତ ରସ, ୨ୟ ସ୍ତର । ପିଲାମାନେ ୨ୟ ସ୍ତରକୁ ଯାଇ ରସ ପ୍ରକାଶ କର ।) ସେ ହସି ହସି ଯୁଦ୍ଧ ପାଇଁ ରାଜି ହୋଇଗଲେ ।

(ହାସ୍ୟ ରସ, ୧ମ ସ୍ତର) ।



ଏହା ଏହିପରି ଚାଲେ । ଜଣକପରେ ଜଣେ ସମସ୍ତେ କାହାଣୀ ବର୍ଣ୍ଣନା କରିପାରିବେ । ସେମାନଙ୍କୁ ପ୍ରସ୍ତୁତ ହେବା ପାଇଁ ସମୟ ଦିଆଯାଇପାରେ କିମ୍ବା ସେମାନେ ସ୍ୱତଃପ୍ରବୃତ୍ତ ଭାବେ ବର୍ଣ୍ଣନା କରିପାରନ୍ତି । ପଞ୍ଚତନ୍ତ୍ର କିମ୍ବା ପୁରାଣର ଲୋକପ୍ରିୟ କାହାଣୀ ଗୁଡିକୁ ମଞ୍ଚରେ ବର୍ଣ୍ଣନା କରିପାରିବା । ଏହିପରି ଭାବରେ ଏହାର ପରିବେଷଣ ଚାଲୁରହିବ ।



**ଶିକ୍ଷକଙ୍କ ନିମନ୍ତେ ସୂଚନା :-** ପିଲାମାନେ ରସର ୩ୟ କିମ୍ବା ୪ର୍ଥ ସ୍ତରକୁ ଯେପରି ଭାବରେ ବୁଝିଛନ୍ତି ସେପରି ଭାବରେ ସେଗୁଡିକୁ ରଚନା କରିବା ନିମନ୍ତେ କହିବା ଅତ୍ୟନ୍ତ ହିତକର । ପ୍ରତ୍ୟେକ ପିଲା ନିଜେ ନିଜେ ସେମାନଙ୍କର ଅଭିଜ୍ଞତା ଅନୁସାରେ ଏହା ସ୍ଥିର କରିବେ । ସେମାନେ (ଆତ୍ମ ସଚେତନତା ବୃଦ୍ଧି ପାଇଁ) ନିଜେ ନିଜେ ଓ ତାହାର ଶବ୍ଦର ମାତ୍ରାକୁ ପ୍ରାଧାନ୍ୟ ଦେଇ ରସ ପ୍ରକାଶ କରିବା ଫଳରେ ଏହା ଅଧିକ ଯୋଗାଯୋଗ ସ୍ଥାପନ କରିଥାଏ । ଏହା ଦୃଷ୍ଟିବାଧିତ ପିଲାମାନଙ୍କ ସହିତ ମଧ୍ୟ ସମ୍ପର୍କ ସ୍ଥାପନ କରିବାକୁ ସକ୍ଷମ ହୋଇଥାଏ ।



### ଅବସର ସମୟ

୧. ଭରତମୁନୀଙ୍କ ଦ୍ୱାରା ସୂଚିତ ରସମାନଙ୍କ ସହିତ ତୁମେମାନେ ଆଉ କେତୋଟି ନୂଆ ରସ ମିଶାଇଲ ?

୨. ତୁମେ ଭାବୁଛକି ଯେ ୩ କିମ୍ବା ୪ଟି ପରସ୍ତ ଅପେକ୍ଷା ଆହୁରି ଅଧିକ ପରସ୍ତ ସୃଷ୍ଟି କରାଯାଇପାରିବ ?

୩. ସେହି ରସ ଗୁଡିକ କ'ଣ ?

୪. ତୁମେ ରସ ପ୍ରକାଶ କଲାବେଳେ ରସ ଓ ତାହାର ତୀବ୍ରତାକୁ ଅନୁଭବ କରୁଛକି ? ନା କେବଳ ତାହାକୁ ତୁମର ବାହ୍ୟ ଶରୀରରେ ପ୍ରକାଶ କରୁଛ ?





https://withteachers.in/

## ଅଭିବ୍ୟକ୍ତି ଶୈଳୀ ମାନଙ୍କର ଆବିଷ୍କାର

ତୁମେମାନେ ରସ କୋଣର ଖେଳ ଖେଳି ସାରିଛ । ସେଥିରୁ ଅନୁଭବ କରିଛ ଯେ ତୁମ ସମସ୍ତଙ୍କର ରସ ପ୍ରଦର୍ଶନ ମାର୍ଗ କିପରି ଅଲଗାଥିଲା ? ଯଦିଓ ପରିସ୍ଥିତି ଏବଂ ଅନୁଭବ ସମାନ ଥିଲା, ତେବେ କାହିଁକି କେତେଜଣ ପିଲା ସମାନ ପ୍ରକାରର ଭୟ ପ୍ରଦର୍ଶନ କଲାବେଳେ ଆଖି ବନ୍ଦ କରିଦେଉଥିଲେ ଏବଂ ଅନ୍ୟମାନେ ଆଖିକୁ ବିସ୍ତାରିତ କରିଦେଉଥିଲେ ।



ତୁମେ ଯଦି ଭାବୁଛ ସମାନ ରସର ପ୍ରଦର୍ଶନ ବିଭିନ୍ନ ଉପାୟରେ କରାଯାଉଥିଲା, ଆଉ କେତେକ ଉଦାହରଣର ତାଲିକା ପ୍ରସ୍ତୁତ କରି ପରବର୍ତ୍ତୀ ସ୍ତମ୍ଭରେ ଲେଖ ।

ରସ କିମ୍ବା ତାହାର ପ୍ରକାଶ ଶୈଳୀ ବିଷୟରେ ଯଦି ଅଧିକ କିଛି ଲେଖିବାକୁ ଚାହଁ ତାହାକୁ ମଧ୍ୟ ଲେଖିପାର । କିନ୍ତୁ ଏହି ଅଭ୍ୟାସ କରିବା ପୂର୍ବରୁ ସେହି ରସ ପରିବେଷଣକାରୀ ମାନଙ୍କୁ ଭଲ ଭାବରେ ନିରୀକ୍ଷଣ କରିବା ଗୁରୁତ୍ୱପୂର୍ଣ୍ଣ । ଶୈଳୀ ମଧ୍ୟରେ ଆଙ୍ଗିକ ଅଭିନୟ (ଶରୀରର ଭାଷା) ଏବଂ ଶବ୍ଦ (କଣ୍ଠ ସ୍ୱର)କୁ ଅନ୍ତର୍ଭୁକ୍ତ କରିପାର ।

| ରସ | ଶୈଳୀ ୧ | ଶୈଳୀ ୨ |
|---|---|---|
| (ଭୟାନକ) | ଜୋର୍‌ରେ ଆଖି ବନ୍ଦକରି ରଖିବା | ଆଖିକୁ ଖୋଲିକି ରଖିବା |
| (ରୌଦ୍ର) | | |
| | | |
| | | |
| | | |
| | | |
| | | |
| | | |

ଏହି ଅଭିବ୍ୟକ୍ତି ଶୈଳୀଗୁଡିକ କ'ଣ ? ଅଭିନୟ ଓ ପରିବେଷଣକୁ ମଧ୍ୟ ଭିନ୍ନ ଭିନ୍ନ ଶୈଳୀରେ ବିଭକ୍ତ କରାଯାଇଛି କି ? ଯଦି କରାଯାଇଛି ତାହେଲେ କେଉଁ ଆଧାରରେ କରାଯାଇଛି ? ତୁମର ସମସ୍ତ ପ୍ରଶ୍ନର ଉତ୍ତର ପାଇବାକୁ ଚେଷ୍ଟାକର ।



https://withteachers.in/

# ବିଭିନ୍ନ ଅଭିନୟ ଶୈଳୀ
## (Styles of Acting)

ଶହଶହ ବର୍ଷ ଧରି ସାରା ବିଶ୍ୱର ଅନେକ ବିଶେଷଜ୍ଞ ଓ କଳାକାରମାନେ ବିଭିନ୍ନ ଶୈଳୀର ଅଭିନୟ ଆବିଷ୍କାର କରି ଚାଲିଛନ୍ତି । ସାଧାରଣତଃ ଅଭିନେତା ବା କଳାକାରମାନଙ୍କ ଅଭିନୟର ପରିବେଷଣ ଶୈଳୀ ସେମାନଙ୍କର ସ୍ଥାନୀୟ ସଂସ୍କୃତି ଉପରେ ନିର୍ଭର କରିଥାଏ । ଏହା ବ୍ୟତୀତ ଆଉ କେତେକ ଶୈଳୀ ଅଛି ଯେଉଁଗୁଡିକ ଆଜି ପର୍ଯ୍ୟନ୍ତ ସାରା ବିଶ୍ୱରେ ପ୍ରଚଳିତ ହୋଇଆସୁଛି । ଆଉ କେତେକ ପ୍ରାଚୀନ ସଂସ୍କୃତି ଅଛି, ଯାହା ନିଜେ ନିଜର ସ୍ୱତନ୍ତ୍ର ଶୈଳୀ ସୃଷ୍ଟି କରିପାରିଛନ୍ତି । ସେଗୁଡିକ ବିଷୟରେ ଡାହାଣ ପୃଷ୍ଠାରେ ଉଲ୍ଲେଖ କରାଯାଇଛି ।

ଡାହାଣ ପୃଷ୍ଠାରେ ଥିବା ଚିତ୍ର ଗୁଡ଼ିକରେ ତୁମେମାନେ ବିଭିନ୍ନ ଶୈଳୀର ଉପସ୍ଥାପନ ଦେଖିପାରୁଛ ? ପ୍ରତ୍ୟେକ ପ୍ରତ୍ୟେକଙ୍କଠାରୁ ସଂପୂର୍ଣ୍ଣ ଅଲଗା ଦେଖାଯାଉଛନ୍ତି । ତୁମେ ଦେଖ, ଭିନ୍ନ ଭିନ୍ନ ପୋଷାକ, ଉପକରଣ, ସଙ୍ଗୀତ, ସଂଳାପ ଏବଂ ଏପରିକି ସମସ୍ତଙ୍କର କାହାଣୀ ମଧ୍ୟ ଭିନ୍ନ ଭିନ୍ନ ଅଟେ ।

ଏହିଭଳି ବିଭିନ୍ନ ପ୍ରକାରର ଶୈଳୀ ମଧ୍ୟରୁ ଆମେ କିଭଳି ଏକ ଶୈଳୀ ଚୟନ କରିବା ଯାହା ସମଗ୍ର ବିଶ୍ୱରେ ପ୍ରୟୋଗ କରାଯାଇପାରିବ । ଏହିଭଳି ସ୍ତରର ପରିବେଷଣ ଶୈଳୀ ସୃଷ୍ଟି କରିବାକୁ ହେଲେ ଆମକୁ ବାସ୍ତବ ଜୀବନର ପାଖାପାଖି ଏବଂ ସ୍ୱାଭାବିକ ଶୈଳୀମାନଙ୍କୁ ଚୟନ କରିବାକୁ ପଡିବ । ଶୈଳୀ ଏବଂ ପଦ୍ଧତି ମୂଳକ ଅଭିନୟ ଏହାର କେତେକ ଉଦାହରଣ ।

ବର୍ତ୍ତମାନ ଏହି ଛବିଗୁଡିକୁ ଦେଖି ସେଥିରେ ଥିବା ଦେଶ କିମ୍ବା ସଂସ୍କୃତି ଚିହ୍ନିବାକୁ ଚେଷ୍ଟା କର । ଏହା କଷ୍ଟକର, ଠିକ୍ ନା ? ଏହା ପୃଥିବୀର ଯେ କୌଣସି ଅଞ୍ଚଳର ହୋଇଥିଲେ ମଧ୍ୟ ବର୍ତ୍ତମାନ ସମୟରେ ତାହା ପ୍ରଚଳିତ ହେଉଅଛି ବା ଦେଖିବାକୁ ମିଳୁଛି । ତେଣୁ ଏହି ଶୈଳୀଗୁଡିକ ପୂର୍ବ ସଂସ୍କୃତି ଆଧାରିତ ଶୈଳୀଠାରୁ ବହୁତ ଭିନ୍ନ । ଏହି ଶୈଳୀ ଗୁଡିକ ଅଭିନୟ କୌଶଳ ଏବଂ ନିର୍ଦ୍ଦେଶନା ଉପରେ ଆଧାରିତ, ଯାହାକି ସବୁ ପ୍ରକାର ପାଣ୍ଡୁଲିପି କିମ୍ବା କାହାଣୀ ନିମନ୍ତେ ବ୍ୟବହାର କରାଯାଇ ପାରିବ ।

ଆସନ୍ତା ଶ୍ରେଣୀରେ ତୁମେମାନେ ଏହି ଶୈଳୀ ଗୁଡିକ ବିଷୟରେ ସବିଶେଷ ଶିକ୍ଷା ଲାଭ କରିବ ।



ଜାପାନୀ ଏବଂ ଦକ୍ଷିଣ-ପୂର୍ବ ଏସିଆ



ଭାରତର କିଛି ଭାଗରେ





ନିୟମ ଭଙ୍ଗ ଶୈଳୀ





ପଦ୍ଧତି ଅଭିନୟ



https://withteachers.in/

ଆମେମାନେ ଯାହା ଦେଖିଛୁ, ସେଥିରେ ମୁଖ୍ୟତଃ ନାଟକ ପରିବେଷଣରେ ଦୁଇ ପ୍ରକାରର ଅଭିନୟ ଶୈଳୀ ଦେଖାଯାଏ ।

୧. ଗୋଟିକରେ ବିସ୍ତୃତ ପୋଷାକ, ରୂପସଜ୍ଜା, ସଙ୍ଗୀତ, ନାଟକୀୟ ଅଭିନୟ, ବୃହଦାକାର ଅଙ୍ଗଭଙ୍ଗୀ ଏବଂ ଉଚ୍ଚ ସ୍ୱରରେ ସଂଳାପ ପରିବେଷଣ ଦେଖିବାକୁ ମିଳେ।

୨. ଅନ୍ୟଟିରେ ନିତିଦିନିଆ ଜୀବନର ପାଖାପାଖି ମନେ ହେଉଥିବା ପୋଷାକ ଓ ରୂପସଜ୍ଜା, ସ୍ୱଚ୍ଛ ସଙ୍ଗୀତ, ଅଭିନେତାମାନଙ୍କର ସାଧାରଣ ତଥା ସ୍ୱାଭାବିକ ଆଚରଣ ଦେଖାଯାଏ ।

ଆମ ପାଖରେ ଏ ଗୁଡିକର ନାମ ଅଛି କି ? କିଏ ସେମାନଙ୍କୁ ଏପରି ନାମ ଦେଲା ? ଆମେ ୬ଷ୍ଠ ଶ୍ରେଣୀରେ ଯାହା ପଢ଼ିଛୁ ସେଥିରୁ ଜାଣିଛୁ ଯେ ୨୫୦୦ ରୁ ଅଧିକ ବର୍ଷ ପୂର୍ବରୁ ଭାରତର ଜଣେ ବିଜ୍ଞ ବ୍ୟକ୍ତି ଭରତମୁନି ପରିବେଷଣ କଳାକୁ ଅଧ୍ୟୟନ ଗବେଷଣା ଏବଂ ବିଶ୍ଳେଷଣ କରି ଏହିସବୁ ଉପାଦାନର ସଂଜ୍ଞା ନିରୂପଣ କରିଯାଇଛନ୍ତି । ୨୫୦୦ ବର୍ଷ ପୂର୍ବରୁ ରଚିତ ହୋଇଥିଲେବି ଆମେ ଆଜି ପର୍ଯ୍ୟନ୍ତ ଏହାକୁ ବ୍ୟବହାର କରିଆସୁଛୁ । କାହିଁକିନା ଏହାର ପ୍ରାସଙ୍ଗିକତା ଆଜି ପର୍ଯ୍ୟନ୍ତ ରହି ଆସିଛି । ତାଙ୍କ ରଚିତ ନାଟ୍ୟ ଶାସ୍ତ୍ରର ନିଖୁଣ ବର୍ଣ୍ଣନାର ସ୍ତର ଏବଂ ତାଙ୍କ କାର୍ଯ୍ୟ ଦକ୍ଷତା ଆଶ୍ଚର୍ଯ୍ୟ ଜନକ ଅଟେ । ସେ ନାଟକର ପରିବେଷଣ ଶୈଳୀକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି ।

**ନାଟ୍ୟ ଧର୍ମୀ –** ବୃହଦାକାର, ଅତିରଞ୍ଜିତ ଗତି, ଅତି ଅଧିକ ଅଭିବ୍ୟକ୍ତି, ଉଚ୍ଚ ସ୍ୱର, ବିସ୍ତୃତ ତଥା ଉଜ୍ଜ୍ୱଳ ପୋଷାକ ଏବଂ ରୂପ ସଜ୍ଜା, ନାନା ଶୈଳୀକୁ ନାଟ୍ୟ ଧର୍ମୀ କୁହାଯାଏ ।

**ଲୋକ ଧର୍ମୀ –** ବାସ୍ତବ ଜୀବନ ଭଳି ପରିବେଷଣ, ସ୍ୱାଭାବିକ ଅଭିନୟ ସାଙ୍ଗକୁ ଅଭିବ୍ୟକ୍ତି ଓ ପୋଷାକ ଏବଂ ବାସ୍ତବ ଭଳି ଦେଖାଯାଉଥିବା ପରିବେଷଣ ଶୈଳୀକୁ ଲୋକଧର୍ମୀ କୁହାଯାଏ। ଏହାକୁ ଦେଖିଲେ ଆମକୁ କୌଣସି ନାଟକ ଦେଖିଲାଭଳି ମନେ ହୁଏ ନାହିଁ । ସତେଯେମିତି ମଞ୍ଚରେ ଆମ ସ୍ୱାଭାବିକ ଜୀବନର ଏକ ବାସ୍ତବ ଘଟଣା ଦେଖିଲା ଭଳି ମନେ ହୁଏ ।

## ଦିଆଯାଇଥିବା ଚିତ୍ରମାନଙ୍କ ମଧ୍ୟରୁ କେଉଁଗୁଡ଼ିକ ନାଟ୍ୟଧର୍ମୀ ଓ ଲୋକଧର୍ମୀ ଚିହ୍ନଟ କର ।

| | | | | | |
|---|---|---|---|---|---|
|  |  |  |  |  |  |
| | | | | | |



https://withteachers.in/

ଏହା ନାଟ୍ୟ ଶାସ୍ତ୍ରର ଏକ ପଂକ୍ତି ଯେଉଁଥିରେ କି ପ୍ରାକୃତିକ ଏବଂ ଶୈଳୀଗତ ଅଭିନୟ ବିଷୟରେ ସୂଚନା ପ୍ରଦାନ କରାଯାଇଛି ।

ଲୋକଧର୍ମୀ ନାଟ୍ୟଧର୍ମୀ ଧର୍ମୀତି ତୁ ଦ୍ୱିଧା : ସ୍ମୃତଃ ।
ଭାରତୀ ସାତ୍ୱତୀ ଚୈବ କୈଶିକ୍ୟାରଭଟ୍ଟୀ ତଥା ।୨୪।

**ଏହାର ଅର୍ଥ ହେଉଛି:** ନାଟ୍ୟ ପରିବେଷଣରେ ପ୍ରଚଳିତ ହେଉଥିବା ଶୈଳୀ ମୁଖ୍ୟତଃ ଦୁଇ ପ୍ରକାରର-

୧. ଲୋକଧର୍ମୀ ବା ବାସ୍ତବିକ।
୨. ନାଟ୍ୟଧର୍ମୀ ବା ନାଟକୀୟ।

## କ୍ରିୟା କଳାପ ୧.୨ ଯତ୍ନର ସହିତ ତୁମର ଶୈଳୀ ଚୟନ କର ।



ଅଭିନୟର ଦୁଇଟି ଶୈଳୀ ସହିତ ପରିଚିତ ହେବା ପାଇଁ ଏହି କ୍ରିୟା କଳାପ କରାଯାଉଛି । ପ୍ରଥମେ ଛୋଟ ଛୋଟ କାଗଜ ଖଣ୍ଡ ବା ଚିରିକୁଟିରେ ଗୋଟିଏ ଗୋଟିଏ ସରଳ ଅଭିନୟ ଲେଖି ରଖ ।

**ଉଦାହରଣ :** ଅନେକ ଗାତ ଥିବା ରାସ୍ତାରେ ଚାଲୁଛ, ବ୍ୟାଗ ଭିତରୁ ଉପହାର ବାହାର କରୁଛ, ତୁମର ପ୍ରିୟ ଖାଦ୍ୟ ଖାଉଛ ।

### ମୌଳିକ ପର୍ଯ୍ୟାୟ

ଭଙ୍ଗା ହୋଇଥିବା କେତେଗୁଡ଼ିଏ ଚିରିକୁଟି ଟେବୁଲ ଉପରେ ରଖାଯାଇଛି । ପ୍ରତିପିଲା ଗୋଟିଏ ଗୋଟିଏ ଚିରିକୁଟି ବାଛି ନିଅ । ସେଥିରେ ଲେଖାଥିବା ବାକ୍ୟକୁ ପଢ଼ । ପିଲାମାନେ ନିଜ ଇଚ୍ଛା ଅନୁସାରେ ପ୍ରାକୃତିକ କିମ୍ବା ଶୈଳୀଗତ ଅଭିନୟ ପରିବେଷଣ କର। ପ୍ରତ୍ୟେକ ପିଲା ବାସ୍ତବବାଦୀ, ଶୈଳୀଗତ କିମ୍ବା ଉଭୟ ପ୍ରକାରର ଅଭିନୟ କରିବା ନିମନ୍ତେ ସୁଯୋଗ ପାଇଲା ଭଳି ପରିବେଶ ସୃଷ୍ଟି କର।

### ଅଗ୍ରସର ପର୍ଯ୍ୟାୟ

ଆଉକେତେକ ଚିରିକୁଟି ଅଭିନୟ ନିମନ୍ତେ ରଖାଯାଇଛି। ଏଥିରେ 'ବାସ୍ତବବାଦୀ' 'ଶୈଳୀଗତ' ଏବଂ 'ଉଭୟ' ଲେଖା ହୋଇଛି । ପିଲାମାନେ ଦୁଇଟିରୁ ଗୋଟିଏ ଚିରିକୁଟି ନେଇ ସେଥିରେ ଯାହା ଲେଖାଯାଇଛି ତାକୁ ପଢ଼ । ସେହି ଅନୁସାରେ ଅଭିନୟ କରିବାକୁ ଚେଷ୍ଟା କର । ଥରକୁ ଥର ଭିନ୍ନ ଭିନ୍ନ ସଂଯୋଗର ଚିରିକୁଟି ଉଠାଇ ବାରମ୍ବାର ଅଭ୍ୟାସ କର ।

### ଅବସର ସମୟ

- ଉଭୟ ପ୍ରକାରର ଅଭିନୟ ଶୈଳୀ ମଧ୍ୟରେ କି କି ପ୍ରଭେଦ ଦେଖିଲ ?
- କେଉଁ ପଦ୍ଧତିଟି ଅଧିକ ପ୍ରଭାବଶାଳୀ ଏବଂ କାହିଁକି ?
- ସିନେମା, ଟେଲିଭିଜନ୍‌ରେ ତୁମେମାନେ ଦେଖିଥିବା ଶୈଳୀ ଗତ ଅଭିନୟକୁ ନିଜ ନିଜ ଭିତରେ ଉଦାହରଣ ମାଧ୍ୟମରେ ବିନିମୟ କର ।





https://withteachers.in/

ଶୈଳୀଗତ କଳା ଓ ବିଧି ଗୁଡିକର ପରିବେଷଣ ବିଷୟରେ ଆଲୋଚନା କଲାବେଳେ, ସର୍ବପ୍ରଥମେ ପ୍ରାଚୀନ ଯୁଗର କୋଠା ବାଡର କାନ୍ଥ ସହିତ ମନ୍ଦିର ଗାତ୍ରରେ ଖୋଦେଇ ହୋଇଥିବା ପ୍ରାଚୁର୍ଯ୍ୟମୟ ଓ ସୁନ୍ଦର ସୁନ୍ଦର କଳାକୃତି ଗୁଡିକ ଆମ ମନଭିତରକୁ ଚାଲିଆସେ । ତୁମେମାନେ ଏବେ ଏବେ ଦେଖୁଥିବା କେତେକ ଖୋଦେଇ ହୋଇଥିବା କଳାକୃତୀକୁ ମନେପକାଇ ପାରିବ ?

କୋଠାର ନାମ ........................................................................

ସ୍ଥାନ ..................................................

ସେହି କଳାକୃତୀରେ ଦେଖିଥିବା ଗୋଟିଏ ଅନନ୍ୟ କାର୍ଯ୍ୟର ନାମ ଲେଖ । ଏହା ଆମକୁ ରସ ଆବିଷ୍କାରର ପରବର୍ତ୍ତୀ ଭାଗକୁ ନେଇ ଆସେ ।

..........................................................................................

## ପ୍ରାଚୀନ ସ୍ଥାପତ୍ୟ

ଭାରତୀୟ ସଂସ୍କୃତିର ବିଶେଷତ୍ୱ ଏହା ଯେ ଖୋଦେଇ ହୋଇଥିବା ଐତିହ୍ୟ ସମ୍ପନ୍ନ ସ୍ଥାପତ୍ୟ ଗୁଡିକ ପ୍ରାଚୀନ ହୋଇଥିଲେ ମଧ୍ୟ ସେଗୁଡିକର ଉପାଦେୟତା ଆମ ନିତିଦିନିଆ ଜୀବନରେ ଏବେ ମଧ୍ୟ ରହିଛି ।

ଭାରତୀୟ ସ୍ଥାପତ୍ୟର ଚମତ୍କାର ଖୋଦେଇ କାରୁକାର୍ଯ୍ୟମୟ ମୂର୍ତ୍ତି ଗୁଡିକରେ ପୂରି ରହିଛି ମଣିଷର ରସ ପଥର ଦେହରେ ଖୋଦେଇ ହୋଇଛି ନବରସର ମଧୁର ସୁଗନ୍ଧ । ଦେଶର ସବୁ ପ୍ରାନ୍ତରରେ ଏହିଭଳି ବିଭିନ୍ନ ଶୈଳୀର ଖୋଦେଇ କଳା ଦେଖିବାକୁ ମିଳେ । ଏଗୁଡିକ ରାଜବଂଶ ଓ ଏହାର ଇତିହାସକୁ ମଧ୍ୟ ସୂଚେଇ ଦିଏ । ପ୍ରତ୍ୟେକ କୋଠା, ମନ୍ଦିର ଓ ଭାସ୍କର୍ଯ୍ୟ ନୂଆ ନୂଆ ଅଲଗା କାହାଣୀ କହିଥାଏ ।

ଯେଉଁ ଖୋଦେଇ ହୋଇଥିବା ଭାସ୍କର୍ଯ୍ୟରେ ରସ ଚିତ୍ରିତ ହୋଇଥାଏ, ତା'ଭିତରେ ଅନେକ ଗପ ଏବଂ ଅନେକ ରସ ମଧ୍ୟ ଲୁଚି ରହିଥାଏ । ଏଠାରେ ସେଥିମଧ୍ୟରୁ ନିମ୍ନରେ ଏକ ଉଦାହରଣ ଦିଆଯାଇଛି ।



*ସଲ୍ଲ ନାମକ ଜଣେ ଯୁବକ ସିଂହ ସହିତ ଲଢ଼େଇ କରୁଛନ୍ତି ।*

**ଏହା କେଉଁ ରସ ପରିବେଷଣ କରୁଛି ?**

ବୀରତ୍ୱ ଓ ସାହସିକତା- *ବୀର ରସ* ।

ଏହା କର୍ଣ୍ଣାଟକର ବେଲୁରଠାରେ ଥିବା ଚେନ୍ନାକେଶବ ମନ୍ଦିରର ପଥରଖୋଦେଇ ମୂର୍ତ୍ତୀ । ହୋୟଶାଳ ରାଜବଂଶ, ଯେଉଁମାନେ ଏହି ସ୍ଥାନକୁ ସେତେବେଳେ ଶାସନ କରୁଥିଲେ । ଏହିଠାରୁ ସେହିନାମ ପାଇଥିଲେ- ହୋୟଶାଳ, ଯାହାର ଅର୍ଥ ସିଂହକୁ ହତ୍ୟା କଲା ସଲ୍ଲ । (୧୦୦୬-୧୩୪୭ ଖ୍ରୀଷ୍ଟାବ୍ଦ)





https://withteachers.in/



ଖୋଦେଇ କରା ଏକ ଦ୍ୱାରପାଳ ମୂର୍ତ୍ତୀ । ଏହା ଭୟାନକ ରସ ପରିବେଷଣ କରେ । ଏହା ସତରେ ଭୟଙ୍କର ଦେଖାଯାଉ ନାହିଁ କି ?

ଏହି ଭୟାନକ ରସର ମୂର୍ତ୍ତି ନକାରାତ୍ମକ ଶକ୍ତିକୁ ଦୂରେଇ ଦେବା ନିମନ୍ତେ ଉଦ୍ଦିଷ୍ଟ ।

ତାମିଲନାଡୁ ତଞ୍ଜାଭୁରର ବୃହଦେଶ୍ୱର ମନ୍ଦିରରେ ଏଭଳି ଆହୁରି ଅନେକ ମୂର୍ତ୍ତି ତୁମେମାନେ ଦେଖିପାରିବ। ଏହା ଚୋଳ ରାଜବଂଶ ଦ୍ୱାରା ନିର୍ମିତ ହୋଇଥିଲା । (୮୧୫-୧୨୮୦ ଖ୍ରୀଷ୍ଟାବ୍ଦ)




ଏହି ମନ୍ଦିରର ପଥର ଗୁଡିକୁ ଏକାଠି ଯୋଡେଇ କରିବାକୁ ସିମେଣ୍ଟ କିମ୍ବା ମାଟି ବ୍ୟବହାର କରିଯାଇନଥିଲା। ସବୁ ଆଧୁନିକ କୋଠା ଘରର ମୂଳଦୁଆ ଭଳି ଏହି ମନ୍ଦିରର କୌଣସି ଚିରାଚରିତ ମୂଳଦୁଆ ନାହିଁ ।

ଏହା ସତ୍ତ୍ୱେ ଏହା ଏକ ଉଚ୍ଚତମ ମନ୍ଦିର ।

ଏହା ମଧ୍ୟ ଭୂମିକମ୍ପ ଓ ବାତ୍ୟାର ସାମ୍ନାକରି ୧୦୦୦ ବର୍ଷରୁ ଅଧିକ ସମୟ ଧରି ଠିଆ ହୋଇ ରହିଛି ।



ଏହା ଏକ ଆକର୍ଷଣୀୟ ପଥର ମୂର୍ତ୍ତୀ । ଯେଉଁଥିରେ ଗୋଟିଏ ମୂର୍ତ୍ତିରେ ତିନୋଟି ଭାବ ପ୍ରକାଶିତ ହୋଇଛି । ଏହା ମହାରାଷ୍ଟ୍ରର ଏଲିଫାଣ୍ଟା ଗୁମ୍ଫାର ତ୍ରିମୂର୍ତ୍ତି । ଏଥିରେ ଶିବଙ୍କର ତିନୋଟି ମୁହଁ ଅଛି । ପ୍ରତ୍ୟେକଟି ମୁହଁ ଅଲଗା ଅଲଗା ରସ ଓ ଅର୍ଥପ୍ରକାଶ କରୁଛି- ସୃଷ୍ଟି, ସ୍ଥିତି ଓ ପ୍ରଳୟ । ଏହା ରାଷ୍ଟ୍ରକୁଟ ରାଜ ବଂଶ (୭୭୫-୯୭୫ ଖ୍ରୀଷ୍ଟାବ୍ଦ) ଦ୍ୱାରା ନିର୍ମିତ ହୋଇଛି ।



https://withteachers.in/

## କ୍ରିୟାକଳାପ ୧.୩: ଚିତ୍ରଟିଏ ଖୋଜ

ତୁମେ ଦେଖିଥିବା ଏକ ମନ୍ଦିର ମୂର୍ତ୍ତିର ଚିତ୍ର ନିମ୍ନରେ ଥିବା ଚାରିକୋଣିଆ ସ୍ଥାନରେ ଅଠା ଦେଇ ଲଗାଅ ।

ସେହି ମୂର୍ତ୍ତିର ରସ ଏବଂ ତାହା ପଛର କାହାଣୀକୁ ବର୍ଣ୍ଣନା କର ।

## ସାରା ଜୀବନର ସମର୍ପଣ

ଯଦି ତୁମେମାନେ ସମୟସୀମାକୁ ଦେଖ, କଳାତ୍ମକ ପୂର୍ଣ୍ଣତା ଲାଭ କରିଥିବା ଏହିସବୁ ପଥର ଖୋଦେଇ ମୂର୍ତ୍ତି ବା କାରୁକାର୍ଯ୍ୟ ଗୁଡ଼ିକ ଶହ ଶହ ବର୍ଷ ଧରି ବଞ୍ଚି ରହିଛି କିନ୍ତୁ ବର୍ତ୍ତମାନ ସମୟରେ କୋଠା ଗୁଡିକ ହୁଏତ କେତୋଟି ଦଶନ୍ଧି ମଧ୍ୟ ରହି ପାରୁନି। ସେମାନଙ୍କ ମଧ୍ୟରେ କ'ଣ ପ୍ରଭେଦ ଅଛି ? ସେହ ପ୍ରଭେଦଟି ହେଲା ମନ୍ଦିର ଗୁଡିକର ଭାସ୍କର୍ଯ୍ୟ କାର୍ଯ୍ୟରେ ଲିପ୍ତ ରହିଥିବା ଶିଳ୍ପୀମାନେ ଏହାକୁ ଭଗବାନଙ୍କ କାମ ବୋଲି ଭାବୁଥିଲେ। ତେଣୁ ସେମାନେ ମାନପ୍ରାଣ ଦେଇ ସମୟ ଓ ଶ୍ରମ ଦାନ କରୁଥିଲେ। ଭଗବାନଙ୍କ କାମରେ କିଛି ତ୍ରୁଟି ନ ହେବାପାଇଁ ସାମାନ୍ୟ ଆଞ୍ଚୁଡା ଚିହ୍ନ ବା ଖୁଣକୁ ମଧ୍ୟ ପାପ ବୋଲି ବିବେଚନା କରା ଯାଉଥିଲା । ତେଣୁ ଭଗବାନଙ୍କ କାର୍ଯ୍ୟରେ କିଛି ଭୁଲ ହେଉନଥିଲା। ତାହାହିଁ ଉତ୍ସର୍ଗ ବା ସମର୍ପଣର ସ୍ତର ଥିଲା । ଆଜିର ସମାଜରେ ବେତନ ପାଉଥିବା ଚାକିରି ଭଳି କେବେହେଲେ ତାକୁ ବିବେଚନା କରାଯାଉନଥିଲା ।

ଏଠାରେ ଏକ ଆକର୍ଷଣୀୟ କାହାଣୀ ଅଛି ଯେଉଁଥିରେ ସେତେବେଳର ଶିଳ୍ପୀମାନଙ୍କ ସମର୍ପଣ ମନୋଭାବ କେତେ ଊର୍ଦ୍ଧ୍ୱରେ ଥିଲା ସେକଥା ବର୍ଣ୍ଣନା କରାଯାଇଛି ତାହାକୁ ସତବୋଲି ବିଶ୍ୱାସ କରାଯାଏ ।

ହୟଶାଳ ରାଜ୍ୟର ରାଜା ହୟ ଦକ୍ଷଶିଳ୍ପୀ ଜକନ୍ନଚାରୀଙ୍କୁ ଗୋଟିଏ ବିଶାଳ ମନ୍ଦିର ତୋଳିବାକୁ ଆଦେଶ କଲେ । କର୍ମ ପ୍ରତି ସେ ଏପରି ଉତ୍ସର୍ଗୀକୃତ ହୋଇଗଲେ ଯେ ସେ ଘରଦ୍ୱାର ଛାଡି ମନ୍ଦିର ତିଆରି କାମରେ ବୁଡି ରହିଲେ । କୁହାଯାଏ ଯେ ଭଗବାନଙ୍କଠାରୁ ଆଶୀର୍ବାଦ ପାଇଲାପରେ ସେ କୁଆଡ଼େ ପ୍ରତ୍ୟେକଟି ପଥରକୁ ବାଛୁଥିଲେ। ବହୁ ବର୍ଷ ଧରି ସେ ତାଙ୍କ ଘରଠାରୁ ଦୂରେଇ ରହିଥିଲେ ଫଳରେ ସେ ତାଙ୍କ ପରିବାର ବିଷୟରେ କିଛି ଜାଣୁନଥିଲେ। ଦିନେ ଜଣେ ଯୁବଶିଳ୍ପୀ ତାଙ୍କ ଦଳରେ ଯୋଗଦେଲେ ଏବଂ ସଙ୍ଗେସଙ୍ଗେ ଗୋଟିଏ ପଥର ମୂର୍ତ୍ତିରେ ବହୁତ ବଡ ତ୍ରୁଟି ବାହାରକଲେ।



https://withteachers.in/



ଜକନ୍ନଚାରି ସଦାବେଳେ ସବୁ କାମକୁ ନିଖୁଣ ଭାବରେ କରୁଥିଲେ ।

ସେ ତ୍ରୁଟି କରିବା କଥା କେବେ ଶୁଣାଯାଇନଥିଲା । କିନ୍ତୁ ଗୋଟିଏ ପରୀକ୍ଷା କରାଗଲା ଏବଂ ମୂର୍ତ୍ତିର ନାଭି ମଣ୍ଡଳରେ ଗୋଟିଏ ଗାତ ଥିବା ଜଣାପଡିଲା, ଯେଉଁଠି ଗୋଟିଏ ବେଙ୍ଗ ବାସକରୁଥିଲା । ଏହା, ଏହି ମହାନ୍ ଶିଳ୍ପୀଙ୍କ କାର୍ଯ୍ୟ ପ୍ରତି ଗୋଟେ ଶକ୍ତ ଧକ୍କା ଥିଲା । ତାଙ୍କୁ ଦିଆଯାଇଥିବା ଭଗବାନଙ୍କ କାମ କରିବାକୁ ସେ ନିଜକୁ ଅଯୋଗ୍ୟ ମନେ କଲେ ଓ ନିଜର ଶପଥ ଅନୁସାରେ ନିଜର ଦୁଇଟି ଯାକ ହାତକୁ କାଟିଦେଲେ ।

ଏହାପରେ ଜଣାପଡିଲା ଯେ, ତାଙ୍କର ତ୍ରୁଟି ବାହାର କରିଥିବା ସେହି ଯୁବକ ଜଣକ ଆଉ କେହି ନୁହନ୍ତି, ନିପୁଣ ଶିଳ୍ପୀଙ୍କ ପୁଅ ଡ଼ଙ୍କନଚାରି । ଏହାଶୁଣି ଜକନ୍ନଚାରି ପୁଅର ଏଭଳି କାର୍ଯ୍ୟକୁ ଏକ ଆଶୀର୍ବାଦ ମନେକରି ନିଜର ନିଷ୍ଠାପର ଓ ଦକ୍ଷ ପୁଅ ପାଇଁ ଗର୍ବିତ ଓ କୃତଜ୍ଞ ମନେକଲେ। ଏହାପରେ ସେ ପୁଣି କାମ ଆରମ୍ଭ କରି ମନ୍ଦିର ତୋଳିବା କାର୍ଯ୍ୟ ଶେଷକଲେ । ଏହାମଧ୍ୟ ଶୁଣାଯାଏ ଯେ, ଭଗବାନଙ୍କ ଆଶୀର୍ବାଦ ବଦଳରେ ସେ ତାଙ୍କର କଟା ହାତ ଫେରିପାଇଲେ ଏବଂ ପିତାପୁତ୍ର ଦୁହେଁ ମିଶି କର୍ଣ୍ଣାଟକର ବେଲୁରଠାରେ ମନ୍ଦିର ତୋଳିଲେ ।

ଏବେବି ଆମେ ଏହି କୀର୍ତ୍ତି ରାଜିକୁ ବିସ୍ମୟରେ ଅନାଇ ରହୁ । ଏବେକାର କୌଣସି ଅଟ୍ଟାଳିକାର ସ୍ଥାପତ୍ୟ ଶୈଳୀ ସେତେବେଳର ପୁଙ୍ଖାନୁପୁଙ୍ଖ କଳାତ୍ମକ କାରୁକାର୍ଯ୍ୟ ସହିତ ସମକକ୍ଷ ହୋଇପାରିବ ବୋଲି ତୁମେମାନେ ଭାବୁଛ କି ?

ସେତେବେଳେ ଏହା ସମ୍ଭବ ହୋଇଥିଲା ହଜାର ହଜାର ଶିଳ୍ପୀମାନଙ୍କର ଉତ୍ସର୍ଗୀକୃତ ମନୋଭାବ, ନିଷ୍ଠା, ଦାୟିତ୍ୱ ଏବଂ ଅନବରତ କର୍ମ ଯୋଗୁଁ।



## ଅବସର ସମୟ

- ଫଟୋ ଚିତ୍ର କିମ୍ୱା କୌଣସି ଘଟଣା ଯେଉଁଠି ତୁମେ ରସ ଦେଖିଛ ସେ ବିଷୟରେ ସାଙ୍ଗସାଥି ମାନଙ୍କ ସହିତ ଅଧିକ ଉଦାହରଣ ମାଧ୍ୟମରେ ଭବବିନିମୟ କର ।
- ତୁମକୁ ଯଦି ଏହିଭଳି ଏକ ମନ୍ଦିର ତିଆରି କରିବାକୁ ଦିଆଯାଏ ତାହାହେଲେ ତୁମେ ସେଥିପାଇଁ କେମିତି ପ୍ରସ୍ତୁତ ହେବ ?
- ତୁମେ ଏହାକୁ ଅଭ୍ୟାସ କରିବାକୁ କେତେ ସମୟ ନେବ ? ତୁମେ କଣ ଏହାକୁ ବିଦ୍ୟାଳୟ କାର୍ଯ୍ୟରେ ପ୍ରୟୋଗ କରିପାରିବ ?





https://withteachers.in/

# ସାରାଂଶ - ଜୀବନ ପାଇଁ ଶିକ୍ଷା

## ନାଟକ ଓ ଜୀବନ

ତୁମେମାନେ କେବେ ଦେଖିଛ, ଭିନ୍ନ ଭିନ୍ନ ଲୋକମାନେ ଭିନ୍ନ ଭିନ୍ନ ଭାବରେ ରସ ପ୍ରକାଶ କରନ୍ତି କେହି କେହି ଉତ୍ତେଜିତ ଅବସ୍ଥାରେ ହସି ପାରନ୍ତି, ଆଉ କେହି କେହି ଦୁଃଖରେ ନୀରବ ହୋଇଯାନ୍ତି । ନାଟକ ଆମକୁ ଏହି ରସଗୁଡ଼ିକୁ ବୁଝିବାକୁ ଏବଂ ସେଗୁଡ଼ିକୁ ପରିପ୍ରକାଶ କରିପାରିବାର ଉପାୟ ଜାଣିବାରେ ସାହାଯ୍ୟ କରେ । ପ୍ରତିବଦଳରେ ଏହା ଅନ୍ୟମାନଙ୍କର ଭାବ, ରସକୁ ଭଲଭାବେ  ବୁଝିବାପାଇଁ ମଧ୍ୟ ସାହାଯ୍ୟ କରେ । ଯାହାକୁ କି ସହାନୁଭୁତି କୁହାଯାଏ ।

ଷଷ୍ଠ ଶ୍ରେଣୀରେ ତୁମେମାନେ ଯେହେତୁ ରସମୟ କୋଣ କିମ୍ୱା ହଟ୍ ସିଟ୍ (Hot Seat) ଖେଳ ଖେଳିଛ ତୁମେମାନେ ଶିଖିଛ ଯେ ଅନୁଭବ କରିବା କିମ୍ୱା ନିଜକୁ ପ୍ରକାଶ କରିବାପାଇଁ କୌଣସି 'ସଠିକ୍' ଉପାୟ ନାହିଁ । ଯେହେତୁ ଖେଳିବା ବେଳେ ତୁମେ ଅନ୍ୟମାନଙ୍କୁ ନିରୀକ୍ଷଣ କରିଛ ତୁମେ ଦେଖିଛ ଯେ ଭିନ୍ନ ଭିନ୍ନ ଲୋକ ଭିନ୍ନ ଭିନ୍ନ ଭାବେ କେବଳ ପ୍ରକାଶ କରନ୍ତି ନାହିଁ, ବରଂ ପରିସ୍ଥିତି ଗୁଡ଼ିକୁ ଭିନ୍ନ ଭିନ୍ନ ଭାବେ ଉପଲବ୍ଧି ଓ ଅନୁଭବ ମଧ୍ୟ କରିଥାନ୍ତି । ଏହାକୁ ବୁଝି ଗ୍ରହଣ କରିବାର କ୍ଷମତା ତୁମ ଭାବ ଜଗତକୁ ସୁଦୃଢ଼ କରିବ ।

ସବୁ ରସ ସମାନ ବୋଲି ନାଟକର ଏହି କ୍ରିୟା କଳାପ ଗୁଡ଼ିକ ମଧ୍ୟ ତୁମକୁ ବୁଝେଇବାରେ ସାହାଯ୍ୟ କରେ । ତୁମେ ଯେଉଁ ସବୁ ହାକାଣୀକୁ ବୁଝୁଛ ସେଥିରେ ଉଭୟ ହସ ଓ ଆନନ୍ଦ ସହିତ କ୍ରୋଧ ଓ ଈର୍ଷାର ପରିସ୍ଥିତି ମଧ୍ୟ ଥାଏ । ଏହା ବାସ୍ତବ ଜୀବନରେ ମଧ୍ୟ ସତ୍ୟ । ଯେହେତୁ ପ୍ରାଚୀନ ଧର୍ମ ଗ୍ରନ୍ଥ ଏବଂ ସ୍ଥାପତ୍ୟ ଯେପରି ଦର୍ଶାଏ ସେହିଭଳି ଆମେ ସବୁ ରସକୁ ସମାନ ଭାବେ ଗ୍ରହଣ କରି ମନରେ କୌଣସି ଆବିଳତା ନରଖି ସ୍ୱାଧୀନ ଭାବେ ସେଗୁଡ଼ିକୁ ବ୍ୟକ୍ତ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଠିକ୍ ଯେମିତି ନାଟକର କ୍ରିୟା କଳାପ ଗୁଡ଼ିକ ତୁମକୁ କେବଳ ହସ୍ୟ ରସାତ୍ମକ ପରିସ୍ଥିତିକୁ ପରିବେଷଣ କରି ଦୁଃଖ ଶୋକ ଗୁଡ଼ିକୁ ଛାଡି ଦେବାର ଆଶା ରଖେନାହିଁ ।

ସେହିପରି ସାଧାରଣ ଜୀବନରେ ମଧ୍ୟ ତୁମେମାନେ ସବୁ ରସକୁ ଅନୁଭବ କରି ସେହି ଗୁଡ଼ିକୁ ପ୍ରକାଶ କରିବାକୁ ସକ୍ଷମ ହେବା ନିହାତି ଆବଶ୍ୟକ କିନ୍ତୁ ନାଟକଭଳି କୌଣସି କଥାକୁ ଅତି ଅଧିକ ମାତ୍ରାରେ କରିବା ଅନୁଚିତ୍ ଅଟେ । କେବଳ ମଞ୍ଚରେ ଅଭିନୟ କରିବା ନାଟକ ନୁହେଁ ବରଂ ଏହା ଦ୍ୱାରା ଅନୁଭବ କରିବା, ଉନ୍ନତି କରିବା ଏବଂ ଲୋକମାନଙ୍କ ସହିତ ସୁସମ୍ପର୍କ ରଖିବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାକୁ ମାନସିକ ବୁଦ୍ଧିମତା (Emotional Enteligence) କୁହାଯାଏ । ଜୀବନ ମଧ୍ୟ ନାଟକ ଭଳି ଆଶ୍ଚର୍ଯ୍ୟରେ ପରିପୂର୍ଣ୍ଣ କିନ୍ତୁ ସହାନୁଭୂତି, ଆତ୍ମବିଶ୍ୱାସ ଏବଂ ଗୋଟିଏ ଖୋଲା ହୃଦୟ ସହିତ ତୁମେମାନେ ଯେକୌଣସି ପରିସ୍ଥିତିର ସମ୍ମୁଖିନ ହେବାକୁ ପ୍ରସ୍ତୁତ ହେବା ଆବଶ୍ୟକ ।



https://withteachers.in/

# ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ

## ଅଧ୍ୟାୟ ୧୩ : ରସବୁଝାମଣା

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ର/ଛାତ୍ରୀ |
|---|---|---|---|---|
| ୧. | ୧.୧ | ରସର ବିଭିନ୍ନ ତୀବ୍ରତାକୁ ଚିହ୍ନି ଅଭିନୟ, ଅଭିବ୍ୟକ୍ତି ଏବଂ ସଂଳାପ ମାଧ୍ୟମରେ ପରିପ୍ରକାଶ କରିବା । | | |
| ୧. | ୧.୧ | ଅଭିନୟ ଓ ଅଭିବ୍ୟକ୍ତି ମାଧ୍ୟମରେ ରସ ପ୍ରକାଶ କରୁଥିବା ଖୋଦିତ ମୂର୍ତ୍ତି କିମ୍ବା କଳାକୃତି ଗୁଡିକୁ ଚିହ୍ନିବା ଏବଂ ମନେ ପକାଇବା । | | |
| ୧. | ୧୧.୧୨ | ସହପାଠୀମାନେ କିପରି ଗୋଟିଏ ପରିସ୍ଥିତିକୁ ଭିନ୍ନ ଭିନ୍ନ ଭାବରେ ଉପଲବ୍ଧି କରନ୍ତି ତାକୁ ସହୃଦୟତାର ସହିତ ବୁଝି ଗ୍ରହଣ କରି ତାହାର ଆଲୋଚନା କରିବା । | | |
| ୧. | ୧.୨ | ଭିନ୍ନ ଭିନ୍ନ ସ୍ତରର ରସକୁ ସଂଯୋଗ କରି ସ୍ୱାଧୀନ ଭାବରେ କାହାଣୀଗଠନ କରି ପ୍ରଭାବଶାଳୀ ଢ଼ଙ୍ଗରେ ଶ୍ରେଣୀରେ ବର୍ଣ୍ଣନା କରିବା । | | |
| ୧. | ୧.୨ | ଲୋକଧର୍ମୀ (ବାସ୍ତବିକ) ଏବଂ ନାଟ୍ୟ ଧର୍ମୀ ଶୈଳୀଗତ ଅଭିନୟ (କ୍ରିୟା ଓ ଅଭିବ୍ୟକ୍ତି) ଭିତରେ ପ୍ରଭେଦ ଜାଣିବା । | | |

### ଶିକ୍ଷକଙ୍କ ମତାମତ ଏବଂ ଶିକ୍ଷାର୍ଥୀମାନଙ୍କ ଅନୁଧ୍ୟାନ

.............................................................................................................

.............................................................................................................

.............................................................................................................

.............................................................................................................



https://withteachers.in/

ଅଧ୍ୟାୟ - ୨

# କଥା ନ କହି ଅଧିକ କୁହ ମୂକାଭିନୟ





ମୂକାଭିନୟ ଏକ କଳା ଯାହା ନୀରବତାର ସାର୍ବଜନୀନ ଭାଷା କହିଥାଏ । ଏହା ଅଦୃଶ୍ୟମାନଙ୍କୁ ଦୃଶ୍ୟମାନ କରିବାରେ ଏବଂ ନିରବତାକୁ ସବୁଠୁ ଶକ୍ତିଶାଳୀ ଏବଂ ଉଚ୍ଚ ସ୍ୱରର ଯୋଗାଯୋଗ ମାଧ୍ୟମରେ ରୂପାନ୍ତରିତ କରିଥାଏ । **ମାରସେଲ ମାରସିଅଉ (ସୁପରିଚିତ ଫରାସୀ ମୂକାଭିନୟ କଳାକାର)**

ଗୋଟିଏ ପରିସ୍ଥିତିର ପରିକଳ୍ପନା କର, ଯେଉଠି ତୁମେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେଇଛ ଏବଂ ସେଠାରେ କାହାରିକୁ କଥା କହିବାରେ ଅନୁମତି ଦିଆଯାଇ ନାହିଁ । ତୁମର ହଠାତ୍ ମନେପଡେ ତୁମେ ତୁମ ଛତାକୁ ବାହାରେ ଛାଡି ଦେଇଛ ଯେହେତୁ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ତୁମେ ତୁମ ସାଙ୍ଗକୁ ସେଠାରେ ଅପେକ୍ଷା କରିଥିଲ କିନ୍ତୁ ଛତାକୁ ଭିତରକୁ ଆଣିବାକୁ ଭୁଲି ଯାଇଥିଲ । ବର୍ତ୍ତମାନ ତୁମେ କକ୍ଷର ମଧ୍ୟ ଭାଗରେ ଅଛ ଏବଂ ବାହାରକୁ ଯାଇ ପାରିବ ନାହିଁ । ପ୍ରବେଶ ଦ୍ୱାର ନିକଟରେ ବସିଥିବା ତୁମର ସାଙ୍ଗକୁ ତୁମର ଛତାଟିକୁ ଆଣିବାକୁ ତୁମକୁ କହିବାକୁ ହେବ । ତୁମେ କେମିତି ଏହାକୁ ଜଣେଇବ ?

ପ୍ରଥମେ ଦୁଇ ଦୁଇ ଜଣ ହୋଇ ଶ୍ରେଣୀରେ ବସ ଏବଂ ଏହି କଥାକୁ ଉଭୟେ ଉଭୟଙ୍କୁ ଜଣାଅ । ତୁମେମାନେ ଜଣକ ପରେ ଜଣେ ପାଳିକରି ଏହାକୁ କରିପାର । ଯଦି ସମ୍ଭବ ହୁଏ ତୁମେ ପରସ୍ପର ମଧ୍ୟରେ କଥାବାର୍ତ୍ତା ମଧ୍ୟ କରିପାର । ଉଦାହରଣ ସ୍ୱରୂପ ସାଙ୍ଗ ଜଣଙ୍କ ଉତ୍ତର ଦେଇ କୁହନ୍ତି, ବାହାରକୁ ଯିବା ସମ୍ଭବ ନୁହେଁ । ଏହା ଜରୁରୀ ମନେ କରି ତୁମେ ତାକୁ ଆଉଥରେ ଅନୁରୋଧ କର । ଏମିତି ଆହୁରି ଆଗକୁ ବଢ଼ିବ । କିନ୍ତୁ ସବୁକିଛି ନିରବରେ ବିନା କଥାବାର୍ତ୍ତାରେ କରିବାକୁ ପଡିବ ।

ତୁମେମାନେ ଏଠି, କ'ଣ କଲ ? ଅଭିନୟ ଓ ଅଭିବ୍ୟକ୍ତି ମାଧ୍ୟମରେ ଯୋଗାଯୋଗ ସ୍ଥାପନ କଲ ? ଠିକ୍ ? କେବଳ ସାମାନ୍ୟ ମୂକାଭିନୟ ଯାହା ହେଉଛି କେବଳ ଅଙ୍ଗଭଙ୍ଗୀ ଦ୍ୱାରା ଅଭିନୟ କରିବାକୁ ବୁଝାଇଥାଏ ।

**ତୁମେମାନେ ଶିକ୍ଷାଲାଭ କରିବ**

- ମୂକାଭିନୟ କ'ଣ ?
- ମୂକାଭିନୟର ମୌଳିକ ଗୁଣ ।
- ମୂକାଭିନୟର ଉପକାରିତା ।
- ପ୍ରଦର୍ଶନ ନିମନ୍ତେ ପ୍ରସ୍ତୁତି ।



https://withteachers.in/

ଆମ ଭାରତରେ ଏହାକୁ ମୁକାଭିନୟ କୁହାଯାଏ । ଆମେ ପ୍ରଥମେ ପରିବେଷଣ ଶୈଳୀରେ ବ୍ୟବହୃତ ହେଉଥିବା ଶବ୍ଦ ଗୁଡ଼ିକ ସହିତ ପରିଚିତ ହେବା ।

ଏଠାରେ କେତେକ ସାଧାରଣ ଶବ୍ଦ ଅଛି ଯାହା ସହିତ ତୁମେମାନେ ପରିଚିତ ହୋଇପାରିବ ।



**ମୁଖ ଅଭିବ୍ୟକ୍ତି:** ମୁହଁ ସାହାଯ୍ୟରେ ଭାବ ଏବଂ ପ୍ରତିକ୍ରିୟା ପ୍ରକାଶ କରିବାକୁ । ମୁଖ ଅଭିବ୍ୟକ୍ତି କୁହାଯାଏ ।



**ଶାରୀରିକ ଭାଷା :** ହସ୍ତମୁଦ୍ରା, ଅଙ୍ଗଭଙ୍ଗୀ ଜନିତ ଅଭିନୟକୁ ଶାରୀରିକ ଭାଷା କୁହାଯାଏ।।



**ଉର୍ଜ୍ଜା :** ପ୍ରତ୍ୟେକ ଅଭିନୟ ଅନ୍ତରାଳରେ ଥିବା ତୀବ୍ରତା ଏବଂ ଧ୍ୟାନକୁ ଉର୍ଜ୍ଜା କୁହାଯାଏ ।

## କଳା କୌଶଳ ଆଧାରିତ ଶବ୍ଦ



**ମୁକାଭିନୟ:** ଏହା ଏକ ପ୍ରକାରର ଅଭିନୟ ଯେଉଁଥିରେ କୌଣସି ଶବ୍ଦ ବା ଧ୍ୱନି ବ୍ୟବହାର କରାଯାଏ ନାହିଁ । ସଂଳାପ ଥିବା ଏକ ବଡ ନାଟକର ଏହା ଏକ ଅଂଶ ମଧ୍ୟ ହୋଇପାରେ ।

ଯେଉଁ କଳାକାରାମାନେ ଏହାକୁ ପରିବେଷଣ କରନ୍ତି ସେମାନଙ୍କୁ ମୁକାଭିନେତା କୁହାଯାଏ ।

ଦଳଗତ ମୁକାଭିନୟ (Pantomime) ଏକାଧିକ ଅଭିନେତା କୌଣସି ଏକ ବିଷୟ ବସ୍ତୁକୁ ସଂଗୀତ ଓ ମୁକାଭିନୟ ମାଧ୍ୟମରେ ପରିବେଷଣ କରିବାକୁ ଦଳଗତ ମୁକାଭିନୟ ବା ପେଣ୍ଟୋମାଇମ୍ (Pantomime) କୁହାଯାଏ । ଏଥିରେ ପ୍ରାୟତଃ ହାସ୍ୟ ରସର ଅଭିନୟ (Comedy) ପରିବେଷଣ କରାଯାଇଥାଏ ।





ପରସ୍ପର ମଧ୍ୟରେ ଆଲୋଚନା ପରିବେଷଣକୁ ଅଧିକ ପ୍ରଭାବଶାଳୀ କରିବା ନିମନ୍ତେ ଦର୍ଶକମାନଙ୍କୁ ଏହି ରହସ୍ୟର ଏକ ଅଂଶ ଭାବେ ଯୋଗ କରିବା ।

ଏବେ ଚାଲ ଶ୍ରେଣୀରେ କେତେକ ମୁକାଭିନୟ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବା ।



https://withteachers.in/

## କ୍ରିୟା କଳାପ ୨.୧ ବ୍ୟକ୍ତିଗତ

ଯେହେତୁ ମୁକାଭିନୟରେ କୌଣସି ମଞ୍ଚସଜା କିମ୍ବା ମଞ୍ଚ ଉପକରଣ ବ୍ୟବହାର ହୁଏ ନାହିଁ, ତେଣୁ ପ୍ରଥମେ ତୁମମାନଙ୍କୁ ଶିଖିବାକୁ ପଡିବ କେମିତି ତୁମ ବିଷୟକୁ ଆଧାର କରି ଗୋଟିଏ କାଳ୍ପନିକ ଜଗତ ବା ଦୃଶ୍ୟ ସୃଷ୍ଟି କରିପାରିବ ଏବଂ ଦର୍ଶକମାନଙ୍କୁ ଏହାର ଅସ୍ତିତ୍ୱକୁ ବୁଝାଇ ପାରିବ। ପିଲାମାନେ ତୁମେ ପ୍ରତିଦିନ ବ୍ୟବହାର କରୁଥିବା ଗୋଟିଏ ଜିନିଷ କଥା ଭାବ, ସେ ତୁମର ବାକ୍ସ ବି ହୋଇପାରେ । ତୁମେ ବର୍ତ୍ତମାନ ସେହି ବାକ୍ସଟିକୁ ହାତରେ ଧରିବାର ଛଳନା ବା ଅଭିନୟ କର । ତୁମକୁ ବାକ୍ସର ଆୟତନ ଓ ଆକାର ମନେରଖିବାକୁ ପଡ଼ିବ। ଯେହେତୁ ତୁମେ ମୁକାଭିନୟ ମାଧ୍ୟମରେ ତୁମ ହାତରେ ଏହାର ଉପସ୍ଥିତିକୁ ଜଣାଇବ। ବର୍ତ୍ତମାନ ତୁମେ, ଗୋଟିଏ ଲୁହା ଭର୍ତ୍ତି ପେନସିଲ୍ ବାକ୍ସ (ସମାନ ଆୟତନ ଓ ଆକାରର) କିଭଳି ଧରିବ ଚେଷ୍ଟା କର ଏବଂ ତାହାର ଅଭିନୟ କର । ବର୍ତ୍ତମାନ ଭାବିନିଅ ବାକ୍ସଟି ସମ୍ପୂର୍ଣ୍ଣ ଖାଲି ହୋଇ ଯାଇଛି । ଏହି ପରିବର୍ତ୍ତନକୁ ତୁମେ ମାନେ କଭଳି ପ୍ରଦର୍ଶନ କରିବ ? ତୁମେ ମାନେ ଏହା ସହିତ ଆଉ କିଛି ଉପକରଣକୁ ସ୍ପର୍ଶ ନ କରି ତାହାର ଅନୁଭବ ବା ଅଭିଜ୍ଞତାକୁ ଆହରଣ କର ଏବଂ ତାକୁ ପରିବେକ୍ଷଣ କର ।





https://withteachers.in/

ବର୍ତ୍ତମାନ, ଆମେ ପ୍ରକୃତରେ ମୂକାଭିନୟ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତୁମମାନଙ୍କ ଜାଣିବା ପାଇଁ କେତେକ ମୌଳିକ ତଥା ଛୋଟ ଛୋଟ ଉପଦେଶ ଉଲ୍ଲେଖ କରାଯାଇଛି ।

୧. ବସ୍ତୁ ହୋଇଯାଅ ନାହିଁ, ବସ୍ତୁକୁ ବ୍ୟବହାର କର । ପ୍ରାୟତଃ ଗୋଟିଏ ବସ୍ତୁକୁ ଦେଖାଇବା ସମୟରେ ଆମେ ଏହି ସାଧାରଣ ଭୁଲଟି କରିଥାଉ । ତୁମକୁ ଦେଖାଇବାକୁ ହେବ ତୁମେ କେଉଁଭଳି ବସ୍ତୁଟିକୁ ଧରିଛ ଏବଂ ତୁମେ ତୁମର ହାତଟିକୁ ବସ୍ତୁଭଳି କରନାହିଁ । ତାହାର କେତେକ ଉଦାହରଣ ତଳେ ଦିଆଯାଇଛି -

| ଗୋଟିଏ କଇଁଚି ଦେଖାଅ | | ଗୋଟିଏ ବନ୍ଧୁକ ଧାର | |
|---|---|---|---|
|  |  |  |  |
| ଠିକ | ଭୁଲ | ଠିକ | ଭୁଲ |

ଯଦି ତୁମେ ତୁମର ଦୁଇଟି ଆଙ୍ଗୁଠିକୁ ଆଗକୁ ବଢ଼େଇ କଇଁଚି ଚାଲିଲା ଭଳି ଚଲାଅ, ତାହେଲେ ଏହା ଭୁଲ ହୋଇଯିବ । ଯଦି ଆମେ ଆଙ୍ଗୁଠି ଗୁଡିକୁ ପରିବର୍ତ୍ତନ କରି ଗୋଟିଏ ବନ୍ଧୁକ ସୃଷ୍ଟି କରିବା ତାହେଲେ ଆମେ କିପରି ଏକ ବଡ ଜିନିଷ ଦେଖାଇବା ? ଧରିନିଅ, ଗୋଟେ ରେଳଗାଡ଼ି, ଗୋଟେ କାର କିମ୍ବା ଗୋଟେ ଫ୍ରିଜ୍ ? ତେଣୁ ମୂକାଭିନୟର ପ୍ରଥମ ନିୟମ ହେଉଛି ବସ୍ତୁ ବା ଜିନିଷକୁ ବ୍ୟବହାର କରିବା ।

### ୨. ବସ୍ତୁର ଆୟତନ ଏବଂ ଓଜନକୁ ଦର୍ଶାଅ



ପରିବେଷଣରେ କାଳ୍ପନିକ ବସ୍ତୁ ଗୁଡିକୁ ଅଧିକ ବିଶ୍ୱାସ ଯୋଗ୍ୟ କରିବାକୁ ମୂକାଭିନେତା ମାନେ ପ୍ରଥମେ ନିଶ୍ଚିତ ହେବାକୁ ପଡିବ ଯେ ସେମାନେ ଅଭିନୟରେ ବ୍ୟବହାର କରୁଥିବା ବସ୍ତୁ ମାନଙ୍କର ଗୁଣାବଳୀକୁ ଆଧାରକରି ହେବା ଉଚିତ ।



ଗୋଟିଏ କ୍ରିକେଟ୍ ବଲ୍, ଗୋଟିଏ ବାସ୍କେଟବଲ, ଗୋଟିଏ ବେଲୁନ ଏସବୁର ଆୟତନ, ଓଜନ, ଅନୁଭବ ଓ ଅଭିଜ୍ଞତା ପ୍ରତ୍ୟେକ ପ୍ରତ୍ୟେକଙ୍କଠାରୁ, ସମ୍ପୂର୍ଣ୍ଣ ଭିନ୍ନ ଅଟେ । ସେସବୁ ଅଭିନୟରେ ସଠିକ ଭାବରେ ଦର୍ଶାଯିବା ଉଚିତ୍ । ସେହି ବସ୍ତୁ ଗୁଡିକୁ ଅଲଗା ଅଲଗା କରି ଧାରଣ କରି ଅଭିନୟ କର ।



ଏହାକୁ ମନରେ ରଖି ଚାଲ ଆମେ ଏବେ ଗୋଟେ ମଜାଦାର ଖେଳ ଖେଳ ଖେଳିବା । ଯାଫଳରେ ଏହି ବିଷୟକୁ ଆହୁରି ଅଧିକ ଜାଣିପାରିବା ।





https://withteachers.in/

## କ୍ରିୟାକଳାପ ୨.୨ : ଦଳଗତ କ୍ରିୟାକଳାପ (ସଂପୂର୍ଣ୍ଣ ଶ୍ରେଣୀକୁ ନେଇ)

ତୁମେ ସମସ୍ତେ ବୃତ୍ତାକାରରେ ବସ । ତମ ଭିତରୁ ଜଣେ ଆଗଭର ହୋଇ ଗୋଟିଏ କାଳ୍ପନିକ ବସ୍ତୁକ ଧରି ଆରମ୍ଭ କର । ପ୍ରଥମେ ଜଣକୁ ଗୋଟିଏ ବସ୍ତୁର ପରିକଳ୍ପନା କରି ଅଭିନୟ କର । ଅଭିନୟବେଳେ ବସ୍ତୁର ଆକାର, ଆୟତନ ଏବଂ ଓଜନକୁ ସ୍ପଷ୍ଟ ଭାବରେ ଚିତ୍ରଣ କରିବାକୁ ଚେଷ୍ଟାକର । ବସ୍ତୁଟି ଏହାପରେ ଅନ୍ୟ ଜଣଙ୍କ ପାଖକୁ ଯିବାକୁ ଦିଅ ।

ପରବର୍ତ୍ତୀ ପିଲାକୁ ମଧ୍ୟ ଏହାକୁ ବ୍ୟବହାର କରି ଆଉ ଏକ ଅଭିନୟ କରିବାକୁ କୁହ, ଯାହାକି ବସ୍ତୁଟିକୁ ଆଉଟିକେ ଭଲରେ ବୁଝେଇ ଦେଇ ହେବ ଏବଂ ଏହାକୁ ଆଉଜଣଙ୍କୁ ଦିଅ । ଅଭିନୟ ସମୟରେ କେହି ମଧ୍ୟ କୌଣସି ଧ୍ୱନି ବା କଥା ବ୍ୟବହାର କରିପାରିବେ ନାହିଁ । ଏପରିକି ବସ୍ତୁର ନାମ ମଧ୍ୟ ଘୋଷଣା କରିବେ ନାହିଁ । ଏହା ଛାତ୍ରଛାତ୍ରୀ ମାନଙ୍କର ବୁଝାମଣା ଏବଂ ପ୍ରତ୍ୟେକଙ୍କ ସଞ୍ଚାର ଦକ୍ଷତା ଉପରେ ନିର୍ଭର କରେ ।

**ମୌଳିକ** - ପେନ୍, କଇଁଚି କିମ୍ବା ଘଣ୍ଟା ଭଳି ନୀତିଦିନିଆ ବ୍ୟବହୃତ ବସ୍ତୁକୁ ପ୍ରଦର୍ଶନ କରାଯାଇପାରେ । ବସ୍ତୁଟିକୁ ଯେତେବେଳେ ଧରୁଛ ସେତେବେଳେ ପ୍ରତ୍ୟେକ ପିଲା ଗୋଟିଏ ଗୋଟିଏ ଅଭିନବ ଅଭିନୟ କର ଯାହା ଆଗରୁ କେହି କରିନଥିବେ । ତାପରେ ସେହି ବସ୍ତୁକୁ ଅନ୍ୟଜଣଙ୍କୁ ଦେଇ ଦିଅ ।



**ଅଗ୍ରସର** ବସ୍ତୁଟି ଏବେ ସମସ୍ତଙ୍କ ପାଖକୁ ଯାଇସାରିଛି । କିନ୍ତୁ ସମୟ ଅନୁସାରେ ବସ୍ତୁଟି ସାମାନ୍ୟ ପରିବର୍ତ୍ତନ ହୋଇଥାଏ । ତେଣୁ ପ୍ରଥମ ଜଣଙ୍କ ଅଭିନୟ କେବେ ବି ସହିତ ଶେଷ ଜଣଙ୍କର ଅଭିନୟ ସମାନ ହେବ ନାହିଁ । ଉଦାହରଣ ସ୍ୱରୂପ ଗୋଟେ ଚାରିକୋଣିଆ ବଡ ବରଫ ଖଣ୍ଡ ଯାହା ସମୟ କ୍ରମେ ତରଳି ଯାଏ କିମ୍ବା ମୁଠାଏ ବାଲି ଯାହାର ପରିମାଣ କମିଯାଏ ଯେହେତୁ ତାହା ଆଙ୍ଗୁଠି ସନ୍ଧି ବାଟେ କିଛି କିଛି ଖସିପଡେ ।



### ଅବସର ସମୟ

- କଥା ଓ ଉପକରଣ ବିନା ଅଭିନୟ କରିବାର ସବୁଠୁ ଆମୋଦ ଦାୟକ କଣ ଥାଏ ?
- ମୁକାଭିନୟ ପରିବେଷଣରେ ସବୁଠୁ କଷ୍ଟକର ଦିଗଟି କଣ ? କଥା ନକରିବା ନ ଉପକରଣ ବ୍ୟବହାର ନ ହେବା ?





https://withteachers.in/

## ମୁକାଭିନୟ ପରିବେଷଣର ତିନିଟି ସ୍ତମ୍ଭ

ଯେକୌଣସି ସଫଳ ମୁକାଭିନୟରେ ନିମ୍ନୋକ୍ତ ତିନୋଟି ବିଭାଗ ରହିବା ନିତାନ୍ତ ଆବଶ୍ୟକ ଅଟେ । ସେଗୁଡିକୁ ଉଭୟ ବ୍ୟକ୍ତିଗତ ଏବଂ ଦଳଗତ ଭାବରେ ଅଭ୍ୟାସ କରାଯିବା ଉଚିତ୍ ।

### ୧. ପରିକଳ୍ପନା

ଗୋଟିଏ ମୁକାଭିନୟ ପରିବେଷଣ ନିମନ୍ତେ, ତୁମ ଶାରୀରିକ ଭାଷା ଏବଂ ଅଭିବ୍ୟକ୍ତି ଉପରେ କାମ କରିବା ସହିତ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ତୁମର ପରିକଳ୍ପନା । ପ୍ରଥମ ଦୁଇଟି ସମ୍ପୂର୍ଣ୍ଣ ଭାବେ ଅଭିନେତା ଏବଂ ସେମାନଙ୍କ ପ୍ରଚେଷ୍ଟା ଉପରେ ନିର୍ଭରଶୀଳ ହୋଇଥିବାବେଳେ ପରିକଳ୍ପନା ଉଭୟ ଅଭିନେତା ଓ ଦର୍ଶକଙ୍କୁ ସାମିଲ କରିଥାଏ । ଦର୍ଶକମାନେ ବସ୍ତୁର ପରିକଳ୍ପନା, ପରିସ୍ଥିତି ଏବଂ ପରିବେଶ ସହିତ ଅଂଶଗ୍ରହଣ ନ କଲେ ଏହା ଏକ ସଫଳ ପ୍ରଦର୍ଶନ ହୋଇପାରିବ ନାହିଁ । ଦର୍ଶକ ଏବଂ ଅଭିନେତାଙ୍କ ମଧ୍ୟରେ ଏହି ଆଦାନ ପ୍ରଦାନ ପରିକଳ୍ପନା (Imagination) ସହାୟତାରେ ପରିବେଷଣକୁ ପୂରା ଅନନ୍ୟ ଓ ଆମୋଦଦାୟକ କରିବାରେ ସଫଳ ହୋଇଥାଏ ।

### ୨. ଅତିରଞ୍ଜିତ

ପରିବେଷଣରେ ପଦଚାଳନା, ଅଭିନୟ ଏବଂ ଅଭିବ୍ୟକ୍ତିକୁ ସାଧାରଣ ବାସ୍ତବ ଜୀବନଠାରୁ ଅଧିକ ମାତ୍ରାରେ ପ୍ରଦର୍ଶନ କରିବାର କୌଶଳକୁ ଅତିରଂଜିତ ଅଭିନୟ (Exageration) କୁହାଯାଏ । ଯେହେତୁ ମୁକାଭିନୟ ଏକ ନିରବ ତଥା ସଂଳାପ ବିହୀନ ସଞ୍ଚାର ତେଣୁ ଏହାର ଛୋଟ ବଡ ପ୍ରତ୍ୟେକ ଘଟଣା ସୁନ୍ଦର ଭାବରେ ଦେଖାଯିବା ଏବଂ ବୁଝାପଡ଼ିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ ।

### ୩. ବେଶପୋଷାକ ଏବଂ ରୂପ ସଜ୍ଜା

ମୁକାଭିନୟରେ ମୁଖ୍ୟତଃ ନାଟକ କିମ୍ବା ନୃତ୍ୟ ଭଳି ସିଧାସଳଖ ଚରିତ୍ର ଚିତ୍ରଣ କରୁଥିବା ବେଶ ପୋଷାକ କିମ୍ବା ରୂପସଜ୍ଜାର ବ୍ୟବହାର କରାଯାଏ ନାହିଁ । ଏହା ସାଧାରଣତଃ ନିରପେକ୍ଷ ହୋଇଥାଏ । ତେଣୁ ଏହାର ପରିବେଷଣରେ ଚରିତ୍ରଗତ ପାର୍ଥକ୍ୟକୁ ଦର୍ଶାଇବା ନିମନ୍ତେ ସେଥିରେ ପ୍ରଭେଦ ମାନ ସୃଷ୍ଟି କରାଯାଇଥାଏ ।









https://withteachers.in/

### ବେଶପୋଷାକ

ମଞ୍ଚ ପଛରେ ଥିବା ପରଦା ଯଦି ଧଳା ରଙ୍ଗର ହୋଇଥାଏ ତେବେ ମୁକାଭିନେତା ମାନଙ୍କର ବେଶପୋଷାକ ପ୍ରାୟତଃ ସମ୍ପୂର୍ଣ୍ଣ କଳା ରଙ୍ଗର ହୋଇଥାଏ । କେତେକାଂଶରେ ଆବଶ୍ୟକ ସ୍ଥଳେ ମୁକାଭିନୟ ପାଇଁ ଉଭୟ କଳା ଓ ଧଳା ରଙ୍ଗର ଗାର ପଡିଥିବା ପଟାପଟ ପୋଷାକ ମଧ୍ୟ ବ୍ୟବହାର କରାଯାଇଥାଏ । ଏହା ସହିତ ଅଭିନେତାଙ୍କ ଦ୍ୱାରା ହାତମୋଜା ଏବଂ ଗୋଡ଼ପଛିର (Suspender) ବ୍ୟବହାର ମଧ୍ୟ ଦେଖିବାକୁ ମିଳିଥାଏ ।

### ରୂପସଜ୍ଜା -

କଳା, ଧଳା ଓ ନାଲି ଆଦି ରଙ୍ଗ ପ୍ରୟୋଗ କରି ମୁହଁକୁ ଉଜ୍ଜ୍ୱଳ କରିବା ରୂପସଜ୍ଜାର ମୂଳ ଉଦ୍ଦେଶ୍ୟ । ମୁଖର ଅଭିନୟ ସ୍ପଷ୍ଟ ଦେଖାଯିବା ସହିତ ଅତିରଞ୍ଜିତ ଅଭିବ୍ୟକ୍ତି ନିମନ୍ତେ ଏହିଭଳି ରୂପସଜ୍ଜା କରାଯାଇଥାଏ ।

### ଚରିତ୍ର-

ଚରିତ୍ର ସମ୍ବନ୍ଧିୟ ନିର୍ଦ୍ଦିଷ୍ଟ ସୂଚନା ଗୁଡ଼ିକୁ ରୂପସଜ୍ଜାରେ ସୂକ୍ଷ୍ମଭାବରେ ଉପସ୍ଥାପିତ କରାଯାଇଥାଏ ।

## ମୁକାଭିନୟ-ସମାନତା ପାଇଁ ସାର୍ବଜନୀନ ଭାଷା

ସଂଳାପହୀନତା, ମୁକାଭିନୟର ସବୁଠୁ ଆକର୍ଷଣୀୟ ଗୁଣ ଅଟେ । ଏହା ସାରା ପୃଥିବୀର ଭାଷାଗତ ପ୍ରତିବନ୍ଧକକୁ ଭାଙ୍ଗି ଦେଇଥାଏ । ଏହାର ଭାବ ରସ ଗୁଡିକ ସାର୍ବଜନୀନ, ହୋଇଥିବାରୁ ଦେଶର ଯେ କୌଣସି ରାଜ୍ୟ, ପୃଥିବୀର ଯେ କୌଣସି ଦେଶର ଘଟଣା ମୁକାଭିନୟ ମାଧ୍ୟମରେ ପରିବେଷିତ ହେଲେ ତାକୁ ବିଶ୍ୱର କୌଣସି କୋଣରେ ଥିବା ଲୋକମାନେ ସହଜରେ ବୁଝିପାରନ୍ତି । ଏହା ବିସ୍ମୟକର ନୁହେଁ କି ?

ମୁକାଭିନୟରେ ସ୍ପଷ୍ଟ ବାରିହୋଇ ପଡୁଥିବା ଆଉ ଏକ ବିଶେଷ ଗୁଣ ହେଉଛି କଳା ଧଳା ପୋଷାକ ଏବଂ ସମସ୍ତଙ୍କ ପାଇଁ ଏକପ୍ରକାରର ଧଳା ରଙ୍ଗର ମୁଖସଜ୍ଜା । ଏହାର ମଧ୍ୟ ଏକ ଶକ୍ତିଶାଳୀ ଗୁଣ ଅଛି ।

ଏହାର ଆଉ ଏକ ବିଶେଷ ଗୁଣ ହେଉଛି ଲୋକମାନଙ୍କ ପୂର୍ବ ଧାରଣା ମୁତାବକ ସେମାନେ ପିନ୍ଧି ଆସୁଥିବା କିମ୍ବା ଦେଖିଆସୁଥିବା ପୋଷାକ ଆଧାରିତ ବୈଷମ୍ୟତାକୁ ସେମାନଙ୍କ ମନରୁ ଦୂରେଇ ଦେଇଥାଏ ।

ଏହା ଏକ ନିରୋଳା କାହାଣୀ ବର୍ଣ୍ଣନା ପ୍ରକ୍ରିୟା ଅଟେ । ଯେଉଁଠି ପୃଥିବୀର ଯେକୌଣସି ଅଞ୍ଚଳ, ଯେକୌଣସି ସମାଜର ଲୋକଙ୍କ କଥା କୁହାଯାଇପାରେ । ଏହା ମଧ୍ୟ ଗତାନୁଗତିକ ଲିଙ୍ଗଗତ ପ୍ରଭେଦକୁ ଭାଙ୍ଗି ଦେଇପାରେ । ଉଦାହରଣ ସ୍ୱରୂପ ଖଣି ଭିତରେ କିମ୍ବା ଏକାଠି ଖେଳିବା ବେଳେ ନାରୀମାନେ ବହୁତ ଓଜନର ଭାର ବୋହିଥାନ୍ତି । ଯେହେତୁ ସେମାନେ ପିନ୍ଧିଥିବା ପୋଷାକ ମୁକାଭିନୟର ପୋଷାକ ସହିତ ସମାନ ।

ମଣିଷକୁ ମାନସିକ ବିଷାଦରୁ ମୁକୁଳେଇବାରେ ଏବଂ ସେମାନଙ୍କ ଖରାପ ଅନୁଭୂତି ଗୁଡିକୁ ପାସୋରିବାରେ ମଧ୍ୟ ମୁକାଭିନୟକୁ ଏକ ଶକ୍ତିଶାଳି ଉପକରଣ ଭାବରେ ବ୍ୟବହାର କରାଯାଇଥାଏ । କାରଣ ଏଠାରେ ସେମାନଙ୍କୁ ମନଖୋଲି ଭାବ ପ୍ରକାଶ କରିବାର ସ୍ୱାଧୀନତା ଦିଆଯାଇଥାଏ ଏବଂ ଅନ୍ୟ ମାନଙ୍କ ଦ୍ୱାରା ସମାଲୋଚିତ କରିବାର ଭୟ ମଧ୍ୟ ନଥାଏ ।



ଏକ ଦଳଗତ ମୁକାଭିନୟ ପରିବେଷଣର ଛବି

## କ୍ରିୟାକଳାପ ୨. ଦଳଗତ ମୂକାଭିନୟ



ଶ୍ରେଣୀଟିକୁ ୫-୧୦ ଜଣିଆ ଦଳରେ ବିଭକ୍ତ କର । ତୁମକୁ ଗୋଟେ ଦୃଶ୍ୟ ଅଭିନୟ ନିମନ୍ତେ ଦିଆଯିବ ।

ଏହି ଦୃଶ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ସମସ୍ତ ଉପକରଣ ଓ ଦୃଶ୍ୟସଜ୍ଜାକୁ ତୁମେ ବ୍ୟବହାର କରିପାର। ତୁମ ଦଳର ନିୟମିତ ନାଟକ ଭଳିଆ ଏହାର ପରିବେଷଣ କର। ବର୍ତ୍ତମାନ ତୁମ ଦଳର ସମସ୍ତେ ମଞ୍ଚସଜ୍ଜା ବା ମଞ୍ଚୋପକରଣ ରଖାଯାଇଥିବା ସ୍ଥାନଗୁଡ଼ିକୁ ମନେରଖ। ମଞ୍ଚ ଉପରୁ ଚୌକି ଟେବୁଲ ଉଠାଇ ନିଅ । ମଞ୍ଚସଜ୍ଜା ନଥାଇ ସଂପୂର୍ଣ୍ଣ ଦୃଶ୍ୟକୁ ପରିବେଷଣ କର। ହାତରେ ଧରିଥିବା ଆଶାବାଡି, ଧନୁ ଓ ତୀର ଆଦି ହସ୍ତ ଉପକରଣ ଗୁଡିକୁ ଏବେ ବି ବ୍ୟବହାର କରିପାର । ତୁମେ ଥରେ ମଞ୍ଚସଜ୍ଜା ଓ ଉପକରଣ ଗୁଡିକ ସହିତ ପରିଚିତ ହୋଇଗଲା ପରେ ହସ୍ତ ଉପକରଣ ଗୁଡିକୁ ମଧ୍ୟ ବାହାର କରିଦିଅ । ସମ୍ପୂର୍ଣ୍ଣ ଦୃଶ୍ୟଟିକୁ ମଞ୍ଚସଜ୍ଜା ଓ ଉପକରଣ ବିନା ଏବେ ମଞ୍ଚସ୍ଥ କରାଅ ।

**ଅଭ୍ୟାସ** - ସକାଳୁ ନିଦରୁ ଉଠିବା ଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଦିନ ଯାକର ନିୟମିତ କାମ ଗୁଡିକୁ ମୂକାଭିନୟ ମାଧ୍ୟମରେ ଅଭ୍ୟାସ କର। ଛୋଟ ଛୋଟ ଘଟଣାଗୁଡ଼ିକୁ ଚେଷ୍ଟାକରି ମନେ ପକାଅ ଏବଂ ସେଗୁଡ଼ିକୁ ଅଭିନୟ ମାଧ୍ୟମରେ ଚିତ୍ରଣ କର।



**ଆବହ ସଙ୍ଗୀତ :** ପରିସ୍ଥିତି ସହିତ ଖାପ ଖୁଆଇଲା ପରି ସଙ୍ଗୀତ ବ୍ୟବହାର କରିପାର । କିନ୍ତୁ ନିଶ୍ଚିତ ହୁଅ ଏହା ଯେପରି ଯନ୍ତ୍ର ସଙ୍ଗୀତ ହୋଇଥିବ । ଗୀତ କିମ୍ବା ସେମିତି କିଛି ସେଥିରେ ପରିବେଷଣ କରାନଯିବ ।



*ପିଲାମାନଙ୍କ ଦ୍ୱାରା ମୂକାଭିନୟ ପରିବେଷଣ*



**ଶିକ୍ଷକମାନଙ୍କ ନିମନ୍ତେ ସୂଚନା:** ଯେଉଁ ଦୃଶ୍ୟ ସେମାନେ ଅଭିନୟ କରିବା ପାଇଁ ବାଛିଛନ୍ତି ତାହା ସେମାନଙ୍କର ନିଜସ୍ୱ ସୃଷ୍ଟି କିମ୍ବା କୌଣସି ପରିଚିତ ଦୃଶ୍ୟ ହୋଇପାରେ । ଗତାନୁଗତିକତାକୁ ଭାଙ୍ଗି ନୂଆ ଦୃଶ୍ୟ ଓ ପରିସ୍ଥିତି ବାଛିବାକୁ ଏବଂ ସମାଜରେ ସମସ୍ତଙ୍କୁ ସମାନ ଭାବରେ ଦେଖିବା ନିମନ୍ତେ ଉତ୍ସାହିତ କରନ୍ତୁ ।



https://withteachers.in/

# ରୂପ ସଜ୍ଜାର ଯାଦୁ : ଗୋଟିଏ ମୂକାଭିନୟ

- ପ୍ରଥମେ ଗୋଟିଏ ଦୁଇ ଜଣିଆ ଦଳ ଗଠନ କର ।
- ଏହି ସବୁ ପରିସ୍ଥିତିର ଅଭିବ୍ୟକ୍ତି ଗୁଡିକୁ ପ୍ରଦର୍ଶନ କରିବାକୁ ଚେଷ୍ଟାକର ।
- ତୁମ୍ଭ ସାଙ୍ଗ ମାନଙ୍କ ମୁହଁକୁ ଦେଖ ଏବଂ ସେମାନଙ୍କ ଅଭିବ୍ୟକ୍ତି ଗୁଡିକୁ ଦିଆଯାଇଥିବା ସ୍ଥାନରେ ଅଙ୍କନ କର । ଭୂଲତା, କପାଳ, ଗାଲ ଏବଂ ଆଖିକୁ ଭଲ ଭାବେ ନିରୀକ୍ଷଣ କରି ସେଥିରୁ ପ୍ରତିଟି ଛୋଟ ଛୋଟ ଅଭିବ୍ୟକ୍ତି ଗୁଡିକୁ ଲେଖିରଖ ।
- ଆଲୋଚନା କର, ତୁମେ କିପରି ଅଧିକ ଅତିରଞ୍ଜିତ କରିପାରିବ ଏବଂ ଅଭିବ୍ୟକ୍ତିର ଉନ୍ନତି କରିପାରିବ ।
- ସମ୍ପୂର୍ଣ୍ଣ ଶରୀର ବ୍ୟବହାର କରି ପରିସ୍ଥିତିକୁ ଅଭିନୟ କରିବା ପାଇଁ ଚେଷ୍ଟା କର । ତୁମର ଅଭିନୟ ଅଧିକ ଭାବ ପ୍ରକାଶ କରିବାରେ କିଭଳି ସାହାଯ୍ୟ କରେ ତାହାକୁ ଅନୁଧ୍ୟାନ କର ।
- ଏସବୁକୁ ନେଇ ଗୋଟିଏ ଛୋଟ କାହାଣୀ ତିଆରି କର ଏବଂ ତୁମ ସାଙ୍ଗ ମାନଙ୍କ ସହିତ ତାହାର ଅଭିନୟ କରାଅ ।



ଜୋରରେ ବନ୍ଦ କରାଯାଇଥିବା ଗୋଟେ ବୋତଲର ଠିପି ଖୋଲିବା - ଚିତ୍ର



ଗୋଟେ ଓଜନିଆ ସୁଟ୍‌କେଶ ଉଠାଇବା



ଗୋଟେ ଖଟା ଲେମ୍ବୁ ଖାଇବା



ଗୋଟେ ଓଜନିଆ ଦଉଡ଼ିକୁ ଭିଡ଼ିବା



https://withteachers.in/

# ମାନନିର୍ଦ୍ଧାରଣ

| ଅଧ୍ୟାୟ ୨ୟ : କଥା ନ କହି ଅଧିକ କୁହ - ମୂକାଭିନୟ | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ର/ଛାତ୍ରୀ |
| ୨. | ୨.୧ | ମୂକାଭିନୟର ଅଭିନବତ୍ୱ ଏବଂ ଏହା ନାଟକଠାରୁ କିପରି ଅଲଗା ଓ ସମାନ ସେହି କଥାକୁ ପିଲାମାନଙ୍କଠାରୁ ବୁଝ । | | |
| ୨. | ୨.୨ | ବସ୍ତୁର ଆକାର, ଆୟତନ ଏବଂ ଓଜନକୁ ମନ ମଧ୍ୟରେ ସ୍ୱଷ୍ଟ ଓ ସଠିକ୍ ଭାବେ ଦେଖିପାରି ଏହାକୁ ପରିବେଷଣରେ ବ୍ୟବହାାର କରିବା । | | |
| ୨. | ୨.୩ | ନିଜ ଅଭିଜ୍ଞତାରୁ କାହାଣୀ ସୃଷ୍ଟି କରି ମୂକାଭିନୟ ମାଧ୍ୟମରେ ବ୍ୟାଖ୍ୟା କରିପାରିବା । | | |
| ୨. | ୨.୪ | ସମସ୍ତଙ୍କୁ ସମାନ ଭାବରେ ଦେଖିବା ଏବଂ ଗତାନୁଗତିକ ଲିଙ୍ଗଗତ ପାର୍ଥକ୍ୟ ଦୂରକରିବାକୁ ବିଷୟ କରି ମୂକାଭିନୟର ଗୁଣ ଓ ସାର୍ବଜନିତାକୁ ବ୍ୟବହାର କରି ପରିବେଷଣ କରିବା । | | |
| ୨. | ୨.୫ | ସଙ୍ଗୀତ ଓ ହାସ୍ୟର ସମନ୍ୱୟରେ ଦଳଗତ ପରିବେଷଣ କରିପାରିବା । | | |

## ଶିକ୍ଷକଙ୍କ ମତାମତ ଏବଂ ଶିକ୍ଷାର୍ଥୀମାନଙ୍କ ଅନୁଧ୍ୟାନ

..........

..........

..........

..........



https://withteachers.in/

ଅଧ୍ୟାୟ - ୩

# ଆସ ଆମେ ସଜାଇବା- ମଞ୍ଚ ଶିଳ୍ପ ୨





## ୧-ମଞ୍ଚ ଅନ୍ତରାଳରେ କର୍ମ - ନାଟକର ଅଦୃଶ୍ୟ ସ୍ତମ୍ଭ

ଫୁଲ, ଫଳରେ ଭରପୁର ହୋଇଥିବା ଗଛଟି ଭାରି ସୁନ୍ଦର  ଦେଖାଯାଏ । କିନ୍ତୁ ଏହି ସୌନ୍ଦର୍ଯ୍ୟର ଉତ୍ସ କୋଉଠି ଅଛି ? କେଉଁଠି ଅଛି ଏହାର ସୁସ୍ଥ ଏବଂ ସୁଦୃଢ଼ ଚେର ? ସୁନ୍ଦର କାରୁକାର୍ଯ୍ୟରେ ତୋଳା ହୋଇଥିବା ଗୋଟିଏ ପ୍ରାଚୀନ ମନ୍ଦିର ଆମକୁ ଅତୀତର ଅନେକ କାହାଣୀ କହିଥାଏ । ଏହା ଆମର ଗର୍ବ ଆଉ ଗୌରବର ବିଷୟ ଅଟେ । ଏହାର ଶକ୍ତି କ'ଣ ?

ଏହାର ଶକ୍ତି ହେଲା ଗଭୀର ମାଟିତଳେ ଥିବା ଏହାର ବଳିଷ୍ଠ ଭିତ୍ତିଭୂମି ବା ମୂଳଦୁଆ । ପିଲାମାନେ ଏହି ସବୁ ଉଦାହରଣ ଗୁଡିକରୁ ତୁମେ କଣ ବୁଝିଲ ? ଲୋକମାନଙ୍କ ପାଇଁ ଯାହା ଆକର୍ଷଣୀୟ, ଅର୍ଥପୂର୍ଣ୍ଣ ଏବଂ ସଫଳ ସେସବୁ ଗୋଟେ ସୁଦୃଢ଼ ସହାୟକ ବ୍ୟବସ୍ଥା ଆବଶ୍ୟକ କରିଥାଏ । ଯେକୌଣସି ପ୍ରକାର ପରିବେଷଣ ନିମନ୍ତେ ଏହା ହେଉଛି ମଞ୍ଚ ଅନ୍ତରାଳରେ କାମ କରୁଥିବା କର୍ମୀମାନଙ୍କ ପରିଶ୍ରମ ।

ଏମାନେ ଦଳେ ମଣିଷ ଯେଉଁମାନେ ବିଭିନ୍ନ ଦାୟିତ୍ୱ ବହନ କରି କଠିନ ପରିଶ୍ରମ କରିଥାନ୍ତି । ନାଟକ ପରିବେଷଣରେ ନିର୍ଭୁଲ ଭାବରେ ସମ୍ପାଦନ କରିବାକୁ ଚେଷ୍ଟା କରିଥାନ୍ତି । ପ୍ରାୟତଃ ଲୋକମାନେ ଭାବନ୍ତିଯେ ମଞ୍ଚ ଉପରେ ଅଭିନୟ କରିବା ହିଁ ନାଟକ କିନ୍ତୁ ବାସ୍ତବରେ ଜଣାପଡେ ଯେ ମଞ୍ଚର ଅନ୍ତରାଳରେ କାର୍ଯ୍ୟରତ କଳାକାର ମାନଙ୍କର ମଧ୍ୟ ନାଟକରେ ସମାନ ଗୁରୁତ୍ୱ ରହିଥାଏ ।



### ତୁମ୍ଭେମାନେ ଶିକ୍ଷା ଲାଭ କରିବ

- ଅନ୍ତରାଳ ଏବଂ ଏହାର ଗୁରୁତ୍ୱ ।
- ନାଟକରୁ ଜୀବନର ଦକ୍ଷତା ସମସ୍ୟା ସମାଧାନ ଶୃଙ୍ଖଳା ଓ ସମନ୍ୱୟତା ।
- ନାଟ୍ୟ ରଚନା - ଚରିତ୍ର ମାନଙ୍କ କାର୍ଯ୍ୟକଳାପ ଏବଂ ଦୃଶ୍ୟ ବିଭାଜନ ।

https://withteachers.in/

ମଞ୍ଚ ଅନ୍ତରାଳର କର୍ମକୁ ଏତେ ଗୁରୁତ୍ୱ ଦିଆଯାଇଥିବାରୁ, ତୁମେମାନେ ବିସ୍ମିତ ହେଉଥିବ ଏବଂ ଜାଣିବାକୁ ବ୍ୟାକୁଳ ହୋଇପଡୁଥିବ ଯେ "ମଞ୍ଚ ଅନ୍ତରାଳ କ'ଣ ?" ଏହା କ'ଣ ପରିବେଷଣ ସ୍ଥଳର ପଛପାଖେ ଲମ୍ବିଥିବା କୌଣସି ସ୍ଥାନ ? ତାହେଲେ କାହିଁକି ଏହା ଏତେ ଗୁରୁତ୍ୱପୂର୍ଣ୍ଣ ?

ଏହା କୌଣସି ସ୍ଥାନ ପାଇଁ ନୁହେଁ ବରଂ ସେଠାରେ ଘଟୁଥିବା କର୍ମ ଏବଂ ସେଥିରେ ଲୋକମାନଙ୍କ ସମ୍ପର୍କ ଓ ସମ୍ପୃକ୍ତ ପାଇଁ ଗୁରୁତ୍ୱ ଗୁରୁତ୍ୱପୂର୍ଣ୍ଣ ଅଟେ । ଅଭିନେତାମାନେ ମଞ୍ଚରେ ଅଭିନୟ କଲାବେଳେ ଅନ୍ତରାଳରେ ରହି କଠିନ ପରିଶ୍ରମ କରୁଥିବା ମଞ୍ଚ ଅନ୍ତରାଳର କର୍ମୀ ମାନଙ୍କୁ ଦୃଷ୍ଟି ଦିଅ ।





https://withteachers.in/

# ମଞ୍ଚ ଅନ୍ତରାଳରେ ଘଟୁଥିବା କର୍ମ

## ୧. ମଞ୍ଚ ସଜା ଏବଂ ଉପକରଣ



- ପରିବେଷଣ ହେବାକୁ ଥିବା ଦୃଶ୍ୟର ଆବଶ୍ୟକତା ଅନୁସାରେ ମଞ୍ଚ ସଜାର ପରିବର୍ତ୍ତନ ।
- ସବୁ ହସ୍ତ ଉପକରଣକୁ ଅଭିନେତାମାନେ ସହଜରେ ଉଠାଇ ନେଇପାରିବା ଭଳି ସଠିକ୍ ଭାବରେ ସଜାଡି ରଖିବା ।
- ମଞ୍ଚକୁ ଉପକରଣ ମୁକ୍ତ କରିବା କାରଣ ନଚେତ୍ ତାହା ଅଭିନେତାଙ୍କ ନିମନ୍ତେ ପ୍ରତିବନ୍ଧକ ସାଜିପାରେ ।
- ଦୃଶ୍ୟ ପରିବେଷଣବେଳେ ଯଦି ମଞ୍ଚରେ କିଛି ଭଲ ହୋଇଯାଏ କିମ୍ବା ଅଭିନେତା ମାନେ କିଛି ଭୁଲିଯାନ୍ତି ସେତେବେଳେ ସେମାନଙ୍କୁ ସହାୟତା ଯୋଗାଇ ଦେବା ।

## ୨. ଉପସଜ୍ଜା ଓ ପୋଷାକ



- ଚରିତ୍ରର ଆବଶ୍ୟକତା ଅନୁସାରେ ରୂପସଜ୍ଜା କରିବା ଓ ପୋଷାକ ପିନ୍ଧାଇ ଅଭିନେତା ମାନଙ୍କୁ ପ୍ରସ୍ତୁତ କରିବା ।
- ଦୃଶ୍ୟ ପରିବର୍ତ୍ତନ ସମୟରେ ସଙ୍ଗେସଙ୍ଗେ ପୋଷାକ ଓ ରୂପସଜ୍ଜାର ପରିବର୍ତ୍ତନ ନିମନ୍ତେ ସହାୟତା ପ୍ରଦାନ ।
- ପୋଷାକ ସାମାନ୍ୟ ଚିରାଫଟା ହେଲେ ତାକୁ ସଜାଡ଼ିବା ।

## ୩. ଆବହ ସଙ୍ଗୀତ



- ଅଭିନେତା ଏବଂ ବୈଷୟିକ ଦଳଙ୍କ ସହିତ କାର୍ଯ୍ୟକରି, ଯୋଗାଯୋଗ ରକ୍ଷାକରି ଉପଯୁକ୍ତ ସମୟରେ ଧ୍ୱନି ସଂଯୋଜନା କରିବା ।
- ପରିବେଷଣ ବା ଦୃଶ୍ୟ ଅନୁସାରେ ଆବହ ସଙ୍ଗୀତ ଓ ଧ୍ୱନି ପ୍ରକ୍ଷେପଣ ନିମନ୍ତେ କାର୍ଯ୍ୟ କରିବା ।
- ବେଳେବେଳେ ମଞ୍ଚ ଉପରର ତ୍ରୁଟି ଗୁଡ଼ିକୁ ଉପଯୁକ୍ତ ଧ୍ୱନି ଓ ଆବହ ସଂଗୀତ ଦ୍ୱାରା ଲୁଚାଇ ରଖିବା ।

## ୪. ଆଲୋକୀକରଣ



- ଆଲୋକର ଯୋଜନା କରି ନାଟକର ସଙ୍କେତ ଗୁଡ଼ିକୁ ଜାଣିରଖ ।
- ଆଲୋକର ସମୟ ଏବଂ ଅପ୍ରତ୍ୟାଶିତ ଘଟଣାର ଅଭିନେତା ମାନଙ୍କୁ ସାହାଯ୍ୟ କରିବା । ଏହି କଥା ତୁମେ ଲକ୍ଷ୍ୟ କରିଥିବ ଯେ, ଉପରୋକ୍ତ ସମସ୍ତ ଘଟଣା ଗୁଡ଼ିକ ନାଟକ ପ୍ରଦର୍ଶନ ଚାଲିଥିବା ସମୟରେ ହିଁ ଘଟିଥାଏ । ଯଦିଚ ଅନ୍ତରାଳର ମୁଖ୍ୟ ଦାୟିତ୍ୱ ସବୁ ନାଟ୍ୟ ପ୍ରଦର୍ଶନ ସଂଗଠିତ ହୋଇଥାଏ । ଏଥିପାଇଁ ଅନେକ ଯୋଜନା ଏବଂ ପ୍ରସ୍ତୁତି ନାଟକ ପ୍ରଦର୍ଶନର ପୂର୍ବରୁ ଏବଂ ପରେ ଚାଲିଥାଏ । ଆମ ମନରେ ପ୍ରଶ୍ନ ଉଠେ ଯେ ପ୍ରଦର୍ଶନ ସରିବା ପରେ କି ଯୋଜନା ? ହଁ-ତାହାକୁ ଜାଣିବା ପାଇଁ ତୁମେ ଆଗକୁ ଆଗକୁ ପଢ଼ି ଚାଲ ।



https://withteachers.in/

| | ମଞ୍ଚନ ପୂର୍ବରୁ | ମଞ୍ଚନ ପରେ |
|---|---|---|
|  | **ମଞ୍ଚସଜ୍ଜା ଓ ଉପକରଣ**<br>• ମଞ୍ଚସଜ୍ଜା କିମ୍ବା ଦୃଶ୍ୟପଟ୍ଟ ତିଆରି ।<br>• ଉପକରଣ ସବୁକୁ ମାଗିକରି, ଭଡାରେ ଅଣାଯାଇପାରେ ବା କିଣାଯାଇପାରେ ।<br>• ଦୃଶ୍ୟ ସଜ୍ଜାକୁ ରଖିବାର ସଠିକ ସ୍ଥାନକୁ ଚିହ୍ନଟ କରିବା ।<br>• ଦୃଶ୍ୟପରେ ମଞ୍ଚ ଅନ୍ଧାର ହେଲେ ଶୀଘ୍ର ଶୀଘ୍ର ଏ ସବୁର ପରିବର୍ତ୍ତନ ଆବଶ୍ୟକ (ଯଦି ଦରକାର ଥାଏ) କାହିଁକି ଦୁଇ ଦୃଶ୍ୟ ମଧ୍ୟସ୍ଥ ବିରାମ ସମୟରେ ଆଲୋକ ମାତ୍ର ୩୦ ସେକେଣ୍ଡ ରହିବ । | **ମଞ୍ଚସଜ୍ଜା ଓ ଉପକରଣ**<br>• ମଞ୍ଚସଜ୍ଜା ନିମନ୍ତେ ବ୍ୟବହୃତ ହୋଇଥିବା ଦୃଶ୍ୟପଟ୍ଟକୁ ଖୋଲି ସତର୍କ ଭାବରେ ସଜାଡ଼ି ରଖ ଯେମିତିକି କିଛି କ୍ଷତି ନ ହୁଏ ।<br>• ରଖାଯାଉଥିବା ସ୍ଥାନକୁ ପଠାଇଦିଅ ।<br>• ଅସୁବିଧା ଗୁଡ଼ିକୁ ଚିହ୍ନ ଓ ପରବର୍ତ୍ତୀ ପ୍ରଦର୍ଶନ ନିମନ୍ତେ ସଂଶୋଧନ କରିନିଅ ।<br>• ମାଗିକରି କିମ୍ବା ଭଡ଼ାରେ ଆଣିଥିବା ଉପକରଣ ଗୁଡ଼ିକୁ ଫେରାଇ ଦିଅ । |
|  | **ରୂପସଜ୍ଜା ଏବଂ ପୋଷାକ**<br>• ଚରିତ୍ର ଅନୁସାରେ କଳ୍ପନା କରି ତିଆରି କର । (ଗ୍ରେଡ୍ ୬ରେ) ଷଷ୍ଠ ଶ୍ରେଣୀରେ ଶିଖିଥିଲ ।<br>• ସମସ୍ତଙ୍କ ପୋଷାକ ଯୋଗାଡ କରି, ଭଡାରେ ଆଣ କିମ୍ବା ତିଆରି କର ।<br>• ଆବଶ୍ୟକ ହେଉଥିବା କୃତ୍ରିମ କେଶ ବା ପରଚୁଳା (Wig) ଏବଂ ଅନ୍ୟାନ୍ୟ ସୌଖିନ ଉପକରଣର ଯୋଜନା କର ।<br>• ପୋଷାକ ପିନ୍ଧି ଅଭ୍ୟାସ (Costume Rehearsal) କଲେ ତାହା ଉତ୍ତମ ଯୋଜନା ନିମନ୍ତେ ସାହାଯ୍ୟ କରେ । | **ରୂପସଜ୍ଜା ଏବଂ ପୋଷାକ**<br>• ଅଭିନେତା ମାନଙ୍କ ନିକଟରୁ ଲୁଗାପଟା ଓ ଅଳଙ୍କାର ଗୁଡ଼ିକୁ ସଂଗ୍ରହ କରିଆଣ ।<br>• ହଜିଛି କି ଚିରିଛି ଦେଖିନିଅ ।<br>• ସଜାଡ଼ିବା କିମ୍ବା ଭଡାରେ ଆସିଥିବା ଜିନିଷ ଗୁଡ଼ିକୁ ଫେରାଇ ଦିଅ ।<br>• ପରବର୍ତ୍ତୀ ପରିବେଷଣ ନିମନ୍ତେ ସଫା କର ଓ ସଜାଡି ରଖ । |
|  | **ଆବାହ ସଙ୍ଗୀତ**<br>• ମାଇକ୍, ସ୍ପିକର ଏବଂ ଧ୍ୱନି ମିଶ୍ରଣ ଯନ୍ତ୍ରକୁ ପରୀକ୍ଷା କରିନିଅ ।<br>• ବାଦ୍ୟଯନ୍ତ୍ର ଗୁଡ଼ିକୁ ସ୍ୱର କରି ରଖ । | **ଆବାହ ସଙ୍ଗୀତ**<br>• ସୁରକ୍ଷିତ ଭାବରେ ସବୁ ଉପକରଣ ଗୁଡ଼ିକୁ ଯଥା ସ୍ଥାନରେ ବାନ୍ଧି ରଖ ।<br>• ତାର, ବୋର୍ଡ, ପ୍ଲଗ ଓ ଅନ୍ୟାନ୍ୟ ଉପକରଣ ଗୁଡ଼ିକୁ ସୁରକ୍ଷିତ ଭାବେ ରଖ । |
|  | **ଆଲୋକ**<br>• ନାଟକର ଅଭ୍ୟାସ ଚାଲିଥିବା ବେଳେ ଆଲୋକୀକରଣର ଯୋଜନା ପ୍ରସ୍ତୁତ କର ।<br>• ଆଲୋକକୁ ଉପଯୁକ୍ତ ସ୍ଥାନରେ ଖଞ୍ଜି ସଜାଅ ଓ ଅଭିନେତାମାନଙ୍କ ନିମନ୍ତେ ସଠିକ୍ ସ୍ଥାନ ଚିହ୍ନଟ କର । | **ଆଲୋକ**<br>• ନାଟ୍ୟଦଳର ଉପକରଣ ଗୁଡ଼ିକୁ ମଞ୍ଚନ ସ୍ଥଳରୁ ଖୋଲି ଦିଅ ।<br>• ଆଲୋକ ବତୀ ତାର ଓ ଷ୍ଟାଣ୍ଡ ଗୁଡ଼ିକୁ ସୁରକ୍ଷିତ ଭାବେ ପରିବହନ କରିଆଣ । |



https://withteachers.in/

ମଞ୍ଚ ଅନ୍ତରାଳରେ ଯେତେ ସବୁ କାର୍ଯ୍ୟ କରାଯାଏ ସେଥି ନିମନ୍ତେ ପ୍ରତି ବିଭାଗରେ କେତେଜଣ ଲେଖାଏ ଲୋକଙ୍କର ଆବଶ୍ୟକ ହେଉଥିବ ବୋଲି ତୁମେ ଭାବୁଛ ? ୮ ରୁ ୧୦ ଜଣ ଅଭିନେତା ଥିବା ଏକ ନାଟକରେ କେତେ ଜଣ ଲୋକ ଅନ୍ତରାଳରେ ରହି କାମ କରୁଥିବେ ? ପ୍ରାୟ ୧୫-୧୮ ଜଣ । ବେଳେବେଳେ ଆହୁରି ଅଧିକ ଲୋକଙ୍କର ଆବଶ୍ୟକ ପଡ଼ିଥାଏ ।

## ଯୋଜନା, ପରିଚାଳନା ଏବଂ ଶୃଙ୍ଖଳା

ନାଟକ କରିବା, ବିଶେଷ କରି ମଞ୍ଚ ଅନ୍ତରାଳରେ କର୍ମ କରିବା ଫଳରେ ଅନେକ ଜୀବନ ଦକ୍ଷତା ମିଳି ପାରିଥାଏ ।

ସାଧାରଣତଃ ଆମେ ଦେଖିଥାଉ ଯେ ଗୋଟିଏ ନାଟକର ପରିବେଷଣ ପାଇଁ ଅନେକ ଲୋକ ଏବଂ ଦଳ ମିଳିମିଶି କାର୍ଯ୍ୟ କରିଥାନ୍ତି । ନାଟକରେ ସମସ୍ତେ ଏକାଠି କାମ କରୁଥିବା ସମୟରେ କେଉଁ ସବୁ ଘଟଣା ଦେଖି ଆମେ ଜାଣିପାରିବା ଯେ ସମସ୍ତେ ଭଲରେ କାମ କରୁଛନ୍ତି ?



### ଦଳଗତ କର୍ମ ଏବଂ ନେତୃତ୍ୱନେବା

ନାଟକରେ ସମସ୍ତ ବିଭାଗ ପରସ୍ପର ଭିତରେ ସମନ୍ୱୟ ଏବଂ ଉପଯୁକ୍ତ ବୁଝାମଣା ରକ୍ଷାକରିବା ଉଚିତ୍ କାରଣ ଗୋଟିଏ ବିଭାଗର ମଧ୍ୟ ସମସ୍ୟା ନାଟକର ସମ୍ପୂର୍ଣ୍ଣ ପରିବେଷଣକୁ ବାଧା ପହଞ୍ଚାଇ ପରିଥାଏ ।

### ମାନବ ସମ୍ବଳ

ଦକ୍ଷତା ଆଧାରରେ ଉପଯୁକ୍ତ ଲୋକମାନଙ୍କୁ ନାଟକର ଭିନ୍ନ ଭିନ୍ନ ଦାୟିତ୍ୱ ପ୍ରଦାନ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ । ନାଟକରେ ସମସ୍ତେ ଯଦି ଆନନ୍ଦର ସହିତ ନିଜ ନିଜର କାର୍ଯ୍ୟ କରିବେ । ତେବେ ତାହା ଏକ ଉଚ୍ଚ ମାନର କାର୍ଯ୍ୟରେ ପରିଣତ ହୋଇପାରିବ ।

### ସମୟ ପରିଚାଳନା

ଏହା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ । ସେ ଅଭିନେତା ହୁଅନ୍ତୁ କିମ୍ବା ମଞ୍ଚ ଅନ୍ତରାଳ କର୍ମୀ। ପରବର୍ତ୍ତୀ ପୃଷ୍ଠାର ବିଭାଗରେ ଏହା ବିଷୟରେ ସ୍ପଷ୍ଟ ଓ ସବିଶେଷ ବର୍ଣ୍ଣନା ପ୍ରଦାନ କରାଯାଇଛି।

### ଯୋଗାଯୋଗ :

ଦଳମାନଙ୍କ ଭିତରେ ସବୁବେଳେ ଭାବନା, କଳ୍ପନା ଏବଂ ଆଲୋଚନାର ଆଦାନପ୍ରଦାନ ହେବା ନାଟ ମଞ୍ଚନ ପାଇଁ ଗୁରୁତ୍ୱପୂର୍ଣ୍ଣ । ଗୋଟେ ଦଳ ଯଦି ଜାଣି ନଥିବ ଅନ୍ୟ ଗୋଟେ ଦଳ କ'ଣ ସମ୍ମୁଖୀନ ହେଉଛି, ତା'ହେଲେ ସମନ୍ୱୟ ବାଧା ପାଇବ ଯାହା ପରିବେଷଣକୁ ମଧ୍ୟ ପ୍ରଭାବିତ କରିବ ।

### ସମ୍ବଳ ପରିଚାଳନା :

ନିଶ୍ଚିତ ହେବା ଆବଶ୍ୟକ ଯେ ଦୃଶ୍ୟ ପଟ୍ଟ ଗଠନ ନିମନ୍ତେ ଦରକାରୀ ସରଞ୍ଜାମ ଉପକରଣ ଓ ପୋଷାକ ଗୁଡିକ ଠିକ୍ ସମୟରେ ଅଣାଯିବ । ଦେଖିବାକୁ ହେବ ଯେ ସେସବୁ ଯେମିତି ସୁରକ୍ଷିତ ଭାବେ ରଖାଯାଏ । ଏଥି ସହିତ ପଇସାପତ୍ର ଏବଂ ଆୟ ବ୍ୟୟର ଅଟକଳ ମଧ୍ୟ ଦେଖିନେବା ଦରକାର ।

### ବିକ୍ରି ଓ ବିକାକିଣା :

ଦଳ ମାନଙ୍କର କଠିନ ପରିଶ୍ରମ ସହିତ ନାଟକ ଦେଖିବାକୁ ଭଲ ଦର୍ଶକ ପାଇବା କ'ଣ ଗୁରୁତ୍ୱପୂର୍ଣ୍ଣ ନୁହେଁ ?



https://withteachers.in/

## ଶୃଙ୍ଖଳା ଓ ନିଷ୍ଠା

ଆମେ ଏହିଭଳି କିଛି ଗୁଣ ଆମ ଭିତରେ ବଢେଇବାକୁ ପଡିବ ଯାହା ଫଳରେ ସମସ୍ତେ ଗୋଟିଏ ଦଳରେ ଏକାଠି କାମ କରି ନାଟକ ପରିବେଷଣ କରିବାରେ ସଫଳ ହୋଇପାରିବୁ ।

### ସେହି ଗୁଣ ଗୁଡିକ ହେଲା-

- କ୍ଷମା ପ୍ରାର୍ଥନା ନ କରି ସମସ୍ତେ ଅଭ୍ୟାସ (Rehearsal) ଏବଂ ପ୍ରସ୍ତୁତି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ।
- ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ଦିଆଯାଇଥିବା କାର୍ଯ୍ୟ ଓ ପ୍ରସ୍ତୁତିକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିବା ।
- ନାଟ୍ୟ ଦଳକୁ ତୁମକୁ ଅପେକ୍ଷା କରିବାକୁ ନଦେଇ ଠିକ୍ ସମୟରେ ଉପସ୍ଥିତ ରହିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହେବା ।
- ଖାଲି ସମୟରେ ଅତିରିକ୍ତ ସାହାଯ୍ୟ କରିବାକୁ ଆଗଭର ହେବା । ପୋଷାକ ଏବଂ ଉପକରଣ ଭଳି ସମ୍ବଳ ଯୋଗାଇଦେବା ।

ମଞ୍ଚ ଅନ୍ତରାଳର ବିଭିନ୍ନ ଉପାଦାନ ବିଷୟରେ କରିଥିବା ଆଲୋଚନା ସହିତ ତୁମ ଅଭିଭାବକମାନେ ବିଦ୍ୟାଳୟରେ କିମ୍ବା ଘରେ ଯାହା ସବୁ ମାନି ଚଳିବାକୁ ସବୁବେଳେ କୁହନ୍ତି ତାହାର କି କି ସାମଞ୍ଜସ୍ୟ ଅଛି ? ଏହା ସତ ଯେ ଏଥିର ଅନେକ ଗୁଣ ଆମର ଦୈନନ୍ଦିନ ଜୀବନ ନିମନ୍ତେ ମଧ୍ୟ ଉପଯୁକ୍ତ କିନ୍ତୁ କେବଳ ଫରକ ଯେ ଏହି ଦକ୍ଷତାକୁ ଶିକ୍ଷା କରିବାବେଳେ ନାଟକ ତୁମକୁ ହସ ଖୁସି ପ୍ରଦାନ କରିଥାଏ ।

**ଅସୀମ ବସୁ : (୧୯୩୫-୨୦୧୭) :**



ବାଲେଶ୍ୱର ସହରରେ ଏହାଙ୍କର ଜନ୍ମ । ଏହି କଳାକାର ମଞ୍ଚସଜ୍ଜା ନିମନ୍ତେ ବାସ୍ତବତାର ଅନୁକରଣ କରୁଥିଲେ । ଲମ୍ବ, ପ୍ରସ୍ଥ ଓ ଉଚ୍ଚତା ବିଶିଷ୍ଟ ତ୍ରି-ଆୟତନୀୟ ବକ୍ସସେଟ୍ (Box Set) ଦ୍ୱାରା ନାଟକର ଦୃଶ୍ୟମାନ ନିର୍ମାଣ କରୁଥିଲେ । ଯାହା ସତ ଭଳି ମନେ ହେଉଥିଲା ।

## ଓଡ଼ିଶାର ପ୍ରସିଦ୍ଧ ମଞ୍ଚଶିଳ୍ପୀ

**ଲକ୍ଷ୍ମୀନାରାୟଣ ଆଚାରୀ (୧୮୯୯-୧୯୯୬)**



ନିଜ ଗ୍ରାମ ଗଞ୍ଜାମ ଜିଲ୍ଲା ପିତଳ ଠାରେ ରାଧାକୃଷ୍ଣ ରଙ୍ଗାଳୟ ଓ ପରବର୍ତ୍ତୀ ସମୟରେ କିଶୋର ଚନ୍ଦ୍ର ନାଟ୍ୟସଂଘର ଅନେକ ପୌରାଣିକ ନାଟକର ମଞ୍ଚସଜ୍ଜା କରିଥିଲେ । ନାଟକର ଦୃଶ୍ୟପଟ ଗୁଡିକୁ ରଙ୍ଗ, ତୂଳୀ ସାହାଯ୍ୟରେ କନା ଉପରେ ସୁନ୍ଦର ରୂପେ ଆଙ୍କୁଥିଲେ । ଯାହା ନାଟକର ବିଭିନ୍ନ ଦୃଶ୍ୟର ଦୃଶ୍ୟପଟ ରୂପେ ମଞ୍ଚ ପଛପଟେ ଟଙ୍ଗା ହୋଇ ଶୋଭା ପାଉଥିଲା । ସେହି ଚିତ୍ରିତ ପରଦା ସମ୍ମୁଖରେ ଅଭିନେତାମାନେ ନାଟକ ଅଭିନୟ କରୁଥିଲେ । କ୍ରମେ ସେ ଅର୍ଣ୍ଣପୂର୍ଣ୍ଣା, ଜନତା, କଳାଶ୍ରୀ, ରୂପଶ୍ରୀ ଓ ଏକାମ୍ର ଆଦି ଲବ୍ଧ ପ୍ରତିଷ୍ଠିତ ପେଶାଦାର ରଙ୍ଗମଞ୍ଚର ନାଟକ ମାନଙ୍କ ଦୃଶ୍ୟପଟ ଆଙ୍କିବାର ସୁଯୋଗ ମଧ୍ୟ ପାଇଲେ । ସେହିଠାରେ ସେ ଅନେକ ଆଲୋକ ସମ୍ପାତ ଓ ମଞ୍ଚମାୟା ସୃଷ୍ଟି କରିପାରିଲେ । ରାଜ୍ୟର ବିଭିନ୍ନ ଚିତ୍ରାଳୟ ମାନଙ୍କ ପାଇଁ ମଧ୍ୟ ସେ ଦୃଶ୍ୟପଟ ବା ସିନ୍ ଆଙ୍କି ଦେଉଥିଲେ । ସେହିଗୁଡିକ ବିଭିନ୍ନ ଗ୍ରାମ ଓ ସହରରେ ମଞ୍ଚସ୍ଥ ଦେଉଥିବା ନାଟକରେ ଦୃଶ୍ୟପଟ ବା ସିନ୍ ଆଙ୍କି ଦେଉଥିଲେ । ଯାହାକୁ ବିଭିନ୍ନ ଗ୍ରାମ ଓ ସହରରେ ମଞ୍ଚସ୍ଥ ହେଉଥିବା ନାଟକରେ ଦୃଶ୍ୟପଟ ଭାବେ ବ୍ୟବହାର କରାଯାଉଥିଲା ।

**ଦୋଳଗୋବିନ୍ଦ ରଥ : (୧୯୫୧) :**



ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ନିକଟବର୍ତ୍ତି ନୂଆ ଗାଁ'ରେ ଏହାଙ୍କର ଜନ୍ମ । ନାଟ୍ୟକଳାର ବିଭିନ୍ନ ଦିଗ ବିଷୟରେ ଏହାଙ୍କର ଦକ୍ଷତା ରହିଛି । ନାଟକର ବିଷୟବସ୍ତୁ, ଦୃଶ୍ୟ ଓ ଅଭିନୟର ଭାବ-ଶୈଳୀକୁ ଅନୁଧ୍ୟାନ କରି ସେହି ଅନୁସାରେ ମଞ୍ଚସଜ୍ଜା ଓ ଆଲୋକ ସମ୍ପାଦନା ଦ୍ୱାରା ସୃଜନଶୀଳ, ନାଟକୀୟ ପରିବେଶ ଏବଂ ନାଟ୍ୟ ସ୍ଥଳ ସୃଷ୍ଟି କରନ୍ତି । ସେ ଜଣେ ଦକ୍ଷ ନିର୍ଦ୍ଦେଶକ ମଧ୍ୟ । ରାଜ୍ୟ ଓ ରାଜ୍ୟ ବାହାରେ ବହୁ ନାଟ୍ୟ କର୍ମଶାଳାରେ ସେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ନାଟକ ପ୍ରତି ଆଗ୍ରହ ଥିବା ନୂତନ କଳାକାରମାନଙ୍କୁ ତାଲିମ ପ୍ରଦାନ କରିଥାନ୍ତି ।



https://withteachers.in/

ଆସ ଆମେ କେତେ ଗୁଡିଏ ଜିନିଷର ତାଲିକା ପ୍ରସ୍ତୁତ କରିବା । ଯାହାକୁ ତୁମେ ମଞ୍ଚ ବାହାରେ ମଧ୍ୟ ବ୍ୟବହାର କରିପାରିବ । ପ୍ରଥମ ଦୁଇଟିକୁ ଉଦାହରଣ ଭାବେ ଦିଆଯାଇଛି ।

### ମୋ ଜୀବନରେ ନାଟ୍ୟ ଦକ୍ଷତା

୧. ତୁମେ ସବୁଦିନ ବ୍ୟବହାର କରୁଥିବା ଜିନିଷ ଗୁଡିକର ଉପଯୁକ୍ତ ଯତ୍ନ ନିଅ ଯଥା ପୁସ୍ତକ ବିଦ୍ୟାଳୟ ପୋଷାକ, କାଗଜ କଲମ ଆଦି ଲିଖନ ଉପକରଣ ।

୨. ନିୟମିତ ଅଭ୍ୟାସ (ପଠନ) କର ଫଳରେ ପରିବେଷଣ (ପରୀକ୍ଷା) ସମୟରେ ତୁମମାନଙ୍କ ଆତ୍ମବିଶ୍ୱାସ ସୁଦୃଢ଼ ହୋଇ ପାରିବ । ସବୁ କାର୍ଯ୍ୟକୁ ଶେଷ ମୂହୁର୍ତ୍ତ ପର୍ଯ୍ୟନ୍ତ ପକାଇ ରଖିବା କେବେ ହେଲେ ସହାଯ୍ୟ କରିବ ନାହିଁ ।

୩.

୪.

୫.

ତୁମେ ତୁମ ଖାତାରେ ଏହି ତାଲିକା ସହିତ ସ୍ୱଇଚ୍ଛାରେ ଆଉ କିଛି ଉପାୟ କଥା ଯୋଗ କରିପାର ।

### ମଞ୍ଚ ଅନ୍ତରାଳର ଇତିହାସ

ନାଟ୍ୟ ମଞ୍ଚନ ନିମନ୍ତେ ମଞ୍ଚ ଅନ୍ତରାଳରେ କର୍ମ ମଧ୍ୟ ନାଟକ ପରି ପ୍ରାଚୀନ କାରଣ ଇତିହାସର କୌଣସି ସମୟରେ କୌଣସି ପରିବେଷଣ ବେଳେ ଏକ ସୁଦୃଢ଼ ସାହାଯ୍ୟକାରୀ ପଦ୍ଧତି ଅନ୍ତରାଳରେ କାର୍ଯ୍ୟ କରିବା ଦରକାର ହୋଇଥାଏ । ପ୍ରକୃତରେ ପରିବେଷଣ କଳା ବିଷୟରେ ପ୍ରାଚୀନତମ ଗ୍ରନ୍ଥ - ନାଟ୍ୟ ଶାସ୍ତ୍ର ଯାହାକି ୨୫୦୦ ବର୍ଷଠାରୁ ଆହୁରି ପୂର୍ବରୁ ରଚିତ ହୋଇଛି ସେଥିରେ ଅତି ବିସ୍ତୃତ ଭାବେ ଏହି ବିଷୟରେ ବର୍ଣ୍ଣନା କରାଯାଇଛି ଏବଂ କ୍ରମାନ୍ୱୟରେ ଅନେକ ନିର୍ଦ୍ଦେଶମାନ ଦିଆଯାଇଛି । ଯାହାକୁ କି ନାଟ୍ୟ ମଞ୍ଚନ ନିମନ୍ତେ ପାଳନ କରାଯିବା ଆବଶ୍ୟକ । ମଞ୍ଚ ଅନ୍ତରାଳର ଇତିହାସକୁ "ପୂର୍ବରଙ୍ଗବିଧି" ବୋଲି କୁହାଯାଏ । ଏଥିରେ ବାଦ୍ୟ ଯନ୍ତ, ମଞ୍ଚସଜ୍ଜା ଏବଂ ଉପକରଣ ସଜାଡି ରଖିବା ଠାରୁ ଆରମ୍ଭ କରି ନିର୍ବିଘ୍ନରେ ଅବିଚ୍ଛିନ୍ନ ଭାବେ ନାଟ୍ୟ ପରିବେଷଣ ନିମନ୍ତେ ଭଗବାନଙ୍କ ଆଶିର୍ବାଦ କାମନା ପର୍ଯ୍ୟନ୍ତ ସମସ୍ତ ବିଧି ରଚିତ ହୋଇଛି ।

## ନାଟକରେ ତିନୋଟି ଘଣ୍ଟି

ଯେକୌଣସି ପେଶାଦାର ନାଟ୍ୟ ପରିବେଷଣବେଳେ ବିଭିନ୍ନ ବ୍ୟବଧାନର ତିନୋଟି ଘଣ୍ଟି ବାଜିଥାଏ । ପ୍ରତ୍ୟେକର ଅର୍ଥ ଭିନ୍ନ ଭିନ୍ନ । ଏହା କେବଳ ଅଭିନେତା ଏବଂ କର୍ମୀ ମାନଙ୍କ ନିମନ୍ତେ ନୁହେଁ ବରଂ କର୍ମୀମାନଙ୍କ ନିମନ୍ତେ ମଧ୍ୟ ଦରକାର । ସେଗୁଡିକୁର ଅର୍ଥ ଏଠାରେ ପ୍ରକାଶ କରାଗଲା ।



**ପ୍ରଥମ ଘଣ୍ଟି :-** ନାଟକରେ ପ୍ରଥମେ ଦର୍ଶକମାନେ ନିରବ ରହିବା ପାଇଁ ଯେଉଁ ନୂଆ ସୂଚନା ଘଣ୍ଟି ଦିଆଯାଏ ତାକୁ ପ୍ରଥମ ଘଣ୍ଟି (Fist Bell) କୁହାଯାଏ । ଯେହେତୁ ନାଟକ ଜଲଦି ଆରମ୍ଭ ହେବ । ସେହି ସମୟ ମଧ୍ୟରେ ପ୍ରଥମଦୃଶ୍ୟ ନିମନ୍ତେ ଆବଶ୍ୟକ ମଞ୍ଚସଜ୍ଜା ଏବଂ ଉପକରଣ ମଞ୍ଚ ଉପରେ ରଖାଯାଇଥାଏ ।

**ଦ୍ୱିତୀୟ ଘଣ୍ଟି :-** ବର୍ତ୍ତମାନ, ଅଭିନେତାମାନେ ମଞ୍ଚ ଉପରେ ଏବଂ ଯଥା ସ୍ଥାନରେ ଉପସ୍ଥିତ ଥିବେ । ଅନ୍ତରାଳରେ କାର୍ଯ୍ୟ କରୁଥିବା ସମସ୍ତେ ମଧ୍ୟ ଯିଏ ଯାହା ସ୍ଥାନରେ ଉପସ୍ଥିତ ଥିବେ । ମଞ୍ଚ ମାଇକ୍ (Mics) ସକ୍ରିୟ ହେବାର ଏହା ଏକ ସୂଚନା । ନାଟକର ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା, ସଙ୍ଗୀତ ନିର୍ଦ୍ଦେଶକ, ମଞ୍ଚସଜ୍ଜାକାରୀ, ରୂପସଜ୍ଜାକାରୀ, ପୋଷାକ ଯୋଗାଣକାରୀ ଏବଂ ଅନ୍ୟାନ୍ୟ ସହଯୋଗୀ ଏବଂ ନାଟକ ମଞ୍ଚସ୍ଥ ସମୟରେ ଦର୍ଶନକମାନେ ମୋବାଇଲ୍ ଫୋନ୍ ବନ୍ଦ କଖିବାକୁ ମଧ୍ୟ ଘୋଷଣା କରାଯାଇଥାଏ ।





**ତୃତୀୟ ଘଣ୍ଟି :-** ନାଟକ ଆରମ୍ଭ ହୁଏ । ଦଳର ଅନେକ ଅଭ୍ୟାସ ପରେ ପରିବେଷଣ କରୁଥିବା ସମସ୍ତ କଳାକାରମାନଙ୍କୁ ଏହା ବାର୍ଷିକ ପରୀକ୍ଷା ଭଳି ମନେହୁଏ । ପରୀକ୍ଷା ପୂର୍ବରୁ ଚାପମୁକ୍ତ ହୋଇ ପରୀକ୍ଷାରେ ଭଲ କରିବା ପାଇଁ କେଉଁ କେଉଁ ତିନୋଟି ପଦକ୍ଷେପ ନେବ ତାକୁ ଜାଣିଛ କି ?



https://withteachers.in/

ନାଟ୍ୟ ଗୃହର ଗଠନ ବିଷୟରେ ମଧ୍ୟ ସେଥିରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ନାଟ୍ୟଗୃହ: ନାଟକ ପରିବେଷଣ ହେଉଥିଲା । ନେପଥ୍ୟ: ଯାହାକୁ ମଞ୍ଚ ଅନ୍ତରାଳ କୁହାଯାଏ ବା ଦର୍ଶକ ମାନଙ୍କ ମଞ୍ଚ ଚାରିପାଖରେ ସମୁଦାୟ ସ୍ଥାନ ।

ଏଠାରେ ଯେଉଁ ଶୃଙ୍ଖଳା ଓ ବିଧିବିଧାନ ପାଳନ କରାଯାଏ ତାହାକୁ ନେପଥ୍ୟବିଧି କୁହାଯାଏ । ଏଥିରେ ମଞ୍ଚର କୋଣମାନଙ୍କରେ ମତ୍ତବାହିଣୀ ମାନ ଥିଲା (ବଡ ହାତୀ ଆକାରର ଖମ୍ବ) । ଯେଉଁଠାରେ କି ଅଭିନେତାମାନେ ମଞ୍ଚସଜ୍ଜା ଓ ଉପକରଣ ସବୁକୁ ପ୍ରବେଶ ଏବଂ ପ୍ରସ୍ଥାନ ନିମନ୍ତେ ସଜାଇ ରଖୁଥିଲେ।

ଏବେ ଏହା ବଦଳରେ ପାର୍ଶ୍ୱ ପରଦା (Wings) ବ୍ୟବହାର କରାଯାଇଛି । ସାଧାରଣତଃ ପ୍ରେକ୍ଷାଗୃହ ଗୁଡିକର ଦୁଇ ପାଖରେ ତିନୋଟି ଲେଖାଏଁ ପରଦା (Wings) ଥାଏ ଯାହାକି ମଞ୍ଚର ଦୁଇ ପାର୍ଶ୍ୱରୁ ଅଭିନେତା ମାନଙ୍କ ପ୍ରବେଶ ପ୍ରସ୍ଥାନ ନିମନ୍ତେ ତିନୋଟି ବାଟ ସୃଷ୍ଟି କରିଥାଏ ।

ମଞ୍ଚ ଅନ୍ତରାଳ କର୍ମର ଗୁରୁତ୍ୱ ନିମ୍ନରେ ଥିବା ନାଟ୍ୟଶାସ୍ତ୍ରର ପଂକ୍ତିରେ ସଂକ୍ଷିପ୍ତ ଭାବେ ବର୍ଣ୍ଣନା କରାଯାଇଛି (ଅଧ୍ୟାୟ ୫ ପୂର୍ବରଙ୍ଗ)।

**ନ ତଥାଗ୍ନିଃ ପ୍ରଦହତି ପ୍ରଭଞ୍ଜନସମୀରିତଃ**
**ଯଥା ହ୍ୟାପପ୍ରୟୋଗସ୍ତୁ ପ୍ରଯୁକ୍ତୋ ଦହତି କ୍ଷଣାତ୍ ।୧୭।**

ନାଟକର ଅପପ୍ରୟୋଗ ଜନିତ ପ୍ରଯୋଜନା ବା ପରିବେଷଣ କ୍ଷଣିକ ଭିତରେ ଯେତିକି କ୍ଷତି କରିପାରେ ବାତ୍ୟାଦ୍ୱାରା ଉଦ୍ଦୀପିତ ଅଗ୍ନି ମଧ୍ୟ ସେତିକି କ୍ଷତି କରିପାରେ ନାହିଁ ।

ଗ୍ରୀକ୍ ନାଟକରେ ମଧ୍ୟ ଏପରି ଶୃଙ୍ଖଳା ପ୍ରଚଳିତ ଥିଲା, ବିଶେଷ କରି ଯେହେତୁ ସେଠାରେ ମୁକ୍ତାକାଶ ପରିବେଷଣ ସ୍ଥଳ ଥିଲା । ଅଭିନୟ ସ୍ଥଳ ପଛପଟେ ଯେଉଁଠି ଅଭିନେତା ମାନେ ପୋଷାକ ଏବଂ ମୁଖା ପିନ୍ଧି ପ୍ରସ୍ତୁତ ହୋଇ ରହୁଥିଲେ ତାହା ଶାଗୁଆ ଅଙ୍ଗୁର ବାଡ ଗଛ ବୁଦା ଦ୍ୱାରା ଆବୃତ୍ତ ହେଉଥିଲା ।

ଏଥିପାଇଁ ଏହାକୁ ଗ୍ରୀନ୍ ରୁମ୍ (Green Room) କୁହାଯାଉଥିଲା । ଏହି ଗ୍ରୀନ୍ ରୁମ ଆଜି ପର୍ଯ୍ୟନ୍ତ ସାରା ପୃଥିବୀର ଅଭିନେତା ମାନଙ୍କ ଦ୍ୱାରା ବ୍ୟବହୃତ ହେଉଅଛି । ଯେଉଁଠି ରୂପସଜ୍ଜା ଏବଂ ପୋଷାକ ପରିବର୍ତ୍ତନ କରାଯାଏ ।

ତୁମେ ଜାଣିଛ କି ?



ତାହାକୁ ଏବେ ମଧ୍ୟ ଗ୍ରୀନ୍ ରୁମ୍ କୁହାଯାଉଛି। ଯଦିଓ ସେଇ କୋଠରୀରେ କୌଣସି ଶାଗୁଆ ପଦାର୍ଥ ଆଉ ରହୁନାହିଁ।





https://withteachers.in/




ନାଟ୍ୟ ପ୍ରଯୋଜନା ଚାଲିଥିବା ବେଳେ ଯେକୌଣସି ସମୟରେ କେତେକ ଘଟଣା ଘଟିବାର ସମ୍ଭାବନା ଥାଏ । ସେଗୁଡ଼ିକ ଏଠାରେ ବର୍ଣ୍ଣନା କରାଯାଇଛି । ତୁମେ ନିଜକୁ ସେହି ପରିସ୍ଥିତିରେ ରଖି ତାହାର ସମାଧାନକୁ ଲେଖି ରଖ । ତୁମ ପାଖକୁ ଏକାଧିକ ସମାଧାନ ମଧ୍ୟ ଆସି ପହଞ୍ଚି ପାରେ ।

କିନ୍ତୁ ଯୋଜନା ପାଇଁ ଆବଶ୍ୟକ ସମୟ ଏବଂ ମିଳୁଥିବା ପ୍ରକୃତ ସମୟକୁ ମନେରଖ । ଏଥିପାଇଁ ଆର୍ଥିକ ସମ୍ବଳ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ଉଦାହରଣ ସ୍ୱରୂପ ତୁମେ ହୁଏତ ସବୁବେଳେ ମଞ୍ଚସଜ୍ଜା ଓ ଉପକରଣ କିଣିବାକୁ ସକ୍ଷମ ହୋଇନପାର । ଯେହେତୁ ଏଗୁଡ଼ିକର ଦାମ ବହୁତ ଅଧିକ ।

**ଘଟଣାବଳୀ ୧ :**

ଏହାଦିନ ୧୧ଟା ଏବଂ ସେହିଦିନ ସନ୍ଧ୍ୟାରେ ନାଟକ ପ୍ରଦର୍ଶନ ହେବାପାଇଁ ଯୋଜନା କରାଯାଇଛି । ନାଟ୍ୟଦଳ ମଞ୍ଚରେ ସଙ୍ଗେସଙ୍ଗେ ଆସି ପହଁଚିଛନ୍ତି ନାଟକର ଗୋଟିଏ ପ୍ରିୟ ଅଭ୍ୟାସ ନିମନ୍ତେ । ତାହାପରେ ସେମାନେ ନାଟକ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ହେବେ । ଅଭ୍ୟାସ ସମୟରେ ମୁଖ୍ୟ ଅଭିନେତା ଦୁର୍ଘଟଣା ବଶତଃ ପଡିଯାନ୍ତି ଏବଂ ତାଙ୍କ ଗୋଡରେ ଶକ୍ତ ଆଘାତ ଲାଗି କ୍ଷତ ସୃଷ୍ଟି ହୁଏ ।

ଡାକ୍ତରଙ୍କ କହିବା ଅନୁସାରେ ଏହା ଏକ ଗୁରୁତର କ୍ଷତ ଏବଂ ଅଭିନେତା ଟି ସହଜରେ ଚାଲି ପାରିବେ ନାହିଁ ।



ତୁମେ ଆଉ ମଧ୍ୟ ଲକ୍ଷ୍ୟ କଲ ଯେ, ସେହି ଅଭିନେତା ଯେଉଁ ପୋଷାକ ପିନ୍ଧିବେ ତାହା ମଧ୍ୟ ଚିରି ଯାଇଛି । ଆଉ ଗୋଟେ ସେହିଭଳି ପୋଷାକ ପାଇବା ଅସମ୍ଭବ କାହିଁକି ନା ନିର୍ଦ୍ଦିଷ୍ଟ ରଙ୍ଗ ଓ ଶୈଳୀରେ ବରାଦ ଦିଆଯାଇ ପୋଷାକଟି ତିଆରି କରାଯାଇଥିଲା । ନାଟକରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେହି ପୋଷାକଟି ମଧ୍ୟ ପ୍ରଚାର ପତ୍ରରେ ପ୍ରଚାର ପାଇଁ ଛପା ହୋଇଛି । ସନ୍ଧ୍ୟା ୫ଟାରେ ନାଟକ ଆରମ୍ଭ ହେବ । ଏଭଳି ପରିସ୍ଥିତିରେ ତୁମେ କଣ କରିବ ?

**ଘଟଣାବଳୀ ୨**

ଯାଦୁକାରୀ କଙ୍କଣ (Bracelet) ଉପରେ ଆଧାରିତ ଏକ ନାଟକ ତୁମେ ପ୍ରସ୍ତୁତ କରୁଛ । ନାଟକର ସମସ୍ତ କାହାଣୀ ଏହି କଙ୍କଣକୁ କେନ୍ଦ୍ରକରି ଘୂରିବୁଲୁଛି । ବିଶେଷ ଭାବରେ ତିଆରି ହୋଇଥିବା ଏହି କଙ୍କଣଟି କୌଣସି ଦୋକାନରେ ମିଳିବ ନାହିଁ । ଆଜିହିଁ ନାଟକ ପରିବେଷଣ କରାଯିବା ସମସ୍ତେ ମଧ୍ୟ ପ୍ରସ୍ତୁତ ଏବଂ ଉତ୍ସାହିତ । ଏହି ସମୟରେ ହଠାତ୍ ଉପକରଣ ଦାୟିତ୍ୱରେ ଥିବା ଲୋକ ଦଉଡି ଆସି କୁହନ୍ତି ଯେ, କଙ୍କଣଟି ଚୋରି ହୋଇଯାଇଛି ।



ତୁମେ ସେତେବେଳେ କଣ କରିବ ?

ଏମିତି କିଛିଗୋଟେ ତିଆରି କର ଯାହା ଚୋରି ହୋଇଯାଇଥିବା କଙ୍କଣ ଭଳି ଦେଖାଯିବ (ପ୍ରଥମ କଙ୍କଣଟିକୁ ତିଆରି କରିବାକୁ ୫ଦିନ ଲାଗିଥିଲା) ନାଟକକୁ ପରିବର୍ତ୍ତନ କରାଯାଇ ପାରେ କିମ୍ବା ଆଲୋକୀ କାରଣ ଦ୍ୱାରା ଚଳାଇ ନିଆଯାଇପାରି ପରିସ୍ଥିତିକୁ ସୁହାଇଲା ଭଳିଆ ସଂଳାପ ପରିବର୍ତ୍ତନ କରାଯାଇପାରେ ? ଚୋରକୁ ଖୋଜ ? ଏକା ଏକା ସମସ୍ୟାର ସମାଧାନ ଖୋଜି ବାହାର କର କିମ୍ବା ଦଳର ଅନ୍ୟ ମାନଙ୍କ ସହିତ ଏ ବିଷୟରେ ଆଲୋଚନା କର ।



## ଅବସର ସମୟ

**ମଞ୍ଚ ଅନ୍ତରାଳ**

- ମଞ୍ଚ ଅନ୍ତରାଳରେ କେଉଁ ବିଭାଗ ପ୍ରତି ତୁମେ ସବୁଠୁ ଆଗ୍ରହୀ ଏବଂ କାହିଁକି ?
- ମଞ୍ଚ ଅନ୍ତରାଳ କେଉଁ ଦକ୍ଷତାକୁ ତୁମେ ତୁମର ଦୈନନ୍ଦିନ ଜୀବନରେ ବ୍ୟବହାର କରିବାକୁ ପସନ୍ଦ କରିବ ?
- କେଉଁ ଦକ୍ଷତା ତୁମକୁ ତୁମ ପରିକ୍ଷା ସମୟରେ ସାହାଯ୍ୟ କରିବ ?





https://withteachers.in/

## ୧୧. ପାଣ୍ଡୁଲିପି ରଚନା :- "ଠିକ୍‌ଲେଖ"

ପାଣ୍ଡୁଲିପି ବିନା ନାଟକ ଗୋଟିଏ କମ୍ପାସ ବିହୀନ ପାଣି ଜାହାଜ ଅଟେ । ପାଣ୍ଡୁଲିପି କାହାଣିକୁ ଦୃଶ୍ୟ ପର୍ଯ୍ୟନ୍ତ ବାନ୍ଧିରଖେ ।

ପାଣ୍ଡୁଲିପି ଏହିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ତୁମେ ତାକୁ ଭଲ ଭାବରେ ବୁଝି ପରିବେଷଣ କରିବା ନିମନ୍ତେ ତୁମ ନାଟକରେ ଉପଯୁକ୍ତ ପାଣ୍ଡୁଲିପି ଅଛି ବୋଲି ନିଶ୍ଚିତ ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଟେ ।

ପିଲାମାନେ, ଏବେ ସୁଦ୍ଧା ନିମ୍ନୋକ୍ତ ବିଷୟ ଗୁଡିକୁ ତୁମେମାନେ ଶିକ୍ଷାଲାଭ କରିଛ ।

- ଗୋଟେ କାହାଣୀ ଏବଂ ପାଣ୍ଡୁଲିପି ଭିତରେ ଥିବା ପ୍ରଭେଦ ।
- କାହାଣୀର ତିନୋଟି ଭାଗ : ଆରମ୍ଭ-ମଧ୍ୟ-ସମାପ୍ତ (ଆଦି-ମଧ୍ୟ ଅନ୍ତ)
- ଦ୍ୱନ୍ଦର ଗୁରୁତ୍ୱ ।
- ସରଳ କଥାବାର୍ତ୍ତା ଲେଖିବା
- ସରଳ ଓ ସହଜ କଥୋପକଥନ ମଧ୍ୟରେ ନାଟକ ରଚନା କରିବା। ନାଟକର ବିଷୟ ଗୁଡ଼ିକୁ ଜାଣିବା ପାଇଁ କେବଳ ଏତିକି ଯଥେଷ୍ଟ ନୁହେଁ । ତୁମେମାନେ ସେଗୁଡ଼ିକୁ ନିୟମିତ ଅଭ୍ୟାସ କରିବା ଦରକାର। ତୁମେ ସବୁବେଳେ ହୁଏତ ପାଣ୍ଡୁଲିପି ରଚନା କରିନପାର । ତୁମେ ମଧ୍ୟ ସେଗୁଡ଼ିକୁ ତୁମେ ପଢୁଥିବା କାହାଣୀ ଓ ଦେଖୁଥିବା ଚଳଚ୍ଚିତ୍ର ଭିତରେ ଚିହ୍ନିପାର । ଏହା କିପରି କାର୍ଯ୍ୟକାରୀ ହୋଇପାରିବ ? ସେ ବିଷୟରେ ଏହା ତୁମକୁ ଏକ ଉତ୍ତମ ବୁଝାମଣା ଯୋଗାଇ ଦେବ ।

ବର୍ତ୍ତମାନ ଆମେ ରଚନାର ପରବର୍ତ୍ତୀ ସୋପାନକୁ ଯିବା ।

### ୧. ଗଠନ ରୀତି

ନାଟକରେ କାହାଣୀର ଘଟଣା ଗୁଡ଼ିକୁ କ୍ରମାନୁସାରେ ସରଳ ଓ ସହଜ ଭାବରେ ସଜେଇବାକୁ ଗଠନ ରୀତି କୁହାଯାଏ । ଯେଉଁ ମୌଳିକ ଗଠନ ରୀତିକୁ ଅନୁକରଣ କରି ତୁମେ ପାଣ୍ଡୁଲିପିଟିଏ ରଚନା କରିବ ସେଥିରେ ନିମ୍ନରେ ଦିଆଯାଇଥିବା ଉପାଦାନ ଗୁଡ଼ିକ ରହିଥିବା ଆବଶ୍ୟକ ।

**ମୁଖ୍ୟ ଚରିତ୍ର** - ଯାହା ବିଷୟରେ କାହାଣୀ ଗଢ଼ି ଉଠିଥାଏ ।

**ଲକ୍ଷ** - ସେ କଣ ଚାହାନ୍ତି ?

**ଦ୍ୱନ୍ଦ** - ଲକ୍ଷ ପଥରେ ପ୍ରତିବନ୍ଧକ ।

**ସମାଧାନ** - ସେ ଲକ୍ଷ୍ୟସ୍ଥଳରେ ପହଞ୍ଚିଲେ କି ? ଯଦି ପହଞ୍ଚିଲେ କେମିତି ?

ଉଦାହରଣ ସ୍ୱରୂପ ଆମେ ଏବେ ରାମାୟଣ ଉପରେ ଦୃଷ୍ଟି ପକାଇବା । କାରଣ ଏହା ସହିତ ଆମେମାନେ ସମସ୍ତେ ସୁପରିଚିତ । ଏହାର ଗଠନ ରୀତିକୁ ଜାଣିବା ନିମନ୍ତେ ଆମ ପାଖରେ ଅଛନ୍ତି :-

**ମୁଖ୍ୟ ଚରିତ୍ର / ନାୟକ**- ରାମ

**ଲକ୍ଷ୍ୟ** - ରାଜା ଭାବରେ ଅଯୋଧ୍ୟାର ଦାୟିତ୍ୱ ନେବା, ଧର୍ମର ପଥ ଅନୁସରଣ କରିବା ।

**ଦ୍ୱନ୍ଦ** - ୧୪ ବର୍ଷ ପାଇଁ ଜଙ୍ଗଲରେ ନିର୍ବାସିତ, ତାଙ୍କ ପତ୍ନୀ ସୀତାଙ୍କୁ ରାବଣ ଅପହରଣ କରିନେବା।

**ସମାଧାନ** - ସୀତାଙ୍କୁ ଫେରାଇ ଆଣିବା ପାଇଁ ହନୁମାନଙ୍କ ସମର୍ଥନ ପାଇବା, ୧୪ ବର୍ଷ ପୂରଣ କରିବା, ଅଯୋଧ୍ୟାକୁ ଶାସନ କରିବାକୁ ଫେରିବା ।





https://withteachers.in/

ବର୍ତ୍ତମାନ, ଏହିସବୁ ମୁଖ୍ୟ ସୂଚନା ଗୁଡ଼ିକୁ ଯଥା ସ୍ଥାନରେ ସଜାଇ ରଖିଲେ ଏକ ସୁନ୍ଦର ଗଢ଼ଣର କାହାଣୀ ତିଆରି କରିବା ତୁମ ପାଇଁ ସହଜ ହେବ । ଏହି ଗଠନ ରୀତିକୁ ତୁମେ ଯେକୌଣସି କାହାଣୀ ନିମନ୍ତେ ବ୍ୟବହାର କରିପାର । ଚାଲ ଏବେ ତୁମର ସାମାଜିକ ବିଜ୍ଞାନ ବହିର କାହାଣୀ ଗୁଡ଼ିକୁ ଚେଷ୍ଟା କରିବା ।

| କାହାଣୀ | ମୁଖ୍ୟ ଚରିତ୍ର | ଲକ୍ଷ୍ୟ | ଦ୍ୱନ୍ଦ | ସମାଧାନ |
|---|---|---|---|---|
| କ. ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଏବଂ କୌଟିଲ୍ୟ | | | | |
| ଖ. ପ୍ରଭାବତୀ ଗୁପ୍ତ | | | | |

ଅତି ଉତ୍ତମ ! କାହାଣୀ ଗୁଡ଼ିକୁ ବୁଝି ମନେ ରଖିବା ପାଇଁ ଏହା ଏକ ସୁନ୍ଦର ଉପାୟ ଅଟେ । ତୁମ ପୁସ୍ତକରେ ଥିବା ବିକ୍ରମାଦିତ୍ୟ ଏବଂ ପୃଥ୍ୱୀରାଜ ଚୌହାନ ଆଦିଙ୍କ କାହାଣୀ ସହିତ ଅନ୍ୟାନ୍ୟ କାହାଣୀ ଉପରେ ତୁମେ କାର୍ଯ୍ୟ କରିପାର ।

## ୨ . ଚରିତ୍ର

ଗୋଟିଏ ନାଟକରେ ଅନେକ ଚରିତ୍ର ଥାନ୍ତି ଯେଉଁମାନେ କାହାଣୀକୁ ପ୍ରକାଶ କରିବାରେ ସାହାଯ୍ୟ କରନ୍ତି । କିନ୍ତୁ ତୁମେ ଯେତେବେଳେ ଲେଖୁଛ, କେତେ ଜଣ ଚରିତ୍ର ତୁମେ ଚାହଁ ଏବଂ ପ୍ରତ୍ୟେକ ଚରିତ୍ର କାହାଣୀରେ କ'ଣ କ'ଣ କାର୍ଯ୍ୟ କରନ୍ତି ? ଏସବୁ ବିଷୟରେ ତୁମର ପୂର୍ଣ୍ଣ ନିୟନ୍ତ୍ରଣ ରହିବ । ତୁମେ ଜଣେ ଲେଖକ ହିସାବରେ ତୁମ ଇଚ୍ଛା ଅନୁସାରେ କୌଣସି ଚରିତ୍ରକୁ ପ୍ରବେଶ କରିବାର ଏବଂ ପ୍ରସ୍ଥାନ କରିବାର ଅଧିକାର ତୁମର ଅଛି । କିନ୍ତୁ, ଯେକୌଣସି ଅଧିକାର ଦାୟିତ୍ୱର ସହିତ ପାଳନ କରିବା ଆବଶ୍ୟକ ତେଣୁ, ଦାୟିତ୍ୱ ସହକାରେ ରଚନା କର ।

### ତୁମର ମୁଖ୍ୟ ଚରିତ୍ର ମାନଙ୍କୁ ଭଲଭାବରେ ଚିହ୍ନ

ସେମାନେ କାହାଣୀ ମଧ୍ୟରେ କ'ଣ ଚାହାନ୍ତି ? ଜଣେ ବ୍ୟକ୍ତି ଭାବରେ ସେମାନଙ୍କର କେଉଁ ସବୁ ସେମାନେ କାହାଣୀ ମଧ୍ୟରେ କ'ଣ ମଧ୍ୟରେ ଚାହାନ୍ତି ? ଜଣେ ବ୍ୟକ୍ତି ଭାବରେ ସେମାନଙ୍କର କେଉଁ ସବୁ ଘଟଣା ବା ସମସ୍ୟା ରହିଛି ? (କାହାଣୀର ଦ୍ୱନ୍ଦକୁ ନେଇ ଦୋଛକିରେ ପଡ଼ନାହିଁ ବା ବିଚଳିତ ହୁଅ ନାହିଁ)

**ଉଦାହରଣ-** ହର୍ଷ ତାଙ୍କ ଘର ପଛପଟେ ଅଗଣାରୁ ଆସୁଥିବା ଶବ୍ଦର ରହସ୍ୟକୁ ସମାଧାନ କରିବାକୁ ଚାହେଁ । କିନ୍ତୁ ତାହାର ସମସ୍ୟା ଏହା ଯେ ସେ ଅନ୍ଧାରକୁ ଡରେ ।



### କ୍ରିୟାକଳାପ ୩.୨୧

ଏହି ବିବରଣୀ ସହିତ ମୁଖ୍ୟ ଚରିତ୍ର ମାନଙ୍କୁ ତାଲିକାଭୁକ୍ତ କରନ୍ତୁ -

- ନାମ, ବୟସ, ପୃଷ୍ଠଭୂମି ସୂଚନା ।
- ବ୍ୟକ୍ତିଗତ ସମସ୍ୟା ଏବଂ ବିଶେଷ ଚରିତ୍ରିକ ଗୁଣ ଯଦିଥାଏ ।

### କାହାଣୀ ମାଧ୍ୟମରେ ଚରିତ୍ର ମାନଙ୍କର ପରିବର୍ତ୍ତନକୁ ସାହାଯ୍ୟ ଲକ୍ଷ୍ୟକରି ବୁଝ ।

ଆମେ ସମ୍ମୁଖୀନ ହେଉଥିବା ପ୍ରତ୍ୟେକଟି ଅଭିଜ୍ଞତା ଏବଂ ପରିସ୍ଥିତି ଆମ ଭିତରେ ଏକ ପରିବର୍ତ୍ତନ ଆଣିଥାଏ । ଏହା ଆମ ଭିତରେ ଶକ୍ତିବୃଦ୍ଧି କିମ୍ବା ଗୋଟିଏ ଲୋକ ବିଷୟରେ ଆମ ମତ ପରିବର୍ତ୍ତନ କରିପାରେ । ଏହା ଯେପରି ଆମ ଭିତରେ ଘଟୁଛି, ଏହା ଚରିତ୍ର ମାନଙ୍କ ମଧ୍ୟରେ ବି ଘଟିପାରେ ।



https://withteachers.in/

ଉଦାହରଣ - ହର୍ଷ ରହସ୍ୟର ସମାଧାନ କରିବାକୁ ଚେଷ୍ଟା କରେ କିନ୍ତୁ ସେ ବିଫଳ ହୋଇ ପଡେ । କାରଣ ସେ ଅନ୍ଧାର ହେବାପରେ ବାହାରକୁ ଯାଏନାହିଁ । ଦିନେ ତା'ର ଜେଜେମା ଆସି ତାକୁ ଦେଖାକରି କୁହନ୍ତି ସେ କିପରି ବସ୍ ଭିତରକୁ ଯିବାକୁ ଡରୁଥିଲେ, କିନ୍ତୁ ସେ ନିଜେ ଦିନେ ସାହସର ସହିତ ଚେଷ୍ଟାକରି ତାକୁ ଦୂର କଲେ । ଏହିକଥା ହର୍ଷକୁ ତାହାର ଅନ୍ଧାର ପ୍ରତିଥିବା ଡରକୁ ଦୂର କରିବାକୁ ଅନୁପ୍ରାଣିତ କରେ । ତେଣୁ କାହାଣୀର ଏହି ଭାଗକୁ ହର୍ଷ ଅନ୍ଧାର ହେବାପରେ ଯେତେବେଳେ ବାରିପଟକୁ ଯାଏ ସେ ଭିନ୍ନ ଭାବରେ ପ୍ରତିକ୍ରିୟା ପ୍ରକାଶ କରେ । ଏହାକୁ ଚାରିତ୍ରିକ ବକ୍ରତା (Character Arc) କୁହାଯାଏ ।

## ସହଯୋଗୀ ଚରିତ୍ରମାନେ



ସେମାନଙ୍କ ଉପରେ କାହାଣୀ ଆଧାରିତ ହୋଇ ନ ଥିଲେ ମଧ୍ୟ ନାଟକରେ ସେହି ଚରିତ୍ରମାନଙ୍କର ସମାନ ଗୁରୁତ୍ୱ ରହିଛି । ମୁଖ୍ୟ ଚରିତ୍ରମାନେ ଏହି ଚରିତ୍ରମାନଙ୍କ ବିନା ବିଶେଷ କିଛି କରିବାକୁ ସକ୍ଷମ ହୋଇପାରନ୍ତି ନାହିଁ । ତେଣୁ କାହାଣୀକୁ ସହଯୋଗ କରିବା ପାଇଁ ନୂଆ ନୂଆ ଚରିତ୍ର ଯୋଗ କରିଚାଲ । କିନ୍ତୁ ଏହି ଚରିତ୍ର ଯୋଗ କରିବା ସମୟରେ ଦାୟିତ୍ୱବାନ ହେବା ଚେଷ୍ଟା କର । ପ୍ରତ୍ୟେକ ନୂଆ ଚରିତ୍ର ଯେପରି ନାଟକର ଅର୍ଥ, ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସାଧନ କ୍ଷେତ୍ରରେ ସହାୟକ ହୋଇପାରିବେ ।

**ଉଦାହରଣ :** ଜେଜେମା, ଯିଏ କି ହର୍ଷକୁ ତା ଭୟ ଦୂର କରିବାରେ ସାହାଯ୍ୟ କରନ୍ତି । ସେ ଜଣେ ସହଯୋଗୀ ଚରିତ୍ର । ଜଣେ ବୈଜ୍ଞାନିକ ଯିଏ ଧ୍ୱନି ଏବଂ ପବନ ବିଷୟରେ ସୂଚନା ଦିଅନ୍ତି, ସେ ଜଣେ ସହଯୋଗୀ ଚରିତ୍ର । କିନ୍ତୁ, ଜଣେ କ୍ଷୀର ଯୋଗାଉଥିବା ଲୋକ ଯିଏ ସବୁଦିନ ଘରକୁ ଆସନ୍ତି କିନ୍ତୁ ରହସ୍ୟ ନିମନ୍ତେ କିଛି ସହଯୋଗ କରନ୍ତି ନାହିଁ ସେ ଭଳି ଚରିତ୍ର ନାଟକରେ ରହିବା ଜମା ଉଚିତ୍ ନୁହେଁ ।

### କ୍ରିୟାକଳାପ ୩.୨୨

ଚିନ୍ତା ଓ ବ୍ୟବହାର ଅନୁସାରେ ଚରିତ୍ର ମାନଙ୍କୁ ଲେଖିରଖ ।

- କାହାଣୀ ଆରମ୍ଭ ହେଲାବେଳକୁ ସେମାନଙ୍କର ଅବସ୍ଥା କଣ ?
- କାହାଣୀ ମଝିରେ ସେମାନଙ୍କ ଅବସ୍ଥା କିପରି ଅଛି ?
- କାହାଣୀ ସମାପ୍ତ ହେଲାବେଳକୁ ସେମାନେ କେଉଁ ଅବସ୍ଥାକୁ ଯାଉଛନ୍ତି ?

### କ୍ରିୟାକଳାପ ୩.୨୩

ତୁମ ପାଣ୍ଡୁଲିପିରେ ଥିବା ସମସ୍ତ ସହଯୋଗୀ ଚରିତ୍ର ମାନଙ୍କର ତାଲିକା ପ୍ରସ୍ତୁତ କର ଏବଂ ପରଖି ନିଅ ଯେ ଏହି ଚରିତ୍ରମାନେ-

- ମୁଖ୍ୟ ଚରିତ୍ର କିମ୍ବା କାହାଣୀର ଲକ୍ଷ୍ୟଠାରୁ ଭିନ୍ନ କି ?
- ଘଟଣାକୁ ସହଯୋଗ କରୁଛନ୍ତି କି ? ଯଦି ସହଯୋଗ କରୁନାହାନ୍ତି, ତାହାହେଲେ ସେମାନଙ୍କୁ ବାହାର କରିନେବା ପାଇଁ ଚିନ୍ତା କର ।



https://withteachers.in/

## ୩. ଦୃଶ୍ୟ

ପିଲାମାନେ, ତୁମେମାନେ ନିଷୟ ଦେଖିଥିବ ଯେ ଗୋଟିଏ ପୁସ୍ତକକୁ କେତୋଟି ଅଧ୍ୟାୟରେ ବିଭକ୍ତ କରାଯାଇଛି । ଠିକ୍ ସେହିଭଳି ଗୋଟିଏ ନାଟକକୁ କିମ୍ବା ସିନେମାକୁ ମଧ୍ୟ କେତୋଟି ଦୃଶ୍ୟରେ ବିଭକ୍ତ କରାଯାଇଥାଏ । ତୁମେ ଜାଣିଛ ଏହିଭଳି କରିବା ଆବଶ୍ୟକ କାହିଁକି ? କାହିଁକି ସବୁଗୁଡ଼ିକ ଏକାଥରକରେ ଆଗେଇ ଯାଇପାରିବନି ?

**ଦୃଶ୍ୟ ଗୁଡ଼ିକ ଗୋଟିଏ ଗୋଟିଏ ଭାଗ ଯେଉଁଥିରେ ସମୟ, ସ୍ଥାନ ଓ ଅଭିନୟ (କ୍ରିୟା)ର ପରିବର୍ତ୍ତନ ଦେଖାଯାଏ ।**

ତୁମେ ପାଣ୍ଡୁଲିପିରେ କେତୋଟି ଦୃଶ୍ୟ ରଖିବ ତାହା ତୁମର ନିଜ ଅଧିକାର । କିନ୍ତୁ ମନେରଖ । ଅଧିକାର ସହିତ, ଦାୟିତ୍ୱ ମଧ୍ୟ ଜଡ଼ିତ । ନିମ୍ନୋକ୍ତ ସୂଚନା ଗୁଡ଼ିକୁ ତୁମର ପ୍ରତି ଦୃଶ୍ୟ ରଚନା ନିମନ୍ତେ ପରୀକ୍ଷା କର । ଏହା ଯଦି ସେଗୁଡ଼ିକୁ ସମର୍ଥନ କରୁନଥାଏ, ତୁମକୁ ପୁଣିଥରେ ଦୃଶ୍ୟ ବିଭାଜନ ଉପରେ କାମ କରିବାକୁ ହେବ ।

### ଗୋଟିଏ ଦୃଶ୍ୟର ଉଦ୍ଦେଶ୍ୟ

ଏହା କାହାଣୀକୁ ଆଗକୁ ଆଗେଇନିଏ କିମ୍ବା ନୂତନ ଚରିତ୍ର ସହିତ ପରିଚିତ କରାଏ କିମ୍ବା ଘଟଣାରେ ସ୍ୱଷ୍ଟତା ଆଣିଦିଏ ।

### ଉପଯୁକ୍ତ ଦୃଶ୍ୟ ପରିବର୍ତ୍ତନ

ଦୃଶ୍ୟ ପରିବର୍ତ୍ତନ ଆକସ୍ମିକ ବା ତରବରିଆ ଭାବରେ ହେବା ଉଚିତ୍ ନୁହେଁ । ଏହା ଦର୍ଶକଙ୍କ ଭାବାବେଗକୁ ଅନୁସରଣ କରିବା ନିହାତି ଆବଶ୍ୟକ । ପ୍ରତି ଦୃଶ୍ୟ ଏହାର ପୂର୍ବାପର ଦୃଶ୍ୟ ସହିତ ଯୁକ୍ତିଯୁକ୍ତ ଭାବେ ସଂଯୋଜିତ ହେବା ଉଚିତ୍ ।

### ପ୍ରତି ଦୃଶ୍ୟ ଆରମ୍ଭ-ମଧ୍ୟ-ଶେଷ

ପ୍ରସ୍ତାବନା, ମୂଳ ଉଦ୍ଦେଶ୍ୟ ସାଧନ କରିବା ଏବଂ ପରବର୍ତ୍ତୀ ଦୃଶ୍ୟକୁ ବାଟ କଢ଼େଇ ନେବା ପରି ପରିସମାପ୍ତି ହେବା ଆବଶ୍ୟକ ।

### ପ୍ରଥମ ଦୃଶ୍ୟ ଏବଂ ଶେଷ ଦୃଶ୍ୟ

ପ୍ରଥମ ଦୃଶ୍ୟର ଦର୍ଶକ ମାନଙ୍କ ମନକୁ ଆକର୍ଷିତ କରି ସେମାନଙ୍କର ଆଗ୍ରହକୁ ଶେଷ ପର୍ଯ୍ୟନ୍ତ ଦାନ୍ଧି ରଖିବାକୁ ଚେଷ୍ଟା କର । ଦର୍ଶନ ମାନଙ୍କ ମନରେ ପ୍ରଭାବ ପକାଇଲା ଭଳି ନାଟକର ସମାପ୍ତି ହେବା ଆବଶ୍ୟକ । ପ୍ରତ୍ୟେକ ଘଟଣାର ଶେଷ ଭାଗକୁ ଢ଼ିଲା ଛାଡନ୍ତୁ ନାହିଁ । କାହାଣୀରୁ ସୃଷ୍ଟି ହେଉଥିବା କୌଣସି ପ୍ରଶ୍ନକୁ ଉତ୍ତରହୀନ ଭାବରେ ଏଡ଼େଇଯାଅ ନାହିଁ ।

### ଅବସର ସମୟ

**ପାଣ୍ଡୁଲିପି ରଚନା**

୧. ନାଟକ କିମ୍ବା ସିନେମାରେ ତୁମେ ଦେଖିଥିବା କେଉଁ ଚରିତ୍ର ତୁମର ପ୍ରିୟ ? ଏହାର ଚାରିତ୍ରିକ ବକ୍ରତା ଏବଂ ଗତିକୁ ଚିହ୍ନଟ କର ।

୨. ଯେହେତୁ ତୁମକୁ ପାଣ୍ଡୁଲିପି ରଚନା କରିବାକୁ ହେବ । ତାହା କେଉଁ ପ୍ରକାର ଏବଂ କାହା ବିଷୟରେ ଆଧାରିତ ହେବ ?

୩. କେଉଁ ନାଟକ କିମ୍ବା ସିନେମାର ପାଣ୍ଡୁଲିପି ତୁମକୁ ଜମା ଭଲ ଲାଗିଲା ନାହିଁ ଏବଂ କାହିଁକି ?





https://withteachers.in/

BRAIN BOOSTER

## ନିଜେନିଜର ପାଣ୍ଡୁଲିପି ରଚନା କର

ପିଲାମାନେ, ତୁମେମାନେ ଯାହାସବୁ ଶିକ୍ଷା ଲାଭ କରିଛ ସେ ଗୁଡ଼ିକୁ ଏକାଠି କର ? ତୁମେମାନେ ନିଶ୍ଚୟ ନିଜେ ନିଜର ପାଣ୍ଡୁଲିପି ରଚନା କରିବାକୁ ସକ୍ଷମ ହୋଇପାରିବ । ଏହି ପ୍ରକ୍ରିୟାକୁ ସହଯୋଗ କରିବାକୁ ଏଠାରେ ସୋପାନ ପରେ ସୋପାନ କ୍ରମରେ ଏକ ନିୟନ୍ତ୍ରଣ ତାଲିକା ପ୍ରଦାନ କରାଯାଇଛି ।







ମୁଁ ପାଣ୍ଡୁଲିପି ରଚନା କରିବି ନିଜେ ନିଜର ଗୋଟେଦଳରେ (୩-୪ ଜଣ ସାଙ୍ଗମାନଙ୍କ ସହିତ ତୁମର ଦଳ ଗଠନ କର)

ତୁମକୁ ଅନୁପ୍ରାଣୀତ କରୁଥିବା ଏକ ତତ୍ତ୍ୱ କିମ୍ବା ବିଷୟକୁ ବାଛ । (ଏହା ଯଦି ତୁମକୁ ଆଗ୍ରହ ନ ଲାଗେ, ଏହା ତୁମ ପାଠକକୁ ବା ଦର୍ଶକଙ୍କୁ ଆକୃଷ୍ଟ କରିପାରିବ ନାହିଁ ।)

କିମ୍ବା

ଡାହାଣ ପଟରେ ଥିବା ଗୋଟିଏ ଚିତ୍ର ବାଛି ଏହାକୁ ନିରୀକ୍ଷଣ କର ଏବଂ ତାକୁ ଆଧାର କରି ଗୋଟିଏ କାହାଣୀ ପ୍ରସ୍ତୁତ କର ।

ଆରମ୍ଭ-ମଧ୍ୟ-ଶେଷ ସହିତ ସ୍ପଷ୍ଟ ଭାବରେ ବର୍ଣ୍ଣନା କରାଯାଇଥିବା ତତ୍ତ୍ୱକୁ ସଂଗଠିତ କରି ଗୋଟିଏ ପୂର୍ଣ୍ଣାଙ୍ଗ ପାଣ୍ଡୁଲିପି ପ୍ରସ୍ତୁତ କର ।

ଏହାକୁ ମୁଖ୍ୟ ଚରିତ୍ର - ଲକ୍ଷ୍ୟ-ପ୍ରତି ବନ୍ଧକ-ସମାଧାନ ସହିତ ସଂଗଠିତ କର । ଚରିତ୍ର ସୃଷ୍ଟି କରି ଏହାକୁ ବିଭିନ୍ନ ଦୃଶ୍ୟରେ ଭାଗଭାଗ କର ଏବଂ ସଂଳାପ ରଚନା କର ।

ବର୍ତ୍ତମାନ ତୁମେ ପ୍ରଥମେ ଚିଠି -୧ ’ ତୁମ ପାଖରେ ଅଛି । ଏହା ପରିବେଷଣ ନିମନ୍ତେ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଏହାକୁ ଉନ୍ନତି କରଣ କରିପାର । ବର୍ତ୍ତମାନ ଅଭ୍ୟାସ ଆରମ୍ଭ କର ।

https://withteachers.in/

# ସାରାଂଶ - ଜୀବନ ପାଇଁ ଶିକ୍ଷା

## ମଞ୍ଚ ଅନ୍ତରାଳ - ଯାଦୁକାରୀ ଘଟଣା ପ୍ରସ୍ତୁତି

ଅଭିନେତାମାନେ ବେଶ ପୋଷାକ ପିନ୍ଧି ମଞ୍ଚ ଉପରେ ଅଭିନୟ କରିବା କେବଳ ନାଟକ ନୁହେଁ ଏହା ଏକ ଦଳଗତ ପ୍ରୟାସ ଅଟେ । ଜଣେ ଅଭିନେତାଙ୍କର ପ୍ରତ୍ୟେକ ସଫଳ ଅଭିନୟକୁ ସଂଗଠିତ କରିବା ନିମନ୍ତେ ମଞ୍ଚ ଅନ୍ତରାଳରେ ଅନେକ ଲୋକ କାର୍ଯ୍ୟ କରିଥାନ୍ତି । ଏହା ପରସ୍ପର ଭିତରେ ସମ୍ମାନବୋଧ ସୃଷ୍ଟି କରେ ଏବଂ କାର୍ଯ୍ୟର ମୂଲ୍ୟବୋଧକୁ ସୂଚାଇ ଦିଏ । ମଞ୍ଚ ଅନ୍ତରାଳର କର୍ମ ସବୁବେଳେ ନିରବରେ ସଂଗଠିତ ହୋଇଥାଏ । ଏଠାକାର ସମସ୍ତ କାର୍ଯ୍ୟ ନାଟକ ମଞ୍ଚସ୍ଥ ହେଉଥିବା ବେଳେ ଘଟିଥାଏ । ନାଟକରେ ସମସ୍ତ ବିଭାଗକୁ ଏକାଠି କରିବାଠାରୁ ଆରମ୍ଭ କରି ଏଥିରେ ବ୍ୟବହାର ହେଉଥିବା କଳ କବ୍ଜାର ତ୍ରୁଟି ଆବିଷ୍କାର କରି ସଂଶୋଧନ କରିବା ପର୍ଯ୍ୟନ୍ତ ସବୁ କିଛି ନିରବରେ କରାଯାଏ ।

ଏଠାରେ ତୁମେ ସମ୍ଭବତଃ ତୁମର ମୂକାଭିନୟ ଦକ୍ଷତା ବ୍ୟବହାର କରିପାର । ପ୍ରଶଂସା ସୂଚକ ବାର୍ତ୍ତା ମଧ୍ୟ ନୀରବରେ ଦିଆଯାଉଥାଏ । ଯେତେବେଳେ ଅଭିନେତାମାନେ ସବୁତକ କରତାଳି ପାଆନ୍ତି, ମଞ୍ଚ ଅନ୍ତରାଳରେ କାମ କରିଥିବା ଲୋକମାନେ ନୀରବରେ ପ୍ରଶଂସା ଓ କରତାଳିକୁ ସାଦରେ ଗ୍ରହଣ କରନ୍ତି ।

ମଞ୍ଚ ଅନ୍ତରାଳରେ କାମ କରିବାର ସବୁଠୁ ସୁନ୍ଦର ଅନୁଭବ ହେଉଛି ଯାଦୁକରୀ ଘଟଣା ପ୍ରସ୍ତୁତିର ଅନୁଭବ । ଗୋଟିଏ ସଫଳ ନାଟକ ପରିବେଷଣ ପରେ ତୁମେ ଜାଣ ଯେ ତୁମର ସମୟ ଓ ଉଦ୍ୟମ ହିଁ ସେହି ସଫଳତା ପାଇଁ ମୁଖ୍ୟ ସହଯୋଗୀ ହୋଇପାରିଛି ।



https://withteachers.in/

# ମାନନିର୍ଦ୍ଧାରଣ

| ଅଧ୍ୟାୟ ୩ୟ : ଆସ ସଜାଇବା- ମଞ୍ଚ କୌଶଳ ୨ | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ର/ଛାତ୍ରୀ |
| ୩ | ୩.୧ | ମଞ୍ଚ ଅନ୍ତରାଳ କାର୍ଯ୍ୟ ନିମନ୍ତେ ଆବଶ୍ୟକ ଶୃଙ୍ଖଳା ଓ ପରିଶ୍ରମକୁ ବୁଝିବାକୁ ସକ୍ଷମ ହେବା | | |
| ୩ | ୩.୨ | ଗଠନରୀତି ଅନୁସାରେ କାହାଣୀକୁ ନିର୍ଦ୍ଦିଷ୍ଟ ଶ୍ରେଣୀଭୁକ୍ତ କରି ଏହାକୁ ଜଣଙ୍କୁ ପାଣ୍ଡୁଲିପି ରଚନା କରିବାରେ ବ୍ୟବହାର କରିବା । | | |
| ୩ | ୩.୨ | ନାଟକ ସମ୍ପର୍କିତ ଦକ୍ଷତା ଗୁଡିକୁ ଆମର ଦୈନନ୍ଦିନ ଜୀବନରେ ଉପଯୋଗ କରି ଏକ ଶୃଙ୍ଖଳିତ ଜୀବନ ଗଢ଼ିବା । | | |
| ୩ | ୩.୨ | ଐତିହାସିକ ମଞ୍ଚ ଅନ୍ତରାଳ କର୍ମ ସହିତ ବର୍ତ୍ତମାନ ସମୟର କାର୍ଯ୍ୟକୁ ତୁଳନା କରିବା । | | |
| ୩ | ୩.୨ | ଦୃଶ୍ୟ ଗୁଡ଼ିକର ଯୋଜନା ପ୍ରସ୍ତୁତ କରି ନିଜସ୍ୱ ପାଣ୍ଡୁଲିପି ରଚନା ପାଇଁ ଚେଷ୍ଟା କରିବା । | | |

## ଶିକ୍ଷକଙ୍କ ମତାମତ ଏବଂ ଶିକ୍ଷାର୍ଥୀମାନଙ୍କ ଅନୁଧ୍ୟାନ

....................................................................................................

....................................................................................................

....................................................................................................

....................................................................................................



https://withteachers.in/

# ଭାରତର କାହାଣୀ କହିବା ପରମ୍ପରା



ଏକଦା କଥାଞ୍ଜଳୀ ନାମକ ଜଣେ ବାଳିକା ଥିଲା । ସିଏ ଗପ କହିବାକୁ ଭାରି ଭଲ ପାଉଥିଲା ।



ପ୍ରାଚୀନ ଏତିହାସିକ ଯୁଗ ଠାରୁ ଆରମ୍ଭ କରି ଅତି ଆଧୁନିକ ଯୁଗ ପର୍ଯ୍ୟନ୍ତ ସବୁ କାହାଣୀ ମନେ ରଖିଥିଲା ଏପରିକି ନିଜେ ମଧ୍ୟ କାହାଣୀ ସୃଷ୍ଟି କରୁଥିଲା । ସେ ତା କାହାଣୀ ମାଧ୍ୟମରେ ହଜାର ହଜାର ବର୍ଷ ଧରି ବଞ୍ଚି ଆସୁଛି । ସାଧାରଣ ମଣିଷ ମାନଙ୍କ ଭିତରେ ରହି ସେ ଅନେକ ରାଜା ଶାସକଙ୍କୁ ଦେଖିଛି । ଏପରିକି ସାରା ପୃଥିବୀ ମଧ୍ୟ ବୁଲିଛି । ତେଣୁ ସେ ପଢ଼ିଥିବା ଅନେକ କାହାଣୀ ମନେ ରଖନ୍ତି ଏବଂ ଅନେକ କାହାଣୀ ଭିତରେ ସିଏ ବଞ୍ଚି ରହିଛନ୍ତି । ସେ କିନ୍ତୁ ସବୁବେଳେ ସବୁକଥା ଶିଖିବାକୁ ଓ ଜାଣିବାକୁ ଆଗ୍ରହୀ ଅଟେ । ସବୁବେଳେ ସେ ଅଧିକରୁ ଅଧିକ ଉତ୍ସାହଜନକ ତଥା ଆକର୍ଷଣୀୟ କାହାଣୀ ଗୁଡିକୁ ଖୋଜି ଚାଲିଛି । ଆସ ଆମେ ତା ପାଖରୁ ଆଜି ଗପ ଶୁଣିବା ।

**ତୁମ୍ଭେମାନେ ଶିକ୍ଷା ଲାଭ କରିବ**

- ଭାରତରେ ଲୋକ ଶୈଳୀରେ ଗପ କହିବା ।
- ଆଜିକାର କଳାକାର ମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଜାଣିବା ।
- ଖୁବ୍ ଜଣାଶୁଣା ପାରମ୍ପରିକ ଗପ କହୁଥିବା ବ୍ୟକ୍ତି ମାନଙ୍କୁ ଚିହ୍ନିବା ।

https://withteachers.in/



ନମସ୍କାର, ଯଦିଓ ମୁଁ ସାରା ପୃଥିବୀ ବୁଲୁଛି ତଥାପି ଭାରତ ସବୁବେଳେ ମୋର ସବୁଠୁ ପ୍ରିୟ ସ୍ଥାନ । ମୁଁ ଯୋଉଠି ଥିଲେବି ଏଠାକୁ ଫେରି ଆସିବାକୁ ଅଧିକ ପସନ୍ଦ କରେ । କାରଣ ମୋତେ ଏହା ମୋ ନିଜଘର ଭଳି ଲାଗେ । ଏଠି ବହୁତ ସୁନ୍ଦର ସୁନ୍ଦର କାହାଣୀ ଅଛି ତୁମେ ଜାଣିଛ ? ଏସବୁ କେମିତି ଆରମ୍ଭ ହେଲା ? ଅନେକ ଅନେକ ବର୍ଷ ତଳେ, ମୁଁ ଯେତେବେଳେ ଭାରତର ବିଭିନ୍ନ ସ୍ଥାନକୁ ଯାଉଥିଲି ସେତେବେଳେ ଅନୁଭବ କଲି ଲୋକମାନେ କାହାଣୀ କ'ଣ ଜମାରୁ ଜାଣି ନାହାନ୍ତି । ସେଥିରୁ ମିଳୁଥିବା ଆନନ୍ଦ ଓ ମୂଲ୍ୟବୋଧ ସବୁକୁ ସେମାନେ ଜମା ଶିଖିପାରିନାହାନ୍ତି ।



ତେଣୁ ସେମାନଙ୍କୁ ଗପ କହିବାକୁ ମୋତେ ଗୋଟିଏ ଉପାୟ ଖୋଜି ବାହାର କରିବାକୁ ପଡିଲା । ଯେହେତୁ ମୁଁ ଏସବୁକୁ ନିଜେ କରିପାରୁନଥିଲି, ମୁଁ କାହାଣୀ କହିବାକୁ ମଣିଷମାନଙ୍କୁ ସୃଷ୍ଟି କଲି । ଯେଉଁମାନେ ଗପ ଗୁଡିକୁ ମନେରଖି, ସେଗୁଡିକୁ ଆକର୍ଷଣୀୟ ଭାବେ ବର୍ଣ୍ଣନା କରିପାରୁଥିଲେ । ଏହା ବହୁତ ଆନନ୍ଦ ଦାୟକ ଥିଲା । ସେମାନେ ସାରା ଦେଶରେ ଅନେକ କାହାଣୀ ବର୍ଣ୍ଣନା କରୁଥିଲେ । ସେମାନେ ଛୁଆଙ୍କଠୁ ବୁଢ଼ାମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଭିନ୍ନ ଭିନ୍ନ କାହାଣୀ କହୁଥିଲେ ।

ଶହ ଶହ ବର୍ଷ ଧରି ଏମିତି ଚାଲିଲା । ଖ୍ରୀ.ପୂ ୨ୟ ଶତାବ୍ଦୀ ପାଖାପାଖି ମୁଁ ଲକ୍ଷ୍ୟକଲି ଯେ ଶ୍ରୋତାମାନେ ବେଳେବେଳେ ନିରାଶ ହେଉଥିଲେ କିମ୍ବା ଅନ୍ୟମନସ୍କ ହୋଇପଡୁଥିଲେ । ତେଣୁ ଏହାକୁ ଆଉ ଟିକିଏ ଆକର୍ଷଣୀୟ କରିବାକୁ ମୋତେ କିଛି ନୂଆ ଶୈଳୀ ଖୋଜି ବାହାର କରିବାକୁ ପଡିଥିଲା ।

ତାହା ହେଉଛି, ମୁଁ ସେତେବେଳେ କାହାଣୀର ଉପସ୍ଥାପନା ସହିତ ଚିତ୍ର, ସଙ୍ଗୀତ, ନୃତ୍ୟ ଏବଂ କଣ୍ଢେଇ ମାନଙ୍କୁ ପ୍ରଚଳନ କରାଇଲି । ଏହିପରି କାହାଣୀ କହିବା ଶୈଳୀ ସବୁ ବୟସର ଲୋକମାନଙ୍କୁ ସମ୍ପୂର୍ଣ୍ଣ ଭିନ୍ନ ଅନୁଭୂତି ପ୍ରଦାନ କଲା ।

ମୁଁ ଦେଶର ବିଭିନ୍ନ ଅଞ୍ଚଳକୁ ଗଲି ଏବଂ ସେମାନଙ୍କ ପରମ୍ପରା ଆଧାରିତ କାହାଣୀ ଗୁଡିକ ସହିତ ଚିତ୍ର, ସଙ୍ଗୀତ ଏବଂ ନୃତ୍ୟକୁ ବ୍ୟବହାର କରି କାହାଣୀ କହିବାର ଉପାୟ ସୃଷ୍ଟି କଲି ।

ସେଗୁଡିକ ଭିତରୁ କେତୋଟି ବିଷୟରେ ତୁମେମାନେ ଜାଣିବାକୁ ଚାହୁଁଛ କି ?



https://withteachers.in/

## କଥା ଧର୍ମୀ ଓଡ଼ିଆ ନାଟ୍ୟ ପରମ୍ପରା

ପ୍ରାଚୀନ ଯୁଗରେ ଯେତେବେଳେ ମୁଁ ଭାରତର ବିଭିନ୍ନ ଅଞ୍ଚଳକୁ ବୁଲିବୁଲି ଶେଷରେ ସୁଜଳା ସୁଫଳା ଓଡ଼ିଶା ପ୍ରଦେଶରେ ଯାଇ ପହଞ୍ଚିଲି । ସେଠାକାର କଳା, ସାହିତ୍ୟ ଓ ସଂସ୍କୃତିକୁ ଦେଖି ମୁଁ ଆନନ୍ଦିତ ହେଲି । ଦେଖିଲି ସେଠାକାର ରାଜାମାନେ ସେମାନଙ୍କର ଆଞ୍ଚଳିକ କଳା ସାହିତ୍ୟ ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେଉଥିଲେ ।

ସେମାନଙ୍କ ପୁରାଣ ଓ କାବ୍ୟମାନଙ୍କରୁ ହଜାର ହଜାର ମନଛୁଆଁ କାହାଣୀମାନ ମୁଁ ଶୁଣିବାକୁ ପାଇଲି । ମୁଁ ଭାବିଲି ଓଡ଼ିଶାର କଳାକାରମାନଙ୍କ ସାହାଯ୍ୟରେ ନୃତ୍ୟ ଗୀତ ଓ ଅଭିନୟ ମାଧ୍ୟମରେ କାହାଣୀ ପରିବେଷଣ କରି ସେଠାକାର ଲୋକମାନଙ୍କୁ ମନୋରଞ୍ଜନ କରିବା ସହ ସେମାନଙ୍କୁ ଶିକ୍ଷା ଓ ସଂସ୍କାର ପ୍ରଦାନ କରିବି ।



ସେମାନେ ମଧ୍ୟ ମୋ କହିବା ମୁତାବକ ପ୍ରଭୁ ସତ୍ୟନାରାୟଣଙ୍କ ଆଧାରିତ କାହାଣୀ ମାନଙ୍କୁ ଗାଁ ଗାଁ ବୁଲି ଗୀତ, ବାଦ୍ୟ, ନୃତ୍ୟ ଓ କଥା ମାଧ୍ୟମରେ ପରିବେଷଣ କଲେ । ଏହାର ସୁନ୍ଦର ପରିବେଷଣ, ସୁମଧୁର ଗାୟନ ଏବଂ ଶିକ୍ଷଣୀୟ ବିଷୟବସ୍ତୁ ନିମନ୍ତେ ଏହା ଓଡ଼ିଶାର ଏକ ଲୋକପ୍ରିୟ



ଲୋକନାଟକରେ ପରିଣତ ହୋଇଗଲା । ସାଧାରଣତଃ ପାଞ୍ଚରୁ ଛଜଣ କଳାକାର ମିଶି ଏହାକୁ ପରିବେଷଣ କରନ୍ତି ଏବଂ ସେମାନଙ୍କର ମୁଖ୍ୟ କଳାକାରଙ୍କୁ ଗାୟକ କୁହାଯାଏ । ଗାୟକଙ୍କ ଗୀତରେ ପାଳି ଧରି ସହଯୋଗ କରୁଥିବା ସହଯୋଗୀ କଳାକାର ମାନଙ୍କୁ ପାଳିଆ କୁହାଯାଉଥିଲା । ସେଥିରେ ସେ ବାଦ୍ୟ ପରିବେଷଣ କରନ୍ତି । ତାଙ୍କୁ ବାୟକ କୁହାଯାଏ । ରାମାୟଣ, ମହାଭାରତ, ଅଷ୍ଟାଦଶ ପୁରାଣ ଓ ଉପପୁରାଣ ଏବଂ କାବ୍ୟ ମାନଙ୍କରୁ ସୁନ୍ଦର ସୁନ୍ଦର ମନଛୁଆଁ ବିଷୟ ମାନଙ୍କୁ ବିଭିନ୍ନ ଛାନ୍ଦ, ଚଉପଦୀ ଭଜନ, ଜଣାଣ ମାଧ୍ୟମରେ ପରିବେଷଣ କରିଥାନ୍ତି । ସାଧାରଣତଃ ଗାଁ ମାନଙ୍କରେ ସନ୍ଧ୍ୟା ସମୟରେ ଦାଣ୍ଡରେ ଚାନ୍ଦୁଆ ଟାଣି ଶହ ଶହ ଦର୍ଶକମାନଙ୍କ ସମ୍ମୁଖରେ ରାତି ପର୍ଯ୍ୟନ୍ତ ପରିବେଷଣ କରାଯାଇଥାଏ । ଭୃଗୁରାମ, ଶ୍ରୀକବି ଓ କବିକର୍ଣ୍ଣଙ୍କୁ ପାଲା ବା ନାଟର ରଚୟିତା ଭାବରେ ଗ୍ରହଣ କରାଯାଏ । ଠିକ୍ ସେହିପରି ଗାୟକ ସମ୍ରାଟ ବିଶ୍ୱନାଥ ପାଟଯୋଶୀ କବି ମଂଜୁଳ କୃଷ୍ଣପ୍ରସାଦ ବସୁ, ଗାୟକ ଶିରୋମଣି ନିରଂଜନ କର, ଗାୟକ ରତ୍ନ ହରେକୃଷ୍ଣ ନାଥ ଆଦି ଗାୟକ ମାନେ ଏହାକୁ ଏକସୁ ସମୃଦ୍ଧ ଲୋକନାଟକ ପରମ୍ପରାରେ ପରିଣତ କରିଥିଲେ ।



https://withteachers.in/

## ଦାସକାଠିଆ



ଦାସକାଠିଆ ହେଉଛି ଗଂଜାମ ଜିଲ୍ଲାରୁ ଉତ୍ପତ୍ତି ଲାଭ କରିଥିବା ଏକ ଲୋକପ୍ରିୟ ଲୋକନାଟକ । ଦାସ ଓ କାଠି ଶବ୍ଦ ଦ୍ୱୟର ମିଳନରୁ ଦାସକାଠିଆ ଶବ୍ଦର ସୃଷ୍ଟି । ଏହା ମୁଖ୍ୟତଃ ଦୁଇଜଣ କଳାକାରଙ୍କୁ ନେଇ ପରିବେଷଣ କରାଯାଇଥାଏ । ସେମାନଙ୍କ ମଧ୍ୟରୁ ମୁଖ୍ୟ କଳାକାରଙ୍କୁ ଗାୟକ ଏବଂ ସହଯୋଗୀ କଳାକାରଙ୍କୁ ପାଳିଆ କୁହାଯାଏ । ଏହି ଲୋକନାଟକ ପରମ୍ପରାରେ ସେମାନେ ଏକ ସ୍ୱତନ୍ତ୍ର ଗାୟନ ଶୈଳୀକୁ ଅନୁକରଣ କରି ଦାସକାଠିଆ ବଜାଇ ନାଟକ ପରିବେଷଣ କରିଥାନ୍ତି । ତେଣୁ ଏହାକୁ ଦାସକାଠିଆ ନାମରେ ନାମିତ କରାଯାଇଛି । ଏଥିରେ ସେମାନେ ଆମର ସୁପ୍ରସିଦ୍ଧ ପୁରାଣ, କାବ୍ୟ, କିମ୍ବଦନ୍ତୀ ଏବଂ ଇତିହାସ ଆଧାରିତ ଶହ ଶହ ମନଛୁଆଁ ତଥା ଶିକ୍ଷଣୀୟ ବିଷୟ କହିଥାନ୍ତି । ଗଞ୍ଜାମ ଜିଲ୍ଲାର ହିଂଜିଳି ନିକଟବର୍ତ୍ତୀ ଖଣ୍ଡରା ଗ୍ରାମର ଅଗାଧୁ ସାଧୁ ଏହି ନାଟ୍ୟ ପରମ୍ପରାକୁ ସୁପ୍ରସିଦ୍ଧ କରି ଗଢ଼ିଥିଲେ । ଆଜି ମଧ୍ୟ ଓଡ଼ିଶାର ଶହ ଶହ ଦାସକାଠିଆ କଳାକାର ଗାଁ ଗାଁ ବୁଲି ବୁଲି ଲୋକନାଟକ ପରିବେଷଣ କରୁଛନ୍ତି ।

## କଣ୍ଢେଇ ନାଟ

ଆଗକାଳରେ ଆମ ରାଜ୍ୟର ପ୍ରତିଭାବାନ୍ କଳାକାର ମାନେ ବିଭିନ୍ନ ପ୍ରକାର କଣ୍ଢେଇମାନଙ୍କୁ ଧରି ଗାଁ ଗାଁ ବୁଲି ଆମ ପୂରାଣ, କିମ୍ବଦନ୍ତି ଓ ଇତିହାସର ଶିକ୍ଷଣୀୟ ବିଷୟଗୁଡ଼ିକୁ ନାଟକର ବିଭିନ୍ନ ଉପାଦାନ ବ୍ୟବହାର କରି ପରିବେଷଣ କରିଆସୁଥିଲେ । ଏହି ଶୈଳୀର ନାଟକ ପରିବେଷରେ କଣ୍ଢେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ତାହାକୁ କଣ୍ଢେଇ ନାଟ ଭାବରେ ନାମିତ କରାଯାଇଥିଲା । ସାଧାରଣତଃ ଓଡ଼ିଶାର ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, କଟକ, ଖୋର୍ଦ୍ଧା ଓ ଗଞ୍ଜାମ ଅଞ୍ଚଳରେ ଏହାର ପରିବେଷଣ ଦେଖାଯାଇଥାଏ ।

ଶହ ଶହ ବର୍ଷଧରି ଏହି କଣ୍ଢେଇ ନାଟ ଆମର ଗାଁ ଗହଳର ଦର୍ଶକ ମାନଙ୍କୁ ପୂରାଣ ସାହିତ୍ୟ ମାଧ୍ୟମରେ ଶିକ୍ଷା, ସଂସ୍କାର ଓ ମନୋରଂଜନ ପ୍ରଦାନ କରି ଆସୁଛି । ଦର୍ଶକ ମାନଙ୍କୁ ଖୁସି କରିବା ପାଇଁ ସେମାନେ ଏଥିରେ ବିଭିନ୍ନ ପ୍ରକାର ଗୀତ ଓ ସଂଳାପ ବ୍ୟବହାର କରୁଥିଲେ ।

ଏହି ନାଟକରେ କଣ୍ଢେଇର ବ୍ୟବହାରର ଭିନ୍ନତାକୁ ଆଧାରକରି ଏହାକୁ ଚାରି ଭାଗରେ ବିଭକ୍ତ କରାଯାଇଛି ।

୧. ସୁତା କଣ୍ଢେଇ



୨. ହାତ କଣ୍ଢେଇ



୩. ବାଡି କଣ୍ଢେଇ-ରଣପା



୪. ଛାୟା କଣ୍ଢେଇ





https://withteachers.in/

# ଭାରତୀୟ କଥାଧର୍ମୀ ନାଟ୍ୟ ପରମ୍ପରା

## ହରିକଥା

ମୁଁ ଭାରତର ଦକ୍ଷିଣାଞ୍ଚଳରେ ଯାତ୍ରା କରୁଥିଲି । ସେଠାରେ ମୁଁ ବହୁତ ସୁନ୍ଦର ସୁନ୍ଦର ମନ୍ଦିର ସବୁ ଦେଖିଲି ଏବଂ ସେଠାକାର ରାଜାମାନଙ୍କୁ ଭେଟିଲି । ସେତେବେଳେ ସେମାନେ ସେମାନଙ୍କର କଳା ଏବଂ ସଂସ୍କୃତିକୁ ମଧ୍ୟ ଉତ୍ସାହିତ କରୁଥିଲେ । କିନ୍ତୁ ମୁଁ ଅନୁଭବ କଲି ଯେ ସେମାନେ ମଧ୍ୟ ଆମ ପାଖରେ ଥିବା ଅନେକ ଉତ୍କୃଷ୍ଟ କାହାଣୀ ବିଷୟରେ ସେମାନେ ସେତେବେଳେ ଯାଏ ଜାଣି ନଥିଲେ ।



ମୁଁ ନାରଦ ମୁନିଙ୍କ କଥା ମନେରଖିଥିଲି । ଯିଏ ଗୋଟିଏ ଯାଗାରୁ ଯାଇ ଭଗବାନ ବିଷ୍ଣୁଙ୍କ କାହାଣୀମାନ ବର୍ଣ୍ଣନା କରୁଥିଲେ । ମୁଁ ଭାବିଲି, ଏହା ଗପ କହିବାର ଏକ ଅନନ୍ୟ ଉପାୟ ହେବ । ତେଣୁ ମୁଁ ଭାଗବତେର୍ ସମାଜକୁ ଗୀତ ଏବଂ ନୃତ୍ୟ ମାଧ୍ୟମରେ କାହାଣୀ କହିବା ଆରମ୍ଭ କରିବାକୁ ଉତ୍ସାହିତ କଲି ।

ଏଥିରେ ଯେହେତୁ ଶ୍ରୋତା ବା ଦର୍ଶକମାନଙ୍କ ସହିତ ବାର୍ତ୍ତାଳାପ ମଧ୍ୟ ଥିଲା ଏହାକୁ ଲୋକମାନେ ଭଲ ପାଇଲେ । କାରଣ ସେମାନେ ପ୍ରଭୁ ଶ୍ରୀହରିଙ୍କ କାହାଣୀ ବର୍ଣ୍ଣନା କରୁଥିଲେ । ଏହା କରିକଥା ଭାବରେ ପରିଚିତ ହୋଇଗଲା ।

ସମୟକ୍ରମେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓଡ଼ିଶା, ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ ତାମିଲନାଡୁ ଆଦି ରାଜ୍ୟରେ ମଧ୍ୟ ଲୋକପ୍ରିୟ ହୋଇ ଉଠିଲା । ଯିଏ କାହାଣୀ କହୁଥିଲେ । ସେମାନଙ୍କୁ ସେମାନଙ୍କ ଭାଷାରେ ହରିକଥା କୁହାଯାଉଥିଲା ।

## ହରିକଥା - ଗୁରୁରାଜୁଲୁ ନାଇଡୁ

ଏହି ବହୁ ଭାଷୀ ବହୁମୁଖୀ ପ୍ରତିଭା ଗୁରୁରାଜୁଲୁ ନାଇଡୁ ୧୯୩୧ ମସିହାରେ ଜନ୍ମ ହୋଇଥିଲେ ।

ହରିକଥାକୁ ଏହାଙ୍କର ଅବଦାନ ନିମନ୍ତେ କର୍ଣ୍ଣାଟକର ହରିକଥେ ପିତାମହ ଆଖ୍ୟା ଦିଆଯାଇଥିଲା ।



୧୨ଶ ଶତାବ୍ଦୀରେ ଦକ୍ଷିଣ ଭାରତର କଳାକାରମାନେ ଗାଁ ଗାଁ ବୁଲି ପ୍ରଭୁ ଶ୍ରୀହରିଙ୍କ ଅଲୌକିକ କାହାଣୀ ମାନ ପରିବେଷଣ କରୁଥିଲେ । ସେହି ସଂପ୍ରଦାୟର କଳାକାର ମାନଙ୍କୁ ଭାଗବତେର୍ କୁହାଯାଉଥିଲା । ସେମାନେ ହରିବଂଶ ପୁରାଣର କାହାଣୀ ମାନଙ୍କୁ ଗୀତ ନୃତ୍ୟ ମାଧ୍ୟମରେ ପରିବେଷଣ କରୁଥିଲେ । ଧୀରେ ଧୀରେ ଏହା ଦର୍ଶକ ଓ ଶ୍ରୋତା ମାନଙ୍କୁ ଆକୃଷ୍ଟ କଲା । ସମୟ କ୍ରମେ ଏହା ଏକ ଲୋକପ୍ରିୟ ଲୋକ ନାଟକରେ ପରିଣତ ହୋଇଗଲା । ସେଥିରେ କଳାକାର ମାନେ ଶ୍ରୀହରିଙ୍କୁ ଅଧାର କରି କାହାଣୀମାନ ପରିବେଷଣ କରୁଥିବାରୁ ଏହାକୁ ହରିକଥା ନାମରେ ନାମିତ କରାଗଲା । ଏବଂ ଏହାର କଳାକାର ମାନଙ୍କୁ କରିକଥା ଦାସ ବୋଲି କୁହାଗଲା । ଧିରେ ଧିରେ ଏହି ନାଟକ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଓଡ଼ିଶା ଆଦି ରାଜ୍ୟରେ ମଧ୍ୟ ଲୋକପ୍ରିୟତା ହାସଲ କଲା ।



https://withteachers.in/

## କାଭଡ଼ କଥା

ଆଜିକୁ ୫୦୦ ବର୍ଷତଳେ ରାମାୟଣ ଓ ମହାଭାରତର କାହାଣୀମାନଙ୍କୁ ଆଧାର କରି ରାଜସ୍ଥାନର ଭାଟ ମାନଙ୍କ ଚିତ୍ର ମାଧ୍ୟମରେ ଲୋକମାନଙ୍କୁ ଆକୃଷ୍ଟ କଲାଭଳି ଏକ କଥାଧର୍ମୀ ଲୋକନାଟକ ଉତ୍ପତ୍ତି ଲାଭ କରିଥିଲା । ତାକୁ କାଭଡ଼ କଥା କୁହାଯାଉଥିଲା । କଳାକାରମାନେ କାଭଡ଼କୁ ଧରି ଗାଁ ଗାଁ ବୁଲି କାହାଣୀମାନ ପରିବେଷଣ କରୁଥିଲେ। ଏହି ଗୀତ ଓ ନୃତ୍ୟର ଲୋକନାଟକ ଚିତ୍ର ସମନ୍ୱୟରେ ପରିବେଷଣ କରି ଲୋକମାନଙ୍କୁ ଆକୃଷ୍ଟ କରିଥିଲା । ପରିବେଷଣରେ କାଭଡିର ଗୁରୁତ୍ୱ ରହୁଥିବାରୁ ଏହାକୁ କାଭଡ଼ କଥା ନାମରେ ନାମିତ କରାଯାଇଛି । ଏହା ମାଧ୍ୟମରେ ଆଜି ମଧ୍ୟ ଲୋକମାନଙ୍କୁ ପୁରାଣ, ସାହିତ୍ୟ ଏବଂ ସାମାଜିକ ଗୁରୁତ୍ୱ ବହନ କରୁଥିବା ସମସ୍ୟା ମୂଳକ ଘଟଣା ବିଷୟରେ ସୂଚନା ପ୍ରଦାନ କରାଯାଇପାରୁଛି ।



ଏବେ ସେମାନେ ପିଲାମାନଙ୍କ ପାଇଁ ପଞ୍ଚତନ୍ତ୍ର ଏବଂ ହିତୋପଦେଶର କାହାଣୀମାନ କହିବା ମଧ୍ୟ ଆରମ୍ଭ କଲେଣି । ନାରୀଶିକ୍ଷା ଏବଂ ସ୍ୱାସ୍ଥ୍ୟ ରକ୍ଷା ଭଳି ସାମାଜିକ ପ୍ରାସଙ୍ଗିକତା ଥିବା ଏବଂ ମୂଲ୍ୟବାନ ବାର୍ତ୍ତା ବହନ କରୁଥିବା କାହାଣୀ ମାନ ମଧ୍ୟ ସେମାନେ ବୁଲି ବୁଲି କହିବା ଆରମ୍ଭ କଲେଣି ।

ଯଦିଓ ଏହି ଗୁଡିକ ବହୁତ ଲୋକପ୍ରିୟ ବର୍ତ୍ତମାନ ଧୀରେ ଧୀରେ କମି ଆସୁଛି । ଯୁବପିଢ଼ୀ ଏହାକୁ ଶିଖି ଆଗକୁ ଆଗେଇ ନେବାପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ସମସ୍ତେ ଟେଲିଭିଜନ୍ ଏବଂ ସ୍ମାର୍ଟ ଫୋନ୍ ଦେଖୁଥିବାରୁ ସେମାନଙ୍କ କାହାଣୀ ଶୁଣିବାକୁ କେହି ନାହାନ୍ତି । ଯଦି କାହାଣୀ ବର୍ଣ୍ଣନା କରୁଥିବା ଏହି ଲୋକମାନେ ଲୋପ ପାଇଯିବେ, ତାଙ୍କ ସହିତ କାହାଣୀ ଗୁଡିକ ମଧ୍ୟ ଲୋପ ପାଇଯିବ । ତୁମେ ଏହି ପରମ୍ପରାକୁ ବଞ୍ଚେଇ ରଖି ସାରା ପୃଥିବୀରେ ପ୍ରସାରିତ କରିବାକୁ ଗୁରୁତ୍ୱପୂର୍ଣ୍ଣ ମନେ କରୁନାହିଁ କି ?

ତୁମ ବିଦ୍ୟାଳୟ ପାଠ ଏଭଳି ଆକର୍ଷଣୀୟ ଉପାୟରେ ପଢ଼ାଗଲେ ତୁମେ ମାନେ ଖୁସି ହେବ କି ? ତେବେ ଚେଷ୍ଟା କରିବା ? ତମ ଇଂରାଜୀ କିମ୍ବା ସାମାଜିକ ବିଜ୍ଞାନ ବହିର ଯେ କୌଣସି କାହାଣୀକୁ ନିଅ ଏବଂ ଚିତ୍ରସହିତ ବର୍ଣ୍ଣନା କର । ପ୍ରକୃତରେ ଏହା ତୁମ ମାନଙ୍କୁ ପାଠ ମନେ ରଖିବାରେ ସାହାଯ୍ୟ କରିବ ।



### ଅବସର ସମୟ

୧. ଯଦି ତୁମକୁ ଗୋଟେ ନୂଆ ଶୈଳୀର କାହାଣୀ କହିବାକୁ କୁହାଯାଏ ତାହେଲେ ତୁମେ କି କି ଉପାଦାନ ଯୋଗ କରିବ ? କେମିତି ଏହାକୁ ଅଧିକ ଆକର୍ଷଣୀୟ କରିବ ?

୨. ଯଦି ତୁମେ ସରକାରରେ ଥାଅ ତେବେ ଏହି କଳା ବିଧାକୁ ମୃତ୍ୟୁ ମୁଖରୁ ରକ୍ଷା କରିବାକୁ ଦୁଇଟି ପ୍ରସ୍ତାବ ଉଲ୍ଲେଖ କର ।





https://withteachers.in/

BRAIN BOOSTER

## କାହାଣୀ ବର୍ଣ୍ଣନା କାରୀ ହେବା













- ଏଗୁଡିକ ସବୁ ପାରମ୍ପରିକ ଚିତ୍ର ।
- ଏଗୁଡିକୁ ଯୋଡି ତୁମ ନିଜର କାହାଣୀ ତିଆରି କର । ଯେତେ ପାରିବ ଏହାକୁ ଅନନ୍ୟ ଓ ଅଭିନବ କରି ଛବି ଗୁଡିକର କ୍ରମ ମଧ୍ୟ ତୁମେ ପରିବର୍ତ୍ତନ କରିପାର ।
- ତୁମ ଗପର ପ୍ରତ୍ୟେକ ଧାଡ଼ିକୁ ସ୍ୱରର ଉତଥାନ ଓ ପତନ ମାଧ୍ୟମରେ ସଞ୍ଚାଳନ କରିପାର ।
- କିମ୍ବା ପରିସ୍ଥିତିକୁ ଯେଉଁ ତାଳରେ ବର୍ଣ୍ଣନା କରୁଛ ସେହି ତାଳରେ ପାଦକୁ ନୃତ୍ୟ ଭଳି ପକେଇବ ।
- ଏହାକୁ ଗୋଟିଏ ଅଭିନବ ଶୈଳୀ ବର୍ଣ୍ଣନା କିମ୍ବା ପରିସ୍ଥିତି ସହିତ ଖାପ ଖାଇବାପରେ ଗୀତ ବୋଲିବା ମଧ୍ୟ କଳ୍ପନା କରିପାର ।
- ତୁମେ ମିତ୍ରାକ୍ଷର ଶବ୍ଦ ବ୍ୟବହାର କରି ତୁମର କାହାଣୀ ରଚନା କରିପାର ତାହା ଏହାର ବର୍ଣ୍ଣନାକୁ ଆକର୍ଷଣୀୟ କରିବ ।
- ଏହାକୁ ତୁମେ ତୁମ ଶ୍ରେଣୀରେ ଉପସ୍ଥାପନ କରି ଏବଂ ମତାମତ ସଂଗ୍ରହ କର ।



https://withteachers.in/

# ସାରାଂଶ - ଜୀବନ ପାଇଁ ଶିକ୍ଷା

## କାହାଣୀ ବର୍ଣ୍ଣନା-ଏକ ଅମୂଲ୍ୟ ପରମ୍ପରା

ତୁମେମାନେ ହୁଏତ ବିସ୍ମିତ ହେଉଥିବ, କାହିଁକି ଆମେ ଏହି ଗପ କହିବା ବିଧିକୁ ରକ୍ଷା କରିବା । ଏଗୁଡିକ ସବୁ ମୌଖିକ ପରମ୍ପରା । କାହାଣୀ ଗୁଡିକ ପିଢ଼ି ପରେ ପିଢ଼ି ଗଡ଼ି ଆସୁଛି । ଏହି ମୌଖିକ ପରମ୍ପରା ଯୋଗୁ ଆଜି ଆମଦେଶର ସମସ୍ତେ ରାମାୟଣ ମହାଭାରତ ବିଷୟରେ ଜାଣନ୍ତି । ଯଦି ବି ଜଣେ ଲୋକ ପଢ଼ି ଲେଖିପାରୁ ନ ଥାନ୍ତି, ଏହି କାହାଣୀ ଗୁଡିକ ତାଙ୍କୁ ଜୀବନର ମୂଲ୍ୟବୋଧ ବିଷୟରେ ଶିକ୍ଷା ଦେଇପାରିଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସେ ଗୁଡିକ ଆମ ସଂସ୍କୃତି ଏବଂ ଆମ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି ।

ଯଦି ଲିଖିତ ପୁସ୍ତକ କିମ୍ବା କମ୍ପ୍ୟୁଟର ଡାଟା ମାତ୍ର କେତେ ସେକେଣ୍ଡରେ ନଷ୍ଟ ହୋଇଯାଇପାରେ । କିନ୍ତୁ ମୌଖିକ ପରମ୍ପରାର କାହାଣୀଗୁଡିକ କେବେବି ଧ୍ୱଂସ ହୋଇନପାରେ । ତେଣୁ, ଚାଲ ପିଲେ ଆମେ ଗୋଟିଏ କାହାଣୀ ବର୍ଣ୍ଣନା ଶୈଳୀ ଶିଖିବା ଏବଂ ଏହି ମୂଲ୍ୟବାନ୍  କାହାଣୀଧର୍ମୀ ପରିବେଷଣ ପରମ୍ପରାକୁ ଆଗେଇ ନେବା ।









https://withteachers.in/

## ମାନ ନିର୍ଦ୍ଧାରଣ

| ଅଧ୍ୟାୟ ୪ର୍ଥ : ଭାରତର କଥା ଧର୍ମୀ ପରିବେଷଣ ପରମ୍ପରା | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ର/ଛାତ୍ରୀ |
| ୪ | ୪.୧ | କାହାଣୀ କହିବା ଗୋଟିଏ ପରିବେଷଣାତ୍ମକ କଳା ବୋଲି ବୁଝାଯାଏ, ଯେଉଁଥିରେ ସଂଗୀତ, ନୃତ୍ୟ ଓ କଳା ଏକତ୍ର ହୋଇ ରହିଥାଏ । | | |
| ୪ | ୪.୧ | ଏହି ମୃତ ପ୍ରାୟ କଳା ବିଧାର ରକ୍ଷଣାବେକ୍ଷଣ ଓ ଉନ୍ନତି ନିମନ୍ତେ ପଦକ୍ଷେପ । | | |
| ୪ | ୪.୨ | ନିଜ ଅଭିଜ୍ଞତାରୁ କାହାଣୀ କହୁଥିବା ମଣିଷମାନଙ୍କୁ ଚିହ୍ନ ଓ ସେମାନଙ୍କର ପରିବେଷଣ ଶୈଳୀକୁ ବର୍ଣ୍ଣନା କର । | | |
| ୪ | ୪.୨ | ସାମ୍ପ୍ରତିକ କାହାଣୀ ବର୍ଣ୍ଣନା ଶୈଳୀ ଏବଂ ପ୍ରାଚୀନ ଶୈଳୀର ତୁଳନା କର ।<br>ଶିକ୍ଷକଙ୍କ ମତାମତ ଏବଂ ଶିକ୍ଷାର୍ଥୀମାନଙ୍କ ଅନୁଧ୍ୟାନ । | | |

### ଶିକ୍ଷକଙ୍କ ମତାମତ ଏବଂ ଶିକ୍ଷାର୍ଥୀମାନଙ୍କ ଅନୁଧ୍ୟାନ

.................................................................................................................

.................................................................................................................

.................................................................................................................

.................................................................................................................

.................................................................................................................



https://withteachers.in/

# ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ

| | ମାନ ନିର୍ଦ୍ଧାରଣ ନିମନ୍ତେ କ୍ରିୟାକଳାପ | ମାନ ନିର୍ଦ୍ଧାରଣ ନିମନ୍ତେ ମାନଦଣ୍ଡ |
|---|---|---|
| ବ୍ୟକ୍ତିଗତ | • ଯେକୌଣସି ଗୋଟିଏ ରସକୁ ନେଇ ଏହାର ୩ କିମ୍ବା ୪ ସ୍ତରର ତ୍ରୀବ୍ରତାର ତାଲିକା ପ୍ରସ୍ତୁତ କର ।<br>• ଏସବୁ ଗୁଡ଼ିକୁ ନେଇ ଗୋଟିଏ କାହାଣୀ ପ୍ରସ୍ତୁତ କର । (ଅନ୍ୟାନ୍ୟ ରସକୁ ମଧ୍ୟ ମିଶାଇପାର)<br>• ଦୃଶ୍ୟ ଓ ସଂଳାପ ସହିତ ଗୋଟିଏ ପାଣ୍ଡୁଲିପି ରଚନା କର ।<br>• ଗୋଟିଏ ପାଣ୍ଡୁଲିପି ସହିତ ସଂଗୀତ, ନୃତ୍ୟ କିମ୍ବା ଚିତ୍ର ସଂଯୋଜିତ କରି ନାଟକୀୟ ଭାବେ ବର୍ଣ୍ଣନା କର । | • ବିଭିନ୍ନ କୌଶଳ ଓ ଦକ୍ଷତା ମିଶ୍ରଣ କରିବା କ୍ଷମତା ।<br>• ସୃଜନଶୀଳ ଏବଂ ସୁସ୍ପଷ୍ଟ ଚିନ୍ତାଧାରା । |
| ଦଳଗତ | • ସାମାଜିକ ବିଜ୍ଞାନ କମ୍ବା ଇଂରାଜୀ ପାଠ୍ୟ ପୁସ୍ତକରୁ ଗୋଟିଏ କାହାଣୀ ନିଅ । ତାଭିତରୁ ଚରିତ୍ର ସୃଷ୍ଟି କରିବା ସହିତ ଦୃଶ୍ୟ ବିଭାଜନ କର ।<br>• ଗୋଟିଏ ପାଣ୍ଡୁଲିପି ରଚନା କର ।<br>• ୩ ମିନିଟ୍‌ର ଏକ ମୂକାଭିନୟ ପରିବେଷଣ କର । | • ଦଳ ମଧ୍ୟରେ ନିଷ୍ପତ୍ତି ନେବା ।<br>• ଦଳର ସମସ୍ତ ସଭ୍ୟଙ୍କ ବିଭିନ୍ନ ଚିନ୍ତାଧାରାକୁ ଅନ୍ତର୍ଭୁକ୍ତ କରିବା ।<br>• ସୃଜନଶୀଳତା, ସହଭାଗିତା ଏବଂ ସହଯୋଗୀତା । |



https://withteachers.in/

## ଶିକ୍ଷକଙ୍କ ମତାମତ ଏବଂ ଶିକ୍ଷାର୍ଥୀମାନଙ୍କ ଅନୁଧ୍ୟାନ





https://withteachers.in/



# ସଙ୍ଗୀତ

ନକାରଂ ପ୍ରାଣନାମାନଂ ଦକାରମନଳଂ ବିଦୁଃ ।
ଜାତଃ ପ୍ରାଣାଗ୍ନିସଂଯୋଗାତ୍ତେନ ନାଦୋଽଭିଧୀୟତେ ।।

-ସଙ୍ଗୀତ ରତ୍ନାକର, ଶାରଙ୍ଗଦେବ କୃତ

ଭାବାର୍ଥ : ନାଦ (ସଙ୍ଗୀତାତ୍ମକ ଶବ୍ଦ) ଯଥା- ନ ଓ ଦ ଯଥାକ୍ରମେ ପ୍ରାଣ ବା ବାୟୁ ଏବଂ ଅନଳ ବା ଅଗ୍ନିକୁ ବୁଝାଉଛି ଏବଂ ଏହି ବାୟୁ ଓ ଅଗ୍ନିର ସଂଯୋଗରେ ଯାହା ଜାତ ହୁଏ, ତାକୁ ନାଦ କୁହାଯାଏ ।

ସୁସ୍ୱାଗତମ୍, କିଶୋର କଳାକାରବୃନ୍ଦ ! ଆସ, ଏହି ରୋମାଞ୍ଚକଭରା ଶିକ୍ଷାବର୍ଷରେ ଆମେ ସଙ୍ଗୀତ ଶିଖିବା ଓ ନୂଆ ନୂଆ ସଙ୍ଗୀତର ସଂରଚନା କରିବା ।

https://withteachers.in/

# ସଙ୍ଗୀତରେ ବ୍ୟବହୃତ ଶବ୍ଦାବଳୀ

## ଆଧାର ଶ୍ରୁତି / ଆଧାର ସ୍ୱର

ସଙ୍ଗୀତର ଗାୟନ ଓ ବାଦନ ଅନୁସାରେ ମୂଳ ବା ପ୍ରଥମ ସ୍ୱର ନୋଟ୍ ।

## ସ୍ୱର

**ସଙ୍ଗୀତରେ ବ୍ୟବହୃତ ସ୍ୱର :** ସଙ୍ଗୀତରେ ସାତଗୋଟି ଶୁଦ୍ଧ ସ୍ୱର, ଚାରିଗୋଟି କୋମଳବିକୃତ ସ୍ୱର ଏବଂ ଗୋଟିଏ ତୀବ୍ରବିକୃତ ସ୍ୱର ଅଛି । ଯଥା- ସା, ରେ, ଗା, ମା, ପା, ଧା, ନି ଶୁଦ୍ଧ ସେହିପରି କୋମଳ ସ୍ୱର ରେ, ଗା, ଧା, ନି ଏବଂ ତୀବ୍ର ବିକୃତ ସ୍ୱର- ର୍ମା । ଏମିତି ସର୍ବମୋଟ ବାରଗୋଟି ସ୍ୱର ରହିଛି ।

## ରାଗ

ସ୍ୱର ଓ ବର୍ଣ୍ଣଦ୍ୱାରା ବିଭୂଷିତ ହେବା ସହିତ ବିଭିନ୍ନ ଲକ୍ଷଣଯୁକ୍ତ ହୋଇ ରଞ୍ଜକତା ଗୁଣ ବହନ କରୁଥିବା ଧ୍ୱନିକୁ ରାଗ କୁହାଯାଏ ।

**ସ୍ୱର-** ସା ରେ ଗା ମା ଇତ୍ୟାଦି

**ବର୍ଣ୍ଣ :** ଭାଷା ସାହିତ୍ୟର ଅକ୍ଷର କଥାବସ୍ତୁ (ଗୀତିକବିତା)

**ଲକ୍ଷଣ :** ଶାସ୍ତ୍ରୀୟ ଗୁଣ ଓ ଦଶଗୋଟି ଲକ୍ଷଣ ଆଧାରିତ ।

## ତାଳ :

ସଙ୍ଗୀତ ଯାହାଦ୍ୱାରା ପ୍ରତିଷ୍ଠିତ, ସୁବ୍ୟବସ୍ଥିତ ବା ସ୍ଥିର ରୂପରେ ପରିବେଷିତ ହୋଇଥାଏ, ତାକୁ ତାଳ କୁହାଯାଏ । ଅଥବା ସଙ୍ଗୀତରେ ବ୍ୟବହୃତ ହେଉଥିବା ସମୟକୁ ଯାହାଦ୍ୱାରା ମପାଯାଏ ବା କଳନା କରାଯାଏ ତାହା ତାଳ ଅଟେ । ତାଳ ସମୟର ସମତା ରକ୍ଷାକରି ନିଜର ରଞ୍ଜନ ଶକ୍ତିଦ୍ୱାରା ସଙ୍ଗୀତର ମାଧୁର୍ଯ୍ୟ ବୃଦ୍ଧି କରିଥାଏ ।

## ଲୟ :

ଗାୟନ, ବାଦନ ଓ ତାଳର ଚଳନ କ୍ରିୟାକୁ ଲୟ କୁହାଯାଏ । ସଙ୍ଗୀତରେ ଚଳଣ ବା ଗତି କେତେବେଳେ ଧୀର ବା ମନ୍ଥର ହୋଇଥାଏ ତ, କେତେବେଳେ ଦ୍ରୁତ ହୋଇପାରେ ।

## ଆରୋହ / ଆରୋହଣ

ରାଗରେ ଲାଗୁଥିବା ସ୍ୱର ମାନଙ୍କର ଊର୍ଦ୍ଧ୍ୱଗତିକୁ ଆରୋହ ବା ଆରୋହଣ କୁହାଯାଏ ।

## ଅବରୋହ / ଅବରୋହଣ

ରାଗରେ ଲାଗୁଥିବା ସ୍ୱରମାନଙ୍କର କ୍ରମଶଃ ନିମ୍ନଗତିକୁ ଅବରୋହ ବା ଅବରୋହଣ କୁହାଯାଏ ।

## ସରଗମ

ସ୍ୱରମାନଙ୍କର ଏକ ଢାଞ୍ଚା ବା ଶୈଳୀ ।

**ଶିକ୍ଷକଙ୍କ ପାଇଁ ସୂଚନା :** ଏଠାରେ ସଙ୍ଗୀତର ପାରିଭାଷିକ ଶବ୍ଦାବଳୀ ଓ ତାହାର ସଂଜ୍ଞାତ୍ମକ ସ୍ୱରୂପ ସମ୍ବନ୍ଧରେ ଉଲ୍ଲେଖ କରାଯାଇଅଛି । ଛାତ୍ରଛାତ୍ରୀମାନଙ୍କ ନିକଟରେ ଏହାକୁ ଅତି ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରିବେ । ଏହାକୁ କ୍ରିୟାତ୍ମକ ଓ ତଥ୍ୟାତ୍ମକ ଆକାରରେ ଦେଖାଇ ଓ ବୁଝାଇ ପାରିବେ । ସେଥିପ୍ରତି ଯତ୍ନବାନ ହେବେ ।



https://withteachers.in/

ଶ୍ରଦ୍ଧେୟ ଛାତ୍ରଛାତ୍ରୀବୃନ୍ଦ, ଏଠାରେ ଯେଉଁ ପଶୁପକ୍ଷୀମାନଙ୍କର ଚିତ୍ର ଦିଆଯାଇଛି ପ୍ରଥମ ସେମାନଙ୍କୁ ଚିହ୍ନିବା । ସେମାନଙ୍କ ପାଇଁ ଯେଉଁ ସ୍ୱରଗୁଡ଼ିକ ଲେଖାଯାଇଅଛି ସେହି ସ୍ୱରଗୁଡ଼ିକ ସେହି ପଶୁପକ୍ଷୀମାନଙ୍କ ଠାରୁ ସୃଷ୍ଟି ହୋଇଥିବା କଥା ବିଭିନ୍ନ ସଙ୍ଗୀତ ଶାସ୍ତ୍ରରେ ଲେଖାଯାଇଅଛି । ସେମାନଙ୍କ ଉପରି ଭାଗରେ ସ୍ୱରମାନଙ୍କର ପୂର୍ଣ୍ଣନାମ ଉଲ୍ଲେଖ କରାଯାଇଛି । ଆସ, ଶିକ୍ଷକଙ୍କଠାରୁ ସେହି ବିଷୟରେ ବିସ୍ତୃତ ଭାବରେ ଜାଣିବାକୁ ଚେଷ୍ଟା କରିବା ।






https://withteachers.in/

# ଶିକ୍ଷକଙ୍କ ପାଇଁ ସୂଚନା

**ପ୍ରିୟ ସଙ୍ଗୀତ ଶିକ୍ଷକ/ଶିକ୍ଷୟିତ୍ରୀ ବୃନ୍ଦ,**

ସଙ୍ଗୀତଜଗତ ସ୍ୱର, ଲୟ ଏବଂ ଧ୍ୱନିକୁ ନେଇ ସଂଗଠିତ ହୋଇଅଛି । ଏହି ସଙ୍ଗୀତାତ୍ମକ ଉପାଦାନଗୁଡ଼ିକ ଗୀତିମୟ ରଚନାକୁ ପ୍ରକାଶକରିବା ନିମନ୍ତେ ବ୍ୟବହୃତ ହୋଇଅଛି । ଯାହା ପ୍ରେମ, ଭକ୍ତି, ଦେଶପ୍ରେମ, ଶୌର୍ଯ୍ୟ, ପ୍ରକୃତି ପ୍ରତି ପ୍ରଶଂସା, ଦୁଃଖ ଇତ୍ୟାଦିର ଅନନ୍ୟ ଓ ଅସୀମ ଭାବନାକୁ ପ୍ରକାଶ କରିଥାଏ । ସଙ୍ଗୀତ ସୀମାବଦ୍ଧ ନ ହୋଇ ସମସ୍ତ ବର୍ଗର ଓ ବୟସର ଜନମାନସରେ ସହୃଦୟତାର ସହିତ ଗ୍ରହଣୀୟ ଓ ଲୋକପ୍ରିୟ । ଏହାର ଏକ ଦୃଷ୍ଟାନ୍ତ ହେଲା କୌଣସି ଏକ ବିଦ୍ୟାଳୟର ପିଲାମାନଙ୍କର ଭିଡ଼ ଏବଂ କୋଳାହଳପୂର୍ଣ୍ଣ ପରିବେଶ ହଠାତ୍ ଏକ ଶାନ୍ତିପୂର୍ଣ୍ଣ ଉପାୟରେ ସଙ୍ଗୀତର ସ୍ୱର ଓ ସମନ୍ୱୟକୁ ରକ୍ଷାକରି ପ୍ରତିଧ୍ୱନିତ ହୋଇଥାଏ । ଜାତୀୟ ଶିକ୍ଷାନୀତି - ୨୦୨୦ର ପ୍ରେରଣାଦାୟୀ ପାଠ୍ୟକ୍ରମ ମାଧ୍ୟମରେ ସଙ୍ଗୀତ ଶିକ୍ଷା, ଆପଣ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହର୍ଷୋଲ୍ଲାସ ଭରିବା ସହିତ ଅପାର ସମ୍ଭାବନାର କ୍ଷେତ୍ରକୁ ଅଧିକ ଦୃଢ଼ୀଭୂତ କରୁ, ଏହାହିଁ କାମନା । ଶିକ୍ଷକ ଭାବରେ ଶିକ୍ଷାର୍ଥୀମାନଙ୍କୁ ସଙ୍ଗୀତ ପ୍ରତି ଜୀବନବ୍ୟାପୀ ସପ୍ରେମ ଓ ଆଦର ପୂର୍ବକ ଗ୍ରହଣ କରିବା ପାଇଁ ଯଥୋଚିତ ପରାମର୍ଶ ଦେବା ଉଚିତ୍ ।

ଗଭୀର ପ୍ରଶଂସା ଓ ପ୍ରଶସ୍ତିର ପ୍ରୋତ୍ସାହନରେ ଏହାର ପରିବେକ୍ଷଣାତ୍ମକ ଦିଗ, ଶ୍ରେଣୀ ଗୃହର ବାହ୍ୟ କ୍ଷେତ୍ରରେ ମଧ୍ୟ ବ୍ୟାପକ ହେବା ସହିତ ୭ମ ଶ୍ରେଣୀର ପାଠ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଉକ୍ତ ଲୋକପ୍ରିୟ ଓ ଆକର୍ଷଣୀୟ କଳା ବର୍ଗ ସହିତ ଏକନିଷ୍ଠ ସହଭାଗୀ କରାଇବ । ତତ୍‌ସହିତ ଜଡ଼ିତ ଅନେକ ଦିଗକୁ ପ୍ରକାଶ କରିବା କ୍ଷେତ୍ରରେ ଗଭୀର ଅନ୍ତର୍ଦୃଷ୍ଟି ପ୍ରାପ୍ତ ହେବା ଏହାର ଏକମାତ୍ର ଲକ୍ଷ୍ୟ ଅଟେ ।

ଏହି ବିଭାଗଟି ଶିକ୍ଷାର୍ଥୀମାନଙ୍କୁ ସଙ୍ଗୀତ ସଂଯୋଜନାରେ ବିଭିନ୍ନ ପର୍ଯ୍ୟାୟ ସମ୍ବନ୍ଧରେ ଜଣାଇବା ପାଇଁ ଉଦ୍ଦିଷ୍ଟ ଅଟେ । ସଙ୍ଗୀତରେ ବିଭିନ୍ନ ସ୍ତର ଅଛି ଯେଉଁଥିରେ ସ୍ୱର, ଶ୍ରୁତି, ଲୟ ବାଦ୍ୟଯନ୍ତ୍ରର ବିଭିନ୍ନ ଅଂଶ, ସମବେତ ବାଦ୍ୟଯନ୍ତ୍ରର ସଙ୍ଗୀତ ବା ଅର୍କେଷ୍ଟ୍ରେସନ୍ ଓ ଅନ୍ୟାନ୍ୟ ଉପାଦାନର ସଂହତି ମାଧ୍ୟମରେ ଅଭିବ୍ୟକ୍ତିର ବିଭିନ୍ନ ସ୍ୱରୂପକୁ ଗୁରୁତ୍ୱ ପ୍ରଦାନ କରାଯାଇଅଛି । ଯାହାର ଉପଯୋଗରେ ଶିକ୍ଷାର୍ଥୀମାନେ ଗୀତଗୁଡ଼ିକର ଏକ ସମାଲୋଚନାମୂଳକ ସମୀକ୍ଷା ସହିତ ସଙ୍ଗୀତ ସଂଯୋଜନା କ୍ଷେତ୍ରରେ ବ୍ୟବହାର କରାଯାଉଥିବା ବିଭିନ୍ନ କାରକଗୁଡ଼ିକର ସଠିକ୍ ମୂଲ୍ୟାୟନ କରିପାରିବେ ।

ବିଭିନ୍ନ ଅବସରରେ ଗାୟନ କରାଯାଇଥିବା ସଙ୍ଗୀତର ଭିନ୍ନ ଭିନ୍ନ ରଚନାତ୍ମକ ଗତିବିଧି ମହତ୍ତ୍ୱପୂର୍ଣ୍ଣ ଅଟେ । ସଙ୍ଗୀତ ସମାଜରେ ଅନେକ ପ୍ରକାରର ବାର୍ତ୍ତା ପ୍ରଚାର କରିବା କ୍ଷେତ୍ରରେ ଏକ ବଳିଷ୍ଠ ଉତ୍ସ ହୋଇପାରେ । ଯେଉଁଥିରେ ବିଭିନ୍ନ ବୃତ୍ତି ଏବଂ ଦକ୍ଷତାର ଗୁରୁତ୍ୱ, ସାମାଜିକ ସଂସ୍କାର, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ । ଏ କ୍ଷେତ୍ରରେ ସଙ୍ଗୀତ ବିଭାଗ ବିଦ୍ୟାର୍ଥୀମାନଙ୍କ କରିଆରେ ଏହାର ବିଭିନ୍ନ ଆୟାମ ଓ ଦିଗଗୁଡ଼ିକର ଯଥାର୍ଥତାକୁ ଉନ୍ମୋଚନ କରିବାରେ ନିଶ୍ଚିତ ଭାବରେ ସହାୟତା ପ୍ରଦାନ କରିବ ବୋଲି ଆଶା ।

ସରଗମ୍, ଯଥା- ସଙ୍ଗୀତର ଆଳଙ୍କରିକ ସ୍ୱରୂପ, ପାରମ୍ପରିକ ଲୋକ ସଙ୍ଗୀତ ଏବଂ ଶାସ୍ତ୍ରୀୟ ସଙ୍ଗୀତ ଅଭ୍ୟାସର କିଛି ମୌଳିକ ସ୍ୱରୂପ ଓ ତାହାର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ଏଠାରେ ଉଦାହରଣ ସହକାରେ ଦର୍ଶାଯାଇଛି । ତେଣୁ ଶିକ୍ଷକମାନେ ପାଠ୍ୟକ୍ରମର ମୌଳିକ ନିର୍ଦ୍ଦେଶାବଳୀଗୁଡ଼ିକର ଅନୁପାଳନ କରିବା ବିଧେୟ । ତତ୍‌ସହିତ ଶିକ୍ଷକମାନେ ନିଜର ବିଷୟଭିତ୍ତିକ ପାରଦର୍ଶିତା ପ୍ରତିପାଦନ ପୂର୍ବକ ନିଜସ୍ୱ ଉପାୟରେ ସ୍ୱାଧୀନତାର ସହିତ ଏ କ୍ଷେତ୍ରରେ ଶିକ୍ଷା ପ୍ରଦାନ କରିବାରେ କୌଣସି ଦ୍ୱିଧା ନାହିଁ । ଛାତ୍ରଛାତ୍ରୀମାନଙ୍କର ଜିଜ୍ଞାସା ବା ଅନୁସନ୍ଧାନ ପ୍ରବୃତ୍ତିକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଉପଲବ୍ଧ ଉତ୍ସରୁ ଯଥେଷ୍ଟ ସହାୟତା ନିଅନ୍ତୁ ।

ଦୈନନ୍ଦିନ ଜୀବନରେ ବିଭିନ୍ନ ପ୍ରକାରର ସଙ୍ଗୀତକୁ ଅନୁଭବ କରିବାର ଭରପୂର ସୁଯୋଗ ରହିଛି । ଅତ୍ୟଧିକ ଭାବରେ ଉତ୍ସାହୀ ହୋଇ ଅଂଶଗ୍ରହଣ କରିବା ଦ୍ୱାରା ବିଦ୍ୟାର୍ଥୀମାନେ କଳାର ପ୍ରକୃତ ସ୍ୱରୂପକୁ ଭଲ ପାଇବା ଏବଂ ଭାରତୀୟ ଭାବେ କଳାର ବିବିଧତାକୁ ଆବିଷ୍କାର କରିବାରେ ଏହା ଅନେକ ସହାୟତା ପ୍ରଦାନ କରିବ ନିଶ୍ଚୟ । ଏହି ପୁସ୍ତକ ଛାତ୍ରଛାତ୍ରୀମାନଙ୍କ ସଙ୍ଗୀତାତ୍ମକ ଅଭିରୁଚିକୁ ଅଧିକ ପ୍ରଶଂସନୀୟ ଓ ପ୍ରେରଣାଦାୟୀ ହେବାରେ ବିଶେଷ ସହାୟତା ପ୍ରଦାନ କରିବ ।

ଛାତ୍ରଛାତ୍ରୀମାନଙ୍କୁ ସଙ୍ଗୀତ ପ୍ରତି ଅଧିକରୁ ଅଧିକ ଯତ୍ନବାନ ଓ ରୁଚିସଂପନ୍ନ ହେବା କ୍ଷେତ୍ରରେ ସେମାନଙ୍କୁ ଅନୁଷ୍ଠିତ ହେଉଥିବା ସଙ୍ଗୀତ କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷଭାବରେ ଦେଖିବା ନିମନ୍ତେ ନେବାକୁ ବିଚାର କରାଯିବା ଆବଶ୍ୟକ ।

କୌଣସି ସଙ୍ଗୀତଜ୍ଞଙ୍କୁ ନିଜ ବିଦ୍ୟାଳୟକୁ ଆମନ୍ତ୍ରିତ କରି, ତାଙ୍କ ସହିତ ସଙ୍ଗୀତ ସମ୍ବନ୍ଧୀୟ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯିବା, ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସଙ୍ଗୀତର ଅଗ୍ରିମ ଶିକ୍ଷା କ୍ଷେତ୍ରରେ ବିଶେଷ ସହାୟକ ହୋଇପାରେ ।



https://withteachers.in/

ପ୍ରତ୍ୟେକ ଅଧ୍ୟାୟର ଶେଷରେ ଗଠନମୂଳକ ମୂଲ୍ୟାୟନ ନିମନ୍ତେ ନିର୍ଦ୍ଦେଶାବଳୀ ପ୍ରଦାନ କରାଯାଇଅଛି ଯାହା ଆରାମଦାୟକ ଏବଂ ନିବିଡ଼ ଭାବରେ, ମୁଖ୍ୟତଃ ଶ୍ରେଣୀଗୃହରେ ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ କରାଯିବା ଉଚିତ । ତତ୍‌ସମ୍ବନ୍ଧୀୟ ସଂକ୍ଷିପ୍ତ ମୂଲ୍ୟାୟନ ପାଇଁ ଉଦ୍ଦିଷ୍ଟ ପରାମର୍ଶଗୁଡ଼ିକୁ ସଙ୍ଗୀତ ବିଭାଗର ଶେଷ ପୃଷ୍ଠାଗୁଡ଼ିକରେ ପ୍ରଦାନ କରାଯାଇଅଛି ।

| | |
|---|---|
| **ଶୈକ୍ଷିକ ଲକ୍ଷ୍ୟ 1** | ବିଭିନ୍ନ କଳା ମାଧ୍ୟମରେ ନିଜକୁ ଖୋଜିବା ବା ଅନୁସନ୍ଧାନ କରିବା ସହିତ ନିଜକୁ କଳା ମାଧ୍ୟମରେ ପ୍ରକାଶିତ କରାଇବା କ୍ଷେତ୍ରରେ ମନକୁ ଖୋଲାଖୋଲି ଭାବରେ ପ୍ରକାଶିତ କରିଥାଏ । |
| **ଦକ୍ଷତା 1.1** | ବିଭିନ୍ନ ସାଙ୍ଗୀତିକ କାର୍ଯ୍ୟକଳାପ ମାଧ୍ୟମରେ ସେମାନଙ୍କ ବ୍ୟକ୍ତିଗତ ଏବଂ ଦୈନନ୍ଦିନ ଜୀବନର ଅଭିଜ୍ଞତାକୁ ଆତ୍ମବିଶ୍ୱାସର ସହିତ ପ୍ରକାଶିତ କରାଇବା । |
| **ଦକ୍ଷତା 1.2** | ମିଳିତ ଭାବରେ ସଙ୍ଗୀତ ଅଭ୍ୟାସର ବିକାଶ ପ୍ରକ୍ରିୟାରେ ନମନୀୟତା ପ୍ରଦର୍ଶନ କରାଇବା । |
| **ଶୈକ୍ଷିକ ଲକ୍ଷ୍ୟ 2** | କଳା ମାଧ୍ୟମରେ ବିକଳ୍ପ ଚିନ୍ତାଧାରାର ଅନୁସନ୍ଧାନ ପୂର୍ବକ ସେମାନଙ୍କର କଳ୍ପନା ଏବଂ ସୃଜନଶୀଳତାକୁ ପ୍ରୟୋଗ କରାଇବା । |
| **ଦକ୍ଷତା 2.1** | ଏଭଳି ଗୀତ ଓ ସଙ୍ଗୀତର ସଂରଚନା ତିଆରି କରିବା ଓ ପ୍ରସ୍ତୁତ କରିବା ଯେପରି ସେମାନଙ୍କ ଆଖପାଖରେ ଦୃଶ୍ୟମାନ ହେଉଥିବା ରୁଢ଼ିବାଦିତା ଅଥବା ଲିଙ୍ଗଗତ ବୈଷମ୍ୟତାକୁ ଖୋଲାଖୋଲି ଭାବରେ ଆହ୍ୱାନ ଦେବ । |
| **ଦକ୍ଷତା 2.2** | ସଙ୍ଗୀତରେ ବ୍ୟବହୃତ ଅପରିହାର୍ଯ୍ୟ ଉପାଦନଗୁଡ଼ିକ ଯଥା- ଗୀତ, ରାଗ, ତାଳ, ମାତ୍ରା, ଲୟ ଏବଂ ଶୈଳୀ ବା ଢାଞ୍ଚାକୁ ବ୍ୟକ୍ତିଗତ ଅଭିଜ୍ଞତା, ଭାବନା ଏବଂ କଳ୍ପନା ସହତ ସଂଯୋଗ କରାଇବା । |

ଏହି ପର୍ଯ୍ୟାୟରେ ପୂରଣ କରିବାକୁ ଥିବା ଦକ୍ଷତାଗୁଡ଼ିକ ସମ୍ବନ୍ଧରେ ନିମ୍ନରେ ଉଲ୍ଲିଖିତ ହୋଇଅଛି । ଏହି ମୂଲ୍ୟାୟନର ଏକମାତ୍ର ଲକ୍ଷ୍ୟ ହେଉଛି କି ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ହୋଇଥିବା ଦକ୍ଷତାଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ପାରଦର୍ଶିତା ହାସଲ କରିପାରୁଛନ୍ତି କି ନାହିଁ, ତତ୍‌ସହିତ ଏ କ୍ଷେତ୍ରରେ ସେମାନଙ୍କୁ ଅଧିକ ସହାୟତାର ଆବଶ୍ୟକତା ଅଛି କି ନାହିଁ, ଛାତ୍ରଛାତ୍ରୀମାନଙ୍କ ବିକାଶ ସାଧନ କ୍ଷେତ୍ରରେ ଗୁଣାତ୍ମକ ମତାମତ ନିତାନ୍ତ ଜରୁରୀ ଅଟେ ।

| | |
|---|---|
| **ଶୈକ୍ଷିକ ଲକ୍ଷ୍ୟ 3** | ଶୈକ୍ଷିକ ଲକ୍ଷ୍ୟ - ୩ ଅନ୍ତର୍ଗତ କଳାତ୍ମକ ଉପାଦାନର ପ୍ରକ୍ରିୟା ଏବଂ କୌଶଳଗୁଡ଼ିକୁ ବୁଝିବା ଏବଂ ପ୍ରୟୋଗ କରିବା । |
| **ଦକ୍ଷତା 3.1** | ମଞ୍ଚରେ ଶିଷ୍ଟାଚାର ପ୍ରଦର୍ଶନ କରିବା ସହିତ ସଙ୍ଗୀତ ଓ ବାଦ୍ୟଯନ୍ତ୍ରର ଯତ୍ନ ନେବା । ସଙ୍ଗୀତରେ ସମ୍ବଳ ଏବଂ କୌଶଳ ପୂର୍ଣ୍ଣ ବ୍ୟବହାର କରିବା ସମୟରେ ସୁଚିନ୍ତିତ ନିଷ୍ପତ୍ତି ନେବା । |
| **ଦକ୍ଷତା 3.2** | ଯୋଜନାର ପ୍ରାରମ୍ଭିକ ପର୍ଯ୍ୟାୟରୁ ଶେଷ ପ୍ରଦର୍ଶନ ପର୍ଯ୍ୟନ୍ତ ସଙ୍ଗୀତ ପ୍ରସାରଣର ଧାରଣା ଏବଂ ପଦ୍ଧତିଗୁଡ଼ିକୁ ପରିଷ୍କୃତ କରିବା ସହିତ ଏହାର ସଂପୂର୍ଣ୍ଣ ପ୍ରକ୍ରିୟାକୁ ସମୀକ୍ଷା କରିବା । |
| **ଶୈକ୍ଷିକ ଲକ୍ଷ୍ୟ 4** | ଆଞ୍ଚଳିକତା ଭିତ୍ତିରେ କଳା ଏବଂ ସାଂସ୍କୃତିକ ପ୍ରଥାଗୁଡ଼ିକରେ ନିହିତ ସୌନ୍ଦର୍ଯ୍ୟ ସମ୍ବନ୍ଧୀତ ସମ୍ବେଦନଶୀଳ ତତ୍ତ୍ୱଗୁଡ଼ିକୁ ଶୃଙ୍ଖଳା ସହକାରେ ପରିଚିତ କରାଇବା । |
| **ଦକ୍ଷତା 4.1** | ବିଭିନ୍ନ ସ୍ଥାନୀୟ ଏବଂ ଆଞ୍ଚଳିକ ସଙ୍ଗୀତ ରୂପ ସହିତ ପରିଚିତ ଥିବାର ଅଭିଜ୍ଞତା ପ୍ରକାଶ କରି ତାହାକୁ ପରିବେକ୍ଷଣ ମାଧ୍ୟମରେ ଆଗକୁ ନେବା । |
| **ଦକ୍ଷତା 4.2** | ଆଞ୍ଚଳିକତା ଭିତ୍ତିରେ ସମଗ୍ର ଭାରତବର୍ଷରେ କିଛି ସ୍ଥାନୀୟ ସଙ୍ଗୀତଜ୍ଞ ଏବଂ କଳାକାରମାନଙ୍କ ଜୀବନ ଓ କୃତିତ୍ୱ ସମ୍ବନ୍ଧରେ ବର୍ଣ୍ଣନା କରିବା । |



https://withteachers.in/

**ଅଧ୍ୟାୟ - ୫**

# ସଙ୍ଗୀତ ସଂରଚନା



ପ୍ରିୟ ଶିକ୍ଷାର୍ଥୀମାନେ ! ତୁମେମାନେ ବିଗତ ଶ୍ରେଣୀଗୁଡ଼ିକରେ ସଙ୍ଗୀତର ସଂରଚନା ବିଷୟରେ ପଢ଼ିଅଛ । ଏହି ଶ୍ରେଣୀରେ ସଙ୍ଗୀତ ସଂରଚନାର କେତେକ ନୂତନ ଦିଗ ଉପରେ ଆଲୋଚନା କରିବା । ଆସ, ସମସ୍ତେ ମିଳିମିଶି ନିମ୍ନରେ କୌଣସି ଏକ ଲୋକପ୍ରିୟ ସଙ୍ଗୀତ ଗାନକରି ଏହି କାର୍ଯ୍ୟଟିକୁ ଆରମ୍ଭ କରିବା । ନିମ୍ନରେ କିଛି ଗୀତର ପଂକ୍ତି ଦିଆଯାଇଅଛି । ଯଥା-

୧. ଆହେ ଦୟାମୟ ବିଶ୍ୱବିହାରୀ... ... ...
୨. କି ସୁନ୍ଦର ଆହା କି ଆନନ୍ଦମୟ ଏହି ବିଶାଳ ସଂସାର... ... ...
୩. କୋଠ ଭୋଗଖିଆ ମୋ ଚକାଆଖିଆ... ... ...
୪. ଅଭିମାନିନୀ ଅମାନିଆଁ ହେଉ... ... ...
୫. ବାଧିଲା ଜାଣି କ୍ଷମା କର ନୋହିଲେ ରମା... ... ...
୬. ବର୍‌ସୋଁ ରେ ମେଘା ମେଘା... ... ...
୭. ଭାରତ ହମ୍‌କୋ ଜାନ୍‌ସେ ପ୍ୟାରା ହେ... ... ...
୮. ଆ ଚଲକେ ତୁଝେ ମେଁ ଲେକେ ଚଲୁଁ... ... ...
୯. ଜିନ୍ଦେଗୀ ଏକ ସଫର୍ ହେ ସୁହାନା... ... ...
୧୦. ଓ ପାଲନ ହାରେ ନିର୍ଗୁଣ ଔର ନ୍ୟାରେ... ... ...



**ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ସୂଚନା :** ଉପରେ କିଛି ଚଳଚ୍ଚିତ୍ର ସଙ୍ଗୀତ, ଦେଶାତ୍ମବୋଧକ ସଙ୍ଗୀତ, ଭଜନ ଓ ଜଣାଣ ସମ୍ବନ୍ଧରେ ସୂଚନା ଦିଆଯାଇଅଛି । ଆବଶ୍ୟକତା ଅନୁସାରେ ଆପଣ ଏହି କାର୍ଯ୍ୟକଳାପକୁ ଆଗକୁ ନେବାପାଇଁ ଛାତ୍ରଛାତ୍ରୀମାନଙ୍କ ବୟସ ଓ ସାମର୍ଥ୍ୟ ଅନୁସାରେ ଅନ୍ୟ କିଛି ଉପଯୁକ୍ତ ସଙ୍ଗୀତ ଚୟନ କରି ଶିକ୍ଷାଦାନ କରିପାରିବେ ।

ସଙ୍ଗୀତର ସଂରଚନା କ୍ଷେତ୍ରରେ ଅନେକ ଉପାଦାନର ସହାୟତା ନିଆଯାଇଥାଏ । ଯେତେବେଳେ ତୁମେମାନେ କୌଣସି ସଙ୍ଗୀତ ଶୁଣ, ସେତେବେଳେ ତୁମ ମନରେ ପ୍ରଶ୍ନ ଆସେ ଯେ, ଆମେ ଶୁଣୁଥିବା ବିଭିନ୍ନ ପ୍ରକାରର ସଙ୍ଗୀତ କିପରି ସୃଷ୍ଟି ହୋଇଛି ବା ତିଆରି ହୋଇଛି । ଏହି ସଙ୍ଗୀତର ସଂରଚନାରେ କେଉଁ କେଉଁ ଉପାଦାନଗୁଡ଼ିକର ଆବଶ୍ୟକତା ଅତି ଜରୁରୀ, ତାହା ଚିନ୍ତାକରି ଆମକୁ ବେଶ୍ ଆଶ୍ଚର୍ଯ୍ୟ ଚକିତ ଲାଗିଥାଏ ।

ଆସ ସଙ୍ଗୀତର ସଂରଚନା ସମ୍ବନ୍ଧୀୟ କିଛି କଥା ଜାଣିବା । ଦେଖ, ସଙ୍ଗୀତ ସମ୍ବନ୍ଧୀୟ କେତେକ ଆବଶ୍ୟକୀୟ ସୂଚନା ନିମ୍ନୋକ୍ତେ ପ୍ରଦାନ କରାଯାଇଅଛି । ଯଥା :

- କଣ୍ଠ ସଙ୍ଗୀତ **(Vocal)**
- ସଙ୍ଗୀତାତ୍ମକ ବାଦ୍ୟଯନ୍ତ୍ର **(Musical Instrument)**
- ଶ୍ରୁତିମଧୁର ସଙ୍ଗୀତ **(Melody)**
- ସମସ୍ୱରତାର ସୁସଙ୍ଗତି ବିଶିଷ୍ଟ ଧ୍ୱନି **(Harmony)**
- ଗୀତିକବିତା (ସାହିତ୍ୟ କଥାବସ୍ତୁ) **(Lyrics)**

ଯେକୌଣସି ଗୀତରେ ତୁମେମାନେ ଭିନ୍ନ ଭିନ୍ନ ପ୍ରକାରର ଧ୍ୱନି ବା ସ୍ୱରଗୁଡ଼ିକୁ ଶୁଣିଥାଅ, ତାହାକୁ ସାଙ୍ଗୀତିକ ଭାଷାରେ ସ୍ତର ବା ଲେୟର୍ସ **(Layers)** ବୋଲି କୁହାଯାଇଥାଏ । ତୁମେମାନେ ବିଭିନ୍ନ ପ୍ରକାରର ତାଳ ଓ ସ୍ୱର, ବାଦ୍ୟଯନ୍ତ୍ର ସହିତ ଡ୍ରମ୍‌ର ବିଭିନ୍ନ ପ୍ରକାରର ଧ୍ୱନି ଏବଂ ବିଭିନ୍ନ ପ୍ରକାରର କଣ୍ଠସ୍ୱର ଶୁଣିଛ ? ସଙ୍ଗୀତରେ ଏହିଗୁଡ଼ିକ ସ୍ତର ଅଟନ୍ତି । ତତ୍‌ସହିତ ଏହା ଗୀତ ଗାନ କରିବା ସମୟରେ ବଳିଷ୍ଠ ଭୂମିକା ନିର୍ବାହନ କରିଥାଏ ।

- ତୁମେମାନେ ଶୁଣିପାରୁଥିବା ସ୍ତରଗୁଡ଼ିକ କ'ଣ ?
- ତୁମେମାନେ ଜାଣିଛ କି ? ସଙ୍ଗୀତର ବିଭିନ୍ନ ପ୍ରକାରର ଶୈଳୀ ଗୁଡ଼ିକରେ ନାନା ପ୍ରକାରର ଧ୍ୱନି ଏବଂ ବାଦ୍ୟଯନ୍ତ୍ର ବ୍ୟବହାର ହୋଇଥାଏ ।
- କୌଣସି ଏକ ଚଳଚ୍ଚିତ୍ର ସଙ୍ଗୀତ ଶୁଣୁଥିବା ସମୟରେ ତା'ର କେଉଁ ସ୍ତରଗୁଡ଼ିକୁ ତୁମେମାନେ ଶୁଣିଥାଅ ?
- କୌଣସି ଏକ ଭକ୍ତିମୂଳକ ସଙ୍ଗୀତ ଶୁଣୁଥିବା ସମୟରେ ତା'ର କେଉଁ ସ୍ତରଗୁଡ଼ିକୁ ତୁମେମାନେ ଶୁଣିବାକୁ ପସନ୍ଦ କର ?



https://withteachers.in/

## କାର୍ଯ୍ୟକଳାପ ୫.୧ : ଗୀତ ଅନ୍ବେଷଣ

ତୁମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚାରିଗୋଟି ଦଳ ତିଆରି କର ଏବଂ ପ୍ରତ୍ୟେକ ଦଳର ନାମକରଣ ସଙ୍ଗୀତ ଆଧାରିତ ହେବା ଆବଶ୍ୟକ ।

ତୁମେମାନେ ଶୁଣିବାକୁ ପସନ୍ଦ କରୁଥିବା ଭିନ୍ନ ଭିନ୍ନ ଶୈଳୀର ତିନୋଟି ଭିନ୍ନ ଭିନ୍ନ ଗୀତ ଚୟନ କର । ପ୍ରତ୍ୟେକ ଗୀତକୁ ନିମ୍ନୋକ୍ତେ ପ୍ରଦାନ କରାଯାଇଥିବା ଢାଞ୍ଚାଗତ ସୂଚୀର ସହାୟତାରେ ଉଲ୍ଲେଖ କର । ଗୀତଗୁଡ଼ିକୁ ଉଲ୍ଲେଖ କରି ସାରିବା ପରେ ସହପାଠୀମାନଙ୍କ ସହିତ ତାହାର ସମାନତା ଓ ପାର୍ଥକ୍ୟ ସମ୍ବନ୍ଧରେ ଆଲୋଚନା କର ।

ଗୀତର ଶୀର୍ଷକ : .............................................................

ମୁକ୍ତିଲାଭର ବର୍ଷ : .............................................................

ବିଷୟ : .............................................................

ବର୍ଗ / ପ୍ରକାର / ଶୈଳୀ : .............................................................

କଳାକାର : .............................................................

ସଙ୍ଗୀତ ସଂଯୋଜନା : .............................................................

ଗୀତିକାର : .............................................................

### ସଙ୍ଗୀତାତ୍ମକ ଉପାଦାନ - କଣ୍ଠସ୍ୱର, ତାଳବାଦ୍ୟ ଓ ସ୍ୱରବାଦ୍ୟ ଯନ୍ତ୍ର, ଉତ୍ତୋଳନ (PITCH) ବେଗର ମାତ୍ରା (TEMPO) ।

ଉପରୋକ୍ତେ ଲିଖିତ ହୋଇଥିବା ଢାଞ୍ଚାଗତ ସୂଚୀର ଆଧାରରେ ଆମେମାନେ ଯେଉଁଗୀତଗୁଡ଼ିକୁ ଶୁଣିଲେ ଓ ସେଠାରେ ଉଲ୍ଲେଖ କଲେ, ତତ୍ ସମ୍ବନ୍ଧୀୟ କେତେଗୁଡ଼ିଏ ପ୍ରଶ୍ନ ନିଶ୍ଚିତ ଭାବରେ ଆମ ମନରେ ଉଙ୍କି ମାରୁଥିବ । ଯେପରି-

- ଯେଉଁ ଗୀତଟିକୁ ଆମେ ଶୁଣିଲେ ତାହା ପୁରୁଷ ବା ମହିଳା କଣ୍ଠଶିଳ୍ପୀଙ୍କ କଣ୍ଠସ୍ୱର ଅଥବା ଯୁଗଳ ବା ଦ୍ୱୈତ କଣ୍ଠସ୍ୱର ?
- ଗୀତରେ କେଉଁ କେଉଁ ବାଦ୍ୟଯନ୍ତ୍ରଗୁଡ଼ିକୁ ବ୍ୟବହାର କରାଯାଇଅଛି ? ଶୁଣିବା ପରେ ତୁମେ କେଉଁଟି କେଉଁ ଧରଣର ବାଦ୍ୟଯନ୍ତ୍ର କହିପାରିବ କି ?



- ଶୁଣିଥିବା ଗୀତର ଗତି ବା ବେଗ କିପରି ? ଏହା ଦ୍ରୁତ ନା ଧୀର ? ଗୀତ ପରିବେଷଣ ସମୟରେ ଏହାର ଗତି ପରିବର୍ତ୍ତନ ହେଉଛି କି ?
- ସ୍ୱରଗୁଡ଼ିକର ଉତ୍ତୋଳନ ପ୍ରାୟତଃ ଉଚ୍ଚ, ମଧ୍ୟମ କିମ୍ବା ନିମ୍ନ କି ? ଗୀତ ଗାୟନ କରିବା ସମୟରେ ଏହାର ସ୍ୱରଗୁଡ଼ିକ ଉଚ୍ଚ ବା ନିମ୍ନ ହୋଇ ପରିବର୍ତ୍ତନ ହେଉଛି କି ?

### ମନୋଭାବ - ଭାବନା (ରସ) ଏବଂ ବିଷୟବସ୍ତୁ :

- ତୁମେମାନେ ଚୟନ କରିଥିବା ଗୀତଟିରେ ମନୋଭାବ କ'ଣ ଅଛି ?
- ତୁମେ ଶୁଣିଥିବା ଗୀତଟିର କେଉଁ କେଉଁ ଦିଗ ତୁମକୁ ଭଲ ଲାଗିଲା ?
- ଯେଉଁ ଗୀତଟିକୁ ତୁମେ ଶୁଣିଲ ତାହାର ମନୋଭାବ ତୁମେ ପରିବର୍ତ୍ତନ କରିବାକୁ ଚାହୁଁଛ କି ? ତେବେ ତୁମେ ତାହା କିପରି କରିବ ?
- ସଙ୍ଗୀତ ସଂଯୋଜନା ଓ ପରିବେଷଣରେ ହୋଇଥିବା ବ୍ୟବସ୍ଥା ବା ଆୟୋଜନରେ ଅଧିକ ବାଦ୍ୟଯନ୍ତ୍ର ଓ ତାଳ ସଂଯୋଜିତ ହୋଇ ଏହା ଅତ୍ୟନ୍ତ ଭାରୀ ବା ଗମ୍ଭୀର କିମ୍ବା ହାଲୁକା ଧରଣର ଅନୁଭବ ହେଉଛି କି ?
- ତୁମେମାନେ ସଙ୍ଗୀତର କେତେଗୋଟି ସ୍ତର ଓ ସାହିତ୍ୟ ବା କବିତାର ବିଭିନ୍ନ ପଂକ୍ତି(ଧାଡ଼ି)ଗୁଡ଼ିକୁ ଏକ ସମୟରେ ଶୁଣିପାରିବ କି ? ତଥା ଦଳଗତ ବା ବୃନ୍ଦ ଗାୟନ ସମୟରେ ବିଭିନ୍ନ ଧାଡ଼ିରେ ଠିଆ ହୋଇଥିବା କଳାକାରମାନଙ୍କୁ ତୁମେ ପୃଥକ୍ ପୃଥକ୍ ଭାବରେ ଓ ଭିନ୍ନ ଭିନ୍ନ ସ୍ତର ମଧ୍ୟଦେଇ ଏକାଥରେ ଶୁଣି ପାରିବ କି ?





https://withteachers.in/

## କାର୍ଯ୍ୟକଳାପ ୫.୨ : ତୁମ ସଠିକତାକୁ ଯାଞ୍ଚ କର ★

- ଏପରି ଏକ ଗୀତ ଚୟନକରି ଗାନକର ଯାହା ତୁମେ ଅତି ସହଜରେ ଓ ଆରାମଦାୟକ ଭାବେ ଗାୟନ କରି ଏକ ସୁଖଦ ଅନୁଭୂତି ଲାଭ କରିପାରିବ ।
- ଯଦି ତୁମପାଖରେ କାରାଓକେ ଟ୍ରାକ୍ ଅଛି, ତେବେ ତୁମେମାନେ ତାହା ବ୍ୟବହାର କରିପାରିବ ।
- ନିଜେ ଗୋଟିଏ ଗୀତ ଗାଇବା ସହିତ ତାହାକୁ ରେକର୍ଡିଂ କର ଏବଂ ରେକର୍ଡିଂ କରିସାରିବା ପରେ ତାକୁ ଶୁଣ ଏବଂ ନିଜକୁ ମାପନିଅ ବା ଯାଞ୍ଚ କର ଯେ ତୁମେ ସ୍ୱର, ଲୟ, ତାଳରେ ଗୀତଟିକୁ ଠିକ୍ ଭାବରେ ଗାଇଛ କି ନାହିଁ । ଯେଉଁ ଯେଉଁ ସ୍ଥାନରେ ତୁମେ ଭୁଲ୍ କରିଛ ତାହାକୁ ଠିକ୍ କରି ଅଭ୍ୟାସ କରି ପୁଣିଥରେ ଗାଅ ।
- ପୁଣି ତୁମେ ପ୍ରଥମେ ଗାଇଥିବା ଗୀତକୁ ପରବର୍ତ୍ତୀ ସମୟରେ ଗାଇଥିବା ଗୀତ ସହିତ ତୁଳନା କରି ଦେଖ ଯେ ଯେଉଁ ଯେଉଁ ସ୍ଥାନରେ ସ୍ୱର, ଲୟ ଓ ତାଳରେ ତୁମେ ଭୁଲ କରିଥିଲ ତାହା ଠିକ୍ ହେଲା କି ନାହିଁ । ସର୍ବଦା ମୂଳ ଗୀତ ସହିତ ନିଜର ଗୀତକୁ ଅଧିକ ମାତ୍ରାରେ ତୁଳନା କରି ଉନ୍ନତିର ପରିସରକୁ ଯିବାକୁ ପ୍ରଚେଷ୍ଟା ଜାରି ରଖ ।



- ଅନ୍ୟ କୌଣସି ବ୍ୟକ୍ତି ଯେପରି- ସହପାଠୀ, ବନ୍ଧୁପରିଜନ, ଶିକ୍ଷକ/ଶିକ୍ଷୟିତ୍ରୀ ଅଥବା ପରିବାରର ଅନ୍ୟ କୌଣସି ସଦସ୍ୟଙ୍କୁ ତୁମେ ରେକର୍ଡିଂ କରିଥିବା ଗୀତଟିକୁ ଶୁଣାଅ । ଏହାଦ୍ୱାରା ତୁମେମାନେ ଏକ ଗଠନମୂଳକ ମତାମତ ପାଇପାରିବ । ତୁମେ ତାଳ, ସ୍ୱର ଓ ଲୟରେ ଗୀତଟିକୁ ଗାଇଛ କି ନାହିଁ ବୁଝି ବିଚାରି ନିଜକୁ ସଂଶୋଧନ କର ।

ଉପରୋକ୍ତେ ପ୍ରଦାନ କରାଯାଇଥିବା ସୂଚନାଗୁଡ଼ିକର ସଦୁପଯୋଗ କରି ତୁମର କାର୍ଯ୍ୟଦକ୍ଷତାକୁ ଅଧିକରୁ ଅଧିକ ଉନ୍ନତ କରିବାକୁ ଚେଷ୍ଟାକର ।



**ଶିକ୍ଷକଙ୍କ ପାଇଁ ସୂଚନା :** ଏହି କାର୍ଯ୍ୟକଳାପଟି ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ଭାବେ କରିପାରିବେ । ନଚେତ୍ ନିଜର ସହପାଠୀ କିମ୍ବା ଶିକ୍ଷକଙ୍କୁ ମୂଲ୍ୟାଙ୍କନ ପାଇଁ ଅନୁରୋଧ କରିପାରିବେ । ଏଥିରେ କିପରି ସୁଧାରି ହେବ ସେ କ୍ଷେତ୍ରରେ ଗୁରୁତ୍ୱ ଦେବା ବିଧେୟ ।

# ମିଳିମିଶି ସଙ୍ଗୀତ ସଂରଚନା କରିବା

## ସମସ୍ୱରତା ଓ କାନନ୍ (Harmony & Canon)

ଏକାଧିକ ଲୋକଙ୍କର ଏକତ୍ରିକରଣରେ ଗାୟନ କରାଯାଉଥିବା ଗୀତର ସ୍ୱରଗୁଡ଼ିକୁ ଶୁଣ, ଯାହା ବିଭିନ୍ନ ସ୍ୱରର ସମ୍ମିଶ୍ରଣରେ ଏକ ମନୋରମ ରଞ୍ଜକତା ସୃଷ୍ଟିକରେ, ସଙ୍ଗୀତରେ ତାହାକୁ ସମନ୍ୱୟ ଗାୟନ ବା ସମସ୍ୱରତା କୁହାଯାଏ । ସାଧାରଣତଃ ସଙ୍ଗୀତର ଭିନ୍ନ ଭିନ୍ନ ଶୈଳୀ, ବିଭିନ୍ନ ବାଦ୍ୟଯନ୍ତ୍ର ଓ କଣ୍ଠସ୍ୱର ସଂରଚନାରେ ସମସ୍ୱରତା ଏକ ଅପରିହାର୍ଯ୍ୟ ଅଙ୍ଗ ସଦୃଶ ।

ଗୀତ ଗାନକରିବା ଓ ସେଥିରେ ସମନ୍ୱୟ ରକ୍ଷାକରି ସମସ୍ୱରତା ଆଣିବା କ୍ଷେତ୍ରରେ କେତେକ ସହଜ ଉପାୟ ଅଛି । ତାହା ହେଉଛି କାନନ୍ ଗାୟନ । କାନନ୍ ହେଉଛି ଯେଉଁଠାରେ ବିଭିନ୍ନ ଗାୟକ ଗୋଷ୍ଠୀ ସମାନ ସ୍ୱରରେ ଧୁନ୍ ପରିବେଷଣ କରନ୍ତି । କିନ୍ତୁ ଭିନ୍ନ ଭିନ୍ନ ସମୟରେ ତାହା ଆରମ୍ଭ କରିଥା'ନ୍ତି। କାନନ୍ ଉପରେ ପର୍ଯ୍ୟବେସିତ ହେଇ ସଂରଚିତ ହୋଇଥିବା ସଙ୍ଗୀତଗୁଡ଼ିକୁ ଏପରି ଲେଖାଯାଇଥାଏ ଓ ସ୍ୱର ସଂଯୋଜନା କରାଯାଇଥାଏ, ଯେପରି ତୁମେମାନେ ଏକା ସମୟରେ ଶୁଣୁଥିବା ବିଭିନ୍ନ ସ୍ୱରଗୁଡ଼ିକର ଏକତ୍ର ପରିବେଷଣ ବେଶ୍ ଚିତ୍ତାକର୍ଷକ ହୋଇଥାଏ ।

ଏହାର ଉଦାହରଣ ଭାବେ ତୁମେମାନେ ଯେକୌଣସି ଦେଶାତ୍ମବୋଧକ ଗୀତ, ଲୋକଗୀତ ଚୟନ କରିପାରିବ । ଯେପରି-

1. କୁଞ୍ଜାନାଦନ ପୁଂଜୟିଲେ କୋତୁ ପେନେ କୁୟିଲାଲେ (ଯାହା ତୁମେମାନେ ଷଷ୍ଠଶ୍ରେଣୀରେ ପଢ଼ିଥିଲ)
2. ହମ୍ ହୋଙ୍ଗେ କାମୟାବ (ଯାହା ତୁମେ ତୃତୀୟ ଶ୍ରେଣୀରେ ଶିକ୍ଷାଗ୍ରହଣ କରିଥିଲ)

ଏଥର ତୁମେମାନେ ଆସ, ପ୍ରଥମେ ଏକତ୍ର ହୋଇ ଗୀତଟିକୁ ଗାଅ । ସମୟକୁ ଧ୍ୟାନରେ ରଖ, ଯେପରି ତୁମେମାନେ ସମସ୍ତେ ଏକାସାଥିରେ ଗାଇପାରିବ । ପୁଣି, ଶ୍ରେଣୀରେ ଥିବା ସମସ୍ତ ଛାତ୍ରଛାତ୍ରୀ ଦୁଇ ଭାଗରେ ବିଭକ୍ତ ହୋଇଯାଇ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୁଅ ।



https://withteachers.in/

**ଗୋଷ୍ଠୀ ୧ :** ହମ୍ ହୋଙ୍ଗେ

କାମୟାବ (୨)

**ଗୋଷ୍ଠୀ ୧ :** ହମ୍ ହୋଙ୍ଗେ

କାମୟାବ ଏକ୍ ଦିନ



**ଗୋଷ୍ଠୀ ୨ :** ହମ୍ ହୋଙ୍ଗେ

କାମୟାବ ଏକ୍ ଦିନ୍

**ଗୋଷ୍ଠୀ ୨ :** ହମ୍ ହୋଙ୍ଗେ

କାମୟାବ (୨)



ଏବେ ଲକ୍ଷ୍ୟ କର **ଗୋଷ୍ଠୀ (୧)** ଗୀତର ପ୍ରଥମ ପଂକ୍ତି ଗାୟନ କଲେ ଏବଂ ଦ୍ୱିତୀୟ ପଂକ୍ତି ପର୍ଯ୍ୟନ୍ତ ତାହାର ଗାୟନ ଜାରି ରଖିଲେ ।

ପୁନଶ୍ଚ, ଯେତେବେଳେ ଗୋଷ୍ଠୀ-୧ ତୃତୀୟ ଧାଡ଼ି ଆରମ୍ଭ କଲେ ସେହିପରି ଗୋଷ୍ଠୀ-୨ ପ୍ରଥମ ଧାଡ଼ିଟିକୁ ଗାଇବା ଆରମ୍ଭ କଲେ । ଗୀତଟିକୁ କେତେଥର ପାଇଁ ପୁନରାବୃତ୍ତି କର ଯାହାଦ୍ୱାରା ତୁମେମାନେ ସମସ୍ୱରତାର ସ୍ୱରଗୁଡ଼ିକୁ ସ୍ପଷ୍ଟ ଭାବରେ ଶୁଣିପାରିବ ।

ଯଦି ଏହି କାର୍ଯ୍ୟକଳାପ ତୁମମାନଙ୍କୁ ସହଜ ମନେହେଉଛି, ତେବେ ତୁମେମାନେ ଚାରିଗୋଟି ଗୋଷ୍ଠୀ ତିଆରି କରିବାକୁ ଚେଷ୍ଟା କର । ପୁଣି ଗୋଷ୍ଠୀ-୧ ପ୍ରଥମ ଧାଡ଼ିରୁ ଆରମ୍ଭ କରିବେ ଏବଂ ଯେତେବେଳେ ସେମାନେ ଦ୍ୱିତୀୟ ଧାଡ଼ି ଗାଇବେ ସେତେବେଳେ ଗୋଷ୍ଠୀ-୨ ପ୍ରଥମ ଧାଡ଼ିରୁ ଗାଇବା ଆରମ୍ଭ କରିବେ ଇତ୍ୟାଦି । ତେବେ ତୁମେମାନେ କହିଲ ସମସ୍ତେ ଏକାଠି ଗୀତ ଗାଇଲେ ତାହା କିପରି ଶୁଣାଯାଉଛି ?

## ସଙ୍ଗୀତ ଏକ ଦଳଗତ କାର୍ଯ୍ୟ

ଏହି ଯୁଗଟି ଗଭୀର ଆଧାତ୍ମିକ ଚେତନା ଓ ସଙ୍ଗୀତ ପରମ୍ପରାରେ ପରିପୂର୍ଣ୍ଣ ଥିଲା । ଯେପରି ପ୍ରଭାତର ପ୍ରଥମ ସୂର୍ଯ୍ୟକିରଣ ସମଗ୍ର ଦିଗ୍‌ବଳୟକୁ ଆଚ୍ଛାଦିତ କରି ରଙ୍ଗୀନ୍ ହୋଇଉଠେ । ବୈଦିକ ପୁରୋହିତ ଋତ୍ୱିଜମାନଙ୍କର ଏକ ଦଳ ବା ଗୋଷ୍ଠୀ, ଯେଉଁମାନ ଚାରିଗୋଟି ବେଦର ପବିତ୍ର ମନ୍ତ୍ରଗୁଡ଼ିକର ସଂରକ୍ଷକ ଥିଲେ, ସେମାନେ ସକାଳୁ ସକାଳୁ ଯଜମାନ ଏବଂ ତାଙ୍କର ପତ୍ନୀ (ଯଜମାନ-ପତ୍ନୀ)ଙ୍କ ସହିତ ଯାଗଶାଳରେ ଏକତ୍ରିତ ହୋଇ ପବିତ୍ର ବୈଦିକ ଅଗ୍ନି ଉତ୍ସବ ବା ସମାରୋହ-ଶ୍ରୌତ-ଯଜ୍ଞ ଆରମ୍ଭ କଲେ ।

ଏହି ଋତ୍ୱିଜ ଦଳମାନଙ୍କ ମଧ୍ୟରେ 'ସାମବେଦ'ରେ ବିଶେଷଜ୍ଞତା ପ୍ରାପ୍ତ ଚାରିଗଣ ଋତ୍ୱିଜଙ୍କର ଅନନ୍ୟତା ହାସଲ କରିଥିବା ଏକ ଉପଦଳ ଅଛି । ସେମାନଙ୍କର ନେତୃତ୍ୱ ମୁଖ୍ୟ ସାମ-ବେଦୀ-ଋତ୍ୱିଜ ଯାହାଙ୍କୁ 'ଉଦ୍‌ଗାତା' ନାମରେ ନାମିତ କରାଯାଇଛି । ସେମାନଙ୍କର ସମ୍ମିଳିତ ଗୋଷ୍ଠୀକୁ 'ଉଦ୍‌ଗାତ୍ରୀ-ଗଣ' ଭାବେ ଜଣାଯାଏ । 'ସାମବେଦ' ସହିତ ସେମାନେ ଭକ୍ତି ସଙ୍ଗୀତ ଏବଂ ପାରମ୍ପରିକ ବାଦ୍ୟ ବାଦନ କିରବାରେ ମଧ୍ୟ ନିପୁଣତା ହାସଲ କରିଥିଲେ । ତତ୍‌ସହିତ ସେମାନେ ବୈଦିକ ସମାରୋହର ମୂଳଦୁଆ ଗଠନ କରୁଥିବା ଦିବ୍ୟ ଗ୍ରନ୍ଥ ସାମ ବେଦ ସଂହିତାରେ ଶ୍ଳୋକଗୁଡ଼ିକୁ ସମନ୍ୱିତ କରିଥା'ନ୍ତି । ଯାଗଶାଳାର ପୂର୍ବଦିଗକୁ (ସୂର୍ଯ୍ୟୋଦୟ ହେଉଥିବା ଦିଗ) ମୁହଁକରି ଦିବ୍ୟତା ଏବଂ ନବୀକରଣର ଏକ ଅନନ୍ତ ପ୍ରତୀକ-ସାମ-ବେଦୀ-ଋତ୍ୱିଜମାନେ ନିଜକୁ ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ କରାଇଥିଲେ । ପ୍ରତ୍ୟେକଙ୍କ ଭୂମିକା ସାମବେଦ ଗାୟନର ଜଟିଳ ସଂରଚନା ଏବଂ ସାମଞ୍ଜସ୍ୟପୂର୍ଣ୍ଣ ପ୍ରକୃତିକୁ ଯୋଗଦାନ ଦେଇଥାଏ, ଯାହାକୁ ସାମଗାନ ରୂପରେ ଆମେ ଜାଣିଥାଉ । ସାମଗାନର ରଚନାକୁ ସାଧାରଣତଃ ଭକ୍ତିନାମକ ପାଞ୍ଚଗୋଟି ବିଭାଗରେ ବିଭକ୍ତ କରାଯାଇଅଛି, ଯଥା: ପ୍ରସ୍ତାବ, ଉଦ୍‌ଗୀଥ, ପ୍ରତିହାର, ଉପଦ୍ରବ ଏବଂ ନିଧନ ।





https://withteachers.in/

(୧) ପ୍ରସ୍ତାବ : ସଂରଚନା ବା ସଂଯୋଜନାର ପରିଚୟ ପ୍ରସ୍ତୋତା'ଙ୍କ ଦ୍ୱାରା ଆରମ୍ଭ ହୋଇଥାଏ ।

(୨) ଉଦ୍ଗୀଥ : ଏହା କ୍ରିୟାର ପ୍ରାଥମିକ ବିଭାଗ ଅଟେ, ଯାହା ସାମଗାନ ଗାୟନର ଭିତ୍ତିକୁ ସଂଗଠିତ କରିଥାଏ । ଏହାକୁ ମୁଖ୍ୟ ଋତ୍ୱିଜ-ଉଦ୍ଗାତା ଗାୟନ କରିଥା'ନ୍ତି ।

(୩) ପ୍ରତିହାର : ଏହା ପ୍ରତିହର୍ତ୍ତାଙ୍କ ଦ୍ୱାରା ଉଦ୍ଗୀଥର ଶେଷ ପଂକ୍ତିକୁ କ୍ରମାଗତ ଭାବରେ ଗାୟନ କରାଯାଇଥାଏ ।

(୪) ଉପଦ୍ରବ : ଏହା ହେଉଛି ବିଭାଗ ବିଭାଗକୁ ସଂଯୁକ୍ତ କରୁଥିବା ସଙ୍ଗୀତ ଅନ୍ତରାଳ, ଅର୍ଥାତ୍ ବାଦ୍ୟଯନ୍ତ୍ର ଏବଂ ତାହାର ଲୟବଦ୍ଧ ବ୍ୟାଖ୍ୟା ଯାହା ପୁନର୍ବାର ଉଦ୍ଗାଥାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ ।

(୫) ନିଧନ : ଏହା ହେଉଛି ସାମଗାନର ଶେଷଭାଗ ଯାହାକୁ ସମସ୍ତ ଋତ୍ୱିଜ ମିଳିତ ଭାବରେ ସମବେତ କଣ୍ଠରେ ଏବଂ ଏକସ୍ୱରରେ ଗାୟନ କରିଥାନ୍ତି । ଏହା ଏକ ଗଭୀର ଏବଂ ଏକୀକୃତ ପରିଣାମ ସୃଷ୍ଟି କରିଥାଏ ।

ତତ୍‌ସହିତ, ଚତୁର୍ଥ ସାମଦେବୀ-ଋତ୍ୱିଜ୍-ସୁବ୍ରହ୍ମଣ୍ୟଙ୍କର "ସୁବ୍ରାହ୍ମଣ୍ୟାହ୍ୱାନ" ଜପ କରିବାର ନିର୍ଦ୍ଦିଷ୍ଟ ବିଧି ବା ନ୍ୟସ୍ତ କର୍ତ୍ତବ୍ୟ ସମ୍ପାଦିତ ହୁଏ । ସେହିପରି ଯଜମାନ-ପତ୍ନୀ ସାମ-ଗାନ ସମୟରେ ଶତତନ୍ତ୍ରୀ ବୀଣା ବାଦନ କରିବା ସହିତ ସାମଗାନର ଗୁରୁତ୍ୱପୂର୍ଣ୍ଣ ଅଂଶଗୁଡ଼ିକୁ ଅତି ମର୍ଯ୍ୟାଦାପୂର୍ଣ୍ଣ ଭାବରେ ଗାୟନ କରିଥା'ନ୍ତି ।

ଏହିପରି ଭାବରେ ପ୍ରତ୍ୟହ ସକାଳର ରୀତି କେବଳ ସଙ୍ଗୀତ ଅଭ୍ୟାସ ବ୍ୟତୀତ ମାନବୀୟ ଚିନ୍ତା ଓ ଚେତନାର ଏକ ମାଇଲ ଖୁଣ୍ଟ ସଦୃଶ ଥିଲା । ଏହା ମାନବତା ଓ ଦେବତ୍ୱ ମଧ୍ୟରେ ଏକ ସୁସଂଜତ ସେତୁ ଯାହା ହେଉଛି ଆଧ୍ୟାତ୍ମିକ ନୈବେଦ୍ୟପୂର୍ଣ୍ଣ ଥିଲା । ସ୍ୱରର ମେଳ**(Symphony)** ଏବଂ ଋତ୍ୱିଜମାନଙ୍କର ଶୃଙ୍ଖଳିତ ଭୂମିକା ହେଲା ବିବିଧତା ମଧ୍ୟରେ ଏକତା ଓ ବୈଦିକ ଅନୁସନ୍ଧାନର ଅନନ୍ୟ ଉଦାହରଣ । ଏହାର ଧ୍ୱନି ଆଧ୍ୟାତ୍ମିକତା ଏବଂ ପ୍ରକୃତି ମଧ୍ୟରେ ଏକ ଗଭୀର ସଂପର୍କକୁ ଦର୍ଶାଇଥାଏ ।

## କାର୍ଯ୍ୟକଳାପ ୫.୩ : ସାମୂହିକ ଭାବରେ ଶ୍ଳୋକ ଆବୃତ୍ତି :




**ଗୁରୁତ୍ୱପୂର୍ଣ୍ଣ ଅବଧାରଣା :**

ଲେୟର୍ସ (ସ୍ତର), ହାର୍ମୋନୀ (ସମସ୍ୱରତା), କାନୋନ (ସଙ୍ଗୀତ ସଂରଚନାରେ ଗାୟକ ଓ ବାଦକମାନେ ଏକ ନିର୍ଦ୍ଦିଷ୍ଟ ସାହିତ୍ୟ ପଂକ୍ତିକୁ ବା ସ୍ୱରକୁ ବାରମ୍ବାର ଗାଇବା, ଚାଣ୍ଟିଙ୍ଗ୍ (ଆବୃତ୍ତି କରିବା), ଋତ୍ୱିଜ (ବୈଦିକ ପୁରୋହିତ ଯେଉଁମାନେ ସାମଗାନର ଗାୟକ), ଉପଗାୟକ (ମୁଖ୍ୟ ଗାୟକ ଉଦ୍‌ଗାତାଙ୍କୁ ଗାୟନରେ ସହଯୋଗ ଦେଉଥିବା ଗାୟକ) ।



https://withteachers.in/

# ମାନ ନିର୍ଦ୍ଧାରଣ

| ଅଧ୍ୟାୟ-୫ : ସଙ୍ଗୀତ ସଂରଚନା | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ରଛାତ୍ରୀ |
| 1 | 1.1 | ସ୍ୱଷ୍ଟ ଉଚ୍ଚାରଣ ଏବଂ ସମନ୍ୱୟତାର ସହିତ ଶ୍ଳୋକ ଆବୃତ୍ତିରେ ଅଂଶଗ୍ରହଣ କରିବା । | | |
| 2 | 1.2 | କାନୋନ୍ ସମ୍ବନ୍ଧରେ ସଠିକ ଧାରଣା ରଖିବା ସହିତ ସଙ୍ଗୀତ ଗାୟନରେ ଅଂଶଗ୍ରହଣ କରି ଏକ ସରଳ କାନୋନ୍ ଗାଇବାରେ କ୍ଷମତା ରଖିବା । | | |
| 2 | 2.2 | ନିଜ ପସନ୍ଦର ଗୀତକୁ ବିଶ୍ଳେଷଣ କରିବା ସହିତ ଏହାର ସାଙ୍ଗୀତିକ ଉପାଦାନଗୁଡ଼ିକୁ ଚିହ୍ନଟ କରିପାରିବା । | | |

## ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଙ୍କ ପର୍ଯ୍ୟବେକ୍ଷଣ

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................



https://withteachers.in/

**ଅଧ୍ୟାୟ - ୬**

# ସଙ୍ଗୀତ, ଭାବନା ଏବଂ ସୃଜନଶୀଳତା



ସଙ୍ଗୀତ ଦ୍ୱାରା ଭିନ୍ନ ଭିନ୍ନ ଭାବନା ଓ ରସ ପ୍ରକାଶିତ ହୋଇଥାଏ । ଯେତେବେଳେ ତୁମେମାନେ ସଙ୍ଗୀତ ପରିବେଷଣରେ ଗାୟନ ସହିତ ସ୍ୱର କିମ୍ୱା ତାଳବାଦ୍ୟ ବାଦନ କରୁଥାଅ ସେତେବେଳେ ତୁମେମାନେ ସଙ୍ଗୀତ ପରିବେଷଣ ମାଧ୍ୟମରେ କୌଣସି ନା କୌଣସି ଭାବନା ବା ଆବେଗ ପ୍ରକାଶିତ ହୋଇଥାଏ । ଭାରତୀୟ ପରିବେଷଣ କଳାରେ ପ୍ରକାଶିତ ଭାବ ଓ ଆବେଗକୁ 'ରସ' କୁହାଯାଏ । ଏହି ଭାବନା କଳାକାର ଓ ଦର୍ଶକମାନଙ୍କ ଦ୍ୱାରା ଏକକାଳୀନ ଅନୁଭୂତ ହୋଇଥାଏ । ସଙ୍ଗୀତ ପରିବେଷଣ ମାଧ୍ୟମରେ କଳାକାରମାନଙ୍କର ଏହି ଦିବ୍ୟ ଭାବନା ଶକ୍ତିର ଜାଗରଣ ହେତୁ, ଦର୍ଶକମାନେ ସେହି ରସର ଆସ୍ୱାଦନ ନିମନ୍ତେ କଳାକାରମାନଙ୍କ ସହିତ ସଂଯୁକ୍ତ ହୋଇ ରହିଥା'ନ୍ତି । ତେଣୁ ତୁମେମାନେ ମନେରଖ ସର୍ବଦା ଆବେଗପୂର୍ଣ୍ଣ ଓ ରସଯୁକ୍ତ ଭାବରେ ସଙ୍ଗୀତ ପରିବେଷଣ କରିବାକୁ ଚେଷ୍ଟାକର ।

ତେବେ ତୁମେମାନେ ଆସ, ବର୍ତ୍ତମାନ ଆମେ ବିଭିନ୍ନ ପ୍ରକାରର ସଙ୍ଗୀତ ଏବଂ ସେଥିରୁ ପ୍ରକାଶିତ ହେଉଥିବା ରସ ସମ୍ବନ୍ଧରେ କିଛି ଜ୍ଞାନ ଆହରଣ କରିବା ।

ନନ୍ଦିକେଶ୍ୱରଙ୍କ ଦ୍ୱାରା ଲିଖିତ 'ଅଭିନୟ ଦର୍ପଣ'ରେ କୁହାଯାଇଛି ଯେ, "ସଭା କଳ୍ପତରୁ ଭାତି" । ଏହାର ଅର୍ଥ ଶ୍ରୋତା ଓ ଦର୍ଶକ ଏକ ବୃକ୍ଷଭଳି ଯିଏ ଆପଣଙ୍କ ଅନ୍ତର୍ନିହିତ ଇଚ୍ଛାକୁ ପୂରଣ କରିଥାନ୍ତି । ଯଦିଓ ଏହି ଉକ୍ତିଟି ନୃତ୍ୟ ପରିପ୍ରେକ୍ଷୀରେ ଲେଖାଯାଇଛି, ତଥାପି ଏହା ସମସ୍ତ ଭାରତୀୟ କଳାପାଇଁ ପ୍ରଯୁଜ୍ୟ ଅଟେ ।



https://withteachers.in/

## ଭକ୍ତି ସଙ୍ଗୀତ

ଲୋକମାନେ ନିଜ ଇଷ୍ଟଙ୍କ ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ମତବାଦକୁ ପାଥେୟ କରି ଭିନ୍ନ ଭିନ୍ନ ପଥ ଅନୁସରଣରେ ପ୍ରାର୍ଥନା କରିଥା'ନ୍ତି । ସଙ୍ଗୀତ ମାଧ୍ୟମରେ ନିଜର ଭକ୍ତିକୁ ପ୍ରକାଶ କରିବା କ୍ଷେତ୍ରରେ ଏକ ଅନନ୍ୟ ସୁଯୋଗ ପ୍ରାପ୍ତ ହୋଇଥାଏ । ଲୋକମାନେ ପ୍ରାୟତଃ ଗୋଷ୍ଠୀ ମାଧ୍ୟମରେ ଏକାଠି ହୋଇଥା'ନ୍ତି । ତତ୍‌ସହିତ ବିଭିନ୍ନ ସାହିତ୍ୟ ଶବ୍ଦାବଳୀ, ସ୍ୱର ଏବଂ ତାଳ ବ୍ୟବହାର କରି ବିଭିନ୍ନ ଶୈଳୀରେ ଭକ୍ତି ସଙ୍ଗୀତ ଗାୟନ କରିଥା'ନ୍ତି । ତେବେ ଆସ ଆମେ ବୁଝିବା ଯେ, ଯେତେବେଳେ ଆମେ ଭକ୍ତି ସଙ୍ଗୀତ ପରିବେଷଣ କରିଥାଉ ସେତେବେଳେ ଶବ୍ଦ, ସ୍ୱର ଏବଂ ତାଳର ସଂଯୋଜନା କିପରି ସଂଗଠିତ ହୋଇଥାଏ ।

ଆମ ରାଜ୍ୟ ଓଡ଼ିଶାରେ ଭକ୍ତି ସଙ୍ଗୀତର ଏକ ମହାନ ପରମ୍ପରା, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଛତିଶା ନିଯୋଗ ସେବାରୁ ଲାଗିହୋଇ କ୍ରମେ କ୍ରମେ ଅଧିକରୁ ଅଧିକ ସମୃଦ୍ଧ ହୋଇଛି । ମହାପ୍ରଭୁଙ୍କ ସେବାରେ ଛତିଶ ପ୍ରକାରର ସେବକ ନିଯୁକ୍ତ ଅଛନ୍ତି । ସେମାନଙ୍କ ମଧ୍ୟରୁ କ୍ରମେ ନୃତ୍ୟ-ଗୀତ -ବାଦ୍ୟ ସେବାର ମଧ୍ୟ ଯଥେଷ୍ଟ ପ୍ରାଧାନ୍ୟ ରହିଛି । ଏ ସମସ୍ତ ସେବା କାର୍ଯ୍ୟ କରୁଥିବା ସେବକ ସେବିକାମାନଙ୍କୁ ଗାଉଣୀ (ଯେଉଁମାନେ ଭକ୍ତି ସଙ୍ଗୀତ ଗାନ କରିଥାନ୍ତି), ବୀଣାକାର (ଯେଉଁମାନେ ବୀଣା ବଜେଇଥା'ନ୍ତି), ମାଦେଳୀ (ଯେଉଁ ସେବକମାନେ ମର୍ଦ୍ଦଳ ବଜାଇଥା'ନ୍ତି) ଏବଂ ସଂପ୍ରଦା (ଯେଉଁମାନେ ନୃତ୍ୟ କରିଥା'ନ୍ତି) ବୋଲି କୁହାଯାଏ ।

ଆମ ଓଡ଼ିଆ ଜାତିର ପ୍ରାଣର ଦେବତା ଶ୍ରୀଜଗନ୍ନାଥଙ୍କୁ ଭକ୍ତି ମୂଳକ ସାହିତ୍ୟ ଓ ସଙ୍ଗୀତ ମାଧ୍ୟମରେ ଅନେକ ଅର୍ଘ୍ୟ ସମର୍ପିତ ହୋଇଅଛି । କବିରାଜ ଶ୍ରୀ ଜୟଦେବଙ୍କ ଶ୍ରୀଗୀତଗୋବିନ୍ଦ ଠାରୁ ଆରମ୍ଭ କରି ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଦୀନକୃଷ୍ଣ ଦାସ, ସାଲବେଗ, ସାରିଆ ଭିକ, ଉପେନ୍ଦ୍ର ଭଞ୍ଜ, ଭକ୍ତଚରଣ ଦାସ, ପିଣ୍ଡିକି ଶ୍ରୀଚନ୍ଦନ, ଅଭିମନ୍ୟୁ ସାମନ୍ତସିଂହାର, କବିସୂର୍ଯ୍ୟ ବଳଦେବ ରଥ, ଗୋପାଳକୃଷ୍ଣ, ବନମାଳୀ ଦାସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଇତ୍ୟାଦି ବରେଣ୍ୟ କବିମାନଙ୍କ ଭଜନ ଓ ଜଣାଣ ସମଗ୍ର ଓଡ଼ିଆ ଜନଜୀବନକୁ ଭକ୍ତିଭାବରେ ବିଭୋର କରିଥାଏ ।

ତେବେ ଏଠାରେ, ତୁମେମାନେ ଏକତ୍ର ହୋଇ କିଛି ଭକ୍ତି ସଙ୍ଗୀତ ଗାନ କରିବା ସହିତ ଓଡ଼ିଶାର ମହାନ୍ ଭକ୍ତି ସଙ୍ଗୀତ ଧାରା ସମ୍ବନ୍ଧରେ ଜ୍ଞାନ ଆହରଣ କରିବ । ଏଠାରେ ଦିଆଯାଇଥିବା ଭଜନ ଓ ଜଣାଣ ଗୁଡିକୁ ଅନ୍‌ଲାଇନ୍‌ରୁ ଡାଉନ୍‌ଲୋଡ କରି ଶୁଣ ଓ ଗାଇବା ପାଇଁ ଚେଷ୍ଟା କର ।

### ଭଜନ

ରଚନା : ଦୀନକୃଷ୍ଣ ଦାସ

ତାଳ : ଆଡ଼ତାଳୀ

ଜଗବନ୍ଧୁ ପରି ଜଣେ ସାମନ୍ତ
ନାହିଁ ନାହିଁତ
ଚଉଦ ଭୁବନ ବାରତା ଜାଣନ୍ତି
ଚକ୍ରରେ ଛେଦନ୍ତି ଆରତ ।୦।
ଯେତେବେଳେ କୃଷ୍ଣ ଗୋପପୁରେ ଥିଲେ
ଅକ୍ରୁର ଆଣିଣ ଗଲା ତ
ଗାଈ ଦୁହୁଁ ଦୁହୁଁ କେଶ ଫିଟିଗଲା
ଚତୁର୍ଭୁଜ ହେଲେ ଅନନ୍ତ ।୧।

### ସର୍ପ ଜଣାଣ

ରଚନା : କବିସୂର୍ଯ୍ୟ ବଳଦେବ ରଥ

ତାଳ : ତ୍ରିପଟା

ବାଧିଲା ଜାଣି କ୍ଷମା କର ନୋହିଲେ ରମା-
ରମଣ ଦଣ୍ଡ ଦିଅ ଟାଳି
ତୁମ୍ଭଙ୍କୁ ଜଗନ୍ନାଥ ! ଆଜ ମୋ ମନୋରଥ
ଭରତି କରି ଦେବି ଗାଳି
ହେ କୃପାନିଧି !
କରୁଣା ସିନ୍ଧୁ ବୋଲି କରି
କହନ୍ତି ବୁଧେ ଡରି ମରି
କାଳସର୍ପ ଆପଣ କବଳ କର ପ୍ରାଣ
ପବନ ମାନଙ୍କୁ ସବୁରି ହେ ।।୧।।





https://withteachers.in/

**ଶବଦ :**

ଶବଦ ହେଉଛି ଶିଖ୍ ଧର୍ମାବଲମ୍ବୀମାନଙ୍କର ସଙ୍ଗୀତମୟ ପ୍ରାର୍ଥନା ସମୂହ । ସେମାନଙ୍କର ଧର୍ମପୀଠ ଗୁରୁଦ୍ୱାରରେ ଏହା ଗାୟନ କରାଯାଏ । ତୁମେମାନେ ଏହି ଗୀତଟିକୁ ଅନ୍‌ଲାଇନ୍‌ରୁ ଶିଖିବାକୁ ଚେଷ୍ଟା କରିବ । ସେହି ଗୀତଟିର କେତୋଟି ଧାଡ଼ି ଏଠାରେ ଉଲ୍ଲେଖ କରାଗଲା । ଯଥା :-

"କୋଇ ବୋଲେ ରାମ ରାମ କୋଇ ଖୁଦାଏ,
କୋଇ ସେବେ ଗୋସୈୟା କୋଇ ଅଲ୍ଲାହେ
କାରଣ କରଣ କରଣ କରୀମ, କୃପାଧାର ରହୀମ ।"



**ଶବ୍ଦାର୍ଥ :**

ଆମେ ଭଗବାନଙ୍କର ବା ପରମାତ୍ମାଙ୍କର ବିଭିନ୍ନ ନାମକୁ ନେଇ ପ୍ରାର୍ଥନା କରିଥାଉ ଯେପରି- ଶ୍ରୀରାମ, ଶ୍ରୀଜଗନ୍ନାଥ, ଗୁରୁ, ଅଲ୍ଲାହ ଏବଂ ଅନ୍ୟ ଦେବାଦେବୀ । ସମସ୍ତ ସୁନ୍ଦରତାରେ ପରିପୂର୍ଣ୍ଣ ସମଗ୍ର ବିଶ୍ୱ ଆମକୁ ପ୍ରଦାନ କରିଥିବାରୁ ପରମାତ୍ମାଙ୍କୁ ଧନ୍ୟବାଦ ଅର୍ପଣ କରିବା ହେଉଛି ଏହି ପ୍ରାର୍ଥନାର ମୂଳ ଉଦ୍ଦେଶ୍ୟ ।



ଭଜନ ସମ୍ରାଟ ଭିକାରୀ ବଳ



https://withteachers.in/

## ଉର୍ଦ୍ଦୁ ଗୀତ

ଏହା ଏକ ଭକ୍ତିମୂଳକ ଏବଂ ଦେଶାତ୍ମବୋଧକ ସଙ୍ଗୀତ ଅଟେ । ଏହାର ରଚନା ଉର୍ଦ୍ଦୁ ଭାଷାରେ କରାଯାଇଅଛି । ଆସ ଏହି ଗୀତଟିକୁ ଆମେ ଅନ୍‌ଲାଇନ୍‌ରୁ ଡାଉନ୍‌ଲୋଡ୍ କରି ଶୁଣିବା ଓ ଶିଖିବା ।

"ଲବ ପେ ଆତି ହେ ଦୁଆ ବନ୍‌କେ ତମନ୍ନା ମେରୀ ।
ଜିନ୍ଦଗୀ ଶମା କି ସୁରତ ହୋ ଖୁଦାୟା ମେରୀ !
ହର ଦୁନିଆ କା ମେରେ ଦମ୍‌ସେ ଅନ୍ଧେରା ହୋ ଯାଏ !
ହର ଜଗହ ମେରେ ଚମକନେ ସେ ଉଜାଲା ହୋ ଯାଏ !
ହୋ ମେରେ ଦମ୍‌ସେ ୟୁଁ ହି ମେରା ବତନ କି ଜୀନତ"

**ଭାବାର୍ଥ :**

ମୁଁ ମୋ ହୃଦୟରେ ଏକ ଇଚ୍ଛା ରଖୁଛି । ତତ୍‌ସହିତ ନିଜ ଓଠରେ ଶବ୍ଦ ସ୍ଥାପନା କରିବା ସହିତ ପ୍ରକାଶ କରିବାକୁ ଚାହେଁ ଯେ ଜୀବନ ହେଉଛି ସମସ୍ତଙ୍କ ପାଇଁ ଏକ ମାର୍ଗଦର୍ଶକ ସଦୃଶ । ଏହାର ପ୍ରକାଶରେ ଉଜ୍ଜ୍ୱଳତା ଭରିଯାଉ । ମୁଁ କରୁଥିବା କାର୍ଯ୍ୟରେ ଅଭାବ ଅନାଟନରେ ରହୁଥିବା, ଲୋକଙ୍କ ଜୀବନରେ, ଉନ୍ନତି ଆଣିବା କ୍ଷେତ୍ରରେ ମୋର ସାମର୍ଥ୍ୟ ରହୁ । ଯେପରି ଫୁଲଦ୍ୱାରା ପ୍ରକୃତିର ସୁନ୍ଦରତା ଶୋଭାପାଏ, ମୋର କର୍ତ୍ତବ୍ୟନିଷ୍ଠ କାର୍ଯ୍ୟରେ ସାଧାରଣ ଲୋକଙ୍କର ଉନ୍ନତି ସାଧିତ ହେଉ । ସେଥିପାଇଁ ମୋତେ ଯଥେଷ୍ଟ ଶକ୍ତି ପ୍ରଦାନ କରନ୍ତୁ । ଯତ୍ନ ଏବଂ କରୁଣା ଦ୍ୱାରା ଜୀବନ ଚିହ୍ନିତ ହେଉ । ମୋର ଉଦ୍ଦେଶ୍ୟ ଏହି ଯେ, ମୋର ସାଥୀମାନଙ୍କୁ ଆଶାର ଆଲୋକ ପ୍ରଦାନ କରନ୍ତୁ ।

### କାର୍ଯ୍ୟକଳାପ ୬.୧

ତୁମେମାନେ ଯେଉଁ ଭକ୍ତି ଗୀତଗୁଡ଼ିକ ଶିଖିଛ ସେ ବିଷୟରେ ସାମାନ୍ୟ ବିଚାର ଆଲୋଚନା କର, ଯେପରି-

- ତୁମେମାନେ ଯେଉଁ ଗୀତଗୁଡ଼ିକୁ ଗାୟନ କଲ ସେଥିରେ କେଉଁ ଭାବନା ମନରେ ସୃଷ୍ଟି ହେଲା ?



- ଏହାକୁ କେଉଁ ଭାଷାରେ ଗାୟନ କଲ ?
- ଗୀତଗୁଡ଼ିକରେ ଥିବା ମହତ୍ତ୍ୱପୂର୍ଣ୍ଣ ଶବ୍ଦଗୁଡ଼ିକୁ ଲେଖ ଏବଂ ଅର୍ଥ ବୁଝିବାକୁ ଚେଷ୍ଟା କର । ଏହା ବିଭିନ୍ନ ଭାଷାରେ ତୁମମାନଙ୍କର ଶବ୍ଦକୋଷକୁ ବୃଦ୍ଧିକରିବାର ଏକ ଶ୍ରେଷ୍ଠ ମାଧ୍ୟମ ହୋଇପାରେ । ଫଳରେ ତୁମମାନଙ୍କର ବିଭିନ୍ନ ଭାଷା ସାହିତ୍ୟ ପ୍ରତି ଶ୍ରଦ୍ଧା ଓ ଆକର୍ଷଣ ବଢ଼ିବ ।



**ଶିକ୍ଷକଙ୍କ ପାଇଁ ସୂଚନା :** ଛାତ୍ରଛାତ୍ରୀମାନେ ଗୋଟିଏ କିମ୍ବା ଉଭୟ ଗୀତ ଶିଖିପାରିବେ । ତତ୍‌ସହିତ ନିଜସ୍ୱ ସଂସ୍କୃତି ଓ ପରମ୍ପରାରୁ କୌଣସି ଗୀତ ଚୟନ କରି ସେହି ଗୀତଗୁଡ଼ିକୁ ମଧ୍ୟ ଶିଖିପାରିବେ । ଛାତ୍ରଛାତ୍ରୀମାନଙ୍କର ଶ୍ରେଣୀଗୃହରେ ଶୃଙ୍ଖଳିତ ଆଚରଣ ସଙ୍ଗୀତ ଶିକ୍ଷାର ପରିସରକୁ ଅତ୍ୟନ୍ତ ରୁଚିକର କରିପାରିବ । ଏଥିପ୍ରତି ଆପଣ ଯତ୍ନବାନ ହେବେ ।



https://withteachers.in/

## ସୃଜନଶୀଳତା ଏବଂ କାହାଣୀ ବର୍ଣ୍ଣନା

### କାର୍ଯ୍ୟକଳାପ ୬.୨ : ସଙ୍ଗୀତ ମାଧ୍ୟମରେ ଚିତ୍ରକୁ ବୁଝିବା ★



ତୁମର ବାମପାର୍ଶ୍ୱରେ ଦିଆଯାଇଥିବା ଚିତ୍ରଟିକୁ ଦେଖ ।

- ଏହି ଚିତ୍ରଟିକୁ ଭଲଭାବରେ ଦେଖ । ଏହି ଚିତ୍ରର ଶୈଳୀ ଆଧାରରେ ତୁମେମାନେ କହିପାରିବ କି ଯେ ଏହା କେଉଁ ରାଜ୍ୟ କିମ୍ବା ଅଞ୍ଚଳରୁ ଆସିଛି ?
- ଦୁଇଗୋଟି ଧାଡ଼ି ତିଆରି କରି ପ୍ରତିଟି ଉପଅଂଶକୁ ଗୋଟିଏ ଗୋଟିଏ କରି ବର୍ଣ୍ଣନା କରିବ । ଏହା ତୁମମାନଙ୍କର ମୂଳ ମାତୃଭାଷା ହୋଇପାରେ । ଧାଡ଼ିଗୁଡ଼ିକ ଲୟଯୁକ୍ତ ହେବା ସହିତ ଗାୟନ କ୍ଷେତ୍ରରେ ସହଜ ହେବା ଉଚିତ୍ । ଉଦାହରଣ ସ୍ୱରୂପ : "ଦେଖୋ ଦେଖୋ ସଖୀଦ୍ୱାର ପେ ସୁଜ ସଂୱାର କେ କୌନ ଖଡ଼ା ।"
- ଏହାକୁ ସମବେତ ଭାବରେ ଗାୟନ କରିବା ସହିତ ପରବର୍ତ୍ତୀ ଉପଅଂଶଟିର ପର୍ଯ୍ୟବେକ୍ଷଣ କର ।
- ଦେଖାଯାଉଥିବା ଛବି ଅନୁସାରେ ପଂକ୍ତି ବା ଧାଡ଼ି ରଚନା ଜାରି ରଖିବା ସହିତ ସଂପୂର୍ଣ୍ଣ ସଂରଚନାକୁ ଗାୟନ କର ।
- ତୁମେମାନେ ଦଳଗତ ଭାବେ କାର୍ଯ୍ୟ କରିପାରିବ କି ?
- ଯେତେବେଳେ ତୁମେମାନେ କୌଣସି ଏକ ବିଶେଷ ଧୂନ୍ ବା ଲୟବଦ୍ଧ ଭାବରେ କିଛି ସାହିତ୍ୟର ରଚନାତ୍ମକ ପଂକ୍ତିକୁ ତିଆରି କର ବା ସ୍ୱର ସଂଯୋଜନା କରିଥାଅ, ସେତେବେଳେ ତୁମକୁ ଏହି ଅଭ୍ୟାସ ବହୁତ ଆକର୍ଷଣୀୟ ଲାଗିଥାଏ । ଏହାର ସଂପୂର୍ଣ୍ଣ ପ୍ରକିୟାକୁ ରେକର୍ଡ଼ିଂ କରିବା ସହିତ ଦସ୍ତାବିଜ୍‌କରଣ କର ବା ଲିଖିତ ପ୍ରମାଣ ରଖ । ଏଥିରୁ ତୁମେମାନେ ନିଶ୍ଚିତ ଭାବରେ ଜାଣିପାରିବ ଯେ କିପରି ସାହିତ୍ୟର ଶବ୍ଦ ଓ ସ୍ୱର ବା ସଙ୍ଗୀତର ମିଶ୍ରଣରେ ଭାବ ସୃଷ୍ଟି ହେଉଛି ।

**ଶିକ୍ଷକଙ୍କ ପାଇଁ ସୂଚନା :**



- ଏହି ଚିତ୍ରଟିକୁ ଏକ ଉଦାହରଣ ଭାବରେ ଗ୍ରହଣ କରାଯାଇଅଛି ।
- ନିଜ ପସନ୍ଦ ମୁତାବକ ଓ ଆପଣଙ୍କ ଅଞ୍ଚଳରେ ଥିବା ଯେକୌଣସି ଚିତ୍ର ଆପଣମାନେ ଏ କ୍ଷେତ୍ରରେ ଚୟନ କରିପାରିବ ।
- କାର୍ଯ୍ୟକଳାପରେ, ଚିତ୍ରକଳା ମଧ୍ୟରେ ଥିବା ବିଷୟବସ୍ତୁଗୁଡ଼ିକର ଅନୁସନ୍ଧାନ କରିବାପାଇଁ ସଙ୍ଗୀତକୁ ଏକ ବିକଳ୍ପ ଭାବରେ ବ୍ୟବହାର କରନ୍ତୁ ।
- ବିଭିନ୍ନ ସଂଗ୍ରହାଳୟରେ ପ୍ରଦର୍ଶିତ ହେଉଥିବା ରାଗମାଳା ଚିତ୍ରଗୁଡ଼ିକୁ ଦେଖିବାକୁ ଚେଷ୍ଟା କରନ୍ତୁ । ତାହା କିପରି ଶିକ୍ଷାର୍ଥୀମାନଙ୍କ କ୍ଷେତ୍ରରେ ଉପଲବ୍ଧ ହେବ ଓ ସେମାନଙ୍କ ପାଇଁ ଶିକ୍ଷଣୀୟ ହୋଇପାରିବ ଦେଖନ୍ତୁ ।



https://withteachers.in/

## କାର୍ଯ୍ୟକଳାପ ୬.୩ : ସାଙ୍ଗୀତିକ ବର୍ଣ୍ଣନା




- ତୁମର ସାମାଜିକ ବିଜ୍ଞାନ ପାଠ୍ୟ ପୁସ୍ତକରେ ଥିବା ଇତିହାସ ବିଭାଗରୁ ଏକ ବିଷୟ ଚୟନ କର । ଏଠାରେ ସେହି ବିଷୟ ସମ୍ବଳିତ କିଛି ସୂଚନା ପ୍ରଦାନ କରାଯାଇଅଛି । ତାହା ହେଲା-
    - ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଏବଂ କୌଟିଲ୍ୟ
    - ପ୍ରଭାବତୀ ଗୁପ୍ତ
    - ଚନ୍ଦ୍ରଗୁପ୍ତ - ୨ , ବିକ୍ରମାଦିତ୍ୟ ଏବଂ ତାଙ୍କର ନବରତ୍ନ
    - ପୃଥ୍ୱୀରାଜ ଚୌହାନ
- ଉପର ଲିଖିତ ଶାସକମାନଙ୍କ ସାମ୍ରାଜ୍ୟ ବିଷୟରେ କୌଣସି କାହାଣୀ ବର୍ଣ୍ଣନା କରି ଏକ ଅନୁଚ୍ଛେଦ ଲେଖ ।
- କାହାଣୀଟିକୁ ବୁଝାଇବା ପାଇଁ ଏକ ଚିତ୍ର ଅଙ୍କନ କର ।
- ତୁମ ପସନ୍ଦର ଭାଷା ବ୍ୟବହାର କରି କିଛି ବାକ୍ୟରେ ଦୃଶ୍ୟଟିକୁ ବର୍ଣ୍ଣନା କର ।
- ତୁମେ ଲେଖିଥିବା ଧାଡ଼ି ବା ପଂକ୍ତିଂଗୁଡ଼ିକୁ ତୁମ ମନ ପସନ୍ଦ ସ୍ୱରରେ ଗାୟନ କର । ବାଃ କି ଚମତ୍କାର ! ଏହିପରି ଭାବରେ ସଙ୍ଗୀତ ଓ ସଙ୍ଗୀତମୟ କାହାଣୀ ସୃଷ୍ଟି ହୋଇଥାଏ ।
- ଭାରତରେ ଅନେକ ପ୍ରକାରର ସଙ୍ଗୀତମୟ କାହାଣୀ ଅଛି । ଯଥା : ପୋୱାଡ଼ା, କାଓ୍ୱଡ଼ କଥା, ଆଲ୍ଲା-ଉଦଲ ଇତ୍ୟାଦି । ତୁମେମାନେ ସେ ବିଷୟରେ ଅନୁସନ୍ଧାନ କରିବା ସହିତ ଅଧିକ ପଢ଼ିପାରିବ ।
- ଏହାକୁ ତୁମେମାନେ ଶିଖୁଥିବା ଅନ୍ୟ କଳାର ଶୈଳୀ ବା ବର୍ଗ ସହିତ ସଂଯୋଗ କରିବା କ୍ଷେତ୍ରରେ ତୁମର ଅଭିଜ୍ଞତା ସମ୍ବନ୍ଧରେ ଅନ୍ୟମାନଙ୍କୁ ଜଣାଅ ।

**ଶିକ୍ଷକଙ୍କ ପାଇଁ ସୂଚନା :**

"କଳା ସମନ୍ୱୟ" ହେଉଛି ପାଠ୍ୟକ୍ରମର ଏକ ଅନନ୍ୟ ଦିଗ ବା ଶିକ୍ଷାଗତ ପଦ୍ଧତି । ଏହାର ଅନ୍ତରାଳରେ କଳା ଓ ସଂସ୍କୃତିର ବିଭିନ୍ନ ଦିଗ ଓ ରୂପକୁ ଭିନ୍ନ ଭିନ୍ନ ବିଷୟରେ ଶିକ୍ଷାଗ୍ରହଣ କରିବାର ଧାରଣା ଓ ତାହାର ଆଧାର ଭାବରେ ବ୍ୟବହାର କରିଥାଏ । ଅଭିଜ୍ଞତାମୂଳକ ଶିକ୍ଷା ଉପରେ ଗୁରୁତ୍ୱ ଦେବାର ଏକ ଅଂଶ ଭାବରେ କଳା-ସମ୍ବନ୍ଧ ଶିକ୍ଷାକୁ କେବଳ ଆନନ୍ଦଦାୟକ ଶ୍ରେଣୀଗୃହ ସୃଷ୍ଟି କରିବା ପାଇଁ ନୁହେଁ ବରଂ ପ୍ରତ୍ୟେକ ସ୍ତରରେ ଶିକ୍ଷାଦାନ ଏବଂ ଶିକ୍ଷଣ ପ୍ରକ୍ରିୟାରେ, ଭାରତୀୟ କଳା ଓ ସଂସ୍କୃତିର ସମନ୍ୱୟ ସାଧନ ମାଧ୍ୟମରେ ଭାରତୀୟ ନୀତିକୁ ଆତ୍ମୀୟତାର ସହିତ ଗ୍ରହଣ କରି ଶ୍ରେଣୀ ଗୃହ କାର୍ଯ୍ୟରେ ସନ୍ନିହିତ କରାଯାଇପାରେ । ଏହି କଳା ସମନ୍ୱୟ ପଦ୍ଧତି ଶିକ୍ଷା ଏବଂ ସଂସ୍କୃତି ମଧ୍ୟରେ ସଂପର୍କକୁ ସୁଦୃଢ଼ କରିବ । (ଜାତୀୟ ଶିକ୍ଷା ନୀତି- ୨ ୦ ୨ ୦, ୪.୭)



ଏହାର କାର୍ଯ୍ୟାନ୍ୱୟନ ନିମନ୍ତେ ଉପରୋକ୍ତ ନିର୍ଦ୍ଦେଶିତ ହୋଇଥିବା ତଥ୍ୟ ଅନୁସାରେ ଯୋଜନା ପ୍ରସ୍ତୁତ କରନ୍ତୁ । ଇତିହାସ ପାଠ ଅନୁସାରେ ଏହାର ରଚନାତ୍ମକ ଦିଗ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ । ଫଳସ୍ୱରୂପ ଛାତ୍ରଛାତ୍ରୀମାନେ ଦେଶରେ ପ୍ରଚଳିତ କଳାତ୍ମକ ପରମ୍ପରାକୁ ଅଧ୍ୟୟନ କରିବା ସହିତ ଅନ୍ୟାନ୍ୟ ପାଠ୍ୟକ୍ରମ କ୍ଷେତ୍ରରେ ମଧ୍ୟ ନିଜକୁ ନିୟୋଜିତ କରିପାରିବେ ।




https://withteachers.in/

## କାର୍ଯ୍ୟକଳାପ ୬.୪ : ସକ୍ରିୟତାର ସହିତ ଶୁଣିବା

ଯେତେବେଳେ ତୁମେମାନେ କୌଣସି କଥାକୁ ଧ୍ୟାନ ସହିତ ଶୁଣ ଏବଂ ତାହାକୁ ବୁଝିବାକୁ ଚେଷ୍ଟା କରିଥାଅ, ତାହାକୁ ଆମେ ସକ୍ରିୟ ଶ୍ରବଣ ପ୍ରକ୍ରିୟା ବୋଲି କହିଥାଉ । ସଙ୍ଗୀତ କଳାରେ ସକ୍ରିୟତାର ସହିତ ଶୁଣିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ତୁମେ ସଙ୍ଗୀତର ବିସ୍ତୃତ ପରିସରକୁ ଯେତେ ଯେତେ ଅଧିକ ଶୁଣିଥାଅ ସେହିପରି ସଙ୍ଗୀତର ବିଭିନ୍ନ ଶୈଳୀ, ସଂରଚନା, ସଂଯୋଜନା ଓ ଗଠନ ବିଷୟରେ ତୁମେମାନେ ସେତେ ସେତେ ଅଧିକ ଜାଣିପାର । ପ୍ରଥମେ ପ୍ରଥମେ ଏହା ତୁମକୁ ବୁଝା ପଡ଼ି ନଥାଏ । ଯେତେବେଳେ ତୁମେ ଏହାକୁ ବୁଝିଯାଅ ସେତେବେଳେ ସଙ୍ଗୀତର ଶୈଳୀ, ସ୍ୱର ସଂଯୋଜନା, ଗଠନ, ବିଭିନ୍ନ ତାଳ ଓ ତାହାର ମାତ୍ରା ସମ୍ବନ୍ଧରେ ସାମାନ୍ୟ ଜ୍ଞାନ ତୁମମାନଙ୍କୁ ମିଳିଥାଏ । ଅନ୍ୟଥା ତୁମକୁ ଏହା ବୁଝିବାରେ ନିଶ୍ଚିତ ଭାବେର କଷ୍ଟ ହୋଇଥା'ନ୍ତା ।

- ତୁମ ପସନ୍ଦ ଅନୁସାରେ କୌଣସି ଏକ ଲୋକଗୀତ, ଆଦିବାସୀ ଗୀତ, ଆଧୁନିକ ଗୀତ କିମ୍ବା ସମସାମୟିକ ସଙ୍ଗୀତ ଅଥବା ତୁମ ସଙ୍ଗୀତ ଶିକ୍ଷକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଗୀତ ତାଲିକାରୁ ଯେକୌଣସି ଗୀତ ମନ ଧ୍ୟାନ ଦେଇ ଶୁଣ ।
- ଗୀତିକବିତାରେ ସ୍ୱର ସଂଯୋଜନା ହେବାପରେ ଏହା କିପରି କାହାଣୀର କହିଥାଏ ତାହା ଅନୁସନ୍ଧାନ କର ।
- ଗୀତିକବିତାରେ ଓ ତହିଁରେ ସ୍ୱର ସଂଯୋଜନା କେଉଁଭଳି ମନୋଭାବ ଓ ଭାବନା ମନରେ ତିଆରି କରିଥାଏ ?
- ଏବେ ଏକ ବାଦ୍ୟଯନ୍ତ୍ର ସଙ୍ଗୀତ ସହିତ ସେହିଭଳି କାର୍ଯ୍ୟକାରିତା ପାଇଁ ଚେଷ୍ଟା କରିବା ।
- ଉପରୋକ୍ତ ବର୍ଣ୍ଣିତ କାର୍ଯ୍ୟକଳାପ ଦ୍ୱାରା ତୁମର ମନୋଭାବ ଏବଂ ଭାବନାରେ କ'ଣ ପାର୍ଥକ୍ୟ ରହୁଛି ? ତୁମେ ଏ ବିଷୟରେ କ'ଣ ଅନୁମାନ କରୁଛ ?





## କାର୍ଯ୍ୟକଳାପ ୬.୫ : ଏହାକୁ କାର୍ଯ୍ୟରେ କରି ଦେଖାଅ

- କୌଣସି ଏକ ଯନ୍ତ୍ର ସଙ୍ଗୀତର ଧୁନ୍ କିମ୍ବା ଚଳଚ୍ଚିତ୍ରର ପ୍ରଚ୍ଛଦପଟ ସଙ୍ଗୀତ ଶୁଣ ।
- ସଙ୍ଗୀତର ବିଭିନ୍ନ ଅଂଶକୁ ବିଶ୍ଳେଷଣ ବା ବ୍ୟାଖ୍ୟା କରିବାକୁ ପ୍ରୟାସ କର ।
- କେଉଁ ପ୍ରକାରର ଭାବନାଗୁଡ଼ିକୁ ତୁମେ ଚିହ୍ନଟ କରିପାରିବ ପ୍ରକାଶ କର ।
- ବିଭିନ୍ନ ପ୍ରକାରର ସଙ୍ଗୀତ ସଂରଚନା ବା ସଂଯୋଜନାରେ ଭାବପ୍ରବଣତାକୁ ପ୍ରକାଶ କରିବାକୁ ଚେଷ୍ଟା କର ।
- ସଙ୍ଗୀତର ଭାବନା ଏବଂ କାହାଣୀକୁ ପ୍ରକାଶ କରିବାପାଇଁ ନାଟକ ଏବଂ ନୃତ୍ୟରୁ ଶିଖାଯାଇଥିବା ଉପାଦାନଗୁଡ଼ିକୁ ନିଃସଙ୍କୋଚରେ ବ୍ୟବହାର କର ।









**ଶିକ୍ଷକଙ୍କ ପାଇଁ ସୂଚନା :** ଏହି କାର୍ଯ୍ୟକଳାପ ପାଇଁ ଆପଣ ହରିପ୍ରସାଦ ଚୌରାସିଆ, ଡକ୍ଟର ଏଲ୍. ସୁବ୍ରମଣ୍ୟମ୍, ପଣ୍ଡିତ ରବିଶଙ୍କରଙ୍କ ସଙ୍ଗୀତ, ଆଲବମ୍ କିମ୍ବା ବିଭିନ୍ନ ରାଜ୍ୟର ଲୋକ ସଙ୍ଗୀତରେ ବ୍ୟବହୃତ ବାଦ୍ୟଯନ୍ତ୍ର ସଙ୍ଗୀତରୁ ତାହାର କିଛି ଅଂଶ ବ୍ୟବହାର କରିପାରିବେ ।



https://withteachers.in/

## ମାନନିର୍ଦ୍ଧାରଣ

| ଅଧ୍ୟାୟ - ୬ : ସଙ୍ଗୀତ, ଭାବନା ଏବଂ ସୃଜନଶୀଳତା | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ରଛାତ୍ରୀ |
| 1 | 1.1 | ଗୀତିକବିତାରେ ସଙ୍ଗୀତ ସଂଯୋଜନା ମାଧ୍ୟମରେ କାହାଣୀ ବୁଝିବାକୁ ସକ୍ଷମ କି ? | | |
| 1 | 1.2 | ସଙ୍ଗୀତରେ ପ୍ରକାଶିତ ଭାବନାକୁ ସୃଜନଶୀଳ ଭାବରେ ଅଭିନୟ କରିବାକୁ ସକ୍ଷମ କି ? | | |
| 2 | 2.1 | ନୂତନ ଗୀତ ଏବଂ ସଙ୍ଗୀତର ଭିନ୍ନ ଭିନ୍ନ ଶୈଳୀ ଶିଖିବାକୁ ଆଗ୍ରହୀ କି ? | | |
| 2 | 2.2 | ଶବ୍ଦ ଏବଂ କାହାଣୀ ମାଧ୍ୟମରେ ଏକ ଚିତ୍ରକୁ ବ୍ୟାଖ୍ୟା କରିପାରିବେ କି ? | | |
| 3 | 3.1 | ସଙ୍ଗୀତର ବିଭିନ୍ନ ପ୍ରକାର ଭୂମିକାକୁ ବୁଝିବା ସହିତ ତାହାକୁ ସ୍ପଷ୍ଟ କରିପାରିବେ କି ? | | |

### ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଙ୍କ ପର୍ଯ୍ୟବେକ୍ଷଣ

..........

..........

..........

..........

..........



https://withteachers.in/

# ରାଗ ଓ ତାଳ



ଷଡ଼ଜଶ୍ଚ ରଷଭଶ୍ଚୈବ ଗାନ୍ଧାରୋ ମଧ୍ୟମସ୍ତଥା ।
ପଞ୍ଚମୋ ଧୈବତଶ୍ଚୈବ ସପ୍ତମୋଽଥ ନିଷାଦବାନ୍ ।।
(ନାଟ୍ୟଶାସ୍ତ୍ର, ୨୮/୨୪)

'ନାଟ୍ୟଶାସ୍ତ୍ର', କାଳୀନ ସଙ୍ଗୀତରେ ଯେଉଁ ସାତଗୋଟି ସ୍ୱରର ଅଭ୍ୟାସ ସମ୍ବନ୍ଧରେ କୁହାଯାଇଛି, ତାହା ହେଲା-
ଷଡ଼ଜ, ରଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ଏବଂ ନିଷାଦ ।



ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ
ଓଡ଼ିଶୀ କଣ୍ଠଶିଳ୍ପୀ

ତୁମେମାନେ ଜାଣିଛ କି ?



ପ୍ରତିବର୍ଷ ଆମେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଶୈଳୀ- ହିନ୍ଦୁସ୍ତାନୀ ଏବଂ କର୍ଣ୍ଣାଟକୀ ସଙ୍ଗୀତ ପଦ୍ଧତି ବିଷୟରେ ତୁମକୁ କିଛି କିଛି କରି ଜ୍ଞାନ ପ୍ରଦାନ କରିଆସୁଅଛୁ । ତତ୍‌ସହିତ ଆମ ରାଜ୍ୟରେ ପ୍ରଚଳିତ ଓଡ଼ିଶୀ ସଙ୍ଗୀତ ପଦ୍ଧତି ବିଷୟରେ ତୁମକୁ ଯଥାସମ୍ଭବ ବିଭିନ୍ନ ଶ୍ରେଣୀରେ ପଢ଼ାଯାଇଅଛି । ଏହି ସପ୍ତମ ଶ୍ରେଣୀ ଶିକ୍ଷାରେ ଆମେ ଆଉ କିଛି ରାଗ ଓ ତାଳର ସଂଯୋଜନା ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କରିବା । ଶାସ୍ତ୍ରୀୟ ସଙ୍ଗୀତ ଶୈଳୀ ସହିତ ଅନ୍ୟାନ୍ୟ ସଙ୍ଗୀତ ଶୈଳୀ ମଧ୍ୟରେ ସୁସାମଞ୍ଜସ୍ୟ ରଖି ଆମେ କିପରି ଆଗକୁ ବଢ଼ିବା ଆସ ସେ ବିଷୟରେ ଚିନ୍ତା କରିବା ।



ଗଙ୍ଗୁବାଈ ହଙ୍ଗଲ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ

ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ସ୍ୱରଗୁଡ଼ିକ 'ସାମବେଦ'ର ପାରମ୍ପରିକ ଗାନରୁ ଆସିଅଛି । ତୁମେମାନେ ପୂର୍ବରୁ ପଢ଼ିଛ ଯେ, 'ସାମବେଦ'ରେ ଯେତେବେଳେ କର୍ମକାଣ୍ଡ, ଯଜ୍ଞ କାର୍ଯ୍ୟ ଇତ୍ୟାଦି ଅନୁଷ୍ଠିତ ହେଉଥିଲା, ସେତେବେଳେ, ଯେଉଁ ସଙ୍ଗୀତ ଗାନ ବା ଜପ କରାଯାଉଥିଲା, ତାହା ତିନିଗୋଟି ସ୍ୱରରେ ଅନୁଷ୍ଠିତ ହେଉଥିଲା । ସେହି ତିନିଗୋଟି ସ୍ୱର ହେଲା- ଉଦାତ୍ତ, ଅନୁଦାତ୍ତ ଏବଂ ସ୍ୱରିତ । ଉଦାତ୍ତ ସ୍ୱର ସାଧାରଣ କିମ୍ବା ମଧ୍ୟମ ସ୍ୱରରେ ଆବଦ୍ଧ ଥିଲା । ଅନୁଦାତ୍ତ ସ୍ୱର ଉଚ୍ଚ ସ୍ୱର ନୁହେଁ କି ନିମ୍ନ ସ୍ୱର ନୁହେଁ, ସେହିପରି ସ୍ୱରିତ ଉଚ୍ଚାୟିତ ସ୍ୱର କିମ୍ବା ଉଚ୍ଚତର ସ୍ୱର ଅଟେ । ସମୟ ଅନୁସାରେ ଏହା ଧୀରେ ଧୀରେ ସାତଗୋଟି ସ୍ୱରରେ ବିକଶିତ ହୋଇଅଛି । ଯାହାକୁ ଆମେ ସଙ୍ଗୀତରେ ବ୍ୟବହାର କରୁଛେ ।

https://withteachers.in/

## କର୍ଣ୍ଣାଟକୀ ସଙ୍ଗୀତ ପଦ୍ଧତି

ତୁମେମାନେ ବିଗତ ଶ୍ରେଣୀମାନଙ୍କରେ ଉତ୍ତର ଭାରତୀୟ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ ପଦ୍ଧତି ବିଷୟରେ ସାମାନ୍ୟ ଭାବରେ ଜାଣିଥିଲ । ଆମ ଓଡ଼ିଶାରେ କର୍ଣ୍ଣାଟକୀ ସଙ୍ଗୀତ ପଦ୍ଧତିର ଶିକ୍ଷା ଓ ପରିବେଷଣ ପାଇଁ କୌଣସି ଉଲ୍ଲେଖନୀୟ ଆନୁଷ୍ଠାନିକ ସୁବିଧା ସୁଯୋଗ ନାହିଁ । କେବଳ ତୁମ ଜାଣିବା ପାଇଁ ଏଠାରେ କର୍ଣ୍ଣାଟକୀ ସଙ୍ଗୀତରେ ବ୍ୟବହାର କରାଯାଉଥିବା ତାଳଗୁଡ଼ିକ ସମ୍ବନ୍ଧରେ ସଂକ୍ଷିପ୍ତ ଆଲୋଚନା କରାଗଲା ।

କର୍ଣ୍ଣାଟକୀ ସଙ୍ଗୀତ ପଦ୍ଧତିରେ ସାତଗୋଟି ମୁଖ୍ୟ ତାଳ ବ୍ୟବହାର କରାଯାଏ । ତାହା ହେଲା- (୧) ଧ୍ରୁବ, (୨) ମଠ୍ୟ, (୩) ରୂପକ, (୪) ଝମ୍ପା, (୫) ତ୍ରିପଟା, (୬) ଅଟ୍ଟ, (୭) ଏକତାଳ ଇତ୍ୟାଦି । ଏହି ତାଳଗୁଡ଼ିକର ଗତିକୁ ମୁଖ୍ୟତଃ ତିନିଗୋଟି ଅଙ୍ଗ ସହାୟତାରେ ପ୍ରକାଶ କରାଯାଇପାରେ ତାହା ହେଲା ଲଘୁ, ଦ୍ରୁତମ୍ ଓ ଅନୁଦ୍ରୁତମ୍ । ଏହାର ଚିହ୍ନ ଯଥାକ୍ରମେ ଲଘୁ (I), ଦ୍ରୁତମ୍ (O) ଏବଂ ଅନୁଦ୍ରୁତମ୍ (U) ଚିହ୍ନ ବ୍ୟବହାର କରାଯାଏ ।

**ଶିକ୍ଷକମାନଙ୍କୁ ସୂଚନା :** ଏଠାରେ ଦିଆଯାଇଥିବା କର୍ଣ୍ଣାଟକୀ ତାଳଗୁଡ଼ିକୁ ଅନ୍‌ଲାଇନ୍ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଦେଖାଇବେ । ତାହା ସହିତ ସେହି ତାଳଗୁଡ଼ିକର ତଥ୍ୟାତ୍ମକ ଦିଗପ୍ରତି ଗୁରୁତ୍ୱଦେବେ । ଏଠାରେ ଗୋଟିଏ ଲଘୁ ପାଇଁ ଅନେକ ମାତ୍ରା ସଂଖ୍ୟା ତିଆରି ହୋଇପାରିବାର ପ୍ରକ୍ରିୟା ସମ୍ବନ୍ଧରେ ବୁଝାଇବେ । ଏହି ପ୍ରକ୍ରିୟାକୁ ଆମେ ଜାତି ବୋଲି କହିବା ସହିତ ସଙ୍ଗୀତରେ ବ୍ୟବହୃତ ପାଞ୍ଚଗୋଟି ଜାତି ଯଥା : ତିସ୍ର, ଚତୁରସ୍ର, ମିଶ୍ର, ଖଣ୍ଡ ଓ ସଂକୀର୍ଣ୍ଣ ସମ୍ବନ୍ଧରେ ସମ୍ୟକ୍ ସୂଚନା ପ୍ରଦାନ କରିବେ ।



କର୍ଣ୍ଣାଟକୀ ସଙ୍ଗୀତରେ ଗାନ କରାଯାଉଥିବା ବିଭିନ୍ନ ପ୍ରବନ୍ଧଗୁଡ଼ିକୁ 'କୃତି' ବୋଲି କୁହାଯାଏ । ଏହି କୃତିଗୁଡ଼ିକ ହେଲା- ରାଗ ମାଳିକା, ସ୍ୱରଜାତି, ଗୀତମ୍, ପଦମ୍, ବର୍ଣ୍ଣମ୍, ରାଗମ୍, ତାନମ୍, ପଲ୍ଲବୀ, କୀର୍ତ୍ତନମ୍, ନିରବଲ୍, ତିଲ୍ଲାନା ଇତ୍ୟାଦି । ଏହି କୃତିଗୁଡ଼ିକ ସମ୍ବନ୍ଧରେ ତୁମେମାନେ ଉପର ଶ୍ରେଣୀରେ ଅଧିକ ଜାଣିବ ।



ଗୁରୁ ଡ଼. ଧୀରଜ କୁମାର ମହାପାତ୍ର ଓଡ଼ିଶୀ ସଙ୍ଗୀତ ପରିବେଷଣ କରୁଛନ୍ତି ।



କର୍ଣ୍ଣାଟକୀ ସଙ୍ଗୀତ ଶିଳ୍ପୀ ଅରୁଣା ସାଇରାମ ପଶ୍ଚିମବଙ୍ଗର ଏକ କାର୍ଯ୍ୟକ୍ରମରେ...



https://withteachers.in/

# ଓଡ଼ିଶୀ ସଙ୍ଗୀତ

ଶ୍ରଦ୍ଧେୟ ଛାତ୍ରଛାତ୍ରୀମାନେ, ତୁମେମାନେ ବିଗତ ଶ୍ରେଣୀମାନଙ୍କରେ ଆମ ଓଡ଼ିଶୀ ସଙ୍ଗୀତ ବିଷୟରେ କିଛି କିଛି ନୂଆ କଥା ଜାଣିଥିଲ ଓ ଓଡ଼ିଶୀ ଗୀତଗୁଡ଼ିକୁ କିପରି ଗାନ କରିବାକୁ ହେବ ତାହା ମଧ୍ୟ ଶିଖିଥିଲ । ଓଡ଼ିଶୀ ସଙ୍ଗୀତରେ ଯେଉଁ ତାଳଗୁଡ଼ିକ ବ୍ୟବହାର କରାଯାଏ ତାହା ତୁମମାନଙ୍କର ମନେଅଛି ତ ? ତେବେ ଆସ ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ବ୍ୟବହୃତ ହେଉଥିବା କେତେକ ତାଳ ବିଷୟରେ ଜାଣିବା, ଯାହା ଆମକୁ ଗୀତ ଗାଇବା ପାଇଁ ସାହାଯ୍ୟ କରିବା ସହିତ ସଙ୍ଗୀତକୁ ବୁଝିବାରେ ସହଜ ହେବ ।

ଓଡ଼ିଶୀ ସଙ୍ଗୀତରେ ମୁଖ୍ୟତଃ ନଅଗୋଟି ତାଳର ଅଧିକ ପ୍ରଚଳନ ରହିଛି । ସେଗୁଡ଼ିକ ହେଲା- (୧) ଏକତାଳି, (୨) ଖେମଟା, (୩) ରୂପକ, (୪) ତ୍ରିପଟା, (୫) ଝମ୍ପା, (୬) ମଠା, (୭) ଯତି, (୮) ଆଡ଼ତାଳି, (୯) ଆଦିତାଳ । ତତ୍‌ସହିତ କୁଡୁକ ଓ ସରିମାନ ତାଳ ଆମର ଧ୍ରୁବପଦାଙ୍ଗ ପ୍ରବନ୍ଧ ଗାନରେ ବାଦନ କରାଯାଇଥାଏ । ଏହିପରି ଭାବରେ ସର୍ବମୋଟ ଏଗାର ଗୋଟି ତାଳ ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ବହୁଳ ଭାବରେ ପ୍ରଚଳିତ ହୋଇଆସୁଅଛି । ଆସ ଏହି ତାଳଗୁଡ଼ିକ ମଧ୍ୟରୁ କିଛି ତାଳର ଶାସ୍ତ୍ରୀୟ ପରିଚୟ ସଂକ୍ଷେପରେ ଜାଣିବା ।

**୧.ତାଳ : ଏକତାଳି** (ଏହି ତାଳ ୪ ମାତ୍ରା ବିଶିଷ୍ଟ ଅଟେ । ପ୍ରଥମ ମାତ୍ରା ଉପରେ ତାଳି ପଡ଼େ ।)

| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ |
|---|---|---|---|---|
| ଠେକା / ବୋଲ୍ | ତାଁS | S ତି | ନାSତେରେକେଟେ | ତାକଧିନି |
| ତାଳି, ଖାଲି ବା ଫାଙ୍କ୍‌ର ଚିହ୍ନ | × | | | |

**୨. ତାଳ : ରୂପକ** (ଏହି ତାଳ ୬ ମାତ୍ରା ବିଶିଷ୍ଟ ଅଟେ । ଏହାର ଭାଗ ସଂଖ୍ୟା - ୨ । ଛନ୍ଦ ୨+୪ । ଦୁଇଗୋଟି ତାଳି ପଡ଼େ । ଫାଙ୍କ୍ ନାହିଁ)

| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| ଠେକା / ବୋଲ୍ | ଧାଁS | କଡ଼ତାକ | ଧାଁS | କଡ଼ତାକ | ତିS | ନାS |
| ତାଳି, ଖାଲି ବା ଫାଙ୍କ୍‌ର ଚିହ୍ନ | × | | ୨ | | | |

**୩. ତାଳ : ଖେମଟା** (ଏହି ତାଳ ୬ ମାତ୍ରା ବିଶିଷ୍ଟ ଅଟେ । ଏହାର ଭାଗ ସଂଖ୍ୟା- ୨ । ଛନ୍ଦ ୩+୩ । ଗୋଟିଏ ତାଳି ଓ ଗୋଟିଏ ଫାଙ୍କ୍ ଅଛି ।)

| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| ଠେକା / ବୋଲ୍ | ଧାS | ଧିନା | କିଟା | ନା | ତିନା | କିଟା |
| ତାଳି, ଖାଲି ବା ଫାଙ୍କ୍ ସମ୍ ଚିହ୍ନ | × | | | ୦ | | |

**୪. ତାଳ : ତ୍ରିପଟା** (ଏହି ତାଳ ୭ ମାତ୍ରା ବିଶିଷ୍ଟ ଅଟେ । ଏହାର ଭାଗ ସଂଖ୍ୟା- ୩ । ଛନ୍ଦ ୩+୨+୨ । ଦୁଇଗୋଟି ତାଳି ଅଛି । ଫାଙ୍କ୍ ନାହିଁ)

| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ | ୭ |
|---|---|---|---|---|---|---|---|
| ଠେକା / ବୋଲ୍ | ଧେଇ | ତାଥି | ନାକ | ତାଥି | ନାକ | ତାଥି | ନାକ |
| ତାଳି, ଖାଲି ବା ଫାଙ୍କ୍‌ର ଚିହ୍ନ | × | | | ୨ | | ୩ | |

**୫. ତାଳ : ଝମ୍ପା** (ଏହି ତାଳ ୧୦ ମାତ୍ରା ବିଶିଷ୍ଟ ଅଟେ । ଏହାର ଭାଗ ସଂଖ୍ୟା- ୪ । ଛନ୍ଦ ୨+୩+୨+୩ । ତିନିଗୋଟି ତାଳି ଓ ଗୋଟିଏ ଫାଙ୍କ୍ ଅଛି ।

| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
|---|---|---|---|---|---|---|---|---|---|---|
| ଠେକା / ବୋଲ୍ | ଧାତି | ନାମ୍ | ଧାକ୍ | ଧାତି | ନାମ୍ | ନାତି | ନାମ୍ | ତାକ୍ | ଧାତି | ନାମ |
| ତାଳି, ଖାଲି ବା ଫାଙ୍କ୍‌ର ଚିହ୍ନ | × | | ୨ | | | ୦ | | ୩ | | |

**୬. ତାଳ : ଯତି** (ଏହି ତାଳ ୧୪ ମାତ୍ରା ବିଶିଷ୍ଟ ଅଟେ । ଏହାର ଭାଗ ସଂଖ୍ୟା - ୪ । ଛନ୍ଦ ୩+୪+୩+୪ । ଏଥିରେ ତିନିଗୋଟି ତାଳି ଓ ଗୋଟିଏ ଖାଲି ଅଛି ।

| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
|---|---|---|---|---|---|---|---|---|---|---|---|---|---|---|
| ଠେକା / ବୋଲ୍ | ଧା | ଧି | ନା | ଧା | ଧା | ଧି | ନା | ନା | ତି | ନା | ତା | ତା | ଧି | ନା |
| ତାଳି, ଖାଲି ବା ଫାଙ୍କ୍‌ର ଚିହ୍ନ | × | | | ୨ | | | | ୦ | | | ୩ | | | |

ତୁମେମାନେ ପରବର୍ତ୍ତୀ ଶ୍ରେଣୀରେ ଓଡ଼ିଶୀ ସଙ୍ଗୀତରେ ବ୍ୟବହାର କରାଯାଉଥିବା ଅନ୍ୟ ତାଳଗୁଡ଼ିକ ସମ୍ବନ୍ଧରେ ଜାଣିବ । ତୁମେମାନେ ନିଶ୍ଚିତ ଭାବରେ ମନେ ରଖିବ ଯେ ତାଳର ଅଭ୍ୟାସ ବିନା ସଙ୍ଗୀତ ପରିବେଷଣ କଷ୍ଟକର ହୋଇପାରେ । ତେଣୁ ତୁମେମାନେ ଅତି ସାବଧାନତାର ସହିତ ଏହାର ଅଭ୍ୟାସ କର । ଯଥାସମ୍ଭବ ସଙ୍ଗୀତ ଶିକ୍ଷକଙ୍କ ସହାୟତା ନିଅ ।



https://withteachers.in/

# ରାଗ : ଖମାଜ

## ଶାସ୍ତ୍ରୀୟ ପରିଚୟ

ଆରୋହ : ସାଗାମାପାଧାନିସାଂ
ଅବରୋହ : ସାଂନିଧାପାମାଗାରେସା
ଜାତି : ଷାଡ଼ବ + ସଂପୂର୍ଣ୍ଣ
ବାଦୀ : ଗାନ୍ଧାର
ସଂବାଦୀ : ନିଷାଦ
କୋମଳ ସ୍ୱର : ନିଷାଦ (ନି)

ମେଳ : ଶ୍ରୀ
ଗାୟନ ସମୟ : ରାତ୍ର ଦ୍ୱିତୀୟ ପ୍ରହର
ମୁଖ୍ୟାଙ୍ଗ : ନ ଧା, ମା ପାଧା, ମାଗା
ସ୍ୱର ସଂଯୋଜନା : ପ୍ରଫେସର ରାମହରି ଦାସ

(ସୌଜନ୍ୟ : ଓଡ଼ିଶୀ ସଙ୍ଗୀତର ସଂଜ୍ଞା ଓ ସ୍ୱରୂପ - ପୁସ୍ତକ)

### ରାଗ : ଖମାଜ (ସ୍ୱର ମାଳିକା)

ତାଳ : ଆଦିତାଳ (୧୬ ମାତ୍ରା)

| ତାଳର ମାତ୍ରା | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
|---|---|---|---|---|---|---|---|---|---|---|---|---|---|---|---|---|
| ଠେକା / ବୋଲ୍ | ଧାS | ଧିନା | କିଟା | ଧିନା | ଧାS | ଧିନା | କିଟା | ଧିନା | ନା | ତିନା | କିଟା | ତିନା | ତାS | ଧିନା | କିଟା | ଧିନା |
| ଚିହ୍ନ | × | ୨ | ୦ | ୩ | | | | | | | | | | | | |
| ସ୍ଥାୟୀ | ସା<br>ସାଂ<br>ସା<br>× | ଗା<br>ରେଂ<br>ଗା | ମା<br>ନି<br>ମା | ପା<br>ସାଂ<br>ପା | ନି<br>ନି<br>ଧା<br>୨ | ଧା<br>ଧା<br>ନ | ମା<br>ପା<br>ସା | ପା<br>ଧା<br>- | ଗା<br>ଗା<br>ସାଂ<br>୦ | ମା<br>ମା<br>ନି | ପା<br>ନି<br>ଧା | ମା<br>ଧା<br>ପା | ଗା<br>ଗା<br>ମା<br>୩ | ରେ<br>ମା<br>ଗା | ସା<br>ଗା<br>ରେ | -<br>-<br>ସା |
| ଅନ୍ତରା | ଗା<br>ଗାଂ<br>ସାଂ | ମା<br>ମାଂ<br>ନି | ନ<br>ଗାଂ<br>ସାଂ | ଧା<br>ରେଂ<br>ରେଂ<br>୨ | ପା<br>ସାଂ<br>ସାଂ | ମା<br>ରେଂ<br>ନି | ଗା<br>ନି<br>ଧା | ମା<br>ସାଂ<br>ପା<br>୦ | ଗା<br>ନ<br>ଗା | ମା<br>ଧା<br>ମା | ପା<br>ପା<br>ଧା<br>୩ | ନି<br>ଧା<br>ପା | ସାଂ<br>ନି<br>ମା | ନି<br>ନି<br>ଗା | ସାଂ<br>ସାଂ<br>ରେ | -<br>-<br>ସା |
| ପଡ଼ି | ଗଗା<br>ଗାଗା<br>× | ମାପା<br>ରେସା | ମାଗା<br>ସାଗା | ରେସା<br>ମାପା | ନିଧା<br>ନିଧା<br>୨ | ପାଧା<br>ପାଧା | ଗାମା<br>ନିନି | ଗା<br>ସାଂ | ସାଂରେଂ<br>ଗାଂମଂ<br>୦ | ନିସାଂ<br>ଗାଂରେଂ | ନିଧା<br>ସାଂନି | ପାଧା<br>ଧାପା | ଧାପା<br>ସାଂନି<br>୩ | ଗାମା<br>ଧାପା | ଗାରେ<br>ମାଗା | ସା<br>ରେସା |



**ଶିକ୍ଷକମାନଙ୍କ ପାଇଁ ସୂଚନା :** ଛାତ୍ରଛାତ୍ରୀମାନଙ୍କୁ ଖମାଜ ରାଗ ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦାନ କରିବା ସହିତ ଆରୋହ ଓ ଅବରୋହକୁ ବିଭିନ୍ନ ଲୟକ୍ରିୟାରେ ଶିକ୍ଷା ପ୍ରଦାନ କରିବେ । ସ୍ୱରମାଳିକାକୁ ମଧ୍ୟ ବିଭିନ୍ନ ଲୟକ୍ରିୟା ସହାୟତାରେ ଗାୟନ କରାଯାଇପାରିବ । ହାତରେ ଆଦିତାଳ ପକାଇବା ସହିତ ସ୍ୱର ମାଳିକା ଅଭ୍ୟାସ କରାଇବେ ।



https://withteachers.in/

## ରାଗ : ଖମାଜ (ରାଗାଙ୍ଗ ପ୍ରବନ୍ଧ)



ତୁମେମାନେ ଜାଣିଛ ଯେ, ଓଡ଼ିଶୀ ସଙ୍ଗୀତରେ ଯେଉଁ ଗୀତଗୁଡ଼ିକୁ ଆମେ ଗାୟନ କରୁ ତାହାକୁ ଆମେ ପ୍ରବନ୍ଧ ବୋଲି କହିଥାଉ । ଏହା ଧ୍ରୁବପଦାଙ୍ଗ, ରାଗାଙ୍ଗ, ଭାବାଙ୍ଗ ଏବଂ ନାଟ୍ୟାଙ୍ଗ ପ୍ରବନ୍ଧ ନାମରେ ନାମିତ କରାଯାଇଅଛି । ଶିଖିବା, ବୁଝିବା, ଗାଇବା ଓ ଶୁଣିବାରେ ଆମର ଭିନ୍ନ ଅନୁଭବ ହେତୁ ଏହାକୁ ଏହିପରି ଭାବରେ ବିଭାଜନ କରାଯାଇଅଛି ।

ଏଠାରେ ଆମେ ରାଗାଙ୍ଗ ପ୍ରବନ୍ଧ କ୍ରମରେ ଖମାଜ ରାଗର ପ୍ରବନ୍ଧ ଗାୟନ କରିବା । ଏହି ରାଗର ଶାସ୍ତ୍ରୀୟ ପରିଚୟ ଦିଆଯାଇଥିବା ସ୍ୱର ମାଳିକା ପୃଷ୍ଠାରେ ରହିଛି । ସେହି ଶୃଙ୍ଖଳା ଅନୁସାରେ ଆମେ ନିମ୍ନରେ ଦିଆଯାଇଥିବା ପ୍ରବନ୍ଧଟିକୁ ଶିଖିବା ।

### ପ୍ରବନ୍ଧ

**ତାଳ : ରୂପକ** | **ରଚନା : ଗୋପାଳକୃଷ୍ଣ ପଟ୍ଟନାୟକ**

ଜୀବନ ଯିବ ପରା
ସୁମରି ସୁମରି ମା
ମିଳିବକି ସତେ ମୋତେ
ନିକୁଞ୍ଜ ବିହାରୀ ମା ।। ୦ ।।
ଅଭ୍ର ଲିହାଗ୍ନି ଦହୁଛି
ଚଉଦିଗେ ଘେରି
ବଞ୍ଚିବ କେହି କୋମଳ
ରଂଗଣୀ ବଲ୍ଲରୀ ମା ।। ୧ ।।
ଲଳିତା ତ୍ରିଭଙ୍ଗ ଭଙ୍ଗୀ
ଆହା ବଂଶୀଧାରୀ
ଆଖିରେ ନାଚୁଛି ଶୀର
ଶୀଖଣ୍ଡ ମାଧୁରୀ ।। ୨ ।।
ଗୋପାଳକୃଷ୍ଣ ଅଇଲା
ସେକାଳେ ବାହାରି
ପ୍ରିୟ ପ୍ରତ୍ୟନଙ୍ଗ ଲେଖ
ହୃଦବାସ ଧରି ।। ୩ ।।



ଗୁରୁ ପ୍ରଫେସର ରାମହରି ଦାସ, ଓଡ଼ିଶୀ ସଙ୍ଗୀତ

**ପ୍ରବନ୍ଧର ସ୍ୱରଲିପି**

| ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| ଠେକା/ବୋଲ୍ | ଧାS | କଡ଼ତାକ | ଧାS | କଡ଼ତାକ | ତିS | ନାS |
| ଚିହ୍ନ | × | | ୨ | | | |
| ସ୍ଥାୟୀ | - | - | ନି | ଧା | ପା | ମା |
| | S | S | ଜୀ | ବ | ନ | S |
| | ମା | ମାଧା | ପାଧା | ମା | ଗା | - |
| | ଯି | ବS | S S | ପ | ରା | S |
| | ମାଗା | ରେସା | ସା | ଗା | ମା | ପା |
| | SS | SS | ସୁ | ମ | ରି | ସୁ |
| | ଧା | ଗା | ମା | ଗାମା | ପାଧା | ନିସାଂ |
| | ମ | S | ରୀ | ମାS | S S | S S |
| | ନିସାଂନିରେଂ | ସାଂ | ଧା | ଧା | ଧା | ଧା |
| | S S S S | S | ମି | ଳି | ବ | କି |
| | ଧା | ପାଧା | ନି | ଧା | ପା | - |
| | ସ | ତେS | S | ମୋ | ତେ | S |
| | ମାପା | ଗା | ଧା | ଧା | ଧା | ଧା |
| | S S | S | ମି | ଳି | ବ | କି |
| | ଧା | ପାଧା | ନି | ଧା | ପା | - |
| | ସ | ତେS | S | ମୋ | ତେ | S |
| | - | - | ସା | ଗା | ମା | ପା |
| | S | S | ନି | କୁ | ଞ୍ଜ | ବି |
| | ଧା | ଗା | ମା | ଗାମା | ପାଧା | ନିସାଂ |
| | ହା | S | ରୀ | ମାS | SS | SS |
| | ନିସାଂନିରେଂ | ସାଂ | ୨ | | | |
| | SSSS | S | | | | |



https://withteachers.in/

| | | | | | | |
|---|---|---|---|---|---|---|
| ଅନ୍ତରା | – | – | ଗା | ମା | ନ୍‌ଧା | ପାଧା |
| | S | S | ଅ | ଭ୍ର | ଲିS | ହାS |
| | ନି | – | ସାଂ | ନି | ସାଂ | – |
| | ଗ୍ନି | S | ଦ | ହୁ | ଛି | S |
| | – | – | ନି | ନି | ସାଂ | ରେ |
| | S | S | ଚ | ଉ | ଦି | ଗେ |
| | ନିସାଂ | ନିରେଂ | ସାଂ | ନ୍ନି | ଧା | – |
| | ଘେS | S S | S | ରି | S | S |
| | – | – | ଧା | ଧା | ଧା | ଧା |
| | S | S | ବ | ଈ | ବ | କେ |
| | ଧା | ପାଧା | ନ୍ନି | ଧା | ପା | – |
| | ହି | କୋS | S | ମ | ଳ | S |
| | – | – | ସା | ଗା | ମା | ପା |
| | S | S | ର | ଙ୍ଗ | ଣୀ | ବ |
| | ଧା | ଗା | ମା | ଗାମା | ପାଧା | ନିସାଂ |
| | ଲ୍ଲ | S | ରୀ | ମାS | S S | S S |
| | ନିସାଂନିରେଂ | ସାଂ | – | – | – | – |
| | S S S S | S | S | S | S | S |
| | × | | ୨ | | | |



**ଶିକ୍ଷକଙ୍କ ପାଇଁ ସୂଚନା :** ଓଡ଼ିଶୀ ସଙ୍ଗୀତର ରାଗାଙ୍ଗ ପର୍ଯ୍ୟାୟ ଗାନ କରିବା ସମୟରେ ୬ ଗୋଟି ସୋପାନ ଦେଇ ଗାୟନ କରିବାକୁ ହୁଏ । ସେହି ସୋପାନଗୁଡ଼ିକ ହେଲା- (୧) ଅନିବଦ୍ଧ ଆଳାପ, (୨) ପ୍ରବନ୍ଧ, (୩) ପଦ ବିନ୍ୟାସ, (୪) ନିବଦ୍ଧଆଳାପ, (୫) ସ୍ୱର ବିନ୍ୟାସ, (୬) ତାନ୍ ।



ସଙ୍ଗୀତ ଶିକ୍ଷା ପ୍ରଦାନ କରିବା ସମୟରେ ଏ ସବୁ ଦିଗପ୍ରତି ଦୃଷ୍ଟି ଦେବା ବିଧେୟ । ଓଡ଼ିଶୀ ସଙ୍ଗୀତର ଅନନ୍ୟ ବିଭବ ଯଥା- ଛାନ୍ଦ, ଚମ୍ପୂ, ଚଉତିଶା ଭଜନ, ଜଣାଣ, ଗୀତଗୋବିନ୍ଦ, ପଲ୍ଲବୀ ଇତ୍ୟାଦି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ କରିବା ସମୟରେ ପ୍ରବନ୍ଧଗୁଡ଼ିକର ଭାବାର୍ଥ ନିଶ୍ଚୟ କହିବେ ।



https://withteachers.in/





## ଛାନ୍ଦ ପ୍ରବନ୍ଧ

| | |
|---|---|
| ବୃତ୍ତ : ବଙ୍ଗଳାଶ୍ରୀ | ତାଳ : ଖେମଟା |
| କାବ୍ୟ : ତପସ୍ୱିନୀ | ରଚନା : ସ୍ୱଭାବକବି ଗଙ୍ଗାଧର ମେହେର |

ଭାଗୀରଥୀ କୂଳେ ଲକ୍ଷ୍ମଣ ଯେ କାଳେ
ବୈଦେହୀ ବିସର୍ଜି ଗଲେ,
ବ୍ୟାପିଥିଲା ଖରା ସସାଗରା ଧରା
ନିର୍ମଳ ଅମ୍ବର ତଳେ ।। ୧ ।।

ରାଘବ ବଧୂର ନିର୍ଯାତନା ସୁର
ପୁରକୁ ଦିସିଲେ ଲଜ୍ଜା,
ହେବ ବୋଲି ଦିବା- ନାଥଙ୍କ ସେ କିବା
ଶୁଭ୍ର ଯବନିକା ସଜ୍ଜା ।। ୨ ।।

ଜାଣି ସେ ରହସ୍ୟ କରିବାକୁ ଦୃଶ୍ୟ
ଭାସ୍କର-ବଂଶର ଦୋଷ,
ଅଚିରେ ଅବନୀ ପୃଷ୍ଠୁ ସେ ଯବନୀ
ଉଠାଇ ଦେଲା ପ୍ରଦୋଷ ।। ୩ ।।

ଦେଖିଲେ ବିଜନେ ପ୍ରଶସ୍ତ ପ୍ରାଙ୍ଗଣେ
ରାମଚନ୍ଦ୍ର ରବି-ବଂଶୀ,
ବିଷର୍ଣ୍ଣ ବଦନେ ସଜଳ ନୟନେ
ଏକାକୀ ଅଛନ୍ତି ବସି ।। ୪ ।।

## ସରଲିପି

| ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|
| - | ମାମା | ପାନି | ନି | ନି | ନି |
| S | ଭାଗୀ | ରS | ଥୀ | କୂ | ଳେ |
| ନିସାଂ | ସାଂରେ | ରେଂସାଂ | ସାଂନି | ନି- | ନିସାଂ |
| ଲS | କ୍ଷ୍ମS | ଣS | ଯେS | କାS | ଳେS |
| ଧା- | ଧାଧା | ଧାନି | ଧା- | ପାମା | ମା- |
| S S | ବୈଦେ | ହୀS | ବିS | ସS | ର୍ଜିS |
| ପା | ଧା | -ନି | ପାଧାପାସଂ | ନିଧା | ପାଧା |
| ଗ | ଲେ | S S | S S S S | S S | S S |
| ମା- | ଧାଧା | ଧାପା | ପାମା | ମାଗା | ଗା- |
| S S | ବ୍ୟାପି | ଥିS | ଲାS | ଖS | ରାS |
| - | ସାସା | ଗାଗା | ଗାମା | ମାପା | ପାଧାପାଧା |
| S | ସସା | S ଗ | ରାS | ଧS | ରାS S S |
| ମା- | ମାପା | ସନି | ନିଧା | ଧାପା | ପାଧା |
| SS | ନିର୍ମ | ଳS | ଅS | ମ୍ବS | ରS |
| ପା | ମା | - | - | - | - |
| ତ | ଳେ | S | S | S | S |
| × | | | 0 | | |

ଏହିପରି ଭାବରେ ପରବର୍ତ୍ତୀ ପଦଗୁଡ଼ିକ ସମାନ ସ୍ୱରରେ ଗାୟନ କରାଯିବ । ତୁମେମାନେ ଏହି ସ୍ୱରଲିପିକୁ ବ୍ୟବହାର କରି ହାରମୋନିୟମ୍ କିମ୍ବା କି ବୋର୍ଡ଼ ବଜାଇବା ଶିଖିପାରିବ ।

### ତୁମେମାନେ ଜାଣିଛ କି ?



ଛାନ୍ଦ ଓଡ଼ିଶୀ ସଙ୍ଗୀତ ପଦ୍ଧତିର ସର୍ବଜନପ୍ରିୟ ପର୍ଯ୍ୟାୟ ଅଟେ । ଏହାକୁ ଏକ ନିର୍ଦ୍ଦିଷ୍ଟ ବୃତ୍ତ ବା ବାଣୀର ସହାୟତାରେ ଗାୟନ କରିବା ନିତାନ୍ତ ଜରୁରୀ । ଛାନ୍ଦ ଗାୟନରେ ଥିବା ପାରମ୍ପରିକ ଗାୟନ କୌଶଳ ଅତ୍ୟନ୍ତ ମନୋମୁଗ୍ଧକର । ଯାହା ଓଡ଼ିଶୀ ସଙ୍ଗୀତ ଶୈଳୀକୁ ପ୍ରତିଷ୍ଠିତ କରିବାରେ ବିଶେଷ ସହାୟକ ହୋଇଥାଏ । ଛାନ୍ଦର ପ୍ରତ୍ୟେକ ପଦକୁ ସମାନ ସ୍ୱରରେ ଗାୟନ କରାଯିବାର ନିୟମ ରହିଛି । ଛାନ୍ଦ ବିଭିନ୍ନ କଥା ଓ ପ୍ରସଙ୍ଗକୁ ନେଇ ରଚନା କରାଯାଇଥିବାରୁ ଏହା ବହୁ ପଦବିଶିଷ୍ଟ ଅଟେ । ଏହି ପଦ ଗୁଡ଼ିକ ମଧ୍ୟରୁ କିଛି ପଦ ଚୟନ କରି ଗାୟନ କରାଯାଏ । ଏଠାରେ ଦିଆଯାଇଥିବା ଛାନ୍ଦଟି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ତପସ୍ୱିନୀ କାବ୍ୟରୁ ଆସିଅଛି ।



https://withteachers.in/

## 'ଝ' ଚମ୍ପୂ (ଚମ୍ପୂ ପ୍ରବନ୍ଧ)



ତାଳ : ଖେମଟା      ରଚନା : କବିସୂର୍ଯ୍ୟ ବଳଦେବ ରଥ

ସ୍ୱର : ପାରମ୍ପରିକ

ଝଗଡ଼ି ମାତ୍ର ହେଲ ହେ ଶ୍ୟାମ,
 ଝିମୁଟ ହେବାକୁ ସହସ୍ର ଯାମ ।। ପଦ ।।
ଝାଉଁଳିବା ନବ ତମାଳ ରମା,
 ଝିଙ୍କି ଆଣି ଅଙ୍ଗେ କଲଣି ଜମା ।। ୧ ।।
ଝୁମି ଝୁମି ଲୁଠି ପୁଷ୍ପେ ରସାର,
 ଝୁରିବାର ଏକା ହୋଇବ ସାର ।। ୨ ।।
ଝଳି ପାଞ୍ଚାଳୀ ଝଟକେ ନାହିଁ କି,
 ଝୋଲା ମାଇଲା ତୁମ୍ଭଙ୍କୁ କାହିଁକି ।। ୩ ।।
ଝଲକି ଗଲ କୃଷ୍ଣ ଅକାରଣେ,
 ଝାଡ଼ଖଣ୍ଡ ରସା ବାଦସା ଭଣେ ।। ୪ ।।




ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ଚମ୍ପୂ ଗାୟନ ବହୁ କାଳରୁ ହୋଇଆସୁଅଛି । 'କ' ଅକ୍ଷର ଠାରୁ 'କ୍ଷ' ଅକ୍ଷର ପର୍ଯ୍ୟନ୍ତ ପ୍ରତ୍ୟେକ ଅକ୍ଷରକୁ ପାଦର ପ୍ରଥମରେ ରଖି ଏହାକୁ ରଚନା କରାଯାଇଅଛି । ଏଠାରେ ଦିଆଯାଇଥିବା 'ଝ' ଅକ୍ଷରର ଚମ୍ପୂଟିକୁ ଦେଖ ପ୍ରତ୍ୟେକ ପଦ ଓ ପଂକ୍ତି 'ଝ' ଅକ୍ଷରରୁ ଆରମ୍ଭ ହୋଇଅଛି । ସେହିପରି 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚମ୍ପୂ ଓଡ଼ିଆ ଭାଷାରେ ରଚିତ ହୋଇଛି । ଏହା ଓଡ଼ିଆ ବର୍ଣ୍ଣମାଳାର ୩୪ ଗୋଟି ବ୍ୟଞ୍ଜନ ଅକ୍ଷରକୁ ନେଇ ରଚିତ । ସୁତରାଂ ଏହି ଚମ୍ପୂ ଗୀତ ସମୁଦାୟ ୩୪ ଗୋଟି ହୋଇଥାଏ । ଚମ୍ପୂ ଗାୟନ ରାଗ ଓ ତାଳବଦ୍ଧ ଭାବରେ କରାଯାଇଥାଏ । ଏହି ଚମ୍ପୂ 'କିଶୋର ଚନ୍ଦାନନ୍ଦ ଚମ୍ପୂ' ପୁସ୍ତକରୁ ଉଦ୍ଧୃତ । ଏହାକୁ ରଚନା କରିଛନ୍ତି କବିସୂର୍ଯ୍ୟ ବଳଦେବ ରଥ ।

ପରବର୍ତ୍ତୀ ଶ୍ରେଣୀରେ ତୁମେମାନ ଓଡ଼ିଶୀ ରାଗାଙ୍ଗ ସହିତ ଭାବାଙ୍ଗ, ନାଟ୍ୟାଙ୍ଗ ଓ ଧ୍ରୁବପଦାଙ୍ଗ ବିଷୟରେ ଅଧିକ ଜାଣିବ । ପୂର୍ବ ଶ୍ରେଣୀରେ ତୁମେମାନେ ଯାହା ଶିକ୍ଷା ଗ୍ରହଣ କରିଥିଲ ତାହାକୁ ମନେ ରଖିବ । କାରଣ ପରବର୍ତ୍ତୀ ସମୟରେ ତାହା ତୁମକୁ ଓଡ଼ିଶୀ ସଙ୍ଗୀତ ଶିଖିବାରେ ବହୁତ ସାହାଯ୍ୟ କରିବ ।

ସ୍ୱରଲିପି      ତାଳ : ଖେମଟା (୬ ମାତ୍ରା)

| ତାଳର ମାତ୍ରା | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| ଠେକା/ବୋଲ୍ | ଧା | ଧିନା | କିଟା | ନା | ତିନା | କିଟା |
| ଚିହ୍ନ | × | | | ୦ | | |
| | ନି- | ସାଂନି | ଧାପା | - | ଗାମା | ପାଧା |
| | ଝS | ଗS | ଡ଼ିS | S | ମାS | ତ୍ରS |
| | ପାମା | ଗାରେ | ସାନି | ସା | ରେଗା | ମାପା |
| | ହେS | ଲS | ହେS | ଶ୍ୟା | ମS | S S |
| ସ୍ଥାୟୀ ପଦ | ରେମା | ଗାରେ | ସାନି | ସା | - | - |
| | ଝS | ଗS | ଡିS | S | S | S |
| | - | ସାରେ | ମା | ମା | ମା | ପାଧା |
| | S | ଝିମୁ | ଟ | ହେ | ବା | କୁS |
| | ପା-ମା | ଗା | ରେଗା | ମା | ପାମା | ପା |
| | ସSS | ହ | ସ୍ରS | ଯା | ମS | S |
| | × | | | | | |
| | - | ସାଂସାଂ | ସାଂ | ସାଂ | ସାଂ | ସାଂରେଂ |
| | S | ଝାଉଁ | ଳି | ବା | ନ | ବS |
| | ସାଂ | ନି | ଧା | ପାମା | ପାଧା | ସାଂରେଂ |
| ଅନ୍ତରା ପଦ | ତ | ମା | ଳ | ରS | ମାS | S S |
| | ସାଂରେଂମାଂଗାଂ | ସାଂସାଂ | ସାଂ | ସାଂ | ସାଂ | ନସାଂରେଂ |
| | SSSS | ଝାଉଁ | ଳି | ବା | ନ | ବS S |
| | ସାଂ | ନି | ଧା | ପାମା | ପାଧ | ସାଂ- |
| | ତ | ମା | ଳ | ରS | ମାS | S S |
| | ସାଂପା | ମାମା | ମା | ମା | ମା | ମପାଧା- |
| | S S | ଝିଙ୍କି | ଆ | ଣି | ଅ | ଙ୍ଗେS S S |
| | ପା-ମା | ଗା | ରେଗା | ମା | ପାମା | ପା |
| | କS S | ଲ | ଣିS | ଜ | ମାS | S |
| | × | | | | ୦ | |



https://withteachers.in/

# ହିନ୍ଦୁସ୍ତାନୀ ସଙ୍ଗୀତ

## ତାଳ:

ଏଠାରେ ହିନ୍ଦୁସ୍ତାନୀ ସଙ୍ଗୀତ ପଦ୍ଧତିରେ ବ୍ୟବହୃତ ହେଉଥିବା କେତେକ ମୌଳିକ ତାଳ ସମ୍ବନ୍ଧରେ ଉଲ୍ଲେଖ କରାଯାଇଅଛି । ଆସ ନିଜ ହାତରେ ତାଳି ପକାଇ ମାତ୍ରା ଅନୁସାରେ ତାଳର ବୋଲକୁ କହିବା ଓ ଶିକ୍ଷକଙ୍କ ସହାୟତା ନେବା ।

**ତାଳ - ଝପ୍‌ତାଳ** (ଏହି ତାଳ ୧୦ ମାତ୍ରାବିଶିଷ୍ଟ ଅଟେ । ଏହା ୪ ଭାଗରେ ବିଭକ୍ତ । ଏଥିରେ ଗୋଟିଏ ଖାଲି(୦) ଏବଂ ତିନିଗୋଟି ତାଳି ଅଛି । ଏହାର ଛନ୍ଦ- ୨+୩+୨+୩ ।

| ମାତ୍ରା | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
|---|---|---|---|---|---|---|---|---|---|---|
| ଠେକା/ବୋଲ୍ | ଧି | ନା | ଧି | ଧି | ନା | ତି | ନା | ଧି | ଧି | ନା |
| ତାଳି/ଖାଲି (ଫାଙ୍କ) ସମ୍ ଚିହ୍ନ | × | | ୨ | | | ୦ | | ୩ | | |

**ତାଳ - ରୂପକ** (ଏହି ତାଳ ୭ ମାତ୍ରାବିଶିଷ୍ଟ ଅଟେ । ଏହା ୩ ଭାଗରେ ବିଭକ୍ତ । ଏଥିରେ ଗୋଟିଏ ଖାଲି(୦) ଏବଂ ଦୁଇଟି ତାଳି ଅଛି । ଏହାର ଛନ୍ଦ- ୩+୨+୨ ।

| ମାତ୍ରା | ୧ | ୨ | ୩ | ୪ | ୫ | ୬ | ୭ |
|---|---|---|---|---|---|---|---|
| ଠେକା/ବୋଲ୍ | ତି | ତି | ନା | ଧି | ନା | ଧି | ନା |
| ତାଳି/ ଖାଲି (ଫାଙ୍କ) ସମ୍ ଚିହ୍ନ | ୦ | | | ୧ | | ୨ | |

**ତାଳ - ଏକତାଳ** (ଏହି ତାଳ ୧୨ ମାତ୍ରାବିଶିଷ୍ଟ ଅଟେ । ଏହା ୬ ଭାଗରେ ବିଭକ୍ତ । ଏଥିରେ ଦୁଇଟି ଖାଲି(୦) ଏବଂ ଚାରିଗୋଟି ତାଳି ଅଛି । ଏହାର ଛନ୍ଦ- ୨+୨+୨+୨+୨+୨ ।

| ମାତ୍ରା | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
|---|---|---|---|---|---|---|---|---|---|---|---|---|
| ଠେକା/ବୋଲ୍ | ଧିନ୍ | ଧିନ୍ | ଧାକେ | ତିରକିଟ | ତୁ | ନା | କତ୍ | ତା | ଧାଗେ | ତିରକିଟ | ଧି | ନା |
| ତାଳି/ ଖାଲି (ଫାଙ୍କ) ସମ୍ ଚିହ୍ନ | × | | ୦ | | ୨ | | ୦ | | ୩ | | ୪ | |

## ରାଗ:

ହିନ୍ଦୁସ୍ତାନୀ ସଙ୍ଗୀତ ପଦ୍ଧତିରେ ବ୍ୟବହାର କରାଯାଉଥିବା ୧୨ ଗୋଟି ସ୍ୱରକୁ ତୁମମାନେ ମନେରଖିଛ କି ?

ତନ୍ମଧ୍ୟରୁ ସାତଗୋଟି ଶୁଦ୍ଧ ସ୍ୱର ଯଥା- ସା ରେ ଗା ମା ପା ଧା ନି

ଚାରିଗୋଟି କୋମଳ ସ୍ୱର ଯଥା- ର଼ ଗ଼ ଧା଼ ନି଼ (ନିମ୍ନରେ ଦିଆଯାଇଥିବା ରେଖା ଚିହ୍ନ କୋମଳ ସ୍ୱରକୁ ଚିହ୍ନଟ କରେ)

ଗୋଟିଏ ତୀବ୍ର ସ୍ୱର - ମାଁ (ସ୍ୱର ଉପରେ ଏକ ଭୂଲମ୍ବ ରେଖା ଚିହ୍ନ)



**ସମୟ ଚକ୍ର (ହିନ୍ଦୁସ୍ତାନୀ ସଙ୍ଗୀତରେ ସମୟ ଚକ୍ର ଓ ତାହାର ତଥ୍ୟ)**

ଶାସ୍ତ୍ରୀୟ ସଙ୍ଗୀତ ହେଉଛି ଏକ 'ଧରୋହର', ଯାହା ଗୋଟିଏ ପିଢ଼ିରୁ ଅନ୍ୟ ଏକ ପିଢ଼ିକୁ ସ୍ଥାନାନ୍ତର ହୋଇପାରୁଥିବା ଏକ ସମ୍ପତ୍ତି ଭଳି । ସଙ୍ଗୀତରେ ବ୍ୟବହାର କରାଯାଉଥିବା ରାଗଗୁଡ଼ିକ ମନରେ ଅନେକ ଭାବନା ବା ରସ ପ୍ରକାଶ କରିଥାଏ । ତାହା ସହିତ ଭିନ୍ନ ମନୋଭାବ ଜାତ କରିଥାଏ । ହିନ୍ଦୁସ୍ତାନୀ ସଙ୍ଗୀତ ଶୈଳୀରେ ଦିନ ଓ ରାତିର ନିର୍ଦ୍ଦିଷ୍ଟ ସମୟରେ ରାଗ ଗାୟନ କରାଯାଏ । ଯେତେବେଳେ ତୁମେମାନେ ଏହାକୁ ଗାଇବ ବା ଶୁଣିବ, ତେବେ ସ୍ୱରଗୁଡ଼ିକର ଚଳନ ସେହି ସମୟ ଅନୁସାରେ ବହୁତ ପ୍ରଭାବଶାଳୀ ମନେହୁଏ । ଉଦାହରଣ ସ୍ୱରୂପ- ରାଗ ଭୈରବ ସକାଳ ସମୟରେ ଗାୟନ ପାଇଁ ନିର୍ଦ୍ଧାରିତ ହୋଇଥିବା ବେଳେ ରାଗ ଯମନ ସନ୍ଧ୍ୟା ସମୟରେ ଗାୟନ ପାଇଁ ଶାସ୍ତ୍ରରେ ସୂଚନା ରହିଛି । ରାଗ ଗାୟନର ସମୟ ଚକ୍ର ବିଷୟରେ ତୁମେମାନେ ପରବର୍ତ୍ତୀ ଶ୍ରେଣୀଗୁଡ଼ିକରେ ପଢ଼ିବା ବେଳେ ଅଧିକ ଜାଣିବ ।



https://withteachers.in/

# ରାଗ : ଭୈରବୀ

ଠାଠ୍ : ଭୈରବୀ
ଆରୋହ : ସା, ରେ, ଗା, ମା, ପା, ଧା, ନି, ସା̇
ଅବରୋହ : ସା̇, ନି, ଧା, ପା, ମା, ଗା, ରେ, ସା
ପକ୍କଡ଼ : ମା, ଗା, ସା, ରେ, ସା, ଧ଼ା, ନ଼ି, ସା
ବର୍ଜିତ ସ୍ୱର - ସମସ୍ତ ସ୍ୱର ଲାଗେ । ବର୍ଜିତ ସ୍ୱର ନାହିଁ ।

ଜାତି : ସଂପୂର୍ଣ୍ଣ
କୋମଳ ସ୍ୱର : ରେ, ଗା, ଧା, ନି
ବାଦୀ ସ୍ୱର : ମଧ୍ୟମ (ମା)
ସଂବାଦୀ ସ୍ୱର : ଷଡ଼୍ଜ (ସା)
ଗାୟନ ସମୟ : ପ୍ରାତଃ କାଳ (ବ୍ରାହ୍ମ ମୁହୂର୍ତ୍ତ)

## ରାଗ : ଭୈରବୀ ସରଗମ୍ ଗୀତ୍ (ଏକତାଲ୍)

| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
|---|---|---|---|---|---|---|---|---|---|---|---|---|
| ଠେକା/ବୋଲ୍ | ଧିନ୍ | ଧିନ୍ | ଧାଗେ | ତିରକିଟ | ତୁ | ନା | କତ୍ | ତା | ଧାଗେ | ତିରକିଟ | ଧି | ନା |
| ଚିହ୍ନ | × | | ୦ | | ୨ | | ୦ | | ୩ | | ୪ | |
| ସ୍ଥାୟୀ | ଧା | - | ପା | ଧା | ମା | ପା | ଗା | ମା | ଗା | ରେ | ସା | ନ଼ି |
| | ଧ଼ା | - | ନ଼ି | ସା | - | ରେ | ଗା | ମା | ଗା | ରେ | ସା | - |
| | ଗା | ମା | ଧା | ନି | ସା̇ | ନି | ସା̇ନି | ଧାପା | ନ ଧା | ପାମା | ଗା ରେ | ସାସା |
| | × | | ୦ | | ୨ | | ୦ | | ୩ | | | |
| ଅନ୍ତରା | ମା | ଗା | ମା | ଧା | - | ନି | ସା̇ | ନି | ସା̇ | ରେ̇ | ସା̇ | - |
| | ଧା | - | ନି | ସା̇ | - | ରେ̇ | ଗା̇ | ମା̇ | ଗା̇ | ରେ̇ | ସା̇ | - |
| | ସା̇ | - | ସା̇ | ନି | ଧା | ପା | ସା̇ନି | ଧାପା | ନି ଧା | ପାମା | ଗା ରେ | ସାସା |
| | × | | ୦ | | ୨ | | ୦ | | ୩ | | ୪ | |



https://withteachers.in/

## ରାଗ : ଭୈରବୀ - ତିନ୍‌ତାଲ (ଛୋଟା ଖୟାଲ)

**ବନ୍ଦିଶ୍ :**

ସ୍ଥାୟୀ : କୈ ସି ୟେ ଭଲାଇ ରୈ କହ୍ନାଇ
ପ ନିଆଁ ଭରତ ମୋରୀ ଗଗରୀ ଗୀରାଇ କରକେ ଲରାଇ

ଅନ୍ତରା : ସନଦ କହେ ଏସୋ ଢିଟ ଭୟୋ କହ୍ନାଇ କା
କରୁ ମାଇ ନହିଁ ମାନତ କହ୍ନାଇ କରତ ଲରାଇ... ... ...

### ରାଗ : ଭୈରବୀ - ତିନ୍‌ତାଲ

*(କ୍ରମିକ ପୁସ୍ତକ ମାଳିକା) ଭାଗ-୨*

| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
|---|---|---|---|---|---|---|---|---|---|---|---|---|---|---|---|---|
| ଠେକା/ବୋଲ୍ | ଧା | ଧିନ୍ | ଧିନ୍ | ଧା | ଧା | ଧିନ୍ | ଧିନ୍ | ଧା | ଧା | ତିନ୍ | ତିନ୍ | ତା | ତା | ଧିନ୍ | ଧିନ୍ | ଧା |
| ଚିହ୍ନ | × | | | | ୨ | | | | ୦ | | | | ୩ | | | |
| ସ୍ଥାୟୀ | | | | | | | | | | | | | ନି | ସା | ଗା | ମା |
| | | | | | | | | | | | | | କୈ | ସି | ୟେ | ଭ |
| | ଧା | - | ଧା | ପା | - | ଧା | ପା | ପା | ମା | ପା | ମା | ଧା | ପା | ମା | ଗା | ରେ |
| | ଲା | S | ଇ | ରେ | S | କ | ହ୍ନା | ଇ | ପ | ନି | ୟା | ଭ | ର | ତ | ମୋ | ରି |
| | ଗା | ପା | ଧା | ନି | ଧା | ପା | ଗା | ମା | ଗା | ରେ | ସା | ସା | | | | |
| | ଗ | ଗ | ରୀ | ଗି | ରା | ଇ | କ | ର | କେ | ଲ | ରା | ଇ | | | | |
| | × | | | | ୨ | | | | ୦ | | | | ୩ | | | |
| ଅନ୍ତରା | | | | | | | | | ଧା | ମା | ଧା | ନି | ସାଂ | - | ସାଂ | ନି |
| | | | | | | | | | ସ | ନ | ଦ | କ | ହେ | S | ଏ | ସୋ |
| | ସାଂରେଂ | ଗାଂ | ରେଂ | ଗାଂ | ସାଂ | ରେଂ | ସାଂ | ସାଂ | ଧା | - | ଧା | ଧା | ପା | ଗା | ଗା | ରେ |
| | ଢ଼ି | S | ଟ | ଭ | ୟୋ | କ | ହ୍ନା | ଇ | କା | S | କ | ରୁ | ମା | ଇ | ନ | ହିଁ |
| | ଗା | ପା | ଧା | ନି | ଧା | ପା | ଗା | ମା | ଗା | ରେ | ସା | ସା | | | | |
| | ମା | ନ | ତ | କ | ହ୍ନା | ଇ | କ | ର | ତ | ଲ | ରା | ଇ | | | | |
| | × | | | | ୨ | | | | ୦ | | | | ୩ | | | |



https://withteachers.in/

# ରାଗ : ଭୈରବୀ - ତରାନା (ତିନ୍‌ତାଲ)

**ସ୍ଥାୟୀ :** ଦିର୍ ଦିର୍ ତା ନା ଦେରେନା
ତା ନା ଦିମ୍ ତା ନା
ତା ନା ତେ ରେ ତା ନା
ନା ନା ତା ଦିମ୍ ତା ଦେରେ ନା

**ଅନ୍ତରା :** ଅଲଲି ଅଲଲି ତୋମ୍ ତାନ ଦେ ରେ ନା
ତା ଦିମ୍ ତା ଦେ ରେ ନା ତା ଦିମ୍ ତା ଦେରେ ନା
ଧା କିଟ ଧୁମ କିଟ ତା କ ଧେ ତତ୍
ସାଂନି ଧାପା ନିଧା ପାମା ଧାପା ମାଗା ରେରେ ସାସା

| | | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|---|
| ତାଳର ମାତ୍ରା ସଂଖ୍ୟା | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ଠେକା/ବୋଲ୍ | ଧା | ଧିନ୍ | ଧିନ୍ | ଧା | ଧା | ଧିନ୍ | ଧିନ୍ | ଧା | ଧା | ତିନ୍ | ତିନ୍ | ତା | ତା | ଧିନ୍ | ଧିନ୍ | ଧା |
| ଚିହ୍ନ | × | | | | ୨ | | | | ୦ | | | | ୩ | | | |
| | | | | | | | | | ନି̣ | ସା | ଗା | ମା | ପା | ଧା | ପା | - |
| ସ୍ଥାୟୀ | | | | | | | | | ଦିର୍ | ଦିର୍ | ତା | ନା | ଦେ | ରେ | ନା | S |
| | ପା | ଧା | ପା | ନି | ଧା | ମା | ଗା | - | ଗା | ପା | ମା | ଧା | ପା | ମା | ଗା | ରେ |
| | ତା | ନା | ତା | ଦି | S | ମ | ତା | ନା | ତା | ନା | ଦେ | ରେ | ତା | ନା | ନା | ନା |
| | ରେ | ଗା | ପା | ମା | ଗା | ରେ | ସା | - | | | | | | | | |
| | ତା | ଦି | ମ୍ | ତା | ଦେ | ରେ | ନା | S | | | | | | | | |
| | × | | | | ୨ | | | | ୦ | | | | ୩ | | | |
| | | | | | | | | | ଗା | ଗା | ମା | ମା | ଧା | ଧା | ନି | ଧା |
| ଅନ୍ତରା | | | | | | | | | ଅ | ଲ | ଲି | ଅ | ଲ | ଲି | ଅ | ଲ |
| | ସାଂ | ସାଂ | ସାଂ | ସାଂ | ନି | ରେଂ | ସାଂ | - | ସାଂ | ଗାଂ | ରେଂ | ଗାଂ | ସାଂ | ରେଂ | ସାଂ | - |
| | ତୋ | ମ | ତା | ନା | ଦେ | ରେ | ନା | S | ତା | ଦି | ମ୍ | ତା | ଦେ | ରେ | ନା | S |
| | ସାଂ | ଗାଂ | ରେଂ | ଗାଂ | ସାଂ | ରେଂ | ସାଂ | - | ପା | ଧା | ନି | ସାଂ | ନି | ଧା | ପା | ମା |
| | ତା | ଦି | ମ | ତା | ଦେ | ରେ | ନା | S | ଧା | କିଟ | ଧୁମ | କିଟ | ତା | କ | ଧେ | ତତ୍ |
| | ସାଂନି | ଧାପା | ନିଧା | ପାମା | ଧାପା | ମାଗା | ରେରେ | ସାସ | | | | | | | | |
| | × | | | | ୨ | | | | ୦ | | | | ୩ | | | |



https://withteachers.in/

## ଉସ୍ତାଦ ଜାକିର୍ ହୁସେନ୍ (୧୯୫୧-୨୦୨୪)

ଜାକିର ହୁସେନ୍ ଭାରତର ଜଣେ ପ୍ରସିଦ୍ଧ ତବଲା ବାଦକ ଥିଲେ । ସେ ସୁପ୍ରସିଦ୍ଧ ତବଲା ବାଦକ ଉସ୍ତାଦ୍ ଆଲ୍ଲାର୍ ଖାଁଙ୍କ ସୁପୁତ୍ର ଥିଲେ । ଜାକିର୍ ହୁସେନ୍ ଖୁବ୍ କମ୍ ବୟସରେ ତବଲା ବଜାଇବା ଆରମ୍ଭ କରିଥିଲେ । ତାଙ୍କ ପିତାଙ୍କ ଠାରୁ ସେ ଖୁବ୍ ଆପଣାର ସହିତ ତବଲା ଶିକ୍ଷା ଗ୍ରହଣ କରିଥିଲେ । ଏକଦା ତାଙ୍କ ପିତା ତାଙ୍କୁ କହିଥିଲେ "ତୁମେ ଏକ ସଙ୍ଗୀତମୟ ପରିବେଶରେ ବଢ଼ିଛ ତେଣୁ ତୁମକୁ ଅନ୍ୟ କିଛି କରିବାକୁ ପଡ଼ିବ ନାହିଁ। ସାତବର୍ଷ ବୟସରେ ସେ କନସର୍ଟ ସଙ୍ଗୀତରେ ତବଲା ବଜାଇବା ଆରମ୍ଭ କରିଥିଲେ । ଯେତେବେଳେ ତାଙ୍କୁ ବାରବର୍ଷ ହୋଇଥିଲା ସେତେବେଳେ ସେ ବିଦେଶ ଭ୍ରମଣ କରି ତବଲା ବାଦନ କରିଥିଲେ । ସେ ଭାରତର ସୁପ୍ରସିଦ୍ଧ ହିନ୍ଦୁସ୍ତାନୀ ଗାୟକ ଗାୟିକାମାନଙ୍କ ସହିତ ତବଲା ବାଦନ କରିବା ସହିତ ସୁପ୍ରସିଦ୍ଧ ସୀତାର ବାଦକ ପଣ୍ଡିତ ରବିଶଙ୍କର, ସନ୍ତୁର ବାଦକ ପଣ୍ଡିତ ଶିବକୁମାର ଶର୍ମା ଓ ବଂଶୀ ବାଦକ ପଣ୍ଡିତ ହରିପ୍ରସାଦ ଚୌରାସିଆ ଇତ୍ୟାଦିଙ୍କ ସହିତ ତବଲା ବାଦନ ମଧ୍ୟ କରିଥିଲେ । ସେ ପାଥବ୍ରେକିଙ୍ଗ୍ ୱାର୍ଲଡ଼୍ ମ୍ୟୁଜିକ୍ ବ୍ୟାଣ୍ଡ ସହିତ ନାନା ଦେଶ ବିଦେଶ ଭ୍ରମଣ କରି ବହୁ ଲୋକପ୍ରିୟତା ଅର୍ଜନ କରିଥିଲେ । ସେ ଭାରତ ସରକାରଙ୍କଠାରୁ ପଦ୍ମବିଭୂଷଣ ଏବଂ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଏବଂ ତିନିଥର ଗ୍ରାମୀ ପୁରସ୍କାର ସହିତ ଅନେକ ଓ ଅଗଣିତ ପୁରସ୍କାର ପାଇଥିଲେ ।



### କାର୍ଯ୍ୟକଳାପ ୭.୧ : ତବଲା ଓ ମର୍ଦ୍ଦଳ ବାଦନ କରିବା



ଯଦି ତୁମ ବିଦ୍ୟାଳୟରେ ତବଲା କିମ୍ବା ମର୍ଦ୍ଦଳ ବାଦନ ଶିକ୍ଷାଦେବାପାଇଁ ଶିକ୍ଷକ ଅଛନ୍ତି, ତେବେ ତାଙ୍କଠାରୁ କିଛି ସରଳ ଓ ସହଜ ଲାଗୁଥିବା ତାଳ ଶିଖିବାକୁ ଚେଷ୍ଟା କର ।

## ଗୁରୁ ବନମାଳୀ ମହାରଣା (୧୯୪୧-୨୦୧୮)

ଓଡ଼ିଶୀ ସଙ୍ଗୀତରେ ବ୍ୟବହାର କରାଯାଉଥିବା ତାଳ ବାଦ୍ୟର ନାମ ମର୍ଦ୍ଦଳ । ଓଡ଼ିଶାର ମର୍ଦ୍ଦଳ ବାଦକଙ୍କ ମଧ୍ୟରେ ଗୁରୁଶ୍ରୀ ବନମାଳୀ ମହାରଣା ଅନ୍ୟତମ । ତାଙ୍କର ଜନ୍ମସ୍ଥାନ ପୁରୀ ଜିଲ୍ଲାର ରଘୁରାଜପୁର ଗ୍ରାମ ଅଟେ । ଯେତେବେଳେ ତାଙ୍କୁ ପାଞ୍ଚ ବର୍ଷ ବୟସ, ସେ ସଙ୍ଗୀତ ପ୍ରତି ଆକୃଷ୍ଟ ହେବା ସହିତ ସଙ୍ଗୀତ ଅଧ୍ୟୟନ କରିବାକୁ ମନୋନିବେଶ କରିଥିଲେ । ସେ ପ୍ରଥମେ ଗୁରୁ ସିଂହାରୀ ଶ୍ୟାମସୁନ୍ଦର କର ଓ ଗୁରୁ କ୍ଷେତ୍ରମୋହନ କରଙ୍କ ଠାରୁ ଶିକ୍ଷାଲାଭ କରିଥିଲେ । ପଦ୍ମବିଭୂଷଣ ଗୁରୁ କେଳୁ ଚରଣ ମହାପାତ୍ରଙ୍କ ଠାରୁ ସେ ମର୍ଦ୍ଦଳ ବାଦନ ସମ୍ବନ୍ଧୀୟ ଅନେକ ଜ୍ଞାନ ଅର୍ଜନ କରିଥିଲେ । ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ମର୍ଦ୍ଦଳ ବିଭାଗର ଅଧ୍ୟାପକ ଥିବା ସମୟରେ ସେ ଅନେକ ଛାତ୍ରଛାତ୍ରୀ ସୃଷ୍ଟି କରିଛନ୍ତି, ଯେଉଁମାନେ ଆଜି ମର୍ଦ୍ଦଳ ବାଦନ କ୍ଷେତ୍ରରେ ଦେଶବିଦେଶରେ ବେଶ୍ ସୁନାମ ଅର୍ଜନ କରିଛନ୍ତି । ସେ ଆକାଶବାଣୀ ଓ ଦୂରଦର୍ଶନର ଉଚ୍ଚଶ୍ରେଣୀର କଳାକାର ଅଟନ୍ତି । ଓଡ଼ିଶୀ ନୃତ୍ୟର ମହାନ କଳାକାର ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ର, ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀ, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ଇତ୍ୟାଦିଙ୍କ ସହିତ ଆମେରିକା, ଜାପାନ, ଜର୍ମାନୀ, ଇଟାଲୀ, ଫ୍ରାନ୍ସ, ଅଷ୍ଟ୍ରେଲିଆ ଆଦି ଦେଶ ଭ୍ରମଣ କରି ନିଜ କଳା ପରିବେଷଣ କରିଛନ୍ତି । ସେ ଅନେକ ଓଡ଼ିଶୀ କଣ୍ଠଶିଳ୍ପୀମାନଙ୍କ ସହିତ ମର୍ଦ୍ଦଳ ବାଦନ ସହଯୋଗିତା କରିଛନ୍ତି । ସେମାନେ ହେଲେ- ପଦ୍ମଶ୍ରୀ ଶ୍ୟାମାମଣି ପଟ୍ଟନାୟକ, ପ୍ରଫେସର ରାମହରି ଦାସ, ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ, ଗୁରୁ ଭିକାରୀ ଚରଣ ବଳ, ପଣ୍ଡିତ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ଇତ୍ୟାଦି । ଭାରତ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ତାଙ୍କୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା । ତାହା ସହିତ ଅନେକ ସରକାରୀ ଓ ବେସରକାରୀ ରାଜ୍ୟସ୍ତରୀୟ ପୁରସ୍କାର ମଧ୍ୟ ପ୍ରାପ୍ତ ହୋଇଛନ୍ତି ।





https://withteachers.in/

## ଅଭ୍ୟାସ

୧. (କ) ତିନିତାଲରେ କେତୋଟି ବିଭାଗ ଅଛି ?

(i) ୩ (ii) ୨

(iii) ୬ (iv) ୪

(ଖ) ରୂପକ ତାଳରେ କେତୋଟି ବିଭାଗ ଅଛି ?

(i) ୬ (ii) ୨

(iii) ୩ (iv) ୪

(ଗ) ରୂପକ ତାଳର ବୋଲ୍ ହେଉଛି :

(i) ତି ତି ନା ଧି ଧି ନା

(ii) ତି ତି ନା ଧି ନା ଧି ନା

(iii) ନା ଧି ନା ଧି ନା

(iv) ନ ତିନ୍ ତିନ୍

୨. ଅଙ୍ଗ ଚିହ୍ନରୁ କର୍ଣ୍ଣାଟକୀ ତାଳ ଦର୍ଶାଅ ।

(a) I 0 I I

(b) I 0 I

(c) 0I

୩. ରାଗଗୁଡ଼ିକର ନାମଗୁଡ଼ିକୁ ଠିକ୍ କରି ଲେଖ ।

(a) ରବୀଭୈ (b) ନୟମ

(c) ମୋନାହ (d) ଙ୍କରାଣତାଭର

(e) ରଆବଶା (f) ଦୀକାମୋ

୪. ଓଡ଼ିଶୀ ସଙ୍ଗୀତରେ ରୂପକ ତାଳ କେତେ ମାତ୍ରା ?

(i) ୮ (ii) ୬

(iii) ୭ (iv) ୯

୫. ଆଦିତାଳରେ କେତୋଟି ବିଭାଗ ଅଛି ?

(i) ୩ (ii) ୪

(iii) ୫ (iv) ୬

୬. ଖମାଜ ରାଗ କେଉଁ ମେଳରେ ଅନ୍ତର୍ଭୁକ୍ତ ?

(i) ନଟ (ii) ଶ୍ରୀ

(iii) ଧନାଶ୍ରୀ (iv) ଗୌରୀ

୭. 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' କାବ୍ୟର ରଚୟିତା କିଏ ?

(i) ବନମାଳୀ ଦାସ (ii) କବିସୂର୍ଯ୍ୟ ବଳଦେବ ରଥ

(iii) ଜୟଦେବ (iv) ଗୋପାଳ କୃଷ୍ଣ





https://withteachers.in/

# ମାନନିର୍ଦ୍ଧାରଣ

| ଅଧ୍ୟାୟ ୭ : ରାଗ ଓ ତାଳ | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ରଛାତ୍ରୀ |
| 1 | 1.1 | ସଙ୍ଗୀତର ପାରିଭାଷିକ ଶବ୍ଦାବଳୀ ଧ୍ୱନି ଓ ନାଦ ବିଷୟରେ ଜାଣିବା । | | |
| 1 | 1.1 | ଓଡ଼ିଶୀ, ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ସଙ୍ଗୀତର ସ୍ୱର ବିଷୟରେ ଜାଣିବା । | | |
| 1 | 1.1 | ସଠିକ୍ ଢଙ୍ଗରେ ରାଗ ଓ ତାଳ ସହିତ ଭାରତୀୟ ସଙ୍ଗୀତର ରଚନାଗୁଡ଼ିକୁ ଗାଇବା । | | |
| 1 | 1.1 | ହିନ୍ଦୁସ୍ତାନୀ, କର୍ଣ୍ଣାଟକୀ ଓ ଓଡ଼ିଶୀ ସଙ୍ଗୀତରେ ବ୍ୟବହୃତ ତାଳ ବିଷୟରେ ମୌଳିକ ଜ୍ଞାନ ରଖିବା । | | |

### ଶିକ୍ଷକଙ୍କ ମତାମତ ଓ ଛାତ୍ରଛାତ୍ରୀଙ୍କ ପର୍ଯ୍ୟବେକ୍ଷଣ

..................................................................................................................

..................................................................................................................

..................................................................................................................

..................................................................................................................

..................................................................................................................



https://withteachers.in/

अध्याय - ୮

# ଲୋକମାନଙ୍କ ସଙ୍ଗୀତ



ଆମ ଦେଶର ସଙ୍ଗୀତରେ ଅନେକ ବିବିଧତା ଭରି ରହିଛି। ଏହା ଆମ ଦେଶରେ ପ୍ରତ୍ୟେକ ରାଜ୍ୟର ଅନନ୍ୟ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳନ କରିଥାଏ । ଏହା ଲୋକଙ୍କ ସୃଜନଶୀଳତା ଦ୍ୱାରା ପରିପୂର୍ଣ୍ଣ ହୋଇଛି । ଏହି ବିବିଧତା ଉଭୟ ଦୃଶ୍ୟକଳା, ନୃତ୍ୟ ଓ ନାଟ୍ୟକଳାରେ ମଧ୍ଯ ରହିଛି ।

ତୁମେମାନେ ଆମ ଦେଶରେ ଥିବା ବିଭିନ୍ନ ରାଜ୍ୟ ଓ ଅଞ୍ଚଳର ସଙ୍ଗୀତଗୁଡ଼ିକୁ ଶୁଣିଥିବ । ନିମ୍ନରେ ଦିଆଯାଇଥିବା ସ୍ତମ୍ଭଗୁଡ଼ିକୁ ଦେଖ ଏବଂ ଏଥିରେ ଠିକ୍ (✓) କିମ୍ବା ଭୁଲ (✗) ଚିହ୍ନରେ ଫାଙ୍କ / ଥିବା କୋଠରୀଟିକୁ ପୂର୍ଣ୍ଣ କର ।

୧. ପ୍ରତିଟି ଗୀତର ସ୍ୱର ପ୍ରାୟ ସମାନ । ☐

୨. ପ୍ରତିଟି ତାଳର ଲୟବଦ୍ଧ ସଂଯୋଜନା ଭିନ୍ନ ଭିନ୍ନ । ☐

୩. ଗୀତଗୁଡ଼ିକରେ କୌଣସି ବିଷୟବସ୍ତୁ ନାହିଁ । ☐

୪. ଗୀତଗୁଡ଼ିକ ଆମକୁ ସେହି ଅଞ୍ଚଳର ଜୀବନ ଏବଂ ପ୍ରକୃତି ବିଷୟରେ ସୂଚନା ଦେଇଥାଏ ବା କହିଥାଏ । ☐

ଲୋକର ଅର୍ଥ ହେଉଛି ଜନସାଧାରଣ । ଲୋକ ସଙ୍ଗୀତ ସାଧାରଣ ଜନଜୀବନର ଭାବନା ସହିତ ରସ ସୃଷ୍ଟି କରିଥାଏ । ତତ୍‌ସହିତ ଗୀତ ମାଧ୍ୟମରେ ପର୍ବପର୍ବାଣୀ, ରୀତିନୀତି, ପରମ୍ପରା, ବୃତ୍ତି, ବିଶ୍ୱାସ ଇତ୍ୟାଦି ବିଷୟରେ ସୂଚନା ପ୍ରଦାନ କରିଥାଏ ।




୧-ବିଲାଭେଲ୍, ୨- ସାରଙ୍ଗୀ ଏବଂ ଡ଼ମ୍ବରୁ, ୩- ଦେଶୀ ସାକ୍ସୋଫୋନ୍
୪- ଏକତାରା ଓ ଗୋପୀଯନ୍ତ୍ର, ୫- ଢ଼ୋଲ

https://withteachers.in/

# ଲୋକଗୀତ ଏବଂ ସମ୍ପ୍ରଦାୟ



ଭୂପେନ୍ ହଜାରିକା

ତଳେ ଦିଆଯାଇଥିବା ଗୀତଟିକୁ ଶୁଣ । ଏହା ଆସାମୀ ବା ଅହମିଆ ଭାଷାର ଗୀତ ଅଟେ । ଆସାମରେ ଓ ସମଗ୍ର ଭାରତରେ ଲୋକପ୍ରିୟତା ଅର୍ଜନ କରିଥିବା ବହୁ ନାଚରେ ଏହି ଗୀତ ଗାୟନ କରାଯାଇଥାଏ । ସଙ୍ଗୀତରେ ରୂପ ବା ବର୍ଗ କ'ଣ ? ତାହା ଆମେ ପୂର୍ବ ଶ୍ରେଣୀରେ ଆଲୋଚନା ଓ ଅଧ୍ୟୟନ କରିଛନ୍ତି । ସଙ୍ଗୀତରେ ଗାଇବା ବା ବାଦନ କରିବାର ଏକ ରୂପ ବା ବର୍ଗ ବୋଲି କହିଲେ ଆମେ ତାହାର ଶୈଳୀକୁ ହିଁ ବୁଝିଥାଉ ।

ଆସ ଗୀତଟିକୁ ଗାଇବା ପୂର୍ବରୁ ତା'ର ଶବ୍ଦଗୁଡ଼ିକୁ ପ୍ରଥମେ ପଢ଼ିବାକୁ ଚେଷ୍ଟା କରିବା । ଗୀତଟିକୁ ଗାଇବା ସମୟରେ ତାଳି ପକାଇବା । ଫଳରେ ତୁମେ ଗୀତରେ ବାଜୁଥିବା ତାଳ ସମ୍ବନ୍ଧରେ ବୁଝିପାରିବ ଓ ତୁମକୁ ଗୀତ ଗାଇବାରେ ସାହାଯ୍ୟ କରିବ । ତୁମେମାନେ ଠିଆହୋଇ ଗାଇବା ସମୟରେ ବିହୁ ଶୈଳୀରେ ମଧ୍ୟ ନାଚି ପାରିବ ।

### ଗୀତ : ବିହୁ ବିହୁ ଲାଗିସେ ଗାତ

***ଭୂପେନ୍ ହଜାରିକାଙ୍କ ଅହମୀୟା ଗୀତ***

ବିହୁ ବିହୁ ଲାଗିସେ ଗାତ ବିହୁ ମାରୋ ଧନ
ଉରୁ ଉରୁ କୋରିସେ ମେ ନଏପାକ ନାସୋ ଅହାନା
ସିନୁ ସିନୁ ଲାଗେ ତୋମାର ନାମକି ତୋମାର କୁଆନା
ବିହୁ ମାରୋ ଧନା ପୋକ ନାସୋ ଧନା
ନାମ କି ତୋମାର କୁଆନା ଜାନା
ଓ.... ନସନି ୟେ ନାସି ଯା
ବିହୁ ଗୀତ ଇପାକି ଗା ବିହୁ ଇପାକି ଗା
ଡିଉରୀ ମହରେ ପୋପାକି ଗଡେଲୋ
ଅହୋତୋର ତଲତେ ରୋୟ ଉଖାଲ ମଖାଲ ଲୋହାଲୋ
ନସନିୟେ ନାସି ଯାଏ ବିହୁ ଗୀତ ଇପାକି ଗାଏ ।

ଓ... ବୋହଗରେ ଅକଖୋଟେ ନାସେ
କୋରେକୋୟେ ବିଜୁରୀ ଭଲାହେରେ
ମେଘୋରେ ଆରେ ଆରେ

ଓ..... ଦାଓରେ ଜେନ ଢୋଲ ବୋଜାୟେ ତାଲେ ତାଲେ
ବୋତାଜୋକେ ବିହୁରେ ଗୀତ୍ ଗାରେ
ଓହୋଲ ପାରେ ପାରେ
ହୁର୍ ରୁନ୍‌ଝୁନ୍ ମୋଇନା ରୁନ୍ ରୁନ୍ ମୋଇନା ଗୁରୀ ଗୁରୀ ଜା ନାସ୍‌ନା



ବିହୁ ନାଚ

### ଗୀତର ସାରାଂଶ :

ଏହି ବିହୁ ଗୀତଟି ଲୋକପ୍ରିୟ ପର୍ବ "ବୋହାଗ ବିହୁ"ର ଭାବନାକୁ ନେଇ ରଚିତ ହୋଇଛି । ଗୀତଗୁଡ଼ିକ ଆନନ୍ଦ, ଉତ୍ସବ, ପ୍ରକୃତି ସହିତ ଗଭୀର ସଂପର୍କ ଏବଂ ଲୟବଦ୍ଧ ତାଳ ଓ ପରମ୍ପରାକୁ ନେଇ ଗଢ଼ି ଉଠିଛି ।



https://withteachers.in/

## କାର୍ଯ୍ୟକଳାପ ୮.୧

ଠିକ୍ ଯେପରି ତୁମେମାନେ ପୂର୍ବର ଆସାମୀ ବା ଅହମିଆ ଲୋକଗୀତ ଶିଖିଥିଲ, ସେହିପରି ବିଭିନ୍ନ ଅଞ୍ଚଳର ଲୋକଙ୍କଦ୍ୱାରା ଗାନ କରାଯାଉଥିବା ବିଭିନ୍ନ ଲୋକଗୀତ ରହିଛି । ତୁମେ ତୁମ ଅଞ୍ଚଳର କୌଣସି ଲୋକଗୀତ ଜାଣିଛ କି ?

- ତୁମ ଅଞ୍ଚଳର କୌଣସି ଲୋକଗୀତ କିମ୍ବା ଉତ୍ସବ ପାଳନର ଗୀତ ଶିଖ ।
- ଗୀତର ଆଧାର ବା ପୃଷ୍ଠଭୂମି ଏବଂ ଏହା ସମାଜରେ କେଉଁ ଉଦ୍ଦେଶ୍ୟକୁ ପୂରଣ କରୁଛି ସେ ବିଷୟରେ ଚିନ୍ତା କର ।
- ଆଞ୍ଚଳିକ ଗୀତରେ ବ୍ୟବହାର କରାଯାଉଥିବା ବାଦ୍ୟଯନ୍ତ୍ରଗୁଡ଼ିକ କ'ଣ ? ସେଗୁଡ଼ିକୁ ତାହାର ନାମ ଏବଂ ଧ୍ୱନି ସହିତ ଚିହ୍ନଟ କର ।
- ଗୀତଟିକୁ ଶ୍ରେଣୀକକ୍ଷରେ ଗାନ କର ଏବଂ ବିଦ୍ୟାଳୟ ସଭାରେ ଉପସ୍ଥାପନ କର ।
- ଗୀତରେ ଥିବା ବିଶେଷ ଉପାଦାନଗୁଡ଼ିକ ସମ୍ବନ୍ଧରେ, ଏହାକୁ ଗାଉଥିବା ଲୋକ ବା ସମ୍ପ୍ରଦାୟ ବିଷୟରେ ଏକ ଉପସ୍ଥାପନା ମଧ୍ୟ କର ।
- ଗୀତଟିକୁ ତୁମ ମୋବାଇଲ୍ ଫୋନ୍‌ରେ ରେକର୍ଡ଼ିଂ କର ଏବଂ ଏହାକୁ ତୁମ ସହପାଠୀ ବନ୍ଧୁମାନଙ୍କ ସହିତ ଆଦାନ ପ୍ରଦାନ କର ।
- ଭାରତର ଅନ୍ୟ ଏକ ଅଞ୍ଚଳରେ ପ୍ରଚଳିତ ଥିବା ସମାନ ଗୀତଟିଏ ଶୁଣ ।
- ଗୀତ ସହିତ ତାଳଦେଇ ତୁମେ ତୁମର ଅଙ୍ଗଚାଳନା କରିପାରିବ, ଯାହା ଆନନ୍ଦଦାୟକ ଅଟେ ।



ଝାଡ଼ଖଣ୍ଡର ନାଗଡ଼ା ଲୋକନୃତ୍ୟ



**ଶିକ୍ଷକଙ୍କ ପାଇଁ ସୂଚନା :** ଆପଣଙ୍କ କ୍ଲଷ୍ଟର୍‌ରେ ଥିବା ସ୍କୁଲଗୁଡ଼ିକ ଯେଉଁଦିନ ପ୍ରାୟ ପାଠ ପଢ଼ା ନଥାଏ, କେବଳ CCA Period ଥାଏ ସେହିଦିନ ଶ୍ରୀ ଭୂପେନ୍ ହଜାରିକାଙ୍କ ଦ୍ୱାର ସଂରଚିତ ହୋଇଥିବା ଅନ୍ୟ ଗୀତଗୁଡ଼ିକୁ ଶୁଣିବା ପାଇଁ ଓ ଶୁଣାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରନ୍ତୁ । ଭୂପେନ୍ ହଜାରିକା ନିଜର ସଙ୍ଗୀତ ସଂରଚନା ପାଇଁ 'ଭାରତ ରତ୍ନ' ଭଳି ଭାରତର ସର୍ବୋଚ୍ଚ ବେସାମରିକ ଉପାଧି ପାଇଛନ୍ତି । ସେ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଜଣାଅ ।



https://withteachers.in/

## ଅନନ୍ୟ କଣ୍ଠସ୍ୱର

- ତୁମ ଶ୍ରେଣୀରେ ପଢୁଥିବା ତୁମ ସାଥୀମାନଙ୍କର କଣ୍ଠସ୍ୱରକୁ ଅତି ସାବଧାନତାର ସହିତ ଶ୍ରେଣୀଗୃହରେ ଶୁଣ । ସମସ୍ତଙ୍କ କଣ୍ଠସ୍ୱର ଶୁଣିବାପରେ ତୁମମାନଙ୍କୁ ସମସ୍ତଙ୍କ କଣ୍ଠସ୍ୱର ଭିନ୍ନ ଭିନ୍ନ ଲାଗିଲା ନା ସମାନ ଶୁଣାଗଲା ? ବୋଧହୁଏ ତାହା ହୋଇ ନପାରେ ! ତୁମେମାନେ ବିଭିନ୍ନ ପ୍ରକାରର କଣ୍ଠସ୍ୱର ଶୁଣିଲ। ଏହା ଯଥାର୍ଥ ଅଟେ । କଣ୍ଠ ସ୍ୱରଗୁଡ଼ିକର ଭିନ୍ନ ଭିନ୍ନ ରୂପ ଯାହା ତୁମେମାନେ ଏହିପରି ଅନୁଭବ କରିଥିବ ଯଥା : ତୀକ୍ଷ୍ଣ ଏବଂ ସ୍ପଷ୍ଟ କଣ୍ଠସ୍ୱର, ସମୃଦ୍ଧ ଏବଂ ଗମ୍ଭୀର, କୋମଳ ଏବଂ ଶାଳୀନ କଣ୍ଠସ୍ୱର ଇତ୍ୟାଦି । ଆମେ ପ୍ରତିଦିନ ଯେପରି ବିଭିନ୍ନ ପ୍ରକାରର ଦୃଶ୍ୟ ଦେଖିଥାଉ ସେହିପରି ପ୍ରତ୍ୟେକ କଣ୍ଠସ୍ୱର ଅନନ୍ୟ ଏବଂ ସ୍ୱତନ୍ତ୍ର । ଯେପରି ଦୁଇଜଣ ବ୍ୟକ୍ତି ସମାନ ଦେଖାଯାଆନ୍ତି ନାହିଁ ସେହିପରି ଦୁଇଜଣଙ୍କ କଣ୍ଠସ୍ୱରରୁ ସମାନ ସ୍ୱର ସୃଷ୍ଟି ହୁଏ ନାହିଁ ।



- ଜଣେ ପୁରୁଷ ଓ ମହିଳାଙ୍କ ସ୍ୱର ମଧ୍ୟରେ ପାର୍ଥକ୍ୟ କାହିଁକି ରହିଛି, ତୁମେମାନେ କେବେ ଏ ବିଷୟରେ ଭାବିଛ କି ? ଆମେମାନେ ପ୍ରାୟତଃ ଧରିନେଉ ଯେ ପୁରୁଷମାନଙ୍କ କଣ୍ଠସ୍ୱରଗୁଡ଼ିକ କମ୍ ଉଚ୍ଚ ଏବଂ ମହିଳାମାନଙ୍କ କଣ୍ଠସ୍ୱରଗୁଡ଼ିକ ଅଧିକ ଉଚ୍ଚ । ତଥାପି, ଏହା ସବୁବେଳେ ସତ୍ୟ ନୁହେଁ । ଯେତେବେଳେ ତୁମେମାନେ ତୁମ ସହପାଠୀମାନଙ୍କ କଣ୍ଠସ୍ୱର ଶୁଣିବ ସେତେବେଳେ ତୁମେମାନେ ଏହାର ଏକ ସମ୍ଭାବ୍ୟ ଧାରଣା ପାଇବ ।

## କାର୍ଯ୍ୟକଳାପ : ୮.୨ ଅପାରମ୍ପରିକ ଗାୟକ ଗାୟିକାମାନେ

ଏଠାରେ କେତେକ ମହିଳା ଓ ପୁରୁଷ (ଗାୟକ /ଗାୟିକା)ମାନଙ୍କ କଣ୍ଠସ୍ୱର ସମ୍ବନ୍ଧରେ କିଛି ଉଦାହରଣ ଦିଆଯାଇଅଛି, ଯାହା ଅପାରମ୍ପରିକ ଓ ଅସାଧାରଣ । ଅନେକ ପ୍ରସିଦ୍ଧ କଳାକାର ଅଛନ୍ତି ସେମାନଙ୍କର କଣ୍ଠସ୍ୱର ଅପାରମ୍ପରିକ । ଏହି କଣ୍ଠସ୍ୱରର ଭିନ୍ନତା ସେମାନଙ୍କୁ ସମସ୍ତଙ୍କଠାରୁ ଭିନ୍ନ ଓ ସ୍ୱତନ୍ତ୍ର କରାଇଥାଏ । ଅନ୍‌ଲାଇନ୍‌ରେ ସେମାନଙ୍କର ସଙ୍ଗୀତଗୁଡ଼ିକୁ ଶୁଣିବାପାଇଁ ଚେଷ୍ଟା କରିବା ।



ଉଷା ଉଥୁପ



ତେଜାନ ବାଈ



କୁମାର ଗନ୍ଧର୍ବ



ଡି.କେ. ପଟ୍ଟାମ୍ମଲ୍



https://withteachers.in/

## ରୁଢ଼ିବାଦିତାକୁ ଭାଙ୍ଗିବା (ପ୍ରଚଳିତ ଧାରାକୁ ବଦଳାଇବା)

ବର୍ତ୍ତମାନ ଆମେ ଭିନ୍ନ ପ୍ରକାରର ଗୀତ ଗାଇବା । ଏହା ଏକ ଲୋରୀ ଗୀତ ବା ଲୁଲାବି । ଲୁଲାବି କିମ୍ବା ଲୋରୀ ଗୀତଟିକୁ ମା' ତା'ର ଛୋଟ ଛୁଆଟିକୁ ଶୋଇବାରେ ସାହାଯ୍ୟ କରିବାପାଇଁ ଗାନ କରିଥାଏ । ଏହି ଲୁଲାବି ବା ଲୋରୀ ଗୀତଟିକୁ କେବଳ ମା'ମାନେ ହିଁ ଗାଇଥା'ନ୍ତି । ତୁମ ପରିବାରର ଆଉ କେହି ଲୋକ ଛୋଟ ଶିଶୁକୁ ଶୋଇବାରେ ସାହାଯ୍ୟ କରିବାପାଇଁ ଲୋରୀ ବା ଲୁଲାବି ଗାଆନ୍ତି କି ?



### କାର୍ଯ୍ୟକଳାପ ୮.୩

- ତୁମେ ତୁମ ପରିବାରର ସଦସ୍ୟ ସଦସ୍ୟାମାନଙ୍କ ଠାରୁ ଏକ ଲୋରୀ ଗୀତ ଶିଖିବାକୁ ଚେଷ୍ଟା କର ।
- ତୁମ ଜେଜେବାପା ଓ ବାପା ଯେତେବେଳେ ଛୋଟ ପିଲା ଥିଲେ ସେତେବେଳେ ସେମାନଙ୍କର କିଛି ପସନ୍ଦର ପ୍ରିୟ ଜିନିଷ ପାଇଁ ଇଚ୍ଛା ଥିଲା କି ନାହିଁ ତାହା ପଚାରି ବୁଝ ।
- ଲୋରୀ ଗୀତର ଶବ୍ଦ ଓ ସ୍ୱରକୁ ନିର୍ଦ୍ଦିଷ୍ଟ ଭାବରେ ଲେଖ ।
- ଏଠାରେ ଜଣେ ଲୁଲାବୀର ଗୀତିକାର ଗୀତା ଦତ୍ତ ଏକ ଚଳଚ୍ଚିତ୍ରରେ ଲୁଲାବୀ ଗୀତ ଗାଇଛନ୍ତି । ସେହି ଗୀତଟି ହେଲା "ନହି କାଲି ସୋନି ଚଲି ହୱା ଧୀରେ ଆନା, ନିନ୍ଦ୍ ଭରେ ପଙ୍ଖ୍ ଲିୟେ ଝୌଲା ଝୁଲା ଜାନା ।" ଏହି ଗୀତଟିକୁ ଅନ୍‌ଲାଇନ୍‌ରୁ ଡାଉନ୍‌ଲୋଡ୍ କରି ଶୁଣ ।

### କାର୍ଯ୍ୟକଳାପ ୮.୪

- ଆସ ଏଥର ଆମେ ଏକ କବାଲି (କୱାଲି) ଗୀତ ଶୁଣିବା । ଏହି କବାଲି ଭକ୍ତି ସଙ୍ଗୀତ ଶୈଳୀର ଏକ ଭିନ୍ନ ପ୍ରକାରର ସଙ୍ଗୀତ ଯାହା ସୁଫି ଇସ୍‌ଲାମିକ୍ ପରମ୍ପରା ସହିତ ଜଡ଼ିତ । ସବୁଠାରୁ ମଜା କଥା ହେଲା କବାଲି ସଙ୍ଗୀତ କେବଳ ପୁରୁଷମାନଙ୍କ ଦ୍ୱାରା ପରିବେଷିତ ହୋଇଆସୁଥିଲା । କିନ୍ତୁ ବର୍ତ୍ତମାନ ସମୟରେ ସେହି ଧାରା ବଦଳିବାରେ ଲାଗିଛି । କେତେକ ମହିଳା କଳାକାର ମଧ୍ୟ କବାଲି ସଙ୍ଗୀତ ଗାୟନ କରି ସୁନାମ ଅର୍ଜନ କରିଛନ୍ତି । ସମୟ ସହିତ ତାଳଦେଇ ସଙ୍ଗୀତର ଧାରା କିପରି ବଦଳିପାରେ ତାହା ତୁମେ ଚିନ୍ତା କର ।
- କିଛି ସୁନାମ ଅର୍ଜନ କରିଥିବା ମହିଳା କବାଲି ଗାୟିକାଙ୍କ ମଧ୍ୟରେ ରୋଶନାରା ବେଗମ୍ ଅନ୍ୟତମ । ସେ କଲିକତାରେ ଜନ୍ମଗ୍ରହଣ କରିଥିଲେ ।
- କୌଣସି ଏକ ମହିଳା କବାଲି ଗାୟନ କରୁଥିବା ଦଳକୁ ଅନ୍‌ଲାଇନ୍‌ରେ ଖୋଜି ଶୁଣ ।
- କୌଣସି ଏକ କବାଲି ଗୀତ ଶିଖିବାକୁ ଚେଷ୍ଟା କର । ଯଦି ପାରୁଛ ସୁବିଧା ଅନୁସାରେ ରେକର୍ଡ଼ିଂରୁ କିମ୍ବା ଜଣେ କଳାକାରଙ୍କ ଠାରୁ କବାଲୀ ଗୀତ ଶିଖି ପାରିବ ।



*ରୋଶନାରା ବେଗମ୍*



https://withteachers.in/

# ସଙ୍ଗୀତରେ ମହିଳାମାନଙ୍କର ସ୍ଥାନ

## ମୀରାବାଇ

ପିଲାମାନେ ଏବେ ଆମେ ଜଣେ ଉତ୍ତମ ନାରୀ ମୀରାବାଇଙ୍କ ବିଷୟରେ କିଛି ଜାଣିବା । ସେହି ମହାନ ନାରୀ ମୀରାବାଇ ଖ୍ରୀଷ୍ଟୀୟ ୧୫ଶ ଶତାବ୍ଦୀରେ ଭଗବାନ ଶ୍ରୀକୃଷ୍ଣଙ୍କର ଜଣେ ପରମ ଭକ୍ତ ଥିଲେ। ସେ ଅନେକ ଗୀତିକବିତା ରଚନା କରିଛନ୍ତି, ଯାହା ଭଗବାନ ଶ୍ରୀକୃଷ୍ଣଙ୍କ ଉପରେ ଆଧାରିତ । ତତ୍‌ସହିତ ଶ୍ରୀରାମ, ଶ୍ରୀବିଷ୍ଣୁଙ୍କୁ ମଧ୍ୟ ତାଙ୍କ କବିତା ଓ ସଙ୍ଗୀତରେ ସେ ଆରାଧନା କରି ଭଗବାନ୍ ଶ୍ରୀକୃଷ୍ଣଙ୍କର ଦର୍ଶନ ପାଇଥିଲେ । ସେ ରାଜସ୍ଥାନର ଏକ ରାଜ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଯୁବାବସ୍ଥାରୁ ସେ ଭଗବାନ କୃଷ୍ଣଙ୍କ ପ୍ରତି ନିଜକୁ ସମର୍ପି ଦେଇଥିଲେ । ପରେ ପରେ ସେ ଦ୍ୱାରକା ଏବଂ ବୃନ୍ଦାବନ ଭଳି ଅନେକ ସ୍ଥାନକୁ ଯାଇଥିଲେ । ଯେଉଁ ଅଞ୍ଚଳଗୁଡ଼ିକ ଶ୍ରୀକୃଷ୍ଣଙ୍କ ସହିତ ଜଡ଼ିତ ଥିଲା, ସେଠାକୁ ସେ ଯାଉଥିଲେ ଓ କୃଷ୍ଣ ଭଗବାନଙ୍କୁ ପୂଜା କରୁଥିଲେ । ସେ ଜଣେ ପ୍ରସିଦ୍ଧ କବି ଥିଲେ । ତାଙ୍କଦ୍ୱାରା ଶହଶହ ଭଜନ ଶ୍ରୀକୃଷ୍ଣଙ୍କ ପ୍ରଶଂସାରେ ଲେଖାଯାଇଥିଲା । ତାଙ୍କୁ ଭାରତୀୟ ଭକ୍ତି ଆନ୍ଦୋଳନର ମହାନ ସନ୍ଥ ଭାବରେ ଗ୍ରହଣ କରାଯାଏ । ତାଙ୍କଦ୍ୱାରା ଲେଖାଯାଇଥିବା ଭଜନ ଆଜି ମଧ୍ୟ ଭାରତୀୟ ସଙ୍ଗୀତରେ ଓ ଭକ୍ତିମୂଳକ ଗାୟନ ପର୍ଯ୍ୟାୟରେ ବ୍ୟବହାର କରାଯାଉଅଛି । ତେବେ ତୁମେମାନେ ଆସ ଏକତ୍ରିତ ହୋଇ ସେହି ମହାନ ସାଧିକା ମୀରାବାଇଙ୍କର ଏକ ଭଜନ ଶିଖିବା ।



**ଗୀତ ଭଜନ - ପାୟୋଜି ମୈନେ**

**ତାଳ : କହରବା, ରାଗ : ଖମାଜ**

ପାୟୋଜୀ ମୈନେ ରାମ ରତନ ଧନ ପାୟୋ ( ୨ )
ବସ୍ତୁ ଅମୋଲିକ ଦି ମେରେ ସତଗୁରୁ,
କିରପା କର ଅପନାୟୋ
ପାୟୋଜୀ .........
ଜନମ ଜନମ କୀ ପୁଂଜି ପାଇ, ଜଗମେଁ ସଭି ଖୁମାୟୋ
ପାୟୋଜୀ.....
ମୀରେ କେ ପ୍ରଭୁ ଗୀରିଧର ନାଗର
ହରସ ହରସ ଯଶ ଗାୟୋ
ପାୟୋଜୀ...... ।



### ଗୀତର ସାରାଂଶ

ଏହି ଗୀତ ମୀରାଙ୍କର ଶ୍ରୀକୃଷ୍ଣ ଭଗବାନଙ୍କ ପ୍ରତି ଥିବା ଭକ୍ତି କଥାକୁ ସୂଚାଉଅଛି । ତାଙ୍କୁ ସବୁଠାରୁ ମୂଲ୍ୟବାନ ଜିନିଷ ମିଳିଯାଇଛି । ତାହା ସହିତ ନିଜର ଗୁରୁ ଓ ଶିକ୍ଷକଙ୍କୁ ମଧ୍ୟ ସେ ଧନ୍ୟବାଦ ଦେଇଛନ୍ତି । କାରଣ ଗୁରୁ ଓ ଶିକ୍ଷକମାନଙ୍କ ଦୟାରୁ ସେ ସବୁକିଛି ପାଇଛନ୍ତି । ଯେହେତୁ ସେ ସାଂସାରିକ ସଂପତ୍ତି ହରାଇଛନ୍ତି, ତା'ଠାରୁ ଆହୁରି ଉତ୍ତମ ଓ ଅନେକ ଜନ୍ମର ସଂପତ୍ତି ତାଙ୍କୁ ମିଳିଛି ବୋଲି ସେ କବିତା ମାଧ୍ୟମରେ କହିଛନ୍ତି । ପରେପରେ ସେ ତାଙ୍କ ପ୍ରଭୁ ଶ୍ରୀକୃଷ୍ଣ ବୋଲି କହିବା ସହିତ ଖୁସିରେ ତାଙ୍କର ଗୁଣଗାନ କରିବେ ବୋଲି କହିଛନ୍ତି ।

### କାର୍ଯ୍ୟକଳାପ ୮.୫

ଆସ ସେହିପରି ଆଉ ଜଣେ ମହାନ ସାଧିକା ଲାଲ୍ ଦେଦଙ୍କ ବିଷୟରେ କିଛି ଜାଣିବା । ଲଲେଶ୍ୱରୀ, ଯାହାଙ୍କୁ ସାଧାରଣ ଭାବରେ ଲାଲ ଦେଦ ଭାବରେ ସମସ୍ତେ ଜାଣନ୍ତି । ସେ କାଶ୍ମୀରର ଜଣେ ରହସ୍ୟମୟୀ କବି ଭାବରେ ସୁଖ୍ୟାତି ଅର୍ଜନ କରିଥିଲେ । ସେ ଅନେକ ଓ୍ୱଖ (ଛୋଟ ଛୋଟ କବିତା) ରଚନା କରିଥିଲେ, ଯାହାଙ୍କୁ ଦାର୍ଶନିକ ଅର୍ଥରେ ସମୃଦ୍ଧ ବୋଲି କୁହାଯାଏ ।

ଲାଲଦେଦଙ୍କ ବିଷୟରେ ଅଧିକ ଜାଣିବା ପାଇଁ ପାଠାଗାର କିମ୍ବା ଅନ୍‌ଲାଇନ୍ ମାଧ୍ୟମରେ ପଢ଼ିବାକୁ ଓ ଜାଣିବାକୁ ଚେଷ୍ଟା କର ।

- ସେ କେଉଁ ଶତାବ୍ଦୀରେ ବାସ କରୁଥିଲେ ?
- ସେ ଲେଖିଥିବା କବିତାଗୁଡ଼ିକ କେଉଁ ବିଷୟରେ ଥିଲା ?
- ଭାରତୀୟ ସଙ୍ଗୀତରେ କବିତା ଓ ସଙ୍ଗୀତ ପ୍ରତି ତାଙ୍କ ଅବଦାନ କ'ଣ ଥିଲା ?
- ତାଙ୍କ କବିତାର ଏକ ଅନୁବାଦ ପଢ଼ । ସେହି ବିଷୟରେ ତୁମେ କ'ଣ ଭାବୁଛ, ଆଲୋଚନା କର ।





https://withteachers.in/

# ସଙ୍ଗୀତ ଓ ସମାଜ ସଂସ୍କାର

ସଙ୍ଗୀତ ମାଧ୍ୟମରେ ସମାଜରେ ଭିନ୍ନ ଦୃଷ୍ଟିକୋଣ ଓ ଆଗ୍ରହ ପ୍ରକାଶ କରାଯାଇପାରିବ । ଅନେକ ସଙ୍ଗୀତଜ୍ଞ, କବି ସମାଜରେ ସଂସ୍କାର ଆଣିବା ପାଇଁ ସେମାନଙ୍କର ସଙ୍ଗୀତ ଓ କବିତାକୁ ବ୍ୟବହାର କରିଛନ୍ତି । ସମାଜରେ ସମାନତତା, ଏକତା ଓ ମୈତ୍ରୀ ଭାବର ପ୍ରଚାର ପ୍ରସାରରେ ସମସ୍ତଙ୍କୁ ଶାନ୍ତି ଓ ସମୃଦ୍ଧି ମିଳିପାରିବ ବୋଲି ସେମାନେ ମତ ଦେଇଛନ୍ତି ।

## ଅନ୍ନାମାଚାର୍ଯ୍ୟ



ଅନ୍ନାମାଚାର୍ଯ୍ୟ ଜଣେ ତେଲୁଗୁ ସଙ୍ଗୀତକାର ଓ ସନ୍ଥ ଭାବରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ସେ ୧୫ଶ ଶତାବ୍ଦୀରେ ତିରୁପତିରେ ଭଗବାନ ଭେଙ୍କଟେଶ୍ୱରଙ୍କ ପ୍ରଶଂସାରେ ୩୨,୦୦୦ ସଂକୀର୍ତ୍ତନ ରଚନା କରିଥିଲେ । ସେ ଛୁଆଁ ଅଛୁଆଁ (ଅସ୍ପୃଶ୍ୟ) ଭେଦଭାବ ଥିବା ସାମାଜିକ କଳଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ତାଙ୍କର ଗୀତରେ ଭାଇଚାରାର ବାର୍ତ୍ତା ପ୍ରଚାରିତ ହୋଇଥାଏ । ତାଙ୍କର ଏକ ଜଣାଶୁଣା ରଚନା "ବ୍ରହ୍ମମ୍ ଓକାଟେ" ଗୀତଟିକୁ ଆସ ମନଦେଇ ଭକ୍ତିର ସହିତ ଗାଇବା । ପ୍ରଥମେ ସେହି ଗୀତଟିକୁ ଅନ୍‌ଲାଇନ୍‌ରେ ଦେଖ ଓ ଶୁଣ । ପରେ ପରେ ସମସ୍ତେ ମିଶି ଗାଅ । ଆସ ଗୀତର ସାରାଂଶଟିକୁ ପ୍ରଥମେ ବୁଝିବା । ସେ ଏହି ଗୀତ ମାଧ୍ୟମରେ କହିଛନ୍ତି ଯେ ଈଶ୍ୱର ହେଉଛନ୍ତି ଏକ । ସେ କୌଣସି ଉଚ୍ଚ ନୀଚ ଭେଦଭାବ ସୃଷ୍ଟି କରିନାହାନ୍ତି । କାରଣ ଭଗବାନ ସମସ୍ତ ପ୍ରାଣୀ ଓ ଜୀବଜନ୍ତୁଙ୍କ ମଧ୍ୟରେ ବାସ କରନ୍ତି ।

## (ଶୂଦ୍ରମୁନି) ଆଦିକବି ସାରଳା ଦାସ

ତୁମେମାନେ ଆମ ମାଟିର ଆଦିକବି ସାରଳା ଦାସଙ୍କ ବିଷୟରେ ଜାଣିଛ କି ? ସେ ପଞ୍ଚଦଶ ଶତାବ୍ଦୀରେ ଓଡ଼ିଶାର ଜଗତ୍‌ସିଂହପୁର ଜିଲ୍ଲାର ତେନ୍ତୁଳିପଡ଼ାଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଜନ୍ମ ପୂର୍ବରୁ ଓଡ଼ିଶାର ସବୁଠାରେ ସଂସ୍କୃତ ଭାଷାରେ ପୁରାଣ ଓ ଧର୍ମ ବିଷୟରେ ଆଲୋଚନା ହେଉଥିଲା । ଓଡ଼ିଶାର ପୁରପଲ୍ଲୀରେ ରହୁଥିବା ସାଧାରଣ ଲୋକମାନେ ତାହା ବୁଝି ପାରୁନଥିଲେ । ତାହା ତାଙ୍କୁ ବହୁତ ଆଘାତ ଦେଇଥିଲା । ପରେ ପରେ ସେ ଓଡ଼ିଆ ଭାଷାରେ ମହାଭାରତ, ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ ଓ ଲକ୍ଷ୍ମୀ ନାରାୟଣ ବଚନିକା ଇତ୍ୟାଦି ରଚନା କରି ଆମ ଓଡ଼ିଆ ସାହିତ୍ୟର ମୂଳଦୁଆ ପକାଇଲେ । ତେଣୁ ତାଙ୍କୁ ଆଦିକବି ସାରଳା ଦାସ ଭାବରେ ଆମେ ଜାଣିଛେ । ସେ ଆମ ଓଡ଼ିଆ ଭାଷାର ସୁରକ୍ଷା କରିବା ସହିତ ତାଙ୍କ ରଚନା ମାଧ୍ୟମରେ ଓଡ଼ିଶାର ସାମାଜିକ, ଆଧ୍ୟାତ୍ମିକ, ଐତିହାସିକ ଓ ସାଂସ୍କୃତିକ ଜୀବନରେ ଥିବା ନାନା କୁସଂସ୍କାରକୁ ସୁଧାରିବା ପାଇଁ ଚେଷ୍ଟା କରିଥିଲେ । ଆମ ଓଡ଼ିଆମାନଙ୍କର ପ୍ରାଣର ଦେବତା ଶ୍ରୀଜଗନ୍ନାଥଙ୍କ ପାଇଁ ସେ ରଚନା କରିଥିବା ଏକ ଭଜନ ଏଠାରେ ଦିଆଗଲା । ଆସ ସମସ୍ତେ ଏକାଠି ହୋଇ ତାହା ଗାନ କରିବା ।



ଗୀତ ଭଜନ - ଜୟ ନୀଳାଚଳ ନାଥ
ରାଗ : ଭୈରବୀ　　ତାଳ : ଆଡ଼ତାଳି
ସ୍ୱର ସଂଯୋଜନା : ଗୁରୁ ଡ. ଧୀରଜ କୁମାର ମହାପାତ୍ର

ଜୟ ନୀଳାଚଳ ନାଥ ଅଗତି ତାରଣ,
ଜୟ ରମାପତି ପ୍ରଭୁ ମାନ ଉଦ୍ଧାରଣ ।
ଆହେ କଳାକାର ମୁଖ ପାଣ୍ଡବ ରକ୍ଷକ,
ସେ ମୁଖ ଦର୍ଶନେ ପାପ ନରହଇ ପାଖ ।
ବଡ଼ ଦେଉଳେ ବସିଛ ହୋଇ ବଜ୍ରସେହ୍ନା,
ପତିତ ପାବନ ବୋଲି ଉଡ଼ାଉଛ ବାନା ।
ମୁଁ ପତିତ ମୋ ଗୁହାରୀ ଶ୍ରବଣେ ଅକ୍ଷମ,
ଅଜାମିଳଠାରୁ ମୁଁ କି ଅଟଇ ଅଧମ ?
ତାହାକୁ ତାରିଲ ପ୍ରଭୁ କଟାକ୍ଷ ମାତ୍ରରେ,
ସେହିପରି ଦୃଷ୍ଟିପଡୁ ମୋ' ଉପରେ ଥରେ ।

ବାଟ ଖରଚକୁ ମୋର କିଛି ନାହିଁ ଧନ,
ତୁମେ ହିଁ ସମ୍ବଳ ମୋର ରଙ୍କର ରତନ ।
ଅଶଚାଶ ବେଳକୁ ଭରସା କେହି ନାହିଁ,
ତୁମ୍ଭେ ଉଦ୍ଧାରନ୍ତା ଅଟ ପ୍ରଭୁ ଭାବଗ୍ରାହୀ ।
ଇଚ୍ଛାମୟ ହରି ତୁମ ମହିମା ଅସୀମ,
ଦୂରଗଛ କରିପାର ଭୟଙ୍କର ଦ୍ରୁମ ।
ତୁମର କୃପାରେ ପଙ୍ଗୁ ଲଙ୍ଘିପାରେ ଗିରି,
ତୁମର ବଳେ କପିଏ ଗଲେ ସିନ୍ଧୁ ତରି ।
ତୁମ୍ଭ ମହିମା ବର୍ଣ୍ଣନେ ଅଛି କି ଶକତି,
ସାରଳା ଦାସ ମାଗଇ ହେ ପ୍ରଭୁ ମୁକତି ।



https://withteachers.in/

## ପଞ୍ଚସଖା



ପଞ୍ଚଦଶ ଶତାବ୍ଦୀର ସାରଳା ଦାସଙ୍କ ପରେ ପରେ ଓଡ଼ିଆ ଭକ୍ତି ସଙ୍ଗୀତ ଓ ସାହିତ୍ୟର ଧାରାକୁ ପଞ୍ଚସଖା ଭାବେ ପରିଚିତ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଶିଶୁ ଅନନ୍ତ ଦାସ ଇତ୍ୟାଦି ମହାପୁରୁଷମାନେ ଆଗକୁ ନେଇଥିଲେ ।

ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ନାରୀ ଧର୍ମ ସମ୍ପର୍କରେ ସୂଚନା ଦେବା ସହିତ ମହାପ୍ରଭୁ ଜଗନ୍ନାଥ ଏବଂ ମା' ଲକ୍ଷ୍ମୀଙ୍କ ମାଧ୍ୟମରେ ସେ ସମୟରେ ଥିବା ଜାତିପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ତା' ସହିତ ନାରୀ ଓ ପୁରୁଷମାନଙ୍କୁ ସମାନ ଅଧିକାର ପ୍ରଦାନ କରିଥିଲେ ।

ଜଗନ୍ନାଥ ଦାସଙ୍କ ଭାଗବତ ମଧ୍ୟ ଆମ ଓଡ଼ିଶାର ସାମାଜିକ, ସାଂସ୍କୃତିକ ଚେତନାକୁ ସୁନ୍ଦର ପଥ ପ୍ରଦାନ କରିଛି ।

ଅଚ୍ୟୁତାନନ୍ଦ, ଯଶୋବନ୍ତ ଓ ଶିଶୁ ଅନନ୍ତଙ୍କ ଅନେକ ରଚନା ଆମ ମଣିଷ ଜୀବନକୁ ସଠିକ୍ ମାର୍ଗ ପ୍ରଦାନ କରିବା ସହିତ ଭଗବାନଙ୍କୁ ଭକ୍ତି କରି ତାଙ୍କର ପରମ କୃପା ଲାଭ କରିବାର ସହଜ ଉପାୟ ପ୍ରଦାନ କରିଛନ୍ତି । ପଞ୍ଚସଖାଙ୍କର କିଛି ସଙ୍ଗୀତ ଅନ୍‌ଲାଇନ୍‌ରୁ ଶୁଣି ଗାଅ ।



**ଶିକ୍ଷକଙ୍କ ପାଇଁ ସୂଚନା :** ଏହି ଗୀତଟିର ଭାବାର୍ଥ ଅତି ସରଳ ଭାବରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇବା ସହିତ ରାଗ-ଭୈରବୀ ଓ ଆଡ଼ତାଳୀ ତାଳ ସମ୍ବନ୍ଧରେ ଉତ୍ତମ ଜ୍ଞାନ ପ୍ରଦାନ କରିବେ । ଅନ୍‌ଲାଇନ୍‌ରୁ ଗୀତଟିକୁ ଶୁଣିବେ ।

## ଯବନ କବି ସାଲବେଗ

ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ଯବନ କବି ସାଲବେଗ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଯବନ ଲାଲବେଗ । ସେ ମୁସଲମାନ ଥିଲେ ଓ ମାତା ହିନ୍ଦୁ ବ୍ରାହ୍ମଣୀ । ଏକଦା ସାଲବେଗ ବହୁତ ବଡ଼ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଲେ । ଏ ଅବସ୍ଥାରେ ତାଙ୍କ ମାତା ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କଲେ । ରୋଗାକ୍ରାନ୍ତ ପୁଅର ଖରାପ ଅବସ୍ଥାରେ ସେ ଅତି ବ୍ୟତିବ୍ୟସ୍ତ ହୋଇ କାଳିଆ ସାଆନ୍ତାଙ୍କୁ ଡାକିବା ପରେ ସେ ତାଙ୍କୁ ବାଳମୁକୁନ୍ଦ ରୂପରେ ସ୍ୱପ୍ନରେ ଦର୍ଶନ ଦେଲେ । ପରେ ପରେ ସାଲବେଗ ରୋଗମୁକ୍ତ ହେଲେ ଓ ସଂସାର ଛାଡ଼ି ସନ୍ନ୍ୟାସୀ ହେଲେ ।

ତୁମେମାନେ ଆମ କାଳିଆ ଠାକୁରଙ୍କ ମହିମା ବିଷୟରେ ଅନେକ କଥା ଶୁଣିଥିବ । ତାଙ୍କ ପାଖରେ ଜାତି, ଧର୍ମ ଓ ବର୍ଣ୍ଣ ମଧ୍ୟରେ କୌଣସି ଭେଦଭାବ ନାହିଁ । ତେଣୁ ଯବନ କବି ସାଲବେଗ ତାଙ୍କ ମହିମାକୁ ପ୍ରଚାର ପ୍ରସାର କରିବା ପାଇଁ ଅନେକ ଭଜନ, ଜଣାଣ ଇତ୍ୟାଦି ରଚନା କରିଛନ୍ତି । "ଆହେ ନୀଳ ଶଇଳ" ଗୀତଟି ତୁମେ ପୂର୍ବ ଶ୍ରେଣୀରେ ଶିଖିଛ । ଆସ ତାଙ୍କଦ୍ୱାରା ଲେଖାଯାଇଥିବା ଆଉ ଏକ ଜଗନ୍ନାଥ ଭଜନ ଶିଖିବା ।

**ଗୀତ - ଜଗବନ୍ଧୁ ହେ ଗୋସାଇଁ**

**ତାଳ : ଏକତାଳି**



ଜଗବନ୍ଧୁ ହେ ଗୋସାଇଁ<br>
ତୁମ୍ଭ ଶ୍ରୀଚରଣ ବିନୁ ଅନ୍ୟ ଗତି ନାହିଁ ।। ୦ ।।<br>
ସାତଶ ପଞ୍ଚାଶ କୋଶ ଚାଲି ନ ପାରଇ<br>
ମୋହ ଥିବା ଯାଏ ନନ୍ଦିଘୋଷେ ଥିବ ରହି ।। ୧ ।।<br>
ରଥ ଚାରିପାଶେ ଲମ୍ବେ ମୁକୁତାର ଝରା<br>
ଝଲଝଲ ଦିଶୁଥାଇ ପ୍ରଭୁ ଚକାଡୋଳା ।। ୨ ।।<br>
ବାଇଶି ପାବଚ୍ଛ ତଳେ ବିକାହୁଏ ଭାତ<br>
ଦର୍ଶନ ତେଣିକି ଥାଉ କୈବଲ୍ୟ ମୁକତ ।। ୩ ।।<br>
ଆଗେ ଚଳେ ବଳଭଦ୍ର ମଧ୍ୟେ ଚାନ୍ଦମୁହିଁରେ<br>
ଆସୁଛି କାଳିଆ ପଛେ ଗହଳ ଲଗାଇରେ ।। ୪ ।।<br>
କହେ ସାଲବେଗ ହୀନ ଜାତିରେ ଯବନ<br>
ଏହି ମତେ ଆଜ୍ଞା ହେବ ଶିରି ବୃନ୍ଦାବନହେ ।। ୫ ।



https://withteachers.in/

## ସନ୍ଥକବି ଭୀମଭୋଇ



ଭୀମଭୋଇ ମହିମା ଧର୍ମର ମୁଖ୍ୟ ଓ ଅନ୍ୟତମ ପ୍ରଚାରକ । ସେ ୧୮୫୦ରୁ ୧୮୯୫ ମସିହା ମଧ୍ୟରେ ଓଡ଼ିଶାର ରେଢ଼ାଖୋଲ ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ଧାର୍ମିକ କବି । ସ୍ତୁତି ଚିନ୍ତାମଣି, ବ୍ରହ୍ମ ନିରୂପଣ ଗୀତ, ଭଜନମାଳା ଇତ୍ୟାଦି ତାଙ୍କର ଧର୍ମ ସାହିତ୍ୟ ରଚନାବଳୀ । ଯାହାଦ୍ୱାରା ସେ ପ୍ରତ୍ୟେକଙ୍କୁ ସେହି ଶୂନ୍ୟବ୍ରହ୍ମ ଭଗବାନଙ୍କ ଠାରେ ଶରଣାପନ୍ନ ହେବାକୁ ନିବେଦନ କରିଛନ୍ତି । ଜଣେ ମହାନ ସମାଜ ସଂସ୍କାରକ ଭାବରେ ସେ ନିଜ ରଚନା ମାଧ୍ୟମରେ ସାମାଜିକ କ୍ଲେଶ, ପାପ, ଭ୍ରଷ୍ଟାଚାର ଓ ଅବିଦ୍ୟାର ଦୂରୀକରଣ ପାଇଁ ସ୍ୱପ୍ନ ଦେଖିଛନ୍ତି । ତାଙ୍କ ଦ୍ୱାର ରଚିତ ହୋଇଥିବା ଏହି ପଂକ୍ତିଟି ମିଳିତ ଜାତିସଂଘର ମୁଖ୍ୟ ଫାଟକ ନିକଟରେ ଲେଖାଯାଇଅଛି । ଯଥା :

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ,
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।"

ତୁମେମାନେ ସେହି ମହାନ୍ କବିଙ୍କର ଏକ ଗୀତ "ରୂପରେଖ ନାହିଁ ହେ ଶୂନ୍ୟଦେହି" ଅନ୍‌ଲାଇନ୍‌ରୁ ଶୁଣ ଓ ଗାନ କର ।



**ଶିକ୍ଷକଙ୍କ ପାଇଁ ସୂଚନା :** ଛାତ୍ରଛାତ୍ରୀମାନଙ୍କୁ ଉଲ୍ଲିଖିତ ହୋଇଥିବା ଗୀତ ଓ କବିମାନଙ୍କର ଓଡ଼ିଆ ସମାଜକୁ ଅବଦାନ ସମ୍ବନ୍ଧରେ ବୁଝେଇବା ସହିତ ଯବନ କବି ସାଲବେଗ ଓ ସନ୍ଥକବି ଭୀମଭୋଇଙ୍କ ଦ୍ୱାରା ରଚିତ ବିଭିନ୍ନ ଗୀତ ସମ୍ବନ୍ଧରେ ଆଲୋକପାତ କରିବା ସହିତ ସଙ୍ଗୀତ ଶିକ୍ଷା ପ୍ରଦାନ କରିବେ ।

### କାର୍ଯ୍ୟକଳାପ ୮.୬ : ପରିବର୍ତ୍ତନ ପାଇଁ ସ୍ୱର

- ତୁମେମାନେ ସମାଜରେ କୁସଂସ୍କାରକୁ ଦୂର କରିବାପାଇଁ ଓ ପରିବର୍ତ୍ତନ ଆଣିବା ପାଇଁ ସଙ୍ଗୀତ ଓ କବିତା ବ୍ୟବହାର କରିପାରିବ ।
- ତୁମ ବିଦ୍ୟାଳୟରେ ତୁମେ କେଉଁ ପ୍ରକାରର ପରିବର୍ତ୍ତନ ଦେଖିବାକୁ ଚାହୁଁଛ ?
- ଏହି ପରିବର୍ତ୍ତନ କାହିଁକି ଗୁରୁତ୍ୱପୂର୍ଣ୍ଣ ତାହା ଦର୍ଶାଇ ୮ ଗୋଟି ଧାଡ଼ିରେ ଗୋଟିଏ କବିତା ଲେଖ ବା ରାପ୍ ଲେଖ । ଯାହା ଅନ୍ୟମାନଙ୍କ ମନରେ ବିଶ୍ୱାସ ଓ ପ୍ରେରଣା ଯୋଗାଇବ ।

## ବିଭିନ୍ନ ଅଞ୍ଚଳର ବାଦ୍ୟଯନ୍ତ୍ର

**"ଦେଶେ ଦେଶେ ଜନାନଂ ଯଦ୍ରୁଚ୍ୟା ହୃଦୟରଞ୍ଜକମ୍ ।**
**ଗୀତଂ ଚ ବାଦନଂ ନୃତ୍ତଂ ତଦ୍ଦେଶୀତ୍ୟଭିଧୀୟତେ ।।"** (ସଙ୍ଗୀତ ରତ୍ନାକର)

ଏହାର ଭାବାର୍ଥ ହେଲା : ଭାରତର ଭିନ୍ନ ଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାରର ଲୋକ ବସବାସ କରନ୍ତି । ଲୋକମାନଙ୍କ ପସନ୍ଦ ଭିନ୍ନ ଭିନ୍ନ ପ୍ରକାର ହୋଇଥିବା ଯୋଗୁଁ ଆମ ଦେଶକୁ ସାଂସ୍କୃତିକ ବିବିଧତାର ଦେଶ ବୋଲି କୁହାଯାଇଅଛି । ଏହା ଭିନ୍ନତା ବା ବିବିଧତା, ସଙ୍ଗୀତ, ନୃତ୍ୟ ଓ ବିଭିନ୍ନ ବାଦ୍ୟଯନ୍ତ୍ର ସହିତ ଅନ୍ୟାନ୍ୟ ବିଭିନ୍ନ କଳାରୂପରେ ମଧ୍ୟ ଦେଖାଯାଇଥାଏ । ଯାହା ଆଞ୍ଚଳିକ ପରମ୍ପରା, ବିଶ୍ୱାସ ଏବଂ ଜୀବନ ଶୈଳୀ ସହିତ ପ୍ରତିଧ୍ୱନିତ ହୋଇ ନିଜକୁ ପ୍ରକାଶିତ କରିଥାଏ ।

ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ବାଦ୍ୟଯନ୍ତ୍ର ରହିଛି । ଯାହା ସେହି ଅଞ୍ଚଳର ବିଶେଷତାକୁ ପ୍ରତିପାଦିତ କରିଥାଏ ।

**ତୁମପାଇଁ ସୂଚନା :** ଏମିତି କିଛି ବାଦ୍ୟଯନ୍ତ୍ର ଅଛି ଯାହାକୁ ଦେଶର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଢଙ୍ଗରେ ବଜାଯାଏ । ସେହିପରି ଗୋଟିଏ ପ୍ରକାରର ବାଦ୍ୟଯନ୍ତ୍ରକୁ ଆମେ ବିଭିନ୍ନ ଅଞ୍ଚଳରେ ଦେଖିଥାଉ ଏବଂ ତାହାର ନାମକୁ ଭିନ୍ନ ଭିନ୍ନ ପ୍ରକାରର ଶୁଣିଥାଉ ।

### କାର୍ଯ୍ୟକଳାପ ୮.୭ :

ତୁମେ ଷଷ୍ଠ ଶ୍ରେଣୀ ପାଠ୍ୟ ପୁସ୍ତକରେ ବିଭିନ୍ନ ପ୍ରକାରର ବାଦ୍ୟଯନ୍ତ୍ର ବିଷୟରେ ପଢ଼ିଛ । ତୁମେ ପଢ଼ିଥିବା ସେହି ବାଦ୍ୟଯନ୍ତ୍ରଗୁଡ଼ିକୁ ଅନ୍‌ଲାଇନ୍‌ରେ ଖୋଜି ବାହାର କର । ଏଠାରେ ଦିଆଯାଇଥିବା ବାଦ୍ୟଯନ୍ତ୍ରଗୁଡ଼ିକ କେଉଁ ବର୍ଗର ତାହା କୋଠରୀ ମଧ୍ୟରେ ଲେଖ ଓ ତାଲିକା ପ୍ରସ୍ତୁତ କର ।

| ସଙ୍ଗୀତମୟ ବାଦ୍ୟଯନ୍ତ୍ର | ବର୍ଗ |
|---|---|
| ମହୁରୀ | |
| ନୋଡ | |
| ଦମାମାତୁ | |
| ଚିମ୍‌ଟା | |
| ତାର୍‌ପୋ | |
| ମର୍ଦ୍ଦଳ | |



https://withteachers.in/

## ★ କାର୍ଯ୍ୟକଳାପ ୮.୮

ଭାରତର ଏକ ବଡ଼ ମାନଚିତ୍ର ତିଆରି କର । ତଳେ ଦିଆଯାଇଥିବା ବିଭିନ୍ନ ସଙ୍ଗୀତ ବାଦ୍ୟଯନ୍ତର ଛବିଗୁଡ଼ିକୁ ତାହା ଯେଉଁ ଅଞ୍ଚଳରୁ ଆସିଛି ତାହାକୁ ସେଇ ମାନଚିତ୍ରରେ ଲଗାଅ ।



ମହୁରୀ
(ଛତିଶଗଡ଼)



ନୋଟ୍
(ଜମ୍ମୁ ଏବଂ କାଶ୍ମୀର)



କୋପାଙ୍ଗ
(ଲଦାଖ)



ଢୋଲକ/ଢୋଲକି
(ପଞ୍ଜାବ)



ହମାମାତୁ
(ହିମାଞ୍ଚଳ ପ୍ରଦେଶ)



ଧୁମ୍‌ସା
(ଓଡ଼ିଶା)



ନଫିର୍
(ଉତ୍ତରାଖଣ୍ଡ)



ପେପା
(ଆସାମ)



ପୁନ୍‌ଚ
(ମଣିପୁର)



ପିପାହୀ (ସାହାନାଇ ଭଳି)
(ବିହାର))



ଖୁଆଙ୍ଗ
(ମେଘାଳୟ)



ମାଦଳ
(ଓଡ଼ିଶା/ଝାଡ଼ଖଣ୍ଡ)



ଖଞ୍ଜିରା/ଖଞ୍ଜଣୀ
(ଓଡ଼ିଶା, କର୍ଣ୍ଣାଟକ)



ପଭ୍ରି
(ଦାଦ୍ରା ଏବଂ ନଗର ହାବେଳି)



ଘୁମ୍ନଟ
(ଗୋଆ)



ପେପା
(ଅରୁଣାଞ୍ଚଳ ପ୍ରଦେଶ)



ତାରପୋ
(ଡାମନ୍ ଏବଂ
ଡିଉ ଲାକ୍ଷାଦ୍ୱୀପ)



ଝାଞ୍ଜ
(ଆସାମ, ଓଡ଼ିଶା)



https://withteachers.in/

## କାର୍ଯ୍ୟକଳାପ ୮.୯ : ସଙ୍ଗୀତଜ୍ଞମାନଙ୍କୁ ଜାଣିବା

ତୁମେ ତୁମ ଅଞ୍ଚଳରେ କିମ୍ବା ଆଖପାଖରେ ଥିବା ଜଣେ ସଙ୍ଗୀତଜ୍ଞଙ୍କୁ ଖୋଜି ତାଙ୍କର ଏକ ସାକ୍ଷାତ୍କାର (Interview) ନିଅ । ତୁମେ ଯେତେବେଳେ ତାଙ୍କର ସାକ୍ଷାତ୍କାର ନେବ ସେତେବେଳେ ତାଙ୍କୁ ଯାହା ପ୍ରଶ୍ନ ପଚାରିବ ତାହାର ଏକ ନମୁନା ତଳେ ଦିଆଯାଇଅଛି । ମନେରଖ ଏହି ପ୍ରଶ୍ନଗୁଡ଼ିକ ଛଡ଼ା ତୁମେ ଚାହିଁଲେ ଅନ୍ୟକିଛି ଗଠନମୂଳକ ପ୍ରଶ୍ନ ପଚାରି ପାରିବ ।

୧. ଆପଣଙ୍କର ନାମ କ'ଣ ?
୨. ଆପଣ ପରିବେଷଣ କରୁଥିବା ସଙ୍ଗୀତ ଶୈଳୀକୁ କ'ଣ କୁହାଯାଏ ଏବଂ ଏହା କେଉଁଠାରୁ ଆସିଛି ?
୩. ଯଦି ଆପଣ କୌଣସି ବାଦ୍ୟଯନ୍ତ୍ର ବଜାନ୍ତି, ତେବେ ଆମକୁ ସେ ବିଷୟରେ ଟିକିଏ କହିପାରିବେ କି ?
୪. ଆପଣ କେବେ ସଙ୍ଗୀତ ଶିଖିବା ଆରମ୍ଭ କରିଥିଲେ ଓ କାହାଠାରୁ ଶିଖିଥିଲେ ?
୫. ସଙ୍ଗୀତ ଶିକ୍ଷା କରିବା ସମୟରେ ଆପଣ କେତେ ସମୟ ଅଭ୍ୟାସ କରୁଥିଲେ ଏବଂ ବର୍ତ୍ତମାନ କେତେ ସମୟ ଅଭ୍ୟାସ କରୁଛନ୍ତି ?
୬. ଆପଣ ଆପଣଙ୍କ ସଙ୍ଗୀତ ଶୈଳୀକୁ ସାଧାରଣତଃ କିପରି ଢଙ୍ଗରେ ପରିବେଷଣ କରିଥାନ୍ତି ?
୭. ଆପଣ ସବୁଠାରୁ ଭଲ ଭାବରେ ସଙ୍ଗୀତ ପରିବେଷଣ କରିଥିବା ସ୍ମରଣୀୟ ଦିନଟି କେମିତି ଥିଲା ଓ କାହିଁକି ଏହି ଦିନଟି ଆପଣ ସବୁଦିନ ପାଇଁ ମନେ ରଖିଛନ୍ତି ?
୮. ଏହି ଅବସରରେ ଯୁବ ସଙ୍ଗୀତଜ୍ଞମାନଙ୍କୁ ଆପଣ କ'ଣ ପରାମର୍ଶ ଦେବେ ?
୯. ଜଣେ ଚାହିଁଲେ ଏହି ଶୈଳୀର ସଙ୍ଗୀତଗୁଡ଼ିକୁ କିପରି ଶିଖି ପାରିବେ ଓ କେଉଁ ମାଧ୍ୟମରେ ଶିଖିବେ ?
୧୦. ଏ ବିଷୟରେ ଆପଣ ଆଉ କିଛି ବାର୍ତ୍ତା ଦେବାକୁ ଚାହୁଁଛନ୍ତି କି ?

ତୁମ ଅଞ୍ଚଳରେ ଥିବା ଖ୍ୟାତିସମ୍ପନ୍ନ କଳାକାରମାନଙ୍କର ଫଟୋ ସଂଗ୍ରହ କରି ତାହାକୁ ଖଞ୍ଜିରଖିବା ସହିତ ତାହାକୁ ତୁମ ବିଦ୍ୟାଳୟରେ ଥିବା ନୋଟିସ୍ ବୋର୍ଡ଼ରେ ଲଗାଅ ।





https://withteachers.in/

# ମାନନିର୍ଦ୍ଧାରଣ

| ଅଧ୍ୟାୟ ୮ : ଲୋକମାନଙ୍କର ସଙ୍ଗୀତ | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ରଛାତ୍ରୀ |
| 2 | 2.1 | ସାମାଜିକ ସଂସ୍କାରରେ ସଙ୍ଗୀତର ଭୂମିକା ବିଷୟରେ ଜାଣିବା । | | |
| 2 | 2.1 | ସଙ୍ଗୀତରେ ବିବିଧତାର ଗୁରୁତ୍ୱ ବିଷୟରେ ବୁଝିବା | | |
| 2 | 2.1 | କବିତା କିମ୍ବା ରାପ୍ ଆକାରରେ ସେମାନଙ୍କର ଚିନ୍ତାଧାରା ପ୍ରକାଶ କରିବା । | | |
| 4 | 4.1 | ସ୍ଥାନୀୟ ଲୋକଗୀତ ଗାଇପାରିବା । | | |
| 4 | 4.1 | ଜଣେ ସଙ୍ଗୀତଜ୍ଞଙ୍କ ବିଷୟରେ ସୂଚନା ଉପସ୍ଥାପନ କରିପାରିବା । | | |

## ଶିକ୍ଷକଙ୍କ ମତାମତ ଓ ଛାତ୍ରଛାତ୍ରୀଙ୍କ ପର୍ଯ୍ୟବେକ୍ଷଣ

.......................................................................................................

.......................................................................................................

.......................................................................................................

.......................................................................................................

.......................................................................................................



https://withteachers.in/

অধ্যায় - ৯

# ପରିବେଷଣ



ସଙ୍ଗୀତକୁ ସଫଳତାର ସହିତ ପରିବେଷଣ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇପାରେ । ଏହା ସହିତ ଆମକୁ ଆଉ କିଛି କଥା ମନେ ରଖିବାକୁ ହେବ ଯେ ସଙ୍ଗୀତରେ ଗୀତ ଗାଇବା ଓ ବାଦ୍ୟ ବଜାଇବା ବ୍ୟତୀତ ଆହୁରି ଅନେକ କିଛି ବିଷୟ ଅଛି, ଯାହାକୁ ଜାଣିବା ଅତ୍ୟନ୍ତ ଉପାଦେୟ ଅଟେ । ତୁମେ ମଞ୍ଚରେ ପରିବେଷଣ କରୁ ନଥିଲେ ମଧ୍ୟ ଏକ ସଫଳ ସଙ୍ଗୀତ ପରିବେଷଣ କ୍ଷେତ୍ରରେ ଯୋଗଦାନ ଦେବାପାଇଁ ତୁମକୁ ବହୁତ କିଛି କରିବାର ଅଛି ।

ଏହି ଅଧ୍ୟାୟକୁ ତିନିଗୋଟି ଭାଗରେ ବିଭକ୍ତ କରାଯାଇଅଛି, ଯାହା ତୁମମାନଙ୍କୁ ଏକ ସଫଳ ସଙ୍ଗୀତ ପରିବେଷଣ କ୍ଷେତ୍ରରେ କାର୍ଯ୍ୟ କରିବାପାଇଁ ଯଥେଷ୍ଟ ସାହାଯ୍ୟ କରିବ, ଯେପରି

(କ) ଯୋଜନା

(ଖ) ପ୍ରସ୍ତୁତି

(ଗ) କାର୍ଯ୍ୟଦକ୍ଷତା

## ଭାଗ-କ: ଯୋଜନା

ଅଧିକାଂଶ କାର୍ଯ୍ୟକଳାପ ପରି ଏକ ସଙ୍ଗୀତ ପରିବେଷଣ କ୍ରିୟାକୁ ଏକତ୍ର କରିବା ସମୟରେ ଯୋଜନା ପର୍ଯ୍ୟାୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ତୁମ ପରିବେଷଣର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ କ'ଣ କ'ଣ କରାଯିବ ସେ ବିଷୟରେ କାର୍ଯ୍ୟ କରିବା ପାଇଁ ଯୋଜନା ପର୍ଯ୍ୟାୟର ସମସ୍ତ ପଦକ୍ଷେପଗୁଡ଼ିକୁ ଅନୁସରଣ କର ।

### କାର୍ଯ୍ୟକଳାପ ୯.୧ : ଏକ ପରିବେଷଣ କ୍ରିୟାର କଳ୍ପନା କର

ତୁମେ ଯୋଜନା ପ୍ରସ୍ତୁତ କରିବା ପାଇଁ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଧ୍ୟାନ ଦିଅ :

- ଏହା କେଉଁଠାରେ ହେବ ?
- ଏହା କେବେ ହେବ ?
- କେତେ ଦିନ ହେବ ?
- ତୁମର ଦର୍ଶକ କେଉଁମାନେ ହେବେ ?
- ପରିବେଷଣରେ ତୁମର କୌଣସି ବିଷୟବସ୍ତୁ ଏବଂ ଶୀର୍ଷକ ରହିବ କି ?
- ଏହି ପରିବେଷଣ କ'ଣ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ କିମ୍ବା ଅବସର ପାଇଁ ଉଦ୍ଦିଷ୍ଟ କି ?
- ତୁମେ ଦେଖିଥିବା କୌଣସି ଏକ ପରିବେଷଣ ଯାହା ତୁମକୁ ଭଲ ଲାଗିଥିଲା, ତାହାର କିଛି ଅଂଶ ଏଥିରେ ସାମିଲ କରିବାକୁ ଚାହୁଁଛ କି ?



## କାର୍ଯ୍ୟକଳାପ ୯.୨ : ଗୀତର ଏକ ତାଲିକା ପ୍ରସ୍ତୁତ କର

ସଙ୍ଗୀତ ପରିବେଷଣ ନିମନ୍ତେ ବ୍ୟବହାର ହୋଇପାରିବା ଭଳି ଗୀତଗୁଡ଼ିକର ଏକ ତାଲିକା ତୁମ ଶିକ୍ଷକଙ୍କ ସହିତ ମିଶି ତିଆରି କର । ନିଜେ ଜାଣିଥିବା ଓ ତୁମ ପସନ୍ଦ ହେବାଭଳି ଗୀତଗୁଡ଼ିକୁ ତାଲିକାରେ ରଖ ଯାହାକୁ ସମସ୍ତେ ପରିବେଷଣ କରିବାରେ କୌଣସି ଅସୁବିଧା ହେବନାହିଁ । ଏହା ପରିବେଷଣ କ୍ଷେତ୍ରରେ ଗ୍ରହଣୀୟ ହେବ । ତୁମେମାନେ ଏହି ପୁସ୍ତକରୁ ଗୀତ ଏବଂ ପୂର୍ବରୁ ଜାଣିଥିବା ଅନ୍ୟାନ୍ୟ କେତେକ ଗୀତକୁ ବାଛି ପାରିବ ।

ନିମ୍ନରେ ଗୋଟିଏ ଗୀତ ଦିଆଯାଇଅଛି, ଯାହାକୁ ତୁମେମାନ ସ୍ୱାଗତ ସଙ୍ଗୀତ ଭାବରେ ପରିବେଷଣ କରିପାରିବ ।

### ସ୍ୱାଗତମ୍ ଶୁଭ ସ୍ୱାଗତମ୍

ସ୍ୱାଗତମ୍ ଶୁଭ ସ୍ୱାଗତମ୍
ଅଥ ସ୍ୱାଗତମ୍ ଶୁଭ ସ୍ୱାଗତମ୍ ( ୨ )
ଆନଂଦ ମଙ୍ଗଳ ମଂଗଳମ୍ ( ୨ )
ନିଥ ପ୍ରିୟମ୍ ଭାରତ ଭାରତମ୍ ( ୨ )
ଅଥ ସ୍ୱାଗତମ୍ ଶୁଭ ସ୍ୱାଗତମ୍ ( ୨ )
ନିତ୍ୟ ନିରଂତରତା ନବତା, ମାନବତା ସମତା ମମତ ( ୨ )
ସାରଥୀ ସାଥ ମନୋରଥ କା, ଜୋ ଅନିବାର ନହି ଥମତା ( ୨ )
ସଂକଳ୍ପ ଅବିଦିତ ଅଭିମତମ୍ ( ୨ )
ଆନଂଦ ମଂଗଳ ମଂଗଳମ୍( ୨ )
ନିତ ପ୍ରିୟମ୍ ଭାରତ ଭାରତମ୍ ( ୨ )
ଅଥ ସ୍ୱାଗତମ୍ ଶୁଭ ସ୍ୱାଗତମ୍ ( ୨ )
କୁସୁମିତ ନୟି କାମନାଏଁ, ସୁରଭିତ ନୟି ସାଧନାଏଁ ( ୨ )
ମୈତ୍ରୀମାତ କ୍ରୀଡ଼ାଂଗନ ମେଁ, ପ୍ରମୁଦୀତ ବଂଧୁ ଭାବନାଏଁ ( ୨ )
ଶାଶ୍ୱତ ସୁବିକଶିତ ଅତି ଶୁଭମ୍ ( ୨ )
ନିତ ପ୍ରିୟମ୍ ଭାରତ ଭାରତମ୍ ( ୨ )
ଅଥ ସ୍ୱାଗତମ୍ ଶୁଭ ସ୍ୱାଗତମ୍ ( ୨ )



### ତୁମେମାନେ ଜାଣିଛ କି ?



ସଙ୍ଗୀତ, ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକର ଏକ ଅଂଶ ଭାବରେ ନିଜକୁ ପ୍ରତିପାଦିତ କରିଆସିଛି । ୧୯୮୨ ମସିହାରେ ଏସୀୟ କ୍ରୀଡ଼ା, ଯାହା ଏକ ଆନ୍ତର୍ଜାତୀୟ କ୍ରୀଡ଼ା କାର୍ଯ୍ୟକ୍ରମ ଭାରତର ରାଜଧାନୀ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା । ପ୍ରଖ୍ୟାତ ସୀତାର ବାଦକ ପଣ୍ଡିତ ରବିଶଙ୍କର ଏହାର ସଙ୍ଗୀତ ସଂଯୋଜନା କରିଥିଲେ । ଏହି ସଙ୍ଗୀତଟିକୁ ଉଦ୍‌ଘାଟନୀ ଉତ୍ସବରେ ଗାନ କରାଯାଇଥିଲା ।



https://withteachers.in/

## କାର୍ଯ୍ୟକଳାପ ୯.୩ : ଲୋକ ସଙ୍ଗୀତ ସହିତ ସମ୍ମିଳିତ ହେବା



ନୃତ୍ୟ, ଛତିଶଗଡ଼

କଳା ପରିବେଷଣ ନିମନ୍ତେ ନିଜର ଧାରଣାକୁ ମନ ଭିତରେ ରଖିବା । ନିଜ ଅଞ୍ଚଳର ପରମ୍ପରାକୁ ଛାଡ଼ି ଅନ୍ୟ ଅଞ୍ଚଳର କୌଣସି ଲୋକଗୀତର ଏକ ଗୀତ ଖୋଜିବା । ତୁମେମାନେ ଇଣ୍ଟରନେଟ୍ ମାଧ୍ୟମରେ ଏହାର ଅନୁସନ୍ଧାନ କରିପାରିବ । ତତ୍‌ସହିତ ତୁମେ ଜାଣିଥିବା କୌଣସି ସଙ୍ଗୀତଜ୍ଞ କିମ୍ବା ସଙ୍ଗୀତ ଶିକ୍ଷକମାନଙ୍କ ଠାରୁ ମଧ୍ୟ ଏହି ସଙ୍ଗୀତଗୁଡ଼ିକୁ ପାଇପାରିବ । ତୁମେମାନେ ପୂର୍ବରୁ ଯାହା ଶିଖିଛ ତାହାକୁ ମଧ୍ୟ ବାଛିପାରିବ ।

ଉଦାହରଣ ସ୍ୱରୂପ, ଏଠାରେ ତୁମମାନଙ୍କ ପାଇଁ ଏକ ଲୋକ ଗୀତ ଶିଖିବା ପାଇଁ ଓଡ଼ିଶା ରାଜ୍ୟର କୋରାପୁଟ ଜିଲ୍ଲାରେ ଅନୁଷ୍ଠିତ ହେଉଥିବା ଚୈତ ପର୍ବର ଏକ ଗୀତ ଉପସ୍ଥାପନ କରାଗଲା ।

### ଓଡ଼ିଆ ଗୀତ

ଏଠାରେ ଦିଆଯାଇଥିବା ଓଡ଼ିଆ ଗୀତଟି ଓଡ଼ିଶାର କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ଆଦିବାସୀମାନଙ୍କଠାରୁ ଆସିଅଛି । ଚୈତ ପର୍ବ ପାଳନ ସମୟରେ ଏହାକୁ ବହୁଳ ଭାବରେ ଗାୟନ କରାଯାଏ । ଏହି ଗୀତଟି ବହୁ ଆନନ୍ଦ ଓ ଉତ୍ସାହର ସହିତ ଏକାଠି ହୋଇ ପର୍ବଟିକୁ ପାଳନ କରିବା ବିଷୟରେ ଲେଖାଯାଇଅଛି । ଯଥା :

ଯା ଲା ଯା ଲୋରି ଲାଲା ଲୋରି
ଯା ଲା ଯା ଲୋରି ଲାଲା ଲୋରି
ଲୋରି ଡାଙ୍ଗୁଡ଼ା ଲୋରି ବୁଲାଇ ଦେ
ଲୋରି ଡାଙ୍ଗୁଡ଼ା ଲୋରି ବୁଲାଇ ଦେ

ବରନେ ବରନେ ସୀତା କାନିଆଁ
ବରନେ ବରନେ ସୀତା କାନିଆଁ
ସୀତା କାନିଆ ମାଗି ଆଇଲୁ

ଲକ୍ଷିମି କାନିଆଁ ବିଭା ହରବୁ
ସୀତା କାନିଆଁ ବିଭା ହଇବୁ
ଅଛେ ବୋଇଲ ଅଛେ ବାଲା ଯା

ପୂରୁବା ନୀତି କେ ମାଗି ଅଇଲୁ
ପୂରୁବା ନୀତି କେ ମାଗି ଅଇଲୁ
ଲୋରି କେ ଲୋରି ଲା ଲା ଲୋରି
ଲୋରି କେ ଲୋରି ଲାଲା ଲୋରି

ଲୋରି କେ ଲୋରି ଲାଲା ଲୋରି
ବେଟୁ ଦାଙ୍ଗୁଡ଼ା ବେଟୁ ବୁଲାଇ ଦେ
ବରନେ ବରନେ ଲକ୍ଷମି କାନିଆଁ
ଲକ୍ଷମି କାନିଆଁ ମାଗି ଆଇଲୁ
ନାଇଁ ବଇଲେ ନାଇ ବଲାଯା

ପୂରୁବା ନୀତି କେ ବୁଲି ଅଇଲୁ ।
ପୂରୁବା ନୀତିକେ ବୁଲି ଅଇଲୁ
ଯାଲାଯା ଲୋରୀ ଲାଲା ଲୋରୀ ।
ଯାଲାଯା ଲୋରି ଲାଲା ଲୋରୀ ।



https://withteachers.in/

# ଭାଗ-ଖ: ପ୍ରସ୍ତୁତ ହେବା

## କାର୍ଯ୍ୟକଳାପ ୯.୪ : ପୂର୍ବ ଅଭ୍ୟାସ ଏବଂ ମତାମତ

- ତୁମେମାନେ ଚୟନ କରିଥିବା ଗୀତଗୁଡ଼ିକୁ ଭଲକରି ଅଭ୍ୟାସ କର ।
- ଯଦି ତୁମେମାନେ ମିଳିତ ଭାବରେ ପରିବେଷଣ କରିବାପାଇଁ ଯାଉଛ, ତେବେ ଏକାଠି ହୋଇ ତାହା ଅଭ୍ୟାସ କର । ଫଳରେ ତୁମ ପରିବେଷଣ ବହୁତ ଭଲ ହୋଇପାରିବ ।
- ପ୍ରଥମ ଅଧ୍ୟାୟରେ ତୁମେମାନେ ସଙ୍ଗୀତର ସଂଯୋଜନା ବା ସଂରଚନା କିପରି କରିବ ଶିଖିଥିଲ, ଏହାର ଅଂଶସ୍ୱରୂପ କାନୋନ ଶୈଳୀରେ ଗୀତ ଗାଇବା, ନିଜ ଦେହକୁ ବାଜା ଭାବେ ବ୍ୟବହାର କରି ଶବ୍ଦ ସୃଷ୍ଟି କରିବା ସହିତ ପରସ୍ପର ମଧ୍ୟରେ ସମନ୍ୱୟ ରଖି ଗୀତ ପରିବେଷଣ କରିବା ।
- ଯଦି ତୁମେ ଜଣେ କଣ୍ଠ ସଙ୍ଗୀତ ଶିଳ୍ପୀ, ତେବେ ତୁମେ କେଉଁ ଗୀତିକବିତା (ସାହିତ୍ୟ କଥାବସ୍ତୁ) ଗାଇବା ପାଇଁ ଯାଉଛ ତାହାର ପ୍ରତିଟି ଶବ୍ଦର ଅର୍ଥ ଓ ଏହା କେଉଁ ଭାବ ପ୍ରକାଶ କରୁଛି, ସେହି ବିଷୟ ଚିନ୍ତା କର ଏବଂ ପରିବେଷଣ କର ।
- ଯଦି ତୁମେ ଜଣେ ବାଦ୍ୟଯନ୍ତ୍ର ବାଦକ ବା ଶିଳ୍ପୀ, ତେବେ ଗୀତର ଗତି ଅନୁସାରେ ବାଦ୍ୟ ବଜାଇ ତୁମେ ଭାବ ସୃଷ୍ଟି କରିବାପାଇଁ ଚେଷ୍ଟା କର । ତତ୍‌ସହିତ ତୁମେ କେବେ କାର୍ଯ୍ୟକ୍ରମର ନେତୃତ୍ୱ ନେବା ସହିତ ଅନ୍ୟକୁ ସହାୟତା ଦେଉଛ, ସେ କଥା ପ୍ରତି ଦୃଷ୍ଟି ଦିଅ ।
- ପରିବେଷଣରେ ଯୋଗ ଦେଉଥିବା ସମସ୍ତ କଳାକାରଙ୍କ ପାଇଁ ସଙ୍ଗୀତର କିଛି କିଛି ଅଂଶ ବାହାର କର । ଦେଖିବ ପ୍ରତ୍ୟେକ କିପରି ନିଜର ଶକ୍ତି ଅନୁସାରେ ନିଜର ସଙ୍ଗୀତ ପରିବେଷଣକୁ ଉନ୍ନତ କରିବାକୁ ଚେଷ୍ଟା କରୁଛନ୍ତି । ତୁମେ ଯଦି ଏଥିରେ କୌଣସି ବାଦ୍ୟ ବଜାଉନାହଁ ତେବେ ତୁମେ ପରିବେଷଣ ସମୟରେ କରତାଳି ମାଧ୍ୟମରେ ଓ ଗୋଟିଏ ଛୋଟ ବାଡ଼ି ମାଧ୍ୟମରେ ତାଳର ମାତ୍ରା ଅନୁଯାୟୀ ତାଳପକାଇ କାର୍ଯ୍ୟକ୍ରମରେ ସହଯୋଗ କରିପାରିବ ।
- ତୁମେ ତୁମ ସାଙ୍ଗ କିମ୍ବା ଶିକ୍ଷକଙ୍କ ପାଇଁ ଯେତେବେଳେ ସଙ୍ଗୀତ ପ୍ରସ୍ତୁତ କର, ସେତେବେଳେ ନିଜର ପରିବେଷଣ କେମିତି ଲାଗିଲା ସେ ବିଷୟରେ ମତାମତ ଗ୍ରହଣ କର । ଏହାଫଳରେ ସଙ୍ଗୀତ ପରିବେଷଣ ପାଇଁ ତୁମର ଶକ୍ତି ବଢ଼ିବ ଏବଂ ତୁମେ ଯେଉଁଥିରେ ଦୁର୍ବଳ ଥିବ, ସେଥିରେ ସବଳ ହେବା ପାଇଁ ସାହାଯ୍ୟ କରିବ ଓ ଆଗକୁ ବଢ଼ିବ ।
- ତୁମେ ଯେଉଁ ମତାମତଗୁଡ଼ିକ ତୁମ ସାଥୀ, ଶିକ୍ଷକ ଓ ଦର୍ଶକମାନଙ୍କ ପାଖରୁ ପାଇଲ ତାହା ଆଧାରରେ ତୁମେ ତୁମର ଅଭ୍ୟାସ କରିବାର ଯୋଜନା ପ୍ରସ୍ତୁତ କର ।



*କଳା ଉତ୍ସବ, ଅର୍କେଷ୍ଟ୍ରା, ଆସାମ*



https://withteachers.in/

## କାର୍ଯ୍ୟକଳାପ ୯.୫ : ପ୍ରଯୋଜନା, ପ୍ରୋତ୍ସାହନ ଏବଂ ସମର୍ଥନ

ଏକ ସଫଳ ପରିବେଷଣ ନିମନ୍ତେ ଆମକୁ ଅନେକ କିଛି କାମ କରିବାକୁ ପଡ଼ିବ ।




- ତୁମେ ତୁମ ବିଷୟବସ୍ତୁ ବା ପ୍ରସଙ୍ଗ ଅନୁସାରେ ମଞ୍ଚକୁ କିପରି ଭାବରେ ସଜେଇବ ?
- ଶବ୍ଦ ଓ ଆଲୋକ ପାଇଁ ଉପକରଣର ଆବଶ୍ୟକତା ଅଛି କି ?
- ତୁମେମାନେ ଯେଉଁଠାରେ ସଙ୍ଗୀତ ପରିବେଷଣ କରିବ, ସେହି ସ୍ଥାନକୁ କିପରି ଉତ୍ତମ ଭାବରେ ବ୍ୟବହାର କରିପାରିବ ?
- ତୁମମାନଙ୍କୁ କୌଣସି ଉପକରଣର ସହାୟତା ଆବଶ୍ୟକ ଅଛି କି ?
- ମଞ୍ଚ ପରିଚାଳନା ପାଇଁ କୌଣସି ଉଦ୍‌ଘୋଷକ(Anchor)ଙ୍କର ଆବଶ୍ୟକତା ଅଛି କି ? ମନେରଖିବ ଯେ ଉଦ୍‌ଘୋଷକ ସବୁବେଳେ ମଞ୍ଚ ସାମନାରେ ବସିଥିବା ଦର୍ଶକମାନଙ୍କୁ ନିଜ କଥାଦ୍ୱାରା ଆକର୍ଷିତ କରିଥା'ନ୍ତି ।



- ଦର୍ଶକମାନଙ୍କ ନିମନ୍ତେ ଚୌକିର ଆବଶ୍ୟକତା ଅଛି କି ?
- ଏକ ସଫଳ ସଙ୍ଗୀତ ପରିବେଷଣ ନିମନ୍ତେ ଆଉ ଯାହା ଯାହା ଆବଶ୍ୟକ ତାହାର ଯୋଜନା ମୁତାବକ ପଦକ୍ଷେପ ନେବାକୁ ଚେଷ୍ଟା କର ।
- ନିଜର ପରିବେଷଣ ବିଷୟରେ ଲୋକମାନଙ୍କୁ ଜଣାଇବା ପାଇଁ କିପରି ବିଜ୍ଞାପନ ଦେବ ?



- ତୁମ ପରିବେଷଣ କାର୍ଯ୍ୟକ୍ରମର ବିଜ୍ଞାପନ ପାଇଁ ଆଖିକୁ ସୁନ୍ଦର ଦିଶିବା ଭଳି ପୋଷ୍ଟର ତିଆରି କରି ବିଦ୍ୟାଳୟ ଓ ତୁମ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା କାନ୍ଥରେ ଲଗାଇ ପାରିବ । ଏହି ପୋଷ୍ଟର କିପରି ସୁନ୍ଦର ହେବ ତାହା ତୁମେ ଦୃଶ୍ୟକଳା (Visual Art) ଶ୍ରେଣୀରୁ ଭଲକରି ଶିକ୍ଷାକର ।
- ତୁମେମାନେ ସାମାଜିକ ଗଣମାଧ୍ୟମ ଦ୍ୱାରା ତୁମର ପରିବେଷଣ କଳାକୁ ପ୍ରଚାରିତ ଓ ପ୍ରସାରିତ କରିପାରିବ । ସେଥିପାଇଁ ଏକ ସାମଗ୍ରିକ ପ୍ରସ୍ତୁତ କର ।



# ବିଭାଗ ଗ : ପରିବେଷଣ

## କାର୍ଯ୍ୟକଳାପ : ୯.୬ - ଅନ୍ତିମ ପରିବେଷଣ

ତୁମ ସଙ୍ଗୀତ ପରିବେଷଣର ଅନ୍ତିମ ଦିନରେ ତୁମେମାନ ଦର୍ଶକମାନଙ୍କୁ ନିମନ୍ତ୍ରଣ କରିବା ସହିତ ନିଜର କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କର । ପରେ ପରେ ସଙ୍ଗୀତ ପରିବେଷଣ କର । କାର୍ଯ୍ୟକ୍ରମର ଶେଷରେ ଧନ୍ୟବାଦ ଅର୍ପଣ କର । କାର୍ଯ୍ୟକ୍ରମଟିର ଭିଡ଼ିଓ ଓ ଅଡ଼ିଓ ରେକର୍ଡ଼ିଂ କରିବାକୁ ଚେଷ୍ଟା କର ।

ତୁମର ପରିବେଷଣ ଶେଷ ହେବା ପରେ କାର୍ଯ୍ୟକ୍ରମକୁ ଦେଖିଥିବା ଦର୍ଶକମାନଙ୍କଠାରୁ ମତାମତ ସଂଗ୍ରହ କର ଏବଂ ତାହା ନିଜ ଦଳ ସହିତ ଆଲୋଚନା କର ।

**ଅଭିନନ୍ଦନ ! ତୁମେମାନେ ଏବେ ଜଣେ ଯୁବ କଳାକାର !**





https://withteachers.in/

# ମାନନିର୍ଦ୍ଧାରଣ

| ଅଧ୍ୟାୟ ୯ : ପରିବେଷଣ | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ରଛାତ୍ରୀ |
| 3 | 3.1 | ଆତ୍ମବିଶ୍ୱାସ ଏବଂ ସହଯୋଗ ମନୋଭାବ ଦ୍ୱାରା ଶେଷ ପରିବେଷଣରେ ସ୍ୱେଚ୍ଛାକୃତ ଭାବରେ ଅଂଶଗ୍ରହଣ କରିବା । | | |
| 3 | 3.1 | ପରିବେଷଣ ପାଇଁ ଯୋଜନା କରିବାରେ ସକ୍ରିୟ ଭୂମିକା ଗ୍ରହଣ କରବା ସହିତ ତାହାକୁ ଚୟନ କରିବାରେ ସହାୟତା ପ୍ରଦାନ କରିବା । | | |
| 3 | 3.1 | ଅଭ୍ୟାସ ମାଧ୍ୟମରେ ପରିବେଷଣ ପାଇଁ ପ୍ରସ୍ତୁତ ହେବା । | | |
| 3 | 3.2 | ପ୍ରସ୍ତୁତିର ସମୟକୁ ଏକ ପତ୍ରିକା/ଡାଏରୀ ମାଧ୍ୟମରେ ଲେଖି ରଖିବା ଓ ତାହାର ସଂରକ୍ଷଣ କରିବା । | | |
| | | | | |

## ଶିକ୍ଷକଙ୍କ ମତାମତ ଓ ଛାତ୍ରଛାତ୍ରୀଙ୍କ ପର୍ଯ୍ୟବେକ୍ଷଣ

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................



https://withteachers.in/

# ସମାପ୍ତି ସୂଚକ ମାନନିର୍ଦ୍ଧାରଣ

| | ସମାପ୍ତ ସୂଚକ ମାନନିର୍ଦ୍ଧାରଣର ଉଦାହରଣ | ସମାପ୍ତିସୂଚକ ମାନନିର୍ଦ୍ଧାରଣ ପାଇଁ ମାନଦଣ୍ଡ |
|---|---|---|
| ବ୍ୟକ୍ତିଗତ | • ଛାତ୍ରଛାତ୍ରୀଙ୍କୁ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଧାରିତ ଗୀତଗୁଡ଼ିକୁ ବାଛି ପରିବେଷଣ କରିବାକୁ କୁହାଯିବ ।<br>• ଛାତ୍ରଛାତ୍ରୀମାନଙ୍କୁ ଏକ କାହାଣୀ ତିଆରି କରିବା ସହିତ ଏଥିରେ ଗୀତିକବିତା ଓ ସଙ୍ଗୀତ ସଂଯୋଜନା କରିବାକୁ କୁହାଯିବ ।<br>• ଛାତ୍ରଛାତ୍ରୀମାନେ ଆରୋହ, ଅବରୋହ ସହିତ ଏକ ଶାସ୍ତ୍ରୀୟ ସଙ୍ଗୀତ ତାଳବଦ୍ଧ ଭାବରେ ଗାୟନ କରିବେ । | • ଉପଯୁକ୍ତ ଭାବରେ ଗୀତ ବାଛିବା ସହିତ ତାହାକୁ ତାଳ ଓ ସ୍ୱର ଆଶ୍ରୟରେ ପ୍ରାଞ୍ଜଳ ଭାବରେ ଗାୟନ କରିବା ।<br>• ସୃଜନଶୀଳତା, ଅଭିବ୍ୟକ୍ତିତା, ସାଙ୍ଗୀତିକ ପସନ୍ଦ ଇତ୍ୟାଦିର ସାମଗ୍ରିକ ଉପସ୍ଥାପନ ।<br>• ରାଗର ସଠିକ ସ୍ୱର ଓ ନିର୍ଭୁଲ ଭାବରେ ଗାଇବାର କ୍ଷମତା । |
| ଦଳଗତ | • ଶ୍ରେଣୀଗୃହରେ ପରିବେଷଣ ନିମନ୍ତେ ପ୍ରସ୍ତୁତ ହେବ, ଯେଉଁଥିରେ କାର୍ଯ୍ୟକ୍ରମର ପ୍ରଚାର, ପ୍ରସାର ଓ ପ୍ରୋତ୍ସାହନ ସହିତ ଅନ୍ୟାନ୍ୟ ଦିଗପ୍ରତି ଦୃଷ୍ଟି ଦେବା ।<br>• ଶ୍ରେଣୀରେ ବର୍ଷସାରା ଶିଖିଥିବା ଗୀତଗୁଡ଼ିକୁ ସାମିଲ କରି ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା । | • ସୃଜନଶୀଳ ଚିନ୍ତାଧାରା, ସମନ୍ୱୟ, ଦଳଗତ କାର୍ଯ୍ୟ ଏବଂ ଉତ୍ସାହ ସୃଷ୍ଟି କରିବା କ୍ଷେତ୍ରରେ କ୍ଷମତା । |



https://withteachers.in/

## ଶିକ୍ଷକଙ୍କ ମତାମତ ଓ ଛାତ୍ରଛାତ୍ରୀଙ୍କ ପର୍ଯ୍ୟବେକ୍ଷଣ

.......................................................................................................

.......................................................................................................

.......................................................................................................

.......................................................................................................

.......................................................................................................

### ଲେଖିବା ଓ ଆଙ୍କିବା





https://withteachers.in/



# ନୃତ୍ୟ ଏବଂ ଅଙ୍ଗ ଚାଳନା



ଗୀତଂ ବାଦ୍ୟଂ ଚ୍ଚ ନୃତ୍ୟଂ ଚ୍ଚ
ତ୍ରୟଂ ସଙ୍ଗୀତ ମୁଚ୍ୟତେ

ଗୀତ ବାଦ୍ୟ ଓ ନୃତ୍ୟର ସମାହାରକୁ ସଙ୍ଗୀତ କୁହାଯାଏ ।

https://withteachers.in/

# ଶିକ୍ଷକଙ୍କ ପାଇଁ ସୂଚନା

ଶିକ୍ଷକ ପିଲାମାନଙ୍କ ଅଙ୍ଗଭଙ୍ଗୀ ପ୍ରଦର୍ଶନ ଏବଂ ନୃତ୍ୟ ପରିବେଷଣ କରିବା ପାଇଁ ଗୋଟିଏ ପ୍ରଶସ୍ତ କୋଠରୀ ସହିତ ଯଥେଷ୍ଟ ଖାଲିଥିବା ସ୍ଥାନର ବ୍ୟବସ୍ଥା କରିବେ । ସେହି ସ୍ଥାନରେ ପର୍ଯ୍ୟାପ୍ତ ମାତ୍ରାରେ ମୁକ୍ତ ବାୟୁ ଚଳାଚଳ ଏବଂ ଆବଶ୍ୟକ ମୁତାବକ ଆଲୋକ ରହିବା ଉଚିତ୍ । ପିଲାମାନଙ୍କୁ ଦିଆଯାଇଥିବା ନୀତି ନିୟମ ଗୁଡ଼ିକୁ ଗ୍ରହଣ କରିବା ପାଇଁ ଆବଶ୍ୟକ ଦକ୍ଷତା ଅନୁସାରେ ମାର୍ଗ ଦର୍ଶନ କରାନ୍ତୁ । ପିଲାମାନଙ୍କୁ ନେଇ ଦଳ ଗଠନ କରିବା ଏବଂ ଦଳଗତ ଭାବେ କାର୍ଯ୍ୟ କରିବାକୁ ଉତ୍ସାହିତ କରାନ୍ତୁ ।

### ଶୈକ୍ଷିକ ପଦ୍ଧତି

୧. ପିଲାମାନେ ସହଜ ଏବଂ କଷ୍ଟସାଧ୍ୟ ଭଙ୍ଗୀଗୁଡ଼ିକୁ ଅଭ୍ୟାସ କରିବା ସହିତ ସେଗୁଡ଼ିକର ଜ୍ୟାମିତିକ ଆକୃତି ସମ୍ପର୍କରେ ବୁଝିବାରେ ସକ୍ଷମ ହେବେ ।

୨. ଭାସ୍କର୍ଯ୍ୟ କଳା ସହିତ ପ୍ରଦର୍ଶନ କଳା ମଧ୍ୟରେ ଥିବା ଆନ୍ତଃ ସମ୍ପର୍କକୁ ବୁଝିବା, ବିଶେଷକରି ଜ୍ୟାମିତିକ ଆକୃତି ଏବଂ ଶାରୀରିକ ଅଙ୍ଗଭଙ୍ଗୀ ଦ୍ୱାରା ।

୩. ପାଦଚାଳନା ଓ ତାଳ ଉପରେ ଧ୍ୟାନଦେଇ ନୃତ୍ୟର କିଛି ମୌଳିକ ଏକକକୁ ବୁଝିବା ଏବଂ ଗାଣିତିକ କ୍ରମ ପରିବର୍ତ୍ତନ ସହ ତାଳର ପ୍ରୟୋଗକୁ ଅନୁସନ୍ଧାନ କରିବା ।

୪. ନୃତ୍ୟରେ ଲମ୍ଫ ପ୍ରଦାନ ଓ ଭ୍ରମରୀ ଭେଦ ସହିତ ପରିଚିତ କରାଇ ସେମାନଙ୍କୁ ସୁଚାରୁରୂପେ ବିଭିନ୍ନ ପ୍ରକାରର ଲମ୍ଫ ପ୍ରଦାନର ଅଭ୍ୟାସ କରାଇବା । ଏହି କାର୍ଯ୍ୟକଳାପ ପିଲାମାନଙ୍କ ପାଇଁ ଶାରୀରିକ ସୁସ୍ଥତା ରହିବା ପାଇଁ ଭାବେ ବିଶେଷ ଲାଭଦାୟକ ହେବ ।

୫. ଭାବ ପ୍ରକାଶନ : ପିଲାମାନଙ୍କୁ ସେମାନଙ୍କର ଭାବନାର ସକାରାତ୍ମକ ଏବଂ ନକରାତ୍ମକ ଉଭୟ ଭାବକୁ ପ୍ରକାଶ କରିବାକୁ ଉତ୍ସାହିତ କରାନ୍ତୁ, ଯାହାଦ୍ୱାରା ସେମାନଙ୍କର ଭାବନାର ସୁସ୍ଥତା ବୃଦ୍ଧି ପାଇବ ।

୬. ହସ୍ତମୁଦ୍ରାର ବିନିଯୋଗ ମାଧ୍ୟମରେ ଭାବର ଆଦାନ ପ୍ରଦାନ ପ୍ରତି ଧ୍ୟାନ ଦିଅନ୍ତୁ ।

୭. ଭାରତୀୟ ଶାସ୍ତ୍ରୀୟ ଏବଂ ପାରମ୍ପରିକ ନୃତ୍ୟ ଶୈଳୀ ବିଷୟରେ ପିଲାମାନେ ଶିଖିବେ। ଏହାଦ୍ୱାରା ସେମାନେ ଭାରତୀୟ ସାଂସ୍କୃତିକ ବିବିଧତାକୁ ବୁଝିପାରିବେ ।

୮. ଲିଙ୍ଗ ବିଷମତାକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ଭାବରେ ଶିକ୍ଷା ପ୍ରଦାନ କରିବା ସହିତ ଏଥିରେ ନିରପେକ୍ଷତା ଓ ବୁଝାମଣାକୁ ଗୁରୁତ୍ୱଦେବା ଜରୁରୀ, ବିଶେଷକରି ପାରମ୍ପରିକ ନୃତ୍ୟ କ୍ଷେତ୍ରରେ ଗୁରୁତ୍ୱ ବେଶ୍ ଜରୁରୀ।

୯. ସମକାଳୀନ ଭାରତୀୟ ନୃତ୍ୟର ପରିଚୟ ପ୍ରଦାନ କରିବା ସହିତ ଏହାକୁ ଆମ ପ୍ରସିଦ୍ଧ ସଂସ୍କୃତିରେ ପ୍ରୟୋଗ କରିବା, ଏଥିରେ ବ୍ୟବହାର କରାଯାଉଥିବା ଅଙ୍ଗ ଭଙ୍ଗୀ ସହିତ ସୃଜନଶୀଳତାକୁ ଅନୁସନ୍ଧାନ କରିବ ।

୧୦. ପ୍ରସିଦ୍ଧ ଭାରତୀୟ ନୃତ୍ୟ ବିଶାରଦମାନଙ୍କଠାରୁ ଶିଖିବା ଏବଂ ଗବେଷଣା କରିବା ।

୧୧. ନୃତ୍ୟ ପ୍ରସ୍ତୁତିରେ ଦଳଗତ କାର୍ଯ୍ୟ ଏବଂ ସହଯୋଗମୂଳକ ପ୍ରଚେଷ୍ଟାକୁ ଗୁରୁତ୍ୱ ଦେବା ।

୧୨. ପ୍ରକୃତିକୁ ଅନୁଶୀଳନ କରି ନୃତ୍ୟ ଅଙ୍ଗଭଙ୍ଗୀ ଚାଳନ ସହିତ ଶିଶୁର ସାମଗ୍ରିକ ବିକାଶ କ୍ଷେତ୍ରରେ ଗୁରୁତ୍ୱ ଦେବା ।

### ପାଠ୍ୟକ୍ରମର ଲକ୍ଷ୍ୟ ଓ ଦକ୍ଷତାଗୁଡ଼ିକ ନିମ୍ନରେ ଦିଆଯାଇଛି :

**CG -୧ :** ବିଭିନ୍ନ କଳା ମାଧ୍ୟମରେ ନିଜର ଭାବନାକୁ ପରିପ୍ରକାଶ କରିବା ଦ୍ୱାରା ପିଲାଟିର ଏବଂ ଖୋଲା ମନୋଭାବ ବିକଶିତ ହେବ ।

**CG -୧.୧ :** ବିଭିନ୍ନ ନୃତ୍ୟ ଓ ଶରୀରର ଅଙ୍ଗଭଙ୍ଗୀ ଚାଳନା ମାଧ୍ୟମରେ ସେମାନେ ତାଙ୍କର ଦୈନନ୍ଦିନ ଜୀବନରୁ ପାଇଥିବା ଅଭିଜ୍ଞତାକୁ ଆତ୍ମବିଶ୍ୱାସ ସହ ପରିପ୍ରକାଶ କରିପାରିବେ ।

**CG -୧.୨ :** ନୃତ୍ୟ ଏବଂ ଶରୀରର ଅଙ୍ଗଭଙ୍ଗୀ ଚାଳନାର ଅଭ୍ୟାସକୁ ସହଜ ପ୍ରକ୍ରିୟା ଦ୍ୱାରା ବିକଶିତ କରିପାରିବେ ।

https://withteachers.in/

**CG -୨ :** କଳା ମାଧ୍ୟମରେ ବିକଳ୍ପ ଚିନ୍ତାଧାରାକୁ ଅନୁଧ୍ୟାନ କରି ସେଥିରେ ନିଜର ସୃଜନଶୀଳତାର ପ୍ରୟୋଗ କରିପାରିବେ ।

**CG -୨.୧ :** ଜଣେ ବ୍ୟକ୍ତି ତା'ର ଭାବ, ରସ କଳ୍ପନାଶକ୍ତିକୁ ନୃତ୍ୟର ଅଙ୍ଗ ଚାଳନା, ଭଙ୍ଗୀ, ମୁଦ୍ରା ସହିତ ଯୋଡ଼ିପାରିବେ ।

**CG -୨.୨ :** ଯେତେବେଳେ ତୁମେ ମଞ୍ଚରେ ନୃତ୍ୟ କିମ୍ବା ଶରୀରର ଚାଳନା କୌଶଳକୁ ପ୍ରଦର୍ଶନ କରୁଛ ସେତେବେଳେ ମଞ୍ଚରେ ଥିବା ଉପକରଣ, ନୃତ୍ୟରେ ବ୍ୟବହୃତ ବସ୍ତୁ ଏବଂ ବେଶଭୂଷାଗୁଡ଼ିକର ଯତ୍ନ ନେବା ସହିତ ମଞ୍ଚରେ ଶୃଙ୍ଖଳା ପ୍ରଦର୍ଶନ କରିବେ ।

**CG - ୩ :** କଳାତ୍ମକ ଉପାଦାନ, ପ୍ରକ୍ରିୟା ଏବଂ କୌଶଳକୁ ବୁଝ ଏବଂ ପ୍ରୟୋଗ କର ।

**CG -୩.୧ :** ମଞ୍ଚ ପ୍ରଦର୍ଶନ କର, ମଞ୍ଚ ଉପକରଣ, ପ୍ରପ୍ସ ଏବଂ ପୋଷାକର ଯତ୍ନ ନିଅ; ଏବଂ ନୃତ୍ୟ ଗତି କୌଶଳ ବ୍ୟବହାର କରିବା ସମୟରେ ସୁଚିନ୍ତିତ ନିଷ୍ପତ୍ତି ନିଅ ।

**CG -୩.୨ :** ପରିବେଷଣ ପ୍ରସ୍ତୁତିରେ ଆରମ୍ଭ କରି ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ନୃତ୍ୟରେ ବ୍ୟବହୃତ ଅଙ୍ଗଚାଳନା, ଭଙ୍ଗୀ ଓ ଭାବଗୁଡ଼ିକର ପୁନଃ ଅଭ୍ୟାସ କରି ସମଗ୍ର ପ୍ରକ୍ରିୟାର ସମୀକ୍ଷା କରିପାରିବେ ।

**CG -୪ :** ଆଞ୍ଚଳିକ କଳା ଏବଂ ସଂସ୍କୃତିର ଅଭ୍ୟାସରେ ବିଭିନ୍ନ ସୌନ୍ଦର୍ଯ୍ୟ ସମ୍ବେଦନାଶୀଳତା ସହିତ ନିଜକୁ ପରିଚିତ କରିପାରିବେ ।

**CG -୪.୧ :** ବିଭିନ୍ନ ଲୋକନୃତ୍ୟ ଏବଂ ଆଞ୍ଚଳିକ ନୃତ୍ୟ ପ୍ରଦର୍ଶନରେ ଶରୀର ଅଙ୍ଗ ଚାଳନାର ସମାନତାକୁ ଜାଣିପାରିବେ ।

**CG -୪.୨ :** କିଛି ସ୍ଥାନୀୟ ନୃତ୍ୟଶିକ୍ଷୀଙ୍କ ଜୀବନୀ ଏବଂ କାର୍ଯ୍ୟଶୈଳୀଗୁଡ଼ିକ ବର୍ଣ୍ଣନା କର; ଯାହା ସମଗ୍ର ଭାରତବର୍ଷ ଓ ଆଞ୍ଚଳିକ ନୃତ୍ୟଶିକ୍ଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ।



https://withteachers.in/

অধ্যায় - ୧୦

# ନୃତ୍ୟ ଏବଂ ଭାସ୍କର୍ଯ୍ୟ କଳା



## ଭାସ୍କର୍ଯ୍ୟ କଳାରେ ନୃତ୍ୟଭଙ୍ଗୀ

ବିଷ୍ଣୁଧର୍ମୋତ୍ତର ପୁରାଣ ବିଭିନ୍ନ କଳା ବିଧି ଶୈଳୀ ମଧ୍ୟରେ ଅନ୍ତଃ ସମ୍ବନ୍ଧ ଏବଂ ପରସ୍ପର ନିର୍ଭରଶୀଳତା ଉପରେ ଗୁରୁତ୍ୱାରୋପ କରେ ।

ପ୍ରାୟ ୪୦୦ ରୁ ୬୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଗୁପ୍ତଯୁଗର ଶେଷ ସମୟ ଭାରତୀୟ କଳାର ସୁବର୍ଣ୍ଣଯୁଗ ଭାବରେ ପରିଚିତ । ସେହି ସମୟ ମଧ୍ୟରେ ପ୍ରାଚୀନକଳା ସ୍ୱତନ୍ତ୍ର ସ୍ଥାନ ପାଇଥିଲା ।

ଏହି ଗ୍ରନ୍ଥରେ ରାଜା ବଜ୍ର ଓ ମାର୍କଣ୍ଡେୟଙ୍କ ମଧ୍ୟରେ ଚିତ୍ରକଳା ଏବଂ ନାଟକ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଦେଖିବାକୁ ମିଳେ । ଏହା ପ୍ରଦର୍ଶନ କଳା ଓ ଦୃଶ୍ୟକଳା ମଧ୍ୟରେ ବହୁବିଧ ପାରସ୍ପରିକ ସମ୍ପର୍କ ରହିଥିବାର ସୂଚନା ପ୍ରଦାନ କରେ ।

ମାର୍କଣ୍ଡେୟଙ୍କ ମତରେ ଯେଉଁ ବ୍ୟକ୍ତି ଚିତ୍ରକଳାର ନିୟମ ଜାଣନ୍ତି ନାହିଁ, ସେ କେବେ ବି ପ୍ରତିମା ନିର୍ମାଣର ନିୟମ ବୁଝିପାରିବେ ନାହିଁ । ସେହିପରି ନୃତ୍ୟ କୌଶଳ ବିଷୟରେ କୌଣସି ଜ୍ଞାନ ବିନା ଚିତ୍ରକଳା ନିୟମକୁ ମଧ୍ୟ ବୁଝିବା କଷ୍ଟକର ।

ନୃତ୍ୟ ଏବଂ ଭାସ୍କର୍ଯ୍ୟ କଳା କ୍ଷେତ୍ରରେ ଜ୍ୟାମିତିକ ଆକୃତିକୁ ଠିକ୍ ଭାବରେ ଅଭ୍ୟାସ କରିବା ସହିତ ଅନ୍ତଃ ବିଷୟ ବୁଝାମଣାକୁ ଗୁରୁତ୍ୱ ଦେଇ ଆସିଥିଲେ ।



https://withteachers.in/

## ନୃତ୍ୟରେ ଜ୍ୟାମିତିକ ଆକୃତି

ନୃତ୍ୟ ଏବଂ ଗଣିତ ପ୍ରାୟତଃ ଜ୍ୟାମିତିକ ଆକୃତି ସହିତ ଜଡ଼ିତ । ଜ୍ୟାମିତିକ ଆକୃତି ନୃତ୍ୟରେ ସନ୍ତୁଳନ ରକ୍ଷା କରିବା ଓ ଆକର୍ଷଣୀୟ ଅଙ୍ଗଭଙ୍ଗୀ ପ୍ରଦର୍ଶନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

ଯେତେବେଳେ ନୃତ୍ୟ ଭଙ୍ଗୀ ଗୁଡ଼ିକୁ ଅନୁଧ୍ୟାନ କର, ସେତେବେଳେ ତୁମର ଶରୀର ଦ୍ୱାରା ସୃଷ୍ଟି ହୋଇଥିବା ବିଭିନ୍ନ ଜ୍ୟାମିତିକ ଆକୃତି ଏବଂ କୋଣଗୁଡ଼ିକୁ ଚିହ୍ନଟ କରିପାରିବ ଯେପରି ତ୍ରିଭୁଜ, ବୃତ୍ତ ଏବଂ ରେଖା ।

ତୁମର ଶରୀର ବିଭିନ୍ନ ଅଙ୍ଗକୁ ବ୍ୟବହାର କରି ନୃତ୍ୟରେ ବ୍ୟବହାର ହେଉଥିବା ଭଙ୍ଗୀ ଗୁଡ଼ିକ ଶିକ୍ଷା ଗ୍ରହଣ କରି ଆସୁଛ ।

ନୃତ୍ୟ ଗ୍ରନ୍ଥରେ ଉଲ୍ଲେଖ ହୋଇଥିବା, ଅଙ୍ଗ, ପ୍ରତ୍ୟଙ୍ଗ ଉପାଙ୍ଗ୍ ଆଦିର ଚାଳନା ପ୍ରକ୍ରିୟା ଦ୍ୱାରା ଶରୀରରେ ଭଙ୍ଗୀ ସୃଷ୍ଟି ହୋଇଥାଏ ।

ଶରୀରର ଉପର ପାର୍ଶ୍ୱକୁ ଭାଙ୍ଗିବା ଦ୍ୱାରା ହୋଇଥିବା ଭଙ୍ଗୀ ଗୁଡ଼ିକର ଚିତ୍ର ନିମ୍ନରେ ଦର୍ଶାଯାଇଛି ।

### ଶରୀରର ଊର୍ଦ୍ଧ୍ୱଭାଗର ଅଙ୍ଗଚାଳନା




ପୂର୍ବରୁ ତୁମ ତୁମ ବାହୁଗୁଡ଼ିକୁ ନେଇ ବିଭିନ୍ନ ଉପାୟରେ ବ୍ୟବହାର କରି, ଅର୍ଦ୍ଧ ବୃତ୍ତ, କୋଣ ଆଦି ଆକୃତି ତିଆରି କରି ଜାଣିଛ ।

ନୃତ୍ୟ ପ୍ରଦର୍ଶନ କରିଥିବା ସମୟରେ ତୁମର ବାହୁଗୁଡ଼ିକ କିପରି ବିଭିନ୍ନ ଜ୍ୟାମିତିକ କୋଣ ସୃଷ୍ଟି କରେ ତାହା ଏବେ ଅନୁଧ୍ୟାନ କର ।



**ଶିକ୍ଷକଙ୍କ ପାଇଁ ସୂଚନା :** ଏହି କାର୍ଯ୍ୟଗୁଡ଼ିକୁ ଜ୍ୟାମିତି ପାଠ ସହିତ ସଂଯୋଗ କରିବା ଦ୍ୱାରା ପିଲାଟି ରେଖା ଆକୃତି ଓ କୋଣ ସମ୍ପର୍କିତ ଧାରଣାଗୁଡ଼ିକ ସହଜ ଉପାୟରେ ବୁଝିପାରିବ । ଜ୍ୟାମିତି ଶିକ୍ଷକ ମଧ୍ୟ ଏହା ଯୋଜନା କରିବାରେ ସଂଶ୍ଳିଷ୍ଟ ହୋଇପାରିବେ ।

### ବାହୁ ଏବଂ କୋଣ





https://withteachers.in/

ବର୍ତ୍ତମାନ ସମୟ ଆସିଛି ତୁମେ ଶରୀରର ନିମ୍ନଭାବ ପ୍ରତି ଦୃଷ୍ଟି ଦେବ ଏବଂ ଶରୀରର ବିଭିନ୍ନ ଗତି ଓ ଅଙ୍ଗ ଭଙ୍ଗୀ ଦ୍ୱାରା ଜ୍ୟାମିତିକ ଆକୃତିକୁ ଅନୁସନ୍ଧାନ କରିବା

### ଆଣ୍ଠୁ ବଙ୍କା କରିବା ସହିତ ଶରୀରର ନିମ୍ନଭାଗର ଅଙ୍ଗଭଙ୍ଗୀଗୁଡ଼ିକୁ ଜାଣିବା



| | | | | |
|---|---|---|---|---|
| ବିନା ଆଣ୍ଠୁ ବଙ୍କା କରି, ସିଧା ଠିଆ ହେବା | ଏକ ଚତୁର୍ଥାଂଶ ଆଣ୍ଠୁ ବଙ୍କା କରିବା | ଅଧା ଆଣ୍ଠୁ ବଙ୍କା କରିବା | ତିନି ଚତୁର୍ଥାଂଶ ଆଣ୍ଠୁ ବଙ୍କା କରିବା | ପଞ୍ଝାରେ / ପାଦ ଉପରେ ସମ୍ପୂର୍ଣ୍ଣ ବସିବା |

### ଦୁଇପାଦ ମଧ୍ୟରେ ଦୂରତା



| | | | |
|---|---|---|---|
| ସମାନ ଓଜନ ଭାର ସହିତ ଦୁଇପାଦରେ ଠିଆ ହେବା | ଆଣ୍ଠୁଠାରୁ ଅଧାବଙ୍କା ଏବଂ ପରସ୍ପର ପାଖରେ ଗୋଇଠି | ଚାରିକୋଣିଆ ଆକୃତି କରି ପାଦକୁ ଅଲଗା ରଖି ଠିଆ ହୁଅ | ଦୁଇପାଦର ଦୂରତା ସର୍ବାଧିକ ରଖନ୍ତୁ |

### କାର୍ଯ୍ୟକଳାପ ୧୦.୧ : ମୋ ଶରୀରର ବିଭିନ୍ନ ଆକୃତି

ତୁମେ ତୁମର କଟି ଉପର ଭାଗ, ନିମ୍ନ ଭାଗ ଏବଂ ବାହୁକୁ ମିଶ୍ରଣ କରି ବିଭିନ୍ନ ଆକୃତି ବିଶିଷ୍ଟ ଭଙ୍ଗୀ ତିଆରି କର ଏବଂ ତୁମ ବନ୍ଧୁମାନଙ୍କୁ ବିଭିନ୍ନ ଆକୃତିଗୁଡ଼ିକୁ ଯଥା- ବର୍ଗାକାର, ତ୍ରିଭୁଜ, ଆୟତାକାର, ସମାନ୍ତରାଳ ରେଖା ଓ ସମଚତୁର୍ଭୁଜ ଗୁଡ଼ିକ ଚିହ୍ନଟ କରିବାକୁ ଦିଅ ।



ଟେକ ଭଙ୍ଗୀ



କଥକ



ଓଡ଼ିଶୀ ନୃତ୍ୟ



https://withteachers.in/

## କାର୍ଯ୍ୟକଳାପ ୧୦.୨ : ମୂର୍ତ୍ତିକଳାରେ ନୃତ୍ୟଭଙ୍ଗୀ

ସମଗ୍ର ଭାରତବର୍ଷର ମନ୍ଦିରଗୁଡ଼ିକର ଭାସ୍କର୍ଯ୍ୟ କଳା ଭିତରେ ନୃତ୍ୟକଳାର ଅତି ସୁନ୍ଦର ଉପସ୍ଥାପନା ଦେଖିବାକୁ ମିଳେ । ମନ୍ଦିରଗୁଡ଼ିକରେ ଖୋଦିତ ହୋଇଥିବା ଆକର୍ଷଣୀୟ ନୃତ୍ୟଭଙ୍ଗୀ ଚିତ୍ରଣ ଗୁଡ଼ିକରେ ଅଙ୍ଗ ବିନ୍ୟାସ, ଅତି ଚମତ୍କାର ଓ ଆକର୍ଷଣୀୟ ଭାବେ ପ୍ରଦର୍ଶନ ହେଉଛି । ସେହିଭଳି କିଛି ପ୍ରସିଦ୍ଧ ମନ୍ଦିର ମଧ୍ୟରେ ତାମିଲନାଡୁର ଚିଦାମ୍ବରମ୍ ମନ୍ଦିର, ଓଡ଼ିଶାର କୋଣାର୍କ ସୂର୍ଯ୍ୟ ମନ୍ଦିର, ରାଜସ୍ଥାନର ଦିଲୱାରା ମନ୍ଦିର ଏବଂ ମହାରାଷ୍ଟ୍ରର ହାତୀଗୁମ୍ଫା ଆଦି ଅନ୍ତର୍ଭୁକ୍ତ ।

ପୂର୍ବ ଆଲୋଚନା ଅନୁସାରେ, ପୂର୍ବ ପୃଷ୍ଠାରେ ଥିବା / ଦିଆଯାଇଥିବା ନୃତ୍ୟ ଭଙ୍ଗୀଯୁକ୍ତ ଚିତ୍ରଗୁଡ଼ିକ ଅନୁଧ୍ୟାନ/ଅନୁକରଣ କରି ତୁମ କଟିର ଊର୍ଦ୍ଧ୍ୱ ଓ ନିମ୍ନ ଭାଗ ସବୁ ପାଦସ୍ଥିତିର ମିଶ୍ରଣକୁ ପର୍ଯ୍ୟବେକ୍ଷଣ କରିପାରିବ କି ? ତୁମେ ଏହି ଚିତ୍ରଗୁଡ଼ିକ ଦେଖି ଏହିଭଳି ଭଙ୍ଗୀ ପ୍ରଦର୍ଶନ କରିପାରିବ କି ?

ତୁମେ ଏହି ଚିତ୍ରଗୁଡ଼ିକରେ ଥିବା ବିଭିନ୍ନ କୋଣଗୁଡ଼ିକୁ ଚିହ୍ନଟ କରିପାରିବ କି ?

ତୁମେ କ'ଣ ଏହି ଭଙ୍ଗୀ ଅନ୍ୟ ଭଙ୍ଗୀ ତୁଳନାରେ ଅଧିକ କଷ୍ଟକର ବୋଲି ଭାବୁଛ କି ?

ତୁମେ କାହିଁକି ଏଭଳି ଏକ ଭଙ୍ଗୀ କରୁନାହଁ ଯାହା ସହଜ ଓ ସରଳ ଅଟେ ଏବଂ ଏଭଳି ମଧ୍ୟ ଏକ ଭଙ୍ଗୀ ଚେଷ୍ଟା କର, ଯାହା କଷ୍ଟସାଧ୍ୟ ହୋଇପାରେ ।








**ବାମରୁ ଡାହାଣ ଓ ଊର୍ଦ୍ଧ୍ୱରୁ ନିମ୍ନରେ ଦିଆଯାଇଥିବା ଚିତ୍ର :**

୧. ହିନ୍ଦୁଦେବୀଙ୍କ ନୃତ୍ୟ ପ୍ରଦର୍ଶନ କରୁଥିବା ଚିତ୍ର, ହାଲେବିଡୁ, କର୍ଣ୍ଣାଟକ

୨. ନାରୀ ନୃତ୍ୟ ଶିଳ୍ପୀ, କୋଣାର୍କ ସୂର୍ଯ୍ୟ ମନ୍ଦିର, ଓଡ଼ିଶା

୩. ଶିବଙ୍କ ନୃତ୍ୟ ଭଙ୍ଗୀ, କେଦାରେଶ୍ୱର ମନ୍ଦିର, ହାଲେବିଡୁ, କର୍ଣ୍ଣାଟକ ।

୪. ହିନ୍ଦୁ ମନ୍ଦିର ହୋସାଲେଶ୍ୱର, ହାଲେବିଡୁ, କର୍ଣ୍ଣାଟକ ।

୫. ହାମ୍ପିର ନର୍ତ୍ତକୀ ମାନେ, କର୍ଣ୍ଣାଟକ

୬. ଜୈନ ମନ୍ଦିର, ହରିଦ୍ୱାର, ଉତ୍ତରାଖଣ୍ଡ ।



https://withteachers.in/

## ହସ୍ତମୁଦ୍ରା :

ତୁମେ ଷଷ୍ଠ ଶ୍ରେଣୀ କୃତୀ ବହିରେ ଅସଂଯୁକ୍ତ ହସ୍ତ ମୁଦ୍ରା (ଏକ ହସ୍ତଯୁକ୍ତ ମୁଦ୍ରା) ଓ ସଂଯୁକ୍ତ ହସ୍ତମୁଦ୍ରା( ଦୁଇ ହସ୍ତଯୁକ୍ତ ମୁଦ୍ରା) ଶିଖିଛ; ସେହି ହସ୍ତ ମୁଦ୍ରାଗୁଡ଼ିକୁ ପୁଣି ଏଥିରେ ମନେ ପକାଇବା/ ଅଭ୍ୟାସ କରିବା ।

### ଅସଂଯୁକ୍ତ ହସ୍ତ ମୁଦ୍ରା (ଏକ ହସ୍ତମୁଦ୍ରା) (ଅଭିନୟ ଦର୍ପଣ ଗ୍ରନ୍ଥରେ ୨୮ ପ୍ରକାର)






https://withteachers.in/

## ସଂଯୁକ୍ତ ହସ୍ତ ମୁଦ୍ରା (ଦୁଇ ହସ୍ତଯୁକ୍ତ ମୁଦ୍ରା) (ଅଭିନୟ ଦର୍ପଣ ଗ୍ରନ୍ଥରେ ୨୩ ପ୍ରକାର)


ଅଞ୍ଜଳି


କପୋତ


କର୍କଟ


ସ୍ୱସ୍ତିକ


ଡୋଲାହସ୍ତ


ପୁଷ୍ପ ପୁଟ


ଉତ୍ସଙ୍ଗ


ଶିବଲିଙ୍ଗ


କଟକାବର୍ଦ୍ଧନ


କର୍ତ୍ତରୀ ସ୍ୱସ୍ତିକ


ଶକଟ


ଶଙ୍ଖ


ଚକ୍ର


ସମ୍ପୁଟ


ପାଶ


କାଳିକ


ମତ୍ସ୍ୟ


କୂର୍ମ


ବରାହ


ଗରୁଡ଼


ନାଗବନ୍ଧ


ଖଟ୍ୱ


ଭେରୁଣ୍ଡ



https://withteachers.in/

## ଅଭାହିତକାର୍ଯ୍ୟକଳାପ ୧୦.୩ : ମୂର୍ତ୍ତିକଳାରେ ହସ୍ତ ମୁଦ୍ରା

ଭାରତୀୟ ଭାସ୍କର୍ଯ୍ୟ କଳା (ମୂର୍ତ୍ତି)ଗୁଡ଼ିକରେ କଷ୍ଟସାଧ୍ୟ ଭଙ୍ଗୀ, ଅଭିବ୍ୟକ୍ତିର ବୈଶିଷ୍ଟ୍ୟ ଏବଂ ହସ୍ତମୁଦ୍ରାଗୁଡ଼ିକର ଚମତ୍କାର କଳାକୃତିର ପ୍ରଦର୍ଶନ ଦେଖାଯାଏ । ମୂର୍ତ୍ତିକଳାରେ ହସ୍ତ ମୁଦ୍ରାର ପ୍ରୟୋଗ, ଶରୀରକୁ ଏକ କଳାତ୍ମକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କରିଥାଏ ଏବଂ ଶବ୍ଦ ବ୍ୟବହାର ନ କରି ମଧ୍ୟ ନିଜର ଭାବନାକୁ ଅନ୍ୟମାନଙ୍କ ନିକଟରେ ଖୁବ୍ ସୁନ୍ଦର ଭାବେ ପରିପ୍ରକାଶ କରିପାରେ ।

ତଳେ ଦିଆଯାଇଥିବା ଚିତ୍ରଗୁଡ଼ିକରେ କେଉଁ ସବୁ ହସ୍ତମୁଦ୍ରାଗୁଡ଼ିକ ପ୍ରଦର୍ଶିତ ହୋଇଛି ଜାଣିପାରୁଛ କି ?/ ଦେଖିପାରୁଛ କି ? ସେଗୁଡ଼ିକୁ ନକଲ / ଅବିକଳ କରିବାକୁ ଚେଷ୍ଟାକର ଏବଂ ନିମ୍ନରେ ଦିଆଯାଇଥିବା ହସ୍ତ ମୁଦ୍ରାର ଚିତ୍ରଣଗୁଡ଼ିକ ସହିତ ମେଳ କରି ପାରୁଛ କି ?



ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ଏହି ହସ୍ତମୁଦ୍ରାଗୁଡ଼ିକ ନୃତ୍ୟର ଅଂଶ ଅଟେ ଏବଂ କିଛି ହସ୍ତ ମୁଦ୍ରା ଐତିହ୍ୟ ସ୍ମାରକୀର ମୂର୍ତ୍ତିକଳାରୁ ପ୍ରାପ୍ତ ।

ତୁମେ ତୁମ ସାଙ୍ଗମାନଙ୍କ ସହିତ ଆଲୋଚନା କର ଏବଂ ପୂର୍ବ ପ୍ରଦର୍ଶିତ ହସ୍ତ ମୁଦ୍ରାଗୁଡ଼ିକୁ ନିଜେ କରିବାକୁ ଚେଷ୍ଟା କର ଓ ନୂତନ ହସ୍ତ ମୁଦ୍ରା ପ୍ରୟୋଗ କରି ଶିଖ ।

## ନବରସ : ନଅଟି ରସର ଅନୁଭବ

ରସ ବା ଭାବ ପ୍ରକାଶ ଭାରତୀୟ ନୃତ୍ୟରେ ଏକ ଅବିଚ୍ଛେଦ୍ୟ ଅଂଶ ଭାବରେ ମୌଳିକ ଉପାଦାନଗୁଡ଼ିକ ଦ୍ୱାରା ଏକ ଭାବ ପ୍ରବଣତା ସୃଷ୍ଟି କରି ଯାହାକୁ ଆସ୍ୱାଦ କରନ୍ତି ତାହାକୁ ରସ କୁହାଯାଏ ।

।। ଶୃଙ୍ଗାର ହାସ୍ୟ କରୁଣା ରୌଦ୍ରବୀର ଭୟାନକାଃ,
ବିଭତ୍ସାଭୂତ ସଂଜ୍ଞୌଚେତ୍ୟଷ୍ଟୋନାଟେ ରସାଃ ସ୍ମୃତାଃ ।।

-ନାଟ୍ୟ ଶାସ୍ତ୍ର

ନାଟ୍ୟରେ ଶୃଙ୍ଗାର, ହାସ୍ୟ, କରୁଣ ରୁଦ୍ର ବୀର, ଭୟ, ବିଭତ୍ସ ଓ ଅଦ୍ଭୁତ ଏହି ଆଠଟି ରସର ଉଲ୍ଲେଖ ଅଛି ।

ନାଟ୍ୟଶାସ୍ତ୍ରରେ ଏହି ଶ୍ଳୋକରେ ଆଠଟି ରସ ବିଷୟରେ ଆଲୋଚନା କରାଯାଇଛି । ଶତାବ୍ଦୀ ପରେ ଅଭିନବ ଗୁପ୍ତ ନବରସ (ଶାନ୍ତରସ)କୁ ଅନ୍ତର୍ଭୁକ୍ତ କରିଥିଲେ ।

କ୍ରୀଡ଼ି, ଷଷ୍ଠ ଶ୍ରେଣୀରେ ଆମେ ଯେଉଁ ନଅଟି ରସ ଶିଖିଥିଲୁ, ସେଗୁଡ଼ିକର ନାମ ତୁମେ ମନେ ରଖିଛ କି ? ତୁମେ ପୂର୍ବ ଅଭିବ୍ୟକ୍ତିଗୁଡ଼ିକୁ ମନେ ରଖିଛ କି ?



https://withteachers.in/

## ଆସ ସହଜ ଉପାୟରେ ନଅଟି ରସ ଏବଂ ଅଭିବ୍ୟକ୍ତିଗୁଡ଼ିକୁ ମନେ ରଖିବା

ଯେତେବେଳେ ତୁମେ ଫୁଲର ସୁଗନ୍ଧ/ବାସ୍ନା ପାଇବ ସେତେବେଳେ ତୁମକୁ କିପରି ଅନୁଭବ ହେବ ? ଶୃଙ୍ଗାର



ଗୁଣ୍ଡୁଚିଗୁଡ଼ିକର କାର୍ଯ୍ୟକଳାପ ଦେଖିଲେ, ଖୁସିଲାଗେ କି ତାହା ତମ ମୁହଁରେ ହସ ଆଣିଦିଏ କି ? ହାସ୍ୟ



ଯେତେବେଳେ କେହି ଫୁଟିଥିବା ଫୁଲଗୁଡ଼ିକୁ ନଷ୍ଟ କରିଦିଏ, ଯଦି ସେତେବେଳେ ଦୁଃଖ ଦିଏ କି ? କରୁଣ



ଯେତେବେଳେ କେହି ତୁମ ବଗିଚାରେ ଗଛ କାଟେ, ସେତେବେଳେ କ'ଣ ତୁମକୁ ରାଗ ଲାଗେ । ରୌଦ୍ର



ଗଛ ଓ ଗଛ ଲତାଗୁଡ଼ିକର ଧ୍ୱଂସକୁ ବନ୍ଦ କରିବା ପାଇଁ ତୁମେ ସାହସର ସହିତ ପ୍ରତିବାଦ କର । ବୀର



ବଗିଚାରେ ବେଳେବେଳେ ବିପଦପୂର୍ଣ୍ଣ ପରିସ୍ଥିତି ଆସିପାରେ । ଧରିନିଅ, ଗୋଟଏ ଗଛ ଡାଳରେ ସାପ ଅଛି, ତୁମର ଭାବନା କ'ଣ ହେବ । ଚିତ୍ର ଭୟାନକ- ଭୟ



କିଛି ଗଛଲତା ଭୂମିରେ ପଡ଼ି ନଷ୍ଟ ହୋଇଯାଉଛି ଏବଂ ଦୁର୍ଭାଗ୍ୟବଶତଃ ସେଗୁଡ଼ିକରୁ ପ୍ରବଳ ଦୁର୍ଗନ୍ଧ ବାହାରୁଛି ଯାହା ଆପଣଙ୍କୁ ଘୃଣା କରିପାରେ । ବୀଭତ୍ସ



ପ୍ରାକୃତିକ ସୌନ୍ଦର୍ଯ୍ୟ ସର୍ବଦା ଆଶ୍ଚର୍ଯ୍ୟଜନକ - ଅଦ୍ଭୁତ



ଆସ, ଆମେ ସମସ୍ତେ ପ୍ରକୃତିରୁ ଶାନ୍ତି ପାଇବା-ଶାନ୍ତ





https://withteachers.in/

## କାର୍ଯ୍ୟକଳାପ ୧୦.୪ : ରସଗୁଡ଼ିକୁ ଆମ କାର୍ଯ୍ୟ/କ୍ରିୟାକଳାପ ସହ ମେଳ କରିବା



### ସାମଗ୍ରୀ

ଦୁଇଟି ପାତ୍ରରେ କିଛି ଚିଟ୍ ରଖିବା

- ପାତ୍ର ୧ : ନଅଟି ଭାବର ଅବସ୍ଥା (ଖୁସି, ଦୁଃଖ, କ୍ରୋଧ, ଆଶ୍ଚର୍ଯ୍ୟ, ଭୟ, ଘୃଣା, ଶାନ୍ତ, ଦ୍ୱନ୍ଦ୍ୱ, ହସ, ଉତ୍ସାହ)
- ପାତ୍ର ୨ : ଦୈନନ୍ଦିନ କାର୍ଯ୍ୟକଳାପ (ଯଥା- ଦାନ୍ତ ଘଷିବା, ପୋଷାକ ପିନ୍ଧିବା, ସ୍କୁଲ ଯିବା, ମଧ୍ୟାହ୍ନ ଭୋଜନ ଖାଇବା, ଗୃହକାର୍ଯ୍ୟ କରିବା, ଯୋଗ କରିବା)

### ସୂଚନା :

୧. ପ୍ରତ୍ୟେକ ପିଲା ପାତ୍ର-୧ ଏବଂ ପାତ୍ର -୨ରୁ ଗୋଟିଏ ଗୋଟିଏ ଚିଟ୍ ବାଛିବେ ।

୨. ତାପରେ ପିଲାଟି ବାଛିଥିବା ଚିଟ୍‌ର ଭାବ ପ୍ରଦର୍ଶନ କରିବା ସହିତ ଅନ୍ୟ ଏକ ଚିଟ୍ ବାଛିବ ଯେଉଁଥିରେ ଦୈନନ୍ଦିନ କାର୍ଯ୍ୟକଳାପକୁ ନେଇ ଅଭିନୟ କରିବା । ପ୍ରଭାବଶାଳୀ ଅଭିନୟ ପାଇଁ ହସ୍ତମୁଦ୍ରାର ବିନିଯୋଗ ବ୍ୟବହାର କରିପାରିବେ / ପ୍ରୟୋଗ ମଧ୍ୟ କରିପାରିବେ ।

**ଉଦାହରଣ :** ଯଦି ଆପଣ ପାତ୍ର ୧ 'ଦ୍ୱନ୍ଦ୍ୱମୟ'ରୁ ଭାବ ଅବସ୍ଥାକୁ ବାଛନ୍ତି ଏବଂ ପାତ୍ର-୨ 'ଗୃହକାର୍ଯ୍ୟ କର' କୁ ଦୈନନ୍ଦିନ କାର୍ଯ୍ୟକଳାପ ଭାବରେ ବାଛନ୍ତି, ତେବେ ଏପରି ଅଭିନୟ କର ଯେପରି ତୁମେ ଗୃହକାର୍ଯ୍ୟ କରିବାକୁ ଇଚ୍ଛୁକ କିନ୍ତୁ ଏବେ ଏହା କରିବାକୁ ଚାହୁଁନାହଁ (ତୁମେ ତୁମର ମୁଣ୍ଡ କୁଣ୍ଡାଇ ପାରିବ, ତୁମର କଲମକୁ ହାତରୁ ଛାଡ଼ିଦେଇ ପୁଣିଥରେ ବହିଟିକୁ ବନ୍ଦ କରି ପୁଣି ତାକୁ ଖୋଲିବ) ।



https://withteachers.in/

# ମାନ ନିର୍ଦ୍ଧାରଣ

| ଅଧ୍ୟାୟ - ୧୦ ନୃତ୍ୟ ଓ ଭାବ | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ର/ଛାତ୍ରୀ |
| ୧ | ୧.୧ | ନୃତ୍ୟରେ ଅଣ୍ଟାର ନିମ୍ନଭାଗ ଓ ଉପରି ଭାଗର ପ୍ରୟୋଗକୁ ବୁଝିବା । | | |
| ୧ | ୧.୨ | ଶରୀରରେ ଉତ୍ପନ୍ନ ହେଉଥିବା ଜ୍ୟାମିତିକ ଆକୃତିକୁ ବୁଝିବା | | |
| ୧ | ୧.୩ | ଆତ୍ମ ବିଶ୍ୱାସ ସହିତ ନିଜର ଭାବ ପ୍ରକାଶ କରିବା | | |
| ୨ | ୨.୧ | ଭାସ୍କର୍ଯ୍ୟ କଳା ସହିତ ନୃତ୍ୟକଳାର ସମ୍ପର୍କ | | |
| ୨ | ୨.୨ | ମୂର୍ତ୍ତି ଭାସ୍କର୍ଯ୍ୟ କଳାଗୁଡ଼ିକରେ ହସ୍ତ ମୁଦ୍ରାର ବିନିଯୋଗକୁ ବୁଝିବା । | | |

## ଶିକ୍ଷକଙ୍କ ମତାମତ ଏବଂ ଶିକ୍ଷାର୍ଥୀମାନଙ୍କ ନିରୀକ୍ଷଣ

..........

..........

..........

..........

..........



https://withteachers.in/

ଅଧ୍ୟାୟ - ୧୧

# ନୃତ୍ୟ ଉପାଦାନ ଏବଂ କୌଶଳ



## ନୃତ୍ତ, ନୃତ୍ୟ, ନାଟ୍ୟ

ନୃତ୍ୟର ଅନେକ ଏକକ ଅଛି ଯାହାର ସୁନ୍ଦର ଭାବରେ ପରସ୍ପର ସହିତ ଜଡ଼ିତ । ସେଥିମଧ୍ୟରୁ ନୃତ୍ତ ଏକକରେ ଆନନ୍ଦମୟ ଅଙ୍ଗଭଙ୍ଗୀ ଚାଳନାକୁ ବୁଝାଏ ଓ ନୃତ୍ୟ ଏକକରେ କିଛି ଘଟଣା କିମ୍ବା ଏକ ଛୋଟ କାହାଣୀକୁ ରସ, ଭାବଯୁକ୍ତ ପ୍ରଦର୍ଶନକୁ ବୁଝାଏ ଏବଂ ନାଟ୍ୟ ଏକକରେ ଗୋଟିଏ କାହାଣୀ କିମ୍ବା ପରିସ୍ଥିତି ଆଧାରରେ ସଂପୂର୍ଣ୍ଣ କାହାଣୀକୁ ବୁଝାଇଥାଏ । ଏହି ପୁସ୍ତକରେ ଉଲ୍ଲେଖ ଥିବା ନୃତ୍ୟର ମୌଳିକ ଉପାଦାନଗୁଡ଼ିକୁ ଶାସ୍ତ୍ରୀୟ ନୃତ୍ୟ ଶିକ୍ଷୀମାନେ ବହୁଳ, ମାତ୍ରାରେ ବ୍ୟବହାର କରିଥାନ୍ତି ।

**ନୃତ୍ତ**

।। ଭାବାଭିନୟହୀନଂ ତୁ ନୃତ୍ତମିତ୍ୟଭିଦୀୟତେ ।।

ଅର୍ଥାତ୍ - ଭାବ ପ୍ରକାଶ ଓ ଅଭିନୟ ବିହୀନ ନର୍ତ୍ତନକୁ ନୃତ୍ତ କୁହାଯାଏ ।

**ନୃତ୍ୟ**

।। ରସ ଭାବବ୍ୟଞ୍ଜନାଦିଯୁକ୍ତଂ ନୃତ୍ୟ ମିତୀର୍ଯତେ ।।

ଅର୍ଥାତ୍ : ରସ, ଭାବ ପ୍ରକାଶ ଓ ଅଭିନୟ ଯୁକ୍ତ ନର୍ତ୍ତନକୁ ନୃତ୍ୟ କୁହାଯାଏ ।

**ନାଟ୍ୟ**

।। ନାଟ୍ୟଂତନ୍ନାଟକଂଚୈବପୂଜ୍ୟଂ ପୂର୍ବକଥାଯୁତମ୍ ।।

ଅର୍ଥାତ୍ : ପୁରାଣ କିମ୍ବା ଐତିହାସିକ କଥାବସ୍ତୁ ଆଧାରିତ ବିଭିନ୍ନ ପ୍ରକାର କଳାର ସମନ୍ୱୟରେ ଏହି ପରିବେଷଣକୁ ନାଟ୍ୟ ବା ନାଟକ କୁହାଯାଏ ।

ଏହି ଅଧ୍ୟାୟରେ ତୁମେ ନୃତ୍ତ ସମ୍ବନ୍ଧୀୟ ପଦ୍ଧତିକୁ ଅନୁସନ୍ଧାନ କରିବ । ଏହି ନୃତ୍ୟ ଶୈଳୀରେ ଶିଖିବାକୁ ପଡୁଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାଗ ହେଉଛି ମୌଳିକ ପଦଚାଳନା । ଏହି ପଦଚାଳନାଗୁଡ଼ିକୁ ନେଇ ଛୋଟ ନୃତ୍ୟ ଖଣ୍ଡ ପ୍ରସ୍ତୁତ କରାଯାଏ । ଏହାପରେ ପଦଚାଳନାର ଛୋଟ ଛୋଟ ନୃତ୍ୟଖଣ୍ଡଗୁଡ଼ିକୁ ମିଶ୍ରଣ କରି, ଏକ ସଂପୂର୍ଣ୍ଣ ନୃତ୍ୟ ଖଣ୍ଡ ପ୍ରସ୍ତୁତ କରି ପାରିବ ।



https://withteachers.in/

## କାର୍ଯ୍ୟକଳାପ ୧୧.୧ : ମୌଳିକ ପଦଚାଳନା ସହିତ ତାଳ - ନୃତ୍ତ

ତୁମେ ତମର ପୂର୍ବ ଶ୍ରେଣୀରୁ ପାଦ ଚାଳନା ଏବଂ ବିଭିନ୍ନ ତାଳ ଶିଖିବାରେ କୌଶଳ ଜାଣିଥିବ, ଏବେ କିଛି ତାଳଯୁକ୍ତ ପାଦ ଚାଳନା କର, ଯେପରି ୫, ୬, ୭ ମାତ୍ରାବିଶିଷ୍ଟ ତାଳକୁ ବ୍ୟବହାର କରି ବିଭିନ୍ନ ପାଦ ଚାଳନା ଅଭ୍ୟାସ କର । ଏଥିରେ କିଛି କ୍ରମ ପରିବର୍ତ୍ତନ ଏବଂ ମିଶ୍ରଣକୁ ଯୋଡ଼ାଯାଇଛି ତାହା ନିମ୍ନରେ ରେଖାଙ୍କିତ ଚିତ୍ରଗୁଡ଼ିକରେ ଦେଖ । ବିଭିନ୍ନ ତାଳକୁ ଅନୁସରଣ କରି ପାଦଚାଳନାକୁ ମିଶ୍ରଣ କର । ତୁମେ କ'ଣ ବିଭିନ୍ନ ତାଳକୁ ନେଇ ନିଜର ପାଦ ଚାଳନାକୁ ମିଶ୍ରଣ କରିବାକୁ ଚେଷ୍ଟିତ ଅଛ କି ?

ନିମ୍ନରେ ପାଦ ଚାଳନାକୁ ବ୍ୟବହାର କରିବା ପାଇଁ ବିଭିନ୍ନ ଉପାୟ ତଳେ ଦର୍ଶାଯାଇଛି-


ଦୁଇ ପାଦକୁ ଏକାଠି କରି ସିଧା ଠିଆ ହେବା


ପାଦର ଗୋଇଠିକୁ ସମ୍ମୁଖ ପାର୍ଶ୍ୱରେ ସ୍ଥାପନ କରିବା


ପାଦର ପଞ୍ଝାକୁ ସମ୍ମୁଖ ଏବଂ ପଛକୁ ଚାଳନା ଅବସ୍ଥିତି


ପ୍ରେତକ ପାଦ (ଗୋଟିଏ ପାଦକୁ ଗୋଇଠିରେ ରଖିବା)


ଧନୁ ପାଦ (ସମ୍ମୁଖ ପାଦରେ ବନ୍ଧନୀ)


ଗୋଟିଏ ଗୋଡ଼କୁ ଉଠାଇ ଉପରକୁ ଡେଇଁବା


ଉଭୟ ଗୋଡ଼କୁ ଉଠାଇ ଡେଇଁବା

**ତୁମେ ତୁମର ନୃତ୍ୟ ପ୍ରସ୍ତୁତି ପାଇଁ ଏହି ପାଦ ସ୍ଥିତି ଓ ଅଙ୍ଗଭଙ୍ଗୀକୁ ବ୍ୟବହାର କରି ପାରିବ ।**



**ଶିକ୍ଷକଙ୍କ ପାଇଁ ସୂଚନା :** ପୃଷ୍ଠା ୧୧୮ରେ ସୂଚନାତ୍ମକ ପାଦ ଚାଳନାରେ ମିଶ୍ରଣ ଦିଆଯାଇଛି । ବାସ୍ତବରେ ଆଞ୍ଚଳିକ ପରିବେଷଣର ଉପଯୁକ୍ତ ସୁବିଧା ସୁଯୋଗ ଆଧାର କରି ବାସ୍ତବିକ୍ ନୃତ୍ୟ ଅଭ୍ୟାସ ହୋଇଥାଏ । ଉପଯୁକ୍ତ ପରିବେଷଣ ଦ୍ୱାରା ନୃତ୍ୟ ଅଭ୍ୟାସ ଆଧାରିତ ହୋଇପାରେ, କିମ୍ବା ଆଞ୍ଚଳିକ ଶିକ୍ଷଣ ସ୍ତରର ସୁବିଧା ସୁଯୋଗ ଉପରେ ନୃତ୍ୟଶିକ୍ଷା ଆଧାରିତ ହୋଇପାରେ । ଆରମ୍ଭକାରୀମାନେ ଶିକ୍ଷକଙ୍କ ନିଷ୍ପତ୍ତି ଅନୁସାରେ ସରଳ ପାଦ ଚାଳନା ସହିତ ଗୀତ ଅଭିନୟ ଅଭ୍ୟାସ କରିପାରିବେ । ତାଳର ବୋଲ ଓ ମାତ୍ରାଗୁଡ଼ିକୁ ଗଣନା କରିବା ପାଇଁ ଶିକ୍ଷକ କିମ୍ବା ଛାତ୍ରମାନଙ୍କ ଦ୍ୱାରା କରାଯାଇ ପାରିବ ।



https://withteachers.in/

## ୫ ମାତ୍ରା ହେଉଛି - ୨ + ୩ ମାତ୍ରାର ମିଶ୍ରଣ

୫ ମାତ୍ରା ବିଶିଷ୍ଟ ପାଦ ଚାଳନା ଉଦାହରଣ

| ୧ | ୨ | ୩ | ୪ | ୫ |
|---|---|---|---|---|

### ପାଦ ଚାଳନାରେ ମିଶ୍ରଣ-୧

ଡାହାଣ ଗୋଡ଼ରୁ ଆରମ୍ଭ

| ଡାହାଣ | ବାମ | ଡାହାଣ | ବାମ | ଡାହାଣ |
|---|---|---|---|---|
| ପାଦ ବାଡ଼େଇବା | ପାଦ ବାଡ଼େଇବା | ଗୋଇଠି | ପାଦ ବାଡ଼େଇବା | ପାଦ ବାଡ଼େଇବା |

ଏବେ, ବାମ ଗୋଡ଼ ସହିତ ଏହା ପୁନରାବୃତ୍ତି କରନ୍ତୁ ।

| ବାମ | ଡାହାଣ | ବାମ | ଡାହାଣ | ବାମ |
|---|---|---|---|---|
| ପାଦ ବାଡ଼େଇବା | ପାଦ ବାଡ଼େଇବା | ଗୋଇଠି | ପାଦ ବାଡ଼େଇବା | ପାଦ ବାଡ଼େଇବା |

### ପାଦ ଚାଳନାରେ ମିଶ୍ରଣ-୨

ବର୍ତ୍ତମାନ, ବାମ ଗୋଡ଼ରୁ ଆରମ୍ଭ କରିବା

| ଡାହାଣ | ଡାହାଣ | ବାମ | ଡାହାଣ | ବାମ |
|---|---|---|---|---|
| ଗୋଇଠି ଘଷି ଉଠେଇବା | ପାଦ ବାଡ଼େଇବା | ପଛ ପାଦ ଛକି ଚିହ୍ନ (ପୃଷ୍ଠ ଧନୁ) | ପଦକ୍ଷେପ | ପାଦ ବାଡ଼େଇବା |

ଏବେ, ବାମ ଗୋଡ଼ ସହିତ ଏହା ପୁନରାବୃତ୍ତି କରନ୍ତୁ ।

| ବାମ | ବାମ | ଡାହାଣ | ବାମ | ଡାହାଣ |
|---|---|---|---|---|
| ଗୋଇଠି ଘଷି ଉଠେଇବା | ପାଦ ବାଡ଼େଇବା | ପଛ ପାଦ ଛକି ଚିହ୍ନ (ପୃଷ୍ଠ ଧନୁ) | ପଦକ୍ଷେପ | ପାଦ ବାଡ଼େଇବା |

ଉପରୋକ୍ତ ୫ ମାତ୍ରାବିଶିଷ୍ଟ ପାଦ ଚାଳନା ସହିତ ବିଭିନ୍ନ ପ୍ରକାର (ସମ୍ମୁଖସ୍ଥ କିମ୍ବା ପାର୍ଶ୍ୱ)କୁ ବ୍ୟବହାର କରି ଅଧିକ ପାଦ ଚାଳନା ତିଆରି କରି ପାରିବା ।



https://withteachers.in/

## ୬ ମାତ୍ରା ବିଶିଷ୍ଟ ପାଦ ଚାଳନା, ଦୁଇଟି ତିନି ମାତ୍ରାର ମିଶ୍ରଣ (୩+୩=୬)

### ୬ ମାତ୍ରା ବିଶିଷ୍ଟ ପାଦ ଚାଳନାର ଉଦାହରଣ :

| ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|

#### ପାଦ ଚାଳନାରେ ମିଶ୍ରଣ-୧

ଡାହାଣ ଗୋଡ଼ରୁ ଆରମ୍ଭ

| ଡାହାଣ | ବାମ | ଡାହାଣ | ଡାହାଣ | ବାମ | ଡାହାଣ |
|---|---|---|---|---|---|
| ପଞ୍ଝା, (ବାମ ପାଦକୁ ଛନ୍ଦିଥିବ) (ପୃଷ୍ଠ ଧନୁ ପାଦ) | ପାଦ ଘାତ | ପଦା ଘାତ | ଆଗ ଗୋଇଠି | ପାଦ ଘାତ | ପାଦ ଘାତ |

ବାମ ଗୋଡ଼ ସହିତ ଏହା ପୁନରାବୃତ୍ତି କରନ୍ତୁ

| ବାମ | ଡାହାଣ | ବାମ | ବାମ | ଡାହାଣ | ବାମ |
|---|---|---|---|---|---|
| ପାଦର( ଡାହାଣ ପାଦକୁ ଛନ୍ଦିଥିବ) ପଞ୍ଝା | ପାଦ ଘାତ | ପଦା ଘାତ | ଆଗ ଗୋଇଠି | ପାଦ ଘାତ | ପାଦ ଘାତ |

#### ପଦକ୍ଷେପ ମିଶ୍ରଣ ୨

ଡାହାଣ ଗୋଡ଼ରୁ ଆରମ୍ଭ କରନ୍ତୁ

| ଡାହାଣ | ବାମ | ଡାହାଣ | ଡାହାଣ | ବାମ | ଡାହାଣ |
|---|---|---|---|---|---|
| ଗୋଇଠି | ପାଦ ଘାତ | ପାଦ ଘାତ | ପାଦର ଅଙ୍ଗୁଳି ଛନ୍ଦା | ପାଦ ଘାତ | ପାଦ ଘାତ |

ବାମ ଗୋଡ଼ ସହିତ ଏହା ଦୋହରାନ୍ତୁ

| ବାମ | ଡାହାଣ | ବାମ | ବାମ | ଡାହାଣ | ବାମ |
|---|---|---|---|---|---|
| ଗୋଇଠି | ପାଦ ଘାତ | ପାଦ ଘାତ | ପାଦର ଅଙ୍ଗୁଳି ଛନ୍ଦା | ପାଦ ଘାତ | ପାଦ ଘାତ |

ଉପରୋକ୍ତ ଉଦାହରଣଗୁଡ଼ିକୁ ଅନୁସରଣ କର ଏବଂ ପାଦ ଚାଳନାର ବିଭିନ୍ନ ଗତିକୁ ମିଶ୍ରଣକରି କିଛି ନୂତନ ପାଦ ଚାଳନା ଚେଷ୍ଟା କରି ପାରିବ ।



https://withteachers.in/

## ୭ ଅଙ୍କ ବିଶିଷ୍ଟ ପାଦ ଚାଳନା ଛନ୍ଦ= ୩+୨+୨ କିମ୍ବା ୪+୩

### ଉଦାହରଣ : ୭ ଅଙ୍କ ବିଶିଷ୍ଟ ପାଦ ଚାଳନା-

| ୧ | ୨ | ୩ | ୪ | ୫ | ୬ | ୭ |
|---|---|---|---|---|---|---|

### ପଦକ୍ଷେପ ମିଶ୍ରଣ ୧

ଡାହାଣ ଗୋଡ଼ରୁ ଆରମ୍ଭ କରନ୍ତୁ ।

| ଡାହାଣ | ବାମ | ଡାହାଣ | ବାମ | ଡାହାଣ | ବାମ | ଡାହାଣ |
|---|---|---|---|---|---|---|
| ପାଦ ବାଡ଼େଇବା | ପାଦ ବାଡ଼େଇବା | ପାଦ ପଙ୍କା | ପାଦ ବାଡ଼େଇବା | ଗୋଇଠି | ପାଦ ବାଡ଼େଇବା | ପାଦ ଘାତ |

ବାମ ଗୋଡ଼ ସହିତ ଏହା ଦୋହରାନ୍ତୁ

| ବାମ | ଡାହାଣ | ବାମ | ଡାହାଣ | ବାମ | ଡାହାଣ | ବାମ |
|---|---|---|---|---|---|---|
| ପାଦ ଘାତ | ପାଦଘାତ | ପାଦ ପଙ୍କା | ପାଦ ବାଡ଼େଇବା | ଗୋଇଠି | ଗୋଇଠି ପାଦ ବାଡ଼େଇବା | ପାଦ ଘାତ |

| ବାମ | ଡାହାଣ | ବାମ | ଡାହାଣ | ବାମ | ଡାହାଣ | ବାମ |
|---|---|---|---|---|---|---|
| ଧନୁ ପାଦ (ପଙ୍କା ଛନ୍ଦି) ଆଗରେ | ପଦାଘାତ | ପୃଷ୍ଠ ଧନୁପାଦ ପଙ୍କା ଛନ୍ଦି ପଛରେ | ପଦାଘାତ | ଗୋଇଠି | ପଦାଘାତ | ପଦାଘାତ |

### ପଦକ୍ଷେପ ମିଶ୍ରଣ-୨

ଡାହାଣ ଗୋଡ଼ରୁ ଆରମ୍ଭ କରନ୍ତୁ

| ଡାହାଣ | ବାମ | ଡାହାଣ | ବାମ | ଡାହାଣ | ବାମ | ଡାହାଣ |
|---|---|---|---|---|---|---|
| ଗୋଇଠି | ପାଦ ଘାତ | ପାଦ ଘାତ ବାମ ପାର୍ଶ୍ୱକୁ ଅଧାବୁଲି | ଛନ୍ଦି | ପାଦ ଘାତ | ପାଦ ଘାତ | ପାଦ ଘାତ |
| ଧନୁପାଦ (ପଙ୍କା ଆଗରେ) | ପଦାଘାତ | ପୃଷ୍ଠ ଧନୁପାଦ (ପଙ୍କାପକାଇ) | ପଦା ଘାତ | ଗୋଇଠି | ପଦାଘାତ | ପଦାଘାତ |

ବାମଗୋଡ଼ ସହିତ ଏହା ପୁନରାବୃତ୍ତି କରନ୍ତୁ ।

| ବାମ | ଡାହାଣ | ବାମ | ଡାହାଣ | ବାମ | ଡାହାଣ | ବାମ |
|---|---|---|---|---|---|---|
| ଗୋଇଠି | ପାଦ ଘାତ | ପାଦ ଘାତ | ଛନ୍ଦି | ପାଦ ଘାତ | ପାଦ ଘାତ | ପାଦ ଘାତ |

ଉପରୋକ୍ତ ତାଳଗୁଡ଼ିକୁ ବିଭିନ୍ନ ଢାଞ୍ଚାରେ ଅଭ୍ୟାସ କରନ୍ତୁ । ତୁମେ ସଙ୍ଗୀତ ଶ୍ରେଣୀରେ ଦିଆଯାଇଥିବା ଗୀତକୁ ବନ୍ଦିଶଗୁଡ଼ିକୁ ବ୍ୟବହାର କରି ପାରିବ ଏବଂ ତୁମ ପସନ୍ଦର ବିଭିନ୍ନ ପାଦ ଚାଳନାକୁ ଯୋଡ଼ି ପାରିବ ।



https://withteachers.in/

## ନୃତ୍ୟ

ଷଷ୍ଠ ଶ୍ରେଣୀରେ କୃତି ପାଠ୍ୟ ପୁସ୍ତକରେ, ତୁମେ ଅଭିନୟ ଦର୍ପଣର ଏକ ଶ୍ଳୋକ ଆରମ୍ଭ କରିଥିଲେ, ଯାହା ହସ୍ତ ମୁଦ୍ରାର ବିନିଯୋଗ ଉପରେ ଧାରଣା ଦେଇଥିବ । ଏକ ପ୍ରଦର୍ଶନ କଳା ପାଇଁ ରସ ଉଦ୍ରେକ ହେବା ଆବଶ୍ୟକ। ସେଥିପାଇଁ ମନର ଭାବଗୁଡ଼ିକ ପରିପ୍ରକାଶ କରିବା ସହିତ ମନରେ ଏକାଗ୍ରତା ରହିବା ଜରୁରୀ ।

ଆସ ତୁମର ନୃତ୍ୟ ଉପସ୍ଥାପନା କରିବ ପାଇଁ ଶ୍ଳୋକଗୁଡ଼ିକ ଆବୃତ୍ତି କରିବା-

।। ଯତୋ ହସ୍ତସ୍ତତୋ ଦୃଷ୍ଟି ଯତୋ ଦୃଷ୍ଟି ସ୍ତତୋ ମନଃ,
ଯତୋ ମନସ୍ତତୋ ଭାବଃ ଯତୋ ଭାବ ସ୍ତତୋ ରସଃ ।।

''ଅଭିନୟ ଦର୍ପଣ''

ଯେଉଁଠାକୁ ହାତ ଗତିକରେ ଆଖି ତା' ପଛେ ପଛେ ଯାଏ,
ଆଖି ଯେଉଁଠାକୁ ଯାଏ, ମନ ତା' ପଛେ ପଛେ ଯାଏ ।
ଯେଉଁଠାରେ ମନ ନିର୍ଦ୍ଦେଶିତ ହୁଏ, ସେଠାରେ ଭାବ ସୃଷ୍ଟି ହୁଏ,
ଯେଉଁଠାରେ ଭାବ ଥାଏ, ସେଠାରେ ରସ ପ୍ରକାଶିତ ହୁଏ ।

ତିମେ ଏହାକୁ ପୂର୍ବରୁ ଦିଆଯାଇଥିବା ନୃତ୍ୟର ବର୍ଣ୍ଣନା ସହିତ ସମ୍ପର୍କିତ କରିପାରିବ କି ?



ନୃତ୍ୟ

## ହସ୍ତ ମୁଦ୍ରାର ବିନିଯୋଗ ଦ୍ୱାରା ବାର୍ତ୍ତାଳାପ

**ପ୍ରଥମ ଅଧ୍ୟାୟରେ,** ତୁମେମାନେ ଶିଖିଲ ଯେ କିଭଳି ଭାବେ ହସ୍ତମୁଦ୍ରାଗୁଡ଼ିକୁ, ମୂର୍ତ୍ତିକଳାଗୁଡ଼ିକର ଅଭିବ୍ୟକ୍ତି ଓ ନିର୍ଦ୍ଦିଷ୍ଟ ବାର୍ତ୍ତା ପ୍ରଦାନ କରିବା ପାଇଁ କୁଶଳୀ ଭାବରେ ବ୍ୟବହାର କରାଯାଇଥିଲା । ଏହି ହସ୍ତ ମୁଦ୍ରା ବିନିଯୋଗ ଦ୍ୱାରା ନୃତ୍ୟ, ନାଟକ ଓ ଦୃଶ୍ୟକଳାର ସାଙ୍କେତିକ ଭାବକୁ ପରିପ୍ରକାଶ କରିବା ସହିତ କାହାଣୀକୁ ଚିତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ତୁମେ ପୂର୍ବରୁ ଅସଂଯୁକ୍ତ ହସ୍ତ ମୁଦ୍ରାର ବିନିଯୋଗ ସହିତ ପରିଚିତ ।

**ସୂଚନା :** ଅସଂଯୁକ୍ତ ହସ୍ତ ମୁଦ୍ରାର ବିନିଯୋଗ ପାଇଁ ଦ୍ରଷ୍ଟା କରି ଷଷ୍ଠ ଶ୍ରେଣୀର କ୍ରୀଡ଼ାର କ୍ରୀତି ପାଠ୍ୟ ପୁସ୍ତକକୁ ଦେଖନ୍ତୁ । ଏଠାରେ କିଛି ସଂଯୁକ୍ତ ହସ୍ତ ମୁଦ୍ରାର ବିନିଯୋଗ ଦିଆଯାଇଛି ।



https://withteachers.in/

## କାର୍ଯ୍ୟକଳାପ ୧୧.୨ :

ଏବେ ତୁମେ ସଂଯୁକ୍ତ ହସ୍ତ ମୁଦ୍ରାର ବିନିଯୋଗ କରି ବିଭିନ୍ନ ଉପାୟଗୁଡ଼ିକୁ ଅନୁସରଣ କର ।
ଏଠାରେ ବିଭିନ୍ନ ପ୍ରକାର ସଂଯୁକ୍ତ ହସ୍ତ ମୁଦ୍ରାର ବିନିଯୋଗ ଦିଆଯାଇଛି ।



ନାମ- ଅଞ୍ଜଳି
ବିନିଯୋଗ
- ନମସ୍କାର



ନାମ- କର୍କଟ
ବିନିଯୋଗ
- ଲୋକମାନେ ଏକାଠି ହେବା
- ପେଟ ଦେଖାଇବା
- ଦେହକୁ ମୋଡ଼ିବା
- ଗଛ ଡାଳ ତଳକୁ ଭିଡ଼ିବା ଅର୍ଥରେ



ନାମ- ପୁଷ୍ପପୁଟ
ବିନିଯୋଗ
- ଫୁଲ ଅର୍ପଣ କରିବା
- ପାଣି ପିଇବା
- ବସ୍ତୁଆଦିକୁ ଗ୍ରହଣ କରିବା
- ଆରତୀ କରିବା



ନାମ- ଶକଟ
ବିନିଯୋଗ
- କ୍ରୋଧ
- ରାକ୍ଷସ
- ଚିତ୍ର



ନାମ- ଶଙ୍ଖ
ବିନିଯୋଗ
- ଶଙ୍ଖ ଫୁଙ୍କିବା



ନାମ- ପାଶ
ବିନିଯୋଗ
- ପରସ୍ପର କଳହ କରିବା
- କଡ଼ା ଗଣ୍ଠି (ଫାଶ)
- କଷ୍ଟସାଧ ଗଣ୍ଠି
- ଜଞ୍ଜିର



ନାମ- କୀଳକ
ବିନିଯୋଗ
- ବନ୍ଧୁତା
- ସ୍ନେହ



ନାମ- ସମ୍ପୁଟ
ବିନିଯୋଗ
- ବସ୍ତୁକୁ ଲୁଚାଇବା
- ପସାକୁ ଗଡ଼ାଇବା



ନାମ- ମତ୍ସ୍ୟ
ବିନିଯୋଗ
- ମାଛକୁ ଦର୍ଶାଇବା କ୍ଷେତ୍ରରେ ବ୍ୟବହାର କରିବା



ନାମ- ଗରୁଡ଼
ବିନିଯୋଗ
- ଗରୁଡ଼ ପକ୍ଷୀ ଅର୍ଥରେ
- ସାଧାରଣ ପକ୍ଷୀ ଅର୍ଥରେ (ଦୁଇଡେଣା ସହିତ ଦର୍ଶାଇବା)



https://withteachers.in/

## କାର୍ଯ୍ୟକଳାପ ୧୧.୩ :

ଏବେ ଶ୍ରେଣୀରେ ଉପସ୍ଥିତ ଥିବା ସାଙ୍ଗମାନଙ୍କ ସହିତ ଅସଂଯୁକ୍ତ ଓ ସଂଯୁକ୍ତ ହସ୍ତ ମୁଦ୍ରାକୁ ନେଇ ଶବ୍ଦକୁ  ବ୍ୟବହାର କରି କଥାବାର୍ତ୍ତା କରନ୍ତୁ (ଷଷ୍ଠ ଶ୍ରେଣୀରେ କୃତି ପାଠ୍ୟ ପୁସ୍ତକରୁ ତୁମେ ଅସଂଯୁକ୍ତ ହସ୍ତ ମୁଦ୍ରାର ବିନିଯୋଗ ଜାଣିଥିବା)

ତୁମେ ତୁମ ସାଙ୍ଗମାନଙ୍କ ସମ୍ମୁଖରେ ଉଭୟ ଅସଂଯୁକ୍ତ ଓ ସଂଯୁକ୍ତ ହସ୍ତ ମୁଦ୍ରାର ବିନିଯୋଗ କରି ଏକ ଅର୍ଥପୂର୍ଣ୍ଣ ବାକ୍ୟଟିଏ ପ୍ରକାଶ କର ଏବଂ ସାଙ୍ଗମାନେ ଏହାର ଅର୍ଥକୁ ଅନୁମାନ କରି କହିବେ ।

ପ୍ରଥମେ ଛୋଟ ବାକ୍ୟାଂଶଟିକୁ ଚେଷ୍ଟା କରନ୍ତୁ ।

### ସ୍ୱାଗତମ୍ ବନ୍ଧୁ


ସ୍ୱାଗତମ୍(ଅଞ୍ଜଳି)


ମୋର ବନ୍ଧୁ (କୀଳକ)

### ଆମ୍ଭେ ଏକାଠି ଅଛୁ


ସ୍ୱାଗତମ୍ (ଅଞ୍ଜଳି)


ଏକାଠି (କର୍କଟ)

### କ୍ରୋଧିତ ହୋଇ କଳହ କରନ୍ତୁ ନାହିଁ / ରାଗିକରି ଝଗଡ଼ା କରନ୍ତୁ ନାହିଁ


ରାଗି କରି


ରାଗିକରି ଝଗଡ଼ା କର ନାହିଁ


ପାଶ (ଝଗଡ଼ା)

### ଜଙ୍ଗଲ ଭିତରେ ଗୋଟିଏ ହରିଣ ଥିଲା ।


କର୍କଟ (ଜଙ୍ଗଲ ଭିତରେ)


ମୃଗ ଶୀର୍ଷ (ଗୋଟିଏ ହରିଣ)


ସୂଚୀ (ଥିଲା)

### ନଦୀରେ ମାଛ ଥିଲା


ପତାକା (ହସ୍ତ ମୁଦ୍ରା)


ନଦୀରେ ମତ୍ସ୍ୟ (ହସ୍ତ ମୁଦ୍ରା)


ମାଛସୂଚୀ (ହସ୍ତ ମୁଦ୍ରା) ଥିଲା



https://withteachers.in/

ଏହାପରେ ପୂର୍ଣ୍ଣ ବାକ୍ୟ ତିଆରି କରିବା ପାଇଁ ବିଭିନ୍ନ ହସ୍ତ ମୁଦ୍ରାର ମିଶ୍ରଣ କରନ୍ତୁ । ତୁମେ ତୁମର ସୃଜନଶୀଳତା ଅନୁସାରେ ବିଭିନ୍ନ ହସ୍ତ ମୁଦ୍ରାକୁ ମିଶ୍ରଣ କରି ବିନିଯୋଗ କରି ପାରିବ ।

**ଉଦାହରଣ**

- ସ୍ୱାଗତ ବନ୍ଧୁ ।
- ରାଗିକରି ଝଗଡ଼ା କରନ୍ତୁ ନାହିଁ ।
- ଆସନ୍ତୁ ଏକାଠି ଖେଳିବା ।
- ଜଙ୍ଗଲ ଭିତରେ ଗୋଟିଏ ହରିଣ, ଉଡୁଥିବା ପକ୍ଷୀ ଏବଂ ନଦୀରେ ମାଛ ଥିଲା ।

ଏହିଭଳି ମଜାଳିଆ କଥାବାର୍ତ୍ତା କରିପାରିବ ।

୧. ତୁମେ କ'ଣ କରାଟେ ଜାଣିଛ ? ଏଥିରେ କେଉଁସବୁ ଅଙ୍ଗ ବିନ୍ୟାସ ଓ ମୁଦ୍ରାଗୁଡ଼ିକ ବ୍ୟବହାର କରାଯାଏ ?

୨. ତୁମେ ଅନୁଭବ କରୁଛ କି ଯେ ଏହା ଏକ ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇପାରେ ?



**ଶିକ୍ଷକଙ୍କ ପାଇଁ ସୂଚନା :**
ଶିକ୍ଷକ ପ୍ରତ୍ୟେକ ପିଲାମାନଙ୍କ ପାଇଁ ଗୋଟିଏ ଗୋଟିଏ ବାକ୍ୟ କହିବେ ।

## ଡେଇଁବା ଓ ଭ୍ରମରୀ (ଘୂର୍ଣ୍ଣନ)-

## ନୃତ୍ୟରେ ତୁମେ କେଉଁ ଉପାୟରେ ଡେଇଁପାରିବ ଓ ଘୂରାଇ ପାରିବ

**ନୃତ୍ୟ ପ୍ରଦର୍ଶନରେ ଡେଇଁବା, ଘୂରିବା (ଭ୍ରମରୀ) ଆଦି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି**

ଡେଇଁବା, ଭ୍ରମରୀ ନୃତ୍ୟ ଶବ୍ଦାବଳିର ଆଉ ଏକ ଭାଗ; ଯାହା ଶୁଦ୍ଧ ନୃତ୍ୟରେ ଭାବପୂର୍ଣ୍ଣ ଆବେଗକୁ ବୃଦ୍ଧି କରିବା ପାଇଁ ବ୍ୟବହାର କରାଯାଏ ।

ଡେଇଁବା ଓ ଭ୍ରମରୀ ଉଭୟ ଗୀତର ତାଳ ଦ୍ୱାରା ପରିବେଷଣ କରାଯାଇ ପାରିବ । ଯାହା ନୃତ୍ୟର ସୌନ୍ଦର୍ଯ୍ୟପୂର୍ଣ୍ଣ ଭାବକୁ ବୃଦ୍ଧି କରିଥାଏ । ବିନା ତାଳର ବ୍ୟବହାର କରି ମଧ୍ୟ କାହାଣୀକୁ ନୃତ୍ୟ ମାଧ୍ୟମରେ ପରିବେଷଣ କରିପାରିବ ।



ଡେଇଁବା ଓ ଭ୍ରମରୀ (ଘୂର୍ଣ୍ଣନ) ନୃତ୍ୟ



https://withteachers.in/

## କାର୍ଯ୍ୟକଳାପ ୧୧.୪ : ଡେଇଁବା ଓ ଭ୍ରମରୀ (ଘୂର୍ଣ୍ଣନ) ନୃତ୍ୟ ଶିକ୍ଷାର ଅଭିବୃଦ୍ଧି

ତୁମେ ଯେତେବେଳେ ଖେଳୁଛ, କିମ୍ବା ଦୈନନ୍ଦିନ କାର୍ଯ୍ୟକଳାପରେ ନିୟୋଜିତ ହେବା ସମୟରେ ଡେଇଁବା ଓ ଘୂର୍ଣ୍ଣନ (ଭ୍ରମରୀ) ଆଚରଣ କରିଥାଇପାର । ନିମ୍ନରେ କିଛି ଡେଇଁବା ଓ ଭ୍ରମରୀ (ଘୂର୍ଣ୍ଣନ) ଅଭ୍ୟାସ କରିବାର ଉଦାହରଣ ଦିଆଯାଇଛି ।

### ଡେଇଁବା

ଗୋଟିଏ ଗୋଡ଼ ଉଠାଇ ଡେଇଁପଡ଼ ।



ଆଗକୁ ଯିବାପାଇଁ ଗୋଟିଏ ଗୋଡ଼ରେ ଆଗକୁ ଲମ୍ଫ ପ୍ରଦାନ କରି ଡେଇଁପଡ଼ ।



ଦୁଇଗୋଡ଼ରେ ଆଣ୍ଠୁକୁ ବଙ୍କାକରି ଉପରକୁ ଡେଇଁବା



ଗୋଡ଼ ବଙ୍କାକରି ସିଧା ଡେଇଁବା



ଭାବ, ଡେଇଁପଡ଼ି ତୁମ ବନ୍ଧୁମାନଙ୍କ ସହିତ ଘୂର । ତୁମେ ଏହାକୁ ଉପଭୋଗ କଲ କି ?

### ଭ୍ରମରୀ/ଘୂର୍ଣ୍ଣନ

ଗୋଟିଏ ଗୋଡ଼ରେ ଘୂରିବା



ଉପର ହସ୍ତ ଉପରକୁ ଉଠାଇ ଘୂରିବା







ନୃତ୍ୟରେ ବିଭିନ୍ନ ଶୈଳୀର ଡେଇଁବା



https://withteachers.in/

## ପ୍ରାଣୀମାନେ ଡେଇଁବା ଏବଂ ଘୂରିବା ପ୍ରକ୍ରିୟା

ବିଭିନ୍ନ ପ୍ରାଣୀମାନ ପ୍ରାକୃତିକ ଗତିବିଧିରେ କିପରି ଡେଇଁଥାଆନ୍ତି ଏବଂ ଘୂର୍ଣ୍ଣନ(ଭ୍ରମରୀ) କରନ୍ତି ତାହା ଦେଖ ।

ଗୋଟିଏ ମାଙ୍କଡ଼ କିପରି ଗୋଟିଏ ଗଛରୁ ଅନ୍ୟ ଗଛକୁ ଡେଇଁଆ ମାରେ ।





ବିଲେଇଟିଏ କିପରି ସୁନ୍ଦର ଭାବେର ଡିଆଁ ମାରି / ଡେଇଁ ଆରାମରେ ଭୂଇଁକୁ ଓହ୍ଲାଏ ।





ଠେକୁଆ ଓ କଙ୍ଗାରୁ କିପରି ଡିଆଁ ମାରନ୍ତି ଯେପରିକି ସେମାନେ ନିଜ ଗୋଡ଼ରେ ଝୁଲୁଛନ୍ତି/ବସିଛନ୍ତି ।

ଠେକୁଆ



କଙ୍ଗାରୁ



ଏକ ମୟୂର ତା'ର ପୁଚ୍ଛକୁ ବିସ୍ତାର କରିବା ସମୟରେ କିପରି ସୁନ୍ଦର ଭାବରେ ଏକ ବୃତ୍ତାକାରରେ ଘୂର୍ଣ୍ଣନ କରେ ।





https://withteachers.in/

ଏହି ଗତି ଗୁଡ଼ିକ ଆମର ଲୋକନୃତ୍ୟ, ପାରମ୍ପରିକ ନୃତ୍ୟ ଓ ଶାସ୍ତ୍ରୀୟ ନୃତ୍ୟର ଏକ ଅବିଚ୍ଛିନ୍ନ ଅଂଶ ଅଟେ। କର୍ଣ୍ଣାଟକ ଯକ୍ଷଗାନରେ ନୃତ୍ୟଶିଳ୍ପୀମାନେ ଆଣ୍ଠୁରେ ଠିଆହୋଇ ଘୂର୍ଣ୍ଣନ ପ୍ରଦର୍ଶନ କରନ୍ତି । ପ୍ରାୟତଃ ସେସବୁ ନୃତ୍ୟଗୁଡ଼ିକ ବାରମ୍ବାର ଘୂର୍ଣ୍ଣନ କରିବାଦ୍ୱାରା ପରିବେଷଣ କରାଯାଇଥାଏ । କାଲବେଲିଆ, ରାଜସ୍ଥାନର ଏକ ପାରମ୍ପରିକ ନୃତ୍ୟ ଶୈଳୀ, ଯେଉଁଥିରେ ଏକ ବୃତ୍ତାକାରରେ ଘୂର୍ଣ୍ଣନ ପାଦ ସଂପାଦନ କରି ପରିବେଷଣ କରାଯାଏ ।

ମଣିପୁରର ପୁଙ୍ଗ-ଚୋଲମ୍ ନୃତ୍ୟରେ, ବାଦ୍ୟକାରମାନେ ନିଜର ବାଦ୍ୟ ଯନ୍ତ୍ରକୁ ଧରି ପଲଟା ମାରି ଘୂର୍ଣ୍ଣନ କରିଥାନ୍ତି । ଉତ୍ତର ଭାରତର ଶାସ୍ତ୍ରୀୟ ନୃତ୍ୟ କଥକ ନୃତ୍ୟରେ ନର୍ତ୍ତକୀମାନଙ୍କ ଘୂର୍ଣ୍ଣନ ପ୍ରକ୍ରିୟା ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥାଏ ଏହା କଥକ ନୃତ୍ୟର ମୁଖ ଦର୍ପଣ ଅଟେ ।



ଯକ୍ଷଗାନ ନୃତ୍ୟରେ ଡେଇଁବା ଶୈଳୀ



କାଲବେଲିଆ ନୃତ୍ୟ ଶୈଳୀରେ (ଭ୍ରମରୀ) ଘୂର୍ଣ୍ଣନ ପ୍ରକ୍ରିୟା



ପୁଙ୍ଗଚୋଲମ୍ ନୃତ୍ୟରେ ଡେଇଁବା ପ୍ରକ୍ରିୟା



କଥକ ନୃତ୍ୟ ଶିଳ୍ପୀରେ ଭ୍ରାମରୀ



https://withteachers.in/

## କାର୍ଯ୍ୟକଳାପ ୧୧.୫

### ନିମ୍ନରେ ଦିଆଯାଇଥିବା ତାଲିକାଭୁକ୍ତ ନୃତ୍ୟ ଶୈଳୀଗୁଡ଼ିକୁ ଦେଖନ୍ତୁ ।

| ନୃତ୍ୟ ଶୈଳୀ | ଡେଇଁବା | ଘୂର୍ଣ୍ଣନ / ଭ୍ରମରୀ |
|---|---|---|
| ଅରୁଣାଚଳ ପ୍ରଦେଶର ଆଜିଲାମୁ | | |
| ଛତିଶଗଡ଼ର ତେରତେରା | | |
| ତାମିଲନାଡୁର ପାଏକଲ କୁଥିରାଇ | | |
| ଓଡ଼ିଶାର ମୟୂରଭଞ୍ଜର ଛଉନୃତ୍ୟ | | |
| ହରିୟାଣାର ଗୁଗା ଧାମୋଡ଼ | | |
| ଲଦାଖର ଚାମ | | |
| ଗୋଆର ଫୁଗୁଡ଼ି | | |

ନିଜକୁ ଚାରୋଟି ଦଳରେ ବିଭକ୍ତ କର ଏବଂ ପ୍ରତ୍ୟେକ ଦଳକୁ ଏହି ନୃତ୍ୟ ଶୈଳୀରେ ଦେଖାଯାଇଥିବା କିଛି ଡିଆଁ(ଘୂର୍ଣ୍ଣନ)ଗୁଡ଼ିକୁ ଚେଷ୍ଟା କର ।

## କାର୍ଯ୍ୟକଳାପ ୧୧.୬ : କାହାଣୀ କହିବା

### ନିଜସ୍ୱ ନୃତ୍ୟ କୌଶଳ ମାଧ୍ୟମରେ କାହାଣୀ କହିବା

ତୁମେ ମୌଳିକ ପାଦ ଚାଳନା ଶିଖିଛ, ପରିସ୍ଥିତି ଅନୁସାରେ ଉପଯୁକ୍ତ ଅଭିବ୍ୟକ୍ତି କରିବା ଜାଣିବା ହସ୍ତ ମୁଦ୍ରାର ପ୍ରଭାବଶାଳୀ ବିନିଯୋଗ ଗୁଡ଼ିକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବା ଶିଖିଛ ଡେଇଁବା ଓ ଭ୍ରମରୀ (ଘୂର୍ଣ୍ଣନ) ପ୍ରକ୍ରିୟାକୁ ଅଭ୍ୟାସ କରିବା ।

ତୁମେ ଗୋଟିଏ ନୃତ୍ୟ ସଂରଚନା କର ।
କିମ୍ବା
ତୁମେ ସ୍ୱତଃସ୍ଫୂର୍ତ ଭାବେ ନୃତ୍ୟଟିଏ ସଂରଚନା କର ।

### ଆନନ୍ଦ ଅବସର ସମୟ – ମୁକ୍ତ ଅଭିନୟ

ଦୁଇଟି ଦଳ ଗଠନ କର । ପ୍ରଥମ ଦଳ ହସ୍ତ ମୁଦ୍ରା ବିନିଯୋଗ ଓ ଅଭିନୟ ମାଧ୍ୟମରେ ଏକ ଛୋଟ ପରିସ୍ଥିତିକୁ ପ୍ରଦର୍ଶନ କରିବେ । ଯେପରି ଅନ୍ୟ ଦଳଟି ଏହି ପରିସ୍ଥିତିକୁ ଅନୁମାନ କରି କିଛି ଆବର୍ତ୍ତନ ପାଇଁ ଏହି ଖେଳଟିକୁ କରିପାରୁଥିବେ । କିଛି ଆବର୍ତ୍ତନ ପାଇଁ ଏହି ଖେଳଟିକୁ ଜାରି ରଖ । ତାପରେ ଉତ୍ତମ ପ୍ରଦର୍ଶନ କରି ଦଳକୁ ବିଜୟୀ ଦଳ ଭାବେ ଘୋଷିତ କର ।

ଏହି ଖେଳଟି ବହୁତ କୌତୂହଳପୂର୍ଣ୍ଣ ହେବ ।



**ଶିକ୍ଷକଙ୍କ ପାଇଁ ସୂଚନା :** ପିଲାମାନଙ୍କ ସ୍ତର ଓ ଦକ୍ଷତା ଦେଖି ସେମାନଙ୍କୁ ବିଭିନ୍ନ ପରିସ୍ଥିତିକୁ ପ୍ରଦର୍ଶନ କରିବାକୁ ପରାମର୍ଶ ଦିଅନ୍ତୁ ।



https://withteachers.in/

# ମାନ ନିର୍ଦ୍ଧାରଣ

## ଅଧ୍ୟାୟ - ୧୧ : ନୃତ୍ୟର ଶବ୍ଦାବଳି ଏବଂ କୌଶଳ

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ର/ଛାତ୍ରୀ |
|---|---|---|---|---|
| ୧ | ୧.୧ | ପାଦଭେଦରେ ବିଭିନ୍ନ ମୌଳିକ କୌଶଳ ଗୁଡ଼ିକ ବୁଝିବା । | | |
| ୧ | ୧.୨ | ନୃତ୍ୟର ମୌଳିକ ପାଦ ଚାଳନା ସହିତ ତାଳ ଅଭ୍ୟାସକୁ ବୁଝିବା । | | |
| ୧ | ୧.୩ | ଯୋଗାଯୋଗର ଉପକରଣ ଭାବରେ ହସ୍ତ ମୁଦ୍ରାର ବିନିଯୋଗକୁ ବୁଝିବା । | | |
| ୨ | ୨.୧ | ବିଭିନ୍ନ ନୃତ୍ୟରେ ଡେଇଁବା ଓ ଘୂର୍ଣ୍ଣନ ଗତିକୁ ଯୋଡ଼ିବା । | | |
| ୨ | ୨.୨ | ଡେଇଁବା ଓ ଘୂର୍ଣ୍ଣନ ଅଭ୍ୟାସକୁ ସହଜ ଅନୁଭବ କରିଛ । | | |
| ୨ | ୨.୩ | ନିଜର ଭାବକୁ ପ୍ରକାଶ କରିବା ପାଇଁ ସମସ୍ତ କୌଶଳର ବ୍ୟବହାର କରିପାରିବା । | | |

### ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଙ୍କ ପର୍ଯ୍ୟବେକ୍ଷଣ

......................................................................................................

......................................................................................................

......................................................................................................

......................................................................................................

......................................................................................................



https://withteachers.in/

অধ্যায় - ১২

# ନୃତ୍ୟ, ତୁମେ ଏବଂ ସୃଜନଶୀଳତା



## ନୃତ୍ୟରେ କଟିର ଗତି :

କଟିର ଉପରିଭାଗ, ନିମ୍ନ ଭାବ, ବାହୁ ଏବଂ ପାଦ ଭେଦ ଅନୁସନ୍ଧାନ କରିବା ପରେ ତୁମେ ଏବେ କଟିର ଭଙ୍ଗୀ ଚାଳନା, ପ୍ରକାରଭେଦ ଦେଖିବ– ଯାହା ନାଟ୍ୟ ଶାସ୍ତ୍ରରେ ଉଲ୍ଲେଖ ଅଛି ।

ଭାରତୀୟ ନୃତ୍ୟ, ପରମ୍ପରାରେ 'କଟି ଭେଦର ଚାଳନା' ଦ୍ୱାରା ଗୀତର ଭାବକୁ ପରିପ୍ରକାଶ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଯଦ୍ୟପି/ ଯଦିଓ ସେମାନଙ୍କର ନିର୍ଦ୍ଦିଷ୍ଟ ବ୍ୟବହାର ଏବଂ ଶୈଳୀ ବିଭିନ୍ନ ଶାସ୍ତ୍ରୀୟ ଓ ଲୋକନୃତ୍ୟ ଶୈଳୀରେ ଭିନ୍ନ ଭିନ୍ନ ହୋଇପାରେ ।

ତଦ୍ୟପି/ତଥାପି ଏଗୁଡ଼ିକ ସୌନ୍ଦର୍ଯ୍ୟମୟ, ଆଭିଜାତ୍ୟପୂର୍ଣ୍ଣ, ସୁଦୃଢ଼ତା ଓ ନମନୀୟତାପୂର୍ଣ୍ଣ ଭାବେ ପରିଚିତ ।

ନିମ୍ନରେ ଭାରତୀୟ ନୃତ୍ୟ ପରମ୍ପରାରେ ନିତମ୍ବ ଚାଳନା ଓ କଟିଭେଦରେ ଗତିବିଧିଗୁଡ଼ିକ ପ୍ରାଞ୍ଜଳ ଭାବେ ଦର୍ଶାଯାଇଛି ।

### କଟିକୁ ମୋଡ଼ିବା :

ଗରଭା ନୃତ୍ୟ ଶୈଳୀରେ, କଟିକୁ ବିଭିନ୍ନ ଆକାରରେ ଘୂରାଇବା ଭଳି ଗତିବିଧିଗୁଡ଼ିକୁ ଦେଖିବାକୁ ମିଳେ ।



### ଏ ପାଖରୁ ସେପାଖ :

ଆମଦେଶର ଅନେକ ଲୋକ ନୃତ୍ୟରେ, ତୁମେ ପାର୍ଶ୍ୱକୁ ପାର୍ଶ୍ୱ ଗତିବିଧି ଦେଖିବାକୁ ପାଇବ, ଯଥା- କଲବେଲିଆ, ନୃତ୍ୟରେ ଗୋଟିଏ ପଟୁ ଅନ୍ୟପଟକୁ କଟି ଚାଳନା ହୋଇଥାଏ ।



### ସମ୍ମୁଖ ଓ ପଶ୍ଚାତ୍ ଚଳନ :

କିଛି ଭାରତୀୟ ନୃତ୍ୟ ପରମ୍ପରାରେ ପଛ ଏବଂ ଆଗକୁ କଟିଚଳନ ଦେଖାଯାଏ । ତୁମେ ଏହି ଚଳନ ବିହୁ ଓ ଛଉ ନୃତ୍ୟଶୈଳୀରେ ଦେଖିବାକୁ ପାଇବ ।





## ବୃତ୍ତାକାର

ତୁମେ ହିପ୍‌କୁ କିପରି ଘୂରାଅ ? ତୁମେ କ'ଣ ଏହାକୁ ବ୍ୟବହାର କରିବା ସମୟରେ କଟିର ଘୂର୍ଣ୍ଣନ ଦେଖିଛ ? ଉଦାହରଣ ସ୍ୱରୂପ : ସାପ ନୃତ୍ୟରେ ବୃତ୍ତାକାର ଭାବେ ଘୂର୍ଣ୍ଣନ ଗତି ହୋଇପାରିବ କି ?



ରାଜସ୍ଥାନର ସାପେରା ନୃତ୍ୟ





ହୁଲା ହପ

## କାର୍ଯ୍ୟକଳାପ ୧୨.୧ : କଟିର ଗତି ସହିତ ନୃତ୍ୟ

ଏବେ, ବିଭିନ୍ନ ଭାରତୀୟ ନୃତ୍ୟଶୈଳୀରେ, କଟିର ଏଭଳି ଚଳନଗୁଡ଼ିକୁ ପର୍ଯ୍ୟବେକ୍ଷଣ ଓ ନିରୀକ୍ଷଣ କରିବା ସହିତ ସେଗୁଡ଼ିକୁ ନିଜେ କରିବାକୁ ଚେଷ୍ଟାକର ।

ନିଜେ, ନିଜସ୍ୱ ଶୈଳୀରେ ଏକ ନୃତ୍ୟ ପ୍ରସ୍ତୁତି କରିବାକୁ ଚେଷ୍ଟା କର, ଯାହା ବିଭିନ୍ନ ପଶୁ, ପକ୍ଷୀମାନଙ୍କର ଚରିତ୍ରକୁ ଅନୁକରଣ କରିବା ସହିତ ସେମାନଙ୍କ କଟିଚଳନକୁ ସଂଯୋଗ କରୁ ।





ଛାତ୍ରମାନେ ହିପ୍ ଗତି ବ୍ୟବହାର କରି ନୃତ୍ୟ ଅଭ୍ୟାସ କରୁଛନ୍ତି ।



**ଶିକ୍ଷକଙ୍କ ସୂଚନା :** କିଛି ନୃତ୍ୟ ଶୈଳୀକୁ ଦେଖିବାର କାର୍ଯ୍ୟକଳାପ ସଂଯୋଜନା କରନ୍ତୁ ଏବଂ ଛାତ୍ରଛାତ୍ରୀମାନଙ୍କୁ ଦଳଗତ ଭାବରେ ଭାଗ କରି ବିଭିନ୍ନ କଟି ଚଳନ କରିବାରେ ପ୍ରେରିତ କରନ୍ତୁ । ପାଠକରୁ ଆରମ୍ଭ କରିଥିବା ଉଦ୍ବୋଚ ବ୍ୟବହାର କରି କଟିର ବିଭିନ୍ନ ଗତି ଚଳନକୁ ଦେଇ ପାରିବ ।



https://withteachers.in/

## ସୀମାହୀନ ପାରମ୍ପରିକତା ଓ ରୂପାନ୍ତରଣ


ବେଦାନ୍ତମ୍ ସତ୍ୟନାରାୟଣ ଶର୍ମା

ଷଷ୍ଠ ଶ୍ରେଣୀର କିଛି ପାଠ୍ୟ ପୁସ୍ତକରେ, ଆମେ ବହୁ ନୃତ୍ୟ ପରମ୍ପରା ସହିତ ଜଡ଼ିତ ପୁରୁଷ ଏବଂ ମହିଳା ଶିଳ୍ପୀମାନଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲୁ । ଏକକ ନୃତ୍ୟ ପରମ୍ପରାରେ, ଜଣେ ନୃତ୍ୟ ଶିଳ୍ପୀ ଏକାଧାରରେ ବିଭିନ୍ନ ଚରିତ୍ରରେ ଅଭିନୟ କରିଥାନ୍ତି, ଏବଂ ଗୋଟିଏ ଚରିତ୍ରରୁ ଅନ୍ୟ ଏକ ଚରିତ୍ରକୁ ପରିବର୍ତ୍ତନ କରିଥାନ୍ତି । ସମଗ୍ର ଭାରତରେ ମହିଳା ନୃତ୍ୟଶିଳ୍ପୀମାନଙ୍କୁ ନେଇ ଏକ ସମୃଦ୍ଧ ପରମ୍ପରା ଥିଲା, ଯାହା ଯେଉଁମାନେ ବିଭିନ୍ନ ଭୂମିକା ଗ୍ରହଣ କରି କାହାଣୀ ଓ ଗୀତରେ ଥିବା ବିଭିନ୍ନ ଚରିତ୍ର ମାନଙ୍କର କାହାଣୀ ଓ କବିତା ଅଭିନୟ କରୁଥିଲେ ।

କିନ୍ତୁ ସେହି ସମୟରେ, ପୁରୁଷ ନର୍ତ୍ତକମାନେ କେବଳ ନାରୀବେଶ ହୋଇ/ ଧାରଣ କରି ଅଭିନୟ କରୁଥିଲେ ।

ସେହିପରି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ପ୍ରସିଦ୍ଧ କୁଚୁପୁଡ଼ି ନୃତ୍ୟଶିଳ୍ପୀ, ବେଦାନ୍ତମ୍ ସତ୍ୟନାରାୟଣ ଶର୍ମା ଯିଏ ମହିଳା ବେଶ ପୋଷାକରେ ପ୍ରଦର୍ଶନ କରୁଥିଲେ ।

ପାରମ୍ପରିକ ନୃତ୍ୟ - ନାୟକରେ ପ୍ରାୟତଃ ପୁରୁଷ ନର୍ତ୍ତକମାନେ, ମହିଳା ଭୂମିକା ଗ୍ରହଣ କରନ୍ତି ଏବଂ ସେମାନଙ୍କ ବେଶପୋଷାକ ଚରିତ୍ରର ଚିତ୍ରଣ ନିର୍ଣ୍ଣୟ କରିବାରେ ସହଜସାଧ୍ୟ ହୋଇଥାଏ ।

ଶଢ଼େଇକଳା ଓ ପୁରୁଲିଆ ଛଉ ନୃତ୍ୟ ପରମ୍ପରାରେ ମୁଖା ବ୍ୟବହାର କରାଯାଏ, ଯାହା ବିଷୟରେ ଆମେ ଷଷ୍ଠ ଶ୍ରେଣୀରେ କଳାକୁଞ୍ଜ ପୁସ୍ତକରୁ ଶିଖିଥିଲୁ । ଆସନ୍ତୁ ଆଉ ଦୁଇଟି ପ୍ରଦର୍ଶନ ପରମ୍ପରା ବିଷୟରେ ଜାଣିବା, ଯେଉଁଠାରେ ପୁରୁଷ ନୃତ୍ୟଶିଳ୍ପୀମାନେ ପାରମ୍ପରିକ ଭାବରେ ମହିଳା ଚରିତ୍ର ଅଭିନୟ କରି ଆସୁଛନ୍ତି । ଯଦିଓ ବର୍ତ୍ତମାନ ଉଭୟ ପରମ୍ପରା ମହିଳାମାନଙ୍କୁ ସେମାନଙ୍କର ପାରମ୍ପରିକ ଅଭ୍ୟାସରେ ଅଂଶୀଦାର ବଢ଼ିଛି ଏବଂ ଏହା ସଂପୂର୍ଣ୍ଣ ଭାବେ ସ୍ୱାଗତଯୋଗ୍ୟ / ସ୍ୱାଗତ କରୁଛି । ଉଦାହରଣ ସ୍ୱରୂପ : ଓଡ଼ିଶାର ଗୋଟିପୁଅ ନୃତ୍ୟ, ଆସାମର ଅଙ୍କିଆ ନାଟ ।

## ମେଲାଟ୍ଟୁରରୁ ଭଗବତ ମେଳା ନାଟକମ୍, ତାମିଲନାଡୁ


ଏନ୍. ଶ୍ରୀକାନ୍ତ ନଟରାଜନ୍

ଏହା ଦକ୍ଷିଣ ଭାରତର ଏକ ନୃତ୍ୟ ନାଟିକା ପରମ୍ପରା । ଏହି ଶୈଳୀ ଆନ୍ଧ୍ରପ୍ରଦେଶର କୁଚିପୁଡ଼ି ଗାଁରୁ ଆରମ୍ଭ ହୋଇଥିଲା । ଏହି ନୃତ୍ୟ ଶୈଳୀର ମୁଖ୍ୟ କର୍ଣ୍ଣଧାର ଥିଲେ ତୀର୍ଥନାରାୟଣ ଯତି ଏବଂ ସିଦ୍ଧେନ୍ଦ୍ର ଯୋଗୀ । ବିଜୟ ନଗର ସାମ୍ରାଜ୍ୟର ପତନ ପରେ କିଛି ଭାଗବତ ତୀର୍ଥମାନେ ଆନ୍ଧ୍ରରୁ ମେଲାଟ୍ଟୁରକୁ ଚାଲି ଯାଇଥିଲେ ।

ତାଞ୍ଜାଭୁର, ନାୟକ ରାଜାମାନଙ୍କ ଦ୍ୱାରା ପୃଷ୍ଠପୋଷକତା ମିଳିବା ପରେ ମେଲାଟ୍ଟୁର ପୁଣି ଥରେ ଏହି ନୃତ୍ୟ ନାଟକ ପରମ୍ପରା ଆରମ୍ଭ ହୋଇଥିଲା । ପ୍ରସିଦ୍ଧ ସଂସ୍କୃତ ବିଦ୍ୱାନ ପଣ୍ଡିତ ଗୋପାଳ କୃଷ୍ଣ ଶାସ୍ତ୍ରୀ ଓ ତାଙ୍କ ପୁତ୍ର ଭେଙ୍କଟରାମ ଶାସ୍ତ୍ରୀ ଉଭୟ ସନ୍ଥ ନାରାୟଣ ତୀର୍ଥ ଯତିଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ପୃଷ୍ଠପୋଷକ, ଅଚ୍ୟୁତପ୍ପା ନାୟକ ଓ ସେବପ୍ପା ନାୟକ ଏହି ବ୍ରାହ୍ମଣମାନଙ୍କ ମେଲାଟ୍ଟୁର ଗ୍ରାମଟିକୁ ଉପହାର ଭାବେ ଦେଇଥିଲେ, ପରେ ଏହା ଏକ ସୂକ୍ଷ୍ମ କଳାକେନ୍ଦ୍ର ଭାବେ ଗଢ଼ି ଉଠିଲା । ୨୦ ଶତାବ୍ଦୀର ପ୍ରାରମ୍ଭରେ ସବୁଠାରୁ ପ୍ରସିଦ୍ଧ ଗୁରୁ ନଟେସ ଆୟାରଙ୍କର ମୃତ୍ୟୁ ପରେ, ସ୍ୱାମୀନାଥନଙ୍କ ଅଧୀନରେ ଏହି କେନ୍ଦ୍ରଟି ପରିଚାଳନା ହେବା ସହିତ ନୃତ୍ୟ ଦଳରେ ସମସ୍ତ ଶିଳ୍ପୀମାନେ ଅଭ୍ୟାସ ଜାରି ରଖିଥିଲେ । କେନ୍ଦ୍ରର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିମାନେ ହେଲେ ବାଲୁ ଭାଗବଥାର ଓ ଟି.ଭି. ନଟେସ ଭଗବଥାର ।

୧୯୫୦ ମସିହାରେ ଇ. କୃଷ୍ଣ ଆୟାଙ୍କର ପ୍ରଚେଷ୍ଟାରେ ଏବଂ ମାଡ୍ରାସ୍ ସଂଗୀତ ଏକାଡେମୀର ସହଯୋଗରେ (ଏହା ପୁଣି ଥରେ ନିଜସ୍ୱ ସ୍ଥିତି ବଜାୟ ରଖିପାରିଲା) ପୁନରୁଦ୍ଧାର କରାଯାଇଥିଲା ।

ମଇ କିମ୍ବା ଜୁନ୍ ମାସରେ ନରସିଂହ ଜୟନ୍ତୀ ସମୟରେ ଭାରଦ ରାଜ ପେରୁମାଲ ମନ୍ଦିର ପ୍ରାଙ୍ଗଣରେ ମୁଖ୍ୟ ପ୍ରଦର୍ଶନ ଭାବେ ପରିବେଷିତ ହୋଇଥିଲା ପ୍ରସିଦ୍ଧ ପ୍ରହଲ୍ଲାଦ ଚରିତମ୍ । ଏହି ନୃତ୍ୟ ଶୈଳୀରେ ପାରମ୍ପରିକ ଭାବରେ ପୁରୁଷ ନୃତ୍ୟ ଶିଳ୍ପୀମାନେ ମହିଳା ଚରିତ୍ରରେ ଅଭିନୟ କରନ୍ତି ।



https://withteachers.in/

## ଆସାମର ଅଙ୍କିଆ ନାଟ



ଅଙ୍କିଆ ନାଟ ହେଉଛି ଆସାମର ଏକ ନୃତ୍ୟ ନାଟକ ପରମ୍ପରା, ଯାହା ଖ୍ରୀଷ୍ଟିୟ ୧୫ ଶତାବ୍ଦୀରେ ବିକଶିତ ହୋଇଥିଲା, ବୈଷ୍ଣବ ମାନଙ୍କର ଗାନ ଓ ନୃତ୍ୟ ପରମ୍ପରାକୁ ଅନୁସରଣ କରି ନାମ ଘର ଏବଂ ସଭାଘର ସ୍ଥାପନ କରାଯାଇଥିଲା; ଯେଉଁଠାରେ ପୁରୁଷ ଭିକ୍ଷୁମାନେ ସଂଗୀତ ଓ ନୃତ୍ୟ ମାଧ୍ୟମରେ ଭାଗବତ ପୁରାଣର କାହାଣୀଗୁଡ଼ିକୁ ପରିବେଷଣ କରୁଥିଲେ । ଅଙ୍କିଆ ନାଟର ଏକ ନିର୍ଦ୍ଦିଷ୍ଟ ଉପସ୍ଥାପନା ଶୈଳୀକୁ ଭାଓନା କୁହାଯାଏ, ଯେଉଁଥିରେ ବାଦ୍ୟଯନ୍ତ୍ର, ଗୀତ, ନୃତ୍ୟ ଓ ବେଶ ପୋଷାକଗୁଡ଼ିକର ମହାସମାବେଶ ଦେଖାଯାଏ ।

ଏହି ନାଟ ପରମ୍ପରାରେ ମୁଖା ହେଉଛି ଏକ ମୁଖ୍ୟ ଉପକରଣ । ଏହା ଭାଓନା ନୃତ୍ୟଶୈଳୀ ସାଂସ୍କୃତିକ ପରମ୍ପରାକୁ ଆଧାର କରି, ଆଶୀର୍ବାଦ ଭିକ୍ଷାପୂର୍ବକ ମନୋଭାବ ସହିତ ଆରମ୍ଭ ହୁଏ । ସେଥିରେ ବ୍ୟବହାର ହେଉଥିବା ଗୀତଗୁଡ଼ିକ ବ୍ରଜ ଭାଷାରେ ବୋଲାଯାଏ । ସବୁଠାରୁ ପ୍ରସିଦ୍ଧ ନାମ ଘର ହେଉଛି ଆସାମ ପ୍ରଦେଶ ମଜୁଲି ଜିଲ୍ଲାର କମଳାବାରି ସତ୍ତ୍ରା ।

## କାର୍ଯ୍ୟକଳାପ ୧୨.୨:



ଅଙ୍କିଆ ଭାଓନାର ସୀତା ମୁଖା



ପୁରୁଲିଆ ଛଉ

ଅସୀମିତ ଭାବେ ମୋର ବେଶପୋଷାକ ଓ ଅଙ୍ଗଭଙ୍ଗୀ ମୋର ଚରିତ୍ର ନିର୍ଣ୍ଣୟ କରେ । ଉଦାହରଣସ୍ୱରୂପ ଜଣେ ମୁକ୍ତଭାବରେ ମହିଳାଙ୍କ ଅଙ୍ଗଭଙ୍ଗୀ ଓ ମୁଖାକୁ ବ୍ୟବହାର କରିବେ ଯେଉଁଥିରେ କଟିର ଏପଟ ସେପଟକୁ ଅନ୍ତର୍ଭୁକ୍ତ କରିପାରିବ କିମ୍ବା ଏକ ମୟୂର ପୋଷାକ, ମୁଖା ବ୍ୟବହାର କର ଯେଉଁଥିରେ କଟିର ଆଗପଛ ଚଳନ ଅନ୍ତର୍ଭୁକ୍ତ ଥିବ ।

ପୂର୍ବରୁ ତୁମେ ନାଟକ ଭାଗରେ ମୁଖାଗୁଡ଼ିକ ତିଆରି କରିବା ଶିଖିଥିଲ । ଏବେ ତୁମେ ସେହି ଶୈଳୀଗୁଡ଼ିକୁ ମୁଖା ତିଆରି କରିବା ପାଇଁ ମନେ ପକାଇ ପାରିବ କି ?

ବର୍ତ୍ତମାନ ତୁମେ ତୁ ମନ ପସନ୍ଦର ଏକ ଚରିତ୍ରକୁ ଚିତ୍ରଣ କରିବାପାଇଁ ମୁଖାଟିଏ ବାଛ କିମ୍ବା ଏବେ ତୁମର କଟୀଚଳନ ଓ ତୁମ ମନ ପସନ୍ଦର ଚରିତ୍ରକୁ ମୁଖାଦ୍ୱାରା ପ୍ରଦର୍ଶନ କର ।



https://withteachers.in/

## ନୃତ୍ୟ ପରମ୍ପରାରେ ପରିବର୍ତ୍ତନ ଓ ରୂପାନ୍ତରଣ

ଜାତୀୟତାବାଦୀ ଆନ୍ଦୋଳନ ସହିତ ସାଂସ୍କୃତିକ ପୁନଃରୁଦ୍ଧାର ସମୟରେ ଶାସ୍ତ୍ରୀୟ ନୃତ୍ୟର ପୁନର୍ଜନ୍ମ ଓ ସମସାମୟିକ ଶବ୍ଦାବଳୀର ଉତ୍ଥାନ ହୋଇଥିଲା ।

### ରବୀନ୍ଦ୍ରନାଥ ଟାଗୋର



ରବୀନ୍ଦ୍ରନାଥ ଟାଗୋର ୧୯୨୧ ମସିହାରେ ଶାନ୍ତି ନିକେତନ ଠାରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ନାମକ ପ୍ରଥମ ଲଳିତ କଳା ବିଶ୍ୱବିଦ୍ୟାଳୟ ସ୍ଥାପନ କରିଥିଲେ । ଏହି ଅନୁଷ୍ଠାନ, ଆମର ପାରମ୍ପରିକ ନୃତ୍ୟରୁ ଏକ ନୂତନ ଶବ୍ଦାବଳୀ ବିକାଶ କରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଯାହା ପରବର୍ତ୍ତୀ ସମୟରେ ରବୀନ୍ଦ୍ର ନୃତ୍ୟ ଭାବରେ ପରିଚିତ । ସେ ମହିଳାଙ୍କ ପାଇଁ ବୃତ୍ତିଗତ ନୃତ୍ୟ ପ୍ରଦର୍ଶନର ପ୍ରବର୍ତ୍ତକ ଥିଲେ ।



ରବୀନ୍ଦ୍ର ନୃତ୍ୟ

ଏବେ ଗୀତର ଦୁଇପଦକୁ ରବୀନ୍ଦ୍ର ନୃତ୍ୟ ମାଧ୍ୟମରେ ପ୍ରଦର୍ଶନ କରିବାକୁ ପ୍ରଚେଷ୍ଟା କର ।

### ଉଦୟ ଶଙ୍କର



ଉଦୟ ଶଙ୍କର ଆଧୁନିକ ଭାରତୀୟ ନୃତ୍ୟର ପ୍ରବର୍ତ୍ତକ ଥିଲେ । ସେ ।୧୯୨୦ ମସିହାରେ କୌଣସି ନୃତ୍ୟ ତାଲିମ ବିନା ଆନ୍ନାପାଭଲୋଭାଙ୍କ ସହିତ ନୃତ୍ୟ ପରିବେଷଣ କରିଥିଲେ । ସେ ଭାରତର ବିଭିନ୍ନ  ପାରମ୍ପରିକ ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ ଏବଂ ଆଦିବାସୀ ନୃତ୍ୟର ସୃଜନଶୀଳତାର ସାରତତ୍ତ୍ୱକୁ ଗ୍ରହଣ କରି ନିଜସ୍ୱ ଶୈଳୀରେ ଏକ ନୂତନ ନୃତ୍ୟ ଉପସ୍ଥାପନା କରିଥିଲେ ଯାହା ପରବର୍ତ୍ତୀ ସମୟରେ ଉଦୟ ଶଙ୍କରଙ୍କ ନୃତ୍ୟ ଶୈଳୀ ଭାବେ ପରିଚିତ ।



ଉଦୟ ଶଙ୍କର ଓ ଅମଳା ଶଙ୍କରଙ୍କ ଯୁଗଳବନ୍ଦୀ ନୃତ୍ୟ

୧୯୪୮ ମସିହାରେ ନିର୍ମିତ ହୋଇଥିବା ନୃତ୍ୟ ଚଳଚ୍ଚିତ୍ର 'କଳ୍ପନା' ଆଜି ପର୍ଯ୍ୟନ୍ତ ଅତୁଳନୀୟ ହୋଇ ରହିଛି ।

ତୁମେ ଅନ୍‌ଲାଇନ୍‌ରୁ ଉଦୟଶଙ୍କରଙ୍କ କିଛି Video Clips ଓ ଚଳଚ୍ଚିତ୍ର କଳ୍ପନାର କିଛି ଅଂଶ ଦେଖି, ସେଗୁଡ଼ିକୁ ନିଜେ କରିବାକୁ ଚେଷ୍ଟାକର ।



https://withteachers.in/

## ସଂରଚନା : ମଞ୍ଚକଳାରୁ ପରଦା

ତୁମେ ନୃତ୍ୟରେ ସଂରଚନା ଶବ୍ଦ ସହିତ ଆଗରୁ ଅଭ୍ୟସ୍ତ । ବର୍ତ୍ତମାନ ପରଦାରେ ମଧ୍ୟ ସମାନ କଥା ଦେଖିପାରିବ ।

ଭାରତୀୟ ଚଳଚ୍ଚିତ୍ରରେ ତା'ର ଅସ୍ତିତ୍ୱ ସମୟରେ ଅନେକ ନୃତ୍ୟ ସଂରଚନାରେ ବ୍ୟବହାର କରାଯାଇଥିଲା । ପ୍ରସିଦ୍ଧ ନୃତ୍ୟ ସଂରଚନା ମଧ୍ୟରୁ ଗୁରୁ ଲଚ୍ଛୁ ମହାରାଜଙ୍କ ଦ୍ୱାରା ନିର୍ଦ୍ଦେଶିତ ନୃତ୍ୟ ମୋଗଲ-ଏ-ଆଜମ ଏବଂ ଗୋପୀ କୃଷ୍ଣଙ୍କ ଦ୍ୱାରା ନିର୍ଦ୍ଦେଶିତ ନୃତ୍ୟ -ଝନକ ପାୟଲ ବାଜେ । ଅନେକ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଭାରତ ନାଟ୍ୟମ୍ ନୃତ୍ୟରେ ଦକ୍ଷ ଥିଲେ ଏବଂ ଚଳଚ୍ଚିତ୍ର ମାନଙ୍କରେ ସୁନ୍ଦର ନୃତ୍ୟ ପରିବେଷଣ କରୁଥିଲେ ।

ଭାରତରତ୍ନ ସମ୍ମାନିତ ଏମ୍. ଏସ୍. ଶୁଭଲକ୍ଷ୍ମୀ ସୁନ୍ଦର ଅଭିନୟର ଯାଦୁକାରୀ ଥିଲେ ଏବଂ ସେ ଅନେକ ଚଳଚ୍ଚିତ୍ରରେ ନିଜର ଅଭିନୟର ଯାଦୁକାରୀ ପ୍ରଦର୍ଶନ କରିଥିଲେ ।

ସାମ୍ପ୍ରତିକ ସମୟରେ ପ୍ରସିଦ୍ଧ କଥକ ନୃତ୍ୟ ଗୁରୁ ବିରଜୁ ମହାରାଜଙ୍କ ଦ୍ୱାରା ନିର୍ଦ୍ଦେଶିତ 'କାହେ ଛେଡ ମୋହେ' ଗୀତର ନୃତ୍ୟ ପରିବେଷଣ ଦେଖି ଲୋକପ୍ରିୟତା ଅର୍ଜନ କରିଥିଲା । ଭାରତବର୍ଷର ବିଭିନ୍ନ ପ୍ରାନ୍ତରେ ପ୍ରଚଳିତ ଥିବା ଲୋକନୃତ୍ୟ ଏବଂ ସୁନ୍ଦର ଗରବା ନୃତ୍ୟଭଳି ଅନ୍ୟାନ୍ୟ ଲୋକନୃତ୍ୟ ଅନେକ ଚଳଚ୍ଚିତ୍ରରେ ଦେଖିବାକୁ ମିଳେ ।

## କାର୍ଯ୍ୟକଳାପ ୧୨.୩ : ମୋର ସୃଜନଶୀଳତ ନୃତ୍ୟ

ଏ ପର୍ଯ୍ୟନ୍ତ ଶିଖିଥିବା ବିଭିନ୍ନ ଅଙ୍ଗଭଙ୍ଗୀକୁ ବ୍ୟବହାର କରି ତୁମେ ଏକ ସୃଜନଶୀଳ ନୃତ୍ୟ ବିକଶିତ କର । ନିଜକୁ ଯଥାକ୍ରମେ ୧, ୨, ୩ ଏବଂ ୪ ଦଳରେ ଭାଗ କରିନିଅ । ପ୍ରତ୍ୟେକ ଦଳ ପାଇଁ ଗୋଟିଏ ଗୋଟିଏ ବାକ୍ୟାଂଶ ନେଇ ସେଥିରେର ବିଭିନ୍ନ ପ୍ରକାର ହସ୍ତମୁଦ୍ରା, ଗତି, ଭ୍ରମରି ଏବଂ ଅଙ୍ଗଭଙ୍ଗୀକୁ ଯୋଡ଼ି ଏକ ନୃତ୍ୟ ଖଣ୍ଡ ପ୍ରସ୍ତୁତ କର । ତୁମେ ଗୀତ ଓ ତାଳ ବିଭିନ୍ନ ଗତିକୁ ଅନୁସରଣ କରି ନୃତ୍ୟ ଅଭ୍ୟାସ ପୂର୍ବରୁ କରିଛ । ଏବେ ବର୍ତ୍ତମାନ ଏକ ପରିସ୍ଥିତିକୁ ଚୟନ କରି ସେଥିରେ ଥିବା ଚରିତ୍ରମାନଙ୍କ ପାଇଁ ଆବଶ୍ୟକ ଅନୁସାରେ ବିଭିନ୍ନ ଭାବକୁ ଯୋଡ଼ି ପାରିବ । ବର୍ତ୍ତମାନ ପ୍ରତ୍ୟେକ ଦଳର ନୃତ୍ୟ ବାକ୍ୟାଂଶ ସହିତ ମିଶାଇ ଗୋଟିଏ ସମ୍ପୂର୍ଣ୍ଣ ନୃତ୍ୟ ପ୍ରସ୍ତୁତ କର । ତୁମେ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ମାଧ୍ୟମରେ ନୃତ୍ୟ ସଂରଚନା ଓ ନୃତ୍ୟ ନିର୍ଦ୍ଦେଶନାର ପରିକଳ୍ପନା ପରିପାରିବ ।



ସୃଜନଶୀଳ ନୃତ୍ୟ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀମାନେ



**ଶିକ୍ଷକଙ୍କ ପାଇଁ ସୂଚନା :** ପିଲାମାନନଙ୍କୁ ଚଳଚ୍ଚିତ୍ରରେ ଥିବା ନୃତ୍ୟ ଅଂଶକୁ ଦେଖିବାକୁ ଦିଅନ୍ତୁ । ଉପରୋକ୍ତ ଗୀତଗୁଡ଼ିକ ଯେପରିକି : "ଆଲମ୍ ଚାପଲାମ୍" ଯମୁନାକୁ ଆଉ ଯାଅନା" ଝନକ ଝନକ ପାୟଲ ବାଜେ, ଶଙ୍କରାଭରଣ ରାଗରେ ଆଧାରିତ ତଥା ଶିକ୍ଷକଙ୍କ ଦ୍ୱାରା ମନୋନୀତ ଅନ୍ୟ ଗୀତଗୁଡ଼ିକରେ ମଧ୍ୟ ନୃତ୍ୟ ଅଭ୍ୟାସ କରିବାକୁ ଉତ୍ସାହିତ କରନ୍ତୁ ।



https://withteachers.in/

# ମାନ ନିର୍ଦ୍ଧାରଣ

| ଅଧ୍ୟାୟ - ୧୨ : ନୃତ୍ୟ ଏବଂ ସୃଜନଶୀଳତା | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ର/ଛାତ୍ରୀ |
| ୨ | ୨.୨ | ଶ୍ରେଣୀରେ ସମସ୍ତଙ୍କ ଅଂଶଗ୍ରହଣ | | |
| ୩ | ୩.୧ | ଚରିତ୍ରମାନଙ୍କର ଚିତ୍ରଣକୁ ବୃଦ୍ଧି କରିବାପାଇଁ ମୁଖା କିମ୍ବା ଅନ୍ୟାନ୍ୟ ଉପକରଣ (ପ୍ରାପ୍ସ୍ଲ) ବ୍ୟବହାର ଅନୁସନ୍ଧାନ କରିପାରିବ । | | |
| ୩ | ୩.୨ | ଆରାମଦାୟକ ଭାବରେ କଟୀର ଚଳନକୁ ବ୍ୟବହାର କରି ନୃତ୍ୟକୁ ସୃଜନ ଶୀଳତାରରେ ଯୋଡ଼ । | | |
| ୩ | ୩.୩ | ବିଭିନ୍ନ ଚରିତ୍ରମାନଙ୍କର ଆସନ ଏବଂ ଗତିବିଧିକୁ ଚେଷ୍ଟା କରିବାକୁ ଆଗ୍ରହୀ ? | | |
| ୩ | ୩.୪ | ନୃତ୍ୟ କରିବାପାଇଁ ଶିଖିଥିବା ସମସ୍ତ କୌଶଳକୁ ସୃଜନଶୀଳ ଭାବେ ବ୍ୟବହାର କରେ । | | |
| ୪ | ୪.୧ | ପାରମ୍ପରିକ ଏବଂ ଲୋକପ୍ରିୟ ସଂସ୍କୃତିର ସମସାମୟିକ ନୃତ୍ୟର ବିକାଶ ଜାଣିବାକୁ ଆଗ୍ରହୀ । | | |

**ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଙ୍କ ପର୍ଯ୍ୟବେକ୍ଷଣ**

..............................................................................................................................................................

..............................................................................................................................................................

..............................................................................................................................................................

..............................................................................................................................................................

..............................................................................................................................................................



https://withteachers.in/

# ପ୍ରସିଦ୍ଧ ବ୍ୟକ୍ତିତ୍ୱ



## ନୃତ୍ୟଗୁରୁ କେଳୁଚରଣ ମହାପାତ୍ର

କେଳୁଚରଣ ମହାପାତ୍ର ସର୍ବୋଚ୍ଚ ଓଡ଼ିଶୀ ନୃତ୍ୟଗୁରୁ ଭାବରେ ସମ୍ମାନିତ । ପୁରୀ ସହର ନିକଟ ରଘୁରାଜପୁର ଗ୍ରାମରେ ଏକ ପାରମ୍ପରିକ ଚିତ୍ରକର ପରିବାରରେ ତାଙ୍କର ଜନ୍ମ । ବାଲ୍ୟାବସ୍ଥାରେ ସେ ଗ୍ରାମରେ ଗୋଟିପୁଅ ଦଳ ଓ ପରେ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ରାସଦଳରେ ନୃତ୍ୟ ଓ ଅଭିନୟ କରିଥିଲେ । ଏହାପରେ ସେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ "ଓଡ଼ିଶା ଥିଏଟର୍ସ"ରେ ଯୋଗଦେଲେ । କିଛି କାଳପରେ ଏଥିରୁ ଅବ୍ୟାହତି ନେଇ ସେ ଅନ୍ନପୂର୍ଣ୍ଣା ଥିଏଟର୍ସ "ବି" ଗ୍ରୁପ୍ ଓ ରୂପଶ୍ରୀ ଥିଏଟର୍ସରେ ଜଣେ ନୃତ୍ୟଶିଳ୍ପୀ ତଥା ନୃତ୍ୟ ଗୁରୁ ଭାବରେ ବହୁ ବର୍ଷ କାର୍ଯ୍ୟ କରିଥିଲେ । ରଙ୍ଗମଞ୍ଚରେ ଥିଲାବେଳେ ସେ ନୃତ୍ୟଗୁରୁ ପଙ୍କଜ ଚରଣ ଦାସ, ଶ୍ରୀ ଦୁର୍ଲ୍ଲଭ ଚନ୍ଦ୍ର ସିଂହ, ଗୁରୁ ଦୟାଲ ଶରଣ ପ୍ରମୁଖଙ୍କ ଠାରୁ ନୃତ୍ୟ ଶିକ୍ଷା ଗ୍ରହଣ କରିଥିଲେ । ।୧୯୫୪ ମସିହାରେ କଟକ କଳା ବିକାଶ କେନ୍ଦ୍ରରେ ଯୋଗଦେଇ ୧୯୭୦ ମସିହା ପର୍ଯ୍ୟନ୍ତ ଓଡ଼ିଶୀ ନୃତ୍ୟ ବିଭାଗର ମୁଖ୍ୟ ଭାବରେ କାର୍ଯ୍ୟଭାର ତୁଲାଇଥିଲେ । ଏହାପରେ ୧୯୮୫ ମସିହାରେ ସେ "ଓଡ଼ିଶୀ ଗବେଷଣା କେନ୍ଦ୍ର"ରେ ଯୋଗଦେଇ ଦଶବର୍ଷ କାର୍ଯ୍ୟ କରିଥିଲେ । ୧୯୯୫ ମସିହାରେ ଗବେଷଣା କେନ୍ଦ୍ର ଛାଡ଼ି 'ସୃଜନ' ନାମକ ନିଜସ୍ୱ ସଂସ୍ଥା ପରିଚାଳନା କରୁଥିଲେ । ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଗୁରୁ କେଳୁଚରଣ ମହାପାତ୍ର ଏକ ସ୍ୱତନ୍ତ୍ର ଶୈଳୀର ପ୍ରବର୍ତ୍ତକ । ସେ ବସନ୍ତ, ଶଙ୍କରାଭରଣ, କଲ୍ୟାଣ, ଆରଭି, ବାଗେଶ୍ରୀ, ଖମାଜ, ସାବେରୀ ଆଦି ରାଗରେ ପଲ୍ଲବୀ ରଚନା କରିଛନ୍ତି । ଗୀତ ଗୋବିନ୍ଦର ଅଷ୍ଟପଦୀ ତଥା ବହୁ ଓଡ଼ିଆ ଗୀତିରେ ନୃତ୍ୟ ଅଭିନୟ ସଂରଚନା କରିଥିଲେ । ସେ ନିଜେ ଜଣେ ସୁଦକ୍ଷ ମର୍ଦ୍ଦଳ ବାଦକ ମଧ୍ୟ ଥିଲେ । ସେ ଜଣେ ଗଭୀର ମନୋଯୋଗୀ, କର୍ମନିଷ୍ଠ ଓ ସାଧନାରତ ନୃତ୍ୟଗୁରୁ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିଲେ । ତେଣୁ ଦେଶ ବିଦେଶରୁ ବହୁ ନୃତ୍ୟଶିଳ୍ପୀ ତାଙ୍କ ନିକଟରୁ ନୃତ୍ୟ ଶିକ୍ଷା କରିବା ପାଇଁ ଆସୁଥିଲେ ।

ଓଡ଼ିଶୀ ନୃତ୍ୟର ବହୁ ଖ୍ୟାତନାମା ନୃତ୍ୟଗୁରୁ ଓ ନୃତ୍ୟଶିଳ୍ପୀ ଗୁରୁ କେଳୁଚରଣଙ୍କ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶ୍ରୀମତୀ ପ୍ରିୟମ୍ବଦା ମହାନ୍ତି, ଶ୍ରୀମତୀ ସଂଯୁକ୍ତା ପାଣିଗ୍ରାହୀ, ଶ୍ରୀମତୀ କୁଙ୍କୁମ ମହାନ୍ତି, ଶର୍ମିଳା ବିଶ୍ୱାସ, ନନ୍ଦିତା ପଟ୍ଟନାୟକ, ମାଧବୀ ମୁଦଗଲ, ସୁଜାତା ମହାପାତ୍ର ପ୍ରମୁଖ ବେଶ୍ ଖ୍ୟାତନାମା ଶିଷ୍ୟ, ଏବଂ ନୃତ୍ୟ ଗୁରୁ ଭାବରେ ଗୁରୁ ରଘୁନାଥ ଦତ୍ତ, ଗୁରୁ ହରେକୃଷ୍ଣ ବେହେରା, ଗୁରୁ ରମଣୀ ରଞ୍ଜନ ଜେନା, ଗୁରୁ ଗଙ୍ଗାଧର ପ୍ରଧାନ, ଗୁରୁ ରତିକାନ୍ତ ମହାପାତ୍ର ପ୍ରମୁଖ ତାଙ୍କର ସୁନାମଧନ୍ୟ ଶିଷ୍ୟ ।

ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗୁରୁ କେଳୁଚରଣ ମହାପାତ୍ର ୧୯୬୬ରେ କେନ୍ଦ୍ର ସଙ୍ଗୀତ ଏକାଡେମୀ ପୁରସ୍କାର ଓ ୧୯୬୭ ମସିହାରେ ଓଡ଼ିଶା ସଙ୍ଗୀତ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ଏହାପରେ ସେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଥମେ "ପଦ୍ମଶ୍ରୀ" ଓ ୧୯୮୮ରେ "ପଦ୍ମ ଭୂଷଣ" ଉପାଧିରେ ଏବଂ ୧୯୯୮ ମସିହାରେ ପଦ୍ମ ବିଭୂଷଣ ଉପାଧିରେ ଭୂଷିତ ହୋଇଥିଲେ । ୧୯୮୭ ମସିହାରେ ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱାରା "କବି କାଳିଦାସ" ସମ୍ମାନ ଲାଭ କରିଥିଲେ । ଜୀବନରେ ଶେଷ ଅବସ୍ଥା ପର୍ଯ୍ୟନ୍ତ ସେ ନିଜ ନୃତ୍ୟ ପରିବେଷଣ କରୁଥିଲେ । ୨୦୦୪ ମସିହା ଏପ୍ରିଲ ମାସ ୭ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା ।



ଗୁରୁ କେଳୁଚରଣ ମହାପାତ୍ର

https://withteachers.in/

## ଗୁରୁ ଶ୍ରୀହରି ନାୟକ (୧୯୩୪-୨୦୧୦)



ଗୁରୁ ଶ୍ରୀହରି ନାୟକ ମୟୂରଭଞ୍ଜ ଛଉ ନୃତ୍ୟ ଶୈଳୀରେ ଜଣେ ପ୍ରମୁଖ ସୂତ୍ରଧାର ଥିଲେ । ସେ ୧ ଜୁଲାଇ, ୧୯୩୪ ମସିହାରେ କଟକ ଜିଲ୍ଲାର କନକ ପୁରଠାରେ ଜନ୍ମଲାଭ କରିଥିଲେ । କିନ୍ତୁ ତାଙ୍କ ପିତା ମୟୂରଭଞ୍ଜ ଜିଲ୍ଲା ପୋଲିସ୍ ବିଭାଗରେ ଚାକିରି କରିଥିବାରୁ ତାଙ୍କର ବାସସ୍ଥଳୀ ବାରିପଦା ଥିଲା । ପିଲାଟି ଦିନରୁ ତାଙ୍କ ନିକଟରେ ନୃତ୍ୟ ପ୍ରତିଭା ଦେଖାଯିବା ସହିତ ସେ ଉତ୍ତମ ଶାରୀରିକ ଗଠନର ଅଧିକାରୀ ଥିଲେ । ଦରବାରୀ ସମୟରେ ସେ ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସର୍ବକନିଷ୍ଠ ନୃତ୍ୟଶିଳ୍ପୀ ଭାବେ ତାଙ୍କ ଜୀବନ ଆରମ୍ଭ କରିଥିଲେ ।

ସେ ଗୁରୁ କାନ୍ଦ୍ରା ବାବୁ, ଗୁରୁ ପଦ୍ମଚରଣ ଭଞ୍ଜ ଏବଂ ଗୁରୁ ଅନ୍ତ ଚରଣ ସାଇଙ୍କଠାରୁ ତାଲିମ ଗ୍ରହଣ କରିଥିଲେ । ସେ ଏକକ ନୃତ୍ୟଶିଳ୍ପୀ ଭାବରେ ନଟରାଜ, ମହାଦେବ, ସବର ଟୋକା, ବିଷ୍ଣୁ ଆଦି ନୃତ୍ୟ ପରିବେଷଣ କରି ଉଚ୍ଚ ପ୍ରଶଂସାର ପାତ୍ର ହୋଇ ପାରିଥିଲେ । ଏହା ବ୍ୟତୀତ ସେ କୈଳାସ-ଲୀଳା, ପ୍ରେମିକ-ପ୍ରେମିକା, ମାୟା ଶବରୀ, କିରାତ ଅର୍ଜୁନ, ମହିଷାମର୍ଦ୍ଦିନୀ, କେଳା, ଧ୍ୱଜାତାଳ ଭଳି ଦଳଗତ ନୃତ୍ୟରେ ମଧ୍ୟ ମୁଖ୍ୟ ଭୂମିକାରେ ନୃତ୍ୟ ପରିବେଷଣ କରୁଥିଲେ । ସେ ତାଙ୍କ ପିଢ଼ିରେ ଜଣେ ପ୍ରତିଭାଶାଳୀ ନୃତ୍ୟ ଶିଳ୍ପୀ ଭାବେ ସାରା ଭାରତବର୍ଷରେ ପରିଚିତ । ଗୁରୁ ଶ୍ରୀହରି ନାୟକ ପ୍ରାୟ କୋଡ଼ିଏ ବର୍ଷଧରି ଓଡ଼ିଶା ସରକାରଙ୍କ ପୋଲିସ୍ ବିଭାଗରେ କାର୍ଯ୍ୟରତ ଥିଲେ । ତାପରେ ସେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛଉ ନୃତ୍ୟ ବିଭାଗୀୟ ମୁଖ୍ୟ ଭାବେ ଯୋଗଦାନ କରିଥିଲେ ।

ସରକାରୀ କାର୍ଯ୍ୟର ନିଯୁକ୍ତ ଥାଇ ମଧ୍ୟ ସେ ତାଙ୍କ ନୃତ୍ୟ ପରିବେଷଣ ପାଇଁ କଠିନ ଅଭ୍ୟାସ ଜାରି ରଖିଥିଲେ, ସେଥିପାଇଁ ତାଙ୍କୁ ଛଉ ନୃତ୍ୟରେ ଜଣେ ପ୍ରମୁଖ ଅଭ୍ୟାସକାରୀ ନୃତ୍ୟଶିଳ୍ପୀ ଭାବେ ସ୍ୱୀକୃତି ମିଳିଥିଲା । ମୟୂରଭଞ୍ଜ ଛଉ ନୃତ୍ୟକୁ ସେ ଦେଶ ବିଦେଶରେ ପରିବେଷଣ କରି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣି ଦେଇଥିଲେ ।

ସେ ୧୯୭୮ ମସିହାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ପରେ ୧୯୯୮ ମସିହାରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ଗୁରୁ ଭବାନି ଚରଣ ବିଶ୍ୱାଳ, ଗୁରୁ ସଦାଶିବ ପ୍ରଧାନ, ଗୁରୁ ଅଚିନ୍ତ୍ୟ ବେହେରା, ଗୁରୁ ସୁବ୍ରତ ପଟ୍ଟନାୟକ, ଗୁରୁ ଅଶୋକ ଘୋଷାଲ ଆଦି ତାଙ୍କର ଶିଷ୍ୟ ରୂପେ ପରିଚିତ ସୃଷ୍ଟି କରିଛନ୍ତି ।



### କାର୍ଯ୍ୟକଳାପ ୧୩.୧

ପ୍ରସିଦ୍ଧ ନୃତ୍ୟ ଶିଳ୍ପୀ ବାଲାସରସ୍ୱତୀ, ହଜାରି ଲାଲ, ଗୁରୁ ବିରଜୁ ମହାରାଜ, ସଂଯୁକ୍ତା ପାଣିଗ୍ରାହୀ, କିର୍ମନ ଶିବାରାମ ହେଡ଼ଗେ, ଗୁଲାବୋ ସାପେରାଙ୍କ ଜୀବନ ଉପରେ ଗବେଷଣା କରି ଲେଖ ।

ଏହାକୁ ଏକ ପ୍ରକଳ୍ପ କାର୍ଯ୍ୟ ଭାବରେ ଗୃହକାର୍ଯ୍ୟ ଦେଇପାରିବ ।



https://withteachers.in/

## ମାନ ନିର୍ଦ୍ଧାରଣ

### ଅଧ୍ୟାୟ - ୧୩ : ପ୍ରସିଦ୍ଧ ବ୍ୟକ୍ତିତ୍ୱ

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ର/ଛାତ୍ରୀ |
|---|---|---|---|---|
| ୪ | ୪.୨ | ପ୍ରସିଦ୍ଧ ନୃତ୍ୟଗୁରୁମାନଙ୍କ ବ୍ୟକ୍ତିତ୍ୱ ବିଷୟରେ ଜାଣିବାକୁ ଆଗ୍ରହୀ | | |
| ୪ | ୪.୨ | ଅତି କମ୍‌ରେ ଅନ୍ୟ ଜଣେ ପ୍ରସିଦ୍ଧ ନୃତ୍ୟଗୁରୁଙ୍କ ବିଷୟରେ ଅଧ୍ୟୟନ କରି ଲେଖିବା । | | |
| ୪ | ୪.୨ | ଏକ ପ୍ରକଳ୍ପ କାର୍ଯ୍ୟ କିମ୍ବା ପତ୍ରିକାରେ ସୃଜନଶୀଳ ଉପସ୍ଥାପନ । | | |

### ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଙ୍କ ପର୍ଯ୍ୟବେକ୍ଷଣ

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................



https://withteachers.in/

ଅଧ୍ୟାୟ - ୧୪

# ନାଟ୍ୟ



ନାଟ୍ୟ ହେଉଛି ଅଭିନୟ ମାଧ୍ୟମରେ କାହାଣୀର ଉପସ୍ଥାପନା କରିବା । ତୁମେ ଏହାର ବର୍ଣ୍ଣନା ପୂର୍ବରୁ ପୁସ୍ତକରେ ପଢ଼ିଛ, ଏବେ ଦୁଇଟି ନାଟ୍ୟ ପରମ୍ପରା ବିଷୟରେ ପଢ଼ ।

ଏହି ଅଧ୍ୟାୟରେ, ତୁମେ ନାଟ୍ୟରେ ନୃତ୍ୟ ଉପାଦାନଗୁଡ଼ିକୁ କିପରି ଅନ୍ତର୍ଭୁକ୍ତ କରାଯାଇପାରିବ; ତାହା ଅନୁସନ୍ଧାନ କରିବ । ନୃତ୍ୟ ଓ ନୃତ୍ୟ ନିର୍ଦ୍ଦେଶନା, ସଂଳାପ, ସଙ୍ଗୀତ, ବାଦ୍ୟ, ବେଶପୋଷାକ ଓ ରୂପସଜ୍ଜା ସହିତ ଏକ ସଙ୍ଗୀତ ମାଧ୍ୟମରେ କାହାଣୀଟିଏ ପ୍ରଦର୍ଶନ କରାଯାଇପାରିବ ।

କାହାଣୀ କହିବା ମାଧ୍ୟମରେ ତୁମେ କିପରି ନାଟ୍ୟରେ ନୃତ୍ୟର ଗତିବିଧିକୁ ତୁମର ସାଙ୍ଗମାନଙ୍କ ସହିତ ଅନ୍ତର୍ଭୁକ୍ତ କରିପାରିବ, ସେ ବିଷୟରେ ଆଲୋଚନା କର । ତୁମ ଭାବନା/ବିଚାର ଅନୁଯାୟୀ, ନିମ୍ନରେ ଏକ କାହାଣୀ ଦିଆଯାଇଛି ଅଥବା ତୁମେ ସ୍ୱତଃସ୍ଫୁର୍ତ୍ତ ଭାବେ କିମ୍ୱା ନିଜସ୍ୱ ଶୈଳୀରେ କାହାଣୀଟିଏ ଚୟନ କରି, ନୃତ୍ୟ ନିର୍ଦ୍ଦେଶନା ସହିତ ଏହାକୁ ନେଇ କୌତୁହଳପୂର୍ଣ୍ଣ ପରିବେଶ ତିଆରି କରିପାରିବ ।

ତେବେ, ଆସ ଆମେ ଏହି ଅଧ୍ୟାୟରେ ଏକ କାହାଣୀ ପଢ଼ିବା ସହିତ ଏଥିରେ ନୃତ୍ୟ କରି ଏକ ଆକର୍ଷଣୀୟ ଓ ଉପଭୋଗ୍ୟ ପରିସ୍ଥିତି ତିଆରି କରିବା ।



**ଶିକ୍ଷକଙ୍କ ପାଇଁ ସୂଚନା :** ଏହି କାର୍ଯ୍ୟକଳାପରେ ଆମର ଆଞ୍ଚଳିକ ଭାଷାରେ ନାଟ୍ୟ ଅଭ୍ୟାସ କରାନ୍ତୁ ।

ଏକ କ୍ଳାନ୍ତ ଅପରାହ୍ଣରେ, ଜେଜେମା ପିଲାମାନଙ୍କୁ ଏକାଠି କରି କୃଷ୍ଣ ଓ ସର୍ପ କାଳୀୟର କାହାଣୀ କହିବା ନିମନ୍ତେ ମାଧୁର୍ଯ୍ୟପୂର୍ଣ୍ଣ ଭାଷାରେ ଏହାକୁ ପରିପ୍ରକାଶ କରିଥିଲେ । ସେ ତାଙ୍କର ନାଟକୀୟ କଥା ଶୈଳୀରେ ଏହି ଗପଟିକୁ ଏକ ଜୀବନ୍ତ ଓ ଉତ୍କୃଷ୍ଟ ରୂପରେ ପ୍ରତିପାଦିତ କଲେ ।



https://withteachers.in/



ଏକଦା ଥରେ କାଳିନ୍ଦୀ ନଦୀକୂଳରେ କାଳୀୟ ନାଗ ନାମକ ଗୋଟିଏ ରାକ୍ଷସ ସାପ ବାସ କରୁଥିଲା । ସେ ଦେଖିବାକୁ ଅତି ହିଂସ୍ର, କ୍ରୋଧି ଓ ଭୟଙ୍କର ଥିଲା । ସିଏ ତା' ଫଣାର ହୁଙ୍କାର ମାଧ୍ୟମରେ ଏତେ ବିଷ ଓଗାଳୁଥିଲା ଯେ, ତାକୁ ଦେଖିବାକ୍ଷଣି ମନରେ ଭୟ ଜାଗ୍ରତ ହେଉଥିଲା । ତେଣୁ ପକ୍ଷୀମାନେ ନଦୀ ଉପରେ ଉଡ଼ିବାକୁ ସାହସ କରୁ ନଥିଲେ କି ଶିଶୁମାନେ ମଧ୍ୟ ନଦୀକୂଳରେ ଖେଳାବୁଲା କରିବାକୁ ମଧ୍ୟ ଭୟ କରୁଥିଲେ । କିନ୍ତୁ ଥରେ ସେହି ସ୍ଥାନକୁ ବାଳୁତ କୃଷ୍ଣ ଆସିଲେ ଯାହାଙ୍କ ମନରେ ଡର ଭୟ କିଛି ନଥିଲା । ସେ ଭୟଭୀତ ଶିଶୁମାନଙ୍କୁ ଦେଖି ସେମାନଙ୍କୁ ସାହାଯ୍ୟ କରିବାର ନିଷ୍ପତ୍ତି ନେଲେ ।

ସେହି ନଦୀକୂଳରେ ଅବସ୍ଥିତ ଥିବା ଏକ ସର୍ବୋଚ୍ଚ ବୃକ୍ଷକୁ ଚଢ଼ିଯାଇ ହାତରେ ଧରିଥିବା ବଂଶୀକୁ ବାଦନ କରିବା ଆରମ୍ଭ କଲେ । ତାଙ୍କର ବଂଶୀର ସ୍ୱର ଏତେ ମାଧୁର୍ଯ୍ୟପୂର୍ଣ୍ଣ ଓ ଆକର୍ଷଣୀୟ ଥିଲା ଯେ, ସେଠାରେ ସମସ୍ତ ପ୍ରାଣୀ ଏହି ସ୍ୱର ପ୍ରତି ଆକୃଷ୍ଟ ଓ ବିମୋହିତ ହୋଇଯାଇଥିଲେ । ଯେପରି ବୋହି ଆସୁଥିବା ନଦୀର ଢେଉ ଉପରେ ସୂର୍ଯ୍ୟକିରଣ ପଡ଼ିବା ଦ୍ୱାରା ଏକ ମନୋରମ ଦୃଶ୍ୟ ପ୍ରତୀୟମାନ ହୋଇଥାଏ, ଠିକ୍ ସେହିପରି କୃଷ୍ଣଙ୍କ ବଂଶୀର ନାଦ ମଧ୍ୟ ପ୍ରତୀତ ହେଉଥିଲା ।

ସେହିପରି କାଳୀୟ ନାଗ ମଧ୍ୟ ସେହି ମଧୁର ଧ୍ୱନିରୁ ବର୍ତ୍ତି ପାରିଲା ନାହିଁ । ନଦୀ ମଧ୍ୟରୁ ଉଠି ଆସି ସୁମଧୁର ଧ୍ୱନିର ତାଳରେ ନିଜକୁ ହଜାଇ ଦେଇ ତା'ର ଫଣାକୁ ଉଠାଇ ନୃତ୍ୟ କରିବାକୁ ଲାଗିଲା । ସେ ଧୀରେ ଧୀରେ ଶାନ୍ତ ସ୍ଥିର ହେବାକୁ ଲାଗିଲା ଏବଂ ତା'ର କ୍ରୋଧକୁ ଭୁଲିଗଲା । ଆନନ୍ଦରେ ଆଖି ବନ୍ଦ କରିଦେଲା । ତାପରେ କୃଷ୍ଣ ତା' ଫଣା ଉପରେ ଡେଇଁ ପଡ଼ି ନୃତ୍ୟ କରିବାକୁ ଲାଗିଲେ । ଆହା କି ସୁନ୍ଦର ନୃତ୍ୟ । ତାଙ୍କର ଛନ୍ଦଯୁକ୍ତ ପାଦ ଚାଳନା ଏବଂ ସୁନ୍ଦର ଲୟ ଆଶ୍ରିତ କୋମଳ ପାଦର ଗତି ଦେଖି ସମସ୍ତଙ୍କ ମନ ମୁଗ୍ଧ ହୋଇଗଲା । ଏହା ଦେଖି ଉଗ୍ର ଥିବା କାଳୀୟ ନାଗ ମଧ୍ୟ ଏଥିରେ ସାମିଲ ନ ହୋଇ ରହିପାରିଲା ନାହିଁ ।

ଏହା ଦେଖି ପକ୍ଷୀମାନେ ବାହାରକୁ ଆସି ଗୀତ ଗାଇବାକୁ ଲାଗିଲେ ଓ ଶିଶୁମାନେ ତାଳି ଦେଇ ଉଲ୍ଲସିତ ହେଲେ । କାଳୀୟ ଶାନ୍ତହୋଇ ଆନନ୍ଦ ମନରେ ନଦୀ ମଧ୍ୟକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ସେ କେବେ ମଧ୍ୟ ଆଉ କାହାକୁ ଦୁଃଖ ନ ଦେବାକୁ ମନସ୍ଥ କଲେ ।

ପିଲାମାନେ ଧ୍ୟାନର ସହିତ ଶୁଣିଲେ ଏବଂ ଉତ୍ସାହର ସହିତ ଏହି କାହାଣୀକୁ କିପରି ନାଟକ ଅଭିନୟର ରୂପ ଦେବେ ତାହା ମନସ୍ଥ କରି ଜେଜେମା'ଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କଲେ ।

ସେ ଉତ୍ତର ଦେଲେ, "ଆମକୁ ସମ୍ପୂର୍ଣ୍ଣ କାହାଣୀ ପାଇଁ ଗୋଟିଏ ଯୋଜନା ଓ ରୂପରେଖ ପ୍ରସ୍ତୁତ କରିବାକୁ ପଡ଼ିବ, ଯେପରି କି ଏଥିରେ ନୃତ୍ୟ ନିର୍ଦ୍ଦେଶନା, ସଙ୍ଗୀତ ସଂଯୋଜନା, ବେଶ ରଚନା, ମଞ୍ଚ ପରିକଳ୍ପନା, ଆଲୋକ ସଂଯୋଜନା ଆଦି ସଠିକ ଢଙ୍ଗରେ ପରିଚାଳିତ ହୋଇପାରିବ । ତୁମେ ଦେଖିବ ପିଲାମାନେ, ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ତାଙ୍କ ଭିତରେ ଥିବା ଅତି ଘୃଣା ମନୋଭାବକୁ ମଧ୍ୟ ଶାନ୍ତ କରାଯାଇପାରିବ । ନାଟ୍ୟ- କାହାଣୀ କହିବାର ଏକ ସୁନ୍ଦର କଳା, ଏହା କେବଳ ମନୋରଞ୍ଜନ ପାଇଁ ନୁହେଁ, ବରଂ ମନକୁ ସୁସ୍ଥ ଓ ଶାନ୍ତି ଆଣିବାରେ ମଧ୍ୟ ଶିକ୍ଷା ଦିଏ ।

ସମସ୍ତ ପାରମ୍ପରିକ କଳା ପରିବେଷଣ ପୂର୍ବରୁ ସର୍ବଦେବତାଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିବା ସହିତ ନମସ୍କାର ଜଣାଇ, ନାଟ୍ୟ, ନୃତ୍ୟ ବା ସଙ୍ଗୀତ ଆରମ୍ଭ କରାଯାଇଥାଏ । ଏଠାରେ ତୁମେ ନାଟ୍ୟ ସମ୍ପର୍କିତ ନମସ୍କାର ଓ ଆଶୀର୍ବାଦର ଉଲ୍ଲେଖ ଦେଖିବ ।

ସେ କହିଲେ, "ଆମର ପରମ୍ପରାରେ ପ୍ରତ୍ୟେକ ନାଟକ, କୃତଜ୍ଞତା ସହିତ ଆରମ୍ଭ ହୁଏ ଏବଂ ଶେଷ ମଧ୍ୟ ହୁଏ । ପରିବେଷଣ ପୂର୍ବରୁ ଆମେ ଏହାର ସଫଳତା ପାଇଁ ଆଶୀର୍ବାଦ ଚାହୁଁ, ଯେପରି ଆମେ ସ୍କୁଲରେ ସକାଳ ସଭାରେ ପ୍ରାର୍ଥନା କିମ୍ୱା ଗୀତ ଗାଇ ଦିନଟି ଆରମ୍ଭ କରୁ । ଏହା  ଆମ ମନକୁ ଏକାଗ୍ରତା ଏବଂ ଶାନ୍ତିର ଭାବନା ଆଣିଥାଏ ।

ଭାରତୀୟ ନାଟ୍ୟ ପରମ୍ପରାରେ ଯେ କୌଣସି ନାଟକର ପ୍ରାରମ୍ଭ ପର୍ଯ୍ୟାୟରେ ନମସ୍କାର କରିବା ଏକ ଅତି ଆବଶ୍ୟକୀୟ ଅଂଶ ଅଟେ । କିଛି ପ୍ରାର୍ଥନା ଶିଖିବା ଯାହାକୁ ଦେବତାଙ୍କ ନିକଟରେ ନମସ୍କାର ଭାବରେ /ରୂପେ ଏ ନାଟ୍ୟ ସମାପ୍ତି ପରେ ଆଶୀର୍ବାଦ ଭାବେ ପାଠ କରାଯାଇ ପାରିବ ।



https://withteachers.in/

ଏଠାରେ ଗୋଟିଏ ଉଦାହରଣ ଦିଆଯାଇଛି ଯାହାକୁ ତୁମେ ତୁମର ପ୍ରଦର୍ଶନରେ ଅଭିବାଦନ ରୂପେ ବ୍ୟବହାର କରିପାରିବ ବା ମାନୁଥିବ । ଦେବତାମାନଙ୍କ ନମସ୍କାର ପାଇଁ ବ୍ୟବହାର କରିପାରିବ କିମ୍ବା ନିଜେ ଅନ୍ୟ ଏକ ଉଦାହରଣ / ଗୀତକୁ ଚୟନ କରିପାରିବ ।

## ନମସ୍କାର

କଦାଚିତ୍ କାଳିନ୍ଦୀତଟ ବିପିନସଂଗୀତକରବୋ ।
ମୁଦାଭିରିନାରୀବଦନକମଳାସ୍ୱାଦମଧୁପଃ ।।

ରମାଶମ୍ଭୁବ୍ରହ୍ମାମରପତି ଗଣେଶାର୍ଚ୍ଚିତପଦୋ ।
ଜଗନ୍ନାଥ ସ୍ୱାମୀ ନୟନପଥଗାମୀ ଭବତୁମେ ।

-ଆଦିଗୁରୁ ଶଙ୍କରାଚାର୍ଯ୍ୟ

### ପଦର ଅର୍ଥ :

କଦାଚିତ୍ -ଏକଦା, କାଳିନ୍ଦୀ ତଟ- ଯମୁନା କୂଳରେ, ବିପିନ-ଜଙ୍ଗଲ, ସଂଗୀତ କରବୋ- ସଙ୍ଗୀତ ମୂର୍ଚ୍ଛନା ତୋଳିଥିଲେ (କୋଇଲି ରାବକୁ ରବୌ କୁହାଯାଏ) । ଯମୁନା କୂଳରେ ଜଙ୍ଗଲରେ ବେଳେ ବେଳେ ସଙ୍ଗୀତର ମୂର୍ଚ୍ଛନା ଧ୍ୱନି/ଗଢ଼ି ଦେବା । ମୁଦାଭିରି-ଆନନ୍ଦ ହେବା ଗୌଶଣୀ ନାରୀ-ନାରୀ, ବଦନ- ମୁଖ, କମଳ-ପଦ୍ମ, ମଧୁପ- ମଧୁର, ରମା- ଲକ୍ଷ୍ମୀ, ଶମ୍ଭୁ- ଶଙ୍କର, ବ୍ରହ୍ମାମରପତି- ବ୍ରହ୍ମା ଓ ଇନ୍ଦ୍ର, ଗଣେଶ-ଗଣେଶ, ର୍ଚ୍ଚିତପଦୌ- ପାଦ ସେବା କରନ୍ତି । ଜଗନ୍ନାଥ ସ୍ୱାମୀ- ଆମ ଇଷ୍ଟ ଶ୍ରୀ ଜଗନ୍ନାଥ, ନୟନ - ନେତ୍ରଦ୍ୱାରା, ପଥଗାମୀ- ବାଟ ଦେଖାଅ ବା ପଥ ପ୍ରଦର୍ଶନ କର, ଭବତୁମେ- ତୁମେ ହିଁ । ଗୌଡ଼ମଣିଙ୍କ ଠାରୁ ଆନନ୍ଦିତ ହୋଇ ମୁଖ ମଣ୍ଡଳରୁ ମଧୁର

ନମାମି ବିଘ୍ନରାଜଂ ତଂ କଳ୍ପବୃକ୍ଷ ସ୍ଥଲୋ ସ୍ଥିତମ୍ ।
ଉମାପୁତ୍ରଂ ମହାକାୟଂ ଦନ୍ତିନମ୍ ନୃତ୍ୟ କୋବିଦମ୍ ।।

ତାଣ୍ଡବ ପ୍ରିୟ ପୁତ୍ରାୟ ତାଣ୍ଡବ ପ୍ରିୟ ରୂପିଣେ,
ନମଃ ଚିନ୍ତାମଣିଂ ନିତ୍ୟଂ ଶୁଦ୍ଧବୁଦ୍ଧିପ୍ରଦାୟକମ୍ ।।

### ଉପର ପଦର ଅର୍ଥ :

ସମସ୍ତଙ୍କ ଦୁଃଖ, କଷ୍ଟକୁ ହରଣ କରୁଥିବା ସେହି ଗଣେଶଙ୍କୁ ମୋ ଭକ୍ତିପୂର୍ବକ ନମସ୍କାର ଜଣାଉଛି ।

ଉମାପୁତ୍ରଂ- ପାର୍ବତୀଙ୍କ ପୁତ୍ର

ମହାକାୟଂ- ଏକ ବଡ଼ ଶରୀର/ ବିଶାଳକାୟ ଶରୀର

ଦନ୍ତିନଂ- ହସ୍ତୀଦନ୍ତଧାରୀ

ନୃତ୍ୟ କୋବିଦମ୍- ନୃତ୍ୟ ବିଶାରଦ ।

### ଦ୍ୱିତୀୟ ପଦର ଅର୍ଥ :

ତାଣ୍ଡବ ପ୍ରିୟ ପୁତ୍ର- ତାଣ୍ଡବପ୍ରିୟ ଶିବଙ୍କ ପୁତ୍ର ଗଣେଶ

ତାଣ୍ଡବ ପ୍ରିୟ ରୂପେଣଂ - ଗଣେଶ ମଧ୍ୟ ଏପରି ତାଣ୍ଡବ ପ୍ରିୟ ଭାବରେ ପରିଚିତ ।

ନମଃ ଚିନ୍ତାମଣିଂ- ଚିନ୍ତା ପୂରଣ କରୁଥିବା ଗଣେଶଙ୍କୁ ନମସ୍କାର ।

ନିତ୍ୟ ଶୁଦ୍ଧ ବୁଦ୍ଧି ପ୍ରଦାୟକମ୍- ସର୍ବଦା ଆମ୍ଭମାନଙ୍କୁ ଶୁଦ୍ଧ ବୁଦ୍ଧି ପ୍ରଦାନ କରନ୍ତୁ ।

ସମସ୍ତଙ୍କର ଦୁଃଖ କଷ୍ଟକୁ ହରଣ କରୁଥିବା ବିଘ୍ନରାଜ ଗଣେଶଙ୍କ ନିକଟରେ ମୋର ଭକ୍ତିପୂର୍ବକ ନମସ୍କାର ଜଣାଉଛି । କଳ୍ପ ବୃକ୍ଷ ତଳରେ ଯାହାର ନିବାସ, ପାର୍ବତୀଙ୍କ ପୁତ୍ରଭାବେ ଯିଏ ପରିଚିତ ସ୍ଥୁଳ ଶରୀର ଧାରଣ କରିଥାନ୍ତି, ଯିଏ ଯାହାଙ୍କର ମସ୍ତକ ହାତୀ ମୁଣ୍ଡର ଥିବାର ଦାନ୍ତ ସଦୃଶ, ଯିଏ ନୃତ୍ୟ ବିଶାରଦ ଶିବଙ୍କ ତାଣ୍ଡବ ନୃତ୍ୟକୁ ଯେଉଁ ପୁତ୍ର ଭଲପାଏ, ଗଣେଶଙ୍କୁ ଏପରି ଏକ ରୂପ ଭାବରେ ମଧ୍ୟ ଚିତ୍ରଣ କରାଯାଇଛି, ଯାହାକୁ ତାଣ୍ଡବ ନୃତ୍ୟରେ ଆନନ୍ଦିତ କରିଥାଏ । ଇଚ୍ଛାପୂରଣ ପାଇଁ ଗଣେଶଙ୍କ ନିକଟରେ ପ୍ରଣାମ ଏବଂ ଦୈନନ୍ଦିନ ଆମ୍ଭମାନଙ୍କୁ ପବିତ୍ର ବୁଦ୍ଧି ପ୍ରଦାନ କରନ୍ତୁ ।



https://withteachers.in/

## ଅନୁଗ୍ରହ

ସେହିପରି ସମସ୍ତ ପ୍ରଦର୍ଶନ ଏକ ଆଶୀର୍ବାଦ ସହିତ ଶେଷ ହୁଏ । ସେ ଏହା କହି ଶେଷ କଲେ ଏବଂ ଯେତେବେଳେ ନାଟକ ଶେଷ ହୋଇଥାଏ, ଆମେ ଦର୍ଶକଙ୍କୁ ସେମାନଙ୍କର ସମୟ ଓ ଧ୍ୟାନ ପାଇଁ ଧନ୍ୟବାଦ ଅର୍ପଣ ଉଦ୍ଦେଶ୍ୟରେ ପ୍ରଣାମ କରୁ । ଦର୍ଶକଙ୍କ ବିନା ନାଟକ ପରିବେଷଣ ସଫଳ କି ? ଏହି ସମ୍ମାନର ଆଦାନ ପ୍ରଦାନ ହିଁ ନାଟ୍ୟକୁ ଏକ ସ୍ୱତନ୍ତ୍ର ରୂପ ଦେଇଥାଏ । ଏହା କେବଳ କାହାଣୀର ବିଷୟବସ୍ତୁକୁ ଉପସ୍ଥାପନା କରେ ନାହିଁ, ବରଂ ପ୍ରଦର୍ଶିତ କାହାଣୀରୁ ପ୍ରତ୍ୟେକଟି ଚରିତ୍ରକୁ ଦର୍ଶକମାନେ ଅନୁଭବ କରିଥାନ୍ତି ଏବଂ ସେହି ରସ ଆସ୍ୱାଦନ ମଧ୍ୟ କରିଥାନ୍ତି । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସମାଜରେ ମଣିଷମାନଙ୍କ ବ୍ୟବହାରିକ ପରିବର୍ତ୍ତନ ଏଭଳି ନାୟକ ମାଧ୍ୟମରେ ହୋଇଥାଏ ।

ଏଠାରେ ଏକ ଆଶୀର୍ବାଦ ଉଦାହରଣ ଦିଆଯାଇଛି ।

**।। ଓଁ ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ**
**ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖ ଭାଗ୍ ଭବେତ୍ ।।**

ଅର୍ଥାତ୍- ସମସ୍ତ ଜୀବ ଶାନ୍ତିରେ ରୁହନ୍ତୁ,
କେହି ରୋଗରେ ପୀଡ଼ିତ ନ ହେଉ,
ସମସ୍ତଙ୍କର ସମୃଦ୍ଧି ଦିବ୍ୟତା ହେଉ,
କେହି ଦୁଃଖରେ ପୀଡ଼ିତ ନ ହେଉ ।

## କାର୍ଯ୍ୟକଳାପ ୧୪.୧ : କଳା ପ୍ରଦର୍ଶନର ଯୋଜନା

ଏହି ନାଟ୍ୟ ରୂପାନ୍ତରଣରେ ଅନ୍ତର୍ଭୁକ୍ତ କରାଯାଇପାରୁଥିବା ସମସ୍ତ ନୃତ୍ୟ ଉପାଦାନଗୁଡ଼ିକୁ ତୁମ ଖାତାରେ ଲେଖି ରଖିବ ।

ନିଜକୁ ଦଳରେ ବିଭକ୍ତ କର, ପ୍ରତ୍ୟେକ ଦଳ ଗୋଟିଏ ଗୋଟିଏ କାହାଣୀ ପାଇଁ ନିର୍ଦ୍ଦିଷ୍ଟ ନୃତ୍ୟ ପ୍ରସ୍ତୁତ କରିବାକୁ କହିବେ । ତାହା ଭିନ୍ନ ଭିନ୍ନ ବିଭାଗ ହେବା ଆବଶ୍ୟକ ।

### ଅଙ୍ଗ ଚଳନର ଚୟନ

ନୃତ୍ୟର ଅଙ୍ଗଭଙ୍ଗୀ ଚଳନ ଓ ଉପଯୁକ୍ତ ଭାବ ପରିପ୍ରକାଶ ହିଁ ନାଟ୍ୟ କଳାର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ଆସନ୍ତୁ, ଏହା ବିଷୟରେ ଚିନ୍ତା କରିବା ଓ ଆଲୋଚନା କରିବା । ପ୍ରଦର୍ଶନରେ ନିମ୍ନଲିଖିତ ଉପାଦାନଗୁଡ଼ିକୁ ଯୋଡ଼ିବା ଆବଶ୍ୟକ-

- ପାଦ ଚାଳନା
- ଉପଯୁକ୍ତ ତାଳ ଏବଂ ଲୟର ବ୍ୟବହାର (ଯେପରିକି ୫, ୬ ଏବଂ ୭ ମାତ୍ରା ବିଶିଷ୍ଟ ତାଳ)
- ନବ ରସ (ପିଲାମାନଙ୍କ ପାଇଁ ଭୟ, କାଳୀୟ ପାଇଁ ରୌଦ୍ର ଓ କୃଷ୍ଣଙ୍କ ପାଇଁ ବୀର ରସର ବ୍ୟବହାର
- ଉପଯୁକ୍ତ ଶାରୀରିକ ଅଙ୍ଗଭଙ୍ଗୀ : କଟିର ଉପର ଏବଂ ନିମ୍ନ ଭାଗର ଚଳନ, ଇତ୍ୟାଦି
- ହସ୍ତମୁଦ୍ରାର ବିନିଯୋଗ : ପଶୁପକ୍ଷୀମାନଙ୍କ ହସ୍ତମୁଦ୍ରା, ଡିଆଁ ଏବଂ ଘୂର୍ଣ୍ଣନ/ଭ୍ରମରୀ ।



https://withteachers.in/

କାହାଣୀକୁ ନେଇ ବିଭାଗଗୁଡ଼ିକ କିପରି ବିଭକ୍ତ କରାଯାଇପାରିବ ତାହାର ଏକ ଉଦାହରଣ ନିମ୍ନରେ ଦିଆଯାଇଛି ।



ନୃତ୍ୟ ନିର୍ଦ୍ଦେଶିକା

## ବିଭାଗଗୁଡ଼ିକ ହେଲା :

- ନମସ୍କାର- ସାଧାରଣତଃ ନୃତ୍ୟ ଅଙ୍ଗଭଙ୍ଗୀ ଚଳନ ଦ୍ୱାର ନମସ୍କାର କରାଯାଇଥାଏ । ତୁମେ ଗୋଟିଏ ପ୍ରାର୍ଥନା ଗୀତ ଚୟନ କରି ନୃତ୍ୟ ନିର୍ଦ୍ଦେଶନା କର ।
- କୃଷ୍ଣ ଏବଂ ତାଙ୍କ ବନ୍ଧୁମାନଙ୍କ ନୃତ୍ୟ- ତୁମେ ଏଠାରେ କେଉଁ ପଦ ଚାଳନା ଏବଂ ତାଳର ବ୍ୟବହାର କରି ପାରିବ ?
- କାଳୀୟର ଗତିବିଧି ଏବଂ ପିଲାମାନଙ୍କ ପ୍ରତିକ୍ରିୟା- ତୁମେ କାଳୀୟ ସର୍ପର ଗତିବିଧିକୁ ଦର୍ଶାଇବା ପାଇଁ କଟିକୁ ଏପଟ ସେପଟ କରି ବୃତ୍ତାକାର ଗତିବିଧି ଦ୍ୱାରା ବ୍ୟବହାର କରିପାରିବ କି ? ପିଲାମାନେ କିପରି ଭୟ ଦେଖାଇବେ ?
- କୃଷ୍ଣ ଏବଂ କାଳୀୟଙ୍କ ମଧ୍ୟରେ ଲଢ଼େଇ- ଲଢ଼େଇ ପାଇଁ କେଉଁ କ୍ରମରେ ପାଦଚାଳନା କରିବ ଓ ଉପଯୁକ୍ତ ତାଳର ବ୍ୟବହାର କରିବ ? ଏଠାରେ କେଉଁ ଡିଆଁ, ଘୂର୍ଣ୍ଣନ ଏବଂ ହସ୍ତ ମୁଦ୍ରାର ବିନିଯୋଗ କରାଯାଇପାରିବ ?
- କାଳୀୟଙ୍କ ପରାଜୟ ପରେ ଉତ୍ସବ – ତୁମେ କିପରି ଉତ୍ସବ ନୃତ୍ୟ ରଚନା କରିବ ? ଏହାକୁ ନୃତ୍ୟ ନିର୍ଦ୍ଦେଶନା ଦେବାପାଇଁ ତୁମେ ତୁମର ସଂଗୀତ ଶ୍ରେଣୀରେ ଶିକ୍ଷା ଦିଆଯାଇଥିବା ବନ୍ଦିଶ କିମ୍ବା ସଙ୍ଗୀତ ତାଳକୁ ବ୍ୟବହାର କରିପାରିବ ।
- ଆଶୀର୍ବାଦ- ହସ୍ତ ମୁଦ୍ରାର ବିନିଯୋଗ କରି ଆଶୀର୍ବାଦ, ନୃତ୍ୟ ରଚନା କର ।

ବର୍ତ୍ତମାନ ତୁମେ ଆଲୋଚନା କରିପାରିବ ।

### ସଙ୍ଗୀତ (ବିଭାଗ) ଚୟନ

ବିଭିନ୍ନ ବିଭାଗ ପାଇଁ ସଠିକ ସଙ୍ଗୀତ ଉପାଦାନ ଚୟନ କରିବାକୁ ପଡ଼ିବ । କେଉଁ ବିଭାଗରେ ମର୍ଦ୍ଦଳ ବାଦନ କିମ୍ବା କଣ୍ଠସ୍ୱର ରହିପାରିବ ତାହାକୁ ଆଲୋଚନା କର । ତୁମ ଅଞ୍ଚଳରେ ବ୍ୟବହାର ହେଉଥିବା ପାରମ୍ପରିକ ସଙ୍ଗୀତ କିମ୍ବା ଗୀତକୁ ଚୟନ କର ।



https://withteachers.in/

## ବେଶପୋଷାକ ଏବଂ ନୃତ୍ୟ ଉପକରଣ (PROPS)

ଚରିତ୍ର ଅନୁସାରେ ବିଭିନ୍ନ ବେଶପୋଷାକ ଏବଂ ନୃତ୍ୟ ଉପଯୋଗୀ ଉପକରଣ ସ୍ଥିର କର, ଉଦାହରଣ ସ୍ୱରୂପ-



ମୟୂର ପୁଚ୍ଛ



ବଂଶୀ



କୃଷ୍ଣ ଚରିତ୍ର ପାଇଁ ଧୋତି



ନଦୀର ପ୍ରତୀକ ସ୍ୱରୂପ ଏକ ନୀଳ ଓଢ଼ଣୀ



ପଶୁମାନଙ୍କ ଚରିତ୍ର ପାଇଁ ମୁଖା

### କାର୍ଯ୍ୟକଳାପ ୧୪.୨ : ଅଭ୍ୟାସ ଏବଂ ଉପସ୍ଥାପନା

ଏବେ ଏକ ମଜାଦାର ଭାଗ ଆସୁଛି, ପ୍ରତ୍ୟେକ ଦଳ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଗତିବିଧିକୁ ଏକତ୍ରିତ କରି ଏକ ସୃଜନଶୀଳ ନୃତ୍ୟ କଳା ପ୍ରସ୍ତୁତ କରିବା ଏବଂ ଶେଷରେ ନୃତ୍ୟର ଭଙ୍ଗୀ ଓ ବିଭିନ୍ନ ଗତିବିଧି ଦ୍ୱାରା କାହାଣୀକୁ ଉପସ୍ଥାପନା କର ।





https://withteachers.in/

# ମାନ ନିର୍ଦ୍ଧାରଣ

| ଅଧ୍ୟାୟ - ୧୪ : ନାଟ୍ୟ | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ର/ଛାତ୍ରୀ |
| ୩ | ୩.୧ | କାହାଣୀ ବର୍ଣ୍ଣନାକୁ ବୁଝିବା । | | |
| ୩ | ୩.୧ | ନାଟ୍ୟର ପ୍ରସ୍ତୁତିରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା । | | |
| ୩ | ୩.୧ | ଉତ୍ସାହର ସହିତ ଅଂଶୀଦାର ଏବଂ ସହଯୋଗୀ ମନୋଭାବ । | | |
| ୩ | ୩.୧ | ଏହି ଉପସ୍ଥାପନା ପ୍ରସ୍ତୁତ କରିବାରେ କାର୍ଯ୍ୟଦକ୍ଷତାର ସମସ୍ତ ଦିଗକୁ କଳ୍ପନାମୂଳକ ଭାବରେ ବ୍ୟବହାର କରେ । | | |

ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଙ୍କ ପର୍ଯ୍ୟବେକ୍ଷଣ

........................................................................................................

........................................................................................................

........................................................................................................

........................................................................................................

........................................................................................................



https://withteachers.in/

# ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ

| | ମାନ ନିର୍ଦ୍ଧାରଣର ଉଦାହରଣଗୁଡ଼ିକ | ମାନ ନିର୍ଦ୍ଧାରଣ ନିମନ୍ତେ ମାନଦଣ୍ଡ |
|---|---|---|
| ବ୍ୟକ୍ତିଗତ | • ଜ୍ୟାମିତିକ ଆକୃତି ସହିତ ଶରୀରର ଆସନ ଦେଖାଅ ଯାହା 'ହସ୍ତା' ଭଳି ଏକ ମୂର୍ତ୍ତି ସହିତ ମେଳକ ହେଉଥିବ ।<br>• ତାଳରେ ନୃତ୍ୟ ଗତିର ଏକ କ୍ରମ ନିର୍ଣ୍ଣୟ କର । (ନିର୍ଦ୍ଧାରଣ କର)<br>• ପ୍ରକଳ୍ପ କାର୍ଯ୍ୟ | • ସେମାନେ ସଠିକ୍ ବୁଝାମଣା ସହିତ କେତେ ଆସନ ପ୍ରଦର୍ଶନ କରିପାରିବେ ଏବଂ ମୂର୍ତ୍ତିକଳା ସହିତ ସଠିକ୍ ଭାବରେ ସମ୍ପର୍କିତ କରିପାରିବେ ।<br>• ଅଭ୍ୟାସ କରାଯାଇଥିବା ଢାଞ୍ଚାଗୁଡ଼ିକୁ ବୁଝିବା ସହିତ ନୃତ୍ୟ ଗତି କ୍ରମ କରାଯାଇଛି କି ନାହିଁ ।<br>• ବାର୍ତ୍ତାଳାପ ପାଇଁ ହସ୍ତମୁଦ୍ରାର ସଠିକ୍ ବ୍ୟବହାର କର ।<br>• ପ୍ରକଳ୍ପ କାର୍ଯ୍ୟର ବିଷୟବସ୍ତୁ । |
| ଦଳଗତ | • ନିତମ୍ବ ଗତି ବ୍ୟବହାର କରିବାରେ ଆରାମ ଏବଂ ସମନ୍ୱୟ ।<br>• କାହାଣୀ ସହିତ ଏକ ପ୍ରଦର୍ଶନକୁ ଏକତ୍ର କରିବା । | • ସୃଜନଶୀଳତା<br>• ସହଯୋଗୀ ମନୋଭାବ |



https://withteachers.in/

## ଶିକ୍ଷକଙ୍କ ମତାମତ ଏବଂ ଶିକ୍ଷାର୍ଥୀମାନଙ୍କ ନିରୀକ୍ଷଣ





https://withteachers.in/




# ଦୃଶ୍ୟ କଳା



**कलानां प्रवरं चित्रं धर्मकामार्थ मोक्षदम्।**
**माङ्गल्यं परमं ह्येतद् गृहे यत्र प्रतिष्ठितम्॥**

 କଳାନାଂ ପ୍ରବରଂ ଚିତ୍ରଂ ଧର୍ମକାମାର୍ଥ ମୋକ୍ଷଦମ୍ ।
ମାଙ୍ଗଲ୍ୟଂ ପରମଂ ହ୍ୟେତଦ୍ ଗୃହେ ଯତ୍ର ପ୍ରତିଷ୍ଠିତମ୍ ।।

-ବିଷ୍ଣୁଧର୍ମୋତ୍ତର ପୁରାଣର ଖଣ୍ଡ-୪୩, ଶ୍ଳୋକ-୩୮ରୁ ସଂଗୃହିତ ଅଟେ।

ଭାବାର୍ଥ :ଯେଉଁ ଗୃହରେ କାରୁକାର୍ଯ୍ୟ, ଚିତ୍ରକଳା, ଝୋଟି ପ୍ରଭୃତି ଦେଖାଯାଏ, ସେହି ସ୍ଥାନକୁ ଧର୍ମ, ଅର୍ଥ କାମ ଏବଂ ମୋକ୍ଷ ପ୍ରାପ୍ତିର ସ୍ଥାନ ବୋଲି କୁହାଯାଏ । ଏହା ଶୁଭସଙ୍କେତ ଅଟେ ।

https://withteachers.in/

# ଶିକ୍ଷକଙ୍କ ପାଇଁ ସୂଚନା

ପ୍ରିୟ ଶିକ୍ଷକ, ଶିକ୍ଷୟିତ୍ରୀ ବନ୍ଧୁ

ଆସନ୍ତୁ, ଆମେ ଆମର ଛାତ୍ରଛାତ୍ରୀ ମାନଙ୍କୁ ଦୃଶ୍ୟ କଳା ମାଧ୍ୟମରେ ସେମାନଙ୍କର ମନର ଧାରଣା ଓ କଳାତ୍ମକ ରୁଚିପୂର୍ଣ୍ଣ ଭାବରେ ଆଦାନ ପ୍ରଦାନକୁ ଅଧିକ ଆକର୍ଷଣୀୟ କରିବା ପାଇଁ କଳାର ଗଭୀରତାକୁ ଜଣେଇବା ଏହି ଶ୍ରେଣୀରେ ସେମାନଙ୍କର ଦକ୍ଷତା ଏବଂ କୌଶଳ ଉନ୍ନତି କରିବା ପାଇଁ ଦୃଶ୍ୟକଳା ପ୍ରକ୍ରିୟା ଏବଂ ପରମ୍ପରା ପ୍ରତି ସେମାନଙ୍କୁ ଅବଗତି କରିବା ଉଦ୍ଦେଶ୍ୟରେ ଧ୍ୟାନ ଦିଆଯାଇଛି । ପ୍ରତ୍ୟେକ ଅଧ୍ୟାୟକୁ ଧ୍ୟାନର ସହିତ ପଢ଼ିବା ଗୁରୁତ୍ୱପୂର୍ଣ୍ଣ । ଆପଣ ଆପଣଙ୍କର ସ୍ଥାନୀୟ କଳା ସମ୍ପର୍କିତ ଏବଂ ଆପଣଙ୍କର ଛାତ୍ରଛାତ୍ରୀ ମାନଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁଯାୟୀ କାର୍ଯ୍ୟକଳାପ ଗୁଡ଼ିକୁ ପରିବର୍ତ୍ତିତ କରିପାରିବେ ।

ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ସର୍ବୋତ୍ତମ ଶିକ୍ଷଣ ଅଭିଜ୍ଞତା ସୃଷ୍ଟି କରିବା ପାଇଁ ନିମ୍ନ ଲିଖିତ ଉକ୍ତିଗୁଡ଼ିକ ଅପରିହାର୍ଯ୍ୟ ।

ଦୃଶ୍ୟକଳା ପ୍ରଦର୍ଶନ ପାଇଁ ଏକ ସ୍ୱତନ୍ତ୍ର ଶ୍ରେଣୀ ଗୃହର ଆବଶ୍ୟକତା ରହିଛି ।

୧. ଛାତ୍ରଛାତ୍ରୀମାନଙ୍କ ପାଇଁ ଆରାମଦାୟକ ଭାବରେ କାମ କରିବା ପାଇଁ ଶ୍ରେଣୀ ଗୃହରେ ପର୍ଯ୍ୟାପ୍ତ ସ୍ଥାନଥିବା ଆବଶ୍ୟକ ।

୨. ଶ୍ରେଣୀଗୃହରେ ପର୍ଯ୍ୟାପ୍ତ ଆଲୋକ ଏବଂ ବାୟୁ ଚଳାଚଳର ବ୍ୟବସ୍ଥା ରହିବା ଆବଶ୍ୟକ ।

୩. କଳା ସାମଗ୍ରୀ ଗୁଡ଼ିକ ଭଲ ଭାବରେ ସଜେଇବା ଏବଂ ସାମଗ୍ରୀ ଗୁଡ଼ିକର ସୁପରିଚାଳନା ସହିତ ଦୃଶ୍ୟଶ୍ରାବ୍ୟ କଳା ଉପକରଣ ଗୁଡ଼ିକୁ ସହଜ ଓ ସୁବିଧାରେ ମିଳୁଥିବା ଆବଶ୍ୟକ ।

୪. ପର୍ଯ୍ୟାୟ କ୍ରମେ କଳାକୃତି ଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ଉପଯୁକ୍ତ ସ୍ଥାନ ମଧ୍ୟ ଆବଶ୍ୟକ ।

### ଦୃଶ୍ୟକଳା ଶିକ୍ଷାଦାନ ପଦ୍ଧତି

୧. ଛାତ୍ରଛାତ୍ରୀ ମାନଙ୍କୁ କଳାତ୍ମକ ଧାରଣା ଏବଂ ପ୍ରକ୍ରିୟା ଗୁଡ଼ିକୁ ବୁଝାଇବା ପାଇଁ କାହାଣୀ ଏବଂ ନିତିଦିନର ଉଦାହରଣ ମାଧ୍ୟମରେ କୁହନ୍ତୁ ।

୨. ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର କଳାକୃତି ମୌଳିକ ଧାରଣା, କଳ୍ପନା ଭାବନା ଏବଂ କୌତୂହଳକୁ ମୁକ୍ତ ଭାବରେ ପ୍ରକାଶ କରିବାକୁ ଉତ୍ସାହିତ କରନ୍ତୁ ।

୩. ଛାତ୍ରଛାତ୍ରୀମାନଙ୍କୁ ଅନ୍ୟ କଳାକୃତି ଗୁଡ଼ିକରୁ ଚିତ୍ର ନକଲ କରିବା ପରିବର୍ତ୍ତେ, ନିଜର ଦୈନନ୍ଦିନ ଜୀବନ ଏବଂ ଅଭିଜ୍ଞତାର ପର୍ଯ୍ୟବେକ୍ଷଣରୁ ଅନୁପ୍ରାଣୀତ ହୋଇ ମୌଳିକ କଳାକୃତି ସୃଷ୍ଟି କରିବାକୁ ଉତ୍ସାହିତ କରନ୍ତୁ ।

୪. ଛାତ୍ରଛାତ୍ରୀ ମାନଙ୍କୁ ଶ୍ରେଣୀଗୃହରେ ଅନୁସନ୍ଧାନ, ପର୍ଯ୍ୟବେକ୍ଷଣ, ପରୀକ୍ଷଣ ଓ ମିଳିତ ସହଯୋଗ ପାଇଁ ପରସ୍ପର ମଧ୍ୟରେ ବାର୍ତ୍ତାଳାପ କରିବାକୁ ସୁଯୋଗ ଦିଅନ୍ତୁ ।

୫. ସେମାନଙ୍କର ଚାରିପାଖର ଜୀବନ ଶୈଳୀ ସହିତ ଜଡ଼ିତ ସଂସ୍କୃତିକୁ ଅନୁସନ୍ଧାନ ଏବଂ ପର୍ଯ୍ୟବେକ୍ଷଣ କରିବା ପାଇଁ ବାହ୍ୟ କାର୍ଯ୍ୟକଳାପ ଏବଂ କ୍ଷେତ୍ର ପରିଭ୍ରମଣ ପାଇଁ ସୁଯୋଗ ଦିଅନ୍ତୁ ।

୬. ଛାତ୍ରଛାତ୍ରୀ ମାନଙ୍କୁ ସଂଗ୍ରାହଳୟ, ଐତିହ୍ୟସ୍ମାରକି ଏବଂ ଚିତ୍ରକଳା ପ୍ରଦର୍ଶନୀ ପରିଦର୍ଶନ ପାଇଁ ଆୟୋଜନ କରନ୍ତୁ ।

୭. ସ୍ଥାନୀୟ କଳାକାର ଏବଂ କାରିଗର ମାନଙ୍କୁ ଛାତ୍ରଛାତ୍ରୀ ମାନଙ୍କ ସହିତ ପାରସ୍ପରିକ ଆଲୋଚନା ଅଧିବେଶନ ଓ ବ୍ୟବହାର ଅଭିଜ୍ଞତା କଳା କର୍ମଶାଳା ପାଇଁ ନିମନ୍ତ୍ରଣ କରନ୍ତୁ ।

୮. କଳାକୃତି ଗୁଡ଼ିକୁ ତିଆରି କରି ସାରିବା ପରେ ସେହିସ୍ଥାନକୁ ସଫାସୁତୁରା ରଖିବା, ବ୍ୟବହୃତ କଳା ସାମଗ୍ରୀ ଗୁଡ଼ିକୁ ଯଥା ସ୍ଥାନରେ ଯତ୍ନର ସହକାରେ ରଖିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଅଭ୍ୟାସ କରାଇବା ।

୯. ଶ୍ରେଣୀଗୃହ ପ୍ରଦର୍ଶନ କିମ୍ବା ଚିତ୍ରକଳା ପ୍ରଦର୍ଶନ କରିବା ପାଇଁ କଳାକୃତିକୁ ଚୟନ କରିବାରେ  ଛାତ୍ରଛାତ୍ରୀ ମାନଙ୍କର ଅଂଶ ଗ୍ରହଣ ଏବଂ ନିଷ୍ପତ୍ତି ନେବାକୁ ଉତ୍ସାହିତ କରନ୍ତୁ ।



https://withteachers.in/

ମଧ୍ୟମ ପର୍ଯ୍ୟାୟ ପାଇଁ ଦୃଶ୍ୟକଳା ମୂଲ୍ୟାଙ୍କନ ନିମ୍ନଲିଖିତ ଦକ୍ଷତା ଉପରେ ଆଧାରିତ ହେବା ଉଚିତ୍ ।

୧୧. ବିଭିନ୍ନ ଦୃଶ୍ୟକଳା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କର ବ୍ୟକ୍ତିଗତ ଏବଂ ଦୈନନ୍ଦିନ ଜୀବନୀ ଅଭିଜ୍ଞତାକୁ ଆତ୍ମବିଶ୍ୱାସର ସହିତ ପ୍ରକାଶ କରିବା ଉଚିତ୍ ।

୧୨. ଦୃଶ୍ୟକଳା ଅଭ୍ୟାସକୁ ସହଯୋଗ ମନୋଭାବ ମାଧ୍ୟମରେ ବିକାଶ କରିବା ପ୍ରକ୍ରିୟାରେ ବହୁବିଧ ଉପାୟରେ ପ୍ରଦର୍ଶନ ହେବା ଉଚିତ୍ ।

୨୧. ପରିସ୍ଥିତି କିମ୍ବା କାହାଣୀ ଆଧାରିତ କଳାକୃତି ସୃଷ୍ଟି କରିବା ଯାହା ସେମାନଙ୍କ ପରିବେଷଣ ପରିଲିଖିତ ଚିରାଚରିତ କଳାଶିକ୍ଷା ଠାରୁ ଭିନ୍ନ ହେବ ଆବଶ୍ୟକ (ଯେପରି କି ଲିଙ୍ଗଗତ ଭୂମିକା)

୨୨. ଦୃଶ୍ୟଚିତ୍ର ପ୍ରତୀକ ଏବଂ ଦୃଶ୍ୟଗୁଡ଼ିକ ବ୍ୟକ୍ତିଗତ ଅଭିଜ୍ଞତା ଭାବନା ଏବଂ କଳ୍ପନା ସହିତ ଜଡିତ ରହିବା ଉଚିତ୍ ।

୩.୧ ଦୃଶ୍ୟକଳାରେ ବିଭିନ୍ନ ସାମଗ୍ରୀ ଉପକରଣ ଏବଂ କୌଶଳ ବ୍ୟବହାର କରିବା ସମୟରେ ଯତ୍ନବାନ ହେବା ଏବଂ ନିଷ୍ପତି ପ୍ରଦର୍ଶନ କରିବା ଉଚିତ୍ ।

୩.୨ କଳାକୃତି ପ୍ରସ୍ତୁତିର ପ୍ରାରମ୍ଭିକ ପର୍ଯ୍ୟାୟଠାରୁ ଆରମ୍ଭ କରି ଶେଷ ପର୍ଯ୍ୟାୟ ଉପସ୍ଥାପନା ପର୍ଯ୍ୟନ୍ତ ଦୃଶ୍ୟକଳାର ଧାରଣା ପରିପ୍ରକାଶ ଏବଂ କୌଶଳକୁ ବଳିଷ୍ଠ କରିବା ସହିତ ସମଗ୍ର ପ୍ରକ୍ରିୟାର ସମୀକ୍ଷା କରିବା ଉଚିତ୍ ।

୪.୧ ବିଭିନ୍ନ ସ୍ଥାନୀୟ ଏବଂ ଆଞ୍ଚଳିକ କଳା ସହିତ ପରିଚୟ ସ୍ଥାପନ କରିବା ଉଚିତ୍ ।

୪.୨ ସେମାନଙ୍କର ଅଞ୍ଚଳରେ ଏବଂ ଭାରତର କିଛି ସ୍ଥାନୀୟ କଳାକାରଙ୍କ ଜୀବନ ଏବଂ ସେମାନଙ୍କର କଳାକୃତି ବିଷୟରେ ବର୍ଣ୍ଣନା କରିବା ଉଚିତ୍ ।

## ଶିକ୍ଷାଗତ ଫଳାଫଳ ଯାହା ଅଧ୍ୟାୟ ଗୁଡିକରେ କରାଯାଇ ପାରିବ

| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ର/ଛାତ୍ରୀ |
|---|---|---|---|---|
| ୧. | ୧.୧ | କଳାକୃତି ପ୍ରଦର୍ଶନ କରେ ଏବଂ ଆତ୍ମ ବିଶ୍ୱାସର ସହିତ ଧାରଣା ଭାବନା ଏବଂ ପ୍ରକ୍ରିୟା ଗୁଡ଼ିକୁ ବାଣ୍ଟିଥାଏ । | | |
| ୧. | ୧.୨ | ପରସ୍ପର ସହିତ ସହଯୋଗ କରିବା ସମୟରେ ନୂତନ ଧାରଣା ସୃଷ୍ଟିକରେ ଏବଂ ପରାମର୍ଶ ଗ୍ରହଣ କରେ । | | |
| ୩. | ୩.୧ | ସୁସଂଗଠିତ ଭାବରେ କଳା ସାମଗ୍ରୀକୁ ଯତ୍ନର ସହିତ ବ୍ୟବହାର ସଫାସୁତରା ଏବଂ ସଂରକ୍ଷଣ କରେ । | | |
| ୪. | ୪.୧ | କଳାକୃତିରେ ଦେଖାଯାଉଥିବା ସ୍ତର, ରୂପ, ସାମଗ୍ରୀ ଏବଂ ବିଷୟ ବସ୍ତୁ ଉପରେ ଆଲୋଚନା କରେ (ଯଥା ସ୍ଥାନୀୟ କଳା ଫର୍ମ ଏବଂ ଐତିହ୍ୟ ସ୍ମାରକିରେ ଦେଖାଯାଉଥିବା ମୂର୍ତ୍ତି/ଚିତ୍ରକଳା) । | | |
| ୪. | ୪.୨ | କଳାକୃତି ବିଷୟରେ ଆଲୋଚନା କରିବା କିମ୍ବା ଲେଖିବା ସମୟରେ କଳାଶବ୍ଦାବଳିର ବ୍ୟବହାର କରିବା । | | |
| ୪. | ୪.୩ | ସ୍ଥାନୀୟ କଳାକାରଙ୍କ କାର୍ଯ୍ୟ ଏବଂ ସାମାଜିକ ଓ ଆର୍ଥିକ ଅବସ୍ଥା ବିଷୟରେ ପଚାରି ବୁଝିବା । | | |



https://withteachers.in/

ଅଧ୍ୟାୟ - ୧୫

# ଆଇକନ୍ ଏବଂ ପ୍ରତୀକରେ ବସ୍ତୁ



ଚିତ୍ର ଗୁଡ଼ିକୁ ଆମକୁ ପରସ୍ପର ସହିତ ଯୋଗାଯୋଗ କରିବାରେ ସାହାଯ୍ୟ କରନ୍ତି । ଏହି ପୃଷ୍ଠାରେ ଦିଆଯାଇଥିବା ଚିତ୍ର ଗୁଡ଼ିକୁ ଲକ୍ଷ କର । ପ୍ରତ୍ୟେକଟି ଚିତ୍ର ତୁମକୁ ଶୀଘ୍ର ଏବଂ ସିଧାସଳଖ ସୂଚନା ପ୍ରଦାନ କରିଥାଏ । ଏହିପରି ଚିତ୍ର ଗୁଡ଼ିକୁ "ଆଇକନ୍" କୁହାଯାଏ ।

ଆଇକନ୍ ହେଉଛି ଏକ ବସ୍ତୁ, ସ୍ଥାନ କିମ୍ବା ଧାରଣାର ଏକ ସରଳୀକୃତ ସାଂକେତିକ ଚିତ୍ରର ଉପସ୍ଥାପନା । ଆଇକନ୍ ଗୁଡ଼ିକ ଅଧିକ ବିବାରିଣୀ ପ୍ରଦାନ କରେ ନାହିଁ, ଉଦାହରଣ ସ୍ୱରୂପ ଏକ ମୋବାଇଲ ଫୋନ୍‌ର ଡିସ୍‌ପ୍ଲେରେ ଘଣ୍ଟା, ବଳକା ବ୍ୟାଟେରୀ ଚାର୍ଜ, ନେଟୱର୍କ ସଂଯୋଗ, ଆପ୍ଲିକେସନ ଏବଂ ଅନ୍ୟାନ ଆଇକନ୍ ଥାଏ । ତଳେ ତୁମେ ନିୟମିତ ପରିଚିତ ଥିବା କିଛି ଆଇକନ୍ ଗୁଡ଼ିକ ଦିଆଯାଇଛି ।



ଏହି ଅଧ୍ୟାୟରେ ତୁମେ ଶିଖିବ ଯେ କିପରି ବସ୍ତୁ ଗୁଡ଼ିକୁ ସୂଚନା ପ୍ରଦାନ କରିବା ପାଇଁ ଆଇକନ୍ ଏବଂ ପ୍ରତୀକ ଭାବରେ ଦର୍ଶାଯାଇ ପାରିବ । ତୁମେ ଅନୁସନ୍ଧାନ କରିବ ଯେ କିପରି ଏହି ଚିତ୍ର ଉପାଦାନ ଗୁଡ଼ିକର ଲୋଗୋ, ସାଇନେଜ ଏବଂ ଟେକ୍ସଟ୍ କରିବା ସମୟରେ ଇମୋଜି ଭାବରେ ବ୍ୟବହାର କରାଯାଏ । ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ତୁମେ ବସ୍ତୁଗୁଡ଼ିକୁ ଦ୍ୱିପାର୍ଶ୍ୱିକ କିମ୍ବା ତ୍ରିପାର୍ଶ୍ୱିକ ଦେଖାଇବା ପାଇଁ ଚିତ୍ର ଅଙ୍କନ ଅଭ୍ୟାସ କରିବ ଏବଂ ସେ ଗୁଡ଼ିକୁ ଆଇକନରେ ପରିଣତ କରିବା ଶିଖିବ ।

ପ୍ରତୀକ ଭାବରେ ବ୍ୟବହୃତ ହେଲେ ବସ୍ତୁଗୁଡ଼ିକ କିପରି ଅନ୍ୟାନ୍ୟ ଅର୍ଥ ପ୍ରକାଶ କରନ୍ତି, ତାହା ମଧ୍ୟ ତୁମେ ଅନୁସନ୍ଧାନ କରିବ ।

ଏହି ବସ୍ତୁ ଗୁଡ଼ିକରେ ଚିତ୍ରଗତ ଡିଟେଲସ୍ କିପରି ଅପସାରଣ କରାଯାଇଛି ତାହା ଦେଖ ଓ ଆଇକନ୍ ଗୁଡ଼ିକ ତିଆରି କର ।





https://withteachers.in/

## କାର୍ଯ୍ୟକଳାପ ୧୫.୧ : ସରଳ ଆଇକନ୍ ଗୁଡିକ ବୁଝିବା

କଣ୍ଟା ଚାମଚ ଏବଂ ଚାମଚର ଦୁଇଟି ଆଇକନ୍‌କୁ ଦେଖ ଚିତ୍ରରେ ଦିଆଯାଇଥିବା ସକାରାତ୍ମକ ସ୍ଥାନକୁ ଚିହ୍ନଟ କର । ଖାଲିସ୍ଥାନ ଗୁଡିକ ହେଉଛି ନକାରାତ୍ମକ ।

ତେଣୁ ଗୋଟିଏ ଚିତ୍ରରେ କଳାରଙ୍ଗ ସକାରାତ୍ମକ ଏବଂ ଅନ୍ୟ ଚିତ୍ରଟିରେ ଖାଲି ସ୍ଥାନଟି ପାଇଁ ନକାରାତ୍ମକ ସ୍ଥାନ ଦର୍ଶାଯାଇଛି । ସେହିଭଳି ତୁମେ ଅନ୍ୟ ଚିତ୍ର ଗୁଡିକରେ ଦିଆଯାଇଥିବା ସକାରାତ୍ମକ ଏବଂ ନକାରାତ୍ମକ ସ୍ଥାନ ଗୁଡିକୁ ଲକ୍ଷକର । ସାଧାରଣତଃ ଆଇକନ୍ ଗୁଡିକରେ ବହୁତ ନକାରାତ୍ମକ ସ୍ଥାନ ଥାଏ ।

ଏଥିରେ ମୁଖ୍ୟ ବସ୍ତୁକୁ ବହୁତ ଛୋଟ ଆକାରରେ ଦର୍ଶାଯାଇଥାଏ ।





















https://withteachers.in/

## ବସ୍ତୁ ଗୁଡିକରୁ ଷ୍ଟେନସିଲ ସୃଷ୍ଟିକର

**ସାମଗ୍ରୀ :** ପୁରୁଣା ଖବରକାଗଜ କିମ୍ବା ପତ୍ରିକା, କଇଁଚି, ସାଦା A4 କାଗଜ, ପେନ୍‌ସିଲ ଏବଂ ରବର ।




**ସୋପାନ-୧ :** ପୁରୁଣା ଖବରକାଗଜ କିମ୍ବା ପତ୍ରିକା ମାଧ୍ୟମରେ ସଂପୂର୍ଣ୍ଣ ଏବଂ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଥିବା ଦୁଇ କିମ୍ବା ତିନୋଟି ବସ୍ତୁକୁ ଚିହ୍ନଟ କର ।




**ସୋପାନ-୨ :** ଏବେ ଏହି ବସ୍ତୁଟିରେ ସ୍ପଷ୍ଟ ବାହ୍ୟରେଖା ସାବଧାନତାର ସହିତ ଅଙ୍କନ କର ।







**ସୋପାନ-୪ :** ବାହ୍ୟରେଖା ଅନୁସାରେ ଆକାରଟିକୁ କାଟି ବାହାର କରିବାକୁ ଷ୍ଟେନସିଲ କୁହାଯାଏ ।




**ସୋପାନ-୫ :** କାଗଜରେ ବସ୍ତୁଟିକୁ ଆଙ୍କିବା ପାଇଁ ଏହି ଷ୍ଟେନ୍‌ସିଲ ବ୍ୟବହାର କର ।




ଏହାକୁ ତୁମର ବନ୍ଧୁମାନଙ୍କୁ ଦେଖାଅ ଏବଂ ସେମାନଙ୍କୁ ବସ୍ତୁ ଚିହ୍ନଟ କରିବାକୁ କୁହ । ଅନ୍ୟାନ୍ୟ ବସ୍ତୁକୁ ନେଇ ତୁମେ ମଧ୍ୟ ଷ୍ଟେନ୍‌ସିଲର ପୁନରାବୃତ୍ତି କରିପାରିବ। ତୁମର ବନ୍ଧୁମାନେ ଷ୍ଟେନ୍‌ସିଲ ଦ୍ୱାରା ସୃଷ୍ଟି ହୋଇଥିବା ଆକୃତିର ବସ୍ତୁଟିକୁ ଚିହ୍ନଟ କରିପାରିବେ କି ?



https://withteachers.in/

## କାର୍ଯ୍ୟକଳାପ ୧୫.୨ : ଗୋଟିଏ ବସ୍ତୁର ବିଭିନ୍ନ ପ୍ରଣାଳୀରେ ଚିତ୍ର



### ବସ୍ତୁର ଆକୃତି

- ଏହା ଏକ ବାହ୍ୟରେଖା
- ଏହା ସ୍ୱଚ୍ଛ ଭାବରେ ଦେଖାଯାଏ ।
- ବସ୍ତୁଟି ଦ୍ୱି-ପାର୍ଶ୍ୱିକ ଦେଖାଯାଏ



### ବସ୍ତୁର ସିଲହଟି ବା ଛାୟାଚିତ୍ର

- ଏହା ଏକ ରଙ୍ଗୀନ ସମତଳ ଆକୃତି
- ଏହା ଅସ୍ୱଚ୍ଛ ଦେଖାଯାଏ
- ବସ୍ତୁଟି ଦ୍ୱି-ପାର୍ଶ୍ୱିକ ଦେଖାଯାଏ ।



### ବସ୍ତୁର ଆଲୋକ ଛାୟା ସ୍ତର ଅଙ୍କନ

- ଚିତ୍ରରେ ଦର୍ଶାଯାଇଥିବା ପରି କ୍ରସ-ହ୍ୟାଚିଂ ଏବଂ ଷ୍ଟିପଲିଂ ଭଳି କୌଶଳ ବ୍ୟବହାର କରି (ଟୋନାଲ୍) ଆଲୋକ ଛାୟା ସ୍ତର ମାଧ୍ୟମରେ ବସ୍ତୁଟିର ଚିତ୍ର ଅଙ୍କନ କର ।





### ବସ୍ତୁର ଆଇକନ୍

- ଅତ୍ୟାବଶ୍ୟକ ବାହ୍ୟରେଖା ସହିତ ସରଳୀକୃତ ପ୍ରତିଛବି ।
- ବସ୍ତୁଟି ଦ୍ୱି-ପାର୍ଶ୍ୱିକ ଦେଖାଯାଏ ।



ଗୋଟିଏ ବସ୍ତୁ ବାଛ ଏବଂ ତାହାକୁ ଆଙ୍କିବା ପାଇଁ ପ୍ରସ୍ତୁତ ହୁଅ ।

ସାମଗ୍ରୀ A5 ଆକାରର ପାଞ୍ଚଟି କାଗଜ (A4 ର ଅଧା), ମୁନିଆ ପେନ୍ସିଲ୍, ରବର, ରଙ୍ଗ ଏବଂ କଲମ ।



https://withteachers.in/

## ତୁମ ପସନ୍ଦର ଏକ ବସ୍ତୁର ରୂପରେଖ ପ୍ରସ୍ତୁତ କର

**ସାମଗ୍ରୀ :** ଗୋଟିଏ A5 କାଗଜ ଏବଂ ଗୋଟିଏ ପେନ୍‌ସିଲ୍ ନିଅ ।

### ସୋପାନ ୧ : ନିରୀକ୍ଷଣ ଓ ମାପ

- ବସ୍ତୁଟିକୁ ଦୁଇ ତିନି ଫୁଟରୁ ଅଧିକ ଦୂରତାରେ ରଖ ।
- ବସ୍ତୁର ଆକୃତି ଏବଂ ଆକାରକୁ ପାଖରୁ ଭଲଭାବରେ ନିରୀକ୍ଷଣ କର ।
- ଚିତ୍ରରେ ଦିଆଯାଇଥିବା ଭଳି ପେନ୍‌ସିଲଟିକୁ ତୁମର ମାପ ଉପକରଣ ରୂପ ବ୍ୟବହାର କର ।
- ପେନ୍‌ସିଲ ଉପରେ ତୁମର ବୁଢ଼ା ଆଙ୍ଗୁଠି ରଖ ଏବଂ ବସ୍ତୁର ଅଂଶ ଗୁଡ଼ିକୁ ଆନୁପାତିକ ମାପ ପାଇଁ ପେନ୍‌ସିଲଟିକୁ ଚିତ୍ରରେ ଦିଆଯାଇଥିବା ପରି ଧରିରଖ ।
- ତୁମ କାଗଜରେ ବସ୍ତୁର ଆନୁପାତିକ ମାପକୁ ଚିହ୍ନିତ କର ।

### ସୋପାନ ୨ : ରୂପରେଖ ଅଙ୍କନ କର

- ବସ୍ତୁର ପ୍ରତ୍ୟେକ ଅଂଶ ଆଙ୍କିବା ସମୟରେ ବସ୍ତୁର ରୂପରେଖ ସମାପ୍ତ ନହେବା ପର୍ଯ୍ୟନ୍ତ ତାହାକୁ ନିରୀକ୍ଷଣ କର ।



**ଶିକ୍ଷକଙ୍କ ପାଇଁ ସୂଚନା :** ପ୍ରତ୍ୟେକ ଛାତ୍ରଛାତ୍ରୀ ବ୍ୟକ୍ତିଗତ ଭାବରେ ଚିତ୍ରାଙ୍କନ ପାଇଁ ଏକ ବସ୍ତୁକୁ ବାଛିବା ପାଇଁ କୁହନ୍ତୁ ।
ଏହି କାର୍ଯ୍ୟକଳାପରେ ଗୋଟିଏ ଶବ୍ଦ ଅଟେ ପ୍ରତ୍ୟେକ କଳାକୃତି ପାଇଁ ସେହି ନିର୍ଦ୍ଦିଷ୍ଟ ବସ୍ତୁର ବ୍ୟବହାର କରିବା ପାଇଁ ପିଲାମାନଙ୍କୁ କୁହନ୍ତୁ ।






https://withteachers.in/

## ତୁମ ବସ୍ତୁର ଏକ ସିଲ୍‌ହଟି ତିଆରି କର



ସିଲହଟି ବା ଛାୟାଚିତ୍ର

**ସାମଗ୍ରୀ :** ଗୋଟିଏ A5 କାଗଜ ଏବଂ ଗୋଟିଏ ପେନ୍‌ସିଲ୍ ନିଅ ।

୧. ସମାନ ବସ୍ତୁର ରୂପରେଖା ପୁନର୍ବାର ଅଙ୍କନ କର କିମ୍ଵା ପ୍ରଥମ ରୂପରେଖ ଚିତ୍ରରୁ ଟ୍ରେସ୍ କର ।

୨. ବସ୍ତୁର ରୂପରେଖାକୁ ରଙ୍ଗକର ଯାହା ଦ୍ଵାରା ଏହା ସମତଳ ଭାବରେ ଦେଖାଯିବ ।

୩. ବସ୍ତୁର ଚାରିପାଖରେ ଥିବା ଖାଲି ସ୍ଥାନ (ନକାରାତ୍ମକ ସ୍ଥାନ) ଗୁଡିକୁ ଅନ୍ୟରଙ୍ଗ ମାଧ୍ୟମରେ ପୂରଣ କର ।

ଶିକ୍ଷକଙ୍କ ପାଇଁ ସୂଚନା-ଟ୍ରେସିଂ ପେପର ଦ୍ଵାରା କିପରି ଛବିଟିର ଟ୍ରେସିଂଙ୍ଗ କରାଯାଏ, ଛାତ୍ରଛାତ୍ରୀ ମାନଙ୍କୁ କରି ଦେଖାଅ ।





## ତୁମ ବସ୍ତୁ ଚିତ୍ରକୁ ଆଲୋକ ଛାୟା ସ୍ତର ଦ୍ଵାରା ଅଙ୍କନ କର ।

ନିମ୍ନରେ ଦିଆଯାଇଥିବା ଦୁଇ ପ୍ରକାରର ଆଲୋକ ଛାୟା ସ୍ତର ଦେଇ ତୁମର ବସ୍ତୁକୁ ଅଙ୍କନ କର ଏବଂ ଏହାକୁ ତ୍ରି-ପାର୍ଶ୍ଵିକ ଭାବରେ ଦେଖାଅ ।

୧. କ୍ରସ ହ୍ୟାଚିଂ ଏକ ଆଲୋକ ଛାୟା କୌଶଳ ଯାହା ସିଧା ଓ ତେରଛା ରେଖାରେ କର । ବିଭିନ୍ନ ଦିଗର ରେଖା ପାଖାପାଖି ଗୋଟିଏ ଉପରେ ଆଉ ଗୋଟିଏ ସ୍ତର ସୃଷ୍ଟି କର । ହାଲୁକା ସ୍ତର ସୃଷ୍ଟି କରିବା ପାଇଁ ରେଖା ଗୁଡିକୁ ଗୋଟିଏ ଉପରେ ଗୋଟିଏ ପରି ହାଲୁକା ଭାବରେ ଓଭରଲାପ୍ କରି ଆଙ୍କ ।



କ୍ରସ ହ୍ୟାଚିଂ ଆଲୋକ ଛାୟା ସ୍ତର ଚିତ୍ର



ଷ୍ଟିପଲିଂ ଆଲୋକ ଛାୟା ସ୍ତର ଚିତ୍ର

୨. ଷ୍ଟିପଲିଂ ହେଉଛି ଏକ ଆଲୋକ ଛାୟା କୌଶଳ ଯାହା ବିନ୍ଦୁ ଦ୍ଵାରା କରାଯାଏ । ଗାଢ଼ ଛାୟା ସ୍ତର କରିବା ପାଇଁ ବିନ୍ଦୁ ଗୁଡ଼ିକୁ ଅଧିକ ଗାଢ଼କରି ଲଗାକରି ଲଗାଲଗି କରି ଏବଂ ହାଲୁକା ଆଲୋକ ଛାୟା ସ୍ତର ତିଆରି କରିବା ପାଇଁ ବିନ୍ଦୁ ଗୁଡିକୁ ଧିରେ ଧିରେ ଦୂରେଇ ରଖ କିମ୍ବା ବିନ୍ଦୁଗୁଡିକୁ ଛାଡିଛାଡି ଅଙ୍କନ କର ।



https://withteachers.in/

ପ୍ରତ୍ୟେକ କୌଶଳ ପାଇଁ A5 କାଗଜର ଏକ ପୃଥକ ସିଟ ବ୍ୟବହାର କର ।

**ସୋପାନ-୧ :** ତୁମେ ଏକ ସିଲ୍‌ହଟି ଚିତ୍ର ତିଆରି କରିବା ପାଇଁ ଯେଉଁ ବସ୍ତୁ ବାଛିଥିଲ, ତାହା ନିଅ ଏବଂ ଏହାକୁ ତୁମର ସାମ୍ନାରେ ରଖ ।

**ସୋପାନ-୨ :** ଏହାର ରୂପରେଖକୁ ନିରୀକ୍ଷଣ କରି ଅଙ୍କନ କର ।

**ସୋପାନ-୩ :** ବସ୍ତୁ ଉପରେ ଆଲୋକ କିପରି ପଡେ ତାହାକୁ ନିରୀକ୍ଷଣ କର ।

**ସୋପାନ-୪ :** କ୍ରସ ହ୍ୟାଚିଂ କୌଶଳ ବ୍ୟବହାର କରି ହାଲୁକା ଏବଂ ଗାଢ଼ ସ୍ତରରେ ସୃଷ୍ଟି କର ।

**ସୋପାନ-୫ :** ତୁମର କାମ ସମାପ୍ତ କରି ଏହାକୁ ପାଖରେ ରଖ ।

**ସୋପାନ-୬ :** ଆଉ ଏକ A5 କାଗଜ ନିଅ ଏବଂ ବସ୍ତୁର ରୂପରେଖା ଅଙ୍କନ କର ।

**ସୋପାନ-୭ :** ଷ୍ଟିପଲିଂ ବ୍ୟବହାର କରି ହାଲୁକା ଏବଂ ଗାଢ଼ ସ୍ତର ସୃଷ୍ଟି କର ।

## ତୁମ ବସ୍ତୁର ଏକ ଆଇକନ୍ ତିଆରି କର ।

ତୁମର ରୂପରେଖା, ସିଲ୍‌ହଟି କ୍ରସ ହ୍ୟାଚିଂ ଏବଂ ଷ୍ଟିପଲିଂ ଚିତ୍ର ଗୁଡିକୁ ଏକତ୍ର କର ।

ତୁମ ଆଇକନ୍ ତିଆରି କରିବା ପାଇଁ ଏଗୁଡିକୁ ମଧ୍ୟରୁ କେଉଁଟି ବ୍ୟବହାର କରିବ ?
ମନେରଖନ୍ତୁ ଯେ ଆଇକନ୍ ହେଉଛି ଏକ ସରଳୀକୃତ ପ୍ରତିଛବି, କିନ୍ତୁ ଏହାକୁ ଶୀଘ୍ର ଚିହ୍ନଟ କରିବା ମଧ୍ୟ ଆବଶ୍ୟକ, ତେଣୁ ଏଥିରେ ସ୍ପଷ୍ଟ ଆକୃତି ରହିବା ଉଚିତ୍ ଏବଂ କେବଳ ଗୁରୁତ୍ୱ ପୂର୍ଣ୍ଣ ବିବରଣୀ ରହିବା ଉଚିତ୍ । କେତେକ ସମୟରେ ବସ୍ତୁର ସିଲ୍‌ହଟ ଚିତ୍ର ଏକ ଆଇକନ୍ ହୋଇପାରେ ।

A5 କାଗଜ ସିଟ ଉପରେ ତୁମର ଆଇକନ୍ ତିଆରି କର ଏବଂ ଏହାକୁ ରଙ୍ଗଦେଇ ସଂପୂର୍ଣ୍ଣ କର ।
ଭଲ ଆଇକନ୍ ତିଆରି କରିବା ପାଇଁ ତୁମର ଅଭ୍ୟାସ ଏବଂ ଭଲଭାବରେ ନିରୀକ୍ଷଣର ଆବଶ୍ୟକତା ରହିଛି । ଯଦି ତୁମକୁ ସୂଚନା ପ୍ରଦାନ କରିବା ପାଇଁ ତୁମର ଆଇକନ୍ ବ୍ୟବହାର କରିବାକୁ ପଡେ, ତେବେ ତାହା କ'ଣ ହେବ ?





https://withteachers.in/

## କାର୍ଯ୍ୟକଳାପ ୧୫.୩ : ସାଇନେଜ ପାଇଁ ଆଇକନ

ସାଇନେଜର ଆକାର ଗୁଡିକ ଆମକୁ ସୂଚନା ଦିଏ ଯେ ଏକ ସ୍ଥାନ କେଉଁଠି ଏବଂ ଏହା କ'ଣ ପାଇଁ ବ୍ୟବହୃତ ହୁଏ । ଏହି କାର୍ଯ୍ୟକଳାପରେ ତୁମେ ତୁମର ସ୍କୁଲ ପାଇଁ ବସ୍ତୁର ଆଇକନ୍ ବ୍ୟବହାର କରି କିଛି ସାଇନେଜର ଆକାର ତିଆରି କରିବ ।

**ସୋପାନ-୧ :** ତୁମ ବିଦ୍ୟାଳୟର ପ୍ରବେଶ ଦ୍ୱାର, ଶୌଚାଳୟ, ଖେଳ ପଡିଆ, ଖାଦ୍ୟ ଖାଇବା ସ୍ଥାନ, ପାଠାଗାର, ତୁମ ବ୍ୟାଗ, ଜୋତା ଇତ୍ୟାଦି ରଖିବା ପାଇଁ ସ୍ଥାନ ବାଛ ।

**ସୋପାନ-୨ :** ଏହି ସ୍ଥାନ ବିଷୟରେ ଚିନ୍ତା କରିବା ସମୟରେ ତୁମ ମାନରେ ଆସୁଥିବା ବସ୍ତୁ ଗୁଡିକର ଏକ ତାଲିକା ପ୍ରସ୍ତୁତ କର ।

**ସୋପାନ-୩:** ଏହି ସ୍ଥାନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବସ୍ତୁଟିଏ ବାଛ, ଉଦାହରଣ ସ୍ୱରୂପ ଏକ ଦ୍ୱାର ମୁହଁରେ ଥିବା ପ୍ରସ୍ଥାନ ସାଇନେଜ ଏହାର ଗୁରୁତ୍ୱପୂର୍ଣ୍ଣ ସୂଚିତ କରେ । ଯଦି ଆପଣ ଦୁଇଟି ବସ୍ତୁ ବାଛିଛନ୍ତି, ତେବେ ଗୋଟିଏ ଆଇକନ୍ ତିଆରି କରିବା ପାଇଁ ସେଗୁଡିକ ମିଶ୍ରଣ କରିବାର ବିଭିନ୍ନ ଉପାୟ ଚେଷ୍ଟା କର । ଉଦାହରଣ ସ୍ୱରୂପ ଏକ ଡାଇନିଂ ଏରିଆ ପାଇଁ ସାଇନେଜନ ଏକ ଚାମଚ ଏବଂ ଏକ କଣ୍ଟା ଚାମଚ ରହିପାରିବ । ଏକ ଦୃଶ୍ୟକଳା କୋଠରୀ ପାଇଁ ଏକ ପ୍ୟାଲେଟ ଏବଂ ଏକ ବ୍ରସ ସାଇନେଜ ଆକାରରେ ରହିପାରିବ ।

**ସୋପାନ-୪ :** ମନେରାଖ ଯେ ଆଇକନ ହେଉଛି ଏକ ସରଳୀକୃତ ଚିତ୍ର ଯାହା ବସ୍ତୁର ପ୍ରତିନିଧିତ୍ୱ କରେ ।

- ରୂପରେଖା ଏବଂ ସିଲହଟି ଚିତ୍ର ସହିତ ପରୀକ୍ଷଣ କର ।
- କେବଳ ଯାହା ବସ୍ତୁ ସମ୍ବନ୍ଧୀୟ ଚାରିତ୍ରିକ ସମ୍ପୂର୍ଣ୍ଣ ଚିତ୍ରକୁ ସୂଚାଉଥିବ ତାହାକୁ ଯୋଗକର ଏବଂ କେବଳ ଗୋଟିଏ ରଙ୍ଗ ବ୍ୟବହାର କର ।

**ସୋପାନ-୫ :** ଦୁଇଟି କିମ୍ବା ଅଧିକ ଉପାୟରେ ଆଇକନ୍ ଗୁଡିକ ତିଆରି କର ।

**ସୋପାନ-୬:** ତୁମ ଉଦ୍ଦେଶ୍ୟକୁ ସଠିକ୍ ଭାବରେ ପ୍ରକାଶ କରୁଥିବ ଏବଂ ତୁମ ମନୋନୀତ ସ୍ଥାନରେ ଏହି ସାଇଜେଜକୁ ବ୍ୟବହାର କରାଯାଇ ପାରିବ, ଏପରି ଆଇକନ୍ ବାଛ । ଏହି ଆଇକନ୍‌କୁ ଏକ A5 କାଗଜ ସିଟ୍ ଉପରେ ତିଆରି କର ।

ତୁମର ସାଙ୍ଗମାନଙ୍କୁ ଏଇ ସାଇନେଜକୁ ଦେଖାଅ ଏବଂ ସେମାନେ ଏହା ବିଷୟରେ କ'ଣ ଭାବୁଛନ୍ତି ପଚାର ।



**ଟିପ୍ପଣୀ :** ଆଇକନ୍ ତିଆରି କରିବା ସମୟରେ ତୁମେ ନିୟମିତ ଭାବରେ ବ୍ୟବହାର କରୁଥିବା ଜିନିଷ ଗୁଡିକ ବିଷୟରେ ଭାବ । ଉଦାହରଣ ସ୍ୱରୂପ ତୁମେ ଖାଇବା ସମୟରେ ଏକ କଣ୍ଟା ଚାମଚ ବ୍ୟବହାର କରିପାରିବ ନାହିଁ । ତେବେ ତୁମେ ତୁମର ଖାଦ୍ୟକୁ ପ୍ରତିନିଧିତ୍ୱ କରିବା ପାଇଁ ବିକଳ୍ପ ଆଇକନ୍ ବିଷୟରେ ଚିନ୍ତା କରି ପାରିବ କି ?



https://withteachers.in/

## କାର୍ଯ୍ୟକଳାପ ୧୫.୪ : ସାଇନେଜ ପାଇଁ ଆଇକନ

ତୁମେ ଦେଖିଥିବ ଯେ ବସ୍ତୁ ଗୁଡିକର ପ୍ରତିଛବି ବିଭିନ୍ନ ଉଦ୍ଦେଶ୍ୟ ପାଇଁ ସୃଷ୍ଟି ହୋଇଥାଏ । ଏଗୁଡିକ ତୁମର ଚତୁପାର୍ଶ୍ୱର ସ୍ଥାନ କିମ୍ବା ପ୍ରତୀକ ପାଇଁ ସାଇନେଜ ହୋଇପାରେ । ବସ୍ତୁ ଗୁଡିକ ମଧ୍ୟ ପ୍ରତୀକ ହୋଇପାରେ ।

ପ୍ରତୀକ ଗୁଡିକର ଏକ ଗଭୀର ଅର୍ଥ ରହିଅଛି ଏବଂ ଏହା ଧାରଣା କିମ୍ବା ଭାବନାକୁ ପ୍ରତିନିଧିତ୍ୱ କରିଥାଏ । ସେମାନେ ସିଧାସଳଖ ଭାବରେ ପ୍ରତିନିଧିତ୍ୱ କରୁଥିବା ଦୃଶ୍ୟ ସହିତ ସମ୍ପର୍କିତ ହୋଇ ନପାରନ୍ତି ।



'ଧର୍ମଚକ୍ର' ଆମ ଜାତୀୟ ପତାକାର କେନ୍ଦ୍ରରେ ଅବସ୍ଥିତ । ଏହାର ୨୪ଟି ଅର ସହିତ ଏକ ଗାଢ଼ ନୀଳ ଚକ ରହିଛି । ଏହା ମୌର୍ଯ୍ୟ ସମ୍ରାଜ୍ୟ ସମୟରେ ଖ୍ରୀ.ପୂ ତୃତୀୟ ଶତାବ୍ଦୀରେ ନିର୍ମିତ ସାରନାଥଠାରେ ଥିବା ଅଶୋକ ସ୍ତମ୍ଭରୁ ନିଆଯାଇଥିବା ଆଇକନ ଚକର ଏକ ଚିତ୍ର ।

- ନୀଳରଙ୍ଗ ଆକାଶ ଏବଂ ସମୁଦ୍ରକୁ ପ୍ରତିନିଧିତ୍ୱ କରେ ।
- ଚକ୍ରଟି ପ୍ରଗତିର ପ୍ରତିନିଧିତ୍ୱ କରେ ।
- ଚକ୍ରର ଅର ଗୁଡିକ ଦିନର ୨୪ ଘଣ୍ଟାକୁ ପ୍ରତିନିଧିତ୍ୱ କରେ ।

ସ୍ୱଚ୍ଛତା ଅଭିଯାନର ଏହି ଲୋଗୋରେ ଥିବା ଗୋଲ ଚଷମାର ପ୍ରତୀକ ମହାତ୍ମା ଗାନ୍ଧୀଙ୍କୁ ପ୍ରତିନିଧିତ୍ୱ କରୁଛି । ଚଷମାର ଦୁଇକାଚ ଏବଂ ଫ୍ରେମ୍ ଦୁଇଟିକୁ ସଂଯୋଗ କରୁଥିବା ସମାନ୍ତର ସ୍ଥାନ ହେଉଛି ଜାତୀୟ ତ୍ରିରଙ୍ଗା ପତାକାର ପ୍ରତୀକ । ଏହା ସମଗ୍ର ଦେଶକୁ ଏକ ସ୍ୱଚ୍ଛ ଭାରତ ପାଇଁ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟରେ ସମସ୍ତଙ୍କୁ ଏକତ୍ରିତ କରିବା ପାଇଁ ସୂଚୀତ କରେ ।

स्वच्छ भारत

एक कदम स्वच्छता की ओर

ଚଷମା ଏବଂ ଚକ ଭଳି ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ ଯେତେବେଳେ ଏଗୁଡିକର ଅର୍ଥ ମହତ ଉଦ୍ଦେଶ୍ୟକୁ ପ୍ରତିନିଧିତ୍ୱ କରିବା ପାଇଁ ଗ୍ରହଣ କରାଯାଏ, ସେତେବେଳେ ଏଗୁଡିକ ପ୍ରଭାବଶାଳୀ ପ୍ରତୀକ ହୋଇଥାଏ କଣ ଅନ୍ୟ ବସ୍ତୁ ଗୁଡିକ ବିଷୟରେ ଭାବିପାରିବ ? ଯାହାକୁ ପ୍ରତୀକ ଭାବରେ ବ୍ୟବହାର ହୋଇଯାଏ । କମ୍ପାନୀ, ଅନୁଷ୍ଠାନ ଏବଂ ରାଜନୈତିକ ଦଳର ଲୋଗୋ ଦେଖ, ଯେଉଁଠାରେ ତୁମକୁ ପ୍ରତୀକ ଭାବରେ ବ୍ୟବହୃତ ଜିନିଷ ଗୁଡିକୁ ଦେଖିଥାଅ । ସେଗୁଡିକ କେଉଁ ଅର୍ଥକୁ ସୂଚିତ କରେ ?

**ମନେରଖ ଯେ ପ୍ରତୀକ ଗୁଡିକର ଗଭୀର ଅର୍ଥ ଅଛି ।**

ଯଦି ଆଇକନ୍ ଗୁଡିକର ବହୁ ଅର୍ଥ ପ୍ରକାଶ କରେ ତେବେ ସେଗୁଡିକ ପ୍ରତୀକ ମଧ୍ୟ ହୋଇପାରେ ପ୍ରତୀକ ଗୁଡିକ ଯେଉଁ ଉଦ୍ଦେଶ୍ୟରେ ତିଆରି ହୋଇଛି ତାହା ମୂଳ ବସ୍ତୁ ସହିତ ସମାନ ହୋଇପାରେ । ଉଦାହରଣ ସ୍ୱରୂପ ଭାରତୀୟମାନେ ଗୋଲ ଚଷମାକୁ ମହାତ୍ମାଗାନ୍ଧୀଙ୍କ ମୂଲ୍ୟବୋଧ ଏବଂ କାର୍ଯ୍ୟ ସହିତ ସଂଯୋଗ କରି ପାରିବେ । ଯେଉଁମାନେ ଏହି ମୂଲ୍ୟାଙ୍କନକୁ ବୁଝିପାରିବେ ନାହିଁ ସେମାନେ ଏହାକୁ କେବଳ ଚଷମା ଏକ ଯୋଡ଼ା କାଚ ଭାବରେ ଦେଖିପାରନ୍ତି ।



https://withteachers.in/

## ଶବ୍ଦ ସହିତ ଚିହ୍ନ ଗୁଡିକ ମେଳ କର

ସିଲହଟି

ଷ୍ଟେନସିଲ୍

କ୍ରସ୍-ହ୍ୟାଚ୍

ଷ୍ଟିପ୍ଲିଂ

ଆଇକନ୍

ସଙ୍କେତ

ପ୍ରତୀକ















## ସହପାଠୀ ଦ୍ୱାରା ମାନ ନିର୍ଦ୍ଧାରଣ

ତୁମର ସାଙ୍ଗସାଥିମାନଙ୍କ ଦ୍ୱାରା ତିଆରି କରାଯାଇଥିବା ସାଇନେଜ୍ ଗୁଡିକୁ ଦେଖ ଏବଂ ତଳେ ଦିଆଯାଇଥିବା ଖାଲିସ୍ଥାନରେ ଏହା ସମ୍ପର୍କରେ ଲେଖ ।

୧. ସାଇନେଜ୍‌ରେ କୌଣସି ପ୍ରତୀକ ଅଛି କି ?

---------------------------------------------

---------------------------------------------

---------------------------------------------

୨. ସାଇନେଜ୍‌ରେ ଥିବା ସୂଚନା ସ୍ୱଷ୍ଟ ଏବଂ ବୁଝିବା ସହଜ କି ?

---------------------------------------------

---------------------------------------------

---------------------------------------------

୩. ସାଇନେଜ୍ ବିଷୟରେ ତୁମକୁ କେଉଁ ଦୁଇଟି ଗୁଣ ପସନ୍ଦ ଆସିଲା ?

---------------------------------------------

---------------------------------------------

---------------------------------------------

୪. ଏହାର ଡିଜାଇନ୍‌ରେ କ'ଣ ଉନ୍ନତି କରାଯାଇ ପାରିବ ବୋଲି ତୁମେ ଭାବୁଛ ?

---------------------------------------------

---------------------------------------------

---------------------------------------------



https://withteachers.in/

# ମାନ ନିର୍ଦ୍ଧାରଣ

| ଅଧ୍ୟାୟ-୧୫ : ଆଇକନ୍ ଏବଂ ପ୍ରତୀକରେ ବସ୍ତୁ | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ର/ଛାତ୍ରୀ |
| 1 | 1.1 | ଜିନିଷ ଗୁଡ଼ିକୁ ଭଲଭାବରେ ନିରୀକ୍ଷଣ କର ସେଗୁଡ଼ିକୁ ଯେପରି ଦେଖାଯାଏ ସେହିପରି ଆଙ୍କିବାକୁ ଚେଷ୍ଟା କର । | | |
| 2 | 2.2 | ପରିଚିତ ବସ୍ତୁ ଗୁଡ଼ିକୁ ଚିତ୍ରଣ କରୁଥିବା ନିଜସ୍ୱ ଆଇକନ ଗୁଡ଼ିକୁ ତିଆରି କର । | | |
| 2 | 2.2 | ପରିଚିତ ଆଇକନ୍, ପ୍ରତୀକ ଏବଂ ଲୋଗୋ ଦ୍ୱାରା ପ୍ରକାଶିତ ଅର୍ଥ ବର୍ଣ୍ଣନା କର । | | |
| 3 | 3.1 | ଆଇକନ ଏବଂ ପ୍ରତୀକରେ ସକାରାତ୍ମକ ଏବଂ ନକାରାତ୍ମକ ସ୍ଥାନ ଗୁଡ଼ିକୁ ଚିହ୍ନଟ କର । | | |
| 3 | 3.1 | ଏକ କଳାକୃତିରେ ଆଲୋକ ଛାୟାପାତକୁ ଦେଖାଇବା ପାଇଁ ବିଭିନ୍ନ କୌଶଳ ପ୍ରୟୋଗ କର । | | |
| 3 | 3.2 | ନିଜସ୍ୱ ସାଇନେଜ ଡିଜାଇନ ପ୍ରସ୍ତୁତ ଏବଂ ପ୍ରଦର୍ଶନ କର । | | |

ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଛାତ୍ରୀଙ୍କ ନିରୀକ୍ଷଣ

......................................................................................................

......................................................................................................

......................................................................................................

......................................................................................................



https://withteachers.in/

ଅଧ୍ୟାୟ - ୧୬

# ପ୍ରକୃତିର ପ୍ୟାଲେଟ



ପ୍ରକୃତି ଆମକୁ ପ୍ରତିଦିନ ବିଭିନ୍ନ ରଙ୍ଗରେ ଦୃଷ୍ଟି ଗୋଚର ହୋଇଥାଏ । ଏକ ଇନ୍ଦ୍ରଧନୁ ମଣିଷର ଆଖି ଦେଖିପାରୁଥିବା ସମସ୍ତ ରଙ୍ଗ ଗୁଡିକୁ ପ୍ରଦର୍ଶିତ କରେ ।

ଆଲୋକ ଯୋଗୁଁ ଏହି ରଙ୍ଗ ଗୁଡିକ ଆମକୁ ଦେଖାଯାଉ ଥାଏ । ଯେତେବେଳେ ଆଲୋକ ପରିବର୍ତ୍ତନ ହୋଇଥାଏ, ସେତେବେଳେ ରଙ୍ଗର ରୂପ ମଧ୍ୟ ପରିବର୍ତ୍ତନ ହୋଇଥାଏ । ଏକ କମ୍ ଆଲୋକିତ କୋଠରୀରେ ଏକ ଲାଲ୍ ଟମାଟୋର ରଙ୍ଗ କମ୍ ଉଜ୍ଜ୍ୱଳ ଦେଖାଯାଏ, କିନ୍ତୁ ଯେତେବେଳେ ଅତ୍ୟଧିକ ଆଲୋକିତ କୋଠରୀରେ ସେହି ଲାଲ୍ ଟମାଟୋଟି ଅତ୍ୟଧିକ ଉଜ୍ଜ୍ୱଳ ବା ବେଳେବେଳେ ଧଳା ଦେଖାଯାଏ । ଯେତେବେଳେ କୌଣସି ଆଲୋକ ନ ଥାଏ, ସବୁକିଛି କଳା ଦେଖାଯାଏ ।



ମଣିଷ ଆଖିକୁ ଦେଖାଯାଉଥିବା ରଙ୍ଗ ବର୍ଣ୍ଣାଳୀର ଚିତ୍ର

ଦୃଶ୍ୟ କଳାରେ ଟିଣ୍ଟ (ପତଳା ରଙ୍ଗର ଆସ୍ତରଣ), ଛାୟାସ୍ତର ଏବଂ ରଙ୍ଗର (tone) ଗାଢ଼ତ୍ୱ ଦ୍ୱାରା ଏହିପରି ଆଲୋକର ପ୍ରଭାବଟି ଦେଖାଯାଏ ।

ରଙ୍ଗର ଦୃଶ୍ୟ କଳାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ନିୟମିତ ଅଭ୍ୟାସ ସହିତ ତୁମେ ରଙ୍ଗ ତିଆରି, ମିଶ୍ରଣ ଏବଂ ଚିତ୍ର ଅଙ୍କନ କରିବା କୌଶଳ ବିଷୟରେ ଜାଣିବ । ତୁମେ ତୁମ ନିଜର ବ୍ୟତୀତ ଅନ୍ୟାନ୍ୟ କଳା କୃତିର ମଧ୍ୟ ପ୍ରଶଂସା କରିବା ଶିଖିବ ।

ସମସ୍ତ ଲୋକ ରଙ୍ଗର ସମାନ ଭାବରେ ଦେଖିପାରନ୍ତି ନାହିଁ, ପ୍ରତ୍ୟେକ ବ୍ୟକ୍ତି ରଙ୍ଗକୁ କିପରି ଦେଖନ୍ତି ସେ ବିଷୟରେ ଜାଣିବା ପାଇଁ ଯତ୍ନବାନ ହେବା ଆବଶ୍ୟକ । ଯେଉଁ ମାନଙ୍କର ରଙ୍ଗଚିହ୍ନଟରେ ଅକ୍ଷମତା, ଯାହାକୁ ସାଧାରଣତଃ ରଙ୍ଗ ଅନ୍ଧତ୍ୱ କୁହାଯାଏ । ସେମାନଙ୍କୁ କିଛି ରଙ୍ଗ ଅଲଗା ଦେଖାଯାଏ । ଲାଲ୍‌ରଙ୍ଗ ମାଟିଆ ଦେଖାଯାଇ ପାରେ କିମ୍ବା ସେମାନଙ୍କୁ ନୀଳ ଏବଂ ସବୁଜ ମଧ୍ୟରେ ପାର୍ଥକ୍ୟ କରିବା କଷ୍ଟକର ହୋଇପାରେ ।

ତୁମେ ଜାଣିଛ କି ?



ଭିନ୍ନ ପ୍ରକାରର ଦୃଷ୍ଟି ଦୁର୍ବଳତା ଥିବା ଅନେକ ଚିତ୍ର ଶିଳ୍ପୀ ଏବଂ ଡିଜାଇନର ଅଛନ୍ତି, ସେମାନଙ୍କ ନିଜ ନିଜର ବୃତ୍ତିରେ ଏହି ଦୁର୍ବଳତା ସହିତ କାମକରିବା ଓ ସୃଜନଶୀଳ ସମାଧାନ ଖୋଜି ସଫଳତା ହାସଲ କରିଛନ୍ତି ।



ରଙ୍ଗଦୃଷ୍ଟି ଦୁର୍ବଳତା ଥିବା ବ୍ୟକ୍ତିଙ୍କ ପାଇଁ ଦୃଶ୍ୟମାନ ରଙ୍ଗର ଚିତ୍ର

## କାର୍ଯ୍ୟକଳାପ ୧୬.୧ : ବିସ୍ତାରିତ ରଙ୍ଗ ଚକ




ଏଠାରେ ରଙ୍ଗ ଚକକୁ ଦେଖନ୍ତୁ। କେନ୍ଦ୍ରରେ ଆପଣ ତିନୋଟି ପ୍ରାଥମିକ ରଙ୍ଗ ପାଇବେ, ଯଥା- ହଳଦିଆ, ଲାଲ ଏବଂ ନୀଳ। ଏ ଗୁଡ଼ିକୁ ଅନ୍ୟ କୌଣସି ରଙ୍ଗ ମିଶ୍ରଣ କରି ତିଆରି କରାଯାଇପାରିବ ନାହିଁ।




**ପ୍ରାଥମିକ ରଙ୍ଗ** - ଏହିର ରଙ୍ଗ ଚିତ୍ରଗୁଡିକୁ ଦେଖ। ଚକ୍ରର କେନ୍ଦ୍ରରେ ତୁମେ ହଳଦିଆ, ଲାଲ, ଏବଂ ନୀଳ ରଙ୍ଗ ଦେଖିବାକୁ ପାଇବ ଏହି ତିନୋଟି ରଙ୍ଗକୁ ପ୍ରାଥମିକ ରଙ୍ଗ କୁହାଯାଏ ।

**ଦ୍ୱିତୀୟକ ରଙ୍ଗ** - ପ୍ରତ୍ୟେକ ପ୍ରାଥମିକ ରଙ୍ଗକୁ ମିଶ୍ରଣ କରି ଏକ ଦ୍ୱିତୀୟକ ରଙ୍ଗ ପାଇବା ।

**ଉଦାହରଣ ସ୍ୱରୂପ** - ହଳଦିଆ ଏବଂ ଲାଲ ରଙ୍ଗ ଦୁଇଟି ପ୍ରାଥମିକ ରଙ୍ଗକୁ ମିଶାଇଲେ କମଳା ରଙ୍ଗ (ଦ୍ୱିତୀୟକ ରଙ୍ଗ) ସୃଷ୍ଟି ହୁଏ ।

**ତୃତୀୟକ ରଙ୍ଗ** - ଦ୍ୱିତୀୟକ ରଙ୍ଗକୁ ପ୍ରାଥମିକ ରଙ୍ଗ ସହିତ ମିଶାଇ ତୃତୀୟକ ରଙ୍ଗ ତିଆରି କରାଯାଏ ।




ଉଦାହରଣ ସ୍ୱରୂପ ଏକ ଦ୍ୱିତୀୟକ ରଙ୍ଗ ସବୁଜ ଓ ତାହା ସହିତ ହଳଦିଆ (ପ୍ରାଥମିକ ରଙ୍ଗ) ମିଶାଇ ହଳଦିଆ ସବୁଜ (ତୃତୀୟକ ରଙ୍ଗ) ସୃଷ୍ଟି ହେବ ।



https://withteachers.in/

ରଙ୍ଗର ଚକ୍ରକୁ ଦେଖ ଏବଂ ଅନ୍ୟାନ୍ୟ ତୃତୀୟ ସ୍ତରୀୟ ରଙ୍ଗ ଗୁଡ଼ିକର ନାମ ଲେଖ । କେଉଁ ରଙ୍ଗର ମିଶ୍ରଣରେ ତୃତୀୟ ସ୍ତରୀୟ ରଙ୍ଗ ତିଆରି ହୁଏ ।

ନିମ୍ନରେ ପ୍ରଦତ୍ତ ଖାଲି ସ୍ଥାନରେ ଲେଖ । ତୃତୀୟ ସ୍ତରୀୟ ରଙ୍ଗ ଗୁଡ଼ିକୁ ତଳେ ଦିଆଯାଇଥିବା ଖାଲି ବାକ୍ସ ମଧ୍ୟରେ ଲଗାଅ ।

.................... + .................... = ....................

.................... + .................... = ....................

.................... + .................... = ....................

.................... + .................... = ....................

## ରଙ୍ଗର ଏକ ଚକ ତିଆରି କର

**ସାମଗ୍ରୀ :** ଏହି କାର୍ଯ୍ୟକଳାପ ପାଇଁ ଜଳ ରଙ୍ଗ କିମ୍ବା ପୋଷ୍ଟର ରଙ୍ଗ, ପେନ୍‌ସିଲ ରଙ୍ଗ, ରଙ୍ଗ ପାଉଡର ଇତ୍ୟାଦି ଅନ୍ୟ ଶୃଙ୍ଖଳା ରଙ୍ଗ ମଧ ବ୍ୟବହାର କରିପାରିବ ।

**ସୋପାନ-୧ :** ପ୍ରାଥମିକ, ଦ୍ୱିତୀୟକ ଏବଂ ତୃତୀୟକ ରଙ୍ଗ ଗୁଡ଼ିକୁ ସ୍ୱଭାବରେ ଚିହ୍ନିତ କରିବା ପାଇଁ ତୁମ ଏକ ରଙ୍ଗର ଚକ ତିଆରି କର ।

**ସୋପାନ-୨ :** ଅନ୍ୟ ସମସ୍ତ ରଙ୍ଗ ତିଆରି କରିବା ପାଇଁ କେବଳ ଲାଲ୍, ନୀଳ ଏବଂ ହଳଦିଆ (ପ୍ରାଥମିକ ରଙ୍ଗ) ବ୍ୟବହାର କରି ତୁମେ ଅନ୍ୟାନ୍ୟ ରଙ୍ଗ ତିଆରି କର । ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

**ସୋପାନ-୩ :** ପୂର୍ବ ପୃଷ୍ଠାରେ ଥିବା ଚିତ୍ରକୁ ଦେଖ । ଉପଯୁକ୍ତ ଭାବରେ ରଙ୍ଗଦିଅ । ବିଭିନ୍ନ ପ୍ରକାରର ଷ୍ଟ୍ରୋକ୍, ପ୍ୟାଚ, ବିନ୍ଦୁ କିମ୍ବା ତୁମକୁ ପସନ୍ଦ ଆସୁଥିବା ଅନ୍ୟ କୌଣସି ପାର୍ଟନ (ଢ଼ାଞ୍ଚା)ରେ ରଙ୍ଗ କରିବାକୁ ଚେଷ୍ଟା କର ।

**ସୋପାନ-୪ :** ତୁମର ସମ୍ପୂର୍ଣ୍ଣ ହେଇଥିବା ରଙ୍ଗର ଚକକୁ ପ୍ରଦର୍ଶନ କରି ଏବଂ ଏହାକୁ ଅନ୍ୟ କାର୍ଯ୍ୟକଳାପ ମାଧ୍ୟମରେ ବ୍ୟବହାର କରିବା ପାଇଁ ରଖ, ଯାହା ତୁମେ ଅତି ଶୀଘ୍ର କରିପାରିବ ।



https://withteachers.in/

## କାର୍ଯ୍ୟକଳାପ ୧୬.୨ : ରଙ୍ଗ ଟୋନ ତିଆରି କର

ତୁମେ କ୍ରସ-ହ୍ୟାଚିଙ୍ଗ୍ ଏବଂ ଷ୍ଟିପଲିଂ ବ୍ୟବହାର କରିବା ଶିଖିଛ । ଆସ, ରଙ୍ଗରେ ଆଲୋକ ଏବଂ ଛାଇ ସୃଷ୍ଟି କରିବା ଅଭ୍ୟାସ କରିବା ।



### ଯାନ୍ତ୍ରିକ ଟିପ୍ପଣୀ

ରଙ୍ଗର ବ୍ୟବହାର କରିବା ସମୟରେ ପ୍ରତ୍ୟେକ ରଙ୍ଗ ମିଶ୍ରଣ କରିବା ପରେ ତୁମ ପାତ୍ରରେ ପାଣି ପରିବର୍ତ୍ତନ କରିବା ଏବଂ ବ୍ରଶକୁ ଭଲ ଭାବରେ ଧୋଇବା ଗୁରୁତ୍ୱପୂର୍ଣ୍ଣ । ଏହା ପସନ୍ଦର ସଠିକ୍ ରଙ୍ଗର ଛାୟାସ୍ତର ଏବଂ ଟୋନ ପାଇବାରେ ସାହାଯ୍ୟ କରିବ ।

### ଯେକୌଣସି ଦୁଇଟି ରଙ୍ଗର ଟିଣ୍ଟ ଏବଂ ରଙ୍ଗ ଛାୟାର ସ୍ତର ତିଆରି କର ।

- ଟିଣ୍ଟ୍ ଏବଂ ଛାୟାର ଅତିକ୍ରମରେ ଚାରୋଟି ଗ୍ରେଡସନ୍ ସୃଷ୍ଟିକର ।
- ରଙ୍ଗ ସହିତ ଅଳ୍ପ ପରିମାଣର କଳା କିମ୍ୱା ଧଳା ମିଶ୍ରଣ କରି ଟିଣ୍ଟ ଏବଂ ରଙ୍ଗର ଛାୟା ଚିହ୍ନଟ କର ।
- ପ୍ରତ୍ୟେକ ଗ୍ରେଡେସନ୍ ପାଇଁ କଳା କିମ୍ୱା ଧଳା ରଙ୍ଗର ପରିମାଣ ବୃଦ୍ଧି କର ।

### ବାଛିଥିବା ଦୁଇଟି ରଙ୍ଗର ଟୋନ୍ ତିଆରି କର

ଧୂସର ରଙ୍ଗ ସହିତ ମିଶ୍ରଣ କରି ଟୋନ୍ ପ୍ରସ୍ତୁତ୍ କରାଯାଏ । କିନ୍ତୁ ତୁମେ କିପରି ଧୂସର ରଙ୍ଗ ତିଆରି କରିପାରିବ ?

- ଧୂସର ରଙ୍ଗ କରିବା ପାଇଁ କଳା ଏବଂ ଧଳା ରଙ୍ଗକୁ ମିଶ୍ରଣ କର ।
- ଏହି ଧୂସର ରଙ୍ଗକୁ ଅନ୍ୟ ରଙ୍ଗ ସହିତ ମିଶ୍ରଣ କରି ସେମାନଙ୍କର ଟୋନ୍ ତିଆରି କର ।
- ଚାରୋଟି ଟୋନ୍ ଏବଂ ରଙ୍ଗର ଛାୟାର ସ୍ତର ତିଆରି କରିବାକୁ ଚେଷ୍ଟା କର ।



https://withteachers.in/

## କାର୍ଯ୍ୟକଳାପ ୧୬.୩ : ରଙ୍ଗରେ ଉଦ୍ଭିଦର ଚିତ୍ରଣ

ବିଭିନ୍ନ ଋତୁରେ ଗଛଲତା ବଢ଼ିବା ସହିତ ଏହାର ରୂପ ଏବଂ ରଙ୍ଗର ପରିବର୍ତ୍ତନ ହୋଇଥାଏ । ଫଳ ଏବଂ ପନିପରିବା କଞ୍ଚା ଥିବାବେଳେ ପ୍ରାୟତଃ ସବୁ ରହିଥାଏ ଏବଂ ଫଳ ଗୁଡ଼ିକ ପାଚିଲା ପରେ ତାର ରଙ୍ଗ ଗୁଡ଼ିକ ପରିବର୍ତ୍ତନ ହୋଇଥାଏ । ରଙ୍ଗ ଗୁଡ଼ିକୁ ଭଲ ଭାବରେ ଜାଣିବା ପାଇଁ ଆସ ଉଦ୍ଭିଦ ଗୁଡ଼ିକର କଳାତ୍ମକ ଆଧ୍ୟୟନ ସୃଷ୍ଟି କରିବା ।

### ଚିତ୍ରାଙ୍କନ ମାଧ୍ୟମରେ ଗୋଟିଏ ଗଛର ଅଧ୍ୟୟନ କର ।

ସୋପାନ-୧ : କିଛି ପତ୍ର କିମ୍ବା ଗୋଟିଏ ଫୁଲ ଥିବା ଏକ କାଣ୍ଡ ବାଛ (ଗଛଟି ଯେତିକି ଦିନର ହୋଇଥାଉ)

ସୋପାନ-୨ : ଏହାକୁ ତୁମେ ନିଜର ସାମ୍ନାରେ ରଖ ଏବଂ ଏହାକୁ ଏଣେ ତେଣେ ନ କରି ସ୍ଥିର ଭାବରେ ଦେଖ ।

ସୋପାନ-୩ : ଅତି କମ୍‌ରେ ଦୁଇ ଫୁଟ୍ ଦୂରରେ ବସି ଏହାର ଆକୃତି ଏବଂ ଚାରିପାଖରେ ଥିବା ସ୍ଥାନକୁ ନିରୀକ୍ଷଣ କର ।

ସୋପାନ-୪ : ହାଲୁକା ରେଖା ବ୍ୟବହାର କରି ଦୁଇଟି ଭିନ୍ନ ଭିନ୍ନ ପାର୍ଶ୍ୱରୁ ଏହାର ସ୍କେଚ୍ ଅଙ୍କନ କର ।

ସୋପାନ-୫ : ଏହାପରେ ତୁମେ ଅଙ୍କନ କରିଥିବା ସର୍ବୋତ୍ତମ ଗୋଟିଏ ଚିତ୍ରକୁ ବାଛ ଏବଂ ସେହିପରି ଆଉ ଏକ ଚିତ୍ର ଆଙ୍କିବା ଆରମ୍ଭ କର ।

ସୋପାନ-୬ : ତୁମ କାଗଜରେ ଥିବା ସର୍ବାଧିକ ସ୍ଥାନକୁ ନେଇ ଚିତ୍ରକୁ ବଡ କରି ଆଙ୍କିବା ପାଇଁ ଧୀରେ ଧୀରେ ଚେଷ୍ଟା କର ।

ସୋପାନ-୭ : ଚିତ୍ରଟିକୁ ସମ୍ପୂର୍ଣ୍ଣ କରିବା ପରେ ଏହାକୁ ରଙ୍ଗ କର ।

### ତୁମେ ଅଙ୍କନ କରିଥିବା ଉଦ୍ଭିଦରେ ରଙ୍ଗ ଦିଅ

**ସୋପାନ-୧ :** ଉଦ୍ଭିଦଟିକୁ ରଙ୍ଗ କରିବା ପାଇଁ ରଙ୍ଗର ଯେକୌଣସି ମାଧ୍ୟମକୁ ବାଛ, ଯେପରି କ୍ରେୟନ୍ ରଙ୍ଗ ପେନ୍‌ସିଲ୍, ଜଳ, ରଙ୍ଗ, ପାଷ୍ଟଲ, ପୋଷ୍ଟର ରଙ୍ଗ ଇତ୍ୟାଦି ।

**ସୋପାନ-୨ :** ପ୍ରଥମେ ଗଛର ରଙ୍ଗକୁ ନିରୀକ୍ଷଣ କର ଏବଂ ତୁମେ କରିଥିବା ଉଦ୍ଭିଦ ଚିତ୍ରରେ ରଙ୍ଗ ଚକ୍ରରୁ ସଠିକ ଛାୟା ସ୍ତର, ଟିଣ୍ଟ କିମ୍ବା ଟୋନ୍‌କୁ ଖୋଜି ଚିତ୍ରରେ ବ୍ୟବହାର କର ।

**ସୋପାନ-୩ :** ଆବଶ୍ୟକୀୟ ରଙ୍ଗ ଗୁଡ଼ିକର ମିଶ୍ରଣ କର ଏବଂ ତୁମ କଳାକୃତିରେ ଆଲୋକ ଛାୟା ସ୍ତରକୁ ଦେଖାଅ ।

**ସୋପାନ-୪ :** ତୁମ ଚିତ୍ରଟିକୁ ଶେଷ କରିସାରିବା ପରେ ଏହାକୁ ଶ୍ରେଣୀ ଗୃହରେ ପ୍ରଦର୍ଶନ ପାଇଁ ରଖ ।

#### ସ୍ୱ-ମୂଲ୍ୟାୟନ

୧. ତୁମେ କେତୋଟି ସ୍କେଚ୍ ତିଆରି କରିଛ ?

୨. ତୁମେ କଣ ଭଲ କରି ପାରିଲ ?

୩. ତୁମେ ତୁମ କାମରେ ସମ୍ମୁଖୀନ ହୋଇଥିବା ଅସୁବିଧା ଗୁଡ଼ିକୁ ଏବଂ ତୁମ କଳା କୃତିରେ ତୁମେ କେତେ ଉନ୍ନତି କରିଛ, ତାହାକୁ ଅନୁଧ୍ୟାନ କର ।



ଏହି ଉଦ୍ଭିଦ ବିଜ୍ଞାନ ଚିତ୍ରଟି ହର୍ଟସ୍ ମାଲାବାରିକସ୍ ନାମକ ଏକ ପୁସ୍ତକରୁ ନିଆଯାଇଛି, ଏହାର ଅର୍ଥ "ମାଲାବାର ଉଦ୍ୟାନ" ଏହି ପୁସ୍ତକରେ ଏକ ହଜାର ଔଷଧୀୟ ବୃକ୍ଷ ବିଷୟରେ ବର୍ଣ୍ଣିତ ହୋଇଛି ଯାହା ୧୭ଶ ଶତାବ୍ଦୀ ମଧ୍ୟରେ ଭାରତର ମାଲାବାର୍ ଉପକୂଳ ଅଞ୍ଚଳରେ ଦେଖାଯାଉଥିବାର ଜଣାଯାଏ ।






https://withteachers.in/

## ଲଘୁ ଚିତ୍ରରେ ରଙ୍ଗ

ତୁମେ ହୁଏତ ଜାଣିଥିବ ଯେ ଆଜିକାଲି ଉପଲବ୍ଧ ପଥର କାନ୍ଥ, ମାଟି, ତାଳ, ପତ୍ର, କାଗଜ, କପଡା, କାଠ, ଧାତୁ, କାଚ, ରବର ଏବଂ ଅନ୍ୟାନ୍ୟ କୃତ୍ରିମ ପ୍ଲାଷ୍ଟିକ୍ ଭଳି ବିଭିନ୍ନ ପୃଷ୍ଠରେ ଚିତ୍ର ତିଆରି କରାଯାଇପାରିବ । କଳାକୃତି ପାଇଁ ପ୍ରାକୃତିକ ରଙ୍ଗ ଏବଂ ଉପାଦାନ ଗୁଡିକ ମାଟି, ଖଣିଜ ପଦାର୍ଥ ଏବଂ ଉଦ୍ଭିଦରୁ ପ୍ରାପ୍ତ ହୋଇଥାଏ । ଯାହା ଅନେକ ଉପାୟରେ ତିଆରି କରାଯାଏ । ଯଦି ଅତ୍ୟଧିକ ଆଲୋକ, ଆର୍ଦ୍ରତା ଏବଂ ବିଭିନ୍ନ ଅଣୁଜୀବଙ୍କର ସଂସ୍ପର୍ଶରେ ଆସେ, ତେବେ ରଙ୍ଗ ଗୁଡିକ ସମୟ କ୍ରମେ ଫିକା ହେବା ସହିତ ରଙ୍ଗ ଛାଡି ଯାଇଥାଏ ।






https://withteachers.in/

(ମିନିଏଚର ପେଣ୍ଟିଙ୍ଗ) ଲଘୁଚିତ୍ର ଗୁଡିକର ଅନେକ ଶୈଳୀ ରହିଛି ଏବଂ ସାଧାରଣତଃ ଛୋଟ ଆକାରର ଦେଖାଯାଇଥାଏ । ଭାରତରେ ପ୍ରଥମେ ଏଗୁଡିକ ତାଳପତ୍ର ଉପରେ କରାଯାଉଥିଲା । ଖ୍ରୀଷ୍ଟିୟ ଦ୍ୱାଦଶ ଶତାବ୍ଦୀରୁ କଳାକାର ମାନେ ଲଘୁଚିତ୍ର (ମିନିଏଚର ପେଣ୍ଟିଙ୍ଗ) ପାଇଁ କାଗଜକୁ ଏହାର ଆଧାର ଭାବରେ ବ୍ୟବହାର କରିବା ଆରମ୍ଭ କରିଥିଲେ ।

ସେମାନଙ୍କର ବିଷୟ ବସ୍ତୁରେ ଧାର୍ମିକ ଗ୍ରନ୍ଥ, ପୌରାଣିକ କାହାଣୀ, ପ୍ରକୃତିର ଚିତ୍ର ଏବଂ ରାଜ ଦରବାର ସମ୍ବନ୍ଧୀୟ ଜୀବନ ଚର୍ଯ୍ୟା ଅନ୍ତର୍ଭୁକ୍ତ ଥିଲା ।



ତାଳ ପତ୍ରରେ ନିର୍ମିତ ପୋଥି ଚିତ୍ର



ମୋଗଲ ମିନିଏଚର ପେଣ୍ଟିଙ୍ଗ



କିଷନ ଗଡ଼ ମିନିଏଚର ପେଣ୍ଟିଙ୍ଗ

**ତୁମେ ଜାଣିଛ କି ?**



ମିନିଏଚର ଶବ୍ଦଟି "ମିନିୟମ"ରୁ ଆସିଛି । ଏହା ଏକ ଲାଲ ରଙ୍ଗର ଦ୍ରବ୍ୟ ଯାହା ମଧ୍ୟଯୁଗୀୟ ରୂପରେଖ ଆଙ୍କିବା ଏବଂ ପୋଥି ଲେଖିବା ପାଇଁ ବ୍ୟବହୃତ ହେଉଥିଲା ।

ନିମ୍ନରେ ଦିଆଯାଇଥିବା ସାରଣୀଟି (ମିନିଏଚର ପେଣ୍ଟିଙ୍ଗ) ଚିତ୍ରରେ ବ୍ୟବହୃତ କିଛି ରଙ୍ଗର ଉତ୍ସ ବିଷୟରେ କହିଥାଏ । ଏଗୁଡିକୁ ପ୍ରକ୍ରିୟା କରଣ କରାଯାଇଥିଲା ଏବଂ ବବୁଲ ଗଛରୁ ବାହାର କରାଯାଇଥିବା ଅଠା ସହିତ ମିଶ୍ରିତ କରାଯାଉଥିଲା । ଯାହା ରଙ୍ଗ ସହିତ ମିଶି ରଙ୍ଗକୁ ବାନ୍ଧି ରଖିଥାଏ ।

| ରଙ୍ଗ | ରଙ୍ଗ ଉତ୍ସ |
|---|---|
| ଉଜ୍ଜ୍ୱଳ ଲାଲ | ସିନ୍ଦୁର କିମ୍ବା ହିଙ୍ଗୁଳା ପଥର ଚୂର୍ଣ୍ଣ |
| ଗେରୁଆ ରଙ୍ଗ | ଗୋରୁ କିମ୍ବା ନାଲି ମାଟି |
| ହଳଦିଆ | ହରିତାଳ ପଥର ଚୂର୍ଣ୍ଣ କିମ୍ବା ଗୋମୂତ୍ର |
| ସବୁଜ | ମାଲାକାଇଟ କିମ୍ବା ହରିତାଳ ଓ ଖଣ୍ଡନୀଳ ମିଶ୍ରଣ |
| ନୀଳ | ଇଣ୍ଡିଗୋ କିମ୍ବା ଖଣ୍ଡନୀଳ ପଥର ଚୂର୍ଣ୍ଣ |
| କଳା | ଅଙ୍ଗାର ଗୁଣ୍ଡ ଓ ଦୀପ ଧୂଆଁ |
| ଧଳା | ଘୋରା ଶଙ୍ଖ କିମ୍ବା ଖଡ଼ି ପଥର ବଟା |



https://withteachers.in/

ମିନିଏଚର ପେଣ୍ଟିଙ୍ଗ୍ (ଲଘୁ ଚିତ୍ର) ଗୁଡିକରେ ମଧ୍ୟ ସୁନା ଏବଂ ରୂପା ବ୍ୟବହାର କରାଯାଉଥିଲା । ସୁନା ଏବଂ ରୂପାକୁ ବହୁତ ପତଳା ଚାଦରରେ ପିଟାଯାଇଥାଏ ଯାହାକୁ ସୁନାପାତି ବା ରୂପାପାତି କୁହାଯାଏ । ଏଗୁଡିକ ଲଘୁଚିତ୍ର ଏବଂ ଅନ୍ୟାନ୍ୟ ହସ୍ତ ଶିଳ୍ପରେ ବ୍ୟବହୃତ ହୁଏ ।






ଲଘୁଚିତ୍ର ଶିଳ୍ପୀମାନେ ତୂଳୀ ତିଆରି କରିବା ପାଇଁ ଓଟ, ଛେଳି ଭଳି ପ୍ରାଣୀଙ୍କ ଲୋମ ଏବଂ ନେଉଳର ଲାଞ୍ଜର କେଶକୁ ବ୍ୟବହାର କରନ୍ତି ।



ମିନିଏଚର ପେଣ୍ଟିଙ୍ଗରେ (ଲଘୁଚିତ୍ର) ପ୍ରାକୃତିକ ରଙ୍ଗର ବ୍ୟବହାର

## କଳା ସାମଗ୍ରୀ ଏବଂ ଉପକରଣର ଯତ୍ନ

ଆମେ ଯେଉଁ ସ୍ଥାନରେ କାମକରୁ, ସେହି ସ୍ଥାନର ଯତ୍ନନେବା ଏବଂ କଳାକୃତି ପାଇଁ ବ୍ୟବହାର କରୁଥିବା ସାମଗ୍ରୀ ଏବଂ ଉପକରଣ ଗୁଡିକୁ ସଜେଇ ରଖିବା ଆବଶ୍ୟକ ।

ସର୍ବଦା ତୁମର ବ୍ରଶ ପ୍ୟାଲେଟ ଏବଂ ଅନ୍ୟାନ୍ୟ କଳା ସାମଗ୍ରୀ ଉପକରଣ ଗୁଡିକୁ ତୁମର କାର୍ଯ୍ୟ ସମାପନ ପରେ ଭଲ ଭାବରେ ସାବୁନରେ ସଫା କରି ରଖ ।

ରଙ୍ଗ ଗୁଡିକ କିପରି ନ ଶୁଖିବ ସେଥିପାଇଁ ରଙ୍ଗର ଟ୍ୟୁବ୍, ବୋତଲ, ସ୍କେଚ୍ ପେନ ଏବଂ ମାର୍କର ଗୁଡ଼ିକର ଠିପି ବନ୍ଦ୍ କରି ରଖ ।

ସମସ୍ତ କଳା ସାମଗ୍ରୀ ଗୁଡିକୁ ସଂଗଠିତ କରି ଯତ୍ନର ସହକାରେ ରଖ । ଯାହା ଅନ୍ୟମାନଙ୍କୁ ସହଜରେ ମିଳିପାରିବ ଏବଂ ବ୍ୟବହାର କରାଯାଇ ପାରିବ ।



ମିନିଏଚର ପେଣ୍ଟିଙ୍ଗରେ ବ୍ୟବହୃତ ତୂଳୀ



https://withteachers.in/

## କାର୍ଯ୍ୟକଳାପ ୧୬.୪ : ଏକ ଲଘୁ ଚିତ୍ରଣରେ ବ୍ୟବହୃତ ପ୍ୟାଲେଟ୍ ବା ରଙ୍ଗ ଥାଳିଆକୁ ବୁଝ

ଅଷ୍ଟାଦଶ ଶତାବ୍ଦୀର ଏହି ରାଜସ୍ଥାନୀ ଲଘୁଚିତ୍ରଟିକୁ ଦେଖ । ସବୁ ପରିବେଶରେ ତୁମେ ଯେଉଁ ତିନିଜଣଙ୍କୁ ଦେଖୁଛ ସେମାନେ ହେଉଛନ୍ତି ସଙ୍ଗୀତଜ୍ଞ ତାନସେନ, ତାଙ୍କ ଗୁରୁସ୍ୱାମୀ ହରିଦାସ ଏବଂ ମୋଗଲ ସମ୍ରାଟ ଆକବର ।

ନିମ୍ନରେ ଦିଆଯାଇଥିବା ଉକ୍ତି ଗୁଡ଼ିକ ଉପରେ ଆଲୋଚନା କର ।

୧. ଏହି ଚିତ୍ରକଳାଟିରେ କଣ ସବୁ ବର୍ଣ୍ଣନା କରାଯାଇଛି ?

୨. ତୁମେ ଅନୁମାନ କରି କହିପାରିବକି, ଚିତ୍ରଟିରେ କେଉଁ ସମୟ ଏବଂ କେଉଁ ଋତୁ ବିଷୟରେ ଦର୍ଶାଯାଇଛି ?

୩. ତୁମେ ଚିତ୍ରଟିକୁ ଦେଖିଲା ପରେ ତୁମ ମନରେ କେଉଁ ଧାରଣା ବା ଭାବନା ସୃଷ୍ଟି ହେଉଛି ?

୪. ପୂର୍ବ ପୃଷ୍ଠାରେ ଦିଆଯାଇଥିବା ରଙ୍ଗଚକକୁ ଦେଖି ଏଥିରେ ଥିବା ସବୁଜ ରଙ୍ଗ କିପରି ସୃଷ୍ଟି ହୁଏ ତିଆରି କର ।

୫. ଚିତ୍ରଟିରେ ସବୁଠାରୁ ବଡ ଗଛ କେଉଁଠି ରଖା ଯାଇଛି ଓ ତୁମ ଦୃଷ୍ଟିରେ ଚିତ୍ରଶିଳ୍ପୀ ଏହିପରି ଚିତ୍ର କରିବାର କାରଣ କଣ ହୋଇପାରେ ବୋଲି ତୁମେ ଭାବୁଛ ?

୬. ବିଭିନ୍ନ ଚିତ୍ର ଗୁଡ଼ିକର ନମୁନା ଏବଂ ମେଘରେ ଦେଖା ଯାଉଥିବା ସୂକ୍ଷ୍ମ ରେଖା ଗୁଡ଼ିକୁ ନିରୀକ୍ଷଣ କର । ଚିତ୍ରଟିରେ ତୁମେ ଆଉ କେଉଁ ଦୃଶ୍ୟ ଦେଖୁଛ ।

ଲଘୁ ଚିତ୍ର ବିଷୟରେ ତୁମେ ଯାହା ଶିଖିଛ ସେ ବିଷୟରେ ଏକ ଛୋଟ ଅନୁଚ୍ଛେଦ ଲେଖ ।



ସ୍ୱାମୀ ହରିହର ଦାସଙ୍କ ସହିତ ତାନ୍‌ସେନ ଏବଂ ମୋଗଲ ସମ୍ରାଟ ଆକବରଙ୍କ ୧୭୦୦-୧୭୬୦ CE (ରାଜସ୍ଥାନର ଲଘୁଚିତ୍ର)

### ମୂଲ୍ୟାୟନ

ପ୍ରଦତ୍ତ ଚିତ୍ରକୁ ଠିକ୍ ଭାବରେ ନିରୀକ୍ଷଣ କର ଏବଂ ଯେକୌଣସି କଳାକୃତୀରେ ରଙ୍ଗ ମାଧ୍ୟମରେ ପ୍ରକାଶିତ ମନୋଭାବ, ଭାବନା ଏବଂ ଋତୁଗୁଡ଼ିକୁ ଚିହ୍ନାଅ ।



https://withteachers.in/

# ମାନ ନିର୍ଦ୍ଧାରଣ

| ଅଧ୍ୟାୟ-୧୬ : ପ୍ରକୃତିର ପ୍ୟାଲେଟ | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ର/ଛାତ୍ରୀ |
| 1 | 1.1 | ଗଛର ଯେକୌଣସି ବଛା ଯାଇଥିବା ଅଂଶକୁ ବିସ୍ତୃତ ଭବରେ ନିରୀକ୍ଷଣ କରି ଅଙ୍କନ କରି ରଙ୍ଗ ଦିଅ । | | |
| 2 | 2.2 | କଳାକୃତୀରେ ରଙ୍ଗ ମାଧ୍ୟମରେ ପ୍ରକାଶିତ ମନୋଭାବ, ଭାବନା ଏବଂ ଋତୁକୁ ଚିହ୍ନ। | | |
| 3 | 3.1 | ରଙ୍ଗ ଚକ, ରଙ୍ଗ ଟିଣ୍ଟ, ଛାୟାସ୍ତର ଏବଂ ରଙ୍ଗର ଟୋନ ସୃଷ୍ଟି କରିବା ପାଇଁ ରଙ୍ଗରେ ଅଭ୍ୟାସ କର । | | |

## ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଛାତ୍ରୀଙ୍କ ନିରୀକ୍ଷଣ

..................................................................................................................................

..................................................................................................................................

..................................................................................................................................

..................................................................................................................................

..................................................................................................................................

..................................................................................................................................



https://withteachers.in/

অধ্যায় - ১৭

# ତୁମେ କିପରି ଅନୁଭବ କର....



ଏହି ଅଧ୍ୟାୟରେ ତୁମେ ମାନବ ଶରୀର ଏବଂ ମୁଖ ମଣ୍ଡଳର ବିଭିନ୍ନ ଭାବଭଙ୍ଗୀ ଗୁଡ଼ିକୁ ଅଧ୍ୟୟନ କରି, ଯେତେବେଳେ ତୁମେ ମୁହଁର ଭାବଭଙ୍ଗୀକୁ ଅଙ୍କନ କରିବ ଏବଂ ଭାବନାକୁ ଚିତ୍ରଣ କରିବା ଶିଖିବ, ତେବେ ତୁମେ ମୁଖମଣ୍ଡଳର ଭାବଭଙ୍ଗୀ ବା ଅଭିବ୍ୟକ୍ତି ପଛରେ ଥିବା ଲୁକ୍କାୟିତ ଆନୁପାତିକ ଭାଗମାପ ଓ ଭାବଭଙ୍ଗୀକୁ ଜାଣିପାରିବ ।

ତୁମେ ମହାବଳୀପୁରମରେ ଭ୍ରମଣ ସମୟ ମଧ୍ୟରେ ଏକ ପଥରକଟା ଭାସ୍କର୍ଯ୍ୟକଳା ଦେଖିବା ପାଇଁ ପାଇବ । ତୁମେ ମୁହଁର ଭାବଭଙ୍ଗୀକୁ ଦେଖି ମାଟିର ପ୍ରତିକୃତି ତିଆରି କରିବା ଶିଖିବ ।

ଶେଷରେ ତୁମେ ଲୋକପ୍ରିୟ ସଂସ୍କୃତିରେ ଥିବା ଚିରାଚରିତ ପ୍ରଥା ଗୁଡ଼ିକୁ ଅଧ୍ୟୟନ କରି ଏପରି କଳାକୃତି ସୃଷ୍ଟି କରିବ ଯାହା ସେଗୁଡ଼ିକରେ ନୂତନତ୍ୱ ପରିପ୍ରକାଶ କରୁଥିବ ।

ତୁମେ ନାଟ୍ୟ ଏବଂ ନୃତ୍ୟରେ ନବରସ ବିଷୟରେ ଶିଖିଛ । ଆସ ଆମେ ଏହି ରସ ଉପରେ ଆଧାରିତ ମୁଖମଣ୍ଡଳ ଭାବ ସହିତ ଅଭିନୟ ମାଧ୍ୟମରେ ଖେଳିବା ।



https://withteachers.in/

**ସୋପାନ-୧ :** ଦଳରେ ବିଭକ୍ତ କରି ବାକ୍ସ ମଧ୍ୟରେ ଥିବା ଯେକୌଣସି ଗୋଟିଏ ସୂଚନାକୁ ବୁଝାଇବ ।

**ସୋପାନ-୨ :** ଦଳର ଯେକୌଣସି ଜଣେ ଶିକ୍ଷାର୍ଥୀ ସୂଚନା ଅନୁସାରେ ଅଭିନୟ କରିବେ ।

**ସୋପାନ-୩ :** ଅନ୍ୟ ଶିକ୍ଷାର୍ଥୀ ମାନେ ଅଭିନୟ କରୁଥିବା ଶିକ୍ଷାର୍ଥୀର ଅଙ୍ଗ ଚାଳନା ଓ ମୁଖର ଭାବଭଙ୍ଗୀକୁ ଅନୁଧ୍ୟାନ କରିବେ ।

ସୂଚନା ଅନୁଯାୟୀ କରାଯାଇଥିବା ଅଭିନୟଟି ଠିକ୍ ଥିଲା କି ?



## ତୁମର ଅଭିବ୍ୟକ୍ତି ଯେତେବେଳେ...



ତୁମ ପରିବାର / ବନ୍ଧୁମାନେ ତୁମକୁ ଆଲିଙ୍ଗନ କରନ୍ତି ।

ତୁମେ କାହାଠାରୁ ସାହାଯ୍ୟ କିମ୍ବା ସମର୍ଥନ ପାଅ ।

ତୁମେ ପ୍ରାଣୀ / ଉଦ୍ଭିଦ ସହିତ ସମୟ ବିତାଇବ ।

ତୁମେ କଠିନ ପରିଶ୍ରମ କରିଛ ଏବଂ ପୁରସ୍କୃତ ହୋଇଛ / ଯାହା ଚାହୁଁଥିଲ ତାହା ତୁମେ ପାଇ ନାହଁ ।

ଯେତେବେଳେ ହୁଏତ କୀଟପତଙ୍ଗ କିମ୍ବା ପଶୁ ତୁମ ସାମ୍ନାକୁ ଆସିଯାଏ ।

ତୁମେ ଅନ୍ୟମାନଙ୍କ ପ୍ରତି ହସ / ଉପହାସ କର ।

ତୁମେ ଏପରି ଜଣେ ବ୍ୟକ୍ତିଙ୍କୁ ଭେଟ, ଯାହାଙ୍କୁ ତୁମେ ବହୁତ ଭଲ ପାଅ ।

ତୁମେ କାହାକୁ ସଫଳ କରିବାରେ ସାହାଯ୍ୟ କରିଛ ।

ଯେତେବେଳେ ତୁମେ ଗୀତ ଗାଇବ, ନାଚିବ କିମ୍ବା କୌଣସି ବାଦ୍ୟ ଯନ୍ତ୍ର ବଜାଇବ ।

କେହି ଯଦି ତୁମକୁ କଷ୍ଟ ଦେଲାଭଳି କଥା କୁହେ । ତାଙ୍କ ସହିତ କଥା ହେବା ବନ୍ଦ କରିଦିଅ ।

ତୁମେ କିଛି ନୂଆ ପାଇଛ / ଆବିଷ୍କାର କରିଛ ।

ଅନ୍ୟମାନେ ତୁମକୁ ଚାହିଁ ହସନ୍ତି / ଉପହାସ କରନ୍ତି ।







https://withteachers.in/

## କାର୍ଯ୍ୟକଳାପ ୧୭.୧ : ମାନବ ମୁଣ୍ଡର ଅନୁପାତ ବା ପ୍ରୋପୋର୍ସନ୍

ଶିଶୁର ମୁହଁ ଜଣେ ବୟସ୍କଙ୍କ ମୁହଁଠାରୁ ଭିନ୍ନ ଦେଖାଯାଏ କାହିଁକି ? ଏହା ହେଉଛି ଅନୁପାତିକ ଭାଗମାପ ବା ପ୍ରୋପୋର୍ସନ୍ ।

ନିମ୍ନରେ ପ୍ରଦତ୍ତ ଚିତ୍ରଟିକୁ ଦେଖ ଏବଂ ବିଶ୍ଳେଷଣ କର ଯେ ଜଣେ ବ୍ୟକ୍ତି ବଡ ହେବା ସହିତ ତା'ର ଶରୀରର କିପରି ଅନୁପାତରେ ପରିବର୍ତ୍ତନ ହୋଇଥାଏ ।



### କଳାଶିକ୍ଷାରେ ଗଣିତ

ଚିତ୍ର ଗୁଡିକୁ ଦେଖ ଏବଂ ସେମାନଙ୍କର ମୁଖମଣ୍ଡଳର ପ୍ରୋପୋର୍ସନ୍‌କୁ ଗାଣିତିକ ପ୍ରକାଶନରେ ଭଗ୍ନାଂଶ କିମ୍ବା ରେସିଓ ଭାବରେ ଲେଖ । ତୁମେ ତୁମର ଏହି କାର୍ଯ୍ୟଟି ପାଇଁ ଗଣିତ ଶିକ୍ଷକଙ୍କର ସାହାଯ୍ୟ ନିଅ । ଏଠାରେ ରେସିଓ ଅର୍ଥ ଭାଗମାପ ଅଟେ ।

ନିର୍ଦ୍ଦେଶାବଳୀକୁ ବ୍ୟବହାରକରି ମୁହଁର ଅଙ୍କନକୁ ସଠିକ୍ ଭାଗମାପରେ ଅଙ୍କନ କର । ସମାନ ଅନୁପାତ ବ୍ୟବହାର କରି ମୁଣ୍ଡକୁ ବିଭିନ୍ନ କୋଣରୁ ଅଙ୍କନ କର ।



ତୁମେ ତୁମ ମୁହଁର ବିଭିନ୍ନ ଅଂଶ ମାପିବା ପାଇଁ ତୁମ ତର୍ଜନୀ ଆଙ୍ଗୁଠିର ବ୍ୟବହାର କରିପାରିବ । ତୁମେ ତୁମମାନଙ୍କର ନାକର ଲମ୍ବ ମାପ ଏବଂ ସେହି ଲମ୍ବ ବ୍ୟବହାର କରି ତୁମର କାନ, ଆଖି, କପାଳ ଇତ୍ୟାଦି ମାପ କର ।

ଏଠାରେ କିଛି ଆକର୍ଷଣୀୟ ଜିନିଷ ରହିଛି ଯାହା ତୁମେ ଅନୁଧ୍ୟାନ କଲେ ଜାଣିପାରିବ । ଦୁଇଟି ଆଖି ମଧ୍ୟରେ ଥିବା ସ୍ଥାନଟି ଆଉ ଏକ ଆଖିର ମାପ ସହିତ ସମାନ ।

କାନ ଗୁଡିକ ତୁମର ଭ୍ରୁର ସ୍ତର ଏବଂ ନାକର ଅଗ୍ରଭାଗ ମଧ୍ୟରେ ଅବସ୍ଥିତ ।






https://withteachers.in/

## କାର୍ଯ୍ୟକଳାପ ୧୭.୩ : ଚିତ୍ରାଙ୍କନରେ ମୁଖମଣ୍ଡଳର ଅଭିବ୍ୟକ୍ତି

**ସୋପାନ-୧ :** ତୁମର ବନ୍ଧୁମାନଙ୍କୁ କିଛି ମିନିଟ୍ ପାଇଁ ଭିନ୍ନ ଭିନ୍ନ ଭାବପ୍ରବଣର ପୋଜ୍ ଦେବାକୁ କୁହ । ସେମାନେ ଏକ ମଜାଦାର ମୁହଁ, ଦୁଃଖି ମୁହଁ, ହସୁଥିବା ମୁହଁ, କ୍ରୋଧର ମୁହଁ ଇତ୍ୟାଦି ଦେଖାଇ ପାରିବେ । ପ୍ରତ୍ୟେକ ଭାବପ୍ରବଣତା ପାଇଁ ଆଖି, ଭ୍ରୂଲତା ପାଟି, ଗାଲ, ଓଠ, ନାଶା ଇତ୍ୟାଦି କିପରି ପରିବର୍ତ୍ତନ ହୁଏ ତାହା ଦେଖ ।

**ସୋପାନ-୨ :** ଅନୁପାତକୁ ଧ୍ୟାନରେ ରଖି ଚାରୋଟିରୁ ପାଞ୍ଚଟି ମୁହଁ ଅଙ୍କନ କର ।

**ସୋପାନ-୩:** ଭିନ୍ନ ଭିନ୍ନ ମୁଖମଣ୍ଡଳର ଭାବ ସୃଷ୍ଟି କରିବା ପାଇଁ ଆଖି, ଭ୍ରୂଲତା ଏବଂ ପାଟିକୁ ପରିବର୍ତ୍ତନ କର ।

**ସୋପାନ-୪ :** ତୁମେ ନିଜର ଇମୋଜି ତିଆରି କରି ମଜା କର ।

### ମୂଲ୍ୟାୟନ

ମଣିଷର ମୁଣ୍ଡର ରେସିଓ ଏବଂ ପ୍ରୋପୋର୍ସନକୁ ନିରୀକ୍ଷଣ କରି ଚିତ୍ର ଅଙ୍କନ କର ।

ଭାବନା ପ୍ରକାଶ କରିବା ପାଇଁ ବିଭିନ୍ନ ପ୍ରକାରର ମୁଖମଣ୍ଡଳକର ପ୍ରବଣତାର ଚିତ୍ର ଅଙ୍କନ କର ।







https://withteachers.in/

## କାର୍ଯ୍ୟକଳାପ ୧୭.୪ : ଚାଲ, ବିଗତ ସମୟକୁ ଯାତ୍ରା କରିବା



କଳ୍ପନା କର ଯେ, ତୁମେ ଏକ ସମୟ ଚକ୍ରରେ ପ୍ରବେଶ କରୁଛ ଏବଂ ଏହା ତୁମକୁ ଅଷ୍ଟମ ଶତାବ୍ଦୀର ସେହି ସମୟକୁ ନେଇ ଯାଇଛି । ସେଥିପାଇଁ ତୁମେ ନିଜକୁ ତାମିଲନାଡୁର ମହାବଳୀପୁରମ୍‌ରେ ଏହି ବିଶାଳ ପଥରକଟା ମନ୍ଦିର ମୂର୍ତ୍ତି ସମ୍ମୁଖରେ ଉପସ୍ଥିତ ଅଛି ବୋଲି ମନେକର ।

ସେଠାରେ ତୁମେ ମୂର୍ତ୍ତି କାରିଗରମାନେ ଭାସ୍କର୍ଯ୍ୟ ଗଢୁଥିବାର ଦେଖିଥିବ । ସେମାନଙ୍କୁ ତୁମେ ଯଦି ପଚାର ସେମାନେ ତୁମକୁ "ଗଙ୍ଗା ଅବତରଣ" ଖୋଦନ କରୁଛନ୍ତି ବୋଲିକହିବେ ଏବଂ ସେହିପରି ଆଉ କେତେଜଣ ତୁମକୁ ଅର୍ଜୁନଙ୍କ ତପସ୍ୟା କରୁଥିବାର କାହାଣୀ ବୋଲି କହିବେ ।

ଯେତେବେଳେ ତୁମେ ସେମାନଙ୍କୁ ଭାସ୍କର୍ଯ୍ୟରେ ଦେଖୁଛ, ତୁମେ କଳ୍ପନା କରୁଛ ଯେ ନଦୀ ଦୁଇଟି ପଥର ମଧ୍ୟରେ ଥିବା ଫାଟ ଦେଇ ବହିଯାଉଛି ଏବଂ ନଦୀ ଚାରିପାଖରେ ସମସ୍ତ ଜୀବଜନ୍ତୁ ଏକାଠି ହେଉଛନ୍ତି । ଏହି ମୂର୍ତ୍ତି ପାଣି ଚାରିପାଖରେ ଜୀବନଯାପନ କରୁଥିବା କାହାଣୀ ଏବଂ ପୌରାଣିକ କାହାଣୀ ଗୁଡିକୁ ଜୀବନ୍ତ କରିଥାଏ । ଯଦି କିଛି ଚିତ୍ର ସ୍ପଷ୍ଟ ଭାବରେ ଦେଖାଯାଇପାରେ ଓ ଅନ୍ୟଟି ଅସମ୍ପୂର୍ଣ୍ଣ ଦେଖାଯାଏ, କିନ୍ତୁ ପ୍ରତ୍ୟେକଟି ଭାସ୍କର୍ଯ୍ୟ ତୁମକୁ ଆକର୍ଷିତ କରିବ । ତୁମେ ଏହାକୁ ଭଲଭାବରେ ନିରୀକ୍ଷଣ କର ।



https://withteachers.in/

# ମାଟିରେ ସ୍ଥିତ ଭାସ୍କର୍ଯ୍ୟ (ରିଲିଫ୍ ସ୍କଲ୍ପଚର୍)

ସୁଇଚ୍ !...... ମନେକର ସମୟ ଚକ୍ରଟି ଏକବିଂଶ ଶତାବ୍ଦୀକୁ ଫେରିଗଲା ଏବଂ ତୁମ ହାତରେ ଯେଉଁ ପୁସ୍ତକଟି ଅଛି ନିମ୍ନରେ ଦିଆଯାଇଥିବା ରିଲିଫ୍ ସ୍କଲ୍ପଚର୍ ବିଷୟରେ ବର୍ଣ୍ଣନା କର ।

ମହାବଳୀପୁରମ୍‌ର ଶୋର ମନ୍ଦିରରେ ମୂର୍ତ୍ତି ଗୁଡିକ ସମୟ ସହିତ କ୍ଷୟ ହୋଇଛି । ତୁମେ ଏହି ପଥରରେ ଖୋଦିତ ଲୋକଙ୍କ ହାତରେ ବିଭିନ୍ନ ଶରୀରର ଗତିବିଧି ଏବଂ ଉପକରଣ ଗୁଡିକୁ ଚିହ୍ନଟ କରିପାରିବ କିନ୍ତୁ ମୁଖମଣ୍ଡଳର ଭାବବ୍ୟକ୍ତିକୁ ସ୍ପଷ୍ଟ ଭାବରେ ଚିହ୍ନଟ କରାଯାଇ ପାରିବ ନାହିଁ ।



ଅଧା ମଣିଷ ଏବଂ ଅଧା ପଶୁ



ଗନ୍ଧର୍ବ ସ୍ୱର୍ଗୀୟ ଗାୟକ, ସଙ୍ଗୀତଜ୍ଞ କିମ୍ବା ନର୍ତ୍ତକୀ



ଯକ୍ଷ ବାମନ



ବିଗ୍ରହ ନିକଟରେ ବସିଥିବା ଜଣେ ସାଧୁ



ସାଧୁ ଭାଗିରଥି ଅର୍ଜ୍ଜୁନ ନାମରେ ପରିଚିତ

ରିଲିଫ୍ ହେଉଛି ଏକ ସ୍ଥିତ ଭାସ୍କର୍ଯ୍ୟକଳା, ଏହାର ପଛ ଭାଗ ସାଧାରଣତଃ ସମତଳ କିମ୍ବା ମୂର୍ତ୍ତିକୃତ ନୁହେଁ । ସମ୍ମୁଖ ଭାଗ ଭାସ୍କର୍ଯ୍ୟକଳାକୃତିରେ ପରିପୂର୍ଣ୍ଣ ଥାଏ ।




ଚିତ୍ର ଗୁଡିକ ଭଲଭାବରେ ଦେଖ ।

ପୂର୍ବ ପୃଷ୍ଠାର ବଡଚିତ୍ରରେ ସମାନ ଚରିତ୍ର ଗୁଡିକୁ ଚିହ୍ନଟ କର ।

ଯେହେତୁ ତୁମେ ମୁହଁର ଭାବଭଙ୍ଗୀକୁ ଆଙ୍କିବା ଶିଖିଛ, ସେମାନଙ୍କର ମୁହଁକୁ ପୁନଃ କଳ୍ପନା କର ।

୧୫ ସେମି x ୧୫ ସେ.ମି ଆକାରରେ ପୃଥକ ପୃଥକ କାଗଜ ଖଣ୍ଡ ଉପରେ ପ୍ରତ୍ୟେକ ମୁହଁର ଭାବପ୍ରବଣତାର ଚିତ୍ର ଅଙ୍କନ କର ।

ତୁମର ଚିତ୍ର ସମାପ୍ତ କରିବା ପରେ, ସେଥିରୁ ଗୋଟିଏକୁ ବାଛ, ସେହି ଚିତ୍ରକୁ କାଗଜରେ କାଟି ଅଲଗା କର ଏବଂ ତୁମର ମାଟି ରିଲିଫ୍ ପାଇଁ ପ୍ରସ୍ତୁତ ରଖ ।

## ଫିଲ୍ଡ ଟ୍ରିପ୍

ଏକ ଐତିହ୍ୟ ସ୍ମାରକୀ ପରିଦର୍ଶନ କର, ଯେଉଁଠାରେ ମୂର୍ତ୍ତିମାନ ଥିବ । ମୂର୍ତ୍ତିରେ ପ୍ରଦର୍ଶନ କରାଯାଉଥିବା ଶରୀରର ସ୍ଥିତି ଭାବ ଏବଂ ଭାବନାକୁ ପର୍ଯ୍ୟବେକ୍ଷଣ କର । ଏଗୁଡିକୁ ଭଲ ଭାବରେ ନିରୀକ୍ଷଣ କଳାପରେ ଚିତ୍ର ଅଙ୍କନ କର ।



https://withteachers.in/

# ମାଟିରେ (ସ୍ମିତଭାସ୍କର୍ଯ୍ୟ) ରିଲିଫ୍ ମୂର୍ତ୍ତି ତିଆରି କରିବା ପ୍ରକ୍ରିୟା

(1) କିଛି ପ୍ରାକୃତିକ ମାଟି ନିଅ, ଯଦି ଏହା ଶୁଖିଲା ଥାଏ ମାଟିକୁ ଗୁଣ୍ଡକରି ଏହାକୁ ନରମ ଏବଂ ଆର୍ଦ୍ର ହେବା ପାଇଁ ତୁମକୁ ଗୋଟିଏ ଦିନ ପାଇଁ କିଛି ପାଣିରେ ଭିଜାଇ ରଖିବାକୁ ପଡ଼ିବ ।

(2) ମାଟିକୁ ଚକଟି (ଯେପରି ତୁମେ ମଇଦା ଦଳୁଛ) ଏବଂ ଏହି ପ୍ରକ୍ରିୟାରେ ପଥର, କଣ୍ଟା ଏବଂ ଅନ୍ୟାନ୍ୟ ଅପରିଷ୍କାର ପଦାର୍ଥ ବାହାର କରିଦିଅ ।




(3) ମାଟିକାମ କରିବା ପାଇଁ ମାଟିରେ ଉପଯୁକ୍ତ ପରିମାଣର ପାଣି ଦେବା ଆବଶ୍ୟକ । ନଚେତ୍ ଅତ୍ୟଧିକ ପାଣିହେଲେ ମାଟିକୁ ଅଠାଳିଆ କରିଦେବ ଏବଂ କମ ପାଣି ହେଲେ ମାଟି ନମନୀୟ ହେବନାହିଁ ।



(4) ମାଟିକୁ ନେଇ ଏକ ପେଣ୍ଡୁ ତିଆରି କର ଏହାକୁ ତୁମ ହାତର ପାପୁଲି ସାହାଯ୍ୟରେ ସମତଳ କର ।



(5) ପ୍ରାୟ ୧୫ ସେମି ଲମ୍ବ, ୧୫ ସେମି ପ୍ରସ୍ଥ ଏବଂ ୩ ସେମି ଉଚ୍ଚତାର ଏକ ସ୍ଲାବ୍ ତିଆରି କରିବା ପାଇଁ ଏକ ବେଲଣାକାଠି ବ୍ୟବହାର କରି ଏହାକୁ ସରଳ ଭାବରେ ରୁଟି ପରି ଗୋଲେଇ କରିଦିଅ ।




(6) ଭାସ୍କର୍ଯ୍ୟ ମଡେଲିଂ ତିଆରି କରିବା ପାଇଁ ଆବଶ୍ୟକ ଉପକରଣ ବ୍ୟବହାର କର କିମ୍ବା ଚାମଚ, ବଟରଛୁରି, ଆଇସ୍କ୍ରିମ୍ ଇତ୍ୟାଦି ତୁମେ ବ୍ୟବହାର କରିପାରିବ ।

(7) ଏକ (ମୁନିଆ ବା ଧାରୁଆ) ସୁକ୍ଷ୍ମ ଉପକରଣ ସାହାଯ୍ୟରେ ସ୍ଲାବ ଉପରେ କଟା କାଗଜକୁ ଧୀରେ ଧୀରେ ଚିହ୍ନିତ କର ।



(8) ପୃଷ୍ଠ ଭୂମିରୁ ଚିହ୍ନିତ ଅଂଶ ବ୍ୟତୀତ ବଳକା ସ୍ଥାନରୁ ମାଟିର ଏକ ପତଳା ସ୍ତର ବାହାର କରିବା ଆରମ୍ଭ କର। ଯାହାଦ୍ୱାରା ମୁହଁର ପୃଷ୍ଠ ଉପରକୁ ଦେଖାଯିବ ।



(9) ତୁମେ ଯେଉଁ ମାଟି ବାହାର କରିଛ ତାହାକୁ ବଲ୍ ଆକାରରେ ସଂଗ୍ରହ କର ଏବଂ ଏହାକୁ ଓଦା କପଡ଼ାରେ ଢ଼ାଙ୍କି ରଖ ।



https://withteachers.in/

(10) କପାଳ, ଭୂଲତା, ଆଖିପତା, ଆଖି, ଗାଲ, ନାକ, ଚିବୁକ ଇତ୍ୟାଦି ମୁହଁରେ ସଂପୂର୍ଣ୍ଣ ଗଠନ ପାଇଁ ଏହି ମାଟିକୁ ଆବଶ୍ୟକ ମୁତାବକ ଲଗାଅ ।



(11) ମଝିରେ ମଝିରେ ପାଣି ସିଞ୍ଚନ କରି ତୁମର ସ୍ଲାବ୍‌କୁ ଓଦା କର ।

(12) ତୁମର ଉପକରଣ ଗୁଡିକୁ ବ୍ୟବହାର କରି ଭାସ୍କର୍ଯ୍ୟଟିକୁ ପରିଷ୍କାର ରଖ । ତା ଅନୁସାରେ ମାଟି ଲଗାଇ ଗଠନରେ ଯୋଗ କର, ମୁହଁରେ ତୁମେ ଚାହୁଁଥିବା ଭାବ ସୃଷ୍ଟି କର ।

(13) ତୁମର କାମକୁ ସମାପ୍ତ କରି ଏକ ପେନ୍‌ସିଲ୍ ସାହାଯ୍ୟରେ ସ୍ଲାବର ଉପର ଭାଗରେ ଏକ ଗାତକର । ଏହା ତୁମର ରିଲିଫକୁ ଟାଙ୍ଗିବାରେ ସାହାଯ୍ୟ କରିବ ।

(14) ଏହାକୁ କିଛି ଦିନ ଛାଇରେ ଶୁଖିବାକୁ ଦିଅ ।



ଇଚ୍ଛାଧୀନ କାର୍ଯ୍ୟ: ତୁମର ରିଲିଫଟି ସଂପୂର୍ଣ୍ଣ ଶୁଖିବା ପରେ ତୁମେ ତାହାକୁ ରଙ୍ଗ କରିପାରିବ ।

## ପ୍ରସ୍ତୁତି ନିମିତ୍ତ ସୂଚନା

ମାଟିକୁ (ସ୍ଲିପ୍) ମାଟିର ଘୋଳା ନାମକ ଏକ ମସୃଣ ପେଷ୍ଟରେ ପରିଣତ କରି ବିଭିନ୍ନ ମାଟି ଅଂଶକୁ ଯୋଡାଯାଇପାରିବ ।

ପୃଷ୍ଠକୁ ରଫ୍ କରିବା ପାଇଁ ଇଚ୍ଛିତ ସ୍ଥାନରେ ଚିହ୍ନ ତିଆରି କରାଯାଏ ଓ ମାଟିର ଘୋଳା ଲଗାଯାଏ, (ଯାହା ଏକ ଅଠା ଭଳି କାମ କରେ) ଏବଂ ଅନ୍ୟ ଅଂଶଟିକୁ ଯୋଡାଯାଏ ।

ତୁମର କାର୍ଯ୍ୟପ୍ରକ୍ରିୟା ଉପରେ ଆଧାରିତ ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଦିଅ ।

( ୧ ) ଏହି ପ୍ରକ୍ରିୟା ସମୟରେ ତୁମର କଳାକୃତିରେ ଫାଟ ସୃଷ୍ଟି ହୋଇଥିଲା କି ?

---------------------------------------------

---------------------------------------------

( ୨ ) କାରଣ ଗୁଡ଼ିକ କ'ଣ ହୋଇପାରେ ?

---------------------------------------------

---------------------------------------------



ମାଟି (ସ୍ଲିପ୍) ଘୋଳା ଚିତ୍ର



https://withteachers.in/

## କାର୍ଯ୍ୟକଳାପ ୧୭.୫ : ଏକ ଲଘୁ ଚିତ୍ରଣରେ ବ୍ୟବହୃତ ପ୍ୟାଲେଟ୍ ବା ରଙ୍ଗ ଥାଳିଆକୁ ବୁଝ

'ଗଙ୍ଗା ଅବତରଣ' ରେ ବିଭିନ୍ନ ଶରୀର ପ୍ରକାରର ଲୋକଙ୍କର ବିବିଧତା ଦେଖାଯାଇଛି । ବିଭିନ୍ନ ଚିତ୍ରକଳା ଶୈଳୀରେ ଲୋକଙ୍କୁ କିପରି ଚିତ୍ରିତ କରାଯାଇଛି ତାହାକୁ ଦେଖ ।

ତୁମ ଚାରିପାଖରେ ବିଭିନ୍ନ ଶରୀରର ଲୋକଙ୍କୁ ଦେଖ ଯଥା- ଛୋଟ, ବଡ଼, ପତଳା, କଳା ଚର୍ମ, ହାଲୁକା ଚର୍ମ, କେଶଯୁକ୍ତ, କୁଞ୍ଚିତ କେଶ ଇତ୍ୟାଦି । ତୁମେ ନିଜ ଶରୀରକୁ ଅନୁଧ୍ୟାନ କର । ତୁମ ମନରେ କେଉଁ ଚିନ୍ତାଧାରା ଆସୁଛି ?

ସାଧାରଣତଃ ଏକ ଧରାବନ୍ଧା ବା ବହୁଳ ଭାବରେ ଗୃହିତ ଧାରଣା ଯାହା ଜଣେ ବ୍ୟକ୍ତି, ସ୍ଥାନ କିମ୍ବା ସମ୍ପ୍ରଦାୟକୁ ବୁଝାଏ, ଏହା ତଥ୍ୟ ଗତ ନୁହେଁ । ଶରୀର ଗଠନ ପ୍ରକାର ବିଷୟରେ ସାଧାରଣ ଧାରଣା ଗୁଡିକ ଆଲୋଚନା କର । ଯାହାକି ନିତିଦିନର ଚାଲିଚଳନକୁ ପ୍ରୋତ୍ସାହିତ କରେ ।

ଉଦାହରଣ ସ୍ୱରୂପ ଏହା ଅନୁମାନ କରାଯାଏ ଯେ ମୋଟା ଶରୀର ଥିବା ବ୍ୟକ୍ତି ଦୃତଗତିରେ ଦୌଡି ପାରନ୍ତି ନାହିଁ କିମ୍ବା ପତଳା ଶରୀର ଥିବା ବ୍ୟକ୍ତି ଦୁର୍ବଳ । ଗୋଟିଏ ଚର୍ମର ରଙ୍ଗ ଅନ୍ୟଟି ଅପେକ୍ଷା ଅଧିକ ସୁନ୍ଦର ଅଟେ ।

ପତ୍ରିକା, ହୋର୍ଡିଂ, ଚଳଚ୍ଚିତ୍ର, ଭିଡିଓ ଏବଂ ସାମାଜିକ ଗଣମାଧ୍ୟମରେ ଆମେ ଦେଖୁଥିବା ଚିତ୍ର ଗୁଡିକ ଆମ ଶରୀରକୁ କିପରି ଭାବରେ ପ୍ରଭାବିତ କରେ ତାହା ଚିନ୍ତା କରିଥାଉ । ଶରୀର ସମ୍ବନ୍ଧୀୟ ଷ୍ଟେରିଓଟାଇପ୍ ଧାରଣାର ଅଧିକ ଉଦାହରଣ ସଂଗ୍ରହ କର । ତୁମେ ଏଗୁଡିକୁ ବିଜ୍ଞାପନ, କାହାଣୀ, ଚିତ୍ର, ଭିଡ଼ିଓ ଫିଲ୍ମ ଇତ୍ୟାଦିରେ ପାଇପାରିବ ।

ତୁମେ ଚିନ୍ତାଧାରାକୁ ଲେଖା ରଖ । ତୁମ ନିଜସ୍ୱ ସଂରଚନାର ସ୍କେଚ୍ ତିଆରି କର ଯାହା ତୁମ ସମ୍ମୁଖରେ ଥିବା ଧରାବନ୍ଧା ଧାରଣାକୁ ସମ୍ମୁଖୀନ ହୋଇପାରିବ ।


ମୋଗଲ ଲଘୁ ଚିତ୍ର


ଜୈନ ନୃତ୍ୟଶିଳ୍ପୀ ପୋଥିଚିତ୍ର


ଓଡ଼ିଶୀ ଭିତ୍ତିଚିତ୍ର


ସୌରା ଆଦିବାସୀ ଚିତ୍ର


ରାଜା ବର୍ମାଙ୍କ ଦ୍ୱାରା ଅଙ୍କିତ ସଙ୍ଗୀତଜ୍ଞ ତାରକା ମଣ୍ଡଳୀ



https://withteachers.in/

# ମାନ ନିର୍ଦ୍ଧାରଣ

| ଅଧ୍ୟାୟ-୧୭ : ପ୍ରକୃତିର ପ୍ୟାଲେଟ୍ | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ର/ଛାତ୍ରୀ |
| 1 | 1.1 | ମଣିଷ ମୁଣ୍ଡର ଭାଗମାପ ଏବଂ ସମାନୁପାତକୁ ପର୍ଯ୍ୟବେକ୍ଷଣ କରେ । | | |
| 1 | 1.1 | ସେମାନଙ୍କର ଭାବନା ଏବଂ ଅଭିଜ୍ଞତା ପ୍ରକାଶ କରିବା ପାଇଁ ବିଭିନ୍ନ ପ୍ରକାରର ମୁଖ ମଣ୍ଡଳର ଭାବପ୍ରବଣତାକୁ ଦର୍ଶାଏ । | | |
| 2 | 2.1 | ଶରୀରକୁ ପ୍ରତିନିଧିତ୍ୱ କରିବାରେ ଧରାବନ୍ଧା ଧାରଣାକୁ ଚିହ୍ନିତ କରେ ଓ ଅନ୍ୟାନ୍ୟ କଳାକୃତି ସୃଷ୍ଟି କରିଥାଏ । | | |
| 2 | 2.1 | ଭାରତୀୟ ଭାସ୍କର୍ଯ୍ୟରେ ଦେଖାଯାଉଥିବା ନବରସ ଏବଂ ଭାବନାକୁ ଚିହ୍ନିଥାଏ । | | |
| 3 | 3.2 | ଉପଯୁକ୍ତ ଉପକରଣ ଏବଂ କୌଶଳ ବ୍ୟବହାର କରି ଏକ ମାଟି ରିଲିଫ୍ ତିଆରି କର ।<br>(ରୋଲିଂ, କୋଏଲିଂ, ପିଞ୍ଚିଙ୍ଗ, ସ୍କୁପିଙ୍ଗ ପାଟିଙ୍ଗ୍, ସ୍ଲାବ୍ ତିଆରି କରିବା ଓ ସ୍ଲିପ୍ ବ୍ୟବହାର ଇତ୍ୟାଦି ।) | | |

## ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଛାତ୍ରୀଙ୍କ ନିରୀକ୍ଷଣ



https://withteachers.in/

অধ্যায় - ୧୮

# ବୟନ ଓ ଆମ ପରମ୍ପରା



ଯେପରି ତୁମେ ଚିତ୍ର ତିଆରି କରିବା ପାଇଁ ପେନସିଲ୍ ଏବଂ କାଗଜ ବ୍ୟବହାର କର, ସେହିପରି ବସ୍ତ୍ର କାରିଗରମାନେ କଳାକୃତି ସୃଷ୍ଟି କରିବା ପାଇଁ କପଡା, ସୂତା ଏବଂ ଛୁଞ୍ଚ ବ୍ୟବହାର କରନ୍ତି ।

ଭାରତୀୟ ବସ୍ତ୍ର ବିଭିନ୍ନ ପ୍ରକାରର ବୟନ ରୂପାଙ୍କନ ବା ମୋଟିଫ୍ ପାଇଁ ଜଣାଶୁଣା ପ୍ରତ୍ୟେକଟିର ନିଜସ୍ୱ ସାଙ୍କେତିକ ଅର୍ଥ ଅଛି । ମୋଟିଫ୍ ହେଉଛି ସାଜସଜ୍ଜା ରୂପାଙ୍କନ ଯାହା ସାଧାରଣତଃ ପୁନରାବୃତ୍ତି କରେ ଏବଂ ବିଭିନ୍ନ ଢ଼ାଞ୍ଚା ଗଠନ କରେ । ଏଗୁଡିକ ଅଞ୍ଚଳ ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ ଏବଂ ବର୍ତ୍ତମାନ ପିନ୍ଧାଯାଉଥିବା ଅନେକ କପଡ଼ାରେ ଦେଖାଯାଏ ।

ଏହି ଅଧ୍ୟାୟରେ ଅନ୍ୟାନ୍ୟ କାର୍ଯ୍ୟକଳାପକୁ ଅଧିକ ଜାଣିବା ପାଇଁ କିଛି ରୂପାଙ୍କନ ବା ମୋଟିଫ (ସମାନ ପ୍ରକାରର ଢ଼ାଞ୍ଚା) ଏବଂ କୌଶଳକୁ ଶିଖ ।



ବିଭିନ୍ନ କପଡ଼ାକୁ ଯୋଡ଼ାଯୋଡ଼ି କରି ଶେଯ ଶିଳେଇ



**ବିନ୍ଦୁ ଏବଂ ବୃତ୍ତ**
ପରିପୂର୍ଣ୍ଣତା



**ରେଖା**
ଶକ୍ତି, ଗତି ଏବଂ ପ୍ରଗତି



**ଆମ୍ବ କଷି**
ଜୀବନ, ଅନନ୍ତକାଳ ଓ ଉର୍ବରତା



**ଶୁକ**
ସତ୍ୟ, ଜ୍ଞାନ ଏବଂ ପ୍ରଣୟ



**ମୟୁର**
ରାଜକୀୟ, ଅମରତ୍ୱ



**'ରୁଦ୍ରାକ୍ଷ'**
ପତିବ୍ରତା ଓ ସୁରକ୍ଷା

ଏହି ମୋଟିଫଗୁଡିକରେ କଳା ଉପାଦାନଗୁଡିକୁ ଲକ୍ଷ୍ୟ କରନ୍ତୁ ।

https://withteachers.in/

## ସୂତା ଏବଂ ଛୁଞ୍ଚିର କାହାଣୀ



ଭାଇ 'ସୂତା' ଏବଂ ଭଉଣୀ 'ଛୁଞ୍ଚି' ମଧ୍ୟରେ ଦିନେ ଯୁକ୍ତିତର୍କ ହେଲା । ସୂତା ଦିନେ ଝରକାର ପରଦାଟିକୁ ଖୋଲିବାକୁ ଚାହୁଁଥିଲା କିନ୍ତୁ ଛୁଞ୍ଚି ଏହାକୁ ବନ୍ଦ କରିବାକୁ ଚାହୁଁଥିଲା । ଦୁହେଁ ପରଦାଟିକୁ ଟଣାଟଣି କରିବା ଭିତରେ ପରଦାଟି ଶେଷରେ ଚିରିଗଲା ।

ସୂତା ଏବଂ ଛୁଞ୍ଚିଙ୍କର ଝଗଡା ଦେଖି ପରଦାଟି ଜୋରରେ ପାଟିକରି ଦୁହିଁଙ୍କୁ ଝଗଡା ବନ୍ଦ କର ବୋଲି କହିଲା ।



ପରଦା କଥା ଶୁଣି ସୂତା ଏବଂ ଛୁଞ୍ଚି ଚୁପ ହୋଇଗଲେ । ପରଦା ଦୁହିଁଙ୍କୁ ପାଖକୁ ଡାକି କହିଲା- ଏଇ ଦେଖ, ତୁମେ ମୋର କ'ଣ ଅବସ୍ଥା କରିଛ । ତୁମେ ମୋତେ ଆଘାତ ଦେଇ, ମୋର ଆଖିରେ ଲୁହ ଆଣିଛ । ସୂତା ଏବଂ ଛୁଞ୍ଚି ପରଦା ପାଖକୁ ଯାଇ ଦେଖନ୍ତିତ ପରଦାଟି ଚିରିଫାଟି ନଷ୍ଟ ହୋଇଯାଇଛି ।

ହିନ୍ଦୀରେ ସୂତାକୁ ଧାଗା କୁହାଯାଏ । ଛୁଞ୍ଚିକୁ ତେଲଗୁରେ ସୋଡି କୁହାଯାଏ । ତୁମେ ଜାଣିଥିବା ଭାଷାରେ ଏହାକୁ କ'ଣ କୁହାଯାଏ ? ଅନ୍ୟ ଭାରତୀୟ ଭାଷାରେ ଏଗୁଡିକୁ କ'ଣ କୁହାଯାଏ । ଅଧିକ ଜାଣିବା ପାଇଁ ଚେଷ୍ଟା କରନ୍ତୁ ।

**ତୁମେ ଜାଣିଛକି ?**



ପରଦା ନିଜର କଥା କହିବା ଜାରି ରଖିଲା ଏବଂ ସେମାନଙ୍କୁ ପରଦା କିପରି ତିଆରି ହୋଇଥିଲା ତାହାର କାହାଣୀ ଶୁଣାଇଲା ।



ଯେତେବେଳେ ତୁମର ଜେଜେଙ୍କ ମୃତ୍ୟୁ ହେଲା । ତୁମ ବାପା ମା ତାଙ୍କର ପିନ୍ଧିଥିବା କିଛି ସ୍ୱତନ୍ତ୍ର ପୋଷାକ ରଖିଥିଲେ । ମୁଁ ହେଉଛି ସେହି ପୋଷାକ କପଡା ଖଣ୍ଡରୁ ତିଆରି ପରଦା ଯାହାକି ସେମାନେ ମୋତେ ତାଙ୍କର ପୋଷାକରୁ ସୃଷ୍ଟି କରିଥିଲେ ।

ମୋର ଶରୀରରେ ସିଲେଇ ହୋଇଥିବା ସମସ୍ତ ଖଣ୍ଡ ଗୁଡିକୁ ତୁମେ ଦେଖ । ଏହା ତୁମ ଜେଜେ ଯେଉଁ ପୋଷାକ ପିନ୍ଧିଥିଲ ତାହା ମଧ୍ୟ ଏହିଥିରୁ ତିଆରି ହୋଇଥିଲା ।

ଏଠାରେ ସେ ନିଜେ ବୁଣିଥିବା ସୁନ୍ଦର ସ୍ୱେଟରର ଏକ ଖଣ୍ଡ ଅଛି । ଏହା ପାଖରେ ହଳଦିଆ ଶାଢ଼ୀ ଏକ ଖଣ୍ଡ ଅଛି । ଯାହା ଉପରେ ଏକ ବଡ ଚା'ର ଏକ ବଡ଼ ଦାଗ ଥିଲା । ଏଥିରେ ଥିବା ସୁନ୍ଦର ଡିଜାଇନ୍‌କୁ ସ୍ପର୍ଶକର, ତୁମ ବାପା ସେହି ଦାଗଯୁକ୍ତ ଅଂଶକୁ ନେଇ ଏହାକୁ ପ୍ରସ୍ତୁତ କରିଥିଲେ ।



https://withteachers.in/



ଏହି ପ୍ୟାଚୱାର୍କର କେନ୍ଦ୍ରରେ ଥିବା ବର୍ଗାକାର ଝରକା ତୁମେ ଦେଖୁଛ କି ? ଏହା କ୍ରୋଚେ ନାମକ ଏକ ପ୍ରକ୍ରିୟା ଦ୍ୱାରା ତିଆରି କରାଯାଇଥିଲା । ଏହି କପଡା ଖଣ୍ଡଟି ତୁମ ଜେଜେଙ୍କର ଅତିପ୍ରିୟ ଥିଲା । ତୁମେ ପ୍ୟାଚୱାର୍କର ତଳ ଧାରକୁ ଲକ୍ଷ୍ୟ କରିଛ କି ? ଏଗୁଡିକୁ ଟାସେଲ୍ କୁହାଯାଏ । ଏକାଠି ସଜାଯାଇ ସୁନ୍ଦର ପ୍ୟାଟର୍ଣ୍ଣ (ଢ଼ାଞ୍ଚା)ର ଗଣ୍ଠି ପଡିଛି । ତୁମେ ଏଥିରେ ସୂକ୍ଷ୍ମ ସୂତ୍ର ଦେଖିପାରିବ, ମୋ ଲୁହରେ ମଧ୍ୟ କିଛି ଢ଼ିଲାସୂତ୍ର ଅଛି... ଦେଖ ? ତୁମେ, ବୁଣା ଯାଇଥିବା ସିଧା ଏବଂ ଆଡୁଆ ସୂତାକୁ ସ୍ପଷ୍ଟ ଭାବରେ ଦେଖିପାରୁଛ ।

ମନେରଖ, ମୁଁ କେବଳ ଏକ ପରଦା ନୁହେଁ, ମୁଁ କାହାଣୀର ଏକ ପରସ୍ତ ପରସ୍ତ କଥା । ମୋ ଭିତରେ ପ୍ରତ୍ୟେକ ଖଣ୍ଡର ନିଜସ୍ୱ କାହାଣୀ ଅଛି । ସେଗୁଡିକ ସମସ୍ତେ ଅନେକ ସୂତା ସହିତ ସିଲେଇ ହୋଇଥାନ୍ତି । ଯେତେବେଳେ ସୂତାଗୁଡ଼ିକ ପରସ୍ପର ମଧ୍ୟରେ ଲଢ଼ିବା ଆରମ୍ଭ କରନ୍ତି ଯେପରି ଏବେ କରୁଥିଲ, କ'ଣ ଘଟିବ ସେ ବିଷୟରେ ଭାବ ।

ସୂତା ଏବଂ ଛୁଞ୍ଚ ପରସ୍ପରକୁ ଚାହିଁ ହସିଲେ, ସୂତା ପଚାରିଲେ ଯେ ସେମାନେ କ'ଣ ଏକାଠି ହେଲେ ପରଦାର ଲୁହ ପଛରେ ଥିବା କାରଣକୁ ସମାଧାନ କରିବେ ? ଛୁଞ୍ଚ ରାଜି ହୋଇଗଲେ ଏବଂ ସେମାନେ ବ୍ୟସ୍ତ ହୋଇଗଲେ । ତୁମେ ଯଦି ସୂତା କିମ୍ବା ଛୁଞ୍ଚ ହୋଇଥାନ୍ତ ତେବେ ତୁମେ କ'ଣ ଏହିପରି କରିଥାନ୍ତ ?



https://withteachers.in/

## କାର୍ଯ୍ୟକଳାପ ୧୮.୧: ବସ୍ତ୍ର ପତ୍ରିକା

**ସୋପାନ-୧ :** ତୁମ ଘରେ ଥିବା ବିଭିନ୍ନ ପ୍ରକାରର ଜିନିଷ ଦେଖ ଯାହା ତନ୍ତୁରେ କିମ୍ବା କପଡ଼ାରେ ନିର୍ମିତ ।

**ସୋପାନ-୨ :** ଜଣେ ସ୍ଥାନୀୟ ଦର୍ଜୀଙ୍କ ପାଖକୁ ଯାଅ ଏବଂ ତାଙ୍କ ପାଖରେ ବଳିଥିବା ପରିତ୍ୟକ୍ତ ଛୋଟ କପଡ଼ା ଖଣ୍ଡ, ପରିତ୍ୟକ୍ତ ପୋଷାକ, ବ୍ୟାଗ ଏବଂ ଛିଣ୍ଡା କପଡ଼ାରୁ କିଛି ନମୁନା ସଂଗ୍ରହ କର ।

**ସୋପାନ-୩:** ତୁମେ କପଡ଼ା ନମୁନା ସଂଗ୍ରହ କରିବା ସମୟରେ, ପ୍ରତ୍ୟେକ କପଡ଼ା ବିଷୟରେ କିଛି କାହାଣୀ ଲେଖି ରଖିବାକୁ ମନେରଖ । ତୁମେ ଏହାକୁ କେଉଁଠାରୁ ପାଇଲ, ଏହା କାହାର ହୋଇଥାଇପାରେ, ଏବଂ ଏହା କେଉଁ ପ୍ରକାରର ତନ୍ତୁରୁ ତିଆରି ଇତ୍ୟାଦି ତୁମେ ଦେଖିଥିବା ନମୁନା ବିଷୟରେ କିଛି ଧାଡ଼ି ଲେଖ ।

**ସୋପାନ-୪ :** ତୁମର ବସ୍ତ୍ରର ନମୁନା ଗୁଡିକୁ ବସ୍ତ୍ର ପତ୍ରିକାର ପୃଷ୍ଠା ନେଇ କରି ଏକତ୍ର ଭାବେ କାମ କର । ତୁମେ ସଂଗ୍ରହ କରିଥିବା ବିଭିନ୍ନ ସାମଗ୍ରୀ (ଯଥା- କପା, ରେଶମ, ପଶମ, ଝୋଟ ଇତ୍ୟାଦି) କୁ ଆଲୋଚନା କର ଏବଂ ଚିହ୍ନଟ କର । ତୁମେ ସେଗୁଡିକୁ ସାମଗ୍ରୀ ରଙ୍ଗ, ଗଠନ କିମ୍ବା ପ୍ୟାଟର୍ଣ୍ଣ ଅନୁସାରେ ସଜାଡିବାକୁ ବାଛିପାରିବ । ଉଦାହରଣ ସ୍ୱରୂପ ସାଦା ରଙ୍ଗୀନ କପଡା ଏକାଠି, ସମସ୍ତ ସୂତାବସ୍ତ୍ର ଏକାଠି ଇତ୍ୟାଦି । ତୁମେ ସଂଗ୍ରହ କରିଥିବା କପଡା ଗୁଡିକୁ ତାରତମ୍ୟ ଦୃଷ୍ଟିରୁ ଅଲଗା ଅଲଗା ଭାବରେ ତର୍ଜମା କର ।




ଛାତ୍ରମାନଙ୍କଦ୍ୱାରା ସଂଗୃହୀତ ବସ୍ତ୍ର ନମୁନା



https://withteachers.in/

## କାର୍ଯ୍ୟକଳାପ ୧୮.୨ : ବସ୍ତ୍ରରେ ସୂଚି କାରୁକାର୍ଯ୍ୟ ପରମ୍ପରାର ଅନୁସନ୍ଧାନ

ବସ୍ତ୍ରରେ ସୂଚିକାର୍ଯ୍ୟ ହେଉଛି ଏକ ପ୍ରକାରର ସିଲେଇ ସାହାଯ୍ୟରେ ବିଭିନ୍ନ କୌଶଳର କାରୁକାର୍ଯ୍ୟ ଅଟେ ।

ଭାରତରେ ସୂଚିକାର୍ଯ୍ୟ ପରମ୍ପରା ଅଛି । କିଛି ପରମ୍ପରା ସେମାନଙ୍କର ଡିଜାଇନରେ ଦର୍ପଣ, କାଚ, ମଣି, ହିରା ଏବଂ ଗୋଲ ଚକ୍‌ଚକ୍ କରୁଥିବା ପଦାର୍ଥକୁ ମଧ୍ୟ ଏହାର ଡିଜାଇନରେ ରଖାଯାଇଛି । ଭାରତରେ ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ସୂଚିକାର୍ଯ୍ୟ ପରମ୍ପରାର କିଛି ଉଦାହରଣ ନିମ୍ନରେ ଦିଆଯାଇଛି ।

| ସୂଚି କାର୍ଯ୍ୟର ନାମ | ସ୍ଥାନ / ଅଞ୍ଚଳ |
|---|---|
| ଚାନ୍ଦୁଆ | ଓଡ଼ିଶା |
| ଚିକନ୍‌କରୀ | ଉତ୍ତରପ୍ରଦେଶ |
| ଚମ୍ବାରୁମାଲ | ହିମାଚଳ ପ୍ରଦେଶ |
| କସୁତି | କର୍ଣ୍ଣାଟକ |
| ତୋଡ଼ା | ତାମିଲ୍‌ନାଡୁ |
| ଅହିର | ଗୁଜୁରାଟ |
| କାନ୍ଥା | ପଶ୍ଚିମବଙ୍ଗ |
| ଖ୍ନେଙ୍ଗ | ମେଘାଳୟ |
| ଗୋଟା | ରାଜସ୍ଥାନ |
| କଶିଦା | କାଶ୍ମୀର |

ତୁମ ଚାରିପାଖରେ ପୋଷାକ ଏବଂ କପଡ଼ାରେ କି ପ୍ରକାରର ସୂଚି କାରୁକାର୍ଯ୍ୟ ଦେଖିଛ କି ?

ଏମ୍ବ୍ରୋଡୋରୀ ସୂଚିକାର୍ଯ୍ୟ କରୁଥିବା ଲୋକଙ୍କୁ ଖୋଜ ଏବଂ ସେମାନଙ୍କ କଳା ବିଷୟରେ ସେମାନଙ୍କ ସହିତ କଥାବାର୍ତ୍ତା ହୁଅ ।



ଚିକନକରୀ



ଅହିର



ତୋଡ଼ା

### ସ୍ଥାନୀୟ କଳାକାରମାନଙ୍କୁ ନିମନ୍ତ୍ରଣ କର

ଛାତ୍ରଛାତ୍ରୀ ମାନଙ୍କ କିଛି ମୌଳିକ ଦକ୍ଷତା ଏବଂ କୌଶଳ ସହିତ ପରିଚିତ କରାଇବା ପାଇଁ ଏକ କର୍ମଶାଳା ଆୟୋଜନକର, ଯାହାଦ୍ୱାରା ସେମାନଙ୍କର ଭବିଷ୍ୟତର ବିଭିନ୍ନ ବୃତ୍ତି ବିଷୟରେ ସେମାନେ ଜାଣିପାରିବେ ।



https://withteachers.in/

## କାର୍ଯ୍ୟକଳାପ ୧୮.୩ : କାରୁକାର୍ଯ୍ୟରେ ମୌଳିକ ସିଲେଇ ଏମ୍ବ୍ରୋଡ଼ରୀ

ସରଳ ସାମଗ୍ରୀ ଏବଂ ଉପକରଣ ବ୍ୟବହାର କରି ଏମ୍ବ୍ରୋଡରୀ ସୂଚିକାର୍ଯ୍ୟ କରାଯାଇ ପାରିବ । ଯଦି ତୁମେ ପୂର୍ବରୁ କେବେ ଏମ୍ବ୍ରୋଡରୀ ସୂଚିକାର୍ଯ୍ୟ କରିବା ପାଇଁ ଚେଷ୍ଟା କରିନାହିଁ, ତେବେ ପ୍ରଥମେ ମୌଳିକ ସିଲେଇ ଶିଖିବା ଆରମ୍ଭ କର ।

### ପ୍ରକ୍ରିୟା

୧. ପ୍ରାୟ ୫୦ ସେମି ଲମ୍ବା ଏକ ସୂତା ନିଅ ।

୨. ଛୁଞ୍ଚିରେ ସୂତା ଲଗାଅ ଏବଂ ଗୋଟିଏ ପ୍ରାନ୍ତକୁ ଛୋଟ ରଖ ।

୩. ସୂତାର ଲମ୍ବା ଶେଷଭାଗରେ ଏକ ଗଣ୍ଠି ତିଆରି କର ।

୪. ରେଖାକୁ ଚିହ୍ନିତ କରି ଏବଂ ଛୁଞ୍ଚି ସାହାଯ୍ୟରେ ଗାତ ଫୋଡାଇ ଆପଣଙ୍କର କାର୍ଡ ସିଟ୍ / କପଡ଼ା ପ୍ରସ୍ତୁତ କର । (ଚିତ୍ର ଦେଖ) ।

୫. ସିଲେଇ ଆରମ୍ଭ କର ଏବଂ ପ୍ରତ୍ୟେକ ସିଲେଇ ପାଇଁ ପ୍ୟାଟର୍ନକୁ ଅନୁସରଣ କର ।

୬. ତୁମ ଧାଡିର ଶେଷରେ କିମ୍ବା ଯେତେବେଳେ ଆପଣଙ୍କର ସୂତା ଶେଷ ହେବାକୁ ଯାଉଥାଏ ତୁମ କାମର ବିପରୀତ ପାର୍ଶ୍ୱରେ ଏକ ଗଣ୍ଠି ତିଆରି କର ଏବଂ ସୂତାଟିକୁ କାଟି ଦିଅ ।










### ସାମଗ୍ରୀ

କାର୍ଡ କାଗଜ, ପରିତ୍ୟକ୍ତ ନିମନ୍ତ୍ରଣ କାର୍ଡ କିମ୍ବା ମୋଟା ଡ୍ରାଇଁ ସିଟ୍ (ପ୍ରାୟ ୨୦ ସେମି X ୧୫ ସେମି) ମଧ୍ୟମ ଆକାରର ଛୁଞ୍ଚି ସୂତା କିମ୍ବା ପଶମ କପଡ଼ା ।



https://withteachers.in/

## କାର୍ଯ୍ୟକଳାପ ୧୮.୪ : ତୁମେ ଚମଡା କଳାକୃତି ତିଆରି କର

କଳାକୃତି କେବଳ ଏକ ସମତଳ ପୃଷ୍ଠରେ ତିଆରି କରିବା ଆବଶ୍ୟକ ନୁହେଁ । ସେଗୁଡ଼ିକ ତ୍ରି-ପାର୍ଶ୍ୱିକ ମଧ୍ୟ ହୋଇପାରେ । ଆପଣ ହୁଏତ କପଡ଼ା ସୂତା କିମ୍ବା ଫାଇବରରେ ତିଆରି ଆକର୍ଷଣୀୟ ଖେଳଣା ଦେଖିଥିବେ । ଅନେକ ଜଣାଶୁଣା କଳାକାର ଅଛନ୍ତି ଯେଉଁମାନେ କପଡା କଳା ଏବଂ ହସ୍ତଶିଳ୍ପ ପରମ୍ପରା ଦ୍ୱାରା ଅନୁପ୍ରାଣିତ ହୋଇଛନ୍ତି ।

ତୁମ ପରି ଛାତ୍ରମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା କଳାକୃତିର ଉଦାହରଣ ଦେଖନ୍ତୁ । ତୁମେ କି ପ୍ରକାରର କପଡା କଳାକୃତି ତିଆରି କରିବାକୁ ଚାହିଁବ ? ତୁମେ ତୁମର ସ୍ଥାନୀୟ କପଡା ପରମ୍ପରାରୁ ପ୍ରେରଣା ପାଇପାରିବ । ଏହା ବୁଣାକାର୍ଯ୍ୟ କ୍ରୋଚେଟ୍, ମାକ୍ରାମ୍, କପଡା ଖେଳଣା, ଚିତ୍ରକଳା, ମୁଦ୍ରଣ, ବାନ୍ଧକଳା ଇତ୍ୟାଦି ହୋଇପାରେ ।












### ତୁମେ ଜାଣିଛ କି ?



ଆଜିକାଲି କିଛି କଳା ସଂଗ୍ରହାଳୟରେ ହସ୍ତତନ୍ତ ବସ୍ତ୍ର କଳାକୃତି ଅଛି, ଯାହାକୁ ସ୍ପର୍ଶ କରାଯାଇପାରିବ ଏବଂ ଉପଭୋଗ କରାଯାଇପାରିବ । ଏହି କଳାକୃତି ଗୁଡିକୁ ଦୃଷ୍ଟିହୀନ ପରିଦର୍ଶକମାନେ ମଧ୍ୟ ଅନୁଭବ ଏବଂ ଉପଭୋଗ କରିପାରିବେ ।



https://withteachers.in/

# ମାନ ନିର୍ଦ୍ଧାରଣ

| ଅଧ୍ୟାୟ-୧୮ : ହସ୍ତତନ୍ତ ବୟନକଳା ଏବଂ ପରମ୍ପରା | | | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ର/ଛାତ୍ରୀ |
| 1 | 1.1 | ସେମାନଙ୍କ ଆଖପାଖରୁ କପଡ଼ା ତନ୍ତୁ ନମୁନା ସଂଗ୍ରହ କର ଏବଂ ସେଗୁଡ଼ିକ ବିଷୟରେ ଲେଖ । | | |
| 2 | 2.2 | ସେମାନଙ୍କ ସଂସ୍କୃତି ଏବଂ ପରିବେଶରେ ଦେଖା ଯାଉଥିବା ସାଧାରଣ ବୟନ ଶିଳ୍ପରେ ବ୍ୟବହୃତ ହୋଇଥିବା ଚିତ୍ର ସଂରଚନା ଗୁଡିକୁ ଚିହ୍ନଟ କରିବା । | | |
| 3 | 3.2 | ସରଳ ଭାବରେ ସିଲେଇ କିମ୍ବା ଅନ୍ୟ କୌଣସି କୌଶଳ ବ୍ୟବହାର କରି ଏକ ବୟନ ଶିଳ୍ପ କଳା ତିଆରି କରିବ । | | |

## ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଛାତ୍ରୀଙ୍କ ନିରୀକ୍ଷଣ

.............................................................................................................

.............................................................................................................

.............................................................................................................

.............................................................................................................

.............................................................................................................

.............................................................................................................



https://withteachers.in/

# ସୁନ୍ଦର ହସ୍ତଲିଖନ କଳା



ଲୋକଙ୍କ ଭାବ ଏବଂ ଅଭିବ୍ୟକ୍ତିକୁ ଲିପିବଦ୍ଧ କରି ରଖିବା ପାଇଁ ସ୍କ୍ରିପ୍ଟ ବା ଲିପିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।

୫୦୦୦ ବର୍ଷ ପୁରୁଣା ସିନ୍ଧୁ-ସରସ୍ୱତୀ ସଭ୍ୟତାରୁ ଭାରତରେ ଲେଖା ପ୍ରଣାଳୀର ଅନୁସନ୍ଧାନ କରାଯାଇ ପାରିବ । କିନ୍ତୁ ଅଶୋକଙ୍କ ଆଦେଶନାମା ବ୍ରାହ୍ମିଲିପିର ଶିଳାଲେଖ ସର୍ବପ୍ରଥମେ ୨୩୦୦ ପୂର୍ବେ ଉଲ୍ଲେଖିତ କରାଯାଇଥିଲା । ଭାରତର ମୂଳ ସମ୍ବିଧାନ ଦୁଇଜଣ ହସ୍ତ ଲିଖନ ଶିଳ୍ପୀଙ୍କ ଦ୍ୱାରା ସୁନ୍ଦର ଭାବରେ ହାତରେ ଲେଖାଯାଇଛି ।




ପ୍ରେମ ବିହାରୀ ନାରାୟଣ ରେଇଜାଦାଙ୍କ ଇଂରାଜୀରେ ଏବଂ ବସନ୍ତ କୃଷ୍ଣ ବୈଦ୍ୟ ଏହାକୁ ହିନ୍ଦୀରେ (ଦେବନାଗରୀ ଲିପି) ଲେଖିଥିଲେ । ୨୬ ଜାନୁଆରୀ ୧୯୫୦ ରେ ଏହା ସ୍ୱାକ୍ଷରୀତ ହୋଇଥିଲା ।

ଯେଉଁ ଦିନକୁ ଆମେ ଗଣତନ୍ତ୍ର ଦିବସ ଭାବରେ ପାଳନ କରୁ । ଆଜି ଭାରତୀୟ ସମ୍ବିଧାନ ଆନୁଷ୍ଠାନିକ ଭାବେ ୨୨ଟି ଭାଷାକୁ ସ୍ୱୀକୃତି ଦେଇଛି । ବାମ ପାର୍ଶ୍ୱରେ ଥିବା ଗଛରେ ଥିବା ଭାରତୀୟ ଲିପି ଗୁଡିକର ସୁନ୍ଦର ରୂପ ଏବଂ ଭିନ୍ନତାକୁ ଦେଖ ।


THE CONSTITUTION OF INDIA

WE, THE PEOPLE OF INDIA, having solemnly resolved to constitute India into a SOVEREIGN DEMOCRATIC REPUBLIC and to secure to all its citizens:

JUSTICE, social, economic and political;

LIBERTY of thought, expression, belief, faith and worship;

EQUALITY of status and of opportunity;

and to promote among them all

FRATERNITY assuring the dignity of the individual and the unity of the Nation;

IN OUR CONSTITUENT ASSEMBLY this twenty-sixth day of November, 1949, do HEREBY ADOPT, ENACT AND GIVE TO OURSELVES THIS CONSTITUTION.



https://withteachers.in/

ତୁମେ ଏହି ଅଧ୍ୟାୟରେ କାଲିଗ୍ରାଫି ବା ହସ୍ତଲିଖନ ବିଷୟରେ ଅଧିକ ଶିଖିବ ।

ଅକ୍ଷର ଗୁଡ଼ିକ ଯେକୌଣସି ଲିପିର କ୍ଷୁଦ୍ରତମ ଏକକ । ଏକ ଅଜ୍ଞାତ ଲିପି ଏକ ଛୋଟ ଡ୍ରଇଂ ବା ଚିତ୍ରର ଗାର ଟାଣି ଆଣିବା ପରି ଦେଖାଯାଏ । ଆଜି ଆମେ ବ୍ୟବହାର କରୁଥିବା ଅକ୍ଷର ସର୍ବ ପ୍ରଥମେ ଚିତ୍ରା ରୂପରେ ଥିଲା, ଯାହା ପିକ୍‌ଟୋଗ୍ରାମ (ଛବିଳ ଅକ୍ଷର ବା ଅକ୍ଷରର ପୂର୍ବାବସ୍ଥା) ଏବଂ ପରେ ସଂଗଠିତ ଲେଖା ପ୍ରଣାଳୀରେ ପରିଣତ ହେଲା ।



ବିଭିନ୍ନ ଲିପି ଏବଂ ଭାଷାରେ କାଲିଗ୍ରାଫି

ହସ୍ତଲିଖନ କଳା ସାଧାରଣତଃ ଅକ୍ଷର ବନାନ ଓ ଲିଖନ କଳାଠାରୁ ବହୁତ ଅଧିକ । ବିଭିନ୍ନ ଅଭିବ୍ୟକ୍ତି ସୃଷ୍ଟିକରିବାକୁ କଳାକାରମାନେ ପ୍ରତ୍ୟେକ ଅକ୍ଷରକୁ ଭାବପୂର୍ଣ୍ଣ କରିଥାନ୍ତି । ସେମାନେ ଲେଖିବା ଓ ହାତରେ ଖୋଦନ କରିବା ପାଇଁ ବହୁ ସମୟ ନେବା ସହ ଅଧିକ ପରିଶ୍ରମ କରିଥାନ୍ତି । ପ୍ରତ୍ୟେକ ଅକ୍ଷର ଶୈଳୀର ଏକ ଉଦ୍ଦେଶ୍ୟ ଅଛି । ପ୍ରାଚୀନ ପୋଥିରେ ଅକ୍ଷର ଗୁଡ଼ିକର ସାଜସଜ୍ଜା ସେକାଳର ଜୀବନ ସହିତ ତାଳ ଦେଇ ଚାଲିଥିଲା । କିଛି ଅକ୍ଷର ସୃଜନାତ୍ମକ ଭାବରେ ଫ୍ରେମ କିମ୍ବା ଚିତ୍ର ପରି ଦେଖାଯାଉଥିଲା । ଆଜିର ଖବର କାଗଜ ଗୁଡ଼ିକ ଆମର ଧ୍ୟାନ ଆକର୍ଷଣ କରିବା ଏବଂ ପାଠକ ମାନଙ୍କୁ ଶୀଘ୍ର ସୂଚନା ପ୍ରଦାନ କରିବାରେ ସାହାଯ୍ୟ କରିବା ପାଇଁ ବୋଲ୍ଡ ଏବଂ ସ୍ୱଚ୍ଛ ଅକ୍ଷର ବ୍ୟବହାର କରନ୍ତି ।

ହସ୍ତଲିଖନରେ ବ୍ୟବହୃତ ସାମଗ୍ରୀ ଏବଂ ଉପକରଣ ଗୁଡ଼ିକରେ ଖଜୁରୀ ପତ୍ର, କପଡ଼ା, କାଗଜ ଇତ୍ୟାଦି ପୃଷ୍ଠରେ ବିଭିନ୍ନ ପର, ତୂଳୀ, କଲମ, କାଳି, ଲେଖନୀ, ରଙ୍ଗ ଇତ୍ୟାଦି ଅନ୍ତର୍ଭୁକ୍ତ ।




ହସ୍ତଲିଖନ ସାମଗ୍ରୀ



https://withteachers.in/

## କାର୍ଯ୍ୟକଳାପ ୧୯.୧ : ଅକ୍ଷରକୁ ଦେଖିବା

₹ ଭାରତୀୟ ମୁଦ୍ରା "ରୂପି"ର ପ୍ରତୀକରେ ତୁମେ କେଉଁ ଅକ୍ଷର ଦେଖୁଛ ?

ଭାରତୀୟ ଟଙ୍କାର ପ୍ରତୀକ "₹" ଦେବନାଗରୀ ଲିପିର ରୂପିଆ ଶବ୍ଦର 'ର' ଅକ୍ଷରରୁ ଆସିଛି । ଉପର ଭୂସମାନ୍ତର ରେଖା ଦେବନାଗରୀ ଲିପିର ଶୀରୋ-ରେଖା ଭାବରେ ମଧ୍ୟ ଜଣାଶୁଣା । ଏହା ଭାରତୀୟତାର ପରିଚୟ ଦେଇଥାଏ । ଦ୍ୱିତୀୟ ଭୂସମାନ୍ତର ରେଖା ଆମ ଭାରତର ଜାତୀୟ ପତାକାର ତିନୋଟି ବ୍ୟାଣ୍ଡକୁ ପ୍ରତିନିଧିତ୍ୱ କରେ ।

କେବଳ ରେଖା ଏବଂ ଅକ୍ଷରର ଆକୃତି ସହିତ ଖେଳିବା, ତାହାର ଅଙ୍କନ ଅଭ୍ୟାସ ଦ୍ୱାରା ତୁମେ ତୁମ ଧାରଣାକୁ ବଢ଼େଇ ପାରିବ । "ଅବିଶ୍ୱାସନୀୟ ଭାରତ" ଲୋଗୋକୁ ଦେଖ ଇଂରାଜୀ ଅକ୍ଷର "ଆଇ" ସ୍ଥାନରେ ଥିବା ବିସ୍ମୟ ଚିହ୍ନ ଏହାକୁ ଅଧିକ ଭାବ ପ୍ରବଣ କରୁଛି । ଅନ୍ୟ ଲୋଗୋ ଗୁଡିକରେ ତୁମେ କେଉଁ ପ୍ରକାରରେ ଅକ୍ଷରକୁ ଅନ୍ୟ ପ୍ରକାରରେ ଲେଖାଯାଇଛି ତାହା ଅନୁଧ୍ୟାନ କର । ଏହା ଉପରେ ଆଲୋଚନା କର ଏବଂ ତୁମ ନିରୀକ୍ଷଣକୁ ଲିପିବଦ୍ଧ କର ।






https://withteachers.in/

## କାର୍ଯ୍ୟକଳାପ ୧୯.୨ : ଅକ୍ଷର ଅନ୍ୱେଷଣ

ଡିଜିଟାଲ ଟେକ୍ନୋଲୋଜି ପୂର୍ବରୁ ପ୍ରିଣ୍ଟିଂଙ୍ଗ ଏକ ଲମ୍ବା ପ୍ରକ୍ରିୟା ସହିତ ଜଡିତ ଥିଲା । ମୁଦ୍ରଣ ପ୍ରକ୍ରିୟା ବିଷୟରେ ଅଧିକ ଜାଣିବା ପାଇଁ ଏକ ଖବର କାଗଜ କାର୍ଯ୍ୟାଳୟ କିମ୍ବା ପ୍ରଣ୍ଟିଙ୍ଗ ପ୍ରେସ୍ ପରିଦର୍ଶନ କର । ଆସ ଆମ ଚାରିପାଖରେ ପ୍ରିଣ୍ଟ ସାମଗ୍ରୀ ବ୍ୟବହାର କରି ଏକ "ଟ୍ରେଜର ହଣ୍ଟ" (treasure hunt) କାର୍ଯ୍ୟକଳାପ ଆରମ୍ଭ କରିବା ।

ସୋପାନ- ୧ : ନିମନ୍ତ୍ରଣ କାର୍ଡ, ଖାଦ୍ୟ ପ୍ୟାକେଜିଙ୍ଗ୍ ସାମଗ୍ରୀ ଏବଂ ପୁରୁଣା ପତ୍ରିକା ସହିତ କିଛି ଖବର କାଗଜ ଏବଂ ଅନ୍ୟ ମୁଦ୍ରିତ ସାମଗ୍ରୀ ସଂଗ୍ରହ କର ।

ସୋପାନ- ୨ : ତୁମ ଭାବନା ବିଷୟରେ ଆଲୋଚନା କର ଏବଂ ଲେଖ-

- ଶବ୍ଦ ବା ଅକ୍ଷର ଗୁଡିକୁ କିପରି ବ୍ୟବସ୍ଥିତ ହୋଇଅଛି ।
- ତୁମେ ଭାବୁଥିବ କାହିଁକି ଅକ୍ଷର ଗୁଡିକ ବିଭିନ୍ନ ରଙ୍ଗ ଏବଂ ଆକାରରେ ମୁଦ୍ରିତ ହୋଇଛି ?
- ଅକ୍ଷର କିମ୍ବା ଶବ୍ଦ ଶୈଳୀରେ ତୁମେ କଣ ଆକର୍ଷଣୀୟ ଦୃଷ୍ଟିଗୋଚର କରୁଛ ?
- ମୁଦ୍ରିତ ସାମଗ୍ରୀ ଉପରେ କେଉଁ ଶବ୍ଦ ଗୁଡିକ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ କାହିଁକି ?

ସୋପାନ-୩ : ବିଭିନ୍ନ ଆକାର ଓ ଶୈଳୀର ଶବ୍ଦ ଓ ଅକ୍ଷର ଗୁଡିକୁ କାଟି ବାହାର କର ।

ସୋପାନ-୪ : ସମାନ ଅକ୍ଷରର ଶୈଳୀ ଖୋଜିବା ପାଇଁ ଗୋଷ୍ଠିରେ କାର୍ଯ୍ୟ କରନ୍ତୁ, ଉଦାହରଣ ସ୍ୱରୂପ ସାଜ ସଜ୍ଜା, ବୋଲ୍ଡ, ଇଟାଲିକ, ପତଳା, ସଂକୀର୍ଣ୍ଣ ଇତ୍ୟାଦି ।

ସୋପାନ-୫ : ସମାନ ଅକ୍ଷର ଶୈଳୀ ଗୁଡିକୁ ଏକାଠି କରି ସେଗୁଡିକୁ A3 ଆକାରର କାଗଜରେ ସଜାଇ ଅଠା ଲଗାଅ ।






https://withteachers.in/

## କାର୍ଯ୍ୟକଳାପ ୧୯.୩ : ସମାନ କିନ୍ତୁ ଭିନ୍ନ

ତଳେଥିବା ସାରଣୀଟି ଦେଖ । ଏହା ଗୋଟିଏ ଅକ୍ଷରର ଭିନ୍ନ ଭିନ୍ନ ଆକାର ବା ପ୍ରକାର ଭେଦକୁ ଦର୍ଶାଯାଇଛି ।



ତୁମେ କଣ ଏତେ ପ୍ରକାର ଲେଖାଯାଇଥିବା ସମାନ ଅକ୍ଷର ଗୁଡିକୁ ପଢ଼ିପାରୁଛ ?

ମନେରଖ, ଏହା ମଣିଷ କିମ୍ଵା ପଶୁ ଶରୀର ସହିତ ସମାନ ।

ଆମ ସମସ୍ତଙ୍କ ଶରୀରରେ ସମାନ ଅଂଶ ଅଛି, ତଥାପି ଆମେ ଜଣଙ୍କଠାରୁ ଜଣେ ଅଲଗା ଦେଖା ଯାଉ । ମାନବ ଶରୀରର ହାଡ, ମାଂସପେଶୀ, ଗଣ୍ଠି ଇତ୍ୟାଦିରେ ଗଠନ ହୋଇଥାଏ । ଠିକ୍ ସେହିପରି ଅକ୍ଷର ଗୁଡିକ ତାର ଭିନ୍ନ ଭିନ୍ନ ଶୈଳୀର ଶାରୀରିକ ଗଠନ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥାଏ ।




**ସୋପାନ-୧ :** ତୁମେ ଜାଣିଥିବା ଯେକୌଣସି ଲିପିରୁ ଅକ୍ଷର ବାଛ ।

**ସୋପାନ-୨ :** ଏକ କାଗଜ ନିଅ ଏବଂ ତୁମେ ବାଛିଥିବା ଅକ୍ଷରକୁ ବିଭିନ୍ନ ପ୍ରକାରରେ ଲେଖ ।

**ସୋପାନ-୩:** ସ୍ୱାଧିନ ଭାବରେ ଅକ୍ଷର ଲେଖିବା ଆରମ୍ଭ କର । ତୁମେ ତୁମର ବାମ ହାତକୁ ବ୍ୟବହାର କର ଏବଂ ରେଖା ଆକୃତି ଓ ଆକାର ଯାହା ସୃଷ୍ଟି କରାଯାଇଛି ତାହା ଅନୁଧ୍ୟାନ କରି ଲେଖ । ସେଥିପାଇଁ ତୁମେ ଅଲଗା ଅଲଗା ପେନ୍‌ସିଲ୍ ଏବଂ ଅକ୍ଷର ଲେଖିବା ଉପକରଣ ବ୍ୟବହାର କରି ପାରିବ । ଅକ୍ଷର ଗୁଡିକୁ ମଧ୍ଯ ବଡ ଓ ଛୋଟ କରିପାରିବ ।

**ସୋପାନ-୪ :** ଅନ୍ୟ ଏକ ଡ୍ରଇଁ କାଗଜ ନିଅ । ସମାନ ଅକ୍ଷର ଗଠନ ପାଇଁ ଏକ ନିମ୍ନରେଖା, ଏକ ଉର୍ଦ୍ଧ୍ୱରେଖା ଏବଂ ଏକ ମଧ୍ୟରେଖା ଚିହ୍ନଟ କର ।

**ସୋପାନ-୫ :** ଏକ ଗ୍ରୀଡ ତିଆରି କରିବା ପାଇଁ ଠିଆରେଖା ଆଙ୍କ । ଏହା ତୁମକୁ ପ୍ରତ୍ୟେକ ଅକ୍ଷର ମଧ୍ୟରେ ଥିବା ଖାଲି ସ୍ଥାନ ଆକଳନ କରିପାରିବାରେ ସାହାଯ୍ୟ କରିବା ସହ ଅକ୍ଷରର ମୋଟେଇ ମଧ୍ୟ ମାପିବା ଓ ଆଙ୍କିବାରେ ସହାୟକ ହେବ ।

**ସୋପାନ-୬ :** ଏକ ନିର୍ଦ୍ଦିଷ୍ଟ ଅକ୍ଷର ପାଞ୍ଚଟି ପ୍ରକାର ସୃଷ୍ଟି କର । ବିଭିନ୍ନ ଶୈଳୀରେ ଅକ୍ଷର ସୃଷ୍ଟି ପାଇଁ ଅକ୍ଷର ଗୁଡିକର ଉଚ୍ଚତା, ପ୍ରସ୍ଥ, କୋଣ ଏବଂ ଅକ୍ଷରର ମୋଟେଇ ପରିବର୍ତ୍ତନ କରିବା ପାଇଁ ନିର୍ଦ୍ଦେଶାବଳୀ ଅନୁସରଣ କର । ଏହାର ଗଠନ ଶୈଳୀକୁ ମନେ ରଖି ଅକ୍ଷର ଲେଖିବା ଆରମ୍ଭ କର ।

**ସୋପାନ-୭ :** ତୁମର କାମ ତୁମର ସାଙ୍ଗ ସାଥି ମାନଙ୍କ ସହିତ ବାଣ୍ଟି ନିଅ । ତୁମେ କିପରି ଗୋଟିଏ ଅକ୍ଷରକୁ ବିଭିନ୍ନ ଉପାୟରେ ଲେଖିଲ, ତାହା ପରସ୍ପର ମଧ୍ୟରେ ଆଲୋଚନା କର ।



https://withteachers.in/

## କାର୍ଯ୍ୟକଳାପ ୧୯.୪ : କହିଲା ଭଳି ଲେଖିବା

ଯେତେବେଳେ ତୁମେ ତୁମ ଆତ୍ମୀୟଙ୍କ ସହିତ କଥା ହୁଅ, କଥା କହିବା ସମୟରେ ତୁମର ଉଚ୍ଚ ସ୍ୱର କିମ୍ୱା ଧୀର ସ୍ୱର ହୋଇଥାଏ ।

ଏହାଦ୍ୱାରା ବିଭିନ୍ନ ଭାବ ପ୍ରକାଶ ହୋଇଥାଏ । ଉଦାହରଣ ସ୍ୱରୂପ ଯେତେବେଳେ ତୁମେ ତୁମ ବନ୍ଧୁଙ୍କୁ "ଜନ୍ମଦିନର ଶୁଭେଚ୍ଛା" ଜଣାଅ, ତୁମେ ଉତ୍ସାହ ଓ ଆନନ୍ଦ ସହକାରେ ଏହା କୁହ । ଯେତେବେଳେ ତୁମେ କୁହ 'ଶୀଘ୍ର ସୁସ୍ଥ ହୁଅ' ତୁମେ ଏହା ଶାନ୍ତ ଭାବରେ କହିଥାଅ ଏବଂ ଚିନ୍ତା ପ୍ରକଟ କର ।

ଯଦି ତୁମେ ଏହାକୁ ହସ୍ତଲିଖନ ସହିତ ତୁଳନା କରିବ ତେବେ ଏପରି ହେବ ଯେ ଏକ ଉଚ୍ଚସ୍ୱର ବଡ ବା ବୋଲ୍ଡ ଅକ୍ଷରରେ ଲେଖା ଯାଇଛି ଏବଂ ନରମ ସ୍ୱର ଛୋଟ ଅକ୍ଷରରେ ଲେଖା ଯାଇଛି ।

ଏବେ ତୁମେ ଶବ୍ଦର ଅର୍ଥ ଏବଂ ଭାବନାକୁ ପ୍ରକାଶ କରିବା ପାଇଁ ବିଭିନ୍ନ ପ୍ରକାରରେ ଅକ୍ଷର ଗୁଡ଼ିକୁ ଆକାର ଦେବା ପାଇଁ କାହିଁକି ଚେଷ୍ଟା କରୁନାହଁ ?

ତଳେ ଥିବା ଉଦାହରଣ ଗୁଡ଼ିକୁ ଦେଖ ଏବଂ ତୁମେ ବ୍ୟବହାର କରୁଥିବା ଭାଷା କିମ୍ୱା ଲିପିରେ ନିଜର ଏକ ସ୍ୱତନ୍ତ୍ର ହସ୍ତଲିପି ଲିଖନ କରିବାକୁ ଚେଷ୍ଟା କର ।






**ଶିକ୍ଷକଙ୍କ ପାଇଁ ସୂଚନା :** ହସ୍ତଲିଖନ (କ୍ୟାଲିଗ୍ରାଫି) ଦକ୍ଷତା ବିଭିନ୍ନ ବୃତ୍ତିରେ ବ୍ୟବହୃତ ହୁଏ । ଯେପରି - ଟାଟୁ କରିବା, ଗ୍ରାଫିକ କଳା, ପ୍ରଚ୍ଛଦ ଚିତ୍ର, ପ୍ରାଚୀର ପତ୍ର ଓ ଆନିମେସନ ଇତ୍ୟାଦି ।



https://withteachers.in/

## କାର୍ଯ୍ୟକଳାପ ୧୯.୫ : ପୋଷ୍ଟରେ ହସ୍ତଲିଖନ




ବାପା ଓ ମା, ପିଲାଟି ଜନ୍ମ ହେବା ମାତ୍ରେ ନାମ ରଖିବାକୁ ବହୁତ ଭାବନ୍ତି । ସେହିପରି ପୁସ୍ତକ ନାଟକ, ଚଳଚ୍ଚିତ୍ର ଏବଂ ସଚେତନତା ଅଭିଯାନର ଶୀର୍ଷକ ଲେଖା ପାଇଁ ବହୁତ ପ୍ରୟାସ କରାଯାଏ ।

ଅକ୍ଷର ଶୈଳୀ, ପ୍ରକାର ଏବଂ ତାର ଆକାର ପ୍ରଚାର ମୂଳକ ସାମଗ୍ରୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ତୁମେ ଦେଖିଥିବା ବିଭିନ୍ନ ପୋଷ୍ଟରଗୁଡ଼ିକୁ ମନେ ପକାଅ । ସେଥିରେ ଥିବା ବିଭିନ୍ନ ପ୍ରକାରର ସୂଚନା ଏବଂ ପୋଷ୍ଟର ଲେଆଉଟ୍‌ରେ ଅକ୍ଷରସଜ୍ଜା ବ୍ୟବସ୍ଥା ବିଷୟରେ ନିଜ ମନରେ ଆଲୋଚନା କର । ଅଭିନୀତ ହେବାକୁ ଥିବା ନାଟକ କିମ୍ବା ଅନ୍ୟ କୌଣସି ସ୍କୁଲ କାର୍ଯ୍ୟକ୍ରମ ପାଇଁ ପୋଷ୍ଟର ତିଆରି କରିବାକୁ ତୁମର "ହସ୍ତଲିଖନ" ଦକ୍ଷତାରେ ପ୍ରୟାସ କର ।

**ସୋପାନ-୧ :** ତୁମର ଏକ ନାଟକ କିମ୍ବା ଅନ୍ୟ କାର୍ଯ୍ୟକ୍ରମ ପାଇଁ ଗୋଟିଏ ନାମ କିମ୍ବା ଶୀର୍ଷକ ବାଛ ।

**ସୋପାନ-୨ :** ଶୀର୍ଷକ ପାଇଁ ଅକ୍ଷର ଶୈଳୀ ଆକାର ଏବଂ ସେଥିରେ କେଉଁ ରଙ୍ଗ ଲଗାଇଲେ ତାହା ସୁନ୍ଦର ଦେଖାଯିବ ତାହା ନିର୍ଣ୍ଣୟ କର । ତୁମେ ଅକ୍ଷର ଗୁଡ଼ିକୁ କିପରି ଶୈଳୀରେ ଆଙ୍କିବ ଯାହା ପାଠକ ମାନଙ୍କୁ ସେହି ଘଟଣାର ପ୍ରକୃତି ବିଷୟରେ ଏକ ଅନ୍ତର୍ଦୃଷ୍ଟି ନେଇପାରିବ । ଯଦି ଏହା ଏକ ନାଟକ ହୋଇଥାଏ, ତେବେ ତୁମ ଲିଖନ ଶୈଳୀ ମାଧ୍ୟମରେ ଜଣାଇ ପାରିବ ଯେ ନାଟକଟି ଖୁସିର, ଦୁଃଖର କିମ୍ବା ରହସ୍ୟମୟ ।

**ସୋପାନ-୩ :** ପାଠ୍ୟ ଲେଖିବା ସମୟରେ ନିର୍ଦ୍ଦେଶାବଳୀ ଏବଂ ମାର୍ଜିନ୍‌କୁ ଚିହ୍ନଟ କର ।

### ଏକ ପୋଷ୍ଟର ରେ ସୂଚନା

ଶୀର୍ଷକର ଅକ୍ଷର ଶୈଳୀ ଚୂଡ଼ାନ୍ତ କରିବା ପରେ ପୋଷ୍ଟରରେ ଅନ୍ୟାନ୍ୟ ସୂଚନା ଲେଖିବ । ଯେପରିକି




୧. ତାରିଖ, ସମୟ ଏବଂ ସ୍ଥାନ

୨. ଯୋଗାଯୋଗ ସୂଚନା

୩. ବ୍ୟକ୍ତି, ସଂଗଠନ, ଅନୁଷ୍ଠାନ, ପ୍ରଦର୍ଶନ ଦଳ ଇତ୍ୟାଦିଙ୍କ ନାମ । ଏଥିପାଇଁ, ତୁମର ଅକ୍ଷର ଶୈଳୀ ସ୍ୱଷ୍ଟ ଏବଂ ସହଜରେ ପଢ଼ି ହେଉଥିବା ଉଚିତ୍, ଏହାର ଗୁରୁତ୍ୱ ସୂଚାଇବା ପାଇଁ ଲିଖନ ଆକାର କିପରି ହେବା ଦରକାର ସ୍ଥିର କର ଏବଂ ଲେଖିବା ସମୟରେ ଏହି ସବୁ ନିର୍ଦ୍ଦେଶାବଳୀ ପ୍ରତି ଧ୍ୟାନ ଦିଅ । ପୋଷ୍ଟରରେ କୌଣସି (ସେହି ସମ୍ପର୍କିତ) ଫୋଟୋ କିମ୍ବା ଚିତ୍ର ଯୋଡ ଏବଂ ଏହାକୁ ପ୍ରଦର୍ଶନ ପାଇଁ ସମ୍ପୂର୍ଣ୍ଣ କର ।



https://withteachers.in/

# ମାନ ନିର୍ଦ୍ଧାରଣ

| | | ଅଧ୍ୟାୟ-୧୯ : ସୁନ୍ଦର ହସ୍ତଲିଖନ କଳା | | |
|---|---|---|---|---|
| ଶୈକ୍ଷିକ ଲକ୍ଷ୍ୟ | ଦକ୍ଷତା | ଶିକ୍ଷଣ ଫଳାଫଳ | ଶିକ୍ଷକ | ଛାତ୍ର/ଛାତ୍ରୀ |
| 1 | 1.1 | ଭାବ ଓ ଅନୁଭବକୁ ପରିପ୍ରକାଶ କରିବା ପାଇଁ ବିଭିନ୍ନ ଶୈଳୀରେ ଅକ୍ଷର ଏବଂ ଶବ୍ଦ ଗୁଡିକୁ ଲେଖାଯାଏ । | | |
| 2 | 2.2 | ବ୍ୟକ୍ତି ଚିନ୍ତାଧାରା ଏବଂ ଭାବନା ସହିତ ଅକ୍ଷର ଶୈଳୀର ସଂଯୋଗ ସ୍ଥାପନ କରାଯାଏ । | | |
| 3 | 3.1 | ହସ୍ତଲିଖନ କଳା ଅଭ୍ୟାସ କରିବା ସମୟରେ ବିଭିନ୍ନ ମାଧ୍ୟମ ଏବଂ ଉପକରଣ ସହିତ ଅଭ୍ୟାସ ପୂର୍ବକ ପରୀକ୍ଷା ନିରୀକ୍ଷା କରାଯାଏ । | | |
| 3 | 3.2 | କଳାକୃତି ତିଆରି କରିବା ସମୟରେ ତୁମ ପସନ୍ଦର ଅକ୍ଷର ଶୈଳୀକୁ ଚିହ୍ନଟ କରି ତାହାକୁ ଅନୁକରଣ କର । | | |
| 3 | 3.2 | ହସ୍ତଲିଖନ ଯୋଜନା ପ୍ରୋଜେକ୍ଟ ତିଆରି ସମୟରେ ପ୍ରାନ୍ତ (ମାର୍ଜିନ୍), ସମାନାୟାନ (ଆଲାଇନମେଣ୍ଟ) ଏବଂ ଅକ୍ଷର ମଧ୍ୟରେ ବ୍ୟବଧାନ ପ୍ରତି ସତର୍କ ଦୃଷ୍ଟି ଦିଅନ୍ତୁ । | | |

## ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଛାତ୍ରୀଙ୍କ ନିରୀକ୍ଷଣ

....................................................................................................

....................................................................................................

....................................................................................................

....................................................................................................



https://withteachers.in/

# ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ

| | ମାନ ନିର୍ଦ୍ଧାରଣ ପାଇଁ କାର୍ଯ୍ୟକଳାପ (ଉଦାହରଣ) | ମାନ ନିର୍ଦ୍ଧାରଣ ପାଇଁ ମାନଦଣ୍ଡ |
|---|---|---|
| ବ୍ୟକ୍ତିଗତ | **ବସ୍ତୁ କିମ୍ବା ଶବ୍ଦ ସହିତ ଆତ୍ମ-ପ୍ରତିକୃତି**<br>❖ ଯେକୌଣସି ମୁହଁର ଅଭିବ୍ୟକ୍ତି ସହିତ ତୁମର ଏକ ଚିତ୍ର ଅଙ୍କନ କର ।<br>❖ ଏପରି ଏକ ବସ୍ତୁ କିମ୍ବା ଶବ୍ଦ ବାଛ ଯାହା ତୁମର ବ୍ୟକ୍ତିତ୍ୱର ପ୍ରତୀକ ବୋଲି ତୁମେ ଭାବ ଏବଂ ତାକୁ ତୁମର କଳାକୃତିରେ ସାମିଲ କର ।<br>❖ ଲିଖନ କୌଶଳ ପ୍ରୟୋଗ କରି, ରଙ୍ଗ ସହିତ ତୁମର କଳାକୃତି ସମ୍ପୂର୍ଣ୍ଣ କର । | **ଧ୍ୟାନ ଦିଅ**<br>❖ ରେସିଓ ଏବଂ ପ୍ରୋପୋର୍ସନ୍<br>❖ ମୁଖମଣ୍ଡଳର ଅଭିବ୍ୟକ୍ତି<br>❖ ଅକ୍ଷରରେ କାଗଜର ଚାରିପାଖକୁ ମାର୍ଜିନ୍, ଆଲାନ୍‌ମେଣ୍ଟ୍ ଏବଂ ବ୍ୟବଧାନ ।<br>❖ ରଙ୍ଗ ଏବଂ ତାର ଘନତ୍ୱରେ ପରିବର୍ତ୍ତନ |
| ଗୋଷ୍ଠୀ | ଅନାବଶ୍ୟକ କପଡ଼ା କିମ୍ବା ଯେକୌଣସି ପ୍ରକାରର ସୂତା (ତନ୍ତୁ) ବ୍ୟବହାର କରି ଏକ କପଡା ଖେଳଣା ତିଆରି କର । | ନୂତନ ଧାରଣା ଚେଷ୍ଟା କରେ ଏବଂ ପରାମର୍ଶ ଗ୍ରହଣ କରେ ।<br>କାର୍ଯ୍ୟ ଗୁଡିକର କ୍ରମ ଯୋଜନା କରେ ଏବଂ ପ୍ରାରମ୍ଭିକ ସ୍କେଚ୍ ପ୍ରସ୍ତୁତ କରେ ।<br>ଉପଯୁକ୍ତ ସାମଗ୍ରୀ ଏବଂ ଉପକରଣ ବାଛିଥାଏ, ଏବଂ ସେଗୁଡିକୁ ସତର୍କତାର ସହିତ ବ୍ୟବହାର କରିଥାଏ । |



https://withteachers.in/

## ଶିକ୍ଷକଙ୍କ ମତାମତ ଏବଂ ଛାତ୍ରଛାତ୍ରୀଙ୍କ ନିରୀକ୍ଷଣ

.......................................................................................................

.......................................................................................................

.......................................................................................................

.......................................................................................................

.......................................................................................................

.......................................................................................................

.......................................................................................................

.......................................................................................................




### ଅଙ୍କନ ଏବଂ ବିବରିଣୀ



https://withteachers.in/

ଅଧ୍ୟାୟ - ୨୦

# ସମସ୍ତ କଳା ଏକୀକରଣରେ ମୂର୍ତ୍ତିକଳା ପ୍ରାଣବନ୍ତ ହୁଏ



କଳା ଏକ ଶକ୍ତିଶାଳୀ ଭାଷା ଯାହା ଆପଣଙ୍କ ମନ ଏବଂ ହୃଦୟ ମଧ୍ୟରେ ସମ୍ପର୍କ ସ୍ଥାପନ କରେ । ଏକ କନସର୍ଟ କାର୍ଯ୍ୟକ୍ରମ ସମୟରେ କିମ୍ବା ଏକ ଚିତ୍ରକଳା ଦେଖିବା ସମୟରେ ଆପଣ ଯାହା ଅନୁଭବ ଏବଂ ଅଭିଜ୍ଞତା କରନ୍ତି, ତାହା ଶବ୍ଦରେ ବର୍ଣ୍ଣନା କରାଯାଇପାରିବ ନାହିଁ । ଏବେ, କଳ୍ପନା କରନ୍ତୁ ଯେ ଆପଣ ଶିଖିଥିବା ଏହି ସମସ୍ତ କଳା ରୂପଗୁଡିକ ଏକ ଅନନ୍ୟ ଅଭିଜ୍ଞତା ଦେବା ପାଇଁ ଏକାଠି ହେଉଛନ୍ତି । ଆପଣ ଏଠାରେ ତାହା କରିବାକୁ ଯାଉଛନ୍ତି ।

## କାର୍ଯ୍ୟକଳାପ-୨୦.୧ : ପଥରରେ ଥିବା କାହାଣୀ

ଏହି କାର୍ଯ୍ୟକଳାପର ଉଦ୍ଦେଶ୍ୟ ହେଉଛି ଏକ କାହାଣୀ ନିର୍ମାଣ ପାଇଁ ପ୍ରାଚୀନ ଭାସ୍କର୍ଯ୍ୟକୁ ଆରମ୍ଭ ବିନ୍ଦୁ ଭାବରେ ବ୍ୟବହାର କରି ସୃଜନଶୀଳତା ଏବଂ ସହଯୋଗକୁ ପ୍ରେରଣା ଦେବା ଏବଂ ତା'ପରେ ସଙ୍ଗୀତ, ଗତି ଏବଂ ସଂଳାପ ସହିତ ପ୍ରଦର୍ଶନ ମାଧ୍ୟମରେ ଏହାକୁ ଜୀବନ୍ତ କରିବା ।

**୧. ପ୍ରସ୍ତୁତି**

ପୁସ୍ତକରେ ଥିବା ସମସ୍ତ ମୂର୍ତ୍ତି ଏବଂ ପଥର ଖୋଦନର ଚିତ୍ର ଦେଖନ୍ତୁ । ଏହା ଚାରୋଟି ବିଭାଗରେ ଅଛି । ଆପଣଙ୍କ ଚାରିପାଖରେ ମିଳୁଥିବା ଚିତ୍ରଗୁଡିକରୁ ଆପଣ ଅଧିକ ଚିତ୍ର ମଧ୍ୟ ପାଇପାରିବେ କିମ୍ବା ଆପଣ ଯେଉଁ ସ୍ଥାନକୁ ଭ୍ରମଣ କରିଛନ୍ତି ସେହି ସ୍ଥାନଠାରୁ (ଏଥିରେ ଦେବତା ନର୍ତ୍ତକ, ଯୋଦ୍ଧା, ପଶୁ କିମ୍ବା ଦୈନନ୍ଦିନ ଜୀବନର ଦୃଶ୍ୟର ଚିତ୍ରଣ ଅନ୍ତର୍ଭୁକ୍ତ ହୋଇପାରେ । କାହାଣୀରେ ବ୍ୟବହାର କରାଯାଇପାରୁଥିବା ମୂର୍ତ୍ତିର ଅଧିକ ଚିତ୍ର ପ୍ରଦାନ କରିବା ପାଇଁ ଆପଣ ଆପଣଙ୍କର ସାମାଜିକ ବିଜ୍ଞାନ ଶିକ୍ଷକଙ୍କ ସହ ଆଲୋଚନା କରିପାରିବେ ।



ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ପଟ୍ଟଦାକାଲର ୭ମ ଶତାବ୍ଦୀରେ ମନ୍ଦିର ଭିତର କାନ୍ଥରେ ଖୋଦିତ ଭାସ୍କର୍ଯ୍ୟ କଳା



https://withteachers.in/

ଆପଣ ଯେଉଁ ସ୍ଥାନକୁ ଭ୍ରମଣ କରିଛନ୍ତି ସେହି ସ୍ଥାନଠାରୁ (ଏଥିରେ ଦେବତା, ନର୍ତ୍ତକୀ, ଯୋଦ୍ଧା, ପଶୁ କିମ୍ବା ଦୈନନ୍ଦିନ ଜୀବନର ଦୃଶ୍ୟର ଚିତ୍ରଣ ଅନ୍ତର୍ଭୁକ୍ତ ହୋଇପାରେ । କାହାଣୀରେ ବ୍ୟବହାର କରାଯାଇପାରୁଥିବା ମୂର୍ତ୍ତିର ଅଧିକ ଚିତ୍ର ପ୍ରଦାନ କରିବା ପାଇଁ ଆପଣ ଆପଣଙ୍କର ସାମାଜିକ ବିଜ୍ଞାନ ଶିକ୍ଷକଙ୍କ ସହ ଆଲୋଚନା କରିପାରିବେ ।

**କାହାଣୀ ସୃଷ୍ଟି**

- ଛୋଟ ଛୋଟ ଗୋଷ୍ଠୀ ତିଆରି କରନ୍ତୁ (୪-୬ ଜଣ ଛାତ୍ର)
- ପ୍ରତ୍ୟେକ ଗୋଷ୍ଠୀ, ମୂର୍ତ୍ତିଗୁଡ଼ିକୁ ସତର୍କତାର ସହିତ ପରୀକ୍ଷା କରନ୍ତୁ, ଏବଂ ଚିତ୍ରିତ ବ୍ୟକ୍ତିମାନଙ୍କର ଜୀବନ, ଭାବନା ଏବଂ କାର୍ଯ୍ୟ କଳ୍ପନା କରନ୍ତୁ ।
- ତୁମ ଶିକ୍ଷକଙ୍କ ସାହାଯ୍ୟରେ, ଏକ କାହାଣୀ ସୃଷ୍ଟି କର ଯାହା ମୂର୍ତ୍ତି ଗୁଡ଼ିକୁ ଏକ ଅର୍ଥପୂର୍ଣ୍ଣ ଉପାୟରେ ସଂଯୋଗ କରେ ।

**ଉଦାହରଣ ସ୍ୱରୂପ :**

- ଜଣେ ଯୋଦ୍ଧା ପ୍ରତିମାର ଏକ ବୀରତ୍ୱପୂର୍ଣ୍ଣ ସାହସିକତା ।
- ନର୍ତ୍ତକୀ ଏବଂ ସଂଗୀତଜ୍ଞଙ୍କୁ ନେଇ ଏକ ଉତ୍ସବର ଦୃଶ୍ୟ ।
- ଦେବତା ଏବଂ ପୌରାଣିକ ପ୍ରାଣୀମାନଙ୍କୁ ନେଇ ଏକ ଦିବ୍ୟ କାହାଣୀ ।
- ସାଧାରଣ ଲୋକଙ୍କ ଜୀବନରୁ ଏକ ସରଳ କାହାଣୀ ।

- କାହାଣୀ କିପରି ଆଗକୁ ବଢ଼ୁଛି ସେହି କ୍ରମରେ ଚିତ୍ରଗୁଡ଼ିକୁ ସଜାନ୍ତୁ, ଯାହା ଦ୍ୱାରା ଏହା ବୁଝିହେବ । ଏହାକୁ ଯଥାସମ୍ଭବ ସୃଜନଶୀଳ ଏବଂ ଅନନ୍ୟ କରନ୍ତୁ ।



ଉଦୟଗିରିସ୍ଥିତ ରାଣୀ ଗୁମ୍ଫାରେ ଖୋଦିତ ସମ୍ରାଟ ଖାରବେଳଙ୍କ ଶିଳାଲେଖ, ଭୁବନେଶ୍ୱର



ଗଣେଶ ଭାସ୍କର୍ଯ୍ୟ, ଦ୍ୱାଦଶ ଶତାବ୍ଦୀ ହଲେ ବିଦୁ



କୋଣାର୍କ ସୂର୍ଯ୍ୟମନ୍ଦିରସ୍ଥିତ ମୃଦଙ୍ଗ ବାଦିକା ନାୟିକା



ନାରୀ ଯୋଦ୍ଧା, ରାଜାରାଣୀ ମନ୍ଦିର, ଭୁବନେଶ୍ୱର



https://withteachers.in/



ଦଶସୁରମ୍ ଚୋଳ ମନ୍ଦିର, ତାମିଲନାଡୁ



ମନ୍ଦିର କାନ୍ଥ, ଦକ୍ଷିଣ ଭାରତ



ଥିରୁଭାଲୁଭାର୍, କନ୍ୟାକୁମାରୀ ମନ୍ଦିର



ଭାର ବାହକ, ଛତିଶଗଡ଼ର ଏକ ମନ୍ଦିର

## କଳା ଫର୍ମ ଗୁଡିକୁ ଅନ୍ତର୍ଭୂକ୍ତ କରିବା

- **ଦୃଶ୍ୟ କଳା-** କାହାଣୀର ସେହି ଅଂଶଗୁଡିକୁ କଳ୍ପନା କରନ୍ତୁ ଯେଉଁଠାରେ ଚିତ୍ର ନାହିଁ ଏବଂ କାହାଣୀକୁ ସଂଯୋଗ କରିବା ଏବଂ ପ୍ରକାଶ କରିବା ପାଇଁ ନିଜର ଚିତ୍ର ତିଆରି କରନ୍ତୁ । ପଟ୍ଟଚିତ୍ର ପରି ଏହି ପୁସ୍ତକରେ ଆପଣ ଶିଖିଥିବା ପରିଚିତ ଦୃଶ୍ୟ କାହାଣୀ କରିବା ପରମ୍ପରାଗୁଡ଼ିକୁ ମନେ ପକାନ୍ତୁ । ଏଗୁଡିକରୁ ପ୍ରେରଣା ନିଅନ୍ତୁ ଏବଂ ଆପଣଙ୍କର ନିଜର ଦୃଶ୍ୟ ବର୍ଣ୍ଣନା ସୃଷ୍ଟି କରନ୍ତୁ । ଆପଣ କାହାଣୀକୁ ପ୍ରକାଶ କରିବା ପାଇଁ ଆପଣ ବ୍ୟବହାର କରିପାରିବେ ଏପରି ବିଭିନ୍ନ ସାମଗ୍ରୀ ଏବଂ କୌଶଳ ବିଷୟରେ ଚିନ୍ତା କରନ୍ତୁ ।

**ଗତି -** ମୂର୍ତ୍ତିଗୁଡିକର ହସ୍ତମୁଦ୍ରା ଏବଂ ଭାବଭଙ୍ଗୀକୁ ପ୍ରତିନିଧିତ୍ୱ କରିବା ପାଇଁ ନୃତ୍ୟ କିମ୍ବା ଶରୀରର ଗତିବିଧି ଏବଂ ହାବଭାବକୁ ଅନ୍ତର୍ଭୁକ୍ତ କରନ୍ତୁ ।

**ସଂଳାପ -** ମୂର୍ତ୍ତିରେ ଥିବା ଭାବପ୍ରବଣତା କିମ୍ବା ଆସନ ଦ୍ୱାରା ଅନୁପ୍ରାଣିତ ଚରିତ୍ରମାନଙ୍କ ପାଇଁ ଛୋଟ ସଂଳାପ କିମ୍ବା ଏକକ ସଂଳାପ ଲେଖନ୍ତୁ । ଏହା କାହାଣୀକୁ ଆଗକୁ ନେବାରେ ସାହାଯ୍ୟ କରିବା ଉଚିତ୍ ।

**ସଂଗୀତ / ଗୀତ -** ପାରମ୍ପରିକ ସଙ୍ଗୀତ ଯୋଡନ୍ତୁ କିମ୍ବା କାହାଣୀ ସହିତ ଖାପ ଖାଉଥିବା ସରଳ ଗୀତ ସୃଷ୍ଟି କରନ୍ତୁ । ଆପଣ ତାଳି ବଜାଇପାରିବେ ଗୁଣୁଗୁଣୁ ଗାଇ ପାରିବେ କିମ୍ବା ତାଳ ସୃଷ୍ଟି କରିବା ପାଇଁ ଉପଲବ୍ଧ ବାଦ୍ୟଯନ୍ତ୍ର ବ୍ୟବହାର କରିପାରିବେ ।



https://withteachers.in/



ଗଙ୍ଗାଇକୋଣ୍ଡା ଚୋଳାପୁରମ୍ ମନ୍ଦିର



ତାମିଲନାଡୁର ଥାନଜାଭୁର ବ୍ରିହକେଶ୍ୱର ମନ୍ଦିର



ମୁକ୍ତେଶ୍ୱର ମନ୍ଦିର,
ଭୁବନେଶ୍ୱର



ସିଂହ ସ୍ତମ୍ଭ ସଞ୍ଚି, ବୌଦ୍ଧସ୍ତୁପ, ମଧ ପ୍ରଦେଶ

- **ଲୋକକଥା କହିବା** - ଏହି ପୁସ୍ତକରେ ଆପଣ ଅଧ୍ୟୟନ କରିଥିବା କାହାଣୀ କହିବାର ଶୈଳୀ ମଧ୍ୟରୁ ଗୋଟିଏକୁ ଅନ୍ତର୍ଭୁକ୍ତ କରିବାକୁ ଚେଷ୍ଟା କରନ୍ତୁ, ଯେପରିକି 'ଫାଡ' କାହାଣୀ କହିବା କିମ୍ବା 'ହରିକଥା' କିମ୍ବା ଆପଣ ଦେଖିଥିବା ଅନ୍ୟ କୌଣସି ସ୍ଥାନୀୟ ଦୃଶ୍ୟ।

**ନାଟକ ଏବଂ ଅଭ୍ୟାସ**

- ପ୍ରତ୍ୟେକ ଗୋଷ୍ଠୀକୁ ଗତି, ସଙ୍ଗୀତ ଏବଂ ସଂଳାପକୁ ମିଶାଇ ସେମାନଙ୍କର କାହାଣୀ ଅଭ୍ୟାସ କରିବା ପାଇଁ ସମୟ ଦିଆଯାଏ ।
- କାହାଣୀରେ ଆକର୍ଷଣୀୟ ଅଂଶ ଯୋଡି ଆପଣ ସୃଜନଶୀଳ ହୋଇପାରିବେ, କିନ୍ତୁ କାହାଣୀକୁ ସ୍ପଷ୍ଟ ଏବଂ କେନ୍ଦ୍ରିତ ରଖିବାକୁ ମନେରଖନ୍ତୁ ।

**୫. ଉପସ୍ଥାପନା ଏବଂ ପ୍ରତିଫଳନ**

- ପ୍ରତ୍ୟେକ ଗୋଷ୍ଠୀ ଶ୍ରେଣୀ ପାଇଁ ସେମାନଙ୍କର କାହାଣୀ ପରିବେଷଣ କରନ୍ତି । ଦର୍ଶକମାନେ (ଶ୍ରେଣୀର ବାକି ସଦସ୍ୟ, ଯେଉଁମାନେ ଦେଖୁଛନ୍ତି) ଆଲୋଚନା କରିପାରିବେ ଯେ ମୂର୍ତ୍ତିଗୁଡିକ ଚରିତ୍ର, ଗତିବିଧି ଏବଂ କାର୍ଯ୍ୟଗୁଡିକୁ କିପରି ପ୍ରେରଣା ଯୋଗାଉଛି ।

**ପ୍ରଦର୍ଶନ ପରେ, ଆଲୋଚନାକୁ ସହଜ କରନ୍ତୁ ।**

- ମୂର୍ତ୍ତିଗୁଡିକ କେଉଁ କାହାଣୀଗୁଡିକୁ ପ୍ରେରଣା ଦେଇଥିଲା ?
- ସଙ୍ଗୀତ, ଗତିବିଧି ଏବଂ ସଂଳାପ କାହାଣୀକୁ କିପରି ବୃଦ୍ଧି କରିଥିଲା ?



https://withteachers.in/



କୁମ୍ଭୀର ଓ ମାଙ୍କଡ଼ର ପଞ୍ଚତନ୍ତ୍ର କାହାଣୀ, ମୁକ୍ତେଶ୍ୱର ମନ୍ଦିର, ଭୁବନେଶ୍ୱର

- ❖ ପ୍ରଦର୍ଶନ ମାଧ୍ୟମରେ ମୂର୍ତ୍ତିଗୁଡ଼ିକ କେଉଁ ଭାବନା କିମ୍ବା ବାର୍ତ୍ତା ପ୍ରଦାନ କରିଥିଲା ।

## ଫଳାଫଳ

ଏହି କାର୍ଯ୍ୟକଳାପ ଛାତ୍ରମାନଙ୍କୁ ଭାରତର ସମୃଦ୍ଧମନ୍ଦିର କଳା ଐତିହ୍ୟ ସହିତ ସଂଯୋଗ କରିବାରେ ସାହାଯ୍ୟ କରେ ଏବଂ ଦଳଗତ କାର୍ଯ୍ୟ, କାହାଣୀ କହିବା ଏବଂ ସୃଜନଶୀଳତାକୁ ଉତ୍ସାହିତ କରେ । ସଙ୍ଗୀତ, ଗତିବିଧି ଏବଂ ସଂଳାପକୁ ଏକୀକୃତ ଏବଂ କଳ୍ପନାଶୀଳ ଉପାୟରେ ଇତିହାସକୁ ଜୀବନ୍ତ କରିବା ଶିଖେ ।



**ଶିକ୍ଷକଙ୍କ ପାଇଁ ସୂଚନା :** ଯଦିଓ ଏହାକୁ ଶ୍ରେଣୀଗୃହରେ ଏକ କାର୍ଯ୍ୟକଳାପ ଭାବରେ ଏଠାରେ ଉପସ୍ଥାପିତ କରାଯାଇଛି । ପିଲାମାନଙ୍କୁ ଉତ୍ସାହିତ କରିବା ପାଇଁ କାହାଣୀ ପ୍ରଦର୍ଶନକୁ ସ୍କୁଲ ଦର୍ଶକଙ୍କ ସମ୍ମୁଖରେ କିମ୍ବା ସଭାରେ ଉପସ୍ଥାପିତ କରାଯାଇପାରିବ ।



https://withteachers.in/